ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

ଆହ୍ୱାନ

ଫେବୃଆରୀ ୨୦୨୬ ସଂସ୍କରଣ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍, ଡି.ସି.ଏନ୍,ଡି

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।



ପବିତ୍ର ଜାଗର ଅମାବାସ୍ୟା ଉପଲକ୍ଷେ
ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୂଚୀପତ୍ର

ସମ୍ପାଦକୀୟ	ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ	୧୦
ଗଳ୍ପ ବିଭାଗ		**୭୭**
ଅନେକ କଳାଛାଇ - ୩୬	ଅଶୋକ ବିଶ୍ୱାଳ	୭୮
ବଡ଼ବାବୁ (ଧାରାବାହିକ କାହାଣୀ)		୮୯
ମଲ୍ଲୀ ଅପାର ମିଠା 'ଚା'	ରୁଦ୍ରକାନ୍ତ ରାଉତରାୟ	୯୭
ସତରେ ବୋଉ ଗପ ହୋଇଗଲା	ଆଲୋକ କୁମାର ରାୟ	୧୦୦
ହନୁମାନଙ୍କ କଥା	ବାବାଜୀ ଚରଣ ଦାସ	୧୦୩
ରାଷ୍ଟ୍ରଚିନ୍ତକ ପିତାମହ ଭୀଷ୍ମ	ଅର୍ଜୁନୀ ଚରଣ ବେହେରା	୧୦୬
ବରଗଛର ଭୂତ	ଆଶୁତୋଷ ମେହେର	୧୦୮
ଯମରାଜ ଦରବାର	ମାନସ କୁମାର ପଣ୍ଡା	୧୧୧
ସ୍ୱପ୍ନର ଦୁନିଆ	ଦେବାଶିଷ ମାଇତି	୧୧୫
ଅତୁଟ ସମ୍ପର୍କ	ସବିତା ଦ୍ୱିବେଦୀ ତ୍ରିପାଠୀ	୧୧୯
ଉପକାରିତା : ସତ୍ୟଘଟଣାର କାହାଣୀ	ଜସ୍ମିନ୍ ସାହୁ	୧୨୧
ଉତ୍ତମ ବୁଦ୍ଧି	ଅଭୟ କୁଣ୍ଡ	୧୨୩
ଦୁଇବୁନ୍ଦା ଲୁହ : ଅନୁବାଦ ଗଳ୍ପ	ସୁଧାଂଶୁ ଶେଖର ଦ୍ୱିବେଦୀ	୧୨୬
କବିତା ବିଭାଗ		**୧୨୯**
କଦମ୍ବର କାଦମ୍ବିନୀ	ଶିବନାରାୟଣ ଦାସ	୧୩୦
କେଡ଼େ ସ୍ୱାର୍ଥପର ମଣିଷଜାତି	ବାସନ୍ତୀ ଲତା ଜେନା	୧୩୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛକରେ ଶୁଣିଲି ଶୀତ ପଳାଇ ଯାଉଛି	ବସନ୍ତ କୁମାର ମଲ୍ଲିକ	୧୩୫
ଆଶିଷ ଦାୟୀ ମାଆ	ପତିତପାବନ ପଣ୍ଡା	୧୩୭
ଗାନ୍ଧୀ... ତୁମେ ଫେରିଆସ	ଚନ୍ଦ୍ରକାନ୍ତ ଜେନା	୧୩୮
ଜାଗର ଅମାବାସ୍ୟା	ସଞ୍ଜୀବ କୁମାର ଦାସ	୧୪୦
ମଣିଷ ଚିହ୍ନିବ କିପରି	ଅମରନାଥ ବାରିକ	୧୪୧
ତୁମକୁ ବୁଝି ହୁଏନା	ଦୁଷ୍ମନ୍ତ ବେହେରା	୧୪୨
ତୁମେ	ରାକେଶ ମୁଦୁଲି	୧୪୩
ବତୀ ଲିଭିଗଲା	ଆକୁଳାନନ୍ଦ ପୃଷ୍ଟି	୧୪୫
ଫୁଲ ମହକରେ	କିରନ୍ ସ୍ୱାଇଁ	୧୪୭
ଶୀତ ବୁଲୁଛି	ସ୍ୱର୍ଣ୍ଣରଥ ମହାପାତ୍ର	୧୪୮
ମେସିନ୍ ଶିଖୁଛି, ମଣିଷ ଭୁଲୁଛି	ଅବିନାଶ ପଣ୍ଡା	୧୪୯
ଋଷି ଚାଲିଗଲ ଅଭିଜିତ୍ ଦାଦା	ଶିଶିର କୁମାର ପଣ୍ଡା	୧୫୧
ଯିଏ ରାମ ସିଏ କୃଷ୍ଣ	ଭାନୁପ୍ରିୟା ଷଡ଼ଙ୍ଗୀ	୧୫୨
ନିମିଷକ ଦେଖା	ତପନ୍ ନାଏକ	୧୫୩
ହଜିଲା ଅତୀତ	ଶରତ କୁମାର ନାୟକ	୧୫୮
ଅଦେଖା ଶ୍ରାବଣ	ସଂଜୀବନି ରଥ	୧୫୯
ଶୀତ ଆସିଛି	ଗୌରୀ ପଣ୍ଡା	୧୬୦
ସମ୍ପର୍କା କାନ୍ଦୁଛି ଛଳନା କୂଳେ	ମନୋରମା ରାଉତରାୟ	୧୬୧
ଜନନୀ	ବୀରେନ୍ଦ୍ର କୁମାର ସାହୁ	୧୬୩
କବିତା ପ୍ରେମରେ ମୁଁ	ସୁପ୍ରିୟା ମହାନ୍ତି	୧୬୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜନମ ମରଣ	ହରପ୍ରିୟା ରାଉତରାୟ	୧୬୭
ରାଗ ବ୍ରହ୍ମ ଚଣ୍ଡାଳ	ନିବେଦିତା ପଣ୍ଡା	୧୬୮
ଚିରନ୍ତନ ପ୍ରେମ	ପ୍ରତିଭା ପ୍ରଧାନ	୧୭୦
ସାକ୍ଷୀ ତୁମେ ଚତୁର୍ଭୁଜ	ହେମନ୍ତ କୁମାର ନାୟକ	୧୭୧
ବିଶ୍ୱ ହେଉ ମଧୁମୟ	ରଞ୍ଜିତା ତ୍ରିପାଠୀ	୧୭୩
ଶୀତ ମିଆଦ	ଲିପିକା ବେହେରା	୧୭୪
ସକଳ ଘଟେ ନାରାୟଣ	ଜୟନ୍ତୀ ବେହେରା	୧୭୫
ମଙ୍ଗଳ ଗୀତିକା	ଅନିତା ମିଶ୍ର	୧୭୭
ଜୀବନଟା ଏକ ଛୋଟ ରଫ୍ ଖାତା	ବୀଣା ସାହୁ	୧୭୮
	ଋତୁ ମହାନ୍ତି	୧୮୦
	ସସ୍ମିତା ପଣ୍ଡା	୧୮୧
	ଶୁଭଶ୍ରୀ ଖୁଣ୍ଟିଆ	୧୮୨
	ହେମନ୍ତ କୁମାର ସାହୁ	୧୮୩
	ପୁଷ୍ପଲତା ମିଶ୍ର	୧୮୪
	କ୍ରୀଷ୍ଣା ସେନାପତି	୧୮୫
	ଶଙ୍କର୍ଷଣ ସାହୁ	୧୮୭
ତଥାପି ଜଳିବାକୁ ଚାହେଁ	ବଟକୃଷ୍ଣ ପଣ୍ଡା	୧୮୮
ନୀରବତା	ସାଗର ଖରା	୧୮୯
	କାହ୍ନୁ ଚରଣ ପାଣିଗ୍ରାହୀ	୧୯୧
ଅସହାୟର ଚିତ୍କାର	ଡଃ ନାରାୟଣ ଚନ୍ଦ୍ର ସେନାପତି	୧୯୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

	ରାଧାଶ୍ୟାମ ମହାନ୍ତି	୧୯୫
	ଭାସ୍କର ରାଉତ	୧୯୬
	କଳ୍ପନା ବିନ୍ଧାଣୀ	୧୯୭
	ନରେନ୍ଦ୍ର କୁମାର ଦାସ	୧୯୮
	ରୀତାରାଣୀ ଦାଶ	୨୦୦
	ନଳିନୀ ପ୍ରଭା ଦାଶ	୨୦୨
	ସୁଶାନ୍ତ କୁମାର ସାହୁ	୨୦୪
	ମାହେଶ୍ୱରୀ ଦାଶ	୨୦୬
	ଏଲିଜା ଜେନା	୨୦୮
	ସନ୍ତୋଷ କୁମାର ସାହୁ	୨୧୦
	ରମେଶ ଟାକ୍ରୀ	୨୧୧
	ବିଦ୍ୟୁତ ପ୍ରଭା ମିଶ୍ର	୨୧୨
	ସଂଯୁକ୍ତା ସାହୁ	୨୧୩
	ଦେବେନ୍ଦ୍ର ନାୟକ	୨୧୪
କୋଣାର୍କର ଏ ପାଷାଣ	ସୁଶାନ୍ତ ଶେଖର ଦାସ	୨୧୬
ଭଲ ମଣିଷ	ନିରଞ୍ଜନ ସାହୁ	୨୧୮
ଚରିତ୍ର ଧନ ବଢ଼ାଏ ମାନ	ସୌଭାଗ୍ୟ ଦାଶ	୨୨୦
ଶୀତ ଯାଏ ସରି ସରି	ତରୁଣ କୁମାର ମିଶ୍ର	୨୨୨
ଶୂନ୍ୟରେ ଭାସୁଛି ଜୀବନ ତରୀ	କୃଷ୍ଣଚନ୍ଦ୍ର ମହାପାତ୍ର	୨୨୪
ହସ ଆକାଶରେ କାନ୍ଦ ବିଜୁଳୀ	ଡଃ ତାନଶ୍ରୀ ପାଣିଗ୍ରାହୀ	୨୨୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଦ୍ୟା ଦଦାତି ବିନୟମ୍	ସୁନିତା ମହାନ୍ତି	୨୨୬
ବ୍ୟାଗ୍	ଶ୍ରୀକ୍ଷେତ୍ର ସୁନ୍ଦର	୨୨୭
ଅଫେରା ପ୍ରେମିକା	ରବି ବଗର୍ତ୍ତି	୨୨୮
କବିର କଳ୍ପନା	ବିଶ୍ୱ ରଞ୍ଜନ ମହାନ୍ତି	୨୩୦
ଜ୍ୱାଳାମୁଖୀ	ଅମୃତନାରାୟଣ ଶତପଥୀ	୨୩୧
ପଲ୍ଲୀର ଶୀତ ସକାଳ	ଡଃ ମନ୍ଦାକିନୀ ପାଢ଼ୀ	୨୩୨
ଶ୍ରୀ ଗଣେଶ	ହୃଦାନନ୍ଦ ସୁନାନୀ	୨୩୪
ପ୍ରେମ	ଦଶରଥ ମାଝୀ	୨୩୫
ନାଆଁଟି ତା'ର ଘଣ୍ଟା	ରାମ ଚନ୍ଦ୍ର ପ୍ରଧାନ	୨୩୬
ମଣିଷ	ଅନାମିକା ଜେନା	୨୩୭
ବାହାଘର	ସରୋଜ କୁମାର ସାହୁ	୨୩୮
ଶେଷରେ ତୁମେ ବଦଳିଗଲ	ସୁଭାଗିନୀ ସିଂହ	୨୪୦
ମହମବତୀର ଲୁହ	ମଦନ ହରିଜନ	୨୪୨
ଆସ ହସିବା	ଭବାନୀ ଶଙ୍କର ଦାଶ	୨୪୪
ଆବେଗର ଯେବେ ମୃତ୍ୟୁ ହୋଇଗଲା	ତାରା ପ୍ରସାଦ ଜେନା	୨୪୫
ନାବାଳିକା	ପଦ୍ମନାଭ ସାହୁ	୨୪୭
ସହସ୍ରାର୍ଜୁନ ରାବଣ ଯୁଦ୍ଧ	ସତ୍ୟ ନାରାୟଣ ସାହୁ	୨୪୮
ଶୀତ ତୁମେ ଫେରିଯାଅ	ଦୁର୍ଗା ମାଧବ ମହାରଣା	୨୫୦
ମୋବାଇଲ୍ ମାୟାରେ ବାୟା	ରମେଶ ଚନ୍ଦ୍ର ନାୟକ	୨୫୨
ସବୁ ନୁହେଁ ସତ	ଅଲେଖ ମେହେର	୨୫୪
ଝରାଫୁଲ	ଗୌତମ ମଲ୍ଲିକ	୨୫୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମା' ମୋର ସଙ୍ଗୀତର ରାଣୀ	ସୌମ୍ୟ ରଞ୍ଜନ ନନ୍ଦ	୨୫୬
ଦୁଃଖ	ସରସ୍ୱତୀ ମେହେର	୨୫୮
ସଂଘର୍ଷ	ଜିତେଷ୍ଣା ମହାପାତ୍ର	୨୫୯
ନିଃସଙ୍ଗ ସନ୍ଧ୍ୟା	ବିନୟ ମହାପାତ୍ର	୨୬୦
ଉପହାସ କରୁଛ କି	ଅଜୟ କୁମାର ମହାନ୍ତି	୨୬୨
ବାଲିଘର	ସୁଜିତ୍ ମିଶ୍ର	୨୬୩
ଇ ଯୁଗର୍ ମାନବ୍	ସତ୍ୟ ନାରାୟଣ ମିଶ୍ର	୨୬୫
ପ୍ରବନ୍ଧ ବିଭାଗ		**୨୬୬**
ମଝିଘରିଆଣୀ - ଅପ୍ରକାଶିତ କିମ୍ବଦନ୍ତୀ	ପ୍ରଦୀପ କୁମାର ଜିଲିକାରା	୨୬୭
ବିଚିତ୍ର ବ୍ରହ୍ମାଣ୍ଡ	ଅଭିଳାଷ ପଟ୍ଟନାୟକ	୨୭୪
ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନ ଏବେ ବି ଅଧୁରା	ଆଶୁତୋଷ ନାୟକ	୨୮୮
ନବୀନର ମୟୁର ଶିଶୁ ଉପନ୍ୟାସ	କୁଞ୍ଜ ବିହାରୀ ସାହୁ	୨୯୮
ବିଶେଷ ସୂଚନା		**୩୦୮**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପାଦକୀୟ

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଫେବୃଆରୀ ୨୦୨୬ ସଂସ୍କରଣ ସହ ମୁଁ ଉପସ୍ଥିତ । ଆହ୍ୱାନ ଇ-ପତ୍ରିକାର ପ୍ରଥମ ସଂସ୍କରଣ ଫେବୃଆରୀ ୨୦୦୬ ମସିହାରେ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ଏକୋଇଶି ବର୍ଷରେ ଆହ୍ୱାନ ପ୍ରକାଶନ ସମସ୍ତଙ୍କ ଆଦର ପାଇ ଚାଲିଛି । ଆପଣମାନଙ୍କ ସ୍ନେହ, ସଦିଚ୍ଛା ଓ ସମ୍ମାନ ଏହି ଯାତ୍ରାକୁ ସୁଖଦ କରିଛି । ଓଡ଼ିଆ ଇ-ପତ୍ରିକା ଜଗତରେ ଆହ୍ୱାନ ନିଜର ପ୍ରତିଷ୍ଠାକୁ ବଜାୟ ରଖିବା କେବଳ ଆପଣମାନଙ୍କ ପାଇଁ ହିଁ ସମ୍ଭବ ହୋଇ ପାରିଛି । ଆଶା କରୁଛି ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଆପଣମାନଙ୍କ ସହୃଦୟତା ଏହିଭଳି ସବୁବେଳେ ରହିବ ।

ଓଡ଼ିଆ ଭାଷାରେ ଅନେକ ପତ୍ରିକା ବର୍ତ୍ତମାନ ପ୍ରକାଶିତ ହେଉଛି । ବିଗତ ମାସ ମାନଙ୍କରେ ମୁଁ ଅନେକ ପତ୍ରପତ୍ରିକାର ପ୍ରକାଶନ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଡ଼ିତ ରହିଛି । ଯୁଗ ସହ ତାଳ ଦେଇ, ନୂତନ ବୈଷୟିକ ଜ୍ଞାନକୌଶଳକୁ ଆପଣାଇ ଆମ ଭାଷା ପାଇଁ ଯେଉଁ ସବୁ ବନ୍ଧୁମାନେ କାର୍ଯ୍ୟ କରୁଛନ୍ତି ସେମାନେ ସମସ୍ତେ ସମ୍ମାନର ଯୋଗ୍ୟ । ଏହି ଆନ୍ଦୋଳନ ଯାହା ଦୁଇ ଦଶନ୍ଧି ତଳେ ଆହ୍ୱାନ ରୂପରେ ଆରମ୍ଭ ହୋଇଥିଲା ତାହା ଏବେ ବିସ୍ତାର ଲାଭ କରିଛି । ଅନେକ ଯୁବକ ଓ ବୟୋଜ୍ୟେଷ୍ଠ ସାହିତ୍ୟିକ ଅତ୍ୟନ୍ତ ନିଷ୍ଠାର ସହ ଓଡ଼ିଆ ପତ୍ରିକା ପ୍ରକାଶନ ପାଇଁ ଆଗେଇ ଆସୁଛନ୍ତି । ଏହା ଆମକୁ ବହୁତ ଖୁସି ଦେଉଛି ।

ଏଇ ସମୟରେ କିନ୍ତୁ ଆମେ ଅଧିକ ସଚେତନ ହେବା ଅତ୍ୟନ୍ତ ଜରୂରୀ । କେବଳ ପତ୍ରିକା ପ୍ରକାଶନ କରିବା ବଡ଼ କଥା ନୁହେଁ । କାରଣ ବର୍ତ୍ତମାନ ସମୟରେ ବୈଷୟିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜ୍ଞାନ କୌଶଳ ଏତେ ଉନ୍ନତ ହୋଇଗଲାଣି ଯେ କୃତ୍ରିମ ବୁଦ୍ଧିମତାକୁ ବ୍ୟବହାର କରି ଅତି ଅଳ୍ପ ସମୟରେ ହିଁ ଯେ କେହି ବି ପତ୍ରିକାଟିଏ ତିଆରି କରି ପାରିବ । ହେଲେ ସୂଚନା ପ୍ରଦ୍ୟୋଗିକୀର ଉନ୍ନତି ସହ ଓଡ଼ିଆ ଭାଷାର ଡିଜିଟାଲ୍ ଉନ୍ନତି ସଠିକ ଭାବରେ ହୋଇ ପାରିନାହିଁ । ତେଣୁ ଭାରତର ଅନେକ ଭାଷାରେ କମ୍ପ୍ୟୁଟର ସଠିକ୍ ଭାବରେ କାମ କରୁଥିଲେ ସୁଦ୍ଧା ଓଡ଼ିଆ ଭାଷାରେ କାର୍ଯ୍ୟ କରୁନାହିଁ । ଏଥିପାଇଁ ମଧ୍ୟ ଆମକୁ ଯତ୍ନବାନ ହେବାକୁ ପଡ଼ିବ । ଆମେ ଯେତେ ଅଧିକ ଓଡ଼ିଆ ଭାଷାରେ ଅନଲାଇନ୍ କାମ କରିବା ଆମ ଭାଷାର ଭଣ୍ଡାର ସେତେ ବିଶାଳ ହେବ ଏବଂ ଭବିଷ୍ୟତର ପୀଢ଼ି ଓଡ଼ିଆ ଭାଷାକୁ ଅତି ସହଜରେ ହାତମୁଠାରେ ଶିଖିବା ପାଇଁ ଉପାୟ ପାଇ ପାରିବେ ।

ଏଠାରେ ଏହି ସବୁ ବିଷୟ କହିବାର ମୁଖ୍ୟ ଉଦ୍ଦେଶ୍ୟ ଏହି ଯେ, ଯଦିଓ ଅନେକ ଇ-ପତ୍ରିକା ଓଡ଼ିଆ ଲେଖକଲେଖିକା ମାନଙ୍କୁ ସୁଯୋଗ ଦେଇଛନ୍ତି ନିଜ କୃତିକୁ ପ୍ରକାଶିତ କରିବାପାଇଁ, କିନ୍ତୁ ଅଧିକାଂଶ ପତ୍ରିକାରେ ଓଡ଼ିଆ ଭାଷାରେ ବହୁତ ଅଧିକ ତ୍ରୁଟି ରହୁଛି । ବେଳେ ବେଳେ ଏହି ତ୍ରୁଟି ଏତେ ଛୋଟ ହୋଇଥାଉଛି ଯେ ଦେଖିଲେ ମନେ ହେଉଛି, ପତ୍ରିକାର ପ୍ରକାଶକ ଏହି ସବୁ ତ୍ରୁଟିକୁ ମାର୍ଜନା କରିବାପାଇଁ କୌଣସି ଉଦ୍ୟମ ଦେଇନାହାନ୍ତି । କେବଳ ପତ୍ରିକା ପ୍ରକାଶନ କରିବା ଉଦ୍ଦେଶ୍ୟକୁ ସଫଳ କରିଦେଲେ ଚଳିବ ନାହିଁ । ସଠିକ୍, ନିର୍ଭୁଲ ଏବଂ ସ୍ପଷ୍ଟ ଓଡ଼ିଆ ଭାଷାରେ ପ୍ରକାଶନକୁ ପ୍ରଧାନ୍ୟ ଦିଆଯିବା ଉଚିତ ।

ଜଣେ ଭଦ୍ରବ୍ୟକ୍ତି ଓଡ଼ିଆ ପତ୍ରିକାଟିଏ ପ୍ରକାଶନ କରି ମୋ ନିକଟକୁ ପ୍ରେରଣ କରିଥିଲେ ଏବଂ ଏହା ନିମିତ୍ତ ମତାମତ ଲୋଡ଼ିଥିଲେ । ଅନେକ ସମ୍ପାଦକ ଏହିଭଳି କରିଥାନ୍ତି । ବେଳେ ବେଳେ ଏଥିପାଇଁ ଅନେକ ସମୟ ବ୍ୟୟ କରିବାକୁ ହୁଏ । ଭଲ ଲାଗେ ଯେ ନୂଆ ପତ୍ରିକାଟିଏ ପ୍ରକାଶିତ ହେଉଛି । ହେଲେ ଏହି ବିଶେଷ ପତ୍ରିକା ସମ୍ବନ୍ଧରେ ଯେଉଁ ସବୁ ମତାମତ ମୁଁ ଦେଇଥିଲି, ପ୍ରକାଶକ ସେ ବିଷୟକୁ ଆଦୌ ଗ୍ରହଣ କରିଲେ ନାହିଁ, ବରଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୁକ୍ତି କରିଲେ । ଏକ ରକମ ଆକ୍ରମଣାତ୍ମକ ଭାବରେ ସେ କେବଳ ଗୋଟିଏ କଥା ବାରମ୍ବାର ଜଣାଇବାକୁ ଲାଗିଲେ ଯେ ତାଙ୍କ ପତ୍ରିକା ବହୁତ ପ୍ରସିଦ୍ଧ ହୋଇଛି, ଲୋକମାନେ ଏହାକୁ ଗ୍ରହଣ କରୁଛନ୍ତି ଏବଂ ସେ ଅନେକ ସକାରାତ୍ମକ ମତାମତ ପାଉଛନ୍ତି । ତାଙ୍କୁ କୌଣସି କଥା କହିଲେ ସେ ଶୁଣିବା ସ୍ଥିତିରେ ନଥିଲେ, ତେଣୁ ମୁଁ ମୋ ମତାମତ ଫେରେଇ ନେଉଛି ବୋଲି କହି ବାର୍ତ୍ତାକୁ ସମାପ୍ତ କରିଥିଲି । କିଛି ମୁହୂର୍ତ୍ତ ପାଇଁ ମୁଁ ବୁଝିପାରି ନଥିଲି ଯେ, ଓଡ଼ିଆ ସାହିତ୍ୟ ପତ୍ରିକା ସମ୍ପାଦନା କରିବାପାଇଁ ଆଗେଇ ଆସିଥିବା ଏହି ଭଦ୍ରବ୍ୟକ୍ତି ପ୍ରକୃତରେ ପତ୍ରିକା ପ୍ରକାଶନ ବିଷୟରେ କିଛି ଜାଣନ୍ତି ନା କେବଳ କିଛି ଲେଖକଙ୍କ ଲେଖାକୁ ଏକତ୍ରିତ କରିଦେଇ ଯେନତେନ ପ୍ରକାରେଣ ପତ୍ରିକାଟିଏ ପ୍ରକାଶନ କରିଦେଇ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି । ପତ୍ରିକାର ପିଡ଼ିଏଫ୍ ଫାଇଲ୍ ଡାଉନଲୋଡ୍ କରିବା ସମୟରେ ତାହା ଏକ କିମ୍ଭୁତକିମ୍ବାକାର ନାମ ଦେଖାଉଥିଲା । ପ୍ରତ୍ୟେକ ପୃଷ୍ଠାରେ ଅଗଣିତ ତ୍ରୁଟି ରହିଥିଲା । କିନ୍ତୁ ଯେହେତୁ ସେହି ବ୍ୟକ୍ତି ନିଜ ପତ୍ରିକାକୁ ନେଇ ଦୃଢ଼ଭାବରେ ଗୌରବାନ୍ୱିତ ମନେ କରୁଥିଲେ, ତେଣୁ ଅଧିକ କୌଣସି ମତାମତ ଦେବା ଉଚିତ ମନେ କରିଲି ନାହିଁ ।

ପତ୍ରିକା ପ୍ରକାଶନ ଏକ ବିଜ୍ଞାନ ଏବଂ ଏହାକୁ ସମ୍ଭବ କରିବାପାଇଁ ଆମକୁ ଅନେକ କିଛି ଶିଖିବାର ଅଛି । ପ୍ରତ୍ୟେକ ମାସରେ କିଛି ନୂଆ ଶିଖିବାକୁ ମିଳୁଛି । ବିଜ୍ଞାନ ମଧ୍ୟ ନିତି ନୂଆ ନୂଆ ଉନ୍ନତି ଆଣି ଦେଉଛି । ସେହି ଜ୍ଞାନକୌଶଳକୁ ବ୍ୟବହାର କରି ପାରିଲେ ଆମେ ପାଠକମାନଙ୍କ ଅନୁଭବକୁ ଅଧିକ ସୁଖଦ କରି ପାରିବା । ତେଣୁ ଆମକୁ ଶୁଣିବା ଓ ଶିଖିବାକୁ ହେବ । ଯେଉଁଦିନ ଆମେ ଚିନ୍ତା କରିବା ଯେ ଆମେ ସବୁକିଛି ଜାଣିଛେ ସେ ଦିନ ଆମର ଉନ୍ନତିର ପଥ ବନ୍ଦ ହୋଇଯିବ । ସବୁବେଳେ ଅଧିକ ଶିଖିବା ପାଇଁ ଚେଷ୍ଟା କରନ୍ତୁ । ଆତ୍ମସନ୍ତୋଷ ଆମକୁ ଆଗକୁ ବଢିବାରେ ସହାୟକ ହେବ ନାହିଁ, ବରଂ ଅଧିକ ଜାଣିବା ଓ ଶିଖିବାର ସ୍ପୃହା ଆମକୁ ଉନ୍ନତି ପଥରେ ଆଗେଇ ନେବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଲନ୍ତୁ ଏବେ ଜାଣିବା ଦେଶ ଦୁନିଆରେ ଘଟିଥିବା ଅନେକ ଘଟଣାର ବିବରଣୀ । ଏହି ସମୟରେ ଦେଶରେ ସଂସଦକୁ ଅସ୍ଥିର କରିବାକୁ ଅନେକ ଚେଷ୍ଟା କରାଯାଉଛି । ଭାରତ ଭଳି ଏକ ବିଶାଳ ଦେଶକୁ ଅସ୍ଥିର କରିବାକୁ ବିଦେଶରେ ବସିଥିବା ଅନେକ କୁଚକ୍ରୀଗୋଷ୍ଠୀ ଭାରତର କିଛି ଦେଶଦ୍ରୋହୀଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି । ଓଡ଼ିଶାରେ ମଧ୍ୟ ସ୍ଥିତି ଚିନ୍ତାଶୀଳ ହୋଇ ଉଠିଛି ।

ନୟାଗଡ଼ ଜିଲା ଦଶପଲ୍ଲା ସହରାଞ୍ଚଳ ଦଶପଲା ବାଳକ ଉଚ୍ଚ ବିଦ୍ୟାଳୟରୁ ଏକ ନିନ୍ଦନୀୟ ଘଟଣା ସାମ୍ନାକୁ ଆସିଛି । ସ୍କୁଲକୁ ଶିକ୍ଷାର ମନ୍ଦିର କୁହାଯାଉଥିବା ବେଳେ ଜଣେ ଛାତ୍ର ସ୍କୁଲରେ ମଦ ପିଇ ଶୋଇ ପଡ଼ିଥିବା ଖବର ସାମ୍ନାକୁ ଆସିଛି ।

ସପ୍ତମ ଶ୍ରେଣୀର ଦୁଇ ଛାତ୍ର ମଦ୍ୟପାନ କରି ଆସିଥିବା ବେଳେ ଚେତା ଶୂନ୍ୟ ହୋଇ ଗୁରୁବାର ସ୍କୁଲ ପରିସରରେ ପଡି ଯାଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିଭାବକଙ୍କୁ ଡକାଇ ଦୁଇ ଛାତ୍ରଙ୍କୁ ଅଭିଭାବକଙ୍କ ଜିମା ଦେଇଛନ୍ତି । ସେପଟେ ନିଶାସକ୍ତ ଛାତ୍ରଙ୍କ ମା ଅଭିଯୋଗ କରିଛନ୍ତି ମୋ ପୁଅ ଘରୁ ମଦ ପିଇ ଆସି ନାହିଁ । ବିଦ୍ୟାଳୟରେ ମଦ୍ୟପାନ କରିଛି । ପ୍ରଧାନ ଶିକ୍ଷକ ଏହାକୁ ଖଣ୍ଡନ କରି କହିଛନ୍ତି ମଦ ବାହାରେ ପିଇ ଆସିଥିବାର ଅନୁମାନ କରାଯାଉଛି । ତେବେ ସ୍କୁଲରେ ଛାତ୍ର ମଦ ପିଇବା ଏକ ଚିନ୍ତାଜନକ ବିଷୟ ଅଟେ ।

ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟ ନେଇ ହାଇକୋର୍ଟ ବଡ଼ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ବିଧାନସଭା ଅଧିବେଶନରେ ରିପୋର୍ଟ ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ୩ ମାସ ମଧ୍ୟରେ ଗଣତି ମଣତି କାର୍ଯ୍ୟ ସମ୍ପୂର୍ଣ୍ଣ ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ ।

ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ଜଗନ୍ନାଥପ୍ରେମୀଙ୍କ ମନକୁ ଗଭୀର ଆଘାତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଥିଲା । ୨୦୧୮ ମସିହାରେ ଚାବି ହଜିଥିବା ବେଳେ ତଦନ୍ତ ନେଇ ଏକ କମିଶନ ମଧ୍ୟ ଗଠନ କରାଯାଇଥିଲା । ତେବେ ପରବର୍ତ୍ତି ସମୟରେ ରତ୍ନଭଣ୍ଡାରରେ ପାଣି ଜମିବା ପ୍ରସଙ୍ଗ ଉଠିଥିଲା । ତେବେ ଏହି ପ୍ରସଙ୍ଗରେ ହାଇକୋର୍ଟ ଅନେକ ବାର ନିର୍ଦ୍ଦେଶ ଦେଇଥିଲେ । ତେବେ ଏଏସଆଇ ପକ୍ଷରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯାଇଥିଲା । ତେବେ ଏହି କାର୍ଯ୍ୟ ଶେଷ ହେବା ପରେ ଗଣତିମଣତି ସାରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ବହୁ ଚର୍ଚ୍ଚିତ ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ଘଟଣା ପଛର ରହସ୍ୟ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି । ଦିନ ଗଡୁଥିବା ବେଳେ ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରି ନାହିଁ । ହତ୍ୟା ପଛରେ ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତା ରହିଥିବା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସମୟରେ ଦର୍ଶାଇଥିଲା । ତେବେ ଚାର୍ଜସିଟ୍‌ରେ ତାଙ୍କ ହତ୍ୟା ସମ୍ପର୍କରେ ଭିନ୍ନ ଟିପ୍ପଣୀ ରହିଛି ।

ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି ଯେ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ କିଛି ଆପତ୍ତିଜନକ ଫଟୋ ପୀତବାସ ରଖି ସର୍ବଜନୀନ କରିବାକୁ ପରୋକ୍ଷରେ ଧମକାଉ ଥିଲେ । ତେଣୁ ଏହି କାରଣରୁ ମଧ୍ୟ ତାଙ୍କୁ ହତ୍ୟା କରିବାକୁ ଯୋଜନା ହୋଇଥିବା ପୋଲିସ ଚାର୍ଜସିଟ୍‌ରେ ଦର୍ଶାଇଛି । ପୋଲିସ ତଦନ୍ତ ଅନୁସାରେ ପୀତବାସ ପଣ୍ଡାଙ୍କ ଗୋଟିଏ ପେନ୍‌ଡ୍ରାଇଭ୍ ମିଳିଥିଲା । ସେହି ପେନ୍ ଡ୍ରାଇଭରେ କିଛି ଆପତ୍ତିଜନକ ଫଟୋ ଥିଲା । ସେହି ଫଟୋ ସର୍ବସାଧାରଣ କରିବାକୁ ପୀତବାସ ପଣ୍ଡା ଧମକ ଦେଉଥିଲେ ବୋଲି ପୋଲିସ ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି ।

ସେପଟେ ପୀତବାସଙ୍କ ସ୍ତ୍ରୀ ପୋଲିସ ନିକଟରେ ଦେଇଥିବା ବୟାନ ଅନୁସାରେ ପୀତବାସଙ୍କ ପଇତାରେ ଲାଗିଥିବା ଗୋଟିଏ ଚାବି ପୋଲିସ ଦେଇଥିଲା । ସେହି ଚାବି ପୀତବାସ ପୀତବାସଙ୍କ ଆଲମାରୀର ସିକ୍ରେଟ୍ ଚାମ୍ବରର ଥିଲା । ସିକ୍ରେଟ୍ ଚାମ୍ବର ଖୋଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାହାର ତଲାସି ନେବା ସମୟରେ ଗୋଟିଏ ଲଫାଫା ଭିତରେ ବିକ୍ରମଙ୍କର ଚାରୋଟି ଆପତ୍ତିଜନକ ଫଟୋ ସହ ଏକ ପେନ୍‌ଡ୍ରାଇଭ୍ ମିଳିଥିଲା । ତେବେ ଓକିଲଙ୍କ ବୟାନ ପରେ ଚର୍ଚ୍ଚା ପୁଣି ବଢ଼ିବାରେ ଲାଗିଛି ।

ଗତ ୫ ବର୍ଷରେ ପ୍ରଥମଥର ପାଇଁ ଓଡ଼ିଶାରେ ସର୍ବାଧିକ ଡଲଫିନ ଦେଖିବକୁ ମିଳିଛି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କରାଯାଇଥିବା ଡଲଫିନ ଗଣନାରୁ ଏହା ଜଣାପଡ଼ିଛି । ରିପୋର୍ଟ ଅନୁଯାୟୀ ଓଡ଼ିଶା ଉପକୂଳ ଏବଂ ଚିଲିକା ହ୍ରଦରେ ମୋଟ ୭୬୫ଟି ଡଲଫିନ ଓ ଅନ୍ୟାନ୍ୟ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀ ରହିଛନ୍ତି । ସରକାରଙ୍କ ବ୍ୟାପକ ସଂରକ୍ଷଣ ନୀତି, ପ୍ରାକୃତିକ ପରିବେଶର ସୁରକ୍ଷା ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଯୋଗୁଁ ଏହି ସଂଖ୍ୟା ବୃଦ୍ଧି ପାଇଛି ।

ଏହି ସର୍ଭେ ଅନୁଯାୟୀ ରାଜ୍ୟରେ ୬ଟି ଭିନ୍ନ ପ୍ରଜାତିର ଡଲଫିନ ଓ ହ୍ୱେଲ୍ ଦେଖିବାକୁ ମିଳିଛି । ଏଥିରେ ହମ୍ପବ୍ୟାକ୍ ଡଲଫିନ ସର୍ବାଧିକ ୪୯୭, ଇରାଙ୍ଗାଡି ଡଲଫିନ ୨୦୮, ବୋଟଲ୍-ନୋଜ୍ ଡଲଫିନ ୫୫, ସ୍ପିନର ଡଲଫିନ ୩ ଏବଂ ଫିନଲେସ୍ ପରପୋଇଜ୍ ୨ ରହିଛନ୍ତି ।

ଏସିଆର ବୃହତ୍ତମ ଲବଣାକ୍ତ ହ୍ରଦ ଚିଲିକା ଏବେ ମଧ୍ୟ ଇରାଙ୍ଗାଡି ଡଲଫିନଙ୍କ ପାଇଁ ସବୁଠାରୁ ନିରାପଦ ସ୍ଥାନ ହୋଇ ରହିଛି । ଏଠାରେ ମୋଟ ୧୫୯ଟି ଇରାଙ୍ଗାଡି ଡଲଫିନ ଚିହ୍ନଟ ହୋଇଛନ୍ତି । ବାସସ୍ଥଳୀର ସୁପରିଚାଳନା ଯୋଗୁଁ ଚିଲିକା ବିଶ୍ୱସ୍ତରରେ ଏକ ସଫଳ ସଂରକ୍ଷଣ ମଡେଲ ଭାବେ ଉଭା ହୋଇଛି । ସେହିଭଳି କେନ୍ଦ୍ରାପଡ଼ା ଜିଲା ସ୍ଥିତ ଗହିରମଥା ସାମୁଦ୍ରିକ ଅଭୟାରଣ୍ୟରେ ସର୍ବାଧିକ ୪୭୪ଟି ହମ୍ପବ୍ୟାକ୍ ଡଲଫିନ ଦେଖିବାକୁ ମିଳିଛି ।

ଚିଲିକା ଓ ଗହିରମଥା ବ୍ୟତୀତ ବାଲେଶ୍ୱର (୧୫), ବ୍ରହ୍ମପୁର (୧୩) ଏବଂ ପୁରୀ (୧୨) ଉପକୂଳ ଅଞ୍ଚଳରେ ମଧ୍ୟ ଇରାଙ୍ଗାଡି ଡଲଫିନଙ୍କ ଉପସ୍ଥିତି ରେକର୍ଡ କରାଯାଇଛି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାହା ସେମାନଙ୍କର ବଂଶ ବିସ୍ତାର ଓ ନୂଆ ସ୍ଥାନକୁ ସ୍ଥାନାନ୍ତରଣର ସୂଚନା ଦେଉଛି ।

ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ବୁଧବାର ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ (CDMO) କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ସୁବ୍ରତ କୁମାର ବେହେରାଙ୍କ ବିଭିନ୍ନ ବାସଭବନ ଓ କାର୍ଯ୍ୟାଳୟ ଉପରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି । ସୁବ୍ରତ ପ୍ରାୟ ୨.୩୮ କୋଟି ଟଙ୍କାର ସରକାରୀ ପାଣ୍ଠି ହରିଲୁଟ କରିଥିବା ଅଭିଯୋଗରେ କଟକ ଭିଜିଲାନ୍ସ ଥାନାରେ କେସ ନଂ ୦୬/୨୦୨୬ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ଭିଜିଲାନ୍ସର ୫ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର ଏବଂ ୧୪ ଜଣ ଏଏସଆଇଙ୍କ ନେତୃତ୍ୱରେ ମୋଟ ୫ଟି ସ୍ଥାନରେ ତଲାସି ଜାରି ରହିଛି ।

ଅନୁଗୋଳର ହାକିମପଡ଼ାସ୍ଥିତ ସୁବ୍ରତଙ୍କ ତିନି ମହଲା ବିଶିଷ୍ଟ ବାସଭବନ, ଅନୁଗୋଳ (ନାଲକୋ ନଗର) ବୋଣ୍ଡା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର । ଢେଙ୍କାନାଳର ହିନ୍ଦୋଳ ବାଉଁଶପୋଖରୀ ସ୍ଥିତ ପୈତୃକ ବାସଭବନ । ଭୁବନେଶ୍ୱରରେ ଶ୍ରୀବିହାରସ୍ଥିତ ସମ୍ପର୍କୀୟ ଭାଇଙ୍କ ଭଡ଼ାଘର । ଅନୁଗୋଳ ସିଡିଏମଓ କାର୍ଯ୍ୟାଳୟରେ ଥିବା ତାଙ୍କ ପ୍ରକୋଷ୍ଠରେ ମଧ୍ୟ ପୋଲିସ ଛାନ୍‌ଭିନ୍ କରିଛି ।

ଗାଡି ଚଳାଉଥିବା ଲୋକମାନଙ୍କ ପାଇଁ ଏକ ବଡ଼ ଖବର । ଏଣିକି ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବା PUCC ପାଇବାକୁ ହେଲେ, ସମସ୍ତ ପେଣ୍ଡିଂ ଟ୍ରାଫିକ ଚାଲାଣ ପଇଠ କରିବାକୁ ପଡ଼ିବ । ଏକ ଜନସ୍ୱାର୍ଥ ମାମଲା (PIL) ର ଶୁଣାଣି କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏହି ଗୁରୁତ୍ୱପୂର୍ଣ୍ଣ ରୁଲିଂ ଦେଇଛନ୍ତି ।

କୋର୍ଟ ତାଙ୍କ ନିଷ୍ପତ୍ତିରେ କେନ୍ଦ୍ରୀୟ ମୋଟର ଯାନ ନିୟମ, ୧୯୮୯ ର ଧାରା ୧୬୭, ଉପ-ଧାରା (୧୨) ର ଉଲ୍ଲେଖ କରିଛନ୍ତି । ଏହି ନିୟମ ଅନୁଯାୟୀ, ଯଦି କୌଣସି ଗାଡ଼ି ନାମରେ ଚାଲାଣ ବାକି ରହିଛି, ତେବେ ସେହି ଗାଡ଼ି ମାଲିକ PUCC ପାଇବା ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୋଗ୍ୟ ବିବେଚିତ ହେବେ ନାହିଁ । ଏହି ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କୋର୍ଟରେ ହାଜର ହୋଇଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୫ ଡିସେମ୍ବର ୨୦ ତାରିଖରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (STA) ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । ଯେଉଁଥିରେ ପେଟ୍ରୋଲ ପମ୍ପରୁ ତେଲ ପକାଇବା ପାଇଁ PUCC ବାଧ୍ୟତାମୂଳକ କରାଯାଇଥିଲା । ତେବେ ଚଳିତ ବର୍ଷ ଜାନୁଆରୀ ମାସରେ ରାଜ୍ୟ ସରକାର ହାଇକୋର୍ଟରେ ଏକ ଶପଥ ପାଠ ଦାଖଲ କରି ଜଣାଇଛନ୍ତି ଯେ, ଏହି 'ନୋ ପିୟୁସିସି, ନୋ ଫ୍ୟୁଲ' ନିୟମକୁ ପ୍ରତ୍ୟାହାର କରିନିଆଯାଇଛି ।

କିନ୍ତୁ ବର୍ତ୍ତମାନ କୋର୍ଟଙ୍କ ନୂଆ ନିର୍ଦ୍ଦେଶ ପରେ, ଗାଡ଼ି ଚାଳକମାନଙ୍କୁ ନିଜର ବାକିଥିବା ଚାଲାଣ କ୍ଲିୟର ନକଲେ ପ୍ରଦୂଷଣ ପ୍ରମାଣପତ୍ର ମିଳିବାରେ ସମସ୍ୟା ହୋଇପାରେ ।

PUCC ନେଇ ପରିବହନ ମନ୍ତ୍ରୀ ବିଭୂତି ଜେନା ବଡ଼ ସୂଚନା ଦେଇଛନ୍ତି । ସେ କହିଛନ୍ତି, ସମସ୍ତଙ୍କୁ PUCC କରିବା ବାଧ୍ୟତାମୂଳକ କହିଛନ୍ତି । ଟୋଲ ଗେଟ୍‌ରେ PUCC ଫାଇନ କମାଇବା ପାଇଁ ଯୋଜନା ଚାଲିଛି । ରାଜ୍ୟରେ ବାୟୁ ପ୍ରଦୂଷଣ ନେଇ କଡ଼ାକଡ଼ି PUCC ନିୟମ ହୋଇଥିଲା । ଯାହାର ଗାଡ଼ି ଅଛି PUCC କରିବାକୁ ମନ୍ତ୍ରୀ କହିଛନ୍ତି ।

ଏଣିକି ଚାଲାଣ କଟିଥିଲେ ମଧ୍ୟ PUCC ସାର୍ଟିଫିକେଟ ମିଳିବ । ଗାଡ଼ିରେ ଚାଲାଣ ଥିଲେ ବି ମିଳିବ ପ୍ରଦୂଷଣ ସାର୍ଟିଫିକେଟ । ରାଜ୍ୟ ସରକାରଙ୍କ ଆବେଦନକୁ ଖାରଜ କଲେ ହାଇକୋର୍ଟ । BAHAN ପୋର୍ଟାଲରେ କୌଣସି ଚାଳକ ଯେପରି ଅସୁବିଧାରେ ସମ୍ମୁଖୀନ ନ ହୁଅନ୍ତି ତାହା ଉପରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେହିପରି ପ୍ରଦୂଷଣ ସାର୍ଟିଫିକେଟ ନ ଥିଲେ ପେଟ୍ରୋଲ ପମ୍ପରେ ମିଳିପାରିବ ପେଟ୍ରୋଲ । ଏନେଇ କୋର୍ଟଙ୍କୁ ଅବଗତ କରିଛନ୍ତି ରାଜ୍ୟ ସରକାର । ତେବେ ରାଜ୍ୟ ପରିବହନ କମିଶନରଙ୍କ ପକ୍ଷରୁ ୨୦୨୫ ଡିସେମ୍ବର ୨୦ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିଲା ଯେ , ଗାଡି ମାଲିକଙ୍କ PUCC ନ ଥିଲେ ତାଙ୍କୁ ପେଟ୍ରୋଲ କି ଡିଜେଲ ମନା । ଏନେଇ ବିଭିନ୍ନ ତୈଳ ବିକ୍ରୟକାରୀ କମ୍ପାନୀକୁ ଲେଖାଯାଇଥିବା ଚିଠିକୁ ବିରୋଧ କରି ହାଇକୋର୍ଟରେ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ମୋଟର ଯାନ ଆଇନ, ୧୯୮୮ ଓ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ, ୧୯୮୯ ଉଲଂଘନ କରି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଜନସ୍ୱାର୍ଥ ମାମଲାରେ ଉଲ୍ଲେଖ କରାଯାଇଥିଲା । ଗାଡିର PUCC ପ୍ରମାଣପତ୍ର ନ ଥିବା ଯାନ ମାଲିକଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ବିକ୍ରୟ ନ କରିବା ନିୟମ ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର ପ୍ରତ୍ୟେକ ଗାଡି ମାଲିକଙ୍କର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବା କୋର୍ଟକୁ ଦର୍ଶାଇଥିଲେ ଆବଦେନକାରୀଙ୍କ ଓକିଲ । ଏଥିସହିତ ଗାଡିର ପ୍ରଦୂଷଣ ପରୀକ୍ଷା ପୂର୍ବରୁ କୌଣସି ଚାଲାଣ ନଥିବା ନେଇ ଯେଉଁ ସର୍ତ୍ତ ଧାର୍ଯ୍ୟ କରାଯାଇଥିଲା ତାହା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ । ଗୋଟିଏ ସପ୍ତାହ ପାରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ ।

NHMରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବଢ଼ିଲା । ଏନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଜାରି ହୋଇଛି । ବରିଷ୍ଠତା ଭିତ୍ତିରେ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଆୟୁଷ ଡାକ୍ତରମାନଙ୍କ ସର୍ବନିମ୍ନ ଦରମା ୫୬, ୯୪୮ ଟଙ୍କା । ବରିଷ୍ଠ ଡାକ୍ତରଙ୍କ ଦରମା ୪୦ ହଜାର ଟଙ୍କା ବୃଦ୍ଧି ପାଇ ୯୧, ୪୬୭ ଟଙ୍କା ହୋଇଛି । ରାଜ୍ୟରେ ବର୍ତ୍ତମାନ ୨୯୧୨ ଜଣ ଆୟୁଷ ଡାକ୍ତର କାର୍ଯ୍ୟ କରୁଛନ୍ତି । ଆୟୁଷ ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମହାଶିବରାତ୍ରି ପାଇଁ ଗାଁଠୁ ସହରରେ ଥିବା ଶୈବପୀଠଗୁଡିକ ଚଳଚଞ୍ଚଳ ହୋଇ ଉଠିଛି । ଏପରିକି ଶୈବ ପୀଠଗୁଡିକରେ ନାମଯଂଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ଚମ୍ପାଗଡ଼ ସାହିରେ ଏକ ଅଜବ ଘଟଣା ଘଟିଛି। ଉକୁଣୀ ପାଇଁ ୧୨ ବର୍ଷିୟା କୁନି ଝିଅର ମୃତ୍ୟୁ ହୋଇଛି । ମୃତକ ହେଲେ ଲିଙ୍ଗରାଜ ସାହୁଙ୍କ ଝିଅ ଲକ୍ଷ୍ମୀପ୍ରିୟା ସାହୁ । ସୂଚନା ଅନୁସାରେ ଲକ୍ଷ୍ମୀପ୍ରିୟା ୬ଷ୍ଠ ଶ୍ରେଣୀରେ ପଢୁଥିଲେ । କିଛି ମାସ ତଳେ ତାଙ୍କ ମୁଣ୍ଡରେ ଉକୁଣୀ ହୋଇଥିଲା । ଅନେକ ପ୍ରତିକାର କରିବା ସତ୍ତ୍ୱେ ଭଲ ହୋଇନଥିଲା । ଏହାରି ଭିତରେ ଉକୁଣୀ ଖପୁରୀକୁ ଆକ୍ରାନ୍ତ କରିଥିଲେ । ୩ ଦିନ ତଳେ ହଠାତ୍ ତାଙ୍କର ରକ୍ତବାନ୍ତି ହେବାରୁ ପରିବାର ଲୋକେ ଲକ୍ଷ୍ମୀପ୍ରିୟାଙ୍କୁ ପୁରୀ ମେଡିକାଲକୁ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି ।

ଭୁବନେଶ୍ୱର ନୀଳାଦ୍ରିବିହାର ସତ୍ୟବ୍ରତ ପ୍ରଧାନଙ୍କ ହତ୍ୟା ଉପରୁ ପର୍ଦ୍ଦା ହଟାଇଛି ପୋଲିସ । ତ୍ରିକୋଣୀୟ ପ୍ରେମରୁ ହତ୍ୟା ବୋଲି ସ୍ପଷ୍ଟ କରିଛନ୍ତି ଏସିପି ସୋନାଲ ସିଂ ପରମାର । ବର୍ତ୍ତମାନ ସୁଦ୍ଧା ଦିନେଶ ନାୟକ ଏକମାତ୍ର ଅଭିଯୁକ୍ତ, ଯିଏ କି ଆତ୍ମସମର୍ପଣ ପରେ ଗିରଫ ହୋଇଛନ୍ତି ।

ସେ କହିଛନ୍ତି, ଦିନେଶକୁ ନେଇ ଆମେ କ୍ରାଇମ୍ ସିନ୍ ରିକ୍ରିଏସନ କରିବୁ । ଯେଉଁ ଲିଜା କାଣ୍ଡିଙ୍କୁ ନେଇ ତ୍ରିକୋଣୀୟ ପ୍ରେମ, ତାଙ୍କର ହତ୍ୟାରେ ସମ୍ପୃକ୍ତି ନାହିଁ । ହତ୍ୟାକାଣ୍ଡ ପଛରେ କୌଣସି ଷଡ଼ଯନ୍ତ୍ର ନ ଥିବା ମଧ୍ୟ ସ୍ପଷ୍ଟ ହୋଇଛି । ଗୋଟିଏ ରୁମ୍‌ରେ ଲିଜା ଓ ସତ୍ୟବ୍ରତଙ୍କୁ ପାଇ ଆକ୍ରମଣ କରିଥିଲେ ଦିନେଶ । ଲିଜା ବଞ୍ଚାଇବାକୁ ଚେଷ୍ଟା କରିଥିଲେ, ତେଣୁ ତାଙ୍କର ହତ୍ୟାରେ କୌଣସି ସମ୍ପୃକ୍ତି ନାହିଁ । ପୂର୍ବରୁ କିଛିଦିନ ପାଇଁ ଦିନେଶ ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲିଜା ଲିଭ୍ ଇନ୍‌ରେ ରହୁଥିଲେ । ଏହା ପରେ ଦିନେଶ ତାଙ୍କଠାରୁ ଅଲଗା ହୋଇ ଜଗତସିଂହପୁର ଯାଇଥିଲେ । ଘଟଣା ଦିନ ଲିଜା ଦିନେଶଙ୍କ ଫୋନ୍ ନ ଉଠାଇବାରୁ ସନ୍ଦେହ କରିଥିଲେ । ଏହାପରେ ଦିନେଶ ସିଧା ଲିଜାଙ୍କ ରୁମ୍‌କୁ ଆସି ଦେଖିବା ପରେ ହତ୍ୟାକାଣ୍ଡ ହୋଇଛି । ସତ୍ୟବ୍ରତ ଯେଉଁ କାର୍ ଚଳାଉଥିଲେ ମାଲିକ ନେବାବେଳେ ତାହା ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କାର୍‌ମାଲିକ ଯେଉଁ ଡ୍ରାଇଭରଙ୍କୁ ଦେଇଥିଲେ ସେ ମଦ ପିଇ ଦୁର୍ଘଟଣା ଘଟାଇଥିଲେ ।

ଭୁବନେଶ୍ୱର ନୀଳାଦ୍ରି ବିହାର ସତ୍ୟବ୍ରତ ହତ୍ୟା କାଣ୍ଡ ମାମଲା ଦିନକୁ ଦିନ ନୂଆ ମୋଡ ନେଉଛି । ଦିନେଶ ନାୟକଙ୍କ ସ୍ତ୍ରୀ ମାମାଲି ନାୟକ ଚାଞ୍ଚଲ୍ୟକର ଖୁଲାସା କରିଛନ୍ତି । ଦିନେଶ ଲିଜା ସହିତ ସମ୍ପର୍କ ରଖି ଆଉ ନିୟମିତ ଘରକୁ ଆସୁ ନ ଥିବା ସହ ସ୍ତ୍ରୀ ଓ ଝିଅଙ୍କୁ ପଚାରୁ ନଥିବା ସ୍ତ୍ରୀ ଅଭିଯୋଗ କରିଛନ୍ତି ।

ସୂଚନା ଅନୁସାରେ ବ୍ରିଜ୍ ତଳକୁ ଖସି ପଡ଼ିଥିବା ଗାଡ଼ିକୁ ବ୍ରହ୍ମଗିରି ଅଞ୍ଚଳର ସତ୍ୟବ୍ରତ ପ୍ରଧାନ ନାମକ ଜଣେ ଯୁବକ ଚଳାଉଥିଲେ । ସତ୍ୟବ୍ରତ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ପାର୍ଲରରେ କାମ କରୁଥିବା ତାଙ୍କ ପ୍ରେମିକାଙ୍କ ପାଖକୁ ଆସିଥିଲେ । ଏହି ସମୟରେ ପ୍ରେମିକା, ସତ୍ୟବ୍ରତଙ୍କୁ ତଣ୍ଟି କାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି ।

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଟ୍ୟାକ୍ସି ଡ୍ରାଇଭର ହତ୍ୟା ଘଟଣା ଦିନକୁ ଦିନ ନୂଆ ମୋଡ ନେଇଛି । ଯାହା ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏବେ ଯେଉଁ ଘଟଣା ସାମ୍ନାକୁ ଆସିଛି ତାହା ଯେତିକି ଆଶ୍ଚର୍ଯ୍ୟ ଲାଗିଲା ପରି । ରବିବାର ରାତିରେ ମୃତ ସତ୍ୟବ୍ରତ ଏବଂ ସୁମିତ୍ରା (ଛଦ୍ମ ନାମ) ପ୍ରଚୁର ମଦ ପିଇଥିଲେ । ହତ୍ୟାକାଣ୍ଡ ପରେ ପୋଲିସ ସୁମିତ୍ରାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିକଟରୁ କାବୁ କରି ଥାନାକୁ ଆଣିନେଇଥିଲେ । ହେଲେ ଥାନାକୁ ନେବା ସମୟରେ ସେ ନିଶାଗ୍ରସ୍ତ ଥିବା ଜାଣିବାକୁ ମିଳିଥିଲା । ହତ୍ୟା ପଛର ପ୍ରକୃତ ସତ ଜାଣିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଁ ପୋଲିସ ସୁମିତ୍ରାଙ୍କ ନିଶା ଖସାଇବାକୁ ଖଟା ପାଣି ପିଆଇଥିଲା । ନିଶା ଉତୁରିବା ପରେ ସେ ପୋଲିସ ଆଗରେ ପୂରା ଘଟଣା ପ୍ରକାଶ କରିଥିଲେ ।

ରାଜ୍ୟରେ ହଠାତ୍ ପାରଦ ତଳମୁହାଁ ହୋଇଛି । ଫଳରେ ଏବେ ରାତିରେ ଶୀତ ଓ ଦିନରେ ଖରାତାତି ଅନୁଭୂତ ହେଉଛି । ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ହ୍ରାସ ପାଇଛି । ସେହିଭଳି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୫ରୁ ୬ ଡିଗ୍ରୀ ସେଲ୍‌ସିୟସ କମ୍ ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩ ରୁ ୪ ଡିଗ୍ରୀ କମ୍ ରହିଛି । ଗତ ୨୪ ଘଣ୍ଟାରେ ୬ଟି ଅଞ୍ଚଳର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା । ଜି.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ଓ ପାରଳାଖେମୁଣ୍ଡିରେ ସର୍ବାଧିକ ୩୩.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା । ତେବେ ଆସନ୍ତା ୪/ ୫ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଦେବା ନେଇ ପୂର୍ବାନୁମାନ କରାଯାଇଛି । ସୋମବାର ଖୋର୍ଦ୍ଧା, ଗଜପତି, ଗଞ୍ଜାମ, କଟକ, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନରେ କୁହୁଡ଼ି ଦେଖାଦେବ । ସେହିପରି ମଙ୍ଗଳବାର ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଏବଂ ବୁଧବାର ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ କୁହୁଡ଼ି ଦେଖାଦେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଅଞ୍ଚଳକୁ କିଛି ଦିନ ବ୍ୟବଧାନ ପରେ ପୁଣି ଶୀତ ଫେରିଛି । ଫଳରେ ଏହି ଅସହ୍ୟ ଜାଡ଼ ଜନଜୀବନକୁ ପ୍ରଭାବିତ କରିଛି । ପୁଣି ଶୀତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରିବାରୁ ଲୋକଙ୍କ ଜୀବନଚର୍ଯ୍ୟାରେ ବି ପରିବର୍ତ୍ତନ ଆସିଛି । ଆଉଥରେ ଲୋକଙ୍କୁ ଶୀତ ଦାଉରୁ ବର୍ତ୍ତିବା ପାଇଁ ନିଆଁ ଓ ଖରାର ଆବଶ୍ୟକତା ଜରୁରୀ ହୋଉପଡ଼ିଛି । ହଠାତ୍ ତାପମାତ୍ରା ଖସିବାରୁ ଅସ୍ତବ୍ୟସ୍ତ କରିପକାଉଛି ଏହି ଶୀତ । ତେବେ ଜରୁରୀ କାମ ଧନ୍ଦା ନଥିଲେ ଲୋକେ ଘରୁ ଗୋଡ଼ ବାହାର କରୁନାହାନ୍ତି ।

ସୂଚନାଯୋଗ୍ୟ, ଗତ କିଛିଦିନ ହେଲା ଶୀତର ପ୍ରକୋପ ବହୁତ କମିଥିବା ବେଳେ ଦିନରେ ସାମାନ୍ୟ ଗରମ ସ୍ଥିତିକୁ ଫେରିଥିଲା ।

ସେହିପରି ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ନିମ୍ନଗାମୀ ହୋଇଛି ଉପରବାର୍‌ହାକାମୁଡ଼ାରେ ତାପମାତ୍ରା ୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି । ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲାବ୍ୟାପୀ ଅସମ୍ଭାଳ ଶୀତ ପରିଲ୍ଲକ୍ଷିତ ହୋଇଛି । ଶିମିଳିପାଳ ଅଭୟାରଣ୍ୟର ଚହଲାରେ ୫ଡିଗ୍ରୀ, ଗୁଡୁଗୁଡ଼ିଆରେ ୮ଡିଗ୍ରୀ, ବରେହିପାଣି ଓ ନଅଁଣାରେ ୯ଡିଗ୍ରୀ, ରାମତୀର୍ଥରେ ୧୩ଡିଗ୍ରୀ, ସାତକୋଶିଆ ଏବଂ କିଆଝରିରେ ତାପମାତ୍ରା ୧୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଜିଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୭ଡିଗ୍ରୀ ପାଖାପାଖି ରହୁଛି । ଅବାଧ ଗଛକଟା ଓ ଖଣିଖନନ ଯୋଗୁ ଏହାର ପ୍ରଭାବ ଜିଲାବାସୀଙ୍କ ଉପରେ ପଡୁଥିବା ପରିବେଶବିତ୍‌ମାନେ କହିଛନ୍ତି ।

ବିଦ୍ୟାଳୟରେ ଚାଲିଥିଲା ପାଞ୍ଚଦିନିଆ ଶିକ୍ଷକ କର୍ମଶାଳା । ଭାଗ ନେଇଥିଲେ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀ । କିନ୍ତୁ ହଠାତ୍ କର୍ମଶାଳା ପାଲଟିଲା ରଣାଙ୍ଗନ । ନିଶାସକ୍ତ ଅବସ୍ଥାରେ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ ଉପସ୍ଥିତ ଶିକ୍ଷକଙ୍କୁ ଲୁହା ହତା ଧରି ମାରିବାକୁ ଉଠିଲେ ମଦ୍ୟପ ଶିକ୍ଷକ । ଏଭଳି ଘଟଣା ଦେଖିବାକୁ ମିଳିଛି ପରଜଙ୍ଗ ବ୍ଲକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁମୁସି ଉଚ୍ଚ ବିଦ୍ୟାଳୟରେ । କୁମୁସି ଉଚ୍ଚ ବିଦ୍ୟାଳୟରେ ଆଜକୁ ପାଞ୍ଚଦିନ ଧରି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ କର୍ମଶାଳା ଆୟୋଜିତ ହେଉଥିଲା । କିନ୍ତୁ ଏହି ସମୟରେ କୁମୁସି ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ପ୍ରଧାନ ନିଶାସକ୍ତ ଅବସ୍ଥାରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ଶିକ୍ଷକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାରିବାକୁ ଉଦ୍ୟମ କରିଛନ୍ତି । ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ଉପସ୍ଥିତ ଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମଦ୍ୟପ ଶିକ୍ଷକ ଜଣକ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ କିଛି ସମୟ ପାଇଁ କର୍ମଶାଳା ପରିସରରେ ଆତଙ୍କ ସୃଷ୍ଟି କରିଥିଲେ । ଏପରିକି ହାତରେ ଲୁହା ହତା ଧରି ଆକ୍ରମଣ ଉଦ୍ୟମ କରିବା ଭିଡିଓ ସାମ୍ନାକୁ ଆସିଛି । ଏହାକୁ ନେଇ ଉପସ୍ଥିତ ଶିକ୍ଷକମାନେ ସାଆନ୍ଦା ଫାଣ୍ଡିରେ ଜଣାଇବା ପରେ ସାଆନ୍ଦା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ଧରି ଫାଣ୍ଡିକୁ ନେଇଥିଲେ ଏବଂ ପରେ ଛାଡ଼ି ଦେଇଛନ୍ତି । କିନ୍ତୁ ଘଟଣା ସମ୍ପର୍କରେ ପରଜଙ୍ଗ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି । ତେବେ ଏ ନେଇ ମଦ୍ୟପ ଶିକ୍ଷକଙ୍କ ବିରୋଧରେ ପରଜଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି । ପ୍ରଧାନଶିକ୍ଷକ ଜଣକ ଫେରାର ହୋଇଯାଇଛନ୍ତି ।

ଖଣି ମନ୍ତ୍ରୀ ବିଭୂତି ଜେନା ବଡ଼ ନିଷ୍ପତ୍ତି ନେଇଛନ୍ତି । ସେ ଆଉ ନିର୍ବାଚନ ଲଢ଼ିବେନି ବୋଲି ଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ ଆହକୁ ଆଉ ନିର୍ବାଚନ ନଲଢ଼ି ଯୁବ ବର୍ଗଙ୍କ ପାଇଁ ବାଟ ଛାଡ଼ିବେ ବୋଲି କହୁଛନ୍ତି ।

ସେ ସୂଚନା ଦେଇ କହିଛନ୍ତି ଯେ, ନିର୍ବାଚନ ଲଢ଼ିବାର ଇଚ୍ଛା ନାହିଁ । ଆସନ୍ତା ବର୍ଷ ମୋତେ ୬୦ ବର୍ଷ ହେବ । ୪୫ ବର୍ଷୀୟ ଯୁବକ ରାଷ୍ଟ୍ରୀୟ ଅଧ୍ୟକ୍ଷ, ଯୁବକମାନେ ଆଗକୁ ଆସିବା ଦରକାର ବୋଲି କହିଛନ୍ତି । କିନ୍କୁ ସେ ଦଳ ନଛାଡିବା ନେଇ ମଧ୍ୟ ଏକ ପ୍ରକାର ସ୍ପଷ୍ଟ କରିଛନ୍ତି । ଆଗକୁ ଦଳ ଯେଉଁ ଦାୟିତ୍ୱ ଦେବ ମୁଁ ତାକୁ କରିବି । ନିର୍ବାଚନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲଢ଼ିବି ନାହିଁ ବୋଲି ମାନସିକ ପ୍ରସ୍ତୁତି କରି ସାରିଛି ବୋଲି କହିଛନ୍ତି ଖଣି ମନ୍ତ୍ରୀ ।

ଗଞ୍ଜାମ ଜିଲା ଚିକିଟି ବ୍ଲକରେ ଏକ ଅଭାବନୀୟ ଘଟଣା ଘଟିଛି । ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଦଣ୍ଡପାଣି ପାତ୍ର କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ସ୍ତ୍ରୀ ବି. ଜାନକୀ ଅଭିଯୋଗ କରିଛନ୍ତି । ଦଣ୍ଡପାଣିଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏବେ ସେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଅନ୍ୟପକ୍ଷରେ ଦଣ୍ଡପାଣି ଦୁର୍ବ୍ୟବହାର କରିଥିବା ନେଇ ଅତିରିକ୍ତ ତହସିଲଦାର ଷଡ଼ଙ୍ଗୀ ଗୋଳଛରା ଥାନାରେ ଅଭିଯୋଗ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ସୁନାପୁର ବେଳାଭୂମି ମହୋତ୍ସବ ଅବସରରେ ଏକ ମିନି ମାରାଥନ କରିବାକୁ ନିଷ୍ପତ୍ତି ହୋଇଥିଲା । ଏହି ଅନୁସାରେ ବିଡିଓଙ୍କ ଚିଠି ସଂଖ୍ୟା ୯୩୩, ୨ ।୨ । ୨୦୨୬ ଅନୁଯାୟୀ ଗତ ୩ ତାରିଖରେ ସୁନାପୁରଠାରୁ ଜାଗପୁର ପର୍ଯ୍ୟନ୍ତ ଏକ ମିନି ମାରାଥନ କରାଯାଇଥିଲା । ମାରାଥନ ରାସୋଳ ଛକରୁ ବାହାରିଥିଲା । ଏହି ସମୟରେ କୌଣସି କାରଣରୁ ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦଣ୍ଡପାଣି ପାତ୍ରଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ । ସନ୍ଧ୍ୟାରେ କାମ ସାରି ଘରକୁ ଫେରି ପାତ୍ର ସମସ୍ତ ବିଷୟ ସ୍ତ୍ରୀ ବି. ଜାନକୀଙ୍କୁ ଜଣାଇଥିଲେ । ପରେ ୪ ତାରିଖ ଅପରାହ୍ନରେ ସେ କୀଟନାଶକ ପିଇ ଦେଇଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ନେଇ ଯାଇଥିଲେ ।

ଦଣ୍ଡପାଣିଙ୍କ ସ୍ତ୍ରୀ ବି. ଜାନକୀ କହିଛନ୍ତି, ତାଙ୍କ ସ୍ୱାମୀଙ୍କୁ ଅତିରିକ୍ତ ତହସିଲଦାର ଶ୍ୱାଶତୀ ଦୁର୍ବ୍ୟବହାର କରିବା ସହ ଅପମାନିତ କରିଛନ୍ତି । ଏହା ସହି ନ ପାରି ତାଙ୍କ ସ୍ୱାମୀ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଯଦି ତାଙ୍କ ସ୍ୱାମୀଙ୍କର କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଯାଏ ତେବେ ଏଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଜାନକୀ କହିଛନ୍ତି । ଏ ସମ୍ପର୍କରେ ସେ ଜିଲା ପ୍ରଶାସନକୁ ଅବଗତ କରାଇ ଏହାର ତଦନ୍ତ ଦାବି କରିଛନ୍ତି । ଅନ୍ୟପକ୍ଷରେ ଅତିରିକ୍ତ ତହସିଲଦାର ଶାଶ୍ୱତୀ କହିଛନ୍ତି, ଦଣ୍ଡପାଣି ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି । ଏନେଇ ସେ ମଧ୍ୟ ଜିଲା ପ୍ରଶାସନକୁ ଜଣାଇଥିବା କହିଛନ୍ତି । ଏପରି କି ଦଣ୍ଡପାଣି ଦୁର୍ବ୍ୟବହାର କରିଥିବା ନେଇ ଅତିରିକ୍ତ ତହସିଲଦାର ଶାଶ୍ୱତୀ ୪ ତାରିଖରେ ଗୋଳଛରା ଥାନାରେ ଅଭିଯୋଗ କରିଛନ୍ତି ଏହାକୁ ନେଇ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ବିକୋନନ୍ଦ ସ୍ୱାଇଁ କହିଛନ୍ତି ।

ରାଜ୍ୟର ୭ଟି ଜିଲାର ଇଂରାଜୀ ନାଁ ସଂଶୋଧନ କରିବେ ରାଜ୍ୟ ସରକାର । ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶ ପାଇଲା ବିଧିବଦ୍ଧ ବିଜ୍ଞପ୍ତି । ଏଣିକି ଓଡ଼ିଆ ନାମ ଅନୁସାରେ ରହିବ ଇଂରାଜୀ ସ୍ପେଲିଙ୍ଗ । ମୋଟ୍ ୧୧ ଜିଲାର ୨୪ଟି ସ୍ଥାନର ଇଂରାଜୀ ନାମ ମଧ୍ୟ ସଂଶୋଧନ ହେବ । ୧୫ ଦିନ ଭିତରେ ଅଭିଯୋଗ କିମ୍ବା ଆପତ୍ତି ଥିଲେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବିଜ୍ଞପ୍ତି ଅନୁସାରେ, ଖୋର୍ଦ୍ଧା ଜିଲାକୁ ଓଡ଼ିଆ ନାମ ଅନୁସାରେ ଖୋରଧା ଲେଖାଯିବ । ମହାକାଳପଡ଼ାକୁ ଆଉ ମହାକାଳପରା ଲେଖାଯିବ ନାହିଁ । ଦେବଗଡ଼ ଜିଲାକୁ ଆଉ ଇଂରାଜୀରେ ଦେଓଗଡ଼ ଲେଖାଯିବ ନାହିଁ । ଦେଓଗଡ଼ ବଦଳରେ ଦେବଗଡ଼ ଲେଖାଯିବ । କେନ୍ଦ୍ରାପଡ଼ାକୁ କେନ୍ଦ୍ରାପରା ଓ ନୟାଗଡ଼କୁ ନୟାଗର ଲେଖାଯାଉଛି । ସେହପରି ଅନୁଗୁଳ ଜିଲା ଏବଂ ପାଲଲହଡ଼ାର ଇଂରାଜୀ ନାମ ପରିବର୍ତ୍ତନ ହୋଇପାରେ । ଏଥିରେ ପରିବର୍ତ୍ତନ ଆଣିବେ ସରକାର ।

ଓଡ଼ିଶାରେ ଅତ୍ୟାଧୁନିକ କାରା-ଭାନ ଟୁରିଷ୍ଟ ସେବାର ଶୁଭାରମ୍ଭ ହୋଇଛି । ଧଉଳି ପର୍ଯ୍ୟଟନ କ୍ଷେତ୍ରରୁ ୨ୟ ପର୍ଯ୍ୟାୟର ଏହା ଶୁଭାରମ୍ଭ ହୋଇଛି । VGF ଯୋଜନା ଦ୍ୱାରା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହା ପର୍ଯ୍ୟଟନ କ୍ଷେତ୍ରରେ ଅତ୍ୟାଧୁନିକ ଓ ଆରାମଦାୟକ ସେବା ଯୋଗାଇବ । ଗାଡ଼ିରେ ଶୌଚାଳୟ ଠାରୁ ଶୋଇବା ସହ କିଚେନ ବ୍ୟବସ୍ଥା ରହିଛି । ହୀରାକୁଦ, ଦେବ୍ରିଗଡ଼, ଶିମିଳିପାଳ, ଚିଲିକା, ଭିତରକନିକାରେ ସେବା ମିଳିବ । ସାତକୋଶିଆ, ଦେଓମାଳି ଭଳି ପର୍ଯଟନ କ୍ଷେତ୍ରରେ ମଧ୍ୟ ସେବା ଉପଲବ୍ଧ ହେବ ।

ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ପୀଠରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର' ଶୁଭାରମ୍ଭ କରିଛନ୍ତି । ପଣ୍ଡିତ ବ୍ରାହ୍ମଣଙ୍କ ବେଦ ମନ୍ତ୍ରରେ ବିବାହ ମଣ୍ଡପ ପ୍ରକମ୍ପିତ ହୋଇଉଠିଥିବା ବେଳେ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ସମାପନ ହୋଇଛି । ଏହି ବିବାହ ବେଦୀରେ ଝିଅର ବାପା ଓ ଭାଇ ଭାବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉପସ୍ଥିତ ରହି କନ୍ୟାଦାନ କରିଛନ୍ତି । ଏପରି ପୂଣ୍ୟ କାମ କରି ସେ ନିଜକୁ ଧନ୍ୟ ମନେକରି ବିବାହ କରିଥିବା ୨୦୧ ଜଣ ନବ ଦମ୍ପତିଙ୍କୁ ମୁଖ୍ୟମନ୍ତ୍ରୀ ଆଶୀର୍ବାଦ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରଙ୍କ ପକ୍ଷରୁ ଏହା ଏକ ନୂତନ ଜନମଙ୍ଗଳକାରୀ ଯୋଜନା । ଯୌତୁକ ପ୍ରଥାକୁ ବାରଣ କରିବା ସହ ମହିଳାଙ୍କୁ ସଶକ୍ତିକରଣ କରିବା, ଗରିବ ଶ୍ରେଣୀର ଲୋକଙ୍କ ଉପରେ ବିବାହର ଯେଉଁ ଆର୍ଥିକ ଭାର ପଡୁଛି, ତାହାକୁ କମାଇବା ସହ ବିଧବାମାନଙ୍କୁ ପୁନଃ ବିବାହ କରାଇବା ସହ ଝିଅମାନଙ୍କୁ ସାମାଜିକ ସୁରକ୍ଷା ସହିତ ଉପଯୁକ୍ତ ସମ୍ମାନ ଦେବା ଏହି ଯୋଜନାର ମୂଳଲକ୍ଷ୍ୟ ବୋଲି ସେ କହିଛନ୍ତି । ଏହି ଯୋଜନାରେ ସରକାରଙ୍କ ପକ୍ଷରୁ ୬୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି । ଏହି ଟଙ୍କାରୁ ୪୫ ହଜାର ଟଙ୍କା କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବାବେଳେ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ କରୁଥିବା ସଂସ୍ଥାକୁ ଦିଆଯିବ । ସମସ୍ତ ଜିଲାରେ ଏପରି କାର୍ଯ୍ୟକ୍ରମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପରିବହନମନ୍ତ୍ରୀ ବିଭୂତିଭୂଷଣ ଜେନା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମତ୍ସ୍ୟପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ଏମପି ଅନିତା ପ୍ରିୟଦର୍ଶନୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପଚନ୍ଦ୍ର ନାୟକ,ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ଶିଦ୍ଧାନ୍ତ ମହାପାତ୍ର, ଆସିକା ବିଧାୟକ ସରୋଜ ପାଢୀ,ବ୍ରହ୍ମପୁର ବିଧାୟକ କେ.ଅନିଲ, ଜିଲାପାଳ ଭି କିର୍ତ୍ତିଭାସନ, ଏସପି ଶୁଭେନ୍ଦୁ ପାତ୍ର, ଛତ୍ରପୁର ଉପଜିଲାପାଳ ଶୁଭାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତ କୁମାର ପାତ୍ର ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଶୁଭାରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ନିଜର ପ୍ରତିକ୍ରିୟା ରଖିଛନ୍ତି । ନିଜ ଟୁଇଟ୍ ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ଓ ବିଶେଷକରି ମହିଳାମାନଙ୍କୁ ସମ୍ମାନଜନକ ଜୀବନ ପ୍ରଦାନ କରିବା ଆମ ସରକାରଙ୍କ ପ୍ରମୁଖ ସଂକଳ୍ପ । ଏହି କ୍ରମରେ ଆଜି "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା"ର ଶୁଭାରମ୍ଭ କରାଯାଉଛି । ବିଶେଷ କରି ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଓ ଅନୁସୂଚିତ ଜାତି-ଜନଜାତି ପରିବାରର ପିତାମାତାଙ୍କ ପାଇଁ କନ୍ୟା ବିବାହ ଯେପରି ସମସ୍ୟା ହୋଇ ରହିବ ନାହିଁ, ସେଥିପାଇଁ ଏହି ଯୋଜନା ଆର୍ଥିକ ସହାୟତାର ଏକ ସୁଦୃଢ଼ ମାଧ୍ୟମ ସାଜିବ ।

ଆମର ଏହି ପ୍ରୟାସ କେବଳ ଆର୍ଥିକ ସହାୟତା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ସମାଜରୁ ଯୌତୁକ ଭଳି କୁପ୍ରଥାର ବିଲୋପ ଏବଂ କନ୍ୟା ସନ୍ତାନଙ୍କ ପ୍ରତି ସମାଜରେ ଏକ ସମ୍ମାନଜନକ ଦୃଷ୍ଟିକୋଣ ସୃଷ୍ଟି କରିବାରେ ବଡ଼ ଭୂମିକା ଗ୍ରହଣ କରିବ । ବିଧବା ବିବାହକୁ ପ୍ରୋତ୍ସାହନ ଦେବା ସହ ବିବାହ ପଞ୍ଜିକରଣକୁ ବାଧ୍ୟତାମୂଳକ କରି ମହିଳାଙ୍କ ସାମାଜିକ ସୁରକ୍ଷାକୁ ଆମେ ଆହୁରି ସୁନିଶ୍ଚିତ କରୁଛୁ । ଆର୍ଥିକ ଅନଗ୍ରସର ପରିବାରର ମୁରବୀଙ୍କ କାନ୍ଧରୁ ଚିନ୍ତା ହଟାଇ ଝିଅମାନଙ୍କୁ ସମ୍ମାନ ଓ ସ୍ୱାଭିମାନର ସହ ନୂଆ ଜୀବନ ପ୍ରଦାନ କରିବା ଆମର ଲକ୍ଷ୍ୟ । ଲୋକଙ୍କ ସରକାର ସବୁ ସମୟରେ ଆପଣଙ୍କ ସୁଖ ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୃଦ୍ଧି ପାଇଁ କାମ କରୁଛି ।

ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥର ମଧୁର ମତ୍ସ୍ୟ ଗବେଷଣା ଅନୁସନ୍ଧାନ କେନ୍ଦ୍ର (ସିଫା) ନିକଟରେ ରବିବାର ଜଣେ କିନ୍ନରଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି । ଏହାର ପ୍ରତିବାଦରେ ରାସ୍ତାରୋକୋ କରାଯାଇଛି । ଗିରଫ ଦାବିରେ ରାସ୍ତା ଉପରେ ଧାରଣାରେ ବସିଲେ କିନ୍ନର ସଂଘ। କ୍ୟାପିଟାଲ ହସ୍ପିଟାଲ ନିକଟରେ ସେମାନେ ଧାରଣାରେ ବସିଛନ୍ତି । ୧୦ ଲକ୍ଷ କ୍ଷତିପୂରଣ ସହ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି । ଏନେଇ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି ।

କଟକ ଜିଲା ସାଲେପୁର ଅଞ୍ଚଳର ଦିନେଶ ଓରଫ ସୋନାକ୍ଷୀଙ୍କୁ ହତ୍ୟା କରାଯାଇଛି । ସେ ଭୁବନେଶ୍ୱରରେ ଭଡ଼ାଘରେ ରହୁଥିଲେ । ତେବେ ହତ୍ୟାର କାରଣ ଅସ୍ପଷ୍ଟ ରହିଛି । ଖବରପାଇ ପିପିଲି ଥାନା ଆଇଆଇସି ସୌମେନ୍ଦ୍ର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

ସୂଚନା ମୁତାବକ, ସିଫା ନିକଟ ରାସ୍ତାରେ ରାତି ପ୍ରାୟ ୮ଟାରେ ସୋନାକ୍ଷୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିଲେ । କିଛି ସମୟ ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଅନ୍ୟ ସହଯୋଗୀମାନେ ଦେଖି ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଅନ୍ୟପକ୍ଷରେ ଏନେଇ କିନ୍ନର ନେତ୍ରୀ ମୀରା ପରିଡ଼ା ପୁଣି ରାଗିଛନ୍ତି । ବାରମ୍ବାର କିନ୍ନରମାନଙ୍କ ଉପରେ ଏଭଳି ଆକ୍ରମଣ ଘଟଣା ନିନ୍ଦନୀୟ । ତୁରନ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି । ମୀରା ପରିଡ଼ା ମେଡିକାଲରେ ଦୌଡ଼ି ପହଞ୍ଚି ଥିବା ଭିଡିଓ ଭାଇରାଲ ହେଉଛି ।

ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଅନେକ ଯୋଜନା କରାଯାଉଛି । ତାହା ସତ୍ତ୍ୱେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁର୍ଘଟଣା ଜନିତ ମୃତ୍ୟୁ ଘଟିବାରେ ଲାଗିଛି । ଶନିବାର ମଧ୍ୟାହ୍ନରେ ହଳଦିଆପଦର ଓଭରବ୍ରିଜରେ ଏକ ହୃଦୟ ବିଦାରକ ସଡକ ଦୁର୍ଘଟଣା ଘଟିଛି । ଏଥିରେ ୫ଜଣ ଯୁବକଙ୍କ ଶୋଚନୀୟ ମତ୍ୟୁ ଘଟିଛି ।

ସେହିପରି ଜଣେ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଦେଖିବାକୁ ମିଳିଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡିକ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

ଆହତଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ଚିକିତ୍ସା ପାଇଁ ପାଠାଇଛି । ଦୁର୍ଘଟଣା ପରେ ରାସ୍ତାରେ ଯାତାୟାତ କରୁଥିବା ଗାଡିଗୁଡିକ ଅଟକି ରହିଥିଲା । ଫଳରେ ରାସ୍ତା ଜାମ୍ ହୋଇଯାଇଥିଲା । ପୋଲିସ ଟ୍ରାଫିକ କଣ୍ଟ୍ରୋଲ କରିବା ସହ ଯାନବାହନ ଚଳାଚଳ ସ୍ୱାଭାବିକ କରୁଛି ।

ଶନିବାର ଦୁଇଟି ବାଇକରେ ଆଗପଛ ହୋଇ ହଳଦିଆପଦର ପଟକୁ ଯାଉଥିଲା । ଅନ୍ୟପଟେ ବିପରୀତ ଦିଗରୁ ଏକ ବୋଝେଇ ଟ୍ରକ୍ ସହର ଭିତରକୁ ପ୍ରବେଶ କରୁଥିଲା । ତେବେ ଟ୍ରକ ଚାଳକ ଜଣଙ୍କ ବେପାରୁଆ ଭାବେ ଗାଡି ଚାଳନା କରି ଆଗ ପଛ ହୋଇ ଯାଉଥିବା ଦୁଇଟି ବାଇକ ଉପରେ ମାଡି ଯାଇଥିଲା । ଯାହାଫଳରେ ବାଇକ ଚାଳକ ସମେତ ସେଥିରେ ବସିଥିବା ଯୁବକଙ୍କ ମୃତ୍ୟୁ ଘଟିଥିଲା । ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଥିବା ପୋଲିସ କହୁଛି ।

ବ୍ରହ୍ମପୁର ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପ୍ରତ୍ୟେକ ପରିବାରକୁ ୪ ଲକ୍ଷ ଲେଖାଏ ଟଙ୍କା ସହାୟତା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହି ସହାୟତା ପ୍ରଦାନ କରାଯିବ ।

ଏଥିସହିତ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ଗଭୀର ଶୋକ ପ୍ରକାଶ ସହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମବେଦନା ଜଣାଇଛନ୍ତି । ସମସ୍ତ ଆହତଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଶ୍ରୀଜଙ୍ଗସ୍ଥିତ ଦାସମହାପାତ୍ର ହାଇସ୍କୁଲର ଜଣେ ଛାତ୍ରଙ୍କ ବ୍ୟାଗରୁ ଏକ ବନ୍ଧୁକ ବାହାରିଥିଲା ।

ଏହି ଘଟଣାକୁ ନେଇ ବିଦ୍ୟାଳୟରୁ ସମ୍ପୃକ୍ତ ଛାତ୍ରଙ୍କୁ ଟିସି ଦେଇ ବାହାର କରିବା ଦାବି କରି ଅଭିଭାବକମାନେ ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଛନ୍ତ । ଯଦି ସମ୍ପୃକ୍ତ ଛାତ୍ରଙ୍କୁ ବାହାର କରା ନ ଯାଏ ତାହାଲେ ସମସ୍ତ ୪ ଶହପିଲା ମାନଙ୍କୁ ଟିସିଦିଅ ଆମେ ଏଠୁ ନେଇଯିବୁ ଦାବି କରି ତାଲା ପକାଇ ଧାରଣା ଦେଇଛନ୍ତି । ଏ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଛି ।

ସୂଚନାଯୋଗ୍ୟ, ଗତ ଗୁରୁବାର ରାତିରେ ଛାତ୍ରଙ୍କୁ ବିଦ୍ୟାଳୟରୁ ବହିଷ୍କାର ପାଇଁ ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ । ଅଭିଭାବକ ମାନଙ୍କ ଦାବିପରେ ଛାତ୍ରଙ୍କ ବସ୍ତାନିରୁ ବନ୍ଧୁକୁ ବାହାରିବା ନେଇ ଥାନାରେ ପ୍ରଧାନ ଶିକ୍ଷୟିତ୍ରୀ ଅଭିଯୋଗ କରିଥିଲେ । ଏ ନେଇ ଥାନାରେ ୪୧ /୨୦୨୬ ରେ ଏକ ମାମଲା ରୁଜୁ ହୋଇଛି ।

ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ର ବିଦ୍ୟାଳୟ ଆରମ୍ଭରୁ ବ୍ୟାଗରେ ବନ୍ଧୁକ ଧରି ଆସିଥିବା ଅନ୍ୟଛାତ୍ରମାନେ ଜାଣିବାକୁ ପାଇଥିଲେ । ଖେଳ ଛୁଟି ପରେ ଶିକ୍ଷକଙ୍କ ସନ୍ଦେହରେ ବ୍ୟାଗ ଦେଖିବାରୁ ଏକ ମେଟାଲ ବନ୍ଧୁକ ମିଳିଥିଲା । ଘଟଣାକୁ ନେଇ ଶିକ୍ଷକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇବା ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀସଙ୍ଗୀତା ଜେନା ସେଠାରେ ପହଞ୍ଚି ଛାତ୍ରଙ୍କ ନିକଟରୁ ବନ୍ଧୁକ ଉଦ୍ଧାର କରିଥିଲେ । ସଙ୍ଗେ ସଙ୍ଗେ ସ୍ଥାନୀୟ ସରପଞ୍ଚ କବିତା ସେଠୀ ଏସଏମସି କମିଟିକୁ ଖବର ଦେଇଥିଲେ । ତୁରନ୍ତ ଏକ ବୈଠକ ଡକାଯାଇ ଆଲୋଚନା ପରେ ପୁଲିସକୁ ଖବର ଦିଆଯାଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୋଲିସ ପହଞ୍ଚି ପିସ୍ତଲ ଜବତ କରିବା ସହ ଏହାର ଜାଞ୍ଚ କରୁଛି । ଛାତ୍ର ଜଣକ ବନ୍ଧୁକ କେଉଁଠୁ ଆଣିଲା ତାକୁ ନେଇ ତଦନ୍ତ କରୁଛି ପୋଲିସ ।

ବରିଷ୍ଠ ନାଗରିକଙ୍କୁ ପୁରୀ ବୁଲାଇବେ ରାଜ୍ୟ ସରକାର । ୬୦ରୁ ୭୫ ବର୍ଷ ବୟସ୍କ ଓ ବିଧବା ମହିଳାଙ୍କୁ ଜଗନ୍ନାଥ ଦର୍ଶନ କରାଇବେ । ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା । ଏନେଇ ସମସ୍ତ ଜିଲାପାଳଙ୍କୁ ପର୍ଯ୍ୟଟନ ବିଭାଗର ଚିଠି ଲେଖିଛି । ୩୫ ହଜାର ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ । ପଞ୍ଚାୟତସ୍ତରରେ ହିତାଧିକାରୀ ଚୂଡ଼ାନ୍ତ କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ।

ଓଡ଼ିଶାରେ ପାନ ମସଲାକୁ ବ୍ୟାନ କରିଥିଲେ ରାଜ୍ୟ ସରକାର । ବିଡ଼ି, ସିଗାରେଟ, ଗୁଟଖା ଏବଂ ତମାଖୁ ଭଳି ଉତ୍ପାଦର ପ୍ୟାକେଜିଂ, ସଂରକ୍ଷଣ ଏବଂ ଉତ୍ପାଦନ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ଏହାରି ଭିତରେ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ପଷ୍ଟ କରିଛି ଯେ, ଯେଉଁ ପାନ ମସଲାରେ ତମାଖୁ କିମ୍ବା ନିକୋଟିନ୍ ନାହିଁ, ତାହା ଗତ ୨୧ ତାରିଖର ବିଜ୍ଞପ୍ତି ସଂଖ୍ୟା ୨୦୬୫ ଅନୁଯାୟୀ ଲାଗୁ କରାଯାଇଥିବା ନିଷେଧାଦେଶ ଅଧୀନରେ ଆସୁନାହିଁ । CT&GST ଏବଂ ଅର୍ଥ ବିଭାଗକୁ ସ୍ୱାସ୍ଥ୍ୟ ସଚିବ ଚିଠି ଲେଖିଛନ୍ତି ।

ଏହାର ଅର୍ଥ ହେଉଛି, ସରକାରଙ୍କ ଦ୍ୱାରା ନିକଟରେ ଜାରି ହୋଇଥିବା ପ୍ରତିବନ୍ଧକ କେବଳ ତମାଖୁ ବା ନିକୋଟିନ୍ ମିଶ୍ରିତ ପାନ ମସଲା ପାଇଁ ଲାଗୁ ହେବ । ସାଧାରଣ (ତମାଖୁ ବିହୀନ) ପାନ ମସଲା ଉପରେ ଏହି ନିଷେଧାଦେଶ ଲାଗୁ ହେବ ନାହିଁ ।

ଭିଜିଲାନ୍‌ସ ଜାଲରେ ପଡିଲେ ଏସସିବି ମେଡିକାଲର ଡାକ୍ତର ସନାତନ ବେହେରା । ଚିକିତ୍ସା ସରଞ୍ଜାମ ଯୋଗାଉଥିବା ବିଡରଙ୍କ ଠାରୁ ଲାଞ୍ଚ ନେଇ ଧରାପଡିଲେ । ଗୁରୁବାର ଅପରାହ୍ନରେ ତାଙ୍କ ନିକଟରୁ ୨,୬୩,୦୦୦ ଟଙ୍କା ସନ୍ଦେହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜନକ ନଗଦ ଅର୍ଥ ଜବତ କରାଯାଇଛି ।

ହେପାଟୋଲୋଜି ବିଭାଗର ସହକାରୀ ପ୍ରଫେସର ଥିବା ବେହେରା ଚିକିତ୍ସା ସରଞ୍ଜାମ ଯୋଗାଉଥିବା ବିଡରଙ୍କ ଠାରୁ ବେଆଇନ ଭାବେ ଅର୍ଥ ଆଦାୟ କରୁଥିଲେ । ଏନେଇ ଭିଜିଲାନ୍ସ ପାଖରେ ବିଶ୍ୱସ୍ତ ସୂଚନା ରହିଥିଲା । ଗୁରୁବାର ଡାକ୍ତର ବେହେରା ନିଜ ସ୍କୁଟିରେ ସରକାରୀ ବାସଭବନକୁ ଯାଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା । ତଲାସି ବେଳେ ତାଙ୍କ ପାଖରୁ ନଗଦ ଟଙ୍କା ମିଳିଥିଲା, ଯାହାର କୌଣସି ସଠିକ୍ ହିସାବ ସେ ଦେଇପାରି ନଥିଲେ ।

ଏହାପରେ ଡାକ୍ତର ବେହେରାଙ୍କୁ ଅଟକ ରଖି ତାଙ୍କ ସହ ସଂପୃକ୍ତ ୩ଟି ସ୍ଥାନରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଆଶଙ୍କାରେ ଚଢ଼ାଉ ଜାରି ରହିଛି । ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ ଅଧୀନରେ ମାମଲା ରୁଜୁ କରାଯାଇଛି ।

ଅଙ୍ଗନୱାଡି ପିଲାଙ୍କ ପାଇଁ ଖୁସିଖବର । ବଡ଼ ଘୋଷଣା କଲେ ସରକାର । ବଢ଼ିଲା ଅଙ୍ଗନବାଡି ଶିଶୁଙ୍କ ପୋଷାକର ସରକାରୀ ମୂଲ୍ୟ । ବାଳକଙ୍କ ପୋଷାକ ମୂଲ୍ୟ ୧୦୦ରୁ ବଢ଼ି ହେଲା ୧୭୫ ଟଙ୍କା ହୋଇଥିବା ବେଳେ ବାଳିକାଙ୍କ ପୋଷାକ ୧୫୦ରୁ ବଢ଼ି ୨୫୦ ଟଙ୍କା ହୋଇଛି । ସେହି ପରି ଜୋତା ପାଇଁ ଖର୍ଚ୍ଚ ହେଉଥିବା ୧୦୦ ଟଙ୍କା ବଢ଼ି ୧୫୦ ଟଙ୍କା ଧାର୍ଯ୍ୟ କରାଯାଇଛି ।

ସର୍ବଭାରତୀୟ ସ୍ତରରେ ରାଜନୀତି ଓ ଅର୍ଥନୀତିରେ ଅନେକ କୋଳାହଳ ଦେଖିବାକୁ ମିଳିଛି ।

ଭାରତୀୟ ବାୟୁସେନାର ଶକ୍ତି ବୃଦ୍ଧି ପାଇବାକୁ ଯାଉଛି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଦିଲ୍ଲୀ ଗସ୍ତ ପୂର୍ବରୁ ରାଫାଲ ଲଢୁଆ ବିମାନ ପାଇଁ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ହୋଇଥିବା ମେଗା ଡିଲ ସମ୍ପର୍କରେ ଏକ ଭଲ ଖବର ଆସିଛି । ଗୁରୁବାର ପ୍ରତିରକ୍ଷା ମନ୍ତ୍ରଣାଳୟ ଭାରତୀୟ ବାୟୁସେନା ପାଇଁ ୧୧୪ଟି ଭାରତରେ ନିର୍ମିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଫାଲ ଲଢୁଆ ବିମାନକୁ ମଞ୍ଜୁରୀ ଦେଇଛି । ଭାରତରେ ନିର୍ମିତ ହେବାକୁ ଥିବା ଫରାସୀ ଲଢୁଆ ବିମାନ ପାଇଁ ଏହି ଡିଲର ମୋଟ ମୂଲ୍ୟ ପ୍ରାୟ ୩.୨୫ ଲକ୍ଷ କୋଟି ହେବ । ଏହା ବିଶ୍ୱର ସବୁଠାରୁ ବଡ଼ ପ୍ରତିରକ୍ଷା ଚୁକ୍ତି ମଧ୍ୟରୁ ଅନ୍ୟତମ ହେବ । ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (DAC)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ଡିଲ ପାଇଁ ଅନୁମୋଦନ ଦିଆଯାଇଛି ।

ଗତ ମାସରେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରତିରକ୍ଷା କ୍ରୟ ବୋର୍ଡ ବାୟୁସେନାର ପ୍ରସ୍ତାବକୁ ଅନୁମୋଦନ କରିଛି, ଯାହା ଯେକୌଣସି ପ୍ରତିରକ୍ଷା ଚୁକ୍ତିରେ ପ୍ରଥମ ପଦକ୍ଷେପ । DAC ପରେ ଏହି ପ୍ରକଳ୍ପ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅର୍ଥ ମନ୍ତ୍ରଣାଳୟ ଏବଂ ସୁରକ୍ଷା କ୍ୟାବିନେଟ କମିଟି (CCS)କୁ ଯିବ । ଏହି ୧୧୪ଟି ରାଫାଲ ଲଢୁଆ ବିମାନ ମଧ୍ୟରୁ ୧୬ଟି ସିଧାସଳଖ ଫ୍ରାନ୍ସରୁ କିଣାଯାଇପାରିବ ବୋଲି ସମ୍ଭାବନା ରହିଛି । ଏହି ୧୧୪ଟି ରାଫାଲ ଲଢୁଆ ବିମାନ ବାୟୁସେନାର ୫-୬ଟି ସ୍କ୍ୱାଡ୍ରନକୁ ସମର୍ଥନ କରିପାରିବ । ଭାରତୀୟ ବାୟୁସେନାର ଏକ ସ୍କ୍ୱାଡ୍ରନରେ ୧୮-୨୦ଟି ଲଢୁଆ ବିମାନ ରହିଛି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଆସନ୍ତା ସପ୍ତାହ (୧୭-୧୯ ଫେବୃଆରୀ) ଭାରତ ଗସ୍ତ ପୂର୍ବରୁ ଏହି ଚୁକ୍ତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ପୂର୍ବ ଦୁଇଟି ରାଫାଲ ଲଢୁଆ ବିମାନ ଚୁକ୍ତି ପରି, ଏହା ଏକ G2G (ସରକାର-ସରକାର) ଚୁକ୍ତି ହେବ ।

୨୦୧୬ରେ, ଭାରତ ପ୍ରାୟ ୫୯,୦୦୦ କୋଟି ମୂଲ୍ୟରେ ସିଧାସଳଖ ଫ୍ରାନ୍ସରୁ ୩୬ଟି ରାଫାଲଲଢୁଆ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା । ଗତ ବର୍ଷ ଏପ୍ରିଲରେ ଭାରତ ନୌସେନା ପାଇଁ ରାଫାଲ ଲଢୁଆ ବିମାନର ସାମୁଦ୍ରିକ ସଂସ୍କରଣ, ରାଫାଲ (M) କ୍ରୟ କରିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଥିଲା । ଏହି ରାଫାଲ (M) ଲଢୁଆ ବିମାନଗୁଡ଼ିକୁ ସ୍ୱଦେଶୀ ବିମାନ ବାହକ INS ବିକ୍ରାନ୍ତରେ ନିୟୋଜିତ କରାଯିବ । ହ୍ରାସ ପାଉଥିବା ସ୍କ୍ୱାଡ୍ରନ ଆକାରର ଜବାବରେ, ଭାରତୀୟ ବାୟୁସେନା ଘରୋଇ ସ୍ତରରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୧୧୪ଟି ରାଫାଲ ଲଢୁଆ ବିମାନ ନିର୍ମାଣ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦାଖଲ କରିଥିଲା । ପୂର୍ବ ରାଫାଲ ଚୁକ୍ତି ପରି, ଏହି ଚୁକ୍ତି ମଧ୍ୟ ଏକ G2G (ସରକାରରୁ ସରକାର ପର୍ଯ୍ୟନ୍ତ) ଚୁକ୍ତି ହେବ । ଏହି ଚୁକ୍ତି ପରେ, ରାଫେଲ ନିର୍ମାଣ କରୁଥିବା ଫରାସୀ କମ୍ପାନୀ ଡାସଲ୍ଟ, ଏକ ସ୍ୱଦେଶୀ କମ୍ପାନୀ ସହିତ ଭାରତରେ ଏକ ଉତ୍ପାଦନ କାରଖାନା ସ୍ଥାପନ କରିବ । ଭାରତରେ ଉତ୍ପାଦିତ ସ୍ୱଦେଶୀ ରାଫେଲ ଯୁଦ୍ଧ ବିମାନରେ ପ୍ରାୟ ୬୦% ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଏବଂ ଉପକରଣ ରହିବ ।

ମେକ ଇନ ଇଣ୍ଡିଆ ପଦକ୍ଷେପ ଅଧୀନରେ ଫରାସୀ ଯୁଦ୍ଧ ବିମାନ ନିର୍ମାଣ କରିବାର ନିଷ୍ପତ୍ତି ଅପରେଶନ ସିନ୍ଦୂର ସମୟରେ ପାକିସ୍ତାନ ବିରୋଧରେ ଭାରତୀୟ ବାୟୁସେନାର ବିଦ୍ୟମାନ ରାଫାଲ ଯୁଦ୍ଧ ବିମାନର କାର୍ଯ୍ୟକ୍ଷମ କ୍ଷମତାକୁ ଦୃଷ୍ଟିରେ ରଖି ନିଆଯାଇଥିଲା । ବାୟୁସେନାର ଉପାଧ୍ୟକ୍ଷ ଏୟାର ମାର୍ଶାଲ ନାଗେଶ କପୁର ରାଫାଲକୁ ଅପରେଶନ ସିନ୍ଦୁରର ନାୟକ ବୋଲି କହିଥିଲେ । ସେ ବାୟୁସେନାରେ ଅଧିକ ସଂଖ୍ୟକ ରାଫାଲ ପାଇଁ ଆଶା ପ୍ରକାଶ କରିଥିଲେ । ଅପରେସନ ସିନ୍ଦୂର ସମୟରେ ଭାରତୀୟ ବାୟୁସେନା ପହଲଗାମ ହତ୍ୟାକାଣ୍ଡର ପ୍ରତିଶୋଧ ନେବା ପାଇଁ ପାକିସ୍ତାନରୁ କାର୍ଯ୍ୟ କରୁଥିବା ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବା ଏବଂ ଜୈଶ-ଏ-ମହମ୍ମଦର ମୁଖ୍ୟାଳୟକୁ ଧ୍ୱଂସ କରିବା ପାଇଁ ରାଫାଲ ଯୁଦ୍ଧ ବିମାନ ବ୍ୟବହାର କରିଥିଲା ।

ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଲୋକସଭାରେ କଂଗ୍ରେସ ଏମ୍‌ପି ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସଂସଦରେ ସଦସ୍ୟତା ସମାପ୍ତ କରିବାକୁ ଦାବି କରି ଏକ ପ୍ରସ୍ତାବ ଆଗତ କରିଛନ୍ତି । ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଏବଂ କେନ୍ଦ୍ରୀୟ ବଜେଟକୁ ନେଇ ରାହୁଲ ଗାନ୍ଧୀଙ୍କ ସରକାରଙ୍କ ଉପରେ ତୀବ୍ର ଆକ୍ରମଣ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି ।

ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଗୁରୁବାର କହିଛନ୍ତି, ସେ ଲୋକସଭାରେ ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରସ୍ତାବ ଆଗତ କରିଛନ୍ତି ଯେଉଁଥିରେ ରାହୁଲ ଗାନ୍ଧୀ ଦେଶକୁ ଭ୍ରମିତ କରୁଥିବା ଅଭିଯୋଗ କରାଯାଇଛି । ଦୁବେ କହିଛନ୍ତି ଯେ, ତାଙ୍କ ପ୍ରସ୍ତାବରେ ସେ ଏହି ପ୍ରସଙ୍ଗରେ ଆଲୋଚନା, ସଂସଦରେ ରାହୁଲ ଗାନ୍ଧୀଙ୍କ ସଦସ୍ୟତା ସମାପ୍ତ ଏବଂ ନିର୍ବାଚନ ଲଢ଼ିବା ଉପରେ ଆଜୀବନ ପ୍ରତିବନ୍ଧକ ଦାବି କରିଛନ୍ତି ।

ତଥାପି, ଦୁବେ ସ୍ପଷ୍ଟ କରିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ କୌଣସି ବିଶେଷାଧିକାର ପ୍ରସ୍ତାବ ଆଗତ କରିବାର କୌଣସି ଯୋଜନା ନାହିଁ । ସେ କହିଛନ୍ତି ଯେ ଏକ ସ୍ୱାଧୀନ ପ୍ରସ୍ତାବ । ଯେଉଁଥିରେ ସଂସଦରୁ ରାହୁଲଙ୍କ ନିଲମ୍ବନ ଦାବି କରାଯାଇଛି ।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିପକ୍ଷ ସଦସ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ଦେଇଥିବା ନୋଟିସ ତ୍ରୁଟିଯୁକ୍ତ । ନୋଟିସ ଡ୍ରାଫ୍ଟିଙ୍ଗ୍‌ରେ ଏଭଳି ଭୁଲ୍ ରହିଛି ଯେ ତାହା ଖାରଜ ହୋଇଯାଇପାରେ । ତେଣୁ ବାଚସ୍ପତି ନିଜ ବିରୋଧରେ ଆଗତ ନୋଟିସରେ ଥିବା ତ୍ରୁଟିବିଚ୍ୟୁତି ସୁଧାରିବା ପାଇଁ ପରାମର୍ଶ ଦେଇଛନ୍ତି ।

ରାଜସ୍ଥାନ କୋଟା ସଂସଦୀୟ ଆସନର ଭାଜପା ଏମ୍‌ପି ଓମ୍ ବିର୍ଲା ଶାସକ ପକ୍ଷକୁ ସୁହାଇଲା ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ଆଣି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ତାଙ୍କୁ ବାଚସ୍ପତି ପଦରୁ ହଟାଇବା ପାଇଁ ଉଦ୍ୟମ ଚଳାଇଛନ୍ତି । ଏହି କ୍ରମେ ୧୧୮ ବିରୋଧୀ ସଦସ୍ୟଙ୍କ ଦସ୍ତଖତ ସମ୍ବଳିତ ନୋଟିସକୁ ଲୋକ ସଭା ସେକ୍ରେଟାରି ଜେନେରାଲ ଉତ୍ପଳ କୁମାର ସିଂଙ୍କ ନିକଟରେ ମଙ୍ଗଳବାର ଦାଖଲ କରାଯାଇଥିଲା । ପରେ ବିରୋଧୀ ସଦସ୍ୟମାନେ ଏହାକୁ ପ୍ରତ୍ୟାହାର କରିନେଇଥିଲେ । ଏଥିସହ ତାରିଖ ସଂଶୋଧନ କରିବା ପରେ ଅନ୍ୟ ଏକ ନୋଟିସ ଦେଇଥିଲେ । ଉକ୍ତ ନୋଟିସରେ ୨୦୨୬ ପରିବର୍ତ୍ତେ ୨୦୨୫ ଫେବୃଆରୀ ଉଲ୍ଲେଖ କରାଯାଇଥିଲା । ଏହି କାରଣରୁ ଉକ୍ତ ନୋଟିସ ଖାରଜ ହେବାର ଯଥେଷ୍ଟ ଆଶଙ୍କା ରହିଛି । ତେବେ ବାଚସ୍ପତି ଏହା ଜାଣିବା ପରେ ତାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଧାରି ପୁଣି ଥରେ ନୋଟିସ ଦାଖଲ କରିବାକୁ ସେକ୍ରେଟାରି ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସଂଶୋଧିତ ନୋଟିସ ମିଳିବା ପରେ ନିୟମାନୁସାରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସୂତ୍ରରୁ ପ୍ରକାଶ । ସମ୍ବିଧାନର ଅନୁଚ୍ଛେଦ ୯୪(ସି) ଅନୁଯାୟୀ ବିଭିନ୍ନ ବିରୋଧୀ ଦଳ ତରଫରୁ ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ, ମୁଖ୍ୟ ହୁଇପ୍ କେ. ସୁରେଶ ଏବଂ ହୁଇପ୍ ମହମ୍ମଦ ଜାଓ୍ୱେଦ ନିମ୍ନ ସଦନର ମହାସଚିବ ଉତ୍ପଳ କୁମାର ସିଂଙ୍କ ନିକଟରେ ନୋଟିସ ଦାଖଲ କରିଛନ୍ତି । ଉକ୍ତ ନୋଟିସରେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି, ବାମଦଳ, ଆର୍‌ଜେଡି, ଶିବସେନା(ୟୁବିଟି) ଏବଂ ଏନ୍‌ସିପି-ଏସ୍‌ପି ସମେତ ବିରୋଧୀ ଦଳଗୁଡ଼ିକର ଏମ୍‌ପିମାନେ ସ୍ୱାକ୍ଷର କରିଛନ୍ତି । ତେବେ ବିର୍ଲା ନୈତିକତା ଦୃଷ୍ଟିରୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ନ ହେବା ପର୍ଯ୍ୟନ୍ତ ନିଜ ଆସନରେ ବସିବେ ନାହିଁ ବୋଲି କହିଛନ୍ତି । ମାର୍ଚ୍ଚ ୯ରେ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ପାଇଁ ସଂସଦ ପୁନର୍ଦ୍ୱାର ଖୋଲିବା ପରେ ଅନାସ୍ଥା ଉପରେ ବିଚାର କରାଯାଇପାରେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି ।

ଇତିମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ୨୦ରୁ ୨୫ କଂଗ୍ରେସ ଏମ୍‌ପି ବାଚସ୍ପତିଙ୍କ ଚାମ୍ବରକୁ ଯାଇ ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି । ଏପରି କି କେ.ସି. ବେଣୁଗୋପାଳ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସେଠାରେ ଉପସ୍ଥିତ ଥାଇ ସବୁ ଦେଖୁଥିଲେ । ସେମାନେ କଂଗ୍ରେସ ସଦସ୍ୟମାନଙ୍କୁ ଏଥିରୁ ବାରଣ କରି ନ ଥିଲେ । ବାଚସ୍ପତି ଚାହିଁଥିଲେ ସେମାନଙ୍କୁ ଗୃହରୁ ନିଲମ୍ବନ କରିପାରିଥାନ୍ତେ ବୋଲି ରିଜିଜୁ କହିଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦବୀରୁ ହଟାଇବା ପାଇଁ ବିରୋଧୀ ଦଳଗୁଡ଼ିକ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ନୋଟିସ ଦାଖଲ କରିଛନ୍ତି । ବିର୍ଲା ଗୃହକାର୍ଯ୍ୟ ପରିଚାଳନାରେ ଖୋଲାଖୋଲି ପକ୍ଷପାତ ଢଙ୍ଗରେ କାର୍ଯ୍ୟ କରିବା ସହ ସାମ୍ବିଧାନିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଦବୀର ଦୁରୁପଯୋଗ କରୁଥିବା ନେଇ ବିରୋଧୀ ଅଭିଯୋଗ ଆଣିଛନ୍ତି । କଂଗ୍ରେସ ସଦସ୍ୟଙ୍କ ବିରୋଧରେ ସେ ନିର୍ଦ୍ଦିଷ୍ଟ ମିଥ୍ୟା ଅଭିଯୋଗ ଆଣିଥିବା ବିରୋଧୀ କହିଛନ୍ତି ।

ତେଣୁ ନୈତିକତା ଦୃଷ୍ଟିରୁ ବିର୍ଲା ଅନାସ୍ଥା ପ୍ରସଙ୍ଗର ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଗୃହକାର୍ଯ୍ୟ ପରିଚାଳନା କରିବେ ନାହିଁ ବୋଲି କହିଥିବା ସୂତ୍ରରୁ ଜଣାପଡ଼ିଛି । ବିରୋଧୀ ଦଳ ଦେଇଥିବା ନୋଟିସକୁ ଅନୁଧ୍ୟାନ କରି ସଂସଦୀୟ ନିୟମାବଳୀ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିର୍ଲା ଲୋକ ସଭା ମହାସଚିବ ଉତ୍ପଳ କୁମାର ସିଂଙ୍କୁ କହିଛନ୍ତି ।

ସମ୍ବିଧାନର ଅନୁଚ୍ଛେଦ ୯୪(ସି) ଅନୁଯାୟୀ ବିଭିନ୍ନ ବିରୋଧୀ ଦଳ ତରଫରୁ ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ, ମୁଖ୍ୟ ହୁଇପ୍ କେ. ସୁରେଶ ଏବଂ ହୁଇପ୍ ମହମ୍ମଦ ଜାଓ୍ୱେଦ ନିମ୍ନ ସଦନର ମହାସଚିବ ଉତ୍ପଳ କୁମାର ସିଂଙ୍କ ନିକଟରେ ନୋଟିସ ଦାଖଲ କରିଛନ୍ତି । ଉକ୍ତ ନୋଟିସ୍‌ରେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି, ବାମଦଳ, ଆର୍‌ଜେଡି, ଶିବସେନା(ୟୁବିଟି) ଏବଂ ଏନ୍‌ସିପି-ଏସ୍‌ପି ସମେତ ବିରୋଧୀ ଦଳଗୁଡ଼ିକର ୧୨୦ ଜଣ ଏମ୍‌ପି ସ୍ୱାକ୍ଷର କରିଛନ୍ତି । ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ କହିବା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଅନୁମତି ମିଳି ନ ଥିଲା । ୩ ତାରିଖରେ ବିରୋଧୀ ଦଳର ୮ ସଦସ୍ୟଙ୍କୁ ବଜେଟ ଅଧିବେଶନରୁ ନିଲମ୍ବନ କରାଯାଇଥିଲା । କଂଗ୍ରେସ ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ଆସନ ପାଖକୁ ଯାଇ ଅବାଞ୍ଛିତ କାର୍ଯ୍ୟ କରିଥାନ୍ତେ ବୋଲି ସୂଚନା ଥିବା ବିର୍ଲା ଅଭିଯୋଗ ଆଣି ପ୍ରଧାନମନ୍ତ୍ରୀଙ୍କୁ ଗୃହକୁ ନ ଆସିବାକୁ କହିଥିଲେ । ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ ଅପମାନଜନକ ଅଭିଯୋଗ ଥିଲା ବୋଲି ନୋଟିସରେ କୁହାଯାଇଛି ।

ଲୋକ ସଭା ସଚିବାଳୟ ପକ୍ଷରୁ କୁହାଯାଇଛି, ନୋଟିସକୁ ଅନୁଧ୍ୟାନ କରାଯାଇ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ । ପ୍ରସ୍ତାବ ସଂଖ୍ୟାଗରିଷ୍ଠ ଭୋଟରେ ଗୃହୀତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ ବାଚସ୍ପତିଙ୍କୁ ବହିଷ୍କାର କରାଯାଇ ପାରିବ ।

ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରୱ୍ୱଣେଙ୍କ ପୁସ୍ତକ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆକୁ ବୁଧବାର ନୋଟିସ ଜାରି କରିଛି । ଏହି ପୁସ୍ତକ ପ୍ରକାଶନ ପୂର୍ବରୁ ଏହାର ପିଡିଏଫ୍ କିଭଳି ସୋସିଆଲ ମିଡିଆରେ ଲିକ୍ ହେଲା ସେନେଇ ନୋଟିସ ଜାରି କରାଯାଇଛି । ପ୍ରକାଶ ପାଇବା ପୂର୍ବରୁ ନରୱ୍ୱେଣଙ୍କ ପୁସ୍ତକ ବିବାଦୀୟ ହୋଇପଡ଼ିବାରୁ ଗତ ସୋମବାର ଦିଲ୍ଲୀ ପୋଲିସ ଏତଲା ଦାଏର କରିଥିଲା । ସମ୍ପୃକ୍ତ ପୁସ୍ତକର ପ୍ରକାଶନ ଲାଗି ଆବଶ୍ୟକ ଅନୁମୋଦନ ଲୋଡ଼ାଯାଇଥିଲା ବେଳେ ଏହା ପୂର୍ବରୁ କେମିତି ସଫ୍ଟ କପି ସୋସିଆଲ ମିଡିଆରେ ପୋଷ୍ଟ କରାଗଲା ବୋଲି ଅଭିଯୋଗ ଆଣି ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ ଅନୁସନ୍ଧାନ ଆରମ୍ଭ କରିଛି । ମଙ୍ଗଳବାର ଏହି ପ୍ରସଙ୍ଗରେ ପେଙ୍ଗୁଇନ ଇଣ୍ଡିଆ ନିଜର ପ୍ରତିକ୍ରିୟା ରଖିଥିଲାବେଳେ ଜେନେରାଲ ନରୱ୍ୱେଣ ମଧ୍ୟ ଏହାକୁ ସମର୍ଥନ କରିଥିଲେ ।

ବମ୍ବେ ହାଇକୋର୍ଟ ଜଣେ ନାବାଳିକା ଝିଅକୁ ବଳାତ୍କାର କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ବ୍ୟକ୍ତିଙ୍କ ଆଜୀବନ କାରାଦଣ୍ଡକୁ ୧୨ ବର୍ଷକୁ ହ୍ରାସ କରିଛନ୍ତି । କୋର୍ଟ ତାଙ୍କ ବୟସ, ଦୀର୍ଘ କାରାଦଣ୍ଡ ଏବଂ ଜେଲରେ ସଂସ୍କାର ପ୍ରୟାସକୁ ବିଚାର କରି ଏହି ଦଣ୍ଡାଦେଶ ଦେଇଛନ୍ତି । ଏହି ସଂସ୍କାର ପ୍ରୟାସରେ ମହାତ୍ମା ଗାନ୍ଧୀଙ୍କ ଉପରେ ଏକ ପ୍ରବନ୍ଧ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଅନ୍ତର୍ଭୁକ୍ତ ଥିଲା ।

ଫେବୃଆରୀ ୨ରେ ବିଚାରପତି ସାରଙ୍ଗ କୋଟୱାଲ ଏବଂ ସନ୍ଦେଶ ପାଟିଲଙ୍କ ଖଣ୍ଡପୀଠ ୨୦୧୬ ଅପରାଧ ପାଇଁ ବ୍ୟକ୍ତିଙ୍କ ଦୋଷୀ ସାବ୍ୟସ୍ତକୁ ସମର୍ଥନ କରିଥିଲେ, କିନ୍ତୁ କହିଥିଲେ ଯେ ଆଜୀବନ କାରାଦଣ୍ଡ ହ୍ରାସ କରାଯିବା ଉଚିତ ।

ଖଣ୍ଡପୀଠ ଦୋଷୀଙ୍କ ଆବେଦନ ଉପରେ ଏହି ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଥିରେ ସେ ସ୍ୱତନ୍ତ୍ର POCSO କୋର୍ଟ ଦ୍ୱାରା ଦିଆଯାଇଥିବା ଆଜୀବନ କାରାଦଣ୍ଡକୁ ଚ୍ୟାଲେଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥିଲେ । କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଅପରାଧ ସମୟରେ ଦୋଷୀ ୨୦ ବର୍ଷ ବୟସର ଥିଲେ, ତାଙ୍କର କୌଣସି ପୂର୍ବ ଅପରାଧିକ ରେକର୍ଡ ନଥିଲା, ଡିସେମ୍ବର ୨୦୧୬ରୁ ହାଜତରେ ଥିଲେ ଏବଂ COVID-19 ମହାମାରୀ ସମୟରେ ମଧ୍ୟ ତାଙ୍କୁ ମୁକ୍ତ କରାଯାଇ ନଥିଲା ।

ଖଣ୍ଡପୀଠ ଜେଲ ଶିକ୍ଷାଗତ କାର୍ଯ୍ୟକଳାପରେ ତାଙ୍କର ଅଂଶଗ୍ରହଣ ପ୍ରମାଣପତ୍ରକୁ ମଧ୍ୟ ବିଚାର କରିଥିଲେ, ଯେଉଁଥିରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଏବଂ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଅଧ୍ୟୟନ କରୁଥିବା ଏକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା ।

ଅପରାଧର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ଏହି ହ୍ରାସକାରୀ କାରଣଗୁଡ଼ିକୁ ବିଚାରକୁ ନେଇ ଖଣ୍ଡପୀଠ କହିଛନ୍ତି, 'ଆମର ମତରେ, ୧୨ ବର୍ଷର ଦଣ୍ଡ ନ୍ୟାୟର ଲକ୍ଷ୍ୟ ପୂରଣ କରିବ ।' ଏଥିରେ ଆହୁରି କହିଛନ୍ତି ଯେ ଦୋଷୀ ଦ୍ୱାରା ପୂର୍ବରୁ ଦିଆଯାଇଥିବା ସମୟକୁ ହ୍ରାସ କରାଯାଇଥିବା ଦଣ୍ଡ ସହିତ ସଜାଡ଼ି ଦିଆଯିବ ।

ବନ୍ଦେ ମାତରମ ସମ୍ପର୍କରେ ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ବନ୍ଦେ ମାତରମ ପାଇଁ ଠିଆ ହେବା ବାଧ୍ୟତାମୂଳକ ହେବ । ସିନେମା ଘରେ ବନ୍ଦେ ମାତରମ ପାଇଁ ଠିଆ ହେବା ବାଧ୍ୟତାମୂଳକ ହେବ ନାହିଁ, କିନ୍ତୁ ସରକାରୀ କାର୍ଯ୍ୟକ୍ରମରେ କିମ୍ବା ସ୍କୁଲରେ ସମ୍ପୂର୍ଣ୍ଣ ଛଅ ଛନ୍ଦ ଜାତୀୟ ଗୀତ ବାଜିବ । ଏ ସମ୍ପର୍କରେ ଏକ ନୋଟ ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ମନ୍ତ୍ରଣାଳୟ ଏବଂ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଜାରି କରାଯାଇଛି ।

ସରକାରୀ କାର୍ଯ୍ୟକ୍ରମରେ ୩ ମିନିଟ ୧୦ ସେକେଣ୍ଡର ଛଅ ଛନ୍ଦ ବିଶିଷ୍ଟ ଗୀତ 'ବନ୍ଦେ ମାତରମ' ବଜାଇବା କିମ୍ବା ଗାନ କରିବା ବାଧ୍ୟତାମୂଳକ କରାଯାଇଛି । ୧୦ ପୃଷ୍ଠାର ଆଦେଶରେ, ଗୃହ ମନ୍ତ୍ରଣାଳୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, ଯଦି ଜାତୀୟ ସଙ୍ଗୀତ ଏବଂ ଜାତୀୟ ଗୀତ ଏକକାଳୀନ ଗାନ କରାଯାଏ, ତେବେ ପ୍ରଥମେ 'ବନ୍ଦେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାତରମ୍' ବଜାଯିବ ଏବଂ ଏହି ସମୟରେ ଲୋକଙ୍କୁ ଧ୍ୟାନରେ ଠିଆ ହେବାକୁ ପଡିବ ।

ଏହି ସରକାରୀ ପଦକ୍ଷେପକୁ ବନ୍ଦେ ମାତରମକୁ ଲୋକପ୍ରିୟ କରିବା ପାଇଁ ଏକ ପଦକ୍ଷେପ ଭାବରେ ଦେଖାଯାଉଛି ।

ନିଜର ଅପ୍ରକାଶିତ ବହିକୁ ନେଇ ବିବାଦ ଜୋର ଧରିବା ପରେ ମୁହଁ ଖୋଲିଛନ୍ତି ପୂର୍ବତନ ସ୍ଥଳସେନା ମୁଖ୍ୟ ଜେନେରାଲ ଏମ୍.ଏମ୍. ନରଭାଣେ । ତାଙ୍କର ଏହି ଆତ୍ମଜୀବନୀ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ସଂସଦରୁ ରାଜପଥ ପର୍ଯ୍ୟନ୍ତ ବିବାଦ ତେଜିବାରେ ଲାଗିଛି । ଏହି ପ୍ରସଙ୍ଗରେ ପବ୍ଲିଶର ସଂସ୍ଥା 'ପେଙ୍ଗୁଇନ୍ ରାଣ୍ଡମ ହାଉସ୍ ଇଣ୍ଡିଆ' ପକ୍ଷରୁ ସ୍ପଷ୍ଟୀକରଣ ଜାରି ହେବା ପରେ ଏବେ ଜେନେରାଲ ନରଭାଣେ ନିଜେ ନୀରବତା ଭାଙ୍ଗିଛନ୍ତି ।

ପେଙ୍ଗୁଇନ୍ ପକ୍ଷରୁ କୁହାଯାଇଛି ଯେ, ଏହି ପୁସ୍ତକର ସମସ୍ତ ପ୍ରକାଶନ ଅଧିକାର ସେମାନଙ୍କ ପାଖରେ ସଂରକ୍ଷିତ ଅଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା ବହିଟି କୌଣସି ବି ଆକାରରେ (ମୁଦ୍ରିତ କିମ୍ବା ଡିଜିଟାଲ୍) ପ୍ରକାଶିତ ହୋଇନାହିଁ ।

ପ୍ରକାଶକଙ୍କ ଏହି ବୟାନକୁ ସୋସିଆଲ ମିଡିଆରେ ସେୟାର କରି ଜେନେରାଲ ନରଭାଣେ ଲେଖିଛନ୍ତି, "ଏହା ହିଁ ପୁସ୍ତକର ସ୍ଥିତି" । ଏହା ଜରିଆରେ ସେ ପରୋକ୍ଷରେ ସ୍ୱୀକାର କରିଛନ୍ତି ଯେ ବହିଟି ଏପର୍ଯ୍ୟନ୍ତ ବଜାରକୁ ଆସିନାହିଁ ।

ବର୍ତ୍ତମାନ ସୋସିଆଲ ମିଡିଆ ବା PDF ଆକାରରେ ବୁଲୁଥିବା ବହିର ଯେକୌଣସି ଅଂଶ ବେଆଇନ ଏବଂ କପିରାଇଟ୍ ନିୟମର ଉଲ୍ଲଂଘନ ବୋଲି ପ୍ରକାଶକ ଚେତାବନୀ ଦେଇଛନ୍ତି । ଏହି ମାମଲାରେ ଦିଲ୍ଲୀ ପୋଲିସ ଏକ FIR ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଏହି ବିବାଦ ସେତେବେଳେ ଉଗ୍ର ରୂପ ନେଇଥିଲା, ଯେତେବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସଂସଦ ପରିସରରେ ଏହି ବହିର ଏକ କପି ଦେଖାଇଥିଲେ । ରାହୁଲ ଗାନ୍ଧୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦାବି କରିଛନ୍ତି ଯେ, ଏହି ବହିରେ ୨୦୨୦ ଭାରତ-ଚାଇନା ସୀମା ବିବାଦ (ଲଦାଖ) ସମୟର ସାଂଘାତିକ ସତ୍ୟ ଲୁଚି ରହିଛି, ଯାହାକୁ ସରକାର ଚାପି ଦେବାକୁ ଚାହୁଁଛନ୍ତି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଗୃହମନ୍ତ୍ରୀ ଅମିତ ଶାହ ସଂସଦରେ ଏହାକୁ ବିରୋଧ କରିଛନ୍ତି । ସେମାନଙ୍କ କହିବା କଥା, ଯେଉଁ ବହି ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ ଏବଂ ଯାହାର ସତ୍ୟତା ପ୍ରମାଣିତ ହୋଇନାହିଁ, ତାହାକୁ ଆଧାର କରି ଗୃହରେ କୌଣସି ଆଲୋଚନା ହୋଇପାରିବ ନାହିଁ ।

ସୂଚନାଯୋଗ୍ୟ ଯେ, ସେନା ଅଧିକାରୀଙ୍କ ଦ୍ୱାରା ଲିଖିତ ପୁସ୍ତକ ପ୍ରକାଶନ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ ହୋଇଥାଏ, ଯାହା ଏହି ବହି କ୍ଷେତ୍ରରେ ଏପର୍ଯ୍ୟନ୍ତ ବିଚାରଧୀନ ରହିଛି ।

ଉତ୍ତର ପ୍ରଦେଶର ଆଲିଗଡ଼ରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଜଣେ ବିବାହିତ ମହିଳା ନିଜ ଜ୍ୱାଇଁଙ୍କୁ ପ୍ରେମ କରି ତାଙ୍କ ସହିତ ପଳାଇ ଯାଇଥିଲେ । ଏହି ଘଟଣା ୧୦ ମାସ ପୂର୍ବେ ଖବରର ଶିରୋନାମା ପାଲଟିଥିଲା । କିନ୍ତୁ ଏବେ, ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି । ମହିଳା ଜଣକ ସେହି ପୁରୁଷଙ୍କୁ ଛାଡି ତାଙ୍କ ଭିଣୋଇଙ୍କ ସହିତ ପଳାଇ ଯାଇଛନ୍ତି । ଏହି ଘଟଣା ଥାନାରେ ପହଞ୍ଚିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

ପ୍ରାୟ ଦଶ ମାସ ପୂର୍ବେ, ୩୮ ବର୍ଷୀୟ ପିଙ୍କି ତାଙ୍କ ସ୍ୱାମୀ ଏବଂ ପିଲାମାନଙ୍କୁ ଛାଡି ତାଙ୍କ ଜ୍ୱାଇଁ ମନୋଜଙ୍କ ସହିତ ପଳାଇ ଯାଇଥିଲେ । ଜ୍ୱାଇଁ ବୟସରେ ଶାଶୁଙ୍କ ଠାରୁ ୧୮ବର୍ଷ ସାନ ଥିଲେ । ପୁରୁଷ ଜଣକ ମହିଳାଙ୍କ ଝିଅ ସହିତ ବିବାହ ବନ୍ଧନ କରିବା ପରେ ସେମାନଙ୍କ ସମ୍ପର୍କ ଆରମ୍ଭ ହୋଇଥିଲା । ନିର୍ବନ୍ଧ ପରେ, ମନୋଜ ଏବଂ ତାଙ୍କ ଭାବୀ ଶାଶୁ କଥାବାର୍ତ୍ତା ଆରମ୍ଭ କରିଥିଲେ, ଯାହା ଧୀରେ ଧୀରେ ଘନିଷ୍ଠତାରେ ପରିଣତ ହୋଇଥିଲା । ପରିସ୍ଥିତି ଆହୁରି ଖରାପ ହୋଇଗଲା, ଏବଂ ବିବାହର ମାତ୍ର ୧୨ଦିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୂର୍ବରୁ ପିଙ୍କି ତାଙ୍କ ଭାବୀ ଜ୍ୱାଇଁଙ୍କ ସହିତ ପଳାଇଗଲେ ।

ଯେତେବେଳେ ମାମଲା ପୋଲିସ ଷ୍ଟେସନରେ ପହଞ୍ଚିଲା, ଉଭୟ ଏକାଠି ରହିବାକୁ ଇଚ୍ଛା ପ୍ରକାଶ କଲେ । କୁହାଯାଏ ଯେ ମହିଳା ଜଣକ ତାଙ୍କ ସ୍ୱାମୀ ଏବଂ ପରିବାରକୁ ଛାଡି ମନୋଜଙ୍କ ସହିତ ରହିବାକୁ ନିଷ୍ପତ୍ତି ନେଇଥିଲେ । ଏହା ପରେ ସେମାନେ ଆଲିଗଡ ଛାଡି ବିହାରର ସୀତାମାଢି ଜିଲ୍ଲାରେ ବସବାସ କଲେ । ସେଠାରେ ମନୋଜ ଜଣେ ହକର ଭାବରେ ପୋଷାକ ବିକ୍ରୟ କରିବା ଆରମ୍ଭ କଲେ ଏବଂ ସେମାନେ ଏକାଠି ରହୁଥିଲେ । ହେଲେ କିଛି ଦିନ ପରେ କାହାଣୀରେ ଟ୍ୱିଷ୍ଟ ଆସିଥିଲା ।

ମନୋଜ ଅଭିଯୋଗ କରିଛନ୍ତି ଯେ ଫେବୃଆରୀ ୬ତାରିଖରେ ସେ ସବୁଦିନ ପରି କାମକୁ ଯାଇଥିଲେ । ଫେରିବା ପରେ ପିଙ୍କି ଘରୁ ନିଖୋଜ ଥିଲେ । ମନୋଜ ଦାବି କରିଛନ୍ତି ଯେ ସେ ଦୁଇ ଲକ୍ଷ ଟଙ୍କା ନଗଦ ଏବଂ ମୂଲ୍ୟବାନ ଅଳଙ୍କାର ନେଇଯାଇଛନ୍ତି । ତେବେ ମହିଳାଜଣକ ବର୍ତ୍ତମାନ ତାଙ୍କ ଭିଣୋଇଙ୍କ ସହିତ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି ।

ବିହାର ବିଧାନସଭାର ବଜେଟ ଅଧିବେଶନରେ ସରକାରୀ ହସ୍ପିଟାଲଗୁଡ଼ିକର ଶୋଚନୀୟ ଅବସ୍ଥା ପୁଣି ଥରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । ଏଥର ଯୁବ ବିଧାୟକ ଏବଂ ପ୍ରସିଦ୍ଧ ଲୋକ ଗାୟିକା ମୈଥିଳୀ ଠାକୁର ଏହି ପ୍ରସଙ୍ଗକୁ ଜୋରଦାର ଉଠାଇଥିଲେ । ପ୍ରଶ୍ନକାଳରେ, ସେ ତାଙ୍କ ନିର୍ବାଚନମଣ୍ଡଳୀର ହସ୍ପିଟାଲର ଜରାଜୀର୍ଣ୍ଣ ଅବସ୍ଥାକୁ ଦର୍ଶାଇଥିଲେ ଏବଂ ସରକାରଙ୍କ ଲିଖିତ ଉତ୍ତରକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିଲେ । ସେ କହିଥିଲେ, କାଗଜପତ୍ରରେ ପରିସ୍ଥିତି ଭଲ ଦେଖାଯାଇପାରେ, କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ।

ମୈଥିଳୀ ଠାକୁର କହିଛନ୍ତି, ତାଙ୍କ ଅଞ୍ଚଳର ହସ୍ପିଟାଲ କୋଠା ଏତେ ଜରାଜୀର୍ଣ୍ଣ ଯେ ଯେକୌଣସି ସମୟରେ ଏକ ବଡ଼ ଦୁର୍ଘଟଣା ଘଟିପାରେ । ଛାତରୁ ଲଗାତାର ପ୍ଲାଷ୍ଟର ଖସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଡ଼ୁଛି, କାନ୍ଥରେ ଗଭୀର ଫାଟ ଅଛି ଏବଂ ବର୍ଷା ଋତୁରେ ୱାର୍ଡ ଭିତରକୁ ପାଣି ଗଳୁଛି । ଏହା ସତ୍ତ୍ୱେ ସେଠାରେ ରୋଗୀମାନଙ୍କୁ ଚିକିତ୍ସା କରାଯାଉଛି, ଗର୍ଭବତୀ ମହିଳାଙ୍କୁ ଭର୍ତ୍ତି କରାଯାଉଛି ଏବଂ ପିଲାମାନଙ୍କୁ ସେଠାରେ ରଖାଯାଇଛି । ସେ ଏହାକୁ ଲୋକଙ୍କ ଜୀବନ ପ୍ରତି ଏକ ସ୍ପଷ୍ଟ ବିପଦ ବୋଲି ବର୍ଣ୍ଣନା କରିଥିଲେ ।

ସରକାରଙ୍କ ଲିଖିତ ଉତ୍ତର ଉପରେ ଅସନ୍ତୋଷ ପ୍ରକାଶ କରି ମୈଥିଳୀ କହିଛନ୍ତି, ମୁଁ ଏହି ଉତ୍ତରରେ ଆଦୌ ସନ୍ତୁଷ୍ଟ ନୁହେଁ । ଏଥିରେ ଲେଖାଯାଇଛି ଯେ କୋଠାଟି ଭଲ ଅବସ୍ଥାରେ ଅଛି, କେବଳ ମରାମତି ଆବଶ୍ୟକ । କିନ୍ତୁ ମୁଁ ନିଜ ଆଖିରେ ଦେଖିଛି ଯେ ଅବସ୍ଥା କେତେ ଖରାପ । ହସ୍ପିଟାଲରେ ଏକ ଛୋଟ କୋଠରୀରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି, ଏବଂ ବର୍ତ୍ତମାନ ଡ୍ୟୁଟିରେ କୌଣସି MBBS ଡାକ୍ତର ନାହାନ୍ତି । ପୂର୍ବରୁ ଦୁଇଜଣ ଡାକ୍ତର ଥିଲେ, କିନ୍ତୁ ଏବେ ଉଭୟ ଉପଲବ୍ଧ ନାହାନ୍ତି ।

ପ୍ରତିବର୍ଷ ସ୍ୱାସ୍ଥ୍ୟ ବଜେଟ ବୃଦ୍ଧି କରାଯାଉଥିବା ବେଳେ ହସ୍ପିଟାଲଗୁଡ଼ିକର ଅବସ୍ଥା କାହିଁକି ଉନ୍ନତ ହୋଇନାହିଁ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି, ଡାକ୍ତର ଏବଂ ଔଷଧର ଅଭାବ ଏକ ସମସ୍ୟା, କିନ୍ତୁ ଏକ ବଡ଼ ବିପଦ ହେଉଛି ଭଙ୍ଗା କୋଠା, ଯାହା ଯେକୌଣସି ସମୟରେ ଭୁଶୁଡ଼ି ପଡ଼ିପାରେ । ସେ ସରକାରଙ୍କୁ ପଚାରିଥିଲେ ଯେ କେବଳ ଏକ ବଡ଼ ଦୁର୍ଘଟଣା ପରେ ନୂତନ କୋଠା ନିର୍ମାଣ କରାଯିବ କି ?

ସ୍ୱାସ୍ଥ୍ୟମନ୍ତ୍ରୀ ଏହାର ଉତ୍ତର ଦେଇ କହିଛନ୍ତି ଯେ, ସରକାର ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଉଛନ୍ତି । ଅନେକ ହସ୍ପିଟାଲ ପାଇଁ ନୂତନ କୋଠା ମଞ୍ଜୁର ହୋଇଛି ଏବଂ କିଛି ସ୍ଥାନରେ କାମ ଚାଲିଛି । ଅତ୍ୟନ୍ତ କ୍ଷୟକ୍ଷତି କୋଠା ଚିହ୍ନଟ କରାଯାଇଛି ଏବଂ ମରାମତି ଯୋଜନା ପ୍ରସ୍ତୁତ କରାଯାଇଛି । ମୈଥିଳୀ ଏହି ଉତ୍ତରରେ ସନ୍ତୁଷ୍ଟ ନ ଥିଲେ । ସେ ତୁରନ୍ତ କହିଥିଲେ, ତାଙ୍କ ହସ୍ପିଟାଲ ବହୁ ବର୍ଷ ଧରି ତାଲିକାରେ ଅଛି, କିନ୍ତୁ ମରାମତି ଆରମ୍ଭ ହୋଇନାହିଁ କିମ୍ବା ନୂତନ କୋଠା ନିର୍ମାଣ ହୋଇନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ବିଷୟ ଉପରେ ବାରମ୍ବାର ପ୍ରଶ୍ନ ପଚାରିବା ପରେ ଗୃହର ପରିବେଶ ଉଷ୍ଣ ହୋଇଗଲା । ବିରୋଧୀ ବିଧାୟକମାନେ ସମର୍ଥନରେ ଡେସ୍କ ବାଡ଼େଇଥିଲେ । ଶାସକ ଦଳ ଅସନ୍ତୁଷ୍ଟ ନଜର ଆସିଥିଲେ । ବିଧାନସଭାରେ ପ୍ରଥମ ଥର ପାଇଁ ଭାଷଣ ଦେଇ, ମୈଥିଳୀ ଠାକୁର ମଧ୍ୟ ଖୋଲାଖୋଲି ଭାବରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କ ଅନୁପସ୍ଥିତି ଉପରେ ଆଲୋଚନା କରିଥିଲେ ।

ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (SIR) ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟ ସବୁ ରାଜ୍ୟ ସରକାରଙ୍କୁ ଏକ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, SIR ପ୍ରକ୍ରିୟାରେ କୌଣସି ପ୍ରକାର ବାଧା ସୃଷ୍ଟି କଲେ ତାହା ବର୍ଦ୍ଦାସ୍ତ କରାଯିବ ନାହିଁ । ଏଥିସହିତ ପଶ୍ଚିମବଙ୍ଗରେ ଏହି ପ୍ରକ୍ରିୟା ଶେଷ କରିବାର ସମୟସୀମାକୁ ଫେବୃଆରୀ ୧୪ ରୁ ଆଉ ଏକ ସପ୍ତାହ ବୃଦ୍ଧି କରାଯାଇଛି ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ବାଚନ କମିଶନଙ୍କ SIR ପ୍ରକ୍ରିୟା ଏବଂ ହଜାର ହଜାର 'ମାଇକ୍ରୋ-ଅବଜରଭର' ନିଯୁକ୍ତିକୁ ବିରୋଧ କରି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ରାଜ୍ୟ ସରକାର ଏହି ପ୍ରକ୍ରିୟାରେ ଅନିୟମିତତା ହେଉଥିବା ଅଭିଯୋଗ କରିଥିଲେ । ଅପରପକ୍ଷରେ, ନିର୍ବାଚନ କମିଶନ ଅଭିଯୋଗ କରିଥିଲେ ଯେ ରାଜ୍ୟ ସରକାର କାର୍ଯ୍ୟରେ ସହଯୋଗ କରୁନାହାଁନ୍ତି ।

ଶୁଣାଣି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ବେଞ୍ଚ ପଶ୍ଚିମବଙ୍ଗ ସରକାରଙ୍କୁ କିଛି କଠୋର ପ୍ରଶ୍ନ ପଚାରିଥିଲେ । କୋର୍ଟ ପଚାରିଥିଲେ ଯେ ୮,୦୦୦ ରୁ ଅଧିକ ଗ୍ରୁପ୍-ବି ଅଧିକାରୀଙ୍କ ନାମ ପଠାଇବାରେ ରାଜ୍ୟ ସରକାର କାହିଁକି ବିଳମ୍ବ କଲେ ?

"ଫେବୃଆରୀ ୪ରେ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଫେବୃଆରୀ ୭ ତାରିଖ ମଧ୍ୟରାତ୍ରିରେ ଇମେଲ୍ ମାଧ୍ୟମରେ ନାମ କାହିଁକି ପଠାଗଲା ?" ବୋଲି ପ୍ରଧାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଚାରପତି ସିଧାସଳଖ ପ୍ରଶ୍ନ କରିଥିଲେ ।

ନିର୍ବାଚନ କମିଶନ କୋର୍ଟଙ୍କୁ ଜଣାଇଛନ୍ତି ଯେ ସେମାନେ ପାଞ୍ଚଟି ଚିଠି ଲେଖିବା ସତ୍ତ୍ୱେ ରାଜ୍ୟ ସରକାର ଆବଶ୍ୟକ କର୍ମଚାରୀ ଯୋଗାଇ ନଥିଲେ । ଫଳରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସେମାନେ ନିଜସ୍ୱ ମାଇକ୍ରୋ-ଅବଜରଭର ନିଯୁକ୍ତ କରିବାକୁ ବାଧ୍ୟ ହୋଇଥିଲେ ।

ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭୀ ଏବଂ ଶ୍ୟାମ ଦିଓ୍ୱାନ କହିଛନ୍ତି ଯେ, ନିର୍ବାଚନ କମିଶନ ପୂର୍ବରୁ ଗ୍ରୁପ୍-ବି ଅଧିକାରୀଙ୍କ ପାଇଁ କୌଣସି ଅନୁରୋଧ କରିନଥିଲେ । ବର୍ତ୍ତମାନ ରାଜ୍ୟ ସରକାର ୮,୫୦୫ ଜଣ ଅଧିକାରୀଙ୍କ ନାମ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ।

ତେବେ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ପାଇଁ SIR ଅତ୍ୟନ୍ତ ଜରୁରୀ ଏବଂ ଏଥିରେ କୌଣସି ଅବହେଳାକୁ ଗ୍ରହଣ କରାଯିବ ନାହିଁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର "ପରୀକ୍ଷା ପେ ଚର୍ଚ୍ଚା"ର ଦ୍ୱିତୀୟ ଅଧିବେଶନରେ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ । ସେ ଦେଶର ବିଭିନ୍ନ ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ସହିତ କଥା ହୋଇଥିଲେ ଏବଂ ସେମାନଙ୍କର ପରୀକ୍ଷା ସମ୍ବନ୍ଧୀୟ ସମସ୍ୟା ଏବଂ ଚ୍ୟାଲେଞ୍ଜଗୁଡ଼ିକ ଶୁଣିଥିଲେ । ସେ ଏହି ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିବା ପାଇଁ ସମାଧାନର ବାଟ ମଧ୍ୟ କହିଥିଲେ । "ପରୀକ୍ଷା ପେ ଚର୍ଚ୍ଚା"ର ପ୍ରଥମ ଏପିସୋଡ୍ ଫେବୃଆରୀ ୬ ରେ ପ୍ରସାରିତ ହୋଇଥିଲା ।

ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "ଏକ ଷ୍ଟାର୍ଟଅପ୍ ଆରମ୍ଭ କରିବା ପାଇଁ ଆପଣଙ୍କୁ ୨୫ ବର୍ଷ ବୟସ ହେବା ଆବଶ୍ୟକ ନାହିଁ । ଆପଣ ଯେକୌଣସି ସମୟରେ ଗୋଟିଏ ଆରମ୍ଭ କରିପାରିବେ । ଛାତ୍ରୀଛାତ୍ରମାନେ ଶିଳ୍ପ ବୃତ୍ତିଗତଙ୍କ ସହ କଥା ହେବା ଉଚିତ ଏବଂ ସେମାନେ କିପରି କାମ କରନ୍ତି ତାହା ବୁଝିବା ଉଚିତ ।" ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆହୁରି ମଧ୍ୟ କହିଛନ୍ତି, ମୁଁ 'ପରୀକ୍ଷା ପେ ଆଲୋଚନା' ମାଧ୍ୟମରେ ବହୁ ବର୍ଷ ଧରି ଦଶମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଆସୁଛି । ମୁଁ ସେମାନଙ୍କଠାରୁ ଶିଖିବା ପାଇଁ ସେମାନଙ୍କ ସହିତ କଥା ହୁଏ । ସେ ଆହୁରି ମଧ୍ୟ କହିଛନ୍ତି ଯେ ତାମିଲନାଡୁର ଛାତ୍ରୀଛାତ୍ରଙ୍କ ଶକ୍ତି ଏବଂ କୌତୁହଳ ତାଙ୍କୁ ବହୁତ ପ୍ରଭାବିତ କରିଛି ।

ପ୍ରଧାନମନ୍ତ୍ରୀ ମୋଦି ବ୍ୟାଖ୍ୟା କରିଥିଲେ ଯେ ଯେତେବେଳେ ସେ ଲୋକଙ୍କୁ ଭେଟିଥାନ୍ତି, ସେମାନେ ଷ୍ଟାର୍ଟଅପ୍ ବିଷୟରେ କଥା ହୁଅନ୍ତି । ପ୍ରଥମେ, ଆପଣଙ୍କୁ ଜାଣିବା ଆବଶ୍ୟକ ଯେ ଆପଣ କ'ଣ କରିବାକୁ ଚାହୁଁଛନ୍ତି । ଉଦାହରଣ ସ୍ୱରୂପ, କିଛି ଷ୍ଟାର୍ଟଅପ୍ ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ ଦିଅନ୍ତି । ଯଦି ଆପଣଙ୍କ ବନ୍ଧୁମାନେ ବିଭିନ୍ନ କ୍ଷେତ୍ରରେ ବିଶେଷଜ୍ଞ, ତେବେ ଆପଣ ସେମାନଙ୍କ ସହିତ ଏକ ଛୋଟ ଷ୍ଟାର୍ଟଅପ୍ ଆରମ୍ଭ କରିପାରିବେ ।

ପ୍ରଧାନମନ୍ତ୍ରୀ ମୋଦି ପିଲାମାନଙ୍କୁ କହିଥିଲେ ଯେ ଜୀବନରେ ଶୃଙ୍ଖଳା ଅତ୍ୟନ୍ତ ଜରୁରୀ । ଏହା ପ୍ରେରଣା ପାଇଁ କେକ୍ ଉପରେ ଆଇସିଂ ଭାବରେ କାର୍ଯ୍ୟ କରେ । ଶୃଙ୍ଖଳା ବିନା, କୌଣସି ପରିମାଣର ପ୍ରେରଣା ବୋଝ ହୋଇ ନଥାଏ ଏବଂ ହତାଶା ଆଡ଼କୁ ନେଇଯାଏ । ଅଧ୍ୟୟନ ଏବଂ ଆପଣଙ୍କର ଆଗ୍ରହକୁ ପୃଥକ ଭାବରେ ବିବେଚନା କରାଯିବା ଉଚିତ୍ ନୁହେଁ । ଉଦାହରଣ ସ୍ୱରୂପ, ଯଦି ଆପଣ କଳାରେ ଆଗ୍ରହୀ ଏବଂ ବିଜ୍ଞାନରେ କୌଣସି ବିଷୟ ଅଧ୍ୟୟନ କରୁଛନ୍ତି, ତେବେ ଆପଣ ଏହା ସହିତ ଜଡିତ ଏକ ଚିତ୍ର ଆଙ୍କିବା ଆରମ୍ଭ କରିପାରିବେ । ଏହିପରି, ଆପଣ ଉଭୟ ଅଭ୍ୟାସ କରିପାରିବେ ।

ନୂଆଦିଲ୍ଲୀ,୯।୨: ସୁନା ମୂଲ୍ୟରେ ହ୍ରାସ ଧାରା ଜାରି ରହିଛି । ନୂତନ ସପ୍ତାହର ପ୍ରଥମ ଦିନ, ଫେବୃଆରୀ ୯ ତାରିଖ ସୋମବାର ସକାଳେ, ରାଜଧାନୀ ଦିଲ୍ଲୀରେ ୨୪କ୍ୟାରେଟ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୧୫୬,୭୪୦କୁ ହ୍ରାସ ପାଇଛି । ମୁମ୍ବାଇରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୂଲ୍ୟ ପ୍ରତି ୧୦ ଗ୍ରାମ ୧୫୬.୫୯୦ ରେ ପହଞ୍ଚିଛି । ଗୋଟିଏ ସପ୍ତାହରେ, ୨୪ କ୍ୟାରେଟ ସୁନା ୩,୯୮୦ଟଙ୍କା ହ୍ରାସ ପାଇଛି । ଏହି ସମୟରେ, ୨୨ କ୍ୟାରେଟ ସୁନାର ମୂଲ୍ୟ ୩,୬୫୦ ଟଙ୍କା ହ୍ରାସ ପାଇଛି । ଅନ୍ତର୍ଜାତୀୟ ବଜାରରେ ସୁନାର ମୂଲ୍ୟ ପ୍ରତି ଆଉନ୍ସ $୪୮୮୭.୩୦ ରେ ପହଞ୍ଚିଛି ।

ବର୍ଷ ଶେଷ ସୁଦ୍ଧା, ସୁନାର ମୂଲ୍ୟ ପ୍ରତି ଆଉନ୍ସ $୬୩୦୦ ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଏହା କେନ୍ଦ୍ରୀୟ ବ୍ୟାଙ୍କ ଏବଂ ନିବେଶକଙ୍କ ଚାହିଦା ଯୋଗୁ ହୋଇଛି । ଏକ ଆକଳନ ଅନୁଯାୟୀ, ୨୦୨୬ରେ କେନ୍ଦ୍ରୀୟ ବ୍ୟାଙ୍କ ସୁନା କ୍ରୟ ୮୦୦ ଟନରେ ପହଞ୍ଚିପାରେ ।

ଆଉ ଏକ ମୂଲ୍ୟବାନ ଧାତୁ, ରୂପା, ମଧ୍ୟ ତୀବ୍ର ହ୍ରାସ ପାଇଛି । ୯ ଫେବୃଆରୀ ସକାଳେ ରୂପାର ମୂଲ୍ୟ ପ୍ରତି କିଲୋଗ୍ରାମ ୨୮୪,୯୦୦ ରେ ପହଞ୍ଚିଥିଲା । ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ରୂପା ୬୫,୦୦୦ ଟଙ୍କା ହ୍ରାସ ପାଇଛି । ଜାନୁଆରୀ ୩୦ରେ ରୂପାର ମୂଲ୍ୟ ୪ ଲକ୍ଷ ଟଙ୍କାରେ ପହଞ୍ଚିଥିଲା । ବିଦେଶୀ ବଜାରରେ ସ୍ପଟ ମୂଲ୍ୟ ଆଉନ୍ସ ପ୍ରତି $୭୪ ପର୍ଯ୍ୟନ୍ତ ପହଞ୍ଚିଛି ।

ଦିଲ୍ଲୀରେ, ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୧୫୬,୭୪୦ ଟଙ୍କା । ୨୨ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୧୪୩,୬୯୦ ଟଙ୍କା । ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତାରେ, ୨୨ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୧୪୩,୫୪୦ ଟଙ୍କା । ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୧୫୬,୫୯୦ ଟଙ୍କା । ପୁଣେ ଏବଂ ବେଙ୍ଗାଲୁରୁରେ, ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପାଇଁ ୧୫୬,୫୯୦ ଟଙ୍କା ଏବଂ ୨୨ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପାଇଁ ୧୪୩,୫୪୦ ଟଙ୍କା ରହିଛି ।

ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ସମ୍ପ୍ରତି ପିଓକେର ମାଟିରୁ 'କଶ୍ମୀର ପାକିସ୍ତାନ ହେବ' ସ୍ଲୋଗାନ ଦେଇଥିଲେ । ମଞ୍ଚ ପ୍ରସ୍ତୁତ ଥିଲା, କରତାଳି ହୋଇଥିଲା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବଂ ଇସଲାମାବାଦ ଅନୁଭବ କରିଥିଲା ଯେ ଏହା ଏକ କୂଟନୈତିକ ଲାଭ ପାଇଛି । କିନ୍ତୁ ତା'ପରେ ଆମେରିକା ନୀରବରେ ଏକ ଇଙ୍ଗିତ କଲା ଯାହା ପାକିସ୍ତାନର ସମସ୍ତ ବାକଚାତୁରୀକୁ ଧୂଳିସାତ କଲା । ପ୍ରଭାବରେ, ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା ଘୋଷଣା କରାଯାଇଥିଲା । ଏହା ସହିତ, ଆମେରିକା ଭାରତର ଏକ ସରକାରୀ ମାନଚିତ୍ର ପ୍ରକାଶ କଲା, ଯାହା ପ୍ରକୃତ ବାର୍ତ୍ତା ପାଲଟିଲା । ଏହି ମାନଚିତ୍ରରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ସମେତ ସମଗ୍ର ଜମ୍ମୁ ଏବଂ କଶ୍ମୀରକୁ ଭାରତର ଅଂଶ ଭାବରେ ଦର୍ଶାଯାଇଥିଲା ।

କେବଳ ଏତିକି ନୁହେଁ, ଚାଇନା ବର୍ଷ ବର୍ଷ ଧରି ଅବୈଧ ଭାବରେ ଦଖଲ କରିଆସୁଥିବା ଅକ୍ସାଇ ଚାଇନକୁ ମଧ୍ୟ ଭାରତୀୟ ମାନଚିତ୍ରରେ ସ୍ପଷ୍ଟ ଭାବରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହାକୁ ଏକ ବୈଷୟିକ ତ୍ରୁଟି କିମ୍ବା ଗ୍ରାଫିକ ଡିଜାଇନ ଭୁଲ ଭାବରେ ବିବେଚନା କରାଯାଇପାରିବ ନାହିଁ । ଏହା ପାକିସ୍ତାନ ଏବଂ ଚାଇନା ଉଭୟଙ୍କ ପାଇଁ ଏକ ସିଧାସଳଖ କୂଟନୈତିକ ବାର୍ତ୍ତା । ଶାହବାଜ ସରିଫ 'କାଶ୍ମୀର ସଂହତି ଦିବସ'ରେ ପିଓକେ ବିଧାନସଭାରେ ଭାଷଣ ଦେଉଥିଲେ, କହିଥିଲେ ଯେ 'କଶ୍ମୀର ହେଉଛି ପାକିସ୍ତାନର ଗଳାଶିରା ।' କିନ୍ତୁ ସେହି ସମୟରେ, ଆମେରିକା ଏକ ମାନଚିତ୍ର ପ୍ରକାଶ କରେ ଯେ ଏହା ଗଳାଶିରା ନୁହେଁ, ବରଂ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଭାରତ ସର୍ବଦା ଜମ୍ମୁ-କଶ୍ମୀର ଏବଂ ଲଦାଖ ଭାରତର ଅଂଶ ଥିଲା, ଅଛି ଏବଂ ରହିବ । ବର୍ତ୍ତମାନ, ଆମେରିକାର ଏହି ପଦକ୍ଷେପ ପାକିସ୍ତାନର କଶ୍ମୀରକୁ 'ବିବାଦୀୟ' ଅଞ୍ଚଳ ଭାବରେ ଚିତ୍ରଣ କରି ପ୍ରତ୍ୟେକ ଅନ୍ତର୍ଜାତୀୟ ମଞ୍ଚରେ ପ୍ରଚାର କରିବାର ଦୀର୍ଘକାଳୀନ ରଣନୀତିକୁ ଏକ ଆଘାତ ଦେଇଛି ।

ଏହି ମାନଚିତ୍ରରେ ଅକ୍ସାଇ ଚାଇନାକୁ ଭାରତର ଅଂଶ ଭାବରେ ଚିତ୍ରଣ କରିବା ମଧ୍ୟ ଚାଇନା ପାଇଁ ଏକ ବଡ଼ ଆଘାତ । ଚାଇନା ବର୍ଷ ବର୍ଷ ଧରି ଏହି ଅଞ୍ଚଳକୁ ଦାବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଆସୁଛି, ଯେତେବେଳେ ଭାରତ ଏହାକୁ ଅବୈଧ ଦଖଲ ବୋଲି କହୁଛି । ପ୍ରଥମ ଥର ପାଇଁ, ଆମେରିକା ଭାରତର ଆଞ୍ଚଳିକ ସାର୍ବଭୌମତ୍ୱକୁ ଏତେ ସ୍ପଷ୍ଟ ଭାବରେ ପ୍ରଦର୍ଶନ କରିଛି, ଏବଂ ତାହା ମଧ୍ୟ ଏପରି ସମୟରେ ଯେତେବେଳେ ଭାରତ ଏବଂ ଆମେରିକା ସମ୍ପର୍କ ପୁନଃସ୍ଥାପନ କରୁଛନ୍ତି ।

ସାମ୍ପ୍ରତିକ ମାସ ଗୁଡ଼ିକରେ, ପାକିସ୍ତାନ ଆମେରିକାରେ ପ୍ରବଳ ଲବି କରିଛି । ସେନା ମୁଖ୍ୟ ଅସୀମ ମୁନିରଙ୍କ ୱାଶିଂଟନକୁ ବାରମ୍ବାର ଗସ୍ତ, ଟ୍ରମ୍ପଙ୍କ ସହ ବୈଠକ ଏବଂ ମଧ୍ୟାହ୍ନ ଭୋଜନ କୂଟନୀତି ସବୁ କରାଯାଇଛି । କିନ୍ତୁ ଫଳାଫଳ କ'ଣ ହୋଇଛି ? ଗୋଟିଏ ଚିତ୍ର ପାକିସ୍ତାନର ସମଗ୍ର କୂଟନୀତିକୁ ନଷ୍ଟ କରିଦେଇଛି ।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଏବେ ଜିନିଷଗୁଡ଼ିକ ସ୍ପଷ୍ଟ ହୋଇ ଯାଇଛି । ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ସୋସିଆଲ ମିଡିଆ ପ୍ଲାଟଫର୍ମ X ରେ ପୋଷ୍ଟ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଣ୍ଣାୟକ ନେତୃତ୍ୱରେ ଭାରତ ଆମେରିକା ସହିତ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ପାଇଁ ଢାଞ୍ଚା ପ୍ରସ୍ତୁତ କରିଛି । ଏକ ମିଳିତ ବିବୃତ୍ତିରେ, ଦୁଇ ଦେଶ କହିଛନ୍ତି ଯେ ଆମେରିକା ଏବଂ ଭାରତ ଖୁବଶୀଘ୍ର ଏହି ଢାଞ୍ଚା କାର୍ଯ୍ୟକାରୀ କରିବେ । ଉଭୟ ଦେଶ ଏହାକୁ ସେମାନଙ୍କର ସହଭାଗୀତାରେ ଏକ ଐତିହାସିକ ମାଇଲଖୁଣ୍ଟ ଭାବରେ ବର୍ଣ୍ଣନା କରିଛନ୍ତି ।

କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ ଏହା ଭାରତୀୟ ରପ୍ତାନିକାରୀ, ବିଶେଷକରି MSME, ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ପାଇଁ ୩୦ ଟ୍ରିଲିୟନ ଡଲାରର ଏକ ବିଶାଳ ବଜାରର ଦ୍ୱାର ଖୋଲିବ । ରପ୍ତାନି ବୃଦ୍ଧି ମହିଳା ଏବଂ ଯୁବକମାନଙ୍କ ପାଇଁ ଲକ୍ଷ ଲକ୍ଷ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହି ଢାଞ୍ଚା ଅନୁଯାୟୀ, ଆମେରିକା ଭାରତୀୟ ସାମଗ୍ରୀ ଉପରେ ପାରସ୍ପରିକ ଟାରିଫ୍‌କୁ ୧୮% କୁ ହ୍ରାସ କରିବ, ଯାହା କପଡ଼ା, ଚମଡା, ପାଦୁକା, ପ୍ଲାଷ୍ଟିକ ଏବଂ ରବର ଉତ୍ପାଦ, ଜୈବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାସାୟନିକ ପଦାର୍ଥ, ଗୃହ ସାଜସଜ୍ଜା, ହସ୍ତଶିଳ୍ପ ଏବଂ ଚୟନିତ ଯନ୍ତ୍ରପାତି ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଭାରତୀୟ ଉତ୍ପାଦଗୁଡ଼ିକୁ ବିଶ୍ୱର ସର୍ବବୃହତ ଅର୍ଥନୀତିର ଏକ ବୃହତ ବଜାରରେ ଯୋଗାଇବ ।

ସେ କହିଥିଲେ ଯେ ଜେନେରିକ ଔଷଧ, ମଣି ଏବଂ ହୀରା, ଏବଂ ବିମାନ ଉପାଦାନ ସମେତ ଅନେକ ସାମଗ୍ରୀ ଉପରେ ଟାରିଫ୍ ଶୂନ୍ୟ କରାଯିବ, ଯାହା ଭାରତର ରପ୍ତାନି ପ୍ରତିଯୋଗିତା ଏବଂ ମେକ ଇନ ଇଣ୍ଡିଆ ପଦକ୍ଷେପକୁ ଆହୁରି ସୁଦୃଢ଼ କରିବ । ସେ କହିଥିଲେ ଯେ ଏହି ଚୁକ୍ତିନାମା କୃଷକଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ଗ୍ରାମୀଣ ଜୀବିକାକୁ ବଜାୟ ରଖିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ ।

ଭାରତ ପାଇଁ ଏକ ବଡ଼ ଖୁସି ଖବର ସାମ୍ନାକୁ ଆସିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହୋଇଥିବା ଟ୍ୟାରିଫ୍ ବା ଆମଦାନୀ ଶୁଳ୍କକୁ ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିବା ପାଇଁ ଘୋଷଣା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନରେ ଆଲୋଚନା କରିବା ପରେ ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ୍'ରେ ଏହି ଐତିହାସିକ ବାଣିଜ୍ୟ ଚୁକ୍ତି ବିଷୟରେ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜଣେ ଶକ୍ତିଶାଳୀ ନେତା ତଥା ନିଜର ଘନିଷ୍ଠ ବନ୍ଧୁ ଭାବେ ବର୍ଣ୍ଣନା କରି ଟ୍ରମ୍ପ କହିଛନ୍ତି ଯେ, ଏଣିକି ଭାରତ ରୁଷଠାରୁ ଆଉ ତେଲ କିଣିବ ନାହିଁ । ଏହା ବଦଳରେ ଭାରତ ଏବେ ଆମେରିକା ଏବଂ ଭେନେଜୁଏଲାରୁ ଅଧିକ ପରିମାଣର ଅଶୋଧିତ ତୈଳ ଆମଦାନୀ କରିବ ବୋଲି ସେ ସୂଚନା ଦେଇଛନ୍ତି ।

ଏହି ପଦକ୍ଷେପ ରୁଷ-ୟୁକ୍ରେନ ଯୁଦ୍ଧକୁ ଶେଷ କରିବାରେ ବଡ଼ ସହାୟକ ହେବ ବୋଲି ଟ୍ରମ୍ପ ଆଶା ପ୍ରକାଶ କରିଛନ୍ତି । ଏହା ସହିତ ଭାରତ ମଧ୍ୟ ଆମେରିକୀୟ ସାମଗ୍ରୀ ଉପରେ ଥିବା ଟ୍ୟାରିଫକୁ 'ଶୂନ୍ୟ' କରିବା ସହ ପ୍ରାୟ ୫୦୦ ବିଲିୟନ ଡଲାରର ଶକ୍ତି ଓ କୃଷିଜାତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦ୍ରବ୍ୟ ଆମେରିକାରୁ କିଣିବାକୁ ପ୍ରତିଶୃତି ଦେଇଛି ।

ଉତ୍ତର ପ୍ରଦେଶର ରାମପୁର ଜିଲାରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯାହା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଆଜିମନଗର ଥାନା ଅଞ୍ଚଳ ଅନ୍ତର୍ଗତ କୁମ୍ଭାରିଆ ଗାଁରେ, ବିବାହର କିଛି ଘଣ୍ଟା ପରେ କନ୍ୟା ମା' ହେବା ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ବିବାହ ରୀତିନୀତି ଠିକ ଭାବରେ ସମାପ୍ତ ହୋଇ ନଥିଲା ବେଳେ ଘରେ ଏକ ଶିଶୁ କାନ୍ଦଣାର ଶବ୍ଦ ପ୍ରତିଧ୍ୱନିତ ହୋଇଥିଲା । ଏହି ଦୃଶ୍ୟ ବର ପରିବାରଠାରୁ ଆରମ୍ଭ କରି ଗାଁ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା । ଏହି ଘଟଣାଟି ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି ଏବଂ ଲୋକମାନେ ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଉଛନ୍ତି ।

ରିପୋର୍ଟ ଅନୁସାରେ, କୁମ୍ଭାରିଆ ଗାଁର ବାସିନ୍ଦା ରିଜୱାନ ବାହାଦୁରଗଞ୍ଜ ଗାଁର ଜଣେ ମହିଳାଙ୍କ ସହିତ ବିବାହ କରିଥିଲେ । ଜଣାପଡୁଛି ଯେ ଦୁହେଁ ପରସ୍ପରକୁ କିଛି ସମୟ ଧରି ଜାଣିଥିଲେ ଏବଂ କିଛି ସମୟ ଧରି ସମ୍ପର୍କରେ ଥିଲେ । ପରିବାର ମଧ୍ୟରେ ଆଲୋଚନା ଚାଲିଥିଲା, କିନ୍ତୁ ମାମଲା ପୋଲିସ ପାଖରେ ପହଞ୍ଚିଥିଲା । କିଛି ଦିନ ପୂର୍ବରୁ ମହିଳା ଜଣଙ୍କ ଆଜିମନଗର ଥାନା ଅଞ୍ଚଳ ଅନ୍ତର୍ଗତ ମୁରସାଇନା ପୋଲିସ ଷ୍ଟେଶନକୁ ଯାଇ ବିବାହ କରିବାକୁ ଦାବି କରିଥିଲେ । ଏହା ପରେ, ପୋଲିସ ଏବଂ ଗାଁ ମୁଖିଆଙ୍କ ଉପସ୍ଥିତିରେ ଦୁଇ ପକ୍ଷ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ବିବାହ ତାରିଖ ସ୍ଥିର କରାଯାଇଥିଲା ।

୨୪ ଜାନୁଆରୀ ସନ୍ଧ୍ୟାରେ ରିଜୱାନ କିଛି ଲୋକଙ୍କ ସହିତ ବାହାଦୁରଗଞ୍ଜ ଗାଁରେ ପହଞ୍ଚିଲେ । ସମସ୍ତ ପାରମ୍ପରିକ ବିବାହ ରୀତିନୀତି ସମ୍ପର୍ଣ୍ଣ ହୋଇଥିଲା ଏବଂ ବିଳମ୍ବିତ ରାତିରେ ବର କନ୍ୟାକୁ ଘରକୁ ଆଣିଥିଲେ । ବିବାହ ଉତ୍ସବ ଚାଲିଥିଲା, କିନ୍ତୁ ମଧ୍ୟରାତ୍ରି ସମୟରେ କନ୍ୟା ହଠାତ୍ ପ୍ରବଳ ପେଟ ଯନ୍ତ୍ରଣା ଅନୁଭବ କଲେ । ଯନ୍ତ୍ରଣା ଏତେ ତୀବ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲା ଯେ ଏହା ଘରେ ଆତଙ୍କ ସୃଷ୍ଟି କରିଥିଲା । ତୁରନ୍ତ ଜଣେ ସ୍ଥାନୀୟ ମହିଳା ଡାକ୍ତରଙ୍କୁ ଡକାଯାଇଥିଲା, ଯିଏ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇଥିଲେ ।

୨୫ ଜାନୁଆରୀ ସକାଳେ ଯାହା ଘଟିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା । ହଠାତ ଘରେ ଏକ ନବଜାତ ଶିଶୁ କାନ୍ଦିବାର ଶବ୍ଦ ଶୁଣାଗଲା । ଖୁବଶୀଘ୍ର, ଏହା ସ୍ପଷ୍ଟ ହୋଇଗଲା ଯେ କନ୍ୟା ଏକ ସୁସ୍ଥ ଶିଶୁକନ୍ୟା ଜନ୍ମ ଦେଇଛନ୍ତି । ବିବାହର କିଛି ଘଣ୍ଟା ପରେ, ମା' ହେବା ଖବର ସାରା ଗାଁରେ ନିଆଁ ପରି ବ୍ୟାପିଗଲା । ସକାଳ ସୁଦ୍ଧା, ନିକଟବର୍ତ୍ତୀ ଅଞ୍ଚଳରୁ ଲୋକମାନେ ଏହି ଅନନ୍ୟ ଘଟଣା ଦେଖିବା ଏବଂ ଶୁଣିବା ପାଇଁ ପହଞ୍ଚିବାକୁ ଲାଗିଥିଲେ ।

ପଶ୍ଚିମବଙ୍ଗ ସରକାର ଏବଂ କର୍ମଚାରୀଙ୍କ ମଧ୍ୟରେ ମହଙ୍ଗା ଭତ୍ତା (ଡିଏ) ନେଇ ଦୀର୍ଘ ଦିନ ଧରି ଚାଲିଥିବା ବିବାଦରେ ସୁପ୍ରିମକୋର୍ଟ ଗୁରୁବାର ପ୍ରାୟ ୨୦ ଲକ୍ଷ ପଶ୍ଚିମବଙ୍ଗ ସରକାରୀ କର୍ମଚାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ୨୦୦୮ ରୁ ୨୦୧୯ ପର୍ଯ୍ୟନ୍ତ ବକେୟା ଡିଏ ପ୍ରଦାନ କରିବାକୁ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ, ପୂର୍ବ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଅନୁଯାୟୀ, ମାର୍ଚ୍ଚ ୬ ସୁଦ୍ଧା ବକେୟା ପ୍ରାପ୍ୟର ଅତି କମରେ ୨୫% ପ୍ରଦାନ କରିବାକୁ ପଡିବ ।

ରିପୋର୍ଟ ଅନୁଯାୟୀ, ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାରଙ୍କୁ କର୍ମଚାରୀମାନଙ୍କୁ ମହଙ୍ଗା ଭତ୍ତା (DA) ଆଇନଗତ ଅଧିକାର ଭାବରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, କାରଣ ଏହା ଦରମା ଗଣନା ପାଇଁ ROPA ନିୟମରେ ଅନ୍ତର୍ଭୁକ୍ତ । ୨୦୦୯-୧୯ ପର୍ଯ୍ୟନ୍ତ ବକେୟା DA କର୍ମଚାରୀମାନଙ୍କୁ ପ୍ରଦାନ କରାଯିବା ଉଚିତ । ଏଥିରେ ସମ୍ପୃକ୍ତ ଆର୍ଥିକ ପ୍ରଭାବକୁ ବିଚାର କରି, ସୁପ୍ରିମକୋର୍ଟ ପୂର୍ବତନ SC ବିଚାରପତି ଇନ୍ଦୁ ମାଲହୋତ୍ରା ଏବଂ ଦୁଇ ଅବସରପ୍ରାପ୍ତ HC ମୁଖ୍ୟ ବିଚାରପତିଙ୍କୁ ନେଇ CAG କିମ୍ବା CAG ଦ୍ୱାରା ନିଯୁକ୍ତ ଜଣେ ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଛନ୍ତି । ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କମିଟି ବଙ୍ଗଳା ରାଜ୍ୟର କର୍ମଚାରୀମାନଙ୍କୁ DA ପ୍ରଦାନ ନିର୍ଣ୍ଣୟ କରିବ ।

ମଣିପୁରରେ ଜାରି ହୋଇଥିବା ରାଷ୍ଟ୍ରପତି ଶାସନ ବୁଧବାର ହଟିବା ପରେ ଭାଜପା ନେତୃତ୍ୱାଧୀନ ମେଣ୍ଟ ନେତା ୟୁମନାମ୍ ଖେମ୍‌ଚାନ୍ଦ ସିଂ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ରାଜ୍ୟପାଳ ଅଜୟ କୁମାର ଭାଲା ଖେମ୍‌ଚନ୍ଦ ସିଂଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏଥିସହିତ ନାଗା ପିପୁଲ୍ସ ଫ୍ରଣ୍ଟ ନେତା ଏଲ୍ ଦିଖୋ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।

୨୦୨୫ ଫେବୃଆରୀରେ ଭାଜପା ନେତା ଏନ୍.ବୀରେନ୍ ସିଂ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା । ରାଜ୍ୟରେ ଲାଗି ରହିଥିବା ହିଂସା ନ ଥମିବା ଏବଂ ବିଭିନ୍ନ ଇଲାକାରେ ସ୍ଥିତି ଖରାପ ହେବା କାରଣରୁ ମୁଖ୍ୟମନ୍ତ୍ରୀଙ୍କୁ ହଟାଇବା ନେଇ ବିଭିନ୍ନ ମହଲରେ ସ୍ୱର ଉଠିଥିଲା । ଏହି କାରଣରୁ ୨୦୨୫ ଫେବୃଆରୀ ୯ରେ ବୀରେନ୍ ସିଂ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

ବ୍ଲୁ ହ୍ୱେଲ୍ ଗେମ୍ ପରେ, ଏବେ କୋରିଆନ୍ ଲଭର୍ ଗେମ୍ ଲୋକଙ୍କ ଜୀବନ ସହିତ ଖେଳିବା ଆରମ୍ଭ କରିଛି । ଏହି ଗେମ୍ ଗୁଡ଼ିକରେ ଲୋକଙ୍କୁ ଅନଲାଇନରେ ଚ୍ୟାଲେଞ୍ଜ କରାଯାଏ । ଏପର୍ଯ୍ୟନ୍ତ ବ୍ଲୁ ହ୍ୱେଲ୍ ଗେମ୍ ଯୋଗୁଁ ଅନେକ ଲୋକ ପ୍ରାଣ ହରାଇଛନ୍ତି ଏବଂ ଏବେ କୋରିଆନ୍ ଲଭର୍ ଗେମ୍ ମଧ୍ୟ ଲୋକଙ୍କ ଜୀବନ ନେବା ଆରମ୍ଭ କରିଛି । ବ୍ଲୁ ହ୍ୱେଲ୍ ଚ୍ୟାଲେଞ୍ଜ ରୁଷରୁ ଆରମ୍ଭ ହୋଇଥିଲା ଏବଂ ଏହି ଖେଳ ୨୦୧୬-୨୦୧୭ରେ ବହୁତ ଲୋକପ୍ରିୟ ହୋଇଥିଲା ।

କୋରିଆନ୍ ଗେମ୍ ଯୋଗୁଁ ଗାଜିଆବାଦରେ ରହୁଥିବା ୩ ଜଣ ଭଉଣୀଙ୍କ ଆତ୍ମହତ୍ୟାର ଏକ ମାମଲା ସାମ୍ନାକୁ ଆସିଛି । ଏହି ଘଟଣା ଗାଜିଆବାଦର ଭାରତ ସହରରୁ ଆସିଛି, ତିନି ଭଉଣୀ ୯ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି । କୋରିଆନ୍ ଲଭ୍ ଗେମ୍ ଏକ ଅନଲାଇନ୍, ଟାସ୍କ-ଭିତ୍ତିକ ଇଣ୍ଟରାକ୍ଟିଭ୍ ଗେମ୍ । କୋରିଆନ୍ ଲଭ୍ ଗେମ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ଥିମ୍- ଏବଂ ଟାସ୍କ-ଭିତ୍ତିକ ଅନଲାଇନ୍ ରୋମାଣ୍ଟିକ୍ ଖେଳ ଯେଉଁଥିରେ ଖେଳାଳିମାନେ ଏକ ଭର୍ଚୁଆଲ୍ ପାର୍ଟନରଙ୍କ ସହିତ ଇଣ୍ଟରାକ୍ଟ କରନ୍ତି । ଏହି ଗେମଟି ମୋବାଇଲ୍ ପ୍ଲାଟଫର୍ମ ଏବଂ ୱେବସାଇଟ୍‌ରେ ସହଜରେ ଉପଲବ୍ଧ ଏବଂ K-ଡ୍ରାମା ଏବଂ K-ପପ୍ ସମେତ କୋରିଆନ୍ ପପ୍ ସଂସ୍କୃତି ଉପରେ ବହୁତ ନିର୍ଭର କରେ ।

ଏକ ରିପୋର୍ଟ ଅନୁଯାୟୀ, କୋରିଆନ୍ ଲଭ୍ ଗେମ୍‌ରେ ଖେଳାଳିମାନେ ଜଣେ ଭର୍ଚୁଆଲ୍ ପାର୍ଟନର ବାଛନ୍ତି ଯିଏ କୋରିଆନ୍ ଭାଷାରେ କଥା ହୁଅନ୍ତି, ରୋମାଣ୍ଟିକ୍ ମେସେଜ୍ ପଠାନ୍ତି ଏବଂ ଦୈନନ୍ଦିନ କାର୍ଯ୍ୟ ନିଯୁକ୍ତ କରନ୍ତି । ଖେଳ ଆଗକୁ ବଢ଼ିବା ସହିତ, ଏହି କାର୍ଯ୍ୟଗୁଡ଼ିକ ଅଧିକ କଷ୍ଟକର ହୋଇଯାଏ । ପ୍ରାରମ୍ଭିକ କାର୍ଯ୍ୟଗୁଡ଼ିକ ଚାଟିଂ, ଫଟୋ ସେୟାର କରିବା କିମ୍ବା ନିରନ୍ତର କଥାବାର୍ତ୍ତାରେ ଜଡିତ ହୋଇପାରେ, ଯେତେବେଳେ ପରବର୍ତ୍ତୀ କାର୍ଯ୍ୟଗୁଡ଼ିକ ଅଧିକ ବ୍ୟକ୍ତିଗତ ଏବଂ କିଛି କ୍ଷେତ୍ରରେ ବିପଦପୂର୍ଣ୍ଣ କିମ୍ବା କ୍ଷତିକାରକ ହୋଇଯାଏ ।

ଏହି ଗେମ୍‌ଗୁଡ଼ିକ କୋରିଆନ୍ ମନୋରଞ୍ଜନ ସଂସ୍କୃତିର ଲୋକପ୍ରିୟତାକୁ ପୁଞ୍ଜି କରେ, ବ୍ୟବହାରକାରୀମାନଙ୍କୁ ଏକ ଫ୍ୟାଣ୍ଟାସିରେ ବୁଡ଼ି ରହିବାକୁ ଉତ୍ସାହିତ କରେ । ଏକ ସାମ୍ପ୍ରତିକ ଘଟଣା ପରେ, ପୋଲିସ ତଦନ୍ତରୁ ଜଣାପଡିଛି ଯେ COVID-୧୯ ମହାମାରୀ ସମୟରେ ତିନି ଭଉଣୀ ଅତ୍ୟଧିକ ଅନଲାଇନ୍ ଗେମ୍ ଖେଳୁଥିଲେ ।

ସଂସଦ ପରିସରରେ ଭାରତୀୟ ଜାତୀୟ କଂଗ୍ରେସ ନେତା ଏବଂ ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କେନ୍ଦ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁଙ୍କ ମଧ୍ୟରେ ଏକ ବିତର୍କ ଆରମ୍ଭ ହୋଇଛି । ବୁଧବାର ଭାଜପା ନେତା ରବନୀତ ସିଂହ ବିଟ୍ଟୁ ମକର ଦ୍ୱାରରେ ପ୍ରତିବାଦ କରୁଥିବା କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ପାଖ ଦେଇ ଯାଉଥିଲେ । ଏହି ସମୟରେ ରାହୁଲ କହିଥିଲେ, ଏଠାରେ ଜଣେ ବିଶ୍ୱାସଘାତକ ଯାଉଛନ୍ତି । ତାଙ୍କ ମୁହଁ ଦେଖନ୍ତୁ । ଏହାସହ ସେ ତାଙ୍କୁ ହେଲୋ ଭାଇ, ମୋର ବିଶ୍ୱାସଘାତକ ବନ୍ଧୁ । ଚିନ୍ତା କର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହିଁ, ତୁମେ ପୁଣି କଂଗ୍ରେସରେ ଫେରି ଆସିବ ବୋଲି କହିଥିଲେ । ସେତେବେଳେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ ରାହୁଲଙ୍କ ହାତ ମିଳାଇବାକୁ ମନା କରି ତାଙ୍କୁ 'ଦେଶର ଶତ୍ରୁ' ବୋଲି କହିଥିଲେ ।

ପଞ୍ଜାବ କଂଗ୍ରେସ ନେତା ଏବଂ କଂଗ୍ରେସ ଏମ୍‌ପି ଅମରିନ୍ଦର ସିଂହ ରାଜା ୱାରିଂ କହିଛନ୍ତି, ବିଟ୍ଟୁଙ୍କ ବିଷୟରେ କଥା ହେବାର ଅର୍ଥ କ'ଣ ? ବିଟ୍ଟୁ ଭାଜପା ଦୟାରେ ମନ୍ତ୍ରୀ । ରାହୁଲ ଗାନ୍ଧୀ ତାଙ୍କୁ ଯୁବ କଂଗ୍ରେସର ସଭାପତି ଏବଂ ତିନି ଥର ଏମ୍‌ପି କରିଥିଲେ । ବିଟ୍ଟୁଙ୍କୁ ପଗଡ଼ି ପିନ୍ଧିବାକୁ କିଏ ପ୍ରେରଣା ଦେଇଥିଲା ପଚରାନ୍ତୁ । ସେ ପୂର୍ବରୁ ପଗଡ଼ି ପିନ୍ଧୁ ନଥିଲେ। ସେ ନିଜେ ଏହା କୁହନ୍ତି ।

ଅନ୍ୟପକ୍ଷରେ, କେନ୍ଦ୍ର ରାଜ୍ୟ ମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗରେ କହିଛନ୍ତି, ରାହୁଲ ଗାନ୍ଧୀ ଭାବନ୍ତି ଯେ ସେ ସବୁଠାରୁ ବଡ଼ ଦେଶପ୍ରେମୀ, ତାଙ୍କ ପିତା ନିଜକୁ ବଳିଦାନ ଦେଇଥିଲେ । କଂଗ୍ରେସ ଦଳ ଏବଂ ଗାନ୍ଧୀ ପରିବାର ପଞ୍ଜାବରେ ନିଆଁ ଲଗାଇ ଦେଇଥିଲେ । ଆମର ସବୁଠାରୁ ବଡ଼ ଗୁରୁଦ୍ୱାର ସ୍ୱର୍ଣ୍ଣ ମନ୍ଦିର ଉପରେ ଗୁଳିଚାଳନା କରାଯାଇଥିଲା । ସେମାନେ ହଜାର ହଜାର ଶିଖ ଏବଂ ପଞ୍ଜାବୀଙ୍କୁ ଟାର୍ଗେଟ କରି ହତ୍ୟା କରିଥିଲେ । ଯଦି ରାଜୀବ ଗାନ୍ଧୀଙ୍କୁ 'ଶହୀଦ' କୁହାଯାଏ, ତେବେ ଆମେ ସର୍ଦ୍ଦାର ବେଅନ୍ତ ସିଂହଙ୍କୁ ମଧ୍ୟ 'ଶହୀଦ' କହିବା ଉଚିତ ।

ସୁପ୍ରିମକୋର୍ଟ ସୋସିଆଲ ମିଡିଆ ପ୍ଲାଟଫର୍ମ ହ୍ୱାଟ୍‌ସଆପ ଏବଂ ଏହାର ମୂଳ କମ୍ପାନୀ ମେଟାକୁ କଡ଼ା ଭର୍ତ୍ସନା କରିଛନ୍ତି । ମଙ୍ଗଳବାର ସୁପ୍ରିମକୋର୍ଟରେ ହ୍ୱାଟସଆପ୍‌ର ୨୦୨୧ ଗୋପନୀୟତା ନୀତି ଉପରେ ଏକ ଶୁଣାଣି ହୋଇଥିଲା । ଆରମ୍ଭରେ, କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେତା ଯୁକ୍ତି ଦେଇଥିଲେ ଯେ ହ୍ୱାଟ୍‌ସଆପର ଗୋପନୀୟତା ନୀତି "ଶୋଷଣକାରୀ" କାରଣ ଏହା କେବଳ ବ୍ୟବହାରକାରୀଙ୍କ ତଥ୍ୟ ସେୟାର କରେ ନାହିଁ ବରଂ ଏହାକୁ ବାଣିଜ୍ୟିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରେ ।

ମୁଖ୍ୟ ବିଚାରପତି (CJI) ସୂର୍ଯ୍ୟକାନ୍ତ ତୀବ୍ର ପ୍ରତିକ୍ରିୟା ଦେଇ କହିଛନ୍ତି, "ଯଦି ଆପଣ ଆମର ସମ୍ବିଧାନକୁ ପାଳନ କରିପାରିବେ ନାହିଁ, ତେବେ ଭାରତ ଛାଡିଦିଅନ୍ତୁ । ଆମେ କୌଣସି ନାଗରିକଙ୍କ ଗୋପନୀୟତାକୁ ବିପଦରେ ପକାଇବାକୁ ଦେବୁ ନାହିଁ ।" ସିଜେଆଇ ହ୍ୱାଟସଆପର ଗୋପନୀୟତା ନୀତିକୁ ଏକ ଅତି ଚତୁରତାର ସହିତ ପ୍ରସ୍ତୁତ ଡକ୍ୟୁମେଣ୍ଟ ଭାବରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ, "ତୁମର ନୀତି ଏପରି ଯେ ଜଣେ ଗରିବ ବୃଦ୍ଧା ମହିଳା, ରାସ୍ତା କଡ଼ରେ ବିକ୍ରେତା, କିମ୍ବା କେବଳ ତାମିଲ କହିପାରୁଥିବା ମହିଳା – ସେ କ'ଣ ତୁମର ଉଦ୍ଦେଶ୍ୟ ବୁଝିପାରିବେ ?

CJI ଆହୁରି କହିଛନ୍ତି, "ଆପଣ ଏଠାରେ ସେବା ପ୍ରଦାନ କରିବାକୁ ଆସିଛନ୍ତି, ତଥ୍ୟ ସଂଗ୍ରହ ଏବଂ ବାଣ୍ଟିବା ପାଇଁ ନୁହେଁ । କେତେକ ସମୟରେ ଆମକୁ ମଧ୍ୟ ଆପଣଙ୍କ ନୀତିଗୁଡ଼ିକୁ ବୁଝିବାରେ ଅସୁବିଧା ହୁଏ – ତେଣୁ ଗାଁରେ ରହୁଥିବା ଲୋକମାନେ ସେଗୁଡ଼ିକୁ କିପରି ବୁଝିବେ ?" CJI ସ୍ପଷ୍ଟ କରିଛନ୍ତି ଯେ କୋର୍ଟ ଉପଭୋକ୍ତାଙ୍କ ଗୋପନୀୟତା ଏବଂ ସୂଚିତ ସମ୍ମତି ଉପରେ କୌଣସି ସାଲିସ ଗ୍ରହଣ କରିବେ ନାହିଁ । ଶୁଣାଣି ସମୟରେ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ମଧ୍ୟ ଗମ୍ଭୀର ଚିନ୍ତା ପ୍ରକାଶ କରି କହିଥିଲେ ଯେ DPDP ଆଇନ କେବଳ ଗୋପନୀୟତାକୁ ସମ୍ବୋଧିତ କରେ, କିନ୍ତୁ ଏଠାରେ ଆମେ ବ୍ୟବହାରକାରୀଙ୍କ ଆଚରଣଗତ ପ୍ରବୃତ୍ତି ବିଷୟରେ ଚିନ୍ତିତ ।

ହ୍ୱାଟସଆପର ଓକିଲ କୋର୍ଟକୁ କହିଥିଲେ ଯେ କମ୍ପାନୀ ଏହାର ଗୋପନୀୟତା ନୀତିକୁ ଅନ୍ୟ ଦେଶ ସହିତ ସମାନ କରିଛି । ଏହା ସତ୍ତ୍ୱେ, ସୁପ୍ରିମକୋର୍ଟ ସମସ୍ତ ପକ୍ଷଙ୍କୁ ନୋଟିସ୍ ଜାରି କରିଥିଲେ ଏବଂ ମାମଲାର ଶୁଣାଣି ତିନି ଜଣିଆ ଖଣ୍ଡପୀଠ ସମ୍ମୁଖରେ ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଲଦାଖର ବିଶିଷ୍ଟ ସାମାଜିକ କର୍ମୀ ତଥା ପରିବେଶବିତ୍ ସୋନମ ୱାଙ୍ଗଚୁକଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଟକ ରଖିବା ପ୍ରସଙ୍ଗରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଏକ ସ୍ପଷ୍ଟୀକରଣ ରଖିଛନ୍ତି । ସୋମବାର ଏହି ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାର କହିଛନ୍ତି ଯେ, ୱାଙ୍ଗଚୁକଙ୍କ ଭାଷଣ ଜନସାଧାରଣଙ୍କୁ ଉତ୍ସାହିତ କରିବା ସହ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି । ବିଶେଷ କରି ସୀମାନ୍ତ ଅଞ୍ଚଳ ଭାବେ ଲଦାଖର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟା କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ୱାଙ୍ଗଚୁକ ନିଜ ଭାଷଣରେ ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଥିଲେ । ସେ ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାରେ ହୋଇଥିବା ହିଂସାତ୍ମକ ଆନ୍ଦୋଳନ ଓ ରାଜନୈତିକ ଅସ୍ଥିରତାର ଉଦାହରଣ ଦେଇ ଲଦାଖକୁ ମଧ୍ୟ ସେହି ଦିଗକୁ ଠେଲି ଦେବାକୁ ପ୍ରୟାସ କରୁଥିଲେ ।

ସରକାରଙ୍କ ଅଭିଯୋଗ ଅନୁଯାୟୀ, ୱାଙ୍ଗଚୁକ ଯୁବବର୍ଗଙ୍କୁ ନେପାଳ ଭଳି ଦଙ୍ଗା ସୃଷ୍ଟି କରିବାକୁ ପ୍ରୋତ୍ସାହିତ କରୁଥିଲେ । ସେ କେନ୍ଦ୍ର ସରକାରଙ୍କୁ 'ସେମାନେ' ଭାବେ ସମ୍ବୋଧନ କରି ସାମ୍ପ୍ରଦାୟିକ ଓ ବିଚ୍ଛିନ୍ନତାବାଦୀ ଚିନ୍ତାଧାରାକୁ ବଢ଼ାଉଥିଲେ । ଅତି ଚତୁରତାର ସହ ନିଜର ଉତ୍ତେଜନାମୂଳକ ମନ୍ତବ୍ୟ ଉପରେ ଗାନ୍ଧିବାଦୀ ବିଚାରଧାରାର ଏକ ପରଦା ଘୋଡ଼ାଇ ରଖିଥିଲେ ।

ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଜଷ୍ଟିସ୍ ପ୍ରସନ୍ନ ଭାରାଲେଙ୍କ ଖଣ୍ଡପୀଠ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳିଙ୍କ ଦ୍ୱାରା ଦାଖଲ ଆବେଦନର ଶୁଣାଣି କରୁଥିଲେ । ଗୀତାଞ୍ଜଳି ନିଜ ଆବେଦନରେ ୱାଙ୍ଗଚୁକଙ୍କୁ 'ଜାତୀୟ ସୁରକ୍ଷା ଆଇନ' (NSA) ଅଧୀନରେ ଅଟକ ରଖିବା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିଛନ୍ତି ।

କୋର୍ଟ କହିଛନ୍ତି ଯେ ଅନୁଚ୍ଛେଦ ୩୨ ଅନୁଯାୟୀ, ଜିଲା ମାଜିଷ୍ଟ୍ରେଟଙ୍କ (DM) ନିଷ୍ପତ୍ତି ଉପରେ କୋର୍ଟ ନିଜର ସନ୍ତୁଷ୍ଟି ବ୍ୟକ୍ତ କରିବେ ନାହିଁ, ବରଂ ଏହା ଦେଖିବେ ଯେ ଅଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଖିବା ପଛରେ ଥିବା କାରଣର ଜାତୀୟ ସୁରକ୍ଷା ସହ ସମ୍ପର୍କ ଅଛି କି ନାହିଁ ।

ତୁଷାର ମେହେଟା କହିଛନ୍ତି ଯେ, ଜଣେ ଡିଆଇଜି (DIG) ରାହୁଲ ୱାଙ୍ଗଚୁକଙ୍କୁ ଭେଟି ତାଙ୍କର ଉତ୍ତେଜନାମୂଳକ ଭିଡିଓ ଦେଖାଇଥିଲେ ଏବଂ ୱାଙ୍ଗଚୁକ ନିଜେ ସେହି ଭିଡିଓଗୁଡ଼ିକ ସତ୍ୟ ବୋଲି ସ୍ୱୀକାର କରିଛନ୍ତି ।

ସରକାର କହିଛନ୍ତି ଯେ ଜିଲା ମାଜିଷ୍ଟ୍ରେଟ ୱାଙ୍ଗଚୁକଙ୍କ ଭାଷଣକୁ ସମ୍ପୂର୍ଣ୍ଣ ଭାବେ ଅନୁଧ୍ୟାନ କରିବା ପରେ ହିଁ ଏହା ଜନଶୃଙ୍ଖଳା ବିଗାଡ଼ିବାର କ୍ଷମତା ରଖୁଛି ବୋଲି ଜାଣିପାରିଥିଲେ ।

ଅନ୍ୟପଟେ ୱାଙ୍ଗଚୁକଙ୍କ ଓକିଲ କପିଲ ସିବଲ ପୂର୍ବରୁ କହିଥିଲେ ଯେ, ୱାଙ୍ଗଚୁକ କେବେବି ହିଂସାକୁ ପ୍ରୋତ୍ସାହନ ଦେଇନାହାନ୍ତି । ସେ କେବଳ ଲଦାଖ ପାଇଁ ସାମ୍ବିଧାନିକ ସୁରକ୍ଷା ଓ ଷଷ୍ଠ ଅନୁସୂଚୀ ଦାବି କରୁଛନ୍ତି । ଗଣତନ୍ତ୍ରରେ ସରକାରଙ୍କ ସମାଲୋଚନା କରିବା ବିରୋଧୀ କାର୍ଯ୍ୟ ନୁହେଁ ବୋଲି ସେ ଦର୍ଶାଇଥିଲେ ।

ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୨୦୨୫ରେ ଲଦାଖରେ ହୋଇଥିବା ହିଂସାତ୍ମକ ଆନ୍ଦୋଳନ ପରେ ୱାଙ୍ଗଚୁକଙ୍କୁ ଗିରଫ କରାଯାଇ ଯୋଧପୁର ଜେଲରେ ରଖାଯାଇଛି ।

ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ପ୍ରୟାଗରାଜ ମାଘ ମେଳାରେ ପ୍ରଶାସନ ସହିତ ବିବାଦ ସମ୍ପର୍କରେ ଯୋଗୀ ସରକାର ଏବଂ ପ୍ରଶାସନକୁ କଡ଼ା ସମାଲୋଚନା କରିଛନ୍ତି । ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ କହିଥିଲେ, ମୋତେ ଶଙ୍କରାଚାର୍ଯ୍ୟ ପଦବୀର ପ୍ରମାଣ ମଗାଯାଇଥିଲା ଏବଂ ୨୪ ଘଣ୍ଟା ମଧ୍ୟରେ ତାହା ପ୍ରଦାନ କରିବାକୁ କୁହାଯାଇଥିଲା । ମୁଁ ପୂର୍ବରୁ ଉତ୍ତର ଦେଇସାରିଛି । ଏବେ ଆପଣଙ୍କୁ ହିନ୍ଦୁ ପରିଚୟର ଦେବାକୁ ପଡ଼ିବ । ହିନ୍ଦୁ ଧର୍ମ କେବଳ ଭାଷଣ କି ଗେରୁଆ ବସ୍ତ୍ର ନୁହେଁ । ଆପଣ ଗୋସେବା ପାଇଁ କରିଛନ୍ତି କ'ଣ । ହିନ୍ଦୁ ହେବା ପାଇଁ ପ୍ରଥମ ଆବଶ୍ୟକତା ହେଉଛି ଗୋରକ୍ଷକ ହେବା । ଆମେ ଆପଣଙ୍କ ହିନ୍ଦୁ ପରିଚୟର ପ୍ରମାଣ ମାଗୁଛୁ । ଆମେ ଆପଣଙ୍କୁ ୪୦ ଦିନ ସମୟ ଦେଉଛୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହିନ୍ଦୁ ପରିଚୟ ଏବଂ ଗୋ-ପୂଜକର ପ୍ରମାଣ ଦିଅ । ଯଦି ତୁମେ ଏହା କରିପାରିବ ନାହିଁ, ତେବେ ବୁଝିଯିବ ଯେ ତୁମେ ଜଣେ ନକଲି ହିନ୍ଦୁ ।

ଶଙ୍କରାଚାର୍ଯ୍ୟ କହିଥିଲେ ଯେ, ଗୋ ମାଂସ ବିକ୍ରୟ କରି ଆପଣ ଡଲାର ଦେଇ ରାମ ରାଜ୍ୟ ସ୍ଥାପନ କରିବେ । ଗୋମାଂସକୁ ମଇଁଷି ମାଂସ କହି ରକ୍ଷା କରିଛ । ଯଦି ୪୦ ଦିନ ମଧ୍ୟରେ ଗାଈକୁ ରାଜ୍ୟ ମାତା ଭାବରେ ଘୋଷଣା କରିବାରେ ବିଫଳ ହୁଅ, ତେବେ ଆପଣକୁ ନକଲି-ହିନ୍ଦୁ ଘୋଷଣା କରାଯିବ ।

ଶଙ୍କରାଚାର୍ଯ୍ୟ କହିଛନ୍ତି, ଆମେ ଆଜିଠାରୁ ଗଣନା ଆରମ୍ଭ କରୁଛୁ ଏବଂ ଏହା ମାର୍ଚ୍ଚ ୧୦ ତାରିଖରେ ସମାପ୍ତ ହେବ । ଯଦି ଆପଣ ୪୦ ଦିନ ମଧ୍ୟରେ ଏହାକୁ ଘୋଷଣା ନ କରନ୍ତି, ତେବେ ମାର୍ଚ୍ଚ ୧୦ ତାରିଖରେ, ଦିଲ୍ଲୀ ଯିବା ପରିବର୍ତ୍ତେ ଆମେ ଲକ୍ଷ୍ନୌରେ ସନ୍ଥ, ମହନ୍ତ ଏବଂ ଆଚାର୍ଯ୍ୟଙ୍କ ସହିତ ଏକତ୍ରିତ ହେବୁ ଏବଂ ତା'ପରେ ନିଷ୍ପତ୍ତି ନେବୁ ।

ରାଜଧାନୀ ଦିଲ୍ଲୀରୁ ଏକ ଲୋମ ଟାଙ୍କୁରା ଘଟଣା ସାମ୍ନାକୁ ଆସିଛି । ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍‌ରେ କାର୍ଯ୍ୟରତ ୨୭ ବର୍ଷୀୟା ମହିଳା କମାଣ୍ଡୋ କାଜଲଙ୍କୁ ତାଙ୍କ ସ୍ୱାମୀ ଡମ୍ବେଲ୍‌ରେ ପିଟି ପିଟି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା କାଜଲ ମଙ୍ଗଳବାର ପ୍ରାଣ ହରାଇଛନ୍ତି ।

ପରିବାର ଲୋକଙ୍କ ଅଭିଯୋଗ କରିଛନ୍ତି ବିବାହର ମାତ୍ର ୧୫ ଦିନ ପରେ ସ୍ୱାମୀ ଅଙ୍କୁର ଏବଂ ତାଙ୍କ ପରିବାର କାର୍ ଓ ନଗଦ ଟଙ୍କା ଦାବି କରି କାଜଲଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ ।

ଜାନୁଆରୀ ୨୨ ତାରିଖ ରାତି ପ୍ରାୟ ୧୦ଟା ବେଳେ ଏକ ଘରୋଇ କଳିରୁ ଉତ୍ତ୍ୟକ୍ତ ହୋଇ ଅଙ୍କୁର କାଜଲଙ୍କ ମୁଣ୍ଡକୁ ଏକ ଡମ୍ବେଲ୍‌ରେ ଆକ୍ରମଣ କରିବା ସହ କବାଟରେ ପିଟି ଦେଇଥିଲେ । ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା । କାଜଲ ଚାରି ମାସର ଗର୍ଭବତୀ ଥିଲେ । ତାଙ୍କ ମୃତ୍ୟୁ ସହ ଗର୍ଭସ୍ଥ ଶିଶୁର ମଧ୍ୟ ମୃତ୍ୟୁ ଘଟିଛି । "ଅଙ୍କୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟିଏ ନୁହେଁ, ଦୁଇଟି ହତ୍ୟା କରିଛି," ବୋଲି ଶୋକାକୁଳ ପରିବାର କହିଛନ୍ତି ।

କାଜଲ ୨୦୨୩ ମସିହାରେ ଦିଲ୍ଲୀ ପୋଲିସର SWAT ଟିମ୍‌ରେ କମାଣ୍ଡୋ ଭାବେ ନିଯୁକ୍ତି ପାଇଥିଲେ । ଅଭିଯୁକ୍ତ ସ୍ୱାମୀ ଅଙ୍କୁର ଦିଲ୍ଲୀର ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ କିରାଣୀ ଭାବେ କାର୍ଯ୍ୟରତ । ଦୁହେଁ ୨୦୨୩ ମସିହାରେ ପରିବାର ସହମତିରେ ବିବାହ କରିଥିଲେ ।

ଘଟଣା ସ୍ଥଳରୁ ରକ୍ତଭିଜା ଡମ୍ବେଲ୍ ଜବତ କରାଯାଇଛି । ହତ୍ୟାକାଣ୍ଡ ପରେ ଅଙ୍କୁର ନିଜେ କାଜଲଙ୍କ ଭାଇଙ୍କୁ ଫୋନ୍ କରି "ମୁଁ ତାକୁ ମାରିଦେଇଛି, ଶବ ନେଇଯାଅ" ବୋଲି କହିଥିବା ସୂଚନା ମିଳିଛି । ପୋଲିସ ଅଭିଯୁକ୍ତ ଅଙ୍କୁର ବିରୋଧରେ ହତ୍ୟା ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି ଏବଂ ବର୍ତ୍ତମାନ ସେ ବିଚାର ବିଭାଗୀୟ ହାଜତରେ ଅଛନ୍ତି ।

ନୂତନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC) ନିୟମକୁ ଗୁରୁବାର (ଜାନୁଆରୀ ୨୯, ୨୦୨୬)ରେ ଚ୍ୟାଲେଞ୍ଜ କରି ଏକ ଆବେଦନର ଶୁଣାଣି କରିବା ସମୟରେ, ବିଭିନ୍ନ ଜାତି ପାଇଁ ପୃଥକ ହଷ୍ଟେଲ ଯୋଗାଇବା ପ୍ରସ୍ତାବ ଆସିବା ପରେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ରାଗି ଯାଇଥିଲେ । CJI ସୂର୍ଯ୍ୟକାନ୍ତ ମନ୍ତବ୍ୟ ଦେଇଥିଲେ, 'ଏହା କି ପ୍ରକାରର କଥା ? ଆମେ ପୂର୍ବରୁ ହଷ୍ଟେଲରେ ଏକାଠି ରହୁଥିଲୁ, ଏବଂ ଏବେ ଆନ୍ତଃଜାତି ବିବାହ ମଧ୍ୟ ହେଉଛି ।'

CJI ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୋମାଲ୍ୟ ବାଗଚିଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ମାମଲାର ଶୁଣାଣି କରୁଥିଲେ । CJI କହିଥିଲେ ଯେ କଲେଜଗୁଡ଼ିକରେ ର୍‌ୟାଗିଂର ସବୁଠାରୁ ଖରାପ ଅଂଶ ହେଉଛି ଯେତେବେଳେ ଦକ୍ଷିଣ କିମ୍ବା ଉତ୍ତର-ପୂର୍ବର ଛାତ୍ରମାନେ ସେମାନଙ୍କ ସହିତ ନିଜସ୍ୱ ସଂସ୍କୃତି ଆଣିଥାନ୍ତି, ଏବଂ ସେମାନଙ୍କ ସହିତ ଅପରିଚିତ ଛାତ୍ରମାନେ ଏହା ଉପରେ ମନ୍ତବ୍ୟ ଦେବା ଆରମ୍ଭ କରନ୍ତି ।

ନୂତନ ନିୟମ ଅନୁଯାୟୀ ବିଭିନ୍ନ ଜାତି ପାଇଁ ପୃଥକ ହଷ୍ଟେଲ ତିଆରି ପ୍ରସ୍ତାବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପର୍କରେ କୋର୍ଟ ମନ୍ତବ୍ୟ ଦେଇଥିଲେ, 'ଭଗବାନଙ୍କ ପାଇଁ, ଏହା କରନ୍ତୁ ନାହିଁ । ଦେଶରେ ଆନ୍ତଃଜାତି ବିବାହ ହେଉଛି, ଏବଂ ଆମେ ମଧ୍ୟ ସମସ୍ତ ଜାତିର ଛାତ୍ର ଭାବରେ ହଷ୍ଟେଲରେ ଏକାଠି ରହୁଥିଲୁ ।' ସେ ପଚାରିଲେ, '୭୫ ବର୍ଷ ମଧ୍ୟରେ ଏକ ଶ୍ରେଣୀହୀନ ସମାଜ ପାଇଁ ଆମେ ଯେଉଁ ସଫଳତା ହାସଲ କରିଛୁ, ତାହା ଦେଖି ଆମେ ଏବେ ଏକ ଜାତିହୀନ ସମାଜ ଆଡ଼କୁ ମୁହାଁଉଛୁ ନା ପଛକୁ ଖସିଯାଉଛୁ ?'

ଆବେଦନକାରୀଙ୍କ ଓକିଲ ଆବେଦନକାରୀ ବିଷ୍ଣୁ ଶଙ୍କର ଜୈନ କହିଛନ୍ତି ଯେ ସେ ନିର୍ଦ୍ଦିଷ୍ଟ ଭାବରେ UGC ନିୟମାବଳୀର ଧାରା ୩(c)କୁ ବିରୋଧ କରୁଛନ୍ତି, ଯାହା କେବଳ SC, ST ଏବଂ OBC କୁ ସମ୍ବୋଧିତ କରେ । ଏହା ଅନ୍ୟ ବର୍ଗକୁ ବାଦ ଦିଏ । ସେ ଯୁକ୍ତି ଦେଇଥିଲେ ଯେ ଧାରା ୩(e) ପୂର୍ବରୁ ବୈଷମ୍ୟକୁ ପରିଭାଷିତ କରିଥାଏ । 'ଯେତେବେଳେ ଏହା ପୂର୍ବରୁ ଅଛି, ୩(c) ର ଆବଶ୍ୟକତା କ'ଣ ? ଏହା ସମାଜରେ ବିଭାଜନ ସୃଷ୍ଟି କରେ ।'

ଓକିଲ କହିଛନ୍ତି ଯେ ସେ SC, ST ଏବଂ OBC ବ୍ୟତୀତ ଅନ୍ୟ ଜାତି ବିରୁଦ୍ଧରେ ବୈଷମ୍ୟତାର ଉଦାହରଣ ଦେଇପାରିବେ । ସେ କହିଛନ୍ତି ଯେ ସେ ଧାରା ୩(c) ଉପରେ ସ୍ଥଗିତାଦେଶ ଚାହୁଁଛନ୍ତି, ଯାହା କେବଳ କିଛି ନିର୍ଦ୍ଦିଷ୍ଟ ବର୍ଗ ବିରୁଦ୍ଧରେ ବୈଷମ୍ୟକୁ ଧରିଥାଏ । CJI ତାଙ୍କୁ କହିଥିଲେ ଯେ ଏହା ଆବଶ୍ୟକ ନୁହେଁ । କୋର୍ଟ କେବଳ ଯାଞ୍ଚ କରୁଛନ୍ତି ଯେ ନୂତନ ନିୟମାବଳୀ ଧାରା ୧୪ (ସମାନତାର ଅଧିକାର) ଅନୁଯାୟୀ ଥିଲା କି ନାହିଁ ।

ସିଜେଆଇ ପଚାରିଥିଲେ ଯେ ଧାରା ୩(e) ଉତ୍ତର ଭାରତର ଏକ କଲେଜକୁ ଆସୁଥିବା ଜଣେ ଦକ୍ଷିଣ ଭାରତୀୟ ଛାତ୍ର କିମ୍ବା ଦକ୍ଷିଣ ଭାରତର ଏକ କଲେଜକୁ ଯାଉଥିବା ଜଣେ ଉତ୍ତର ଭାରତୀୟ ଛାତ୍ରଙ୍କ ଅନୁପଯୁକ୍ତ ମନ୍ତବ୍ୟ ପାଇବା ପ୍ରସଙ୍ଗକୁ କଭର କରେ କି ? ଓକିଲ ଉତ୍ତର ଦେଇଥିଲେ, 'ହଁ' ସେ ଆହୁରି ମଧ୍ୟ କହିଥିଲେ, 'ଆମେ ଏହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହୁଛୁ, କିଛି ଜାତି ପାଇଁ ଏକ ପୃଥକ ଧାରା ସୃଷ୍ଟି କରିବାର କୌଣସି ଆବଶ୍ୟକତା ନଥିଲା ।'

ଅନ୍ୟ ଜଣେ ଓକିଲ କୋର୍ଟଙ୍କୁ କହିଥିଲେ ଯେ ଯଦି ସାଧାରଣ ବର୍ଗର ଜଣେ ଛାତ୍ର ପ୍ରଥମ ଦିନରେ କଲେଜକୁ ଆସିଥାଏ ଏବଂ ତାଙ୍କ ସିନିୟରମାନେ ଅନୁସୂଚିତ ଜାତିର ହୋଇଥାନ୍ତି ଏବଂ ସେମାନେ ତାଙ୍କୁ ରାଗିଂ କରନ୍ତି, ତେବେ ସେ କ'ଣ କରିପାରିବେ ? ଏହି ନିୟମରେ ଏଥିପାଇଁ କିଛି ନାହିଁ । ବିପରୀତରେ, ଯଦି ରାଗିଂ ଛାତ୍ରମାନେ ନୂତନ ନିୟମ ଅନୁଯାୟୀ ତାଙ୍କ ବିରୁଦ୍ଧରେ ଭେଦଭାବ ଅଭିଯୋଗ ଦାଖଲ କରନ୍ତି, ତେବେ ତାଙ୍କ ଜୀବନ ନଷ୍ଟ ହୋଇଯିବ । ଏହା ଶୁଣିବା ପରେ, ସିଜେଆଇ ପଚାରିଥିଲେ ଯେ ନିୟମରେ ରାଗିଂ ଅନ୍ତର୍ଭୁକ୍ତ କି ନାହିଁ, ଯାହାର ଉତ୍ତର ଓକିଲ ଦେଇଥିଲେ, 'ନା, ଏହା ନୁହେଁ ।'

କୋର୍ଟ ପ୍ରଶ୍ନ କରିଥିଲେ ଯେ ୟୁଜିସି ନିୟମରେ ରାଗିଂ କାହିଁକି ଅନ୍ତର୍ଭୁକ୍ତ ନୁହେଁ ଏବଂ ଏହା କିପରି ଅନୁମାନ କରାଯାଏ ଯେ କଲେଜଗୁଡ଼ିକରେ କେବଳ ଜାତିଭିତ୍ତିକ ଭେଦଭାବ ଘଟେ । ସେ କହିଛନ୍ତି ଯେ ବରିଷ୍ଠତା ଆଧାରରେ ଏକ ବିଭାଗ ଅଛି ଏବଂ ପ୍ରାୟତଃ ଏହି ଆଧାରରେ ହଇରାଣ ଘଟେ ।

କୋର୍ଟ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଥିଲେ ଯେ ଏହା ବର୍ତ୍ତମାନ ନିୟମଗୁଡ଼ିକୁ ସ୍ଥଗିତ ରଖିଛି । କୋର୍ଟ କେନ୍ଦ୍ର ସରକାରଙ୍କୁ ପଚାରିଥିଲେ ଯେ ଯେତେବେଳେ ଭେଦଭାବର ପରିଭାଷାରେ ପୂର୍ବରୁ ସମସ୍ତ ପ୍ରକାରର ବୈଷମ୍ୟପୂର୍ଣ୍ଣ ଆଚରଣ ଅନ୍ତର୍ଭୁକ୍ତ, ସେତେବେଳେ ଜାତିଭିତ୍ତିକ ବୈଷମ୍ୟକୁ କାହିଁକି ପୃଥକ ଭାବରେ ପରିଭାଷିତ କରାଯାଇଥିଲା । ସେ ଏହା ମଧ୍ୟ ପଚାରିଥିଲେ ଯେ ନିୟମରେ ରାଗିଂକୁ କାହିଁକି ଅନ୍ତର୍ଭୁକ୍ତ କରାଯାଇ ନାହିଁ । ସିଜେଆଇ କହିଛନ୍ତି ଯେ କୋର୍ଟ ଜାଣିବାକୁ ଚାହାଁନ୍ତି ଯେ ନୂତନ ନିୟମର ବିବାଦୀୟ ବ୍ୟବସ୍ଥାଗୁଡ଼ିକୁ ଏପରି ଭାବରେ ଲେଖାଯାଇପାରିବ କି ଯାହା ସମସ୍ତଙ୍କ ପାଇଁ ଅନ୍ତର୍ଭୁକ୍ତ ଏବଂ ସମାନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାନୁଆରୀ ୧୩ ତାରିଖରେ, ୟୁଜିସି ସମାନତା ନିୟମାବଳୀ ୨୦୨୬ ପ୍ରଚଳନ କରିଥିଲା । ଉଚ୍ଚଶିକ୍ଷାକୁ ନିୟନ୍ତ୍ରଣ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତିଗତ ବୈଷମ୍ୟ ଦୂର କରିବା ଲକ୍ଷ୍ୟରେ ଏହି ନିୟମାବଳୀ ପ୍ରଚଳନ କରାଯାଇଥିଲା, କିନ୍ତୁ ଏହା ଦେଶବ୍ୟାପୀ ପ୍ରତିବାଦର କାରଣ ହୋଇଥିଲା । ସମସ୍ତ ବିଶ୍ୱବିଦ୍ୟାଳୟକୁ ନୂତନ ନିୟମାବଳୀ କାର୍ଯ୍ୟକାରୀ କରିବାକୁ ପଡିବ, ଏବଂ ୟୁଜିସି ଏହାକୁ କିପରି କାର୍ଯ୍ୟକାରୀ କରାଯିବ ସେ ବିଷୟରେ ଏକ ବିସ୍ତୃତ ରୋଡମ୍ୟାପ ପ୍ରସ୍ତୁତ କରିଛି ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC)ର ନୂତନ 'ସମାନତା ନିୟମାବଳୀ ୨୦୨୬'କୁ ନେଇ ବିବାଦ ବଢ଼ିବାରେ ଲାଗିଛି । ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂରକ୍ଷିତ ବର୍ଗର ଛାତ୍ରଛାତ୍ରୀଙ୍କ ପ୍ରତି ହେଉଥିବା ଜାତିଭିତ୍ତିକ ଭେଦଭାବକୁ ରୋକିବା ପାଇଁ କେନ୍ଦ୍ର ସରକାର ଏହି ନିୟମ ଜାରି କରିଛନ୍ତି । ତେବେ ଏହି ନିୟମକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ସାଧାରଣ ବର୍ଗର ଛାତ୍ରଛାତ୍ରୀ ଏବଂ କେତେକ ସଂଗଠନ ପକ୍ଷରୁ ତୀବ୍ର ବିରୋଧ ପ୍ରଦର୍ଶନ କରାଯାଉଛି ।

କଣ ଏହି ନୂଆ ନିୟମ ?

UGCରେ ଏହି ନୂତନ ନିୟମ ଅନୁଯାୟୀ, ପ୍ରତ୍ୟେକ ଉଚ୍ଚଶିକ୍ଷା ଅନୁଷ୍ଠାନରେ ଏକ ସମାନ ସୁଯୋଗ କେନ୍ଦ୍ର ଏବଂ ଏକ ଇକ୍ୱିଟି କମିଟି ଗଠନ କରାଯିବ । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି, ଜାତିଭିତ୍ତିକ ଭେଦଭାବ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରିବା । SC, ST ଏବଂ OBC ବର୍ଗର ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସରେ ସୁରକ୍ଷା ଓ ସହାୟତା ପ୍ରଦାନ କରିବା । ୨୪ ଘଣ୍ଟିଆ ହେଲ୍ପଲାଇନ, ଇକ୍ୱିଟି ସ୍କ୍ୱାଡ୍ ଏବଂ ଆମ୍ବାସାଡର ନିଯୁକ୍ତ କରିବା ।

କାହିଁକି ହେଉଛି ବିରୋଧ ?

'ସବର୍ଣ୍ଣ ସେନା' ଏବଂ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନେ UGC ମୁଖ୍ୟାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ସେମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଣିଛନ୍ତି । ଆନ୍ଦୋଳନକାରୀଙ୍କ ଅନୁସାରେ, ଏହି ନିୟମରେ କେବଳ ସଂରକ୍ଷିତ ବର୍ଗଙ୍କ ପାଇଁ ବ୍ୟବସ୍ଥା ରହିଛି, କିନ୍ତୁ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ଅଭିଯୋଗ ଶୁଣିବା ପାଇଁ କୌଣସି ସ୍ପଷ୍ଟ ନିୟମ ନାହିଁ । ଏହି ନିୟମର ଅପବ୍ୟବହାର କରାଯାଇ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ବୃଦ୍ଧି ପାଇପାରେ ବୋଲି ସେମାନେ ଆଶଙ୍କା କରିଛନ୍ତି । ଏହି ନିୟମ ସମାନତା ବଦଳରେ କ୍ୟାମ୍ପସରେ ଜାତିଭିତ୍ତିକ ବିଭାଜନ ଓ ଅଶାନ୍ତି ସୃଷ୍ଟି କରିବ ବୋଲି ଆନ୍ଦୋଳନକାରୀ ଦାବି କରିଛନ୍ତି ।

ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (AISA) ଏହି ନୂଆ ନିୟମକୁ ସମର୍ଥନ ଜଣାଇଛି । ତେବେ ବିବାଦକୁ ନେଇ କହିଛି ଯେ ରୋହିତ ଭେମୁଲା ଏବଂ ପାୟଲ ତଡଭୀଙ୍କ ଭଳି ଛାତ୍ରଛାତ୍ରୀଙ୍କ ବଳିଦାନ ପରେ ଏହି ନିୟମ ଆସିଛି । ତେବେ ନିୟମରେ ରହିଥିବା କେତେକ ଅସ୍ପଷ୍ଟତା ଶିକ୍ଷାନୁଷ୍ଠାନଗୁଡ଼ିକୁ ମନଇଚ୍ଛା କାର୍ଯ୍ୟ କରିବାକୁ ସୁଯୋଗ ଦେଇପାରେ ।

ବଢୁଥିବା ବିରୋଧକୁ ଦେଖି ସରକାର ସ୍ପଷ୍ଟ କରିଛନ୍ତି ଯେ, ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ଅଭିଯୋଗର ସମାଧାନ ପାଇଁ ନିୟମରେ ଏକ ନୂତନ ବ୍ୟବସ୍ଥା ଯୋଡ଼ାଯିବ, ଯାହାଦ୍ୱାରା କାହାରି ପ୍ରତି ପାତରଅନ୍ତର ହେବ ନାହିଁ ।

ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏବଂ ଏନସିପି ମୁଖ୍ୟ ଅଜିତ ପାଓ୍ୱାରଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣା ମହାରାଷ୍ଟ୍ରର ବାରମତିରେ ଘଟିଛି। ଅଜିତ ପାଓ୍ୱାର ମଧ୍ୟ ବିମାନରେ ଥିଲେ । ବିମାନଟି ବାରମତିରେ ଅବତରଣ କରୁଥିବା ସମୟରେ ଏହି ଘଟଣା ଘଟିଥିଲା । ଦୁର୍ଘଟଣାରେ ଅଜିତ ପାଓ୍ୱାର ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ବିମାନଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଦୁର୍ଘଟଣାଗ୍ରସ୍ତ ବିମାନରୁ ପ୍ରଥମ ମୃତଦେହ ଉଦ୍ଧାର କରାଯାଇଛି । ଅଜିତଙ୍କ ବ୍ୟତୀତ ଏଥିରେ ଅନ୍ୟ ୬ ଜଣ ଥିଲେ । ଅଜିତ ପାଓ୍ୱାର ବାରାମତିରେ ନିର୍ବାଚନ ପ୍ରଚାର ପାଇଁ ଯାଉଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରିପୋର୍ଟ ଅନୁସାରେ, ଏହା ଅଜିତ ପାଞ୍ଜାରଙ୍କ ବ୍ୟକ୍ତିଗତ ବିମାନ ଥିଲା । ସୂତ୍ର ଅନୁଯାୟୀ ବିମାନରେ ଥିବା କିଛି ଲୋକ ଆହତ ହୋଇଛନ୍ତି । ତଥାପି ଅଜିତଙ୍କ ଅବସ୍ଥା ସମ୍ପର୍କରେ ସରକାରୀ ନିଶ୍ଚିତକରଣ ଅପେକ୍ଷାରେ ଅଛି । ପ୍ରଶାସନ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ମୂଲ୍ୟାଙ୍କନ କରୁଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ଶକ୍ତି ସପ୍ତାହ ୨୦୨୬କୁ ସମ୍ବୋଧିତ କରିବା ସମୟରେ ଭାରତ ଏବଂ ୟୁରୋପୀୟ ସଂଘ (EU) ମଧ୍ୟରେ ଏକ ପ୍ରମୁଖ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (FTA) ଘୋଷଣା କରିଥିଲେ । ସେ କହିଥିଲେ ଯେ ଏହି ଚୁକ୍ତି ବିଶ୍ୱର ଦୁଇ ବୃହତ ଅର୍ଥନୀତି ମଧ୍ୟରେ ଏକ ଦୃଢ଼ ସହଭାଗୀତାର ପ୍ରତୀକ ଏବଂ ଏହା ଭାରତର ଶିଳ୍ପ, ଶକ୍ତି କ୍ଷେତ୍ର ଏବଂ ସାଧାରଣ ଜନତାଙ୍କୁ ସିଧାସଳଖ ଲାଭ ପହଞ୍ଚାଇବ । ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଏହି ଚୁକ୍ତି ଭାରତର ଉତ୍ପାଦନ କ୍ଷମତାକୁ ମଜବୁତ କରିବ ଏବଂ ସେବା କ୍ଷେତ୍ରକୁ ନୂତନ ସହାୟତା ପ୍ରଦାନ କରିବ ।

ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଭାରତ ଶକ୍ତି କ୍ଷେତ୍ରରେ ଏକ ପ୍ରମୁଖ ଅର୍ଥନୀତି ପାଲଟିଛି । ଭାରତ ନବୀକରଣୀୟ ଶକ୍ତି, ତୈଳ ଏବଂ ଗ୍ୟାସ ଭଳି କ୍ଷେତ୍ରରେ ଦ୍ରୁତ ଗତିରେ ଅଗ୍ରଗତି କରୁଛି ଏବଂ ବିଶ୍ୱର ଅନେକ ଦେଶ ସହିତ ଘନିଷ୍ଠ ଭାବରେ କାମ କରୁଛି । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଆଜିର ଭାରତରେ ପ୍ରତ୍ୟେକ କ୍ଷେତ୍ରରେ ସଂସ୍କାର ଘଟୁଛି । ଏହି ସଂସ୍କାରଗୁଡ଼ିକ ଦେଶରେ ନିବେଶ ପରିବେଶକୁ ଉନ୍ନତ କରିଛି ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି ।

କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଉଦଘାଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନେକ ଦେଶର ମନ୍ତ୍ରୀ, ଶିଳ୍ପ ନେତା ଏବଂ ନୀତି ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ଏହି ଅବସରରେ ୟୁଏଇର ଶିଳ୍ପ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ସୁଲତାନ ଅହମ୍ମଦ ଅଲ ଜାବେର ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାଙ୍ଗନ୍ତଙ୍କ ସମେତ ଅନେକ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ ।

ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (FTA) ସ୍ୱାକ୍ଷରିତ ହୋଇଛି । ଉଭୟ ପକ୍ଷ ୨୦୦୭ମସିହାରୁ ଏଥିପାଇଁ ଆଲୋଚନା କରିଆସୁଛନ୍ତି । ବର୍ତ୍ତମାନ, ୧୮ ବର୍ଷ ପରେ, ଏହି ପ୍ରୟାସ ସଫଳ ହୋଇଛି । ଏହା ୟୁରୋପୀୟ ସଂଘରୁ ଭାରତକୁ ଆସୁଥିବା ଅନେକ ସାମଗ୍ରୀକୁ ଶସ୍ତା କରିପାରିବ ।

ଭାରତ-EU (ୟୁରୋପୀୟ ସଂଘ) FTA ଘୋଷଣା କରି ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ 'ସମସ୍ତ ଚୁକ୍ତିର ଜନନୀ' ବା 'Mother of All Deals' ବୋଲି ମଧ୍ୟ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଏହି ଚୁକ୍ତିନାମା ବିଶ୍ୱର ଦୁଇ ବୃହତ ଅର୍ଥନୀତି ମଧ୍ୟରେ ସମନ୍ୱୟର ଏକ ମହାନ ଉଦାହରଣ । ଏହି ଚୁକ୍ତିନାମା ବିଶ୍ୱ GDPର ପ୍ରାୟ ୨୫ ପ୍ରତିଶତ ଏବଂ ବିଶ୍ୱ ବାଣିଜ୍ୟର ପ୍ରାୟ ଏକ ତୃତୀୟାଂଶ ପ୍ରତିନିଧିତ୍ୱ କରେ ।

ଭାରତରେ କ'ଣ ଶସ୍ତା ହେବ ?

-ମର୍ସିଡିଜ, ବିଏମ୍‌ଡବ୍ଲୁ ଏବଂ ପୋର୍ଶେ ଭଳି ବିଳାସପୂର୍ଣ୍ଣ କାରର ମୂଲ୍ୟ ହ୍ରାସ ପାଇବ ।

-୧୫,୦୦୦ ୟୁରୋ (୧୬.୩ ଲକ୍ଷ ଟଙ୍କା) ରୁ ଅଧିକ ମୂଲ୍ୟର କାରଗୁଡ଼ିକ ଉପରେ ୪୦ ପ୍ରତିଶତ ଶୁଳ୍କ ଲାଗୁ ହେବ ।

-ବିମାନ, ଇଲେକ୍ଟ୍ରୋନିକ ଉପକରଣ, ରାସାୟନିକ ପଦାର୍ଥ, ଉନ୍ନତ ଚିକିତ୍ସା ଉପକରଣ ଏବଂ ଧାତୁ ସ୍କ୍ରାପ ମଧ୍ୟ ଶସ୍ତା ହୋଇପାରେ ।

-ଭାରତୀୟ ବଜାରରେ ୟୁରୋପୀୟ ମଦର ମୂଲ୍ୟ ହ୍ରାସ ପାଇପାରେ ।

-ଆଇଟି, ଇଞ୍ଜିନିୟରିଂ, ଟେଲିକମ ଏବଂ ବ୍ୟବସାୟ ଭଳି ସେବା କ୍ଷେତ୍ରରେ ଭାରତୀୟମାନେ ସୁଯୋଗ ପାଇବେ ।

୫୦ ଅରବ ଡଲାରରୁ ଅଧିକ ହେବ ଟ୍ରେଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମକେ ଗ୍ଲୋବାଲର ଏକ ଗବେଷଣା ରିପୋର୍ଟ ଅନୁଯାୟୀ, ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ FTA ଦ୍ୱାରା ୨୦୩୧ ସୁଦ୍ଧା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ୫୧ ବିଲିୟନ ଡଲାର (୪,୬୭,୯୨୫ କୋଟି ଟଙ୍କା) ବୃଦ୍ଧି ପାଇବାର ଆଶା କରାଯାଉଛି । ଏହା ଭାରତର ରପ୍ତାନି ମଧ୍ୟ ବୃଦ୍ଧି କରିବ ।

ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି । ଏହାଦ୍ୱାରା ଭାରତୀୟ ଅର୍ଥବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି । ଏନେକି ଅନେକ ଆକଳନ କରାଯାଉଥିବା ବେଳେ ବଡ ଅର୍ଥନୈତିକ ପରିବର୍ତ୍ତନ ଆଶା କରାଯାଉଛି । ଫେଡେରେସନ୍ ଅଫ୍ ୟୁରୋପିଆନ୍ ବିଜନେସ୍ ଇନ୍ ଇଣ୍ଡିଆ (FEBI) ର ୨୦୨୬ ବ୍ୟବସାୟିକ ସର୍ଭେ ଅନୁଯାୟୀ, ୟୁରୋପୀୟ କମ୍ପାନୀଗୁଡ଼ିକ ଭାରତରେ ବିପୁଳ ପୁଞ୍ଜି ନିବେଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଅଣ୍ଟା ଭିଡ଼ିଛନ୍ତି ।

ପ୍ରାୟ ୯୫% ୟୁରୋପୀୟ କମ୍ପାନୀ ଆଗାମୀ ୫ ବର୍ଷ ମଧ୍ୟରେ ଭାରତରେ ନିଜର ବ୍ୟବସାୟ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି । ୯୦% କମ୍ପାନୀ ସ୍ୱୀକାର କରିଛନ୍ତି ଯେ ଭାରତରେ ସେମାନଙ୍କ କାର୍ଯ୍ୟକଳାପ ବର୍ତ୍ତମାନ ଲାଭଜନକ ସ୍ଥିତିରେ ଅଛି । ୭୮% କମ୍ପାନୀ ଭାରତରେ ନିଯୁକ୍ତି ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି । ପ୍ରତି ୫ଟି କମ୍ପାନୀ ମଧ୍ୟରୁ ଜଣେ ୧୦୦୦ରୁ ଅଧିକ ନୂଆ ଚାକିରି ସୃଷ୍ଟି କରିବେ ବୋଲି ଆଶା କରାଯାଉଛି । ସେହିଭଳି ପ୍ରାୟ ୬୯% କମ୍ପାନୀ ଭାରତକୁ ଏକ ଗ୍ଲୋବାଲ୍ ସପ୍ଲାଏ ଚେନ୍ ହବ୍ ଭାବେ ଗଢ଼ିବା ପାଇଁ ଉତ୍ପାଦନ ବୃଦ୍ଧି କରିବାକୁ ଚାହୁଁଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭନ୍ ଡେର୍ ଲେୟେନ୍ ଏହି ଚୁକ୍ତିକୁ "ସମସ୍ତ ବାଣିଜ୍ୟ ଚୁକ୍ତିର ଜନନୀ" ବୋଲି ଅଭିହିତ କରିଛନ୍ତି । ଏହି ଚୁକ୍ତି ଦ୍ୱାରା ପ୍ରାୟ ୨୦୦ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ବିଶାଳ ବଜାର ପାଇଁ ବାଣିଜ୍ୟିକ ବାଟ ଫିଟିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରାୟ ୨୬% କମ୍ପାନୀ ଆଗାମୀ ୫ ବର୍ଷରେ ପ୍ରତ୍ୟେକ ୧୦୦ ମିଲିୟନ ୟୁରୋରୁ ଅଧିକ ନିବେଶ କରିବାକୁ ପ୍ରତିଶ୍ରୁତିବଦ୍ଧ । ଅନ୍ୟ ୨୫% କମ୍ପାନୀ ୨୦ ରୁ ୧୦୦ ମିଲିୟନ ୟୁରୋ ପର୍ଯ୍ୟନ୍ତ ପୁଞ୍ଜି ଖଟାଇବେ । ବିଶେଷ କରି ଅଟୋମୋଟିଭ୍, ଶକ୍ତି, ଡିଜିଟାଲ୍ ଏବଂ ଫାର୍ମାସ୍ୟୁଟିକାଲ୍ କ୍ଷେତ୍ରରେ ଏହି ନିବେଶ ଅଧିକ ହେବ ।

ସକାରାତ୍ମକ ଦିଗ ସତ୍ତ୍ୱେ, ୭୧% କମ୍ପାନୀ ନିୟାମକ ଅନୁମୋଦନ ଏବଂ ପାଳନ ପ୍ରକ୍ରିୟାକୁ ଏକ ବଡ଼ ସମସ୍ୟା ଭାବେ ଦର୍ଶାଇଛନ୍ତି । ଏହା ସହିତ ଆମଦାନୀ ଶୁଳ୍କ ଏବଂ କର ନୀତିରେ ଅନିଶ୍ଚିତତାକୁ ନେଇ ମଧ୍ୟ ଉଦବେଗ ପ୍ରକାଶ ପାଇଛି ।

ଉତ୍ତରାଖଣ୍ଡର ପବିତ୍ର ଚାରିଧାମ ମଧ୍ୟରୁ ଅନ୍ୟତମ ଗାଙ୍ଗୋତ୍ରୀ ଧାମରେ ଏଣିକି ଅଣ-ହିନ୍ଦୁମାନେ ପ୍ରବେଶ କରିପାରିବେ ନାହିଁ । ଶ୍ରୀ ଗାଙ୍ଗୋତ୍ରୀ ମନ୍ଦିର କମିଟି ପକ୍ଷରୁ ରବିବାର ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି । କେବଳ ମୁଖ୍ୟ ଧାମ ନୁହେଁ, ବରଂ ମା' ଗଙ୍ଗାଙ୍କ ଶୀତକାଳୀନ ଆବାସସ୍ଥଳୀ 'ମୁଖବା'ରେ ମଧ୍ୟ ଏହି ନିୟମ କଡ଼ାକଡ଼ି ଭାବେ ଲାଗୁ ହେବ ବୋଲି କମିଟି ଅଧ୍ୟକ୍ଷ ସୁରେଶ ସେମୱାଲ ନିଶ୍ଚିତ କରିଛନ୍ତି ।

ଗାଙ୍ଗୋତ୍ରୀ କମିଟିର ନିଷ୍ପତ୍ତି ପରେ ଶ୍ରୀ ବଦ୍ରିନାଥ-କେଦାରନାଥ ମନ୍ଦିର କମିଟି (BKTC) ମଧ୍ୟ ସମାନ ପଦକ୍ଷେପ ନେବାକୁ ଯାଉଛି । BKTC ଅଧ୍ୟକ୍ଷ ହେମନ୍ତ ଦ୍ୱିବେଦୀ ସୂଚନା ଦେଇଛନ୍ତି ଯେ, ବଦ୍ରିନାଥ, କେଦାରନାଥ ଏବଂ ଏହି କମିଟି ଅଧୀନରେ ଥିବା ସମସ୍ତ ମନ୍ଦିରରେ ଅଣ-ହିନ୍ଦୁଙ୍କ ପ୍ରବେଶ ବାରଣ କରିବା ପାଇଁ ଆଗାମୀ ବୋର୍ଡ ବୈଠକରେ ଏକ ପ୍ରସ୍ତାବ ଆଗତ କରାଯିବ ।

ଉତ୍ତରାଖଣ୍ଡର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିବା ପାଇଁ ଏହି ନିଷ୍ପତ୍ତି ନିଆଯାଉଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ କହିଛନ୍ତି ଯେ, ତୀର୍ଥସ୍ଥଳୀ ପରିଚାଳନା କମିଟିଗୁଡ଼ିକର ସୁପାରିଶ ଅନୁଯାୟୀ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବ । ରାଜ୍ୟରେ ଥିବା ବେଆଇନ ମନ୍ଦିର/ଧାର୍ମିକ ସ୍ଥଳ ଉଚ୍ଛେଦ କରିବାକୁ ମୁଖ୍ୟମନ୍ତ୍ରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଥିବା ନିର୍ଦ୍ଦେଶକୁ ମଧ୍ୟ କମିଟି ସ୍ୱାଗତ କରିଛି ।

ଉତ୍ତର ପ୍ରଦେଶର ଜଉନପୁର ଜିଲାରେ ବିଚଳିତ କରିଦେବା ଭଳି ଏକ ଘଟଣା ଘଟିଛି । ଜଣେ ୨୪ ବର୍ଷୀୟ ଯୁବକ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍ଇଇଟି) ଜରିଆରେ ଆଡ୍ମିଶନ କରି ଏମ୍ବିବିଏସ୍ ସ୍ୱପ୍ନ ସାକାର କରିବାକୁ ଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ଲାଗି ନିଜ ଗୋଡ଼କୁ କାଟି ଦେଇଛନ୍ତି ।

ଭାସ୍କର ଲାଇନ୍ ବାଜାର ଥାନା ଅଧୀନ ଖଲିପୁରର ବାସିନ୍ଦା । ସେ ଫାର୍ମାସିରେ ଡିପ୍ଲୋମା (ଡି. ଫାର୍ମା) ପାଠ୍ୟକ୍ରମ ଶେଷକରିଛନ୍ତି । ଏନ୍ଇଇଟି ପାଇଁ ପ୍ରସ୍ତୁତ ହେଉଥିବା ସୁରଜ ଜାନୁଆରୀ ୧୮ରେ ନିଜ ବାମ ଗୋଡ଼ର ପାଦକୁ କାଟି ଦେଇଥିଲେ । ତେବେ ଆକ୍ରମଣରେ ସେ ପାଦ ହରାଇଥିବା ନେଇ ଥାନାରେ ଅଜ୍ଞାତ ବ୍ୟକ୍ତିମାନଙ୍କ ବିରୋଧରେ ମିଥ୍ୟା ହତ୍ୟା ଅଭିଯୋଗ କରିଥିଲେ । ପୋଲିସ ଏନେଇ ତଦନ୍ତ କରିବାବେଳେ ତାଙ୍କ ବୟାନରେ ତାଳମେଳ ରହୁ ନ ଥିବାରୁ ଶୁକ୍ରବାର ସତକଥା ଜାଣିବାକୁ ପାଇଛି । ୨୦୨୬ରେ କୌଣସି ପ୍ରକାରେ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଡ଼ କରି ଏମ୍ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହୁଁଥିଲେ । ଶେଷରେ ଭିନ୍ନକ୍ଷମ ପ୍ରମାଣପତ୍ର ହାତେଇବାକୁ ଯାଇ ସେ ଏପରି କାଣ୍ଡ ଭିଆଇଥିବା ସର୍କଲ ଅଫିସର (ସିଟି) ଗୋଲ୍ଡି ଗୁପ୍ତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ବୁଲା କୁକୁର ମାମଲାରେ ପ୍ରାଣୀ ଅଧିକାର କର୍ମୀ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ମେନକା ଗାନ୍ଧୀଙ୍କୁ ସୁପ୍ରିମକୋର୍ଟ କଡ଼ା ସମାଲୋଚନା କରିଛନ୍ତି । ଏକ ପଡକାଷ୍ଟରେ କୋର୍ଟଙ୍କ ମନ୍ତବ୍ୟକୁ ନେଇ ମେନକା ଦେଇଥିବା ପ୍ରତିକ୍ରିୟା ଏବଂ ତାଙ୍କର "ବଡି ଲାଙ୍ଗୁଏଜ୍"କୁ ନେଇ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟା ଏବଂ ଜଷ୍ଟିସ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ମେନକା ଗାନ୍ଧୀଙ୍କ ମନ୍ତବ୍ୟ ଅଦାଲତ ଅବମାନନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଦୃଶ । କିନ୍ତୁ କୋର୍ଟ ନିଜର "ଉଦାରତା" ଦେଖାଇ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଖଣ୍ଡପୀଠ ମେନକାଙ୍କ ଓକିଲ ରାଜୁ ରାମଚନ୍ଦ୍ରନଙ୍କୁ ପ୍ରଶ୍ନ କରିଥିଲେ, "ଆପଣଙ୍କ କ୍ଲାଏଣ୍ଟ କିଭଳି ମନ୍ତବ୍ୟ ଦେଉଛନ୍ତି ଆପଣ ଜାଣିଛନ୍ତି କି ? ସେ କୋର୍ଟଙ୍କ ଅବମାନନା କରିଛନ୍ତି । ଆପଣ ତାଙ୍କ ପଡକାଷ୍ଟ ଶୁଣିଛନ୍ତି କି ? ସେ କ'ଣ କହୁଛନ୍ତି ଏବଂ କିଭଳି ଢଙ୍ଗରେ କହୁଛନ୍ତି ତାହା ଦେଖିଛନ୍ତି କି ?"

ବୁଲା କୁକୁରଙ୍କୁ ଖାଦ୍ୟ ଦେଉଥିବା ବ୍ୟକ୍ତିମାନେ କୁକୁର କାମୁଡ଼ା ପାଇଁ ଦାୟୀ ରହିବେ ବୋଲି କୋର୍ଟ ପୂର୍ବରୁ କହିଥିଲେ । ଏହାକୁ ନେଇ ପ୍ରଶ୍ନ ଉଠିବାରୁ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏହି ମନ୍ତବ୍ୟ କୌଣସି ପରିହାସ ନଥିଲା, ବରଂ କୋର୍ଟ ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ କହିଥିଲେ ।

ମେନକା ଗାନ୍ଧୀ ଜଣେ ପ୍ରାଣୀ ଅଧିକାର କର୍ମୀ ଏବଂ ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ହୋଇଥିବାରୁ, ବୁଲା କୁକୁର ସମସ୍ୟାର ସମାଧାନ ପାଇଁ ସେ ବଜେଟ୍‌ରେ କ'ଣ ଅବଦାନ ରଖିଛନ୍ତି ବୋଲି କୋର୍ଟ ପ୍ରଶ୍ନ କରିଥିଲେ ।

ଶୁଣାଣି ବେଳେ ଓକିଲ ରାମଚନ୍ଦ୍ରନ କହିଥିଲେ ଯେ ସେ ଆତଙ୍କବାଦୀ ଅଜମଲ କସାବଙ୍କ ପାଇଁ ମଧ୍ୟ ଲଢ଼ିଥିଲେ । ଏହାର ଉତ୍ତରରେ ଜଷ୍ଟିସ ନାଥ କହିଥିଲେ, "କସାବ ଅଦାଲତ ଅବମାନନା କରିନଥିଲା, କିନ୍ତୁ ଆପଣଙ୍କ କ୍ଲାଏଣ୍ଟ କରିଛନ୍ତି ।"

ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ବନ୍ଧ୍ୟାକରଣ ଦ୍ୱାରା କୁକୁରଙ୍କ ହିଂସ୍ର ପ୍ରବୃତ୍ତି କମିଥାଏ, କିନ୍ତୁ ଅଧିକାଂଶ ସହରରେ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ । ସେ ଆହୁରି ମଧ୍ୟ କହିଥିଲେ ଯେ କୋର୍ଟଙ୍କ ମନ୍ତବ୍ୟ ଯୋଗୁଁ କୁକୁର ଖୁଆଉଥିବା ଲୋକଙ୍କୁ ସ୍ଥାନୀୟ ଲୋକେ ଆକ୍ରମଣ କରୁଛନ୍ତି ।

ସୂଚନାଯୋଗ୍ୟ ଯେ, ଗତ ଶୁଣାଣିରେ ସୁପ୍ରିମକୋର୍ଟ କହିଥିଲେ ଯେ ବୁଲା କୁକୁର ଆକ୍ରମଣରେ ଶିଶୁ କିମ୍ବା ବୃଦ୍ଧଙ୍କ ମୃତ୍ୟୁ ବା ଆହତ ହେଲେ ରାଜ୍ୟ ସରକାରଙ୍କୁ ମୋଟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଙ୍କର କ୍ଷତିପୂରଣ ଦେବାକୁ ପଡ଼ିବ । ଏଥିସହ ବୁଲା କୁକୁରଙ୍କୁ ଖାଦ୍ୟ ଦେଉଥିବା ଲୋକଙ୍କୁ ମଧ୍ୟ ଉତ୍ତରଦାୟୀ କରାଯିବ ।

ICC ସହିତ ଏକ ବୈଠକ ପରେ, ପାକିସ୍ତାନ କ୍ରିକେଟ ବୋର୍ଡ ୨୦୨୬ ଟି୨୦ ବିଶ୍ୱକପରେ ଭାରତ ସହିତ ଖେଳିବାକୁ ରାଜି ହୋଇଛି । ମ୍ୟାଚ ୧୫ ଫେବୃଆରୀରେ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ଖେଳାଯିବ । ICC ଏହି ମ୍ୟାଚ ଆନୁଷ୍ଠାନିକ ଭାବରେ ଘୋଷଣା କରିବା ମାତ୍ରେ, ପ୍ରଶଂସକଙ୍କ ଉତ୍ସାହ ପୁଣି ଥରେ ଜାଗ୍ରତ ହୋଇଗଲା । ଫଳସ୍ୱରୂପ, ରାତାରାତି କଲମ୍ବୋକୁ ବିମାନ ଟିକେଟ ମୂଲ୍ୟ ଦ୍ୱିଗୁଣିତ ହୋଇଯାଇଛି ।

ଭାରତ-ପାକିସ୍ତାନ ICC ଟି୨୦ ବିଶ୍ୱକପ ୨୦୨୬ ମ୍ୟାଚ ପୂର୍ବରୁ ବିମାନ କମ୍ପାନୀଗୁଡ଼ିକ ଯଥେଷ୍ଟ ଲାଭ ପାଇପାରିବେ । ସମସ୍ତ ଏୟାରଲାଇନ୍ସ ଶ୍ରୀଲଙ୍କାକୁ ଟିକେଟ ମୂଲ୍ୟ ଦ୍ୱିଗୁଣିତ କରିଛନ୍ତି । ତଥାପି, ଚେନ୍ନାଇରୁ କଲମ୍ବୋକୁ ବିମାନ ଶସ୍ତା ହୋଇପାରେ । ଦିଲ୍ଲୀ ଏବଂ ମୁମ୍ବାଇରୁ ବିମାନ କ୍ରିକେଟ ପ୍ରେମୀଙ୍କ ପାଇଁ ମହଙ୍ଗା ହୋଇପାରେ । ଟିକେଟ ମୂଲ୍ୟ ବ୍ୟତୀତ, କଲମ୍ବୋରେ ହୋଟେଲ ମୂଲ୍ୟ ଆକାଶଛୁଆଁ ହୋଇପାରେ । ଏହା ବ୍ୟତୀତ, ମ୍ୟାଚ ପାଇଁ ଟିକେଟ ସୁରକ୍ଷିତ କରିବା କ୍ରମଶଃ କଷ୍ଟକର ହୋଇପଡୁଛି । ଭାରତ ବିପକ୍ଷରେ ପାକିସ୍ତାନର ରେକର୍ଡ ଖରାପ ରହିଛି । ଶେଷ ଥର ପାଇଁ ପାକିସ୍ତାନ ଏହି ଫର୍ମାଟରେ ୨୦୨୨ ଏସିଆ କପରେ ଭାରତକୁ ପରାସ୍ତ କରିଥିଲା । ସେବେଠାରୁ, ପାକିସ୍ତାନ ବିଜୟ ପାଇଁ ଅପେକ୍ଷା କରିଛି ।

ପାକିସ୍ତାନ ୨୦୨୬ ଟି୨୦ ବିଶ୍ୱକପରେ ଭାରତ ସହିତ ଖେଳିବାକୁ ରାଜି ହୋଇଛି । ଲାହୋରରେ ଆଇସିସି, ବିସିବି ଏବଂ ପିସିବି ମଧ୍ୟରେ ଏକ ବୈଠକ ପରେ ଏହା ସମ୍ଭବ ହୋଇଛି । ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସଲାମ ଏବେ ଘୋଷଣା କରିଛନ୍ତି ଯେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପାଞ୍ଚଟି ପ୍ରମୁଖ ଏସୀୟ କ୍ରିକେଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଶକୁ ନିମନ୍ତ୍ରଣ କରିଛି । ସେ କହିଛନ୍ତି ଯେ ଏହି ବୈଠକ ଫେବୃଆରୀ ୧୫ ତାରିଖରେ କଲମ୍ବୋରେ ଭାରତ ବନାମ ପାକିସ୍ତାନ ମ୍ୟାଚ ସମୟରେ ହେବ ।

ଏକ ସାକ୍ଷାତକାରରେ ଅମିନୁଲ ଇସଲାମ କହିଛନ୍ତି ଯେ ଆଇସିସି ପାଞ୍ଚଟି ଏସୀୟ ଦେଶ ମଧ୍ୟରେ ଏକ ବୈଠକ ଚାହୁଁଛି । ବିସିବି ସଭାପତି କହିଛନ୍ତି , ପାକିସ୍ତାନ କେବଳ ଭାରତ ବିପକ୍ଷ ମ୍ୟାଚ ନୁହେଁ ବରଂ ସମ୍ପୂର୍ଣ୍ଣ ଟି୨୦ ବିଶ୍ୱକପ ୨୦୨୬ ଟୁର୍ନାମେଣ୍ଟକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇସାରିଥିଲା । ଅମିନୁଲ ଏହା ମଧ୍ୟ ଦାବି କରିଛନ୍ତି ଯେ ସେ ବ୍ୟକ୍ତିଗତ ଭାବରେ ମୋହସିନ ନକଭିଙ୍କୁ ବର୍ଜନର ସମ୍ଭାବ୍ୟ ପରିଣାମ ବିଷୟରେ ବୁଝାଇଥିଲେ ।

ମନେରଖିବା ଉଚିତ ଯେ ଲାହୋର ବୈଠକରେ ପାକିସ୍ତାନ ଆଇସିସି ନିକଟରେ ଅନେକ ଦାବି ଉପସ୍ଥାପନ କରିଥିଲା । ସେଥିମଧ୍ୟରୁ ବାଂଲାଦେଶକୁ କ୍ଷତିପୂରଣ ଦାବି ଗ୍ରହଣ କରାଯାଇଥିଲା ଏବଂ ଏହା ମଧ୍ୟ କୁହାଯାଇଥିଲା ଯେ ଆଇସିସି ରାଜସ୍ୱରେ ପାକିସ୍ତାନର ଅଂଶ ବୃଦ୍ଧି ପାଇଁ ବିଚାର କରାଯିବ ।

ଫେବୃଆରୀ ୧୫ ତାରିଖରେ ICCର ପ୍ରସ୍ତାବିତ ବୈଠକର ଉଦ୍ଦେଶ୍ୟ ଏବଂ ଆଲୋଚନା ହେବାକୁ ଥିବା ପ୍ରସଙ୍ଗଗୁଡ଼ିକ ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ । ତଥାପି, ଅମିନୁଲ ଇସଲାମ କହିଛନ୍ତି ଯେ ଏହି ବୈଠକ ପାକିସ୍ତାନ, ଭାରତ ଏବଂ ବାଂଲାଦେଶ ମଧ୍ୟରେ କ୍ରିକେଟ ସମ୍ପର୍କକୁ ଉନ୍ନତ କରିବାକୁ ଚେଷ୍ଟା କରିବ, ଯାହା ବୟକଟ ବିବାଦ ଯୋଗୁ ଖରାପ ହୋଇଛି ।

ଚାଲିଥିବା ଟି-୨୦ ବିଶ୍ୱକପରେ ଭାରତ ବିପକ୍ଷ ମ୍ୟାଚ୍‌କୁ ବର୍ଜନ କରିବାକୁ ଘୋଷଣା କରିଥିବା ପାକିସ୍ତାନ ଶେଷରେ ନିଜ ନିଷ୍ପତ୍ତି ବଦଳାଇଛି । ICC ପାକିସ୍ତାନ କ୍ରିକେଟ ବୋର୍ଡ (PCB)କୁ କିଛି ଗୁପ୍ତ ସୁବିଧା ବା 'କନସେସନ' ଦେବାକୁ ପ୍ରତିଶ୍ରୁତି ଦେବା ପରେ ଏହି ଜଟଳତା ଦୂର ହୋଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଇସିସି ସୂତ୍ର ଅନୁଯାୟୀ, ବର୍ଜନ ନିଷ୍ପତ୍ତି ପ୍ରତ୍ୟାହାର କରିବା ପାଇଁ ପିସିବିକୁ କିଛି ରିହାତି ଦିଆଯାଇଛି । ଯାହା ବିଶ୍ୱକପ ଶେଷ ହେବା ପରେ ସର୍ବସାଧାରଣରେ ପ୍ରକାଶ କରାଯିବ ।

ଏହା ସହ ଆଇସିସି ଘୋଷଣା କରିଛି ଯେ ବାଂଲାଦେଶ କ୍ରିକେଟ ବୋର୍ଡ (BCB) ଉପରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ । ଏପରିକି ୨୦୨୮-୨୦୩୧ ମଧ୍ୟରେ ବାଂଲାଦେଶକୁ ଏକ ଆଇସିସି ଇଭେଣ୍ଟ ୧୯ ବର୍ଷରୁ କମ୍ ବିଶ୍ୱକପ ଆୟୋଜନ କରିବାର ସୁଯୋଗ ଦିଆଯିବ ।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏବଂ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଏହି ବିବାଦ ସମାଧାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ପିସିବି ଅଧ୍ୟକ୍ଷ ମୋହସିନ ନାକଭି ଭାରତ ଓ ପାକିସ୍ତାନ ମଧ୍ୟରେ ନିରପେକ୍ଷ ସ୍ଥାନରେ ଟେଷ୍ଟ ମ୍ୟାଚ୍ ଖେଳିବା ପାଇଁ ପ୍ରସ୍ତାବ ରଖିଥିବା ଜଣାପଡ଼ିଛି ।

ସୁରକ୍ଷା କାରଣ ଦର୍ଶାଇ ବାଂଲାଦେଶ ଭାରତରେ ଖେଳିବାକୁ ମନା କରିବା ପରେ ସେମାନଙ୍କ ବଦଳରେ ସ୍କଟଲ୍ୟାଣ୍ଡକୁ ସାମିଲ କରାଯାଇଥିଲା । ଏହାର ପ୍ରତିବାଦରେ ଏବଂ ବାଂଲାଦେଶକୁ ସମର୍ଥନ ଜଣାଇ ପାକିସ୍ତାନ ଫେବୃଆରୀ ୧୫ରେ କଲମ୍ବୋରେ ଭାରତ ବିପକ୍ଷରେ ଖେଳିବାକୁ ମନା କରିଥିଲା । ତେବେ ବ୍ୟାପକ ଆଲୋଚନା ପରେ ଏହି ସମସ୍ୟାର ସମାଧାନ ହୋଇଛି ଏବଂ ଏବେ ପାକିସ୍ତାନ ଦଳ ଭାରତ ବିରୋଧରେ ପଡ଼ିଆକୁ ଓହ୍ଲାଇବ ।

୨୦୨୬ ଟି୨୦ ବିଶ୍ୱକପରୁ ବାଂଲାଦେଶର ଓହରିଯିବା ପ୍ରସଙ୍ଗ ଏବେ କେବଳ କ୍ରୀଡା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ରାଜନୈତିକ ବୟାନବାଜିର ରୂପ ନେଇଛି । ସଦ୍ୟତମ ଘଟଣାକ୍ରମରେ, ଦେଶର କ୍ରୀଡା ପରାମର୍ଶଦାତା ଆସିଫ ନଜରୁଲ ଏକ ବିବୃତ୍ତି ଦେଇଛନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାହା ସମଗ୍ର ବିବାଦକୁ ଏକ ନୂତନ ଦିଗ ଦେଇଛି । ମଙ୍ଗଳବାର, ଫେବୃଆରୀ ୧୦ ତାରିଖରେ ସେ କହିଛନ୍ତି ଯେ ବିଶ୍ୱକପରୁ ଓହରିଯିବାର ନିଷ୍ପତ୍ତି ସରକାର ଦ୍ୱାରା ନୁହେଁ, ବରଂ ଖେଳାଳି ଏବଂ ବାଂଲାଦେଶ କ୍ରିକେଟ ବୋର୍ଡ (BCB) ଦ୍ୱାରା ନିଆଯାଇଛି । ତାଙ୍କ ଅନୁସାରେ, ଦେଶର ସମ୍ମାନ ଏବଂ କ୍ରିକେଟର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ସରକାର କେବଳ ଏହି ନିଷ୍ପତ୍ତିକୁ ସମର୍ଥନ କରିଥିଲେ। ।

କିଛି ସପ୍ତାହ ପୂର୍ବରୁ, ଜାନୁଆରୀ ୨୨ରେ ଆସିଫ ନଜରୁଲ ଗଣମାଧ୍ୟମକୁ ସ୍ପଷ୍ଟ ଭାବରେ କହିଥିଲେ ଯେ ବିଶ୍ୱକପରୁ ଓହରିଯିବାର ନିଷ୍ପତ୍ତି ସରକାରଙ୍କ ଦ୍ୱାରା ନିଆଯାଇଛି । ସେ ଏହା ମଧ୍ୟ କହିଥିଲେ ଯେ ICC ରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଏହି ପଦକ୍ଷେପ ନିଆଯାଇଛି । ସେତେବେଳେ, ଏହା ସୂଚିତ ହୋଇଥିଲା ଯେ ଖେଳାଳିମାନଙ୍କୁ କେବଳ ନିଷ୍ପତ୍ତି ବିଷୟରେ ଅବଗତ କରାଯାଇଥିଲା ଏବଂ ସେମାନଙ୍କ ସହିତ ପରାମର୍ଶ କରାଯାଇ ନଥିଲା । ତେଣୁ, ବିବୃତ୍ତିରେ ପରିବର୍ତ୍ତନ ଏବେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠାଇଥାଏ । ଏବେ, ସେମାନଙ୍କର ନୂତନ ବିବୃତ୍ତିରେ କୁହାଯାଇଛି ଯେ ଖେଳାଳି ଏବଂ ବୋର୍ଡ ଜାତୀୟ ସମ୍ମାନ ଏବଂ କ୍ରିକେଟର ଭବିଷ୍ୟତକୁ ବିଚାରକୁ ନେଇ ଏହି ନିଷ୍ପତ୍ତି ନିଜେ ନେଇଛନ୍ତି । ସେମାନେ ଏହାକୁ ଜାତୀୟ ସ୍ୱାର୍ଥରେ ନିଆଯାଇଥିବା ଏକ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି । ଏହି ପରିବର୍ତ୍ତନ ସମଗ୍ର ବିବାଦର ଉତ୍ସ ପାଲଟିଛି ।

ବର୍ତ୍ତମାନ, ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଏକ ସ୍ପଷ୍ଟ ଏବଂ ବିସ୍ତୃତ ବିବୃତ୍ତି ଅପେକ୍ଷା କରାଯାଇଛି । ଆଗାମୀ ଦିନରେ, ବିଶ୍ୱକପରୁ ଓହରିଯିବାର ପ୍ରକୃତ ନିଷ୍ପତ୍ତି କେଉଁ ସ୍ତରରେ ନିଆଯାଇଥିଲା ତାହା ସ୍ପଷ୍ଟ ହୋଇପାରେ । ଏହା ନିଶ୍ଚିତ ଯେ ଏହି ଯୁ-ଟର୍ଣ୍ଣ ପୁଣି ଥରେ କ୍ରୀଡ଼ା ଏବଂ ରାଜନୀତି ମଧ୍ୟରେ ସମ୍ପର୍କ ଉପରେ ଆଲୋଚନା ଆରମ୍ଭ କରିଛି । ଟି-୨୦ ବିଶ୍ୱକପ ଭଳି ଏକ ପ୍ରମୁଖ ପ୍ଲାଟଫର୍ମରୁ ନିଜକୁ ଦୂରେଇ ରଖିବା କୌଣସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦଳ ପାଇଁ ସହଜ ନୁହେଁ । ଏପରି ପରିସ୍ଥିତିରେ, ବାକଚାତୁରୀରେ ଏହି ପରିବର୍ତ୍ତନ ମାମଲାକୁ ଆହୁରି ଜଟିଳ କରିଛି ।

ବାଂଲାଦେଶ କ୍ରିକେଟ ବୋର୍ଡ (BCB) ମୁଖ୍ୟ ଅମିନୁଲ ଇସଲାମ କହିଛନ୍ତି ଯେ ସେ ରବିବାର ଭାରତ ଏବଂ ପାକିସ୍ତାନ ମଧ୍ୟରେ T20 ବିଶ୍ୱକପ ମ୍ୟାଚ ଦେଖିବା ପାଇଁ କଲମ୍ବୋରେ ରହିବେ ଏବଂ ସେ ଆଶା କରୁଛନ୍ତି ଯେ ଗତ କିଛି ସପ୍ତାହର ଉତ୍ତେଜନାପୂର୍ଣ୍ଣ ପରିବେଶ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (BCCI) ସହିତ ସମ୍ପର୍କରେ ଉନ୍ନତି ହେବ ।

ଇସଲାମ ବାଂଲାଦେଶୀ ଖବରକାଗଜ 'ପ୍ରଥମ ଆଲୋ'କୁ କହିଛନ୍ତି ଯେ ସେ ଏହି ହାଇ-ପ୍ରୋଫାଇଲ ମ୍ୟାଚ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ICC) ଠାରୁ ଏକ ନିମନ୍ତ୍ରଣ ପାଇଛନ୍ତି । ସେ କହିଛନ୍ତି:

ICC ଏକ ନିଷ୍ପତ୍ତି ନେଇଛି । ଏହି ପାଞ୍ଚଟି ଏସୀୟ ଦେଶ ICCରେ ପ୍ରମୁଖ ଅଂଶୀଦାର ଏବଂ ସେମାନେ ଚାହାଁନ୍ତି ଯେ ଫେବୃଆରୀ ୧୫ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ ଦେଖିବା ଏବଂ ପରସ୍ପର ସହିତ ଆଲୋଚନା କରିବା ପାଇଁ ସମସ୍ତ ପାଞ୍ଚଟି ଏସୀୟ ଦେଶର ପ୍ରତିନିଧିମାନେ ଷ୍ଟାଡିୟମରେ ଏକାଠି ଉପସ୍ଥିତ ରୁହନ୍ତୁ ।

ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ଆଫଗାନିସ୍ତାନ ICCରେ ଗୁରୁତ୍ୱପୂର୍ଣ୍ଣ ଏସୀୟ ସଦସ୍ୟ । ଯେତେବେଳେ ପଚରାଗଲା ଯେ ଏହି ବୈଠକ BCCI ସହିତ ତାଙ୍କର ତିକ୍ତ ସମ୍ପର୍କକୁ ଶେଷ କରିବାରେ ସାହାଯ୍ୟ କରିବ କି, ଇସଲାମ କହିଥିଲେ, 'ଆପଣ ଏହାକୁ ଏପରି ଭାବରେ ଦେଖଇ ପାରନ୍ତି ।'

ଅଜଣା ପରିସ୍ଥିତି ଯୋଗୁ ଭାରତୀୟ ବୋର୍ଡ ବାଂଲାଦେଶୀ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କୁ କୋଲକାତା ନାଇଟ ରାଇଡର୍ସର IPL ଚୁକ୍ତିରୁ ବାଦ ଦେବା ପାଇଁ ନିର୍ଦ୍ଦେଶ ଦେବା ପରେ BCCI ଏବଂ BCB ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଂଲାଦେଶରେ ରାଜନୈତିକ ହିଂସା ଦ୍ୱାରା ଏହି ପଦକ୍ଷେପ ପ୍ରେରିତ ବୋଲି ଅନୁମାନ କରାଯାଉଥିଲା, ଯେଉଁଥିରେ ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଇଥିଲା ।

ଇସଲାମ କହିଛନ୍ତି ଯେ ICC ରୁ ମିଳିଥିବା ପ୍ରତିଶ୍ରୁତିକୁ ଚୂଡ଼ାନ୍ତ କରିବା ପାଇଁ ବୋର୍ଡ ଏକ ବୁଝାମଣାପତ୍ର ପ୍ରସ୍ତୁତ କରିବ । ସେ କହିଛନ୍ତି, 'ଆମେ ଏକ ଚୁକ୍ତିନାମା ମଧ୍ୟ ପ୍ରସ୍ତୁତ କରିବୁ । ଏହା ବୁଝାମଣାପତ୍ର (MoU) ପରି ଏକ ଡକ୍ୟୁମେଣ୍ଟ ହେବ ଯାହା ଦ୍ୱାରା କୌଣସି ଅନିଶ୍ଚିତତା ରହିବ ନାହିଁ । ICC ସହିତ ଆଲୋଚନା (MoU ପ୍ରସ୍ତୁତ କରିବା ସମ୍ପର୍କରେ) ପ୍ରାୟ ଶେଷ ପର୍ଯ୍ୟାୟରେ ଅଛି ।'

ଆଜି ଫେବୃଆରୀ ପନ୍ଦର ତାରିଖ । ଓଡ଼ିଶାର ଅଧିକାଂଶ ଶିବାଳୟରେ ପବିତ୍ର ଶିବରାତ୍ରୀ ପର୍ବ ପାଳିତ ହେଉଛି । ତେଣୁ ଟି-ଟ୍ୱେଣ୍ଟି ବିଶ୍ୱକପରେ ଭାରତ ବନାମ ପାକିସ୍ତାନ କ୍ରିକେଟ୍ ମ୍ୟାଚ ଚାଲିଛି । ଏବଂ ଭାରତ ପୁଣିଥରେ ପାକିସ୍ତାନକୁ ହରାଇବାକୁ ସକ୍ଷମ ହୋଇଛି ।

ଆଶା କରୁଛି ପ୍ରତ୍ୟେକ ସଂସ୍କରଣ ପରି ଏହି ସଂସ୍କରଣକୁ ମଧ୍ୟ ଆପଣମାନଙ୍କ ସ୍ନେହ ମିଳିବ । ଆସନ୍ତୁ ଆନନ୍ଦ ନେବା ଅଗଣିତ ନବୀନ ଓ ପ୍ରବୀଣ ସାହିତ୍ୟିକମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଓଡ଼ିଆ ଭାଷାର ଅପୂର୍ବ ସମ୍ଭାର ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନେକ କଳାଛାଇ - ୩୬

ଅଶୋକ ବିଶ୍ୱାଳ

ପୁରୁଣା ଫରେଷ୍ଟ କ୍ୟାମ୍ପ-୨

ଜାରଙ୍ଗାମାନେ ଚୋରିଛପି ଆକ୍ରମଣ କରୁଛନ୍ତି । ଖାଲି ହେଉଥିବା କୁଡିଆକୁ ସାଙ୍ଗେସାଙ୍ଗେ ଜଳାଇ ଦେଉଛନ୍ତି । ଏବେ ସେମାନେ ଅତି ପ୍ରତିଶୋଧ ପରାୟଣ ହୋଇଗଲେଣି । ଆଉ ବେଶିଦିନ ଏଠି ରହିହେବନି । ଜାରଙ୍ଗାମାନଙ୍କୁ ଏବେ ସିନା ସୁଯୋଗ ମିଳିନି କିନ୍ତୁ ପରେ ଅଘଟଣ ଘଟିଯାଇପାରେ । ଗୋଟାଏ ଜାଗାରେ ବେଶିଦିନ ରହିଲେ ସେମାନେ ଯୋଜନାକରି ଆକ୍ରମଣ କରିବେ । ଆମକୁ ବଞ୍ଚିବା କଠିନ ହୋଇଯିବ । ଏହି ମତ ସମସ୍ତେ ଦେଉଥିଲେ । କ୍ୟାମ୍ପ ଭିତରେ ଅପରାହ୍ନରେ ସମସ୍ତେ ବାହାରେ ବିଚାର ବିମର୍ଷ କରୁଥିଲେ । ଗଛଗୁଡାକ ମୋଟ ହୋଇ ପାଖରେ ବଢିଥିଲା । କିଛି ଗଛ ଗଣ୍ଡିମାନ କ୍ୟାମ୍ପ ପାଖରେ ପଡିଥିଲା ।

ନୂଆ କ୍ୟାମ୍ପ ତିଆରି ହେବ ।– ବୋପାୟା ଗମ୍ଭୀର ଭାବରେ କହିଲେ ।

ପୁରୁଣା କ୍ୟାମ୍ପକୁ ନୂଆ କ୍ୟାମ୍ପକୁ ଉଠାଇବାକୁ କିଛି ସମୟ ତ ଲାଗେ । ଏ ଭିତରେ କିଛି ଦିନ ବିତିଗଲା । ପୁଣି ରାତିରେ ଆକ୍ରମଣ ହୋଇଗଲା । ଜହ୍ନିଫୁଲିଆ ଆଲୁଅ ପଡିଥାଏ । ସବୁ ପ୍ରାୟ ପରିଷ୍କାର ଦେଖାଯାଉଥାଏ । କିଛି ଜାରଙ୍ଗା ଛପିଛପି କ୍ୟାମ୍ପରେ ପଶିଲେ ଆଉ କ୍ୟାମ୍ପର କୁକୁରକୁ ତୀରମାରି ମାରିଦେଲେ । କିଛି ଟିଣ ବାଲଟି, ଆଲୁମିନିୟମ ଡେକଚି, କୁରାଢୀ ଆଉ ଦାଓ ସାଙ୍ଗରେ ନେଇ ପଳେଇଲେ । କ୍ୟାମ୍ପର ଲୋକେ ହଠାତ୍ କିଛି ଜାଣିପାରିଲେନି । ଜାଣିବାକୁ କିଛି ସମୟ ଲାଗିଲା । କିଛି ବ୍ଲାଙ୍କ ଫାୟାରିଙ୍ଗ ହେଲା । କିନ୍ତୁ ଜାରଙ୍ଗାମାନେ ସେତେବେଳକୁ ଜଙ୍ଗଲରେ କେଉଁଠି ଉଭେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଇଥିଲେ ।

ଅବିନାଶ ନିଜକୁ ପ୍ରକୃତିସ୍ଥ କରୁଥିଲା । ତା' କାନପାଖେ ଏବେ ବୋପାୟାଙ୍କ ସ୍ୱର ଭାସୁଥିଲା । ସେ ନିଜ ଭିତରେ ଗଢି ତୋଳିଥିବା ଚଳଚ୍ଚିତ୍ରକୁ କେମିତି ସାଇତି ରଖିଦେଲା । ବାହାରେ ବର୍ଷା ସେମିତି ଚାଲିଥିଲା । ଅବିନାଶ ଆଉ କୁଆଡେ ନଯାଇ ସେମିତି ବାରାଣ୍ଡାରେ ବସିରହିଲା । କେଉଁ ଦୂରସମୁଦ୍ର ଭିତରେ ଅଛି ଏ ଦ୍ୱୀପ ସମୂହ । ତା' ଭିତରେ ରହୁଛନ୍ତି କିଛି ପ୍ରିମିଟିଭ ବା ଅତି ଆଦିମ ଜନଜାତିର ଏଇ ଜାରୱାମାନେ । ସେମାନଙ୍କ ଅଞ୍ଚଳରେ ବାହାର ଲୋକମାନେ ଆସି କାମକରୁଛନ୍ତି ଆଉ ଆକ୍ରମଣ ପ୍ରତି ଆକ୍ରମଣ ଘଟୁଛି । ସେ ଆକ୍ରମଣର କ୍ରମ ଅନେକ ଅନେକ ଦିନ ଧରିଚାଲିଛି । ଆଜିକାଲି କିଛି ଜାରୱା ଲୋକମାନଙ୍କ ପ୍ରତି ଆକ୍ରାମକ ନୁହଁନ୍ତି । ଅନେକ ଜାରୱା ଆମର ମନେକରାଯାଉଥିବା ଉନ୍ନତ ସଭ୍ୟତା ଭିତରକୁ ଆସିଲେଣି । କିନ୍ତୁ ମନ ଭିତରେ କିଛି ଅସୂୟା ନିଶ୍ଚିତ ଭାବରେ ଥିବ ।

ଅବିନାଶ, ବୋପାୟା ଏକ ଛାଇ, ଜଙ୍ଗଲ ଭିତରେ କଳା ଗଛ ଗଣ୍ଡି ପାଖରେ ଠିଆ ହୋଇଥିବା ଏକ ଦୃଢ ଛାଇ । ତୁମେ ପାଖରେ ହାତୀର ସଁ ସଁ ଶବ୍ଦ ଶୁଣୁନି କି ?- ମାଥ୍ୟୁ କହିଲେ ପରଦିନ ବଢି ସକାଳେ । ଅବିନାଶ ନିଜ ଚାରିପାଖେ କିଛି ଶବ୍ଦ ଆଉ ଜଞ୍ଜିରର ଝଣଝଣ ଶବ୍ଦ ଶୁଣିଲା ।

ସେଦିନ ସକାଳେ ମାଥ୍ୟୁ ଆସିଥିଲେ । ସେ ବୟସ୍କବ୍ୟକ୍ତି । ଆଣ୍ଠାମାନରେ ଅନେକ ସ୍ଥାନ ବୁଲିଛନ୍ତି । ଜାରୱାମାନଙ୍କ ଉପରେ ତାଙ୍କର ଭଲ ଜ୍ଞାନ । ସେ ମଧ୍ୟ ତାଙ୍କର ପୁରୁଣା କାର୍ଯ୍ୟକ୍ଷେତ୍ରମାନ ଦେଖିବାକୁ ଆଗ୍ରହୀ ଥିଲେ । ବଢି ସକାଳୁ ଯାତ୍ରା ଆରମ୍ଭ ହେଲା । ବର୍ଷା ଛାଡିଯାଇଥିଲା । ରାସ୍ତାସବୁ ବଙ୍କାଟଙ୍କା କିନ୍ତୁ ସଫା । ଘରମାନ ପ୍ରାୟ ରାସ୍ତା ଧାରରେ । ଅଧିକାଂଶ ଘର ଟିଣଛପରରେ ହୋଇଛି ଆଉ ଗୁଆ ବା ନଡିଆ ବଗିଚା ମଧ୍ୟରେ ଠିଆହୋଇଛି । ଏକ ଏକ ବଗିଚା ଭିତରେ ଠିଆହୋଇଥିବା ଏମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘରଗୁଡା ବଡ଼ ଲାଗେ ।

ବାଟରେ ଗଲାବେଳେ ଡ୍ରାଇଭର ମୁଥୁ ଅନେକ କଥା ଜାରଙ୍ଗାମାନଙ୍କ ଉପରେ କହିଲା । ସେମାନେ ରାସ୍ତାରେ ଠିଆହୋଇଯାଆନ୍ତି ଆଉ ବେଳେବେଳେ ଜିନିଷ ଛଡାଇ ନିଅନ୍ତି । ଏକ ଝିଅଠାରୁ ତା'ର ପର୍ସ ଛଡାଇ ନେଇଥିଲେ । ଝିଅଟି ଜାରଙ୍ଗାମାନଙ୍କ ପଛରେ ମୁଥୁ ମନା କରିବା ସତ୍ତ୍ୱେ ଓହ୍ଲାଇ ପଡି ଦୌଡିଥିଲା । କିନ୍ତୁ କିଛି ମିଳିଲାନି । ଜାରଙ୍ଗାମାନେ ବେଳେବେଳେ ଗାଡିରେ ଚଢ଼ିଯାଆନ୍ତି । ରାସ୍ତାରେ କିଛି ବାଟ ଚାଲିଯିବେ । ସେ ରାସ୍ତାରେ ଗଲାବେଳେ କିଛି ବିସ୍କୁଟ ରଖିବା କଥା । କେମିତି କେଜାଣି ଜାରଙ୍ଗା ସହ ସାକ୍ଷାତ ହେଲେ ତା'କୁ ବିସ୍କୁଟ ଦେବାକଥା । ତା'ହେଲେ ସେ ଆଉ ଆକ୍ରମଣ କରିବନି । ଅଧା ଲଙ୍ଗଳା ଲୋକଙ୍କୁ ଦେଖିଲେ ଅତି ସଂଜତ ହେବା କଥା । ସେମାନେ କ୍ଷଣକୋପୀ । କ'ଣ ନାହିଁ କ'ଣ କରିଦେଇ ପାରନ୍ତି । ଜାରଙ୍ଗା ଅଞ୍ଚଳରେ ମୋଟେ ଗାଡି ଅଟକିବନି । ପରିସ୍ରା ଆଦି ଆଗରୁ କରିନିଅ । କାଚ ବନ୍ଦକରିଦିଅ ।ଏମିତି ଅନେକ କଥା । ମୁଥୁର କଥା ଶୁଣିଲେ ନିଜର ସୁରକ୍ଷାପାଇଁ ଯେ କେହି ଟିକେ ବ୍ୟସ୍ତ ହୋଇପଡ଼ିବ । ଯାହାହେଉ ଚାରିଘଣ୍ଟା ପରେ ଗାଡିରୁ ଓହ୍ଲାଇ ଜିରକାଟାଙ୍ଗରେ ଏକ ସୁନ୍ଦର ବସିବା ହଟକୁ ଚାଲିଗଲେ ଅବିନାଶ ଆଉ ମାଥ୍ୟୁ । ଡ୍ରାଇଭର ମୁଥୁ ରହିଲା ଗାଡି ସହିତ । ସେଇଠି ଦେଖାହେଲା ସେବାଷ୍ଟିଆନଙ୍କ ସହ । ସେ ରାଞ୍ଚିର ଲୋକ । ଏଠି ଡିପାର୍ଟମେଣ୍ଟରେ କାମକରୁଛନ୍ତି । ପ୍ରଥମେ ପ୍ରଥମେ ଅନେକ ଲୋକ ଆସିଯାଇଥିଲେ ଆଣ୍ଠାମାନକୁ । ସେ ଭିତରୁ ଝାରଖଣ୍ଡର ଅନେକ ଆଦିବାସୀ ଆସିଯାଇଥିଲେ । ସେମାନଙ୍କୁ ରାଞ୍ଚି ଲୋକ କୁହାଯାଏ ।

ଏ ଅଞ୍ଚଳ ଭିତରକୁ ଯିବାପାଇଁ ଅନେକ ନିୟମ ଅଛି । କାରଣ ଅଯଥାରେ କେହି ଜାରଙ୍ଗାମାନଙ୍କୁ ବିରକ୍ତ ନ କରନ୍ତୁ । ଅନେକ ଲୋକ କିଛି ଭୁଲଭାଲ ଛାପିଦେଇ ସମସ୍ତଙ୍କୁ ଅଯଥାରେ ହଇରାଣରେ ପକାଇଛନ୍ତି ।- ପାଖରେ ଠିଆ ହୋଇଥିବା ସାମୁଏଲ କହିଲେ । ଜିରକାଟାଙ୍ଗ କ୍ୟାମ୍ପରେ କିଛି ଶ୍ରମିକଙ୍କ ଜୀବନ ଜାରଙ୍ଗା ଆକ୍ରମଣରେ ଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଇ ଜାଗାଟା ହେଉଛି ଜାରଙ୍ଗା ଆଉ ଅନ୍ୟ ସାଧାରଣ ଲୋକମାନଙ୍କ ମଧ୍ୟରେ ଥିବା ଏକ ଅଦୃଶ୍ୟ ବାଉଣ୍ଡରୀ । କେହି ସେ ରେଖା ଅତିକ୍ରମ କରିବା କଥା ନୁହେଁ ।- ମାଥ୍ୟୁ କଥାକୁ ବାଗେଇ କହିଲେ ।

ଅବିନାଶ ବସିଥିବା ହଟରୁ ଲମ୍ବା ହୋଇ ବଢିଥିବା ଜଙ୍ଗଲକୁ ଅନାଇ ରହିଲା । ଘୋର ଅନ୍ଧାରିଆ ବର୍ଷାବନ ଭିତରେ ରହୁଥିବା ଜାରଙ୍ଗାମାନେ ଅତି ହିଂସ୍ର ହୋଇଯାଇଛନ୍ତି ଆଉ ସେମାନଙ୍କ ପାଖରେ ଦୟାମାୟା ନାହିଁ । ଏକ ଫୁଡ ଗ୍ୟାଦରର ପାଖରେ ଭାବିବାକୁ ସମୟ କାହିଁ ? ସେମାନେ ଚାଷବାସ ଯେ କରନ୍ତିନି । ଜଙ୍ଗଲରୁ ଫଳ, ମୂଳ ପତ୍ର, ଆଉ ଶିକାର ଆଦି ସଂଗ୍ରହ କରନ୍ତି । ତେଣୁ ସେମାନଙ୍କୁ ସବୁଦିନ ଖାଇବାପାଇଁ ସଂଘର୍ଷ କରିବାକୁ ପଡୁଥିବ । ସେଠି ମନରେ ଭାବି କାହାକୁ ଗ୍ରହଣ କରିବାପାଇଁ ବଡ଼ କ୍ଷେତ୍ର ମିଳିନଥିବ ।

ଜାରଙ୍ଗାମାନେ ଅତି ଚାଲାକ । ଯେମିତି ଦେଖାଯାଉଛନ୍ତି, ସେତେ ନରମ ନୁହଁନ୍ତି ।- ମାଥ୍ୟୁ କହିଲେ ।

ଅବିନାଶ ମନେ ପକାଇଲା । ଆଗରୁ ରାସ୍ତାରେ ଅନେକ ଜାରଙ୍ଗାଙ୍କସହ ଦେଖାହୋଇଛି ଅନେକ ଲୋକଙ୍କର । ଅବଶ୍ୟ ସିଧା ସାକ୍ଷାତ ନୁହେଁ । ରାସ୍ତାରେ ଗାଡିରେ ଯିବାସମୟରେ ଯାହା ଦେଖାହୋଇଥିବ । ଲୋକମାନେ କନଭେୟରେ ଗାଡି ଅଟକାଇନାହାନ୍ତି କିନ୍ତୁ ଜାରଙ୍ଗାମାନଙ୍କ ଦେଖାର କାହାଣୀ ସାଙ୍ଗରେ ନେଇ ଯାଇଛନ୍ତି ଆଉ ନିଜ ହିସାବରେ ସଜାଇ ଅନ୍ୟକୁ କହିଛନ୍ତି । ଆଗର ସେମାନଙ୍କ ବ୍ୟବହାର କଥା ଆଉ ଆଜି ଲୋକଙ୍କ କଥା ଶୁଣିଲେ ଟିକିଏ ଭିନ୍ନଲାଗୁଛି । ଚାରି ପାଞ୍ଚ ଦଶକ ପୂର୍ବର କଥା ହିସାବରେ ଜାରଙ୍ଗାମାନେ ଅତି ଆକ୍ରାମକ ଥିଲେ । ସେତେବେଳେ ଜାରଙ୍ଗାମାନଙ୍କ ଚତୁର ବ୍ୟବହାର ବିଷୟରେ କିଛି କେହି କହିନାହାନ୍ତି । ମାଥ୍ୟୁ ତା'ହେଲେ ବଢେଇଚଢେଇ କହୁନାହନ୍ତି ତ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଥ୍ୟୁ ଅବିନାଶ ମନର ସନ୍ଦେହ ପଢିନେଉଥିଲେ । ଅବିନାଶ ଆଜିର ଜାରୱା ଦେଖିଲେ ସେମିତି ସନ୍ଦେହ କରିବ । ସେମାନେ ରାସ୍ତା ଦାଢରେ ଠିଆହୋଇଛନ୍ତି । କିଛିକରୁ ନାହାନ୍ତି । ଖୋଲା ଦେହ । ଏବେ ଅଣ୍ଡାମାନ ଆଦିମ ଜନଜାତିବିଭାଗ ଦ୍ୱାରା ଦିଆଯାଇଥିବା କପଡା ପିନ୍ଧୁଛନ୍ତି । ତା'ହେଲେ ସେମାନେ ଏତେ ଚାଲାକ କେମିତିହେଲେ ? ଆଖି ନିରୀହ ଲାଗୁଥିବ ।

ପ୍ରାୟ ଦୁଇଦଶକତଳର କଥା । ଥରେ କଦମତାଲା (ମଧ୍ୟ ଆଣ୍ଡାମାନ)ରେ ଗ୍ରାମର ଲୋକମାନେ ଚାରିଜଣ ଜାରୱାଙ୍କୁ ଧରିପକାଇଲେ । ଏଇଟା ସେତେବେଳେ କେବେ କେବେ ଘଟିଯାଉଥିଲା ।– ଏତିକି କହି ମାଥ୍ୟୁ ଟିକେ ରହିଗଲେ । ଅବିନାଶ ମଧ୍ୟ ନିଜର ଶ୍ୱାସ ଧିରେ କରିନେଇଥିଲା । କଥାଟା ଲୋମଟାଙ୍କୁରିବା ଭଳି ଥିଲା । ଜାରୱାଙ୍କୁ ଧରିବା କିଛି ସାଧାରଣ କଥା ନୁହେଁ ।

ସେମାନେ ଜାରୱାଙ୍କୁ ଧରିଲେ । ତେବେଏଠି ଜାରୱାଙ୍କ ଚାଲାକି କେଉଁଠି ଆସିଲା ?- ଅବିନାଶ ନିଜକୁ ଅଟାକାଇ ନପାରି ପଚାରିଲା ।

ଜାରୱାମାନେ ବଡ଼ ତୃଷାର୍ତ୍ତ ଥିଲେ । ସେମାନଙ୍କୁ ପିଇବା ପାଇଁ ଏକ ପାତ୍ରରେ ପାଣି ଦିଆଗଲା । କିନ୍ତୁ ସେମାନେ ମୋଟେ ପିଇଲେନି । ଠାରରେ ପ୍ରଥମେ ଗାଁ ଲୋକମାନଙ୍କୁ ପିଇବାକୁ କହିଲେ । ଗାଁ ଲୋକମାନେ ପିଇବା ପରେ ସେମାନେ ବଞ୍ଚିଥିବା ପାଣି ପିଇଲେ । ସେମାନେ ପାଣିରେ ବିଷ ମିଶିନି ବୋଲି ଜାଣିବାକୁ ଚାହୁଁଥିଲେ । ଏଇଟା ଜାରୱାଙ୍କର ଚାଲାକି ।- ମାଥ୍ୟୁ କହିଲେ ।

ଆପଣ ଏହାକୁ ଚାଲାକି କହି ପାରନ୍ତି, କିନ୍ତୁ ମୁଁ ଏହାକୁ ସନ୍ଦେହ ମଧ୍ୟ କହୁନି । ସେମାନଙ୍କର ବଞ୍ଚିବାପାଇଁ ଏକ ସାଧନ, ପ୍ରମାଣର ଆବଶ୍ୟକତାର ଅନୁଭବ । ସେଟଲର ଆଉ ଜାରୱାଙ୍କ ଭିତରେ କେତେ ଗଣ୍ଡଗୋଳ ଯେଘଟିଯାଇଛି । ଜଣେ ଜଣଙ୍କୁ ସନ୍ଦେହ କରିବାର କଥା ।- ଅବିନାଶ କହିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସନ୍ଦେହ ଆଉ ଚାଲାକି ତ ଏକା କଥା । ଜାରୱାମାନେ କିଛି ନୂଆ ଜିନିଷ ପରୀକ୍ଷା ପରେ ଗ୍ରହଣ କରନ୍ତି । କଥାଟା ସତ ଯେ ସେମାନେ ଏକଦମ୍ ଓଲା ନୁହଁନ୍ତି ।- ମାଥ୍ୟୁ କହିଲେ । ଅବିନାଶ ମୁଣ୍ଡ ହଲାଇଲା । ଏମାନଙ୍କ ସମାଜରେ ଏକଦମ ଓଲାର ଜାଗା କେଉଁଠି ? ସମସ୍ତଙ୍କୁ ନିଜର ପ୍ରତିଦିନର ଖାଦ୍ୟ ପାଇଁ ସଂଘର୍ଷ କରିବାକୁ ପଡୁଥିବ ।

ଜଙ୍ଗଲରେ କେହି ତ ଓଲା ହୋଇ ପାରିବନି । ପାଣି କେଉଁଠି ବିଷାକ୍ତ ହୋଇପାରେ । ତେଣୁ ସହଜାତ ଶିକାରୀ ପ୍ରବୃତ୍ତି ସେମାନଙ୍କୁ ସାମାନ୍ୟ ସନ୍ଦେହୀ କରିଥିବ । ବିନା ପରୀକ୍ଷା ନିରୀକ୍ଷାରେ ସେମାନେ କିଛି ଗ୍ରହଣ କରିବେନି ।- ଅବିନାଶ ନିଜ ମତାମତ ଦେଉଥିଲା ।

ହଁ, ମଣିଷର ଏହା ସହଜାତ ପ୍ରବୃତ୍ତି । ଏମିତିଆ ଘଞ୍ଚ ଅରଣ୍ୟ ଭିତରେ ବଞ୍ଚିବାକୁ ହେଲେ ସବୁ କଥାକୁ ଟିକିନିଖି ପରୀକ୍ଷା କରିବାକୁ ହେବ ।- ମାଥ୍ୟୁ ଅବିନାଶର କଥାରେ ସହମତ ହେଉଥିଲେ । ଜଙ୍ଗଲରେ କେତେ ଫଳ, ମୂଳ । ସବୁଠି ସବୁକିଛି ଖିଆ ଯାଇନପାରେ । ଯିଭାବେଳେ କେଉଁଠି କିଛି ଘଟିଯାଇପାରେ । ତେଣୁ ଜଙ୍ଗଲରେ ରହୁଥିବା ପ୍ରିମିଟିଭ ଜନଜାତି ଅତି ସାବାଧାନତାର ସହ ଜୀବନ କାଟୁଥିବେ । ସେମାନଙ୍କ ସଂଖ୍ୟା ଏମିତି କେତେକି ? ଏଇ ପାଞ୍ଚଶହ ଭିତରେ ହେବ । ଏମିତି କିଛି ଜାରୱାମାନଙ୍କ ଉପରେ କଥା ଚାଲିଲା ।

ଜାରୱାମାନେ ଅତି ବେଗରେ ଜଙ୍ଗଲରେ ଧାଇଁପାରନ୍ତି ।- ମାଥ୍ୟୁ ଜାରୱାମାନଙ୍କ ଏକ ବିଶେଷ ଗୁଣ ବିଷୟରେ କହୁଥିଲେ ।

ଅବିନାଶକୁ ଆଶ୍ଚର୍ଯ୍ୟ ଲାଗୁଥିଲା । ଆଣ୍ଠାମାନରେ ଗୋଡକୁ ଗୋଡ ବାଜୁଥିବା ଜଙ୍ଗଲ ଭିତରେ, ଭିତରେ ଅଛି ବେଶ ବଡ଼ ମୁନଥିବା କଣ୍ଟା ବେତବଣ, ତା' ଭିତରେ କିଏ ଜୋରରେ ଦୌଡିବା କେମିତି ଅସମ୍ଭବ ଲାଗୁଥିଲା । ତଳେ ଗଛର ଚେରସବୁ ଜାଲ ଭଳି ଛନ୍ଦିହୋଇଛି । ପାଣି କାଦୁଅ ସବୁଠି । ଏଠି ଜଣେ ଜୋରରେ ଦୌଡିବା ଅର୍ଥ ହେଉଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ଏକ ସୁପରମ୍ୟାନ । ଆମ ଭାବିବାର ହିସାବରେ ସୁପରମ୍ୟାନର ଶରୀରରେ ଖାଲି ମାଂସପେଶୀ ଫୁଟିଉଠୁଥିବ । ଅତି ବଳିଷ୍ଠ ହେଲେ ଯେ ସୁପରମ୍ୟାନ ହେବ ତା' ନୁହେଁ । ସାଧାରଣ ମଣିଷ ନକରିପାରୁଥିବା ଗୁଣର ଅଧିକାରୀ ହେଲେ ମଣିଷ ସୁପରମ୍ୟାନ ହେବ ।

ମାଥ୍ୟୁ ପୁଣି ନିଜର କଥା ଆରମ୍ଭ କଲେ ।-ମଧ୍ୟ ଆଣ୍ଠାମାନର କଥା । ଥରେ ମୋ ମଉସା ଜଙ୍ଗଲରେ ଜାରଙ୍ଗାକୁ ଦେଖିଲେ । ମଉସା ପି ଡବ୍ଲ୍ୟୁଡିରେ ସୁପରଭାଇଜର ଥିଲେ । ରାସ୍ତାକାମ ଚାଲୁଥିଲା । ଏକ ଜାରଙ୍ଗା ସେମାନଙ୍କୁ ଚୁପଚାପ ଲକ୍ଷ୍ୟକରୁଥିଲା । ସେ ସମୟରେଏତେ ରାସ୍ତାଘାଟ ନଥିଲା । ଜାରଙ୍ଗାମାନଙ୍କର ଏମିତି ଗୁପ୍ତରେ ଲକ୍ଷ୍ୟକରିବା ଏକ ଶିକାରୀଗୁଣ । ସେମାନଙ୍କ ଅଞ୍ଚଳରେ କେହି ପଶୁ ବୋଲି ଜାରଙ୍ଗାମାନେ ଚାହୁଁ ନଥିଲେ । କିନ୍ତୁ ସରକାରୀ ଆଦେଶରେ ରାସ୍ତା ତିଆରି ହେଉଥିଲା । ଏହି ସମୟରେ ଅନେକ ଆକ୍ରମଣ ପ୍ରତି ଆକ୍ରମଣ ଘଟିଯାଇଛି । ଯେମିତି ମଉସାଙ୍କ ଆଖିରେ ଜାରଙ୍ଗାର ଆଖି ମିଶିଛି, ନିମିଷକେ ଜାରଙ୍ଗା ଦୌଡି କୁଆଡେ ଉଭାନ ହୋଇଗଲା ।

ମାଥ୍ୟୁଙ୍କ କଥା ଟିକିଏ ଉଦ୍ଦୀପନା ନେଇଆସୁଥିଲା । ସେ ଟିକେ ରହି ସମସ୍ତଙ୍କୁ ଅନଇଲେ । ଜଙ୍ଗଲ ଧାରରେ ସମସ୍ତେ ଜାରଙ୍ଗାଙ୍କ କଥା ଶୁଣିବାକୁ ଏକ ଠେକୁଆ ଭଳି କାନ ପାରି ବସିଥିଲେ । ସେ ଜାରଙ୍ଗା ଆକ୍ରମଣର ଏକ ରୋମାଞ୍ଚିକ କାହାଣୀ କହିଲେ ।

ଥରେ ଜିରକାଟାଙ୍ଗର ନମ୍ବର-୨ର ପି ଡବ୍ଲ୍ୟୁଡି ଶ୍ରମିକ କାଲିମୁଥାନ ଉପରେ ଏକ ବଡ଼ ଆକ୍ରମଣ ହେଲା । ସେଦିନ କାମସାରି ପି ଡବ୍ଲ୍ୟୁଡି ଶ୍ରମିକମାନେ ଫେରୁଥିଲେ । ଜିରକାଟାଙ୍ଗଟା ସଂମ୍ପୂର୍ଣ୍ଣ ଜଙ୍ଗଲିଆ ଅଞ୍ଚଳ । ଏବେବି ଜଙ୍ଗଲ ସେମିତି କିଛି କମ ହୋଇନି । କାମ କରିବା ଜାଗାଟା ପୁଲିସ ପୋଷ୍ଟଠାରୁ ଏଇ ଏକ-ଦୁଇ କିଲୋମିଟର ଭିତରେ । ନୂଆ ରାସ୍ତା କଟା ହେଉଥିଲା । ସେତେବେଳେ ମେସିନ ବହୁତ କମ ଥିଲା । କଠିନ ପରିଶ୍ରମ କରି ମାଟି କାଟିବାକୁ ପଡୁଥିଲା । ସାଥିମାନେ ଟିକିଏ ଆଗରେ ଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେଶ କିଛିଦିନ ହେଲା ଜାରଙ୍ଗାମାନେ ଦେଖାଦେଇ ନାହାନ୍ତି । ତେଣୁ ଶ୍ରମିକ ଦଳ ଏତେ ସାବଧାନ ନଥିଲେ । ସମସ୍ତେ ଭାବୁଥିଲେ ଯେ ଜାରଙ୍ଗାମାନେ ବୋଧହୁଏ ଅନ୍ୟ ଅଞ୍ଚଳକୁ ଚାଲିଯାଇଛନ୍ତି । ଏହା ଜାରଙ୍ଗାମାନଙ୍କର ସାଧାରଣ ଗୁଣ । ଖାଦ୍ୟ ସଂଗ୍ରହପାଇଁ ସେମାନେ ବାରମ୍ବାର ସ୍ଥାନ ବଦଳାନ୍ତି ।

ଏମିତି ଆଣ୍ଠାମାନରେ ଭୋର ସକାଳୁ କାମ ଆରମ୍ଭ ହୋଇ ପ୍ରାୟଦିନ ଦୁଇଟା ବେଳକୁ କାମ ସରିଯାଏ । ତା'ପରେ ଲୋକମାନେ ନିଜନିଜ ଘରକୁ ଫେରିଯାଇ ଅନ୍ୟ କାମ କରନ୍ତି । ଘରେ ଟିକେ କାମ ଅଛି । ତେଣୁ କାଲିମୁଥାନ କାହାକୁ ଅପେକ୍ଷା ନକରି ଆଗୁଆ ବାହାରିଗଲା । ରାସ୍ତା ଆଗକୁ ଛୁଞ୍ଚିମୁନ ଭଳିବାଙ୍କି ଯାଇଥିଲା । ପଛରେ ଦଳର ଅନ୍ୟମାନେ ଦେଖା ଯାଉନଥିଲେ । ସେ ପାଟି ନକରି ବେଶ ଜୋରରେ ଚାଲୁଥିଲା । ହଠାତ୍ ତା' ଉପରେ ଜାରଙ୍ଗା ଆକ୍ରମଣ ଆରମ୍ଭ ହୋଇଗଲା । ପ୍ରାୟ ଦଶ ବାରଜଣ ଜାରଙ୍ଗା ସେପଟେ ଥାଆନ୍ତି । ଏପଟେ କାଲିମୁଥାନ ଏକା । ସେମାନେ କାଲିମୁଥାନକୁ ତୀର ମାରୁଥାନ୍ତି ଆଉ କାଠରେ ଭୁଷିବାକୁ ଚେଷ୍ଟା କରୁଥାନ୍ତି । କାଲିମୁଥାନ ସବଳ ଲୋକ । ତା' ପାଖରେ ଏକ ବଡ଼ ବର୍ମା ଦାଓ ଥାଏ । ଏମିତିଆ ଲମ୍ବା ଫାଳ ଆଉ ଲମ୍ବାବେଣ୍ଟଥିବା ଦାଓ ପ୍ରତି ଶ୍ରମିକ ପାଖରେ ରଖନ୍ତି । ଏଥିରେ ଗଛ ଡାଳ କାଟିବା ସହଜ ହୁଏ । କାଲିମୁଥାନ ଦେହରୁ ରକ୍ତ ବୋହିଯାଉଥାଏ । ଜୋରରେ ଚିତ୍କାର କରିବାକୁ ତା' ପାଖରେ ଯେମିତି ସମୟ ନଥିଲା । ସେହି ସମୟରେ ଭାଗ୍ୟକୁ ପଛରେ ଆଉ ଏକ ଶ୍ରମିକ ସାଇକେଲରେ ଆସୁଥିଲା । ସେ ଜାରଙ୍ଗାମାନଙ୍କ ଆକ୍ରମଣ ଦେଖି ପାଖରେ ଥିବା ବୁଶ ପୁଲିସ ପୋଷ୍ଟକୁ ଯାଇ ଖବର ଦେଲା । ପୁଲିସ କନେଷ୍ଟବଳମାନେ ଦୌଡି ଆସିଲେ ଆଉ ବ୍ଲାଙ୍କ ଫାୟାର କଲେ । କିଛି ଗୁଳି ଜାରଙ୍ଗାମାନଙ୍କ ମୁଣ୍ଡଉପର ଦେଇ ସିର୍ସିର୍ ହୋଇ ଚାଲିଗଲା । ସେମାନେ ଗୁଳି ଫୁଟା ଦେଖି ଦୌଡି କୁଆଡେ ଲୁଚିଗଲେ ଆଉ କାଲିମୁଥାନ ବଞ୍ଚିଗଲା । ପୁଲିସମାନେ ତା'କୁ ଉଦ୍ଧାର କଲାବେଳକୁ ତା' ଦେହରେ ଛଅଟା ତୀର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗିଥିଲା । ତା'କୁ ହସ୍ପିଟାଲରେ ପ୍ରାୟ ଏକ ମାସ ରହିବାକୁ ପଡିଲା । ଆଗକୁ କାଲିମୁଥାନ ଛୋଟେଇଛୋଟେଇ ଚାଲିଲା । ମା ମାରିଆମ୍ମାନଙ୍କ ସୁଦୟାରୁ ସେ ବଞ୍ଚି ଯାଇଛି । ତା'ପରେ ସେ ଦେବୀଙ୍କ ପାଇଁ ଏକ ଛୋଟ ମନ୍ଦିର ଜିରକାଟାଙ୍ଗ ନମ୍ବର-୨ରେ ଏକ ଛୋଟ ମୁଣ୍ଡିଆ ଉପରେ ତିଆରିକରି ସେଠାରେ ବାକି ଜୀବନ ମା ମାରିଆମ୍ମାନଙ୍କ ପୂଜକ ଭାବରେ ବଞ୍ଚିଲା ।

ଛଅଟା ତୀର ଲାଗି ବଞ୍ଚିବା ସାଧାରଣ ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ । କାଲିମୁଥାନ ସେମିତିଆ ମୋଟାସୋଟା ଆଉ ଶକ୍ତିଶାଳୀ ଲୋକ ବୋଲି ବଞ୍ଚିଗଲା ।- ମାଥ୍ୟୁ ଶେଷକୁ ନିଜ ମନ୍ତବ୍ୟ ଦେଲେ । ଅବିନାଶ ମାଥ୍ୟୁଙ୍କ ଆଡକୁ ଅନାଇଲା । ସେବାଷ୍ଟିଆନ ଆଉ ସାମୁଏଲ ମଧ୍ୟ ମାଥ୍ୟୁଙ୍କ କଥାକୁ ଯେମିତି ପିଇ ଯାଉଥିଲେ ।

କିନ୍ତୁ ସବୁବେଳେ ଜାରଙ୍ଗା ଆକ୍ରମଣରୁ ଲୋକେ ବଞ୍ଚନ୍ତିନି । କଦମତାଲାରେ ଏକ ବଙ୍ଗାଳୀ ସେଟଲରକୁ ସେମାନେ ତୀର ମାରିଥିଲେ । ତୀରଟା ସିଧା ଛାତିରେ ଲାଗିଥିଲା । ଗୋଟାଏ ତୀରରେ ମୃତ୍ୟୁ ।– ମାଥ୍ୟୁ କାଲିମୁଥାନର ଭାଗ୍ୟ କଥା କହୁଥିଲେ । ନହେଲେ ଜାରଙ୍ଗାମାନଙ୍କ ତୀରରୁ ବଞ୍ଚିବା କିଛି ସହଜ କଥା ନୁହେଁ ।

ସେବାଷ୍ଟିଆନ ଚୁପଚାପ ବସି ମାଥ୍ୟୁଙ୍କ କଥା ଶୁଣୁଥିଲେ । ସେ ଜିରକାଟାଙ୍ଗରେ ତ ବହୁ ସମୟ କଟାଇଛନ୍ତି । ଅନେକ କଥା ତ ତାଙ୍କ ଆଗରେ ଘଟି ଯାଇଛି । ମାଥ୍ୟୁ ତାଙ୍କ କଥା ଶେଷ କରିବା ଦେଖି ସେ ନିଜ ଅଙ୍ଗେ ନିଭାଇଥିବା କଥାମାନ କହିବାକୁ ଲାଗିଲେ । ତାଙ୍କ ସମୟରେଏହି କ୍ୟାମ୍ପରେ ଅନେକ ଆକ୍ରମଣ ହୋଇଥିଲା । ତାଙ୍କ ଆଗରେ ଜାରଙ୍ଗା ଆକ୍ରମଣରେ ଏବେକାର ଏକ ଶ୍ରମିକର ପିତାଙ୍କ ମୃତ୍ୟୁଘଟିଛି । ସେମାନେ କାଳେ ଆଗରୁ ଆକ୍ରମଣ ସମୟରେ ବେତବୁଣା ବୁଲେଟ ପ୍ରୁଫ ଜ୍ୟାକେଟ ପିନ୍ଧୁଥିଲେ । ଅବିନାଶ ଆଉ ସମ୍ଭାଳି ପାରିଲା ନାହିଁ ।

ବୁଲେଟପ୍ରୁଫ କହୁଛନ୍ତି !- ଅବିନାଶ ମନରେ ସନ୍ଦେହ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଇଟା ଏକ ଢାଲ । ବେତକୁ ରସି ରସି କରି ବୁଣି ଛାତିରେ ଲଗାଇବ । ଦେହର ଏକ ସାଞ୍ଜୁ କହିପାରନ୍ତି । ରାଇଫଲର ବୁଲେଟବି ସେ ସାଞ୍ଜୁକୁ ଭେଦି ପାରିବନି ।- ସେବାଷ୍ଟିଆନ ଉତ୍ତର ଦେଲେ ।

ଅବିନାଶ ବିଶ୍ୱାସ କରିପାରିଲାନି । ବେତ କେମିତି ବୁଲେଟକୁ ଅଟକାଇ ପାରିବ ? ଏକ ଜୈବି ତନ୍ତୁ କେମିତି ଲୁହା ଆଉ ବାରୁଦର ମିଳିତ ଶକ୍ତିକୁ ପ୍ରତିହତ କରିପାରିବ ? ତଥାପି ସେ ପ୍ରଶ୍ନକଲାନି । ସେବାଷ୍ଟିଆନ ନିଜବିଶ୍ୱାସର କଥା କୁହନ୍ତୁ । କିନ୍ତୁ କେଉଁସମୟର କଥା ସେବାଷ୍ଟିଆନ କହୁଛନ୍ତି ?

ଏଇଟା କେବେକାର କଥା ?- ଶେଷରେ ଅବିନାଶ ଏକ ଛୋଟ ପ୍ରଶ୍ନ ପଚାରିଲା । ସେ ଭାବୁଥିଲା ଅତି ପୁରୁଣା କଥାମାନଙ୍କରେ କିଛି ଅନ୍ଧବିଶ୍ୱାସ, କିଛି ଅତିରଞ୍ଜନ ଥାଇପାରେ । ହେବାଟା ସ୍ୱାଭାବିକ । ବିଜ୍ଞାନର ଲଜିକ ସେଇ ସମୟରେ ଲୋକଙ୍କୁ ଛୁଇଁନଥିବ । ସେମାନେ ଆଖି ଆଗରେ ଦେଖିଥିବା କଥା ଆଗରୁ ଶୁଣିଥିବା କଥା ହିସାବରେ ସଜାଇ ଦେଇ ସେଥିରୁକିଛି ନିଷ୍କର୍ଷ ବାହାର କରିଥିବେ ।

୧୯୯୧-୯୬ ଭିତରର କଥା । ଜାରଙ୍ଗମାନ କ୍ୟାମ୍ପ ଆକ୍ରମଣ କରିଥିଲେ । ଗୁଳି ସାଞ୍ଜୁକୁ ଭେଦିଲାନି । କ୍ୟାମ୍ପର କର୍ମଚାରୀମାନେ କାମ କରିବାକୁ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ । ଅତି ଭୋରର କଥା । ଜାରଙ୍ଗା ଆକ୍ରମଣ ହେଲା । ଆଉ ସେଦିନ ଏକ ବୁଲେଟପ୍ରୁଫ ଜ୍ୟାକେଟ ସହ ଏକ ଜାରଙ୍ଗାକୁ ମୁଁ ଦେଖିଥିଲି । ଏଇଟା ମୋ ଆଖି ଆଗର କଥା । – ସେବାଷ୍ଟିଆନ କହିଲେ ।

ସତରେ ଦେଖିଥିଲେ !- ଅବିନାଶ ନିଜର ବିସ୍ମୟ ପ୍ରକାଶ କଲା । ଅବିନାଶ ସିନା ବଡ଼ ସହରରୁ ଆସିଛି, କିନ୍ତୁ ଆଣ୍ଠାମାନର ଗଭୀର ଜଙ୍ଗଲ ଭିତରେ ଆଉ ଜଙ୍ଗଲ ଧାରରେ ରହୁଥିବା ଲୋକମାନଙ୍କ ମନରେ ବହୁତ ଅସ୍ୱାଭାବିକ ଭାବନାମାନ ଥିବ । ସେ କିନ୍ତୁ ତାହା ପ୍ରକାଶ କଲାନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ଆଖିରେ ଦେଖିଛି ।- ସେବାଷ୍ଟିଆନ ଅତି ସ୍ପଷ୍ଟଭାବେ ଆଉଥରେ କହିଲେ । ତାଙ୍କ ମନରେ ସାମାନ୍ୟ ସନ୍ଦେହ ନଥିଲା ।

ଏମିତି କଥା ଅନେକ ଚାଲିଲା । ଆଗରୁ ଜାରୱାମାନେ ଅନେକ ଆକ୍ରମଣ କରିଛନ୍ତି । ଜଙ୍ଗଲ ବିଭାଗର ରକ୍ଷୀମାନେ, ପିଡବ୍ଲ୍ୟୁଡିର ବୁଶ ପୁଲିସମାନେ ଆତ୍ମରକ୍ଷାପାଇଁ ଗୁଳି ଫୁଟାନ୍ତି । ସେଥିରେ ବୋଧହୁଏ ଅନେକ ଜାରୱା ମୃତାହତ ହେଉଥିବେ । ସେ ଖବର ମିଳେନି । ଅବିନାଶ ଭାବୁଥିଲା ଜଙ୍ଗଲର ଛାଇ, ଟିକିଏ ଆଲୁଅ ଗଡିଲେ ଉଭାନ ହୋଇଯାଉଥିବ । ଗୁଳି ଫୁଟିଲେ ଧିଆଁ ହୋଇଯାଉଥିବ, ଛାଇ ଦେଖାହେବ କେମିତି ?

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଡ଼ ବାବୁ

ଧାରାବାହିକ କାହାଣୀ - ଭାଗ ୨

ଠିକ୍ ଦଶଟା ବେଳକୁ ରମେଶ ଅଫିସ ବାହାରେ ପହଞ୍ଚିଲା । ଦେଖିଲା ଘନ ଛଡ଼ା ଆଉ କେହି ବି ଆସି ନାହାନ୍ତି । ବଡ଼ବାବୁ ନାହାନ୍ତି ତେଣୁ ସମସ୍ତେ ଟିକେ ଢିଲା ପଡ଼ି ଯାଇଛନ୍ତି । ସେ ଅଫିସ ଚାବି ଘନକୁ ଦେଲା ଆଉ ଅଫିସ ଖୋଲାଇବା ପରେ ଉପସ୍ଥାନ ଖାତାରେ ଦସ୍ତଖତ କରିଦେଇ ବଡ଼ବାବୁଙ୍କ କୋଠରୀ, ଟେବୁଲ୍ ଡ୍ରୟରରେ ରଖିଦେଲା । ନିଜ ସ୍ଥାନରେ ବସି ସେ କିଛି କାମ କରୁଥିବା ବେଳେ ଜଣେ ଜଣେ କରି ସବୁ କର୍ମଚାରୀ ଅଫିସରେ ପହଞ୍ଚିଲେ । ସମସ୍ତଙ୍କ ପ୍ରଶ୍ନ, ଉପସ୍ଥାନ ବହି କାହିଁ? ଘନ ସବୁ ଜାଣିଥିଲେ ସୁଦ୍ଧା କିଛି ନ କହି ନିରବରେ ବସି ରହିଥିଲା । ରମେଶକୁ ପ୍ରଶ୍ନ କରାଗଲା ପରେ ସେ କହିଲା, ଗତକାଲି ବଡ଼ବାବୁଙ୍କ ପାଖରେ ଥିଲା । ତା'ପରେ ବୋଧହୁଏ ସେ ବାହାରକୁ ଦେଇନାହାନ୍ତି । ସମସ୍ତଙ୍କ ଭାଳେଣୀ ପଡ଼ିଲା । ଏବେ ଉପସ୍ଥାନରେ ଦସ୍ତଖତ ନ କଲେ, ବଡ଼ବାବୁ ଆସିଲେ ନିଶ୍ଚୟ ବିଗିଡ଼ିବେ । କିଛି କର୍ମଚାରୀ ରମେଶକୁ ଅନୁରୋଧ କରି କହିଲେ, ଆପଣ ଏହି ଅଫିସର ସବୁଠାରୁ ସିନିୟର୍ । ତେଣୁ ଆପଣ ଚାହିଁଲେ ବଡ଼ବାବୁଙ୍କ କୋଠରୀରୁ ଉପସ୍ଥାନ ଖାତା ଆଣି ଦେଇ ପାରିବେ । ରମେଶ କହିଲା, ହେଲେ ବଡ଼ବାବୁଙ୍କ ବିନା ଅନୁମତିରେ ତାଙ୍କ କୋଠରୀରୁ କୌଣସି ଦସ୍ତାବେଜ ଆଣିବା ଅନୁଚିତ ହେବ । ଟିକେ ଅପେକ୍ଷା କର ମୁଁ ବଡ଼ବାବୁଙ୍କୁ ଫୋନ୍ କରି ପଚାରି ଦେଉଛି । ସେ ଯଦି ଅନୁମତି ଦିଅନ୍ତି ତା ହେଲେ ...

କର୍ମଚାରୀମାନେ ଭୟଭୀତ । ଏଇ ସମୟରେ ଘନ ଆସି କହିଲା, ସାର୍ ! ବଡ଼ବାବୁ ନଥିଲେ କଣ ହେଲା, ସେ ଦାୟିତ୍ୱ ତ ଆପଣଙ୍କୁ ହିଁ ଦେଇ ଯାଇଛନ୍ତି । ରମେଶ କିଛି ଚିନ୍ତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବା ପରେ ନିଷ୍ପତ୍ତି ନେଲା ଯେ ନା, ଉପସ୍ଥାନ ବହି ବାହାରକୁ ଆସିବ ନାହିଁ । ଯାହା ବି ହେଉ ଏଇ ଅଫିସର କିଛି ନିୟମ ଅଛି, ଯଦି ନିୟମ ଅମାନ୍ୟ କରିଛ ତା ହେଲେ ଭୋଗିବାକୁ ପଡ଼ିବ । ମନେ ମନେ ଏଇ କଥା ଚିନ୍ତା କରି ସେ କହିଲା, "ନା, ବଡ଼ବାବୁଙ୍କ ଟେବୁଲ୍ ଡ୍ରୟରରୁ କୌଣସି ଦସ୍ତାବେଜ ଆଣିବା ସପକ୍ଷରେ ସେ ନାହିଁ । ସେଠାରେ ଅନେକ ଗୋପନୀୟ ତଥ୍ୟ ସମ୍ବଳିତ ଦସ୍ତାବେଜ ରହିଛି, ତେଣୁ ସେ ଆଣି ପାରିବେ ନାହିଁ ।

ସବୁ କର୍ମଚାରୀ ଚିନ୍ତାରେ ପଡ଼ିଗଲେ । କିଛି କର୍ମଚାରୀ ଘନକୁ ଉସୁକାଇଲେ ଯାଇ ଆଣି ଦେବାପାଇଁ କିନ୍ତୁ ସେ ବି ନିରୁପାୟ ବୋଲି ଜଣାଇ ଦେଲା । ଅଗତ୍ୟା ଅନେକ କର୍ମଚାରୀ ରମେଶ ବାବୁଙ୍କ ଉପରେ ଅସନ୍ତୋଷ ହୋଇଗଲେ । ଦ୍ୱିପହର ହୋଇଗଲା, ଅଫିସରେ ସମସ୍ତେ ନିରବରେ ବସି ନିଜ ନିଜ କାମରେ ଧ୍ୟାନ ଦେଇଥିଲେ । ସମସ୍ତଙ୍କ ମନରେ ଏହି ଭୟ ଯେ ଉପସ୍ଥାନରେ ସେମାନେ ଦସ୍ତଖତ କରି ନାହାନ୍ତି । ହେଲେ ଏଇ ସମୟରେ ଜଣେ କନିଷ୍ଠ କର୍ମଚାରୀ କହିଲା, "ଆରେ ହେ, ଯଦି ସମସ୍ତେ ଦସ୍ତଖତ କରି ନାହାନ୍ତି ତ ଚିନ୍ତା କାହିଁକି ? ଆମେ ବଡ଼ବାବୁ ଆସିଲେ ଜଣେଇଦେବା ଯେ ଉପସ୍ଥାନ ଖାତା ନଥିଲା ତେଣୁ ଆମେ ଦସ୍ତଖତ କରିନାହୁଁ ।" ସମସ୍ତ ଏହା ଶୁଣିବା ପରେ ଗୁଣୁଗୁଣୁ ହେବାକୁ ଲାଗିଲେ । ମଧ୍ୟାହ୍ନ ବିରତି ବେଳକୁ ଅଫିସର ପରିବେଶ ସାମାନ୍ୟ ହାଲୁକା ହୋଇ ଆସୁଥିଲା । ହେଲେ ବଡ଼ବାବୁ ଯେକୌଣସି ମୁହୂର୍ତ୍ତରେ ଆସି ପହଞ୍ଚି ପାରନ୍ତି । ତେଣୁ ସମସ୍ତେ ନିଜ ନିଜ ଦାୟିତ୍ୱ ସମ୍ଭାଳିବାରେ କୌଣସି ଅବହେଳା କରୁନଥିଲେ ।

ଠିକ୍ ଦୁଇଟା ବେଳକୁ ଅଫିସ ବାହାରେ ବଡ଼ବାବୁଙ୍କ ଗାଡ଼ି ଲାଗିଲା । ସେ ଅଫିସ ଭିତରକୁ ପଶି ଆସିବା ବେଳକୁ ସମସ୍ତେ ଠିଆ ହୋଇ ଅଭିବାଦନ ଜଣାଉଥିଲେ, ବଡ଼ବାବୁ ଇଙ୍ଗିତ କରି ରମେଶବାବୁଙ୍କୁ ଭିତରକୁ ଡାକିଲେ ।

ନିଜ କୋଠରୀରେ ପହଞ୍ଚିବା ପରେ ବଡ଼ବାବୁ ଚେୟାର ଉପରେ ବସି ପଡ଼ି ଦୀର୍ଘ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ୱାସଟିକେ ନେଇ କହିଲେ, "ବୁଝିଲେ ରମେଶବାବୁ, ଆପଣ ଆଜି ଆମ ଅଫିସର ଇଜ୍ଜତ୍ ବଞ୍ଚେଇ ଦେଲେ । ସକାଳୁ ଯଦି ଆପଣ ସେ ଲେଟରଟା ପଠାଇ ନଥାନ୍ତେ ତା ହେଲେ ବହୁତ ଅପମାନ ହୋଇଥାନ୍ତା ।" ରମେଶ ବାବୁ ନିଜକୁ ଧନ୍ୟ ମନେ କରୁଥିଲେ । କବାଟ ସେପାଖରୁ ଏ ସବୁ କଥା କାନୋଉଥିବା କିଛି କର୍ମଚାରୀ ମନେ ମନେ ଚିନ୍ତା କରୁଥିଲେ, କୋଉ ଲେଟର ? ରମେଶ ବାବୁ କେବେ ପଠାଇଲେ । କେହି ଜଣେ ଏଇ ମଉକାରେ ଘନକୁ ଯାଇ ପୁଚ୍ଛା କରିବା ପରେ ସେ ସମଗ୍ର ବିବରଣୀ ଜଣେଇ ଦେଲା । କେମିତି ପାହାନ୍ତି ପହରୁ ସେ ଆଉ ରମେଶ ବାବୁ ଅଫିସ ଆସିଥିଲେ ଓ ଲେଟର୍ ପଠାଇ ଥିଲେ ।

ସେତେବେଳେ ଅଫିସର ଜଣେ କର୍ମଚାରୀ କହିଲେ, "ଓହୋ, ବଡ଼ବାବୁଙ୍କ କୋଠରୀରେ ପଶି ତାଙ୍କ ଆଲମାରୀରୁ ଲେଟର ବାହାର କରି ଦେଇ ପାରିଲେ, ହେଲେ ଉପସ୍ଥାନ ବହି ଆଣିବା କଥା କହିବାରୁ ମନା କରିଦେଲେ ?" ସମସ୍ତେ ତାଙ୍କ ସହ ସ୍ୱର ମିଳେଇଲେ ।

ବଡ଼ବାବୁ ବ୍ୟାଗ ଥୋଇଦେଇ ଡ୍ରୟର ଖୋଲି ଚାବି ରଖିବା ବେଳକୁ ଉପସ୍ଥାନ ବହି ସେଠାରେ ଥିବା ଦେଖି କହିଲେ, "ଏଇ ବହିଟା ଏଇଠି କେମିତି ଅଛି ? ମୁଁ କାଲି ରଖିଦେଇ ଚାଲି ଯାଇଥିଲି କି ?" ଏମିତି କହୁଥିବା ବେଳେ ସେ ଏହାର ପୃଷ୍ଠା ଓଲଟାଇ ଦେଖିବା ବେଳେ ଏଥିରେ କେବଳ ରମେଶ ବାବୁ ଓ ଘନ ବ୍ୟତୀତ ଅନ୍ୟ କାହାର ବି ଦସ୍ତଖତ ନଥିବା ଦେଖି ରମେଶବାବୁଙ୍କୁ ଚାହିଁଲେ । ରମେଶ ବାବୁ କହିଲେ, "ଆପଣ ନଥିଲେ ବୋଲି କର୍ମଚାରୀମାନେ ଆଜି ସବୁ ବିଳମ୍ବରେ ଆସିଥିଲେ, ତେଣୁ ମୁଁ ଉପସ୍ଥାନ ବହି ଆଣି ଏଇଠି ଥୋଇଦେଲି ।"

ବଡ଼ବାବୁ କିଛି ଚିନ୍ତା କରିବା ପରେ କହିଲେ, "ହଉ । ଠିକ୍ ଅଛି । ଏବେ ନିଅନ୍ତୁ, ସମସ୍ତଙ୍କୁ କୁହନ୍ତୁ ଦସ୍ତଖତ କରିଦେବେ ।" ଘନକୁ ଡାକି ସେ ଉପସ୍ଥାନ ବହି ଦେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଲେ, "ନିଅ, ବାହାରେ ରଖିଦିଅ । ସମସ୍ତେ ଦସ୍ତଖତ କରିଦିଅନ୍ତୁ ।"

ରମେଶ ବୁଝିପାରିଲାନି । ବଡ଼ବାବୁ ଭାରି କଡ଼ା ମିଜାଜ୍ ଲୋକ । ସେ ଅନ୍ୟମାନଙ୍କୁ ତାଗିଦ କରିଲେନି କି ଗାଳି ବି ଦେଲେନି । ତା ମନକଥା ବୋଧହୁଏ ବଡ଼ବାବୁ ଠଉରେଇ ପାରିଲେ ଆଉ କହିଲେ, "ବୁଝିଲେ ରମେଶ ବାବୁ । ଅଫିସରେ କର୍ମଚାରୀମାନେ ବଡ଼ବାବୁଙ୍କୁ ଦେଖି ଯଦି ନିଜ ଦାୟିତ୍ୱ ସୂଚାରୁ ରୂପେ କରି ଦେଉଛନ୍ତି, ତାହା ଭଲ କଥା । ହେଲେ ସେମାନଙ୍କୁ ଯଦି ସବୁ କଥାରେ ଆମେ ଗାଳି ଦେବା ବା ତାଗିଦ୍ କରିବା, ସେମାନେ ଆଉ ମନଦେଇ କାମ କରିବେନି । ସବୁବେଳେ ସମାନ ବ୍ୟବହାର କରାଯାଏ ନାହିଁ । ବେଳେ ବେଳେ କର୍ମଚାରୀମାନଙ୍କୁ ସୁହାଇବା ଭଳି କାମ କରିଲେ ସେମାନେ ବି ଖୁସି ହେବେ ।" ଏମିତି କଥା ହୋଇ ସେ ରମେଶ ବାବୁଙ୍କ ସହ ଅଫିସ ରୁମକୁ ଚାଲି ଆସିଲେ ।

ବଡ଼ବାବୁଙ୍କୁ ଦେଖି ସମସ୍ତେ ନିରବ ହୋଇଗଲେ । ବଡ଼ବାବୁ ଘୋଷଣା କରି କହିଲେ, "ସରକାର ଆମ ଉପରେ ଟିକେ ଅଧିକ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ଗତକାଲି ଆମେ ଅବକାରୀ ବିଭାଗ ମନ୍ତ୍ରୀଙ୍କ ସହ ବୁଝାମଣା କରୁଥିଲୁ । ସେ ଚାହୁଁଛନ୍ତି ଯେ ଆମେ ଆହୁରି ଅଧିକ ଫଳପ୍ରଦ ଭାବରେ କାମ କରିବା । ଆମ ଜିଲ୍ଲାରେ ଅନେକ କାର୍ଯ୍ୟ ବାକି ରହିଛି, ତାହା କିଭଳି ଭାବରେ ସମ୍ପୂର୍ଣ୍ଣ ହେବା ସେ ଦାୟିତ୍ୱ ଆମର । ଏଥିପାଇଁ ଆମେ ଆମ ଅଫିସ ସ୍ତରରେ କିଛି କମିଟି ଗଠନ କରିବା ଏବଂ ସମସ୍ତ କମିଟି ନିଜର ନିର୍ଦ୍ଧାରିତ କାର୍ଯ୍ୟ ସଠିକ୍ ସମୟ ମଧ୍ୟରେ ସମାପନ କରି ରିପୋର୍ଟ୍ ଦାଖଲ କରିବେ ।"

କର୍ମଚାରୀମାନେ ମୁଣ୍ଡ ହଲେଇ ହୁଁ ବୋଲି ଜଣାଉଥିଲେ । ବଡ଼ବାବୁ କହିଲେ ଆଜି ଅଫିସରୁ ଯିବା ପୂର୍ବରୁ ମିଟିଂ କରିବା । ତା'ପରେ ସେ ନିଜ କୋଠରୀକୁ ଚାଲିଗଲେ । ଅଫିସ ଭିତରେ ପୁଣିଥରେ ଫୁସଫାସ୍ ହେବା ଆରମ୍ଭ ହୋଇଗଲା । କିଛି କର୍ମଚାରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରମେଶ ବାବୁଙ୍କୁ ପ୍ରଶ୍ନ କରୁଥିଲେ ଏହି ବିଷୟରେ । ସେ ବି କିଛି ଜାଣିନାହାନ୍ତି । ସେ ଯା ହେଉ, ବଡ଼ବାବୁ ଫେରିବା ପରେ ଅଫିସର ପରିବେଶ ବେଶ ଶାନ୍ତ ହୋଇ ଯାଇଥିଲା । ସବୁ କର୍ମଚାରୀ ଶାନ୍ତ ଶିଶୁମାନଙ୍କ ପରି ନିଜ ନିଜ ସ୍ଥାନରେ ବସି କାମ କରୁଥିଲେ । ରମେଶ ଦେଖୁଥିଲା ଏବଂ ଗତକାଲିର ପରିବେଶ କଥା ମନେ ପକାଉଥିଲା । କିଛି ସମୟ ପରେ ବଡ଼ବାବୁଙ୍କ କୋଠରୀରୁ ଘଣ୍ଟି ବାଜିଲା । ଘନ ତରତର ହୋଇ ସେଇଆଡ଼କୁ ଚାଲିଗଲା । ଆଉ ହଁ ହଁ କହି କୋଠରୀରୁ ବାହାରି ଆସି ଅଫିସର କବାଟ ବନ୍ଦ କରିଦେଲା । ସମସ୍ତେ ତାକୁ ଚାହୁଁଥିଲେ, ସେ କହିଲେ, ଆଜ୍ଞା କହିଲେ ଏବେ ମିଟିଂ ହବ ତେଣୁ ଆଜି ବାହାର କାମ ବନ୍ଦ ।

ଘନ ଦୁଇଟା ଚେୟାର ଆଣି ଅଫିସ ରୁମରେ ପକାଇଲା । ସମସ୍ତେ ବୁଝିଗଲେ ଯେ ସେଥିରୁ ଗୋଟିଏ ଚେୟାରରେ ବଡ଼ବାବୁ ବସିବେ ଆଉ ଅନ୍ୟଟାରେ ରମେଶ ବାବୁ । କାରଣ ସେ ଏହି ଅଫିସର ସବୁଠାରୁ ସିନିୟର୍ କର୍ମଚାରୀ । ସମସ୍ତେ ନିଜ ନିଜ ସିଷ୍ଟମ୍ ବନ୍ଦ କରିଦେଇ ବଡ଼ବାବୁଙ୍କ ଆସିବା ପାଇଁ ଚାହିଁ ରହିଲେ ।

ବଡ଼ବାବୁ ନିଜ କୋଠରୀରୁ ନଥିପତ୍ର ଧରି ବାହାରକୁ ଆସିଲେ । ଚେୟାରରେ ବସିବା ପରେ ପାଖରେ ଥିବା ଖାଲି ଚେୟାରକୁ ଚାହିଁଲେ ଆଉ ପୁଣିଥରେ ସମସ୍ତ କର୍ମଚାରୀଙ୍କୁ ଚାହିଁବା ପରେ ବିଜୟ ବାବୁଙ୍କୁ ଆସି ବସିବା ପାଇଁ ଇଙ୍ଗିତ କରିଲେ । ବିଜୟ ବାବୁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ସେ ବିଶ୍ୱାସ କରି ପାରୁନଥିଲେ । ରମେଶବାବୁ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଭାବୁଥିଲେ ବୋଧହୁଏ ଉପସ୍ଥାନ ଖାତା ପ୍ରକରଣର ଦଣ୍ଡ ତାଙ୍କୁ ମିଳିଲା କି କଣ ! ନହେଲେ ସେଇ ଚେୟାରରେ ବସିବା ସୌଭାଗ୍ୟ କେବଳ ତାଙ୍କର ହିଁ ଥିଲା । ତଥାପି ସେ ନିର୍ବିକାର ଭାବରେ ନିଜ ସ୍ଥାନରେ ବସି ରହିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଟିଂ ଆରମ୍ଭ ହେଲା ଏବଂ ବଡ଼ବାବୁ ଗୋଟି ଗୋଟି କରି ସବୁ କାର୍ଯ୍ୟପନ୍ଥା ସମସ୍ତଙ୍କୁ ବୁଝାଇ ଦେବାପରେ ଦୁଇ ଦୁଇଜଣ ସଦସ୍ୟଙ୍କୁ ନେଇ କମିଟିମାନ ଗଠନ କରିଦେଲେ । ସମୁଦାୟ ବାରଜଣିଆ ଏହି ଅଫିସରେ ଚାରି ଗୋଟି କମିଟି ଗଠନ କରାଗଲା । ବାକି ରହିଲେ ବଡ଼ବାବୁ, ବିଜୟ ବାବୁ, ରମେଶ ବାବୁ ଓ ଘନ । ରମେଶ ବାବୁ ଚିନ୍ତାରେ ପଡ଼ିଗଲେ । ସେ କାହିଁକି କୌଣସି କମିଟିରେ ନାହାନ୍ତି ସେ ବିଷୟ ସେ ନିଜେ ବି ଜାଣି ପାରୁନଥିଲେ । ଆଉ ବଡ଼ବାବୁଙ୍କୁ ମୁହଁ ଖୋଲି ପ୍ରଶ୍ନ କରିବା ଭଳି ସାହାସ ନଥିଲା । ତେଣୁ ନିରବ ରହିଲେ ।

ବଡ଼ବାବୁ ନିର୍ଦ୍ଦେଶ ଦେଲେ ଯେ ଆଗାମୀ ଚାରିଦିନରେ ଏହି କାର୍ଯ୍ୟ ସମାପନ ହେବ । ପ୍ରତ୍ୟେକ କମିଟି ନିଜ ନିଜ କାର୍ଯ୍ୟ ସମାପନ କରି ରିପୋର୍ଟ୍ ବିଜୟ ବାବୁଙ୍କୁ ହସ୍ତାନ୍ତର କରିବେ ଏବଂ ସେ ସବୁ କାର୍ଯ୍ୟର ବିବରଣୀ ଇନ୍‌ସ୍ପେକ୍ଟରଙ୍କୁ ଦେବେ ।

"ଇନ୍‌ସ୍ପେକ୍ଟର ?" ବିଜୟ ବାବୁ ଆଶ୍ଚର୍ଯ୍ୟ ହୋଇ ବଡ଼ବାବୁଙ୍କୁ ପଚାରିଲେ ।

ବଡ଼ବାବୁ କହିଲେ, "ଆମକୁ ମିଟିଂରେ କୁହାଯାଇଛି ଯେ ପ୍ରତ୍ୟେକ ଅଫିସକୁ ଜଣେ ଜଣେ ଇନ୍‌ସ୍ପେକ୍ଟର ଆସିବେ । ସେ ଚାରିଦିନ ଏଠାରେ ରହି ସମସ୍ତ କାର୍ଯ୍ୟ ତଦାରଖ କରିବେ । ସେ ହିଁ ସମସ୍ତ କାର୍ଯ୍ୟର ସମାପନ ଦାୟିତ୍ୱରେ ରହିବେ ।"

କର୍ମଚାରୀମାନେ ପରସ୍ପରକୁ ଚାହାଁଚୁହିଁ ହେଲେ ଏବଂ ପୁଣି ବଡ଼ବାବୁଙ୍କୁ ଚାହିଁଲେ । ବଡ଼ବାବୁ କହିଲେ, ସମ୍ଭବତଃ ଅନ୍ୟ କୌଣସି ଗୋଷ୍ଠୀ କେନ୍ଦ୍ରର ବଡ଼ବାବୁ ଏଠାକୁ ଆସିବେ ଇନ୍‌ସ୍ପେକ୍ଟର ହୋଇ । ସମସ୍ତ ବଡ଼ବାବୁ ମାନଙ୍କୁ ଦାୟିତ୍ୱ ଦିଆଯାଇଛି ।

ବିଜୟ ବାବୁ ପୁଣିଥରେ ପ୍ରଶ୍ନ କରିଲେ, ତା'ହେଲେ ସାର୍ ଆପଣ ବି କଣ ଅନ୍ୟ ଅଫିସକୁ ଯିବେ ? ଆମେ ଏକା ଏକା କେମିତି ଏହି କାର୍ଯ୍ୟ କରିପାରିବୁ ?

ବଡ଼ବାବୁ ଗମ୍ଭୀର ହୋଇ କହିଲେ, ଏତେ ବର୍ଷ ଆପଣମାନେ ଏହି ଅଫିସରେ କାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁଛନ୍ତି, ତଥାପି ନିଜର ସାମର୍ଥ୍ୟ ଉପରେ ସନ୍ଦେହ କରୁଛନ୍ତି ? ଆଦୌ ଚିନ୍ତା କରନ୍ତୁ ନାହିଁ । ଏହି କାର୍ଯ୍ୟ ଆପଣମାନେ ସୁରୁଖୁରୁରେ କରିପାରିବେ ବୋଲି ମୋର ଭରସା ଅଛି । ତଥାପି ଆପଣମାନଙ୍କୁ ଦିଗଦର୍ଶନ ଦେବାପାଇଁ ମୁଁ ଇନ୍‌ସ୍ପେକ୍ଟର ହୋଇ ଯିବା କାର୍ଯ୍ୟରୁ ନିଜକୁ ବିରତ ରଖିଛି । ମୁଁ ଏହି ଚାରିଦିନ ଅଫିସରେ ରହି ଆପଣଙ୍କ ସମସ୍ତ କାର୍ଯ୍ୟକୁ ଦେଖାରେଖା କରିବି । ସମସ୍ତ କର୍ମଚାରୀ ଖୁସି ହୋଇଗଲେ । ହେଲେ ବର୍ତ୍ତମାନ ବି ରମେଶ ବାବୁ ଚିନ୍ତାରେ ଥାଆନ୍ତି ଯେ ତାଙ୍କୁ କୌଣସି ଦାୟିତ୍ୱ କାହିଁକି ଦିଆଗଲା ନାହିଁ ।

ମିଟିଂ ସମାପନ ହେବା ବେଳକୁ ବଡ଼ବାବୁ ନିଜ ସ୍ଥାନରୁ ଉଠି ଚାଲିଯାଉଥିଲେ, ହଠାତ୍ ଅଟକି ଯାଇ ନିଜ ନଥିପତ୍ର ଖୋଜି ଗୋଟିଏ ଚିଠି ବାହାର କରିଲେ ଆଉ କହିଲେ, "ଆରେ ରମେଶ । ତୁମକୁ କହିବାକୁ ଭୁଲି ଯାଉଥିଲି । କାଲିଠୁ ଚାରିଦିନ ପାଇଁ ତମକୁ ବାହାରକୁ ଯିବାକୁ ହେବ । ବୋଲଗଡ଼ ଗୋଷ୍ଠୀ କେନ୍ଦ୍ରକୁ ତୁମେ ଇନ୍‌ସ୍ପେକ୍ଟର ହେଇ ଯିବ । ତୁମ ଶଶୁର ଘର ସେଇଠି ବୋଧହୁଏ ? ବାସ୍ ତମର ରହିବା ଅସୁବିଧା ହେବ ନାହିଁ । ପିଲାଙ୍କୁ ନେଇ ଚାଲିଯାଅ । ଚାରିଦିନ ସେମାନେ ବି ଅଜାଆଇଙ୍କ ସହ ବିତେଇବେ ଆଉ ତୁମେ କାମ ସାରିଦେଇ ଫେରି ଆସିବ ।"

ରମେଶ ଆଖି ଉଜ୍ଜ୍ୱଳ ହୋଇ ଉଠିଲା । ବଡ଼ବାବୁଙ୍କ ପାଇଁ ତା ମନରେ ଥିବା ଶ୍ରଦ୍ଧା ଓ ସମ୍ମାନ ଦ୍ୱିଗୁଣିତ ହୋଇଗଲା । ଅଫିସର କିଛି କର୍ମଚାରୀ ରମେଶବାବୁଙ୍କୁ ଠାରିଦେଇ ଶୁଭେଚ୍ଛା ଜଣାଉଥିଲେ । ବଡ଼ବାବୁ ନିଜ କୋଠରୀ ଭିତରକୁ ଚାଲିଗଲା ପରେ ସବୁ ରମେଶ ବାବୁଙ୍କ ପାଖକୁ ଆସି ଅଭିନନ୍ଦନ ଜଣାଇଲେ । ରମେଶ ଖୁସିଥିଲା ହେଲେ ତା କାମ କଣ ସେଇଟା ସେ ତଥାପି ବୁଝିନଥିଲା, ତେଣୁ ସେ ବଡ଼ବାବୁଙ୍କ କୋଠରୀକୁ ଗଲା । ବଡ଼ବାବୁ ଘରକୁ ଯିବାପାଇଁ ବ୍ୟାଗ ସଜାଡୁଥିଲେ । ରମେଶଙ୍କୁ ଦେଖି ପଚାରିଲେ, "କଣ ହେଲା ?"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ସାର୍, ମୁଁ ସେଇଠି କଣ ଇନ୍‌ସ୍ପେକ୍ସନ୍ କରିବି କିଛି ଜାଣିନି ।" ଅତି ସନ୍ତର୍ପଣରେ କହିଲା । ବଡ଼ବାବୁ ସାମାନ୍ୟ ହସିଦେଇ କହିଲେ, "ଏତେ ବର୍ଷ କାମ କରିଲଣି, ସବୁ ଜାଣି ପାରିବ । ଜମା ଚିନ୍ତା କରନାହିଁ । ସେମିତି କିଛି ରକେଟ୍ ସାଇନ୍‌ସ୍ ନାହିଁ, ଯେ ବୁଝିବା କଷ୍ଟ ହେବ । ଯାଅ । ଚାରିଦିନର କଥା । ଯଦି କିଛି ବୁଝି ପାରିବନି ମୋତେ ଫୋନ୍ କରିଦେବ । ମୁଁ ଗାଇଡ୍ କରିଦେବି ।"

ରମେଶ ବଡ଼ବାବୁଙ୍କୁ ଧନ୍ୟବାଦ ଦେବା ବେଳକୁ ସେ କହିଲେ, "ନିୟମ କହୁଛି ମୁଁ ହିଁ ସେ କାର୍ଯ୍ୟରେ ଯିବା କଥା । ହେଲେ ବୋଲଗଡ଼ ବୋଲି ଶୁଣିବା ପରେ ଭାବିଲି, ଆମ ରମେଶ ବାବୁ ବୋଲଗଡ଼ର ଜ୍ୱାଇଁ । ସେ ଗଲେ ସମ୍ମାନ ବି ପାଇବେ ଆଉ ଚାରିଦିନ ଛୁଟି ମିଳିଯିବ, ସେଇଥିପାଇଁ ତୁମ ନାଁ ସଜେଷ୍ଟ କରିଦେଲି ।" ରମେଶ ବଡ଼ବାବୁଙ୍କ ବଦାନ୍ୟତା ଦେଖି ଆଖି ଓଦା ହୋଇ ଆସୁଥିଲା ।

କ୍ରମଶଃ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଲ୍ଲୀ ଅପାର ମିଠା 'ଚା'

ରୁଦ୍ରକାନ୍ତ ରାଉତରାୟ

ଅଫିସରୁ ଫେରି ବଜାରରେ ଟିକେ ସ୍କୁଟି ଅଟକାଇ ନୁଆଁଣିଆ ଚାଳ ଛପର ତଳେ ମଲ୍ଲୀ ଅପାର ଚା ନପିଇଲେ ଅପରାହ୍ନଟା ଫିକା ଲାଗେ । ଚା'ରେ ଚିନି କମ ହେଉ ପଛକେ, ମଲ୍ଲୀଅପାର ସେ ମଲ୍ଲୀଫୁଲିଆ ହସ ସହିତ ଚା ବହୁତ ମିଠା ଲାଗେ । ଚା ନୁହଁତ ଆତ୍ମତୃପ୍ତିକର ପାନୀୟ ।

"ମଲ୍ଲୀ" "ନହକା ପୋଲ" ଗାଁର ଝିଅ ଝମରୁ ପାଠ ପଢ଼ାରେ ଡ଼ୋରି ବନ୍ଧାହେଲା । ମା' କ୍ୟାନସର ଭଳି ଭୟାନକ ରୋଗରେ ପଡ଼ି ଚାଲିଗଲା ପରେ ବାପାର ମଦ, ସାନଭାଇର ପାଠପଢ଼ା, ଆଉ ନିଜର ଶରୀର ଆବରଣ ନିମନ୍ତେ କପଡ଼ା ପାଇଁ ଟଙ୍କା କହିବାକୁ ଗଲେ ପରିବାର ବୋଝ ମୁଣ୍ଡେଇ ଶ୍ୟାମ ଦାଦି ଜଳଖିଆ ଦୋକାନରେ କାମ କରିବା ଆମ୍ବର କରିଦେଲା । ଶ୍ୟାମ ଦାଦି ମଧ୍ୟ ମଲ୍ଲୀକୁ ଝିଅପରି ଦେଖନ୍ତି । ସଂଧ୍ୟାରେ ଘରକୁ ଯିବା ସମୟରେ ତା ହାତରେ ଟଙ୍କା ଆଉ ସଉଦା ଦେଇ ତାକୁ ଘରେ ଛାଡ଼ନ୍ତି । ଘରେ ପହଞ୍ଚୁ ପହଞ୍ଚୁ ବାପାଙ୍କର ନାଲିନାଲି ଆଖିଦେଖି ଟଙ୍କା ତକ ତାଙ୍କ ହାତକୁ ବଢ଼େଇ ଦେଇ ରୋଷେଇ କାମରେ ଲାଗିଯାଏ । ଏମିତିରେ ମଦର କଳାରଙ୍ଗ ଆବରଣ ଭିତରେ ବାପା ତାର ଲୀନ ହୋଇଗଲେ । ଧାର ଉଧାର କରି ବାପାଙ୍କ ଦଶାହ ଏକାଦଶାହ କାର୍ଯ୍ୟ ମଧ୍ୟ ସମ୍ପାଦନ କଲା ମଲ୍ଲୀ ଅପା କେତେବେଳେ ଯେ ମଲ୍ଲୀ, ମଲ୍ଲୀ ଅପା ନାଁରେ ପରିଚିତ ହେଲା, ନିଜେ ତାକୁ ଜଣାନଥିଲା ଫ୍ରକରୁ ଶାଢ଼ୀ ପିନ୍ଧିଲା ବୟସର ସକାଳରେ ଦିନରାତି ଏକ କରି ଲାଗିପଡ଼ିଲା ଭାଇକୁ ମଣିଷ କରିବାକୁ । ତାର ଭାଇ ପ୍ରଦୀପ (ପଦିଆ)କୁ ପାଠ ପଢ଼େଇ କିରାଣୀଟିଏ କଲା । ଏବେ ମୟୂରଭଞ୍ଜ କଲେକ୍ଟର ଅଫିସରେ କାମ କରୁଛି । ତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାହାଘର ଗୋଟେ ପାଠ ପଢୁଆ ଝିଅ ସହ କରେଇ ଦେଲା । ଜୀବନର ସକାଳ, ଅପରାହ୍ନ, ସଞ୍ଜ, ରାତି ଆସି ପଳାଉଥାଏ । ଯା ଭିତରେ ମଲ୍ଲୀ କଳା ଚାମର ପରି ଚୁଟି ିଭିତରେ ଧଳା ଚୁଟି କିଛି ସାଙ୍ଗହେଲେ । ଶ୍ୟାମ ଦାଦି ମରିବା ପରେ ଏଇ ଜଳଖିଆ ଦୋକାନ ପାଲିଟି ଥିଲା ମଲ୍ଲୀ ଅପାର "ଚା" ଦୋକାନ । କଥାଟି ହେଲା ଜଳଖିଆ ମଲ୍ଲୀ ଅପାକୁ ତିଆରି କରିବା ଠିକ୍ ଭାବେ ଜଣାନଥିଲା । ହେଲେ ଚା ପାଇଁ ସେ ଅଞ୍ଚଳରେ ଲୋକମାନଙ୍କର ପସନ୍ଦର "ଚା" ବାଲି ମଲ୍ଲୀ । ଭାଇ ପଦିଆ ବାହହୋଇ ତା ଭାଷାରେ ଅଭିଆଡି ଦରବୁଢ଼ୀ ମଲ୍ଲୀ ପାଖରେ ନରହି ଘର ଜ୍ୱାଇଁଆ ହୋଇ ଶ୍ୱଶୁର ଘରେ ରହିଲା । ଆଉ ବଜାରର ପୁରୁଖା ଲୋକଙ୍କ ପାଇଁ 'ମଲ୍ଲୀ' କେତେ ବେଳେ ଯେ ଆମ ମାନଙ୍କ ଭଳି ଛୁଆଙ୍କ ପାଇଁ 'ମଲ୍ଲୀ' ଅପା ପାଲଟି ଗଲା ଜଣାପଡ଼ିଲାନି । ଆଶ୍ଚର୍ଯ୍ୟ ଲାଗିଲେ ବି ସତ, 'ମଲ୍ଲୀ' ଅପା ବିବାହ କରିନି ହେଲେ ଆମଭଳି ଅଫିସ୍ କର୍ମୀ,ଲେବର ଛାତ୍ର ଛାତ୍ରୀଙ୍କ ପାଇଁ ସେ ମା ଭଳି ଅତି ଆଦରରେ ଡ଼ାକି ତାର ମିଠା ମୁଚୁକୁନ୍ଦିଆ ହସ ସହ ହାତରେ "ଚା" କପ୍ ଟିକୁ ଧରେଇ ଦେଇ ଯେବେ ପଚାରେ "ଭଲ ଲାଗୁଛି" ? ସତରେ ତା କଥାରେ ମଧୁ ବରଷିଯାଏ । ଚା ଟି ଅମୃତ ପରି ଲାଗେ । ଆମେ ବି କହି ଦଉ ହଁ ଲୋ ମଲ୍ଲୀ ଅପାର "ଚା" ଭାରି ସୁଆଦିଆ ।

ଦୁଇ ଚାରିଦନି ହେବ ଦୋକାନ ତାର ବନ୍ଦ । ତା ଘର ପର୍ଯ୍ୟନ୍ତ ସ୍କୁଟି ନେଇ ଚାଲିଗଲି । ଦେଖିଲି ଦେହ ତାର ଭଲ ନାହିଁ । ଗୋଟେ କମ୍ବଳ ଘୋଡାଇ ଦେଇ ଟିଣ ଚଦର ଘେରା ଦରଜା କୁ ଅଣ ଆଉଜା କରି ଶୋଇଛି । ଡ଼ାକିଲି, ମଲ୍ଲୀ ଖୁଡ଼ି ଭିତରୁ ଥରିଲା କଣ୍ଠରେ ଜବାବ୍ ଦେଲା ....ହଁ, କିଏ ?

= ମୁଁ

= ସୁବାଷ ବାବୁ । ଦେହଟିକେ ଭଲ ନାହିଁତ ଦୋକାନ ବନ୍ଦ ଅଛି ।

= ହଁ ପରା, ସେଥିପାଇଁ ଅପରାହ୍ନଟା ପୁରା ଫିକା ଲାଗୁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

= ବସ, ଚା ଟିକେ କରିଦଉଛି

= ଥାଉ, ତୁମ ଦେହ ଭଲନାହିଁ । "ମଲ୍ଲୀ ଅପା" ତୁମ "ଚା" ଆମ ଅପରାହ୍ନକୁ ସବୁଜ ମଧ୍ୟ କରିଦିଏ । ତୁମ ଅନ୍ଧାରୀ ଜୀବନର ଅବସାଦକୁ ବାସ୍ ମୁଁ ଟିକେ ହାଲ୍କା କରିବାକୁ ଆସିଥିଲି । ପୁଣି ପଚାରିଲି ପଦିଆ ଆସିଥିଲା ?

= କିଏ, ପଦିଆ ? ନାଁ ସେ କ'ଣ ଆସିବ । ଶ୍ୱଶୁର ଘରେ ଅଛି । ଏ ଦରବୁଢି ଅଭିଆଡିକୁ ସେ କ'ଣ ଦେଖିବାକୁ ଆସିବ । ସରଳ ଆମାୟୀକ ମଲ୍ଲୀ ଅପା ସେ ସରଳ ପଣିଆ ପାଖରେ ମୁଣ୍ଡ ନଇଁ ଗଲା । କିଛି ମେଡ଼ିସିନ୍ ଦୋକାନରୁ କିଣି ତାକୁ ଦେଇ ଘରକୁ ଫେରିଲି । ଜ୍ୱର ଟିକେ ଭଲ ହେଲାପରେ ପୁଣି ଦୋକାନକୁ ସେ ଆସିବ । ଆଉ ଅପରାହ୍ନର "ଚା" ସହିତ ମିଠା ହସରେ ସାରା ବଜାର ହସିଉଠିବ ।

ତା ଉଦ୍ୟମରେ, ତା ଚା ଦୋକାନ । ଆମଭଳି କେତେଜଣ ଗରାଖ ଆଉ ତାର ମିଠା, ସରଳିଆ ଜୀବନ ବାସ ଏଇତ ମଲ୍ଲୀ ଅପାର ସମ୍ପତ୍ତି ।

ଆଡଭୋକେଟ, ଭଦ୍ରକ

ମୋ. ୯୩୪୮୧୮୪୦୫୪

Email- rudrakanta456@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତରେ ବୋଉ ଗପ ହୋଇଗଲା

ଆଲୋକ କୁମାର ରାୟ

ଗପ ଶୁଣିବାକୁ କୁନା ଭଲପାଏ ବୋଲି ତା ବୋଉ ନିଜେ କାଳକ୍ରମେ ଗପର ମୁଣିଟେ ପାଲଟି ଗଲା । ଖାଇଲା ବେଳେ ଗପ, ଶୋଇବା ବେଳେ ଗପ, ଗାଧୋଇବା ବେଳେ ଗପ, ସ୍କୁଲକୁ ହାତ ଧରି ନେବା ବେଳେ ଗପ, ସବୁ ସମୟରେ ସବୁଠାରେ କୁନାର ଗପ ଦରକାର । ନହେଲେ ନଛୋଡବନ୍ଧା, ଜିଦ୍ ପରେ ଜିଦ୍, କିଛି ବି ଶୁଣିବନାହିଁ, କାନ୍ଦିକି ହେମ୍ବାରଡି ପକେଇବ । ବୋଉ ତା ପିଲାଟିକୁ ଜାଣେ, କିପରି ତା ମନ ନେଇ କାମ କରିବାକୁ ହେବ ତାହା ମା ହୋଇ ସେ ଜାଣିବ ନାହିଁ ତ ଆଉ କିଏ ଜାଣିବ ? କୁନାର ପରିବାର କହିଲେ ବାପା, ବୋଉ ଓ ସେ ନିଜେ । ସଂଖ୍ୟା ଦୃଷ୍ଟିରୁ ଛୋଟ ପରିବାର ସୁଖୀ ପରିବାର । ହେଲେ ତା ବାପା ଏକ ପାଖ ଲୁଗା ଦୋକାନରେ ସେଲ୍ସମ୍ୟାନ୍ କାମ କରନ୍ତି । ରୋଜଗାର ମାସକୁ ମାତ୍ର ପାଞ୍ଚ ହଜାର ଟଙ୍କା । ମାସକୁ ଦୁଇଦିନ ସବେତନ ଛୁଟି ମିଳେ । କୁନା ପାଇଁ ସମୟ ଦେବା ତାଙ୍କ ପାଇଁ ଅସମ୍ଭବ । ଏଣୁ ବୋଉ ପାଖରେ କୁନାର ସମୟ କଟେ । ଖାଲି ଯାହା ସ୍କୁଲ୍ ସମୟରେ ସେ ବୋଉଠାରୁ ଦୂରରେ ଥାଏ । ମାତ୍ର ତା ମନରେ ବୋଉର ଗପ ସବୁବେଳେ ସେମିତି କଡ଼ ଲେଉଟାଉ ଥାଏ । କୁନାର ସାଙ୍ଗ ସାଥିଙ୍କ ସଂଖ୍ୟା ଅତି ବେଶୀ ନୁହଁ । ହାତ ଗଣତିରେ ଦୁଇ ବା ତିନି ଜଣ । ତା ପରି ବୋଉ ରଙ୍କୁଣା ପିଲାର ସାଙ୍ଗ ସଂଖ୍ୟା ଅଧିକ ହେବା ସମ୍ଭବ ନୁହେଁ । ତେଲ ଲୁଣର ଅଭାବୀ ସଂସାରରେ ମନୋରଞ୍ଜନର ଏକମାତ୍ର ମାଧ୍ୟମ କୁନା ପାଇଁ ହେଉଛି ତା ବୋଉ । ଖେଳକୁଦରେ ତା ମନ ସେତେ ଲାଗେନାହିଁ । ତାଂକ ଝାଟିମାଟି ଘର ସହରର ଉପାନ୍ତ ଅଞ୍ଚଳରେ । ସେଠି ବିଜୁଳି, ରାସ୍ତା ଓ ପିଇବା ପାଣି ପରି ଆବଶ୍ୟକୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁବିଧା ନାହିଁ । ଗତ ସରକାରଂକ ଅମଳରୁ ବସ୍ତିବାସିନ୍ଦାଙ୍କ ଥଇଥାନ ଯୋଜନାରେ ତା ପରିବାର ଅନ୍ତର୍ଭୁକ୍ତ ହେଲେ ହେଁ ଏଯାଏଁ ତାହା ଫଳବତୀ ହୋଇନାହିଁ । ସାତ ବର୍ଷର କୁନା ଏକୁଟିଆ ରହିବା କଷ୍ଟକର ଜାଣି ତା ବୋଉ ରୋଜଗାର ବଢ଼ାଇବାକୁ ଅନ୍ୟ କାମଧନ୍ଦା ନକରି ଘରେ ରହିବାକୁ ନିଷ୍ପତ୍ତି ନେଇଛି । କୁନା ଆଉ ଟିକେ ବଡ଼ ହେବା ପରେ ସେ କଥା ବିଚାରକୁ ଆସିବ । କୁନା ପାଇଁ ନିତିପ୍ରତି ଗପ ଗଢ଼ି ଗଢ଼ି ତା ବୋଉ କେତେବେଳେ ଯେ ଗପର ମୁଣି ହୋଇଯାଇଛି ତା ନିଜକୁ ବି ଜଣା ନାହିଁ । ଗପ କହିଲେ ଭୂତ ପ୍ରେତ ଠାରୁ ଆରମ୍ଭ କରି ବୁଢ଼ୀ ଅସୁରୁଣୀ, ନିଶୁଆ ପୋଲିସବାଲା, ଗାଈଆଳ ସନା, ଖନା ସାଆନ୍ତ, ବିଲୁଆ ନାନା ଏମିତି କେତେ ଚରିତ୍ର ଯାହାଙ୍କର କଳାଧଳା କୀର୍ତ୍ତି ଶୁଣି ଶୁଣି କୁନା କଳ୍ପନା ରାଜ୍ୟରେ ଘୁରୀ ବୁଲେ । ସେ ପ୍ରତି ଥର ନିଜକୁ ଗପର ଚରିତ୍ର ମାନଙ୍କ ରୂପ ଦେବାକୁ ଚେଷ୍ଟା କରେ । ଥକି ଗଲେ ବୋଉକୁ ଗାଳି କରେ ନିଜର ନପାରିବା ପଣକୁ ଘୋଡେଇ ଦେବାପାଇଁ । ଏମିତି ସମୟ ବିତେ, ବର୍ଷା ଦିନେ ସର୍ବଦା କାଦୁଆ ରହୁଥିବା ବସ୍ତିର ରାସ୍ତାରେ ଖରାଦିନେ ନାଲି ମୋହରମ୍ ପଡ଼େ । କୁନା କାଦୁଆ ରାସ୍ତାରେ ଜାଣିଶୁଣି ପଡ଼ି ଉଠି ବୋଉ ଗପର ପିର ରିକ୍ସା ବାଲା ସାଜେ ତ ନାଲି ମୋହାରମ୍ ଦେହରେ ବୋଳି ତା ବୋଉ ଗପର ବରଗଛରେ ରହୁଥିବା ବ୍ରହ୍ମ ରାକ୍ଷସ ସାଜି ବୋଉକୁ ଡରାଏ । ଦିନେ ସ୍କୁଲରୁ ଫେରି କୁନା ଦେଖେତ ତା ବୋଉ ଘରେ ନାହିଁ । ସାଇ ପଡ଼ିଶାଙ୍କ ଠାରୁ କୌଣସି ସଠିକ୍ ଉତ୍ତର ନପାଇ ସେ ବିଚଳିତ ହୋଇପଡେ । ତା ମନରେ ବୋଉ କହିଥିବା ବାବନା ଗୁଣ୍ଡା କଥା ଉଙ୍କି ମାରେ । ଯିଏ ଝିଅ ପିଲା ଓ ସ୍ତ୍ରୀ ଲୋକଙ୍କୁ ଏକୁଟିଆ ପାଇଲେ ନାକରେ କଣ ଗୋଟେ ଔଷଧ ପକାଇ କେଉଁ ଆଡ଼େ ନେଇଯାଏ ଯେ କେହି ତାର ଟେର୍ ପାଆନ୍ତି ନାହିଁ । ବାପାଙ୍କୁ କିଏ ଡାକିବାକୁ ଯିବ ? ବଜାର ବସ୍ତି ଠାରୁ ଢେର୍ ଗୁଡ଼ାଏ ଦୂର । ସକାଳୁ ସଞ୍ଜ ଯାଏ ଲୋକମାନେ କାମଧନ୍ଦା ପାଇଁ ଦୂରକୁ ଯାଉଥିବାରୁ ବସ୍ତି ପ୍ରାୟତଃ ଦିନ ବେଳା ଶୁନସାନ୍ ରହେ । କୁନା ମୁଣ୍ଡକୁ ଅଗତ୍ୟା ଗୋଟାଏ ବୁଦ୍ଧି ଜୁଟିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ବୋଉ ଗପର ଭଦ୍ରଚରିତ୍ର ନରେଶର ଅନୁକରଣରେ ନିଜକୁ ସଜାଡ଼ି ବୋଉକୁ ଖୋଜିବାକୁ ବସ୍ତିଠାରୁ ଅଳ୍ପ ଦୂର ପୋଖରୀ ହୁଡାକୁ ଗଲା । ସେଠାରେ ବସ୍ତିବାସିନ୍ଦା ଶୌଚାଦି ନିତ୍ୟକର୍ମ କରନ୍ତି । ପୋଖରୀ ହୁଡ଼ାର ଗୋଟେ ନିଛାଟିଆ ସ୍ଥାନରେ ବୋଉ ସ୍ଥିରହୋଇ ଶୋଇଥିବାର ଦେଖି କୁନା ମନରେ ଏଣୁତେଣୁ ଅନେକ ଭାବନା ସୃଷ୍ଟି ହେଲା । ସତରେ କଣ ବାବନା ଗୁଣ୍ଡାର ବୋଉ ଶିକାର ପାଲଟିଲା ? ଭଦ୍ର ଚରିତ୍ର ନରେଶ ରୂପେ ନିଜକୁ ଆଉ ଖାପ ଖୁଆଇ ନପାରି କୁନା ଜୋରରେ କାନ୍ଦିବାକୁ ଲାଗିଲା । ତା କାନ୍ଦରେ ନା ବୋଉର ସ୍ଥିର ଦେହ ହଲଚଲ ହେଲା ନା ପୋଖରୀ ପାଣିରେ ତରଙ୍ଗ ସୃଷ୍ଟି ହେଲା । ବୋଉ ସତକୁ ସତ ତା ନିଜ ଗପର ଖଳନାୟକ ବାବନା ଗୁଣ୍ଡାର ଶିକାର ପାଲଟି ଯାଇନି ତ ? କୁନା ପୋଖରୀ ହୁଡ଼ାରେ ବୋଉର ଅସଜଡ଼ା ଶାଢ଼ୀରେ ନିଜ ମୁଁହ ପୋଛି ଗପଟେ ନିଜେ ଗଢ଼ିବା ପାଇଁ ପ୍ରୟାସ କରୁଥିବା ସମୟରେ ତା ବାପା କେଉଁଠୁଁ ଖବର ପାଇ କିଛି ଲୋକଂକ ସହ ସେଠାରେ ପହଞ୍ଚିଲେ । କୁନା ଗପ ଗଢ଼ିବା ଛାଡ଼ି ବାପାଙ୍କ ପାଖକୁ ଦୌଡ଼ି ଯାଇ କଇଁ କଇଁ ହୋଇ କାନ୍ଦିବାରେ ଲାଗିଲା । ସତରେ ବୋଉ ଗପ ହୋଇଗଲା ।

ମାର୍ଫତ: ଶ୍ରୀମତୀ ସଂଘମିତ୍ରା ମହାପାତ୍ର,
ପୋଷ୍ଟ ମାଷ୍ଟର, ସହୀଦ ନଗର ଏମ. ଡି. ଜି.,
ଶହିଦ ନଗର, ଭୁବନେଶ୍ୱର -୭୫୧୦୦୭
ମୋ:୯୪୩୭୦୬୮୦୦୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହନୁମାନଙ୍କ କଥା

ବାବାଜୀ ଚରଣ ଦାସ

ଶ୍ରୀରାମଙ୍କୁ ସୁମରି ଅଙ୍ଗଦ ବୀର ଲଙ୍କା ଅଭିମୁଖେ ଚାଲିଲେ । ବିଭୀଷଣଙ୍କ ଉପଦେଶ ମାନି ଏକ ଲମ୍ଫ ମାରି ସମୁଦ୍ରକୁ ପାରି ହୋଇଗଲେ । ସୁବଳୟା ଗିରି ଉପରେ ପହଞ୍ଚି ସେଠାରୁ ଲଙ୍କା ପୁରର ସୁଷମା ଦେଖିଲେ । ଅଙ୍ଗଦ ମହାତ୍ମା ଦକ୍ଷିଣ ଦ୍ୱାରରେ ପହଞ୍ଚିଲେ । ଗଡ଼ରକ୍ଷୀ ମାନେ ଅଙ୍ଗଦଙ୍କୁ ଦେଖି ହନୁମାନ ବୋଲି ଭାବି ଭୟରେ ପଳାଇଲେ । ରାକ୍ଷସଙ୍କ ଭୟ ଦେଖି ଅଙ୍ଗଦ ହୃଦୟରେ ହନୁମାନଙ୍କୁ ପ୍ରଶଂସା କଲେ । ତାହା ପରେ ସେ ସିଂହଦ୍ୱାର ପାଖରେ ପହଞ୍ଚିଲେ । ସେଠାରେ ପ୍ରହରୀ ମାନେ ଅସ୍ତ୍ର ଶସ୍ତ୍ର ଧରି ମାରିବାକୁ ଚଞ୍ଚଳ ହେଲେ । ତାହା ଦେଖି ଅଙ୍ଗଦ କହିଲେ, ମୁଁ ଯୁଦ୍ଧ କରିବାକୁ ଆସି ନାହିଁ । ଶ୍ରୀରାମଙ୍କ ସନ୍ଦେଶ ନେଇ ଆସିଛି । ରାବଣ ନିକଟରେ ବାର୍ତ୍ତା ଦେବି । ପ୍ରଥମେ ମୋତେ ରାଜାଙ୍କ ପାଖକୁ ନିଅ । ତାଙ୍କ ଆଜ୍ଞା ହେଲେ ମୋତେ ଦଣ୍ଡ ଦେବ । ଏହା ଶୁଣି ପ୍ରହରୀ ମାନେ ଯାଇ ଅକମ୍ପନ ଆଗରେ ସବୁ ବୁଝାଇ କହିଲେ । ତାହା ଶୁଣି ସେ ଆସି ଅଙ୍ଗଦଙ୍କ ଠାରୁ ସକଳ ବୃତ୍ତାନ୍ତ ଜାଣିଲେ । ସେ ରାଜା ଆଜ୍ଞା ଆଣିବାକୁ ଗଲା । ସିଂହଦ୍ୱାରରେ ବାଳୀ ପୁତ୍ର ଅଙ୍ଗଦ ରହିଥିଲେ । ରାବଣର ଆଜ୍ଞା ନେଇ ଅକମ୍ପନ ଅଙ୍ଗଦ ବୀରଙ୍କୁ ସଭା ମଧ୍ୟରେ ଉପସ୍ଥିତ କରାଇଲା ।

ଅଙ୍ଗଦଙ୍କୁ ଦୂତ ଭାବି ରାବଣ ଆସନ ଦେଲେ ନାହିଁ । ତେଣୁ ଅଙ୍ଗଦ ବୀର ମନେ ମନେ କ୍ଷୁବ୍ଧ ହେଲେ । ସେ ଲାଙ୍ଗୁଡ଼ ଗୁଡାଇ ସିଂହାସନ ପ୍ରକାର ରାବଣ ଆସନ ଠାରୁ ଉଚ୍ଚରେ ବସିଲେ । ଏହା ଦେଖି ରାବଣ କୋପ କଲେ । ସେ କହିଲେ, କିଏରେ ତୁ ଅଧମ ମର୍କଟ । ରାଜସଭାର ବେଭାର ଜାଣିନାହୁଁ ! ତୁ କାହା ପୁଅ, ତୋର ନାମ କ'ଣ ? କି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାର୍ଯ୍ୟରେ ଲଙ୍କା ପୁର ଆସିଛୁ ?

ଅଙ୍ଗଦ କହିଲେ,ହେ ଲଙ୍କା ରାଜନ ! ଅଯୋଧ୍ୟା ଈଶ୍ୱର ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର ଦୁର୍ବାଦଳ ଶ୍ୟାମ ତନୁ ରାଜୀବ ଲୋଚନ ପ୍ରଭୁ ଶ୍ରୀରାମଙ୍କର ମୁଁ ଦୂତ । ମହାବଳୀ ବୀରଶ୍ରେଷ୍ଠ ବାନରରାଜ କିଷ୍କିନ୍ଧ୍ୟାପତି ବାଳୀ ମୋର ଜନକ । ତାହା ଶୁଣି ଦଶାନନ ରାବଣ ଉପହାସ କଲେ । କେଉଁ ବାଳୀର ତୁ ପୁତ୍ର ? ଦୂତ ହୋଇ ବଡ଼ ବଡ଼ କଥା କହୁଛୁ । ତୋ ମୁହଁରେ ବହୁତ ଟାଣ ପଣ ଦେଖାଉଛୁ । ଅଙ୍ଗଦ କହିଲେ, ହେ ଦଶାନନ ! ରାଜା ରୂପେ ସଭାଗୃହ ମଣ୍ଡନ କରିଛ । ଏଠାରେ ତୁମ କଥା ମୁଁ କହିବି ନାହିଁ । ଦିଗବିଜୟ ବେଳ କଥା ଭୁଲି ଗଲ କି ? ରାଜା ହୋଇ ରାଜୋଚିତ ବ୍ୟବହାର ଜାଣି ନାହଁ ? ମୋତେ ଆସନ ନଦେଇ ଠିଆ କରାଇଲ । ମୋତେ ଅପମାନ ଦେଇ କଥା କହୁଛ । ତେଣୁ ତୁମ ପ୍ରତି ମୋର ସମ୍ମାନ ଆସିବ କେଉଁଠୁ ? ହେ ରାବଣ ! ଏପରି କରିବା ତୁମର ସମୁଚିତ ନୁହେଁ ।

ରାବଣ ନୀରବ ରହିଲେ । ସେ ହସିହସି କହିଲେ, ରାଜ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ତୁମକୁ ଚିହ୍ନି ପାରି ନଥିଲି । ତେଣୁ ଯାହା କରିଛି, ସେଥିପାଇଁ ମନରେ ତିଳେ ମାତ୍ର ଦୁଃଖ କର ନାହିଁ । କିମ୍ପାଇଁ ରାମ ତୋତେ ଏଠାକୁ ପଠାଇଛି ? କୁହ ଅଙ୍ଗଦ ! ମୁଁ ତାହା ଶୁଣିବି ।

ତାହା ଶୁଣି ଅଙ୍ଗଦ ପତ୍ର ବାହାର କରି ରାବଣ ହସ୍ତରେ ସମର୍ପଣ କଲେ । ଅଙ୍ଗଦ କହିଲେ, ହେ ଦଶାନନ ! ଉତ୍ତର ଲେଖି ଦେବ । ଅଙ୍ଗଦ ହସ୍ତରୁ ପତ୍ର ନେଇ ରାବଣ ପଢ଼ିଲେ । ପତ୍ର ପଢ଼ି ସେ ଅତ୍ୟନ୍ତ ପ୍ରଫୁଲ୍ଲିତ ହେଲେ । ପରମପୁରୁଷ ରାଜୀବ ଲୋଚନ ରାମ ପୁରୋଧା ପଣରେ ମୋତେ ବରଣ କରିଛନ୍ତି, ଏହା ଠାରୁ ବଡ଼ ଭାଗ୍ୟ ଆଉ କ'ଣ ଅଛି ? ନିଶ୍ଚୟ ରାମ କାର୍ଯ୍ୟରେ ମୁଁ ଯିବି । ଏଭଳି ଭାବି ସେ ପତ୍ର ଲେଖିଲେ । ପ୍ରଥମେ ଆଶୀର୍ବଚନ ଲେଖି ଶିଷ୍ୟ ବୋଲି ସମ୍ବୋଧନ କଲେ । ସମସ୍ତ ଦ୍ରବ୍ୟ ତାଲିକା ତହିଁରେ ଲେଖିଲେ । ପତ୍ର ମୁଦ କରି ଅଙ୍ଗଦଙ୍କୁ ଦେଲେ । ଶୀଘ୍ର ଯାଅ ବୋଲି କହିଲେ । ମୁଁ ଯଥା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟରେ ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟ ସମାପନ କରିବି । ଅଙ୍ଗଦ ହସ୍ତରେ ଚିଟାଉ ପଠାଇ ରାବଣ ସଭା ଭାଙ୍ଗି ଅନ୍ତଃପୁରକୁ ଗଲେ ।

ରାବଣର ପତ୍ର ଘେନି ଅଙ୍ଗଦ ଶ୍ରୀରାମଙ୍କ ଛାମୁରେ ପ୍ରବେଶ କଲେ । ଶ୍ରୀରାମଙ୍କ କରକମଳରେ ଚିଟାଉ ଅର୍ପଣ କଲେ । ପତ୍ର ଦେଖି ଶ୍ରୀରାମ ଆନନ୍ଦ ମନରେ ଲକ୍ଷ୍ମଣଙ୍କୁ ପତ୍ର ପାଠ କର ବୋଲି ଆଜ୍ଞା ଦେଲେ । ଅଗ୍ରଜଙ୍କ ଆଜ୍ଞା ପାଇ ସୁମିତ୍ରା ନନ୍ଦନ ପତ୍ର ପାଠ କଲେ । ରାବଣ ଯୋଗ୍ୟ ପୁରୋଧା ସମାନ ଲେଖିଛନ୍ତି, ହେ ରାମ ଲକ୍ଷ୍ମଣ ! ମୋର ଆଶୀର୍ବାଦ ପ୍ରାପ୍ତ ହୁଅ । ତୁମ ପତ୍ର ପାଠ କରି ସନ୍ତୋଷ ଲାଭ କଲି । ବ୍ରାହ୍ମଣ ରୂପରେ ମୋତେ ଦଶରଥ ପୁତ୍ର ଦେବର୍ଷି ନାରଦଙ୍କ କଥାରେ ନିମନ୍ତ୍ରଣ କରିଛନ୍ତି, ସେଥିପାଇଁ ମୋ ମନରେ ପରମ ଆନନ୍ଦ ଆସିଲା । ହେ ଦାଶରଥି ! ଧନ୍ୟବାଦ ଜଣାଉଛି । ବିଜୟୀ ହୁଅ ବୋଲି ଆଶୀର୍ବାଦ କରୁଛି । ବିଧିମତେ ଯଜ୍ଞଦ୍ରବ୍ୟ ଆୟୋଜନ କର । ଯଥା ସମୟରେ ମୁଁ ଉପସ୍ଥିତ ହେବି । ଦ୍ରବ୍ୟ ଉଣା ହେଲେ ଫଳ ଅସମ୍ପୂର୍ଣ୍ଣ ହେବ । ହେ ରଘୁନନ୍ଦନ ! ସମସ୍ତ ଦ୍ରବ୍ୟ ଆଣିବ । ପତ୍ର ପାଠ କରି ଶ୍ରୀରାମ ଗଦଗଦ ହୋଇ ସମସ୍ତ ଦ୍ରବ୍ୟ ସଂଗ୍ରହ ପାଇଁ ମନ ବଳାଇଲେ ।

ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଷ୍ଟ୍ରଚିନ୍ତକ ପିତାମହ ଭୀଷ୍ମ

ଅର୍ଜୁନୀ ଚରଣ ବେହେରା

ଦଶମ ଦିନ ମହାଭାରତ ଯୁଦ୍ଧରେ ପିତାମହ ଭୀଷ୍ମ ଅର୍ଜୁନଙ୍କ ବାଣରେ ଧରାଶାୟୀହେଲେ । ଇଚ୍ଛାମୃତ୍ୟୁ ବର ପ୍ରାପ୍ତ, ପିତାମହ, ଭୋଗବତୀ ନଦୀ ତୀରରେ ଅର୍ଜୁନଙ୍କ ପ୍ରସ୍ତୁତ ଶର ଶଯ୍ୟା ଉପରେ ଶୋଇ ପ୍ରାଣ ତ୍ୟାଗ ପାଇଁ ସୂର୍ଯ୍ୟଙ୍କ ଉତ୍ତରାୟଣକୁ ଅପେକ୍ଷା କରି ରହିଥାନ୍ତି । ତାଙ୍କ ଚତୁର୍ଦ୍ଦିଗରେ ପଡ଼ି ରହିଥାନ୍ତି କୁଢ଼ କୁଢ଼ ମୃତ ଯୋଦ୍ଧା ମାନଙ୍କ ଶବ ।

କୁରୁକ୍ଷେତ୍ରର ବିଭୀଷିକାମୟ ଖବର ପାଇ, ଉଭୟ କୁନ୍ତୀ ଓ ଗାନ୍ଧାରୀ ଶୋକରେ ଅତି ଆତୁର ହୋଇ ପଡ଼ିଲେ । ସେମାନେ ଶାନ୍ତି ପାଇବା ପାଇଁ ଭୀଷ୍ମଙ୍କ ଶର ଶଯ୍ୟା ନିକଟକୁ ଗଲେ । ଯିବା ବାଟରେ କୁଢ଼ କୁଢ଼ ଶବ ପଡ଼ିଥିବାର ଦେଖି ଗାନ୍ଧାରୀ କାନ୍ଦି କାନ୍ଦି କୁନ୍ତୀଙ୍କୁ କହିଲେ, ଏହାସବୁ ମୋ ପୁତ୍ର ଦୂର୍ଯ୍ୟୋଧନ ପାଇଁ ହେଲା । କୁନ୍ତୀ ତାଙ୍କୁ ସାନ୍ତ୍ୱନା ଦେଇ, ଧୈର୍ଯ୍ୟ ଧର ଭଉଣୀ ! କହି ଦୁହେଁ ଯାଇ ପିତାମହ ଭୀଷ୍ମଙ୍କ ଶରଶଯ୍ୟା ନିକଟରେ ପହଁଚିଲେ ।

ନିଶାର୍ଦ୍ଧ, ସେମାନେ ପିତାମହଙ୍କ ପାଦ ଛୁଇଁ ପ୍ରଣାମ କଲେ । ଯନ୍ତ୍ରଣା ଜର୍ଜରିତ ପିତାମହ ଚକ୍ଷୁ ଉନ୍ମିଳିତ କରି, କମ୍ପିତ କଣ୍ଠରେ ସେମାନଙ୍କୁ କଲ୍ୟାଣ ପ୍ରଦାନ ପୂର୍ବକ ଏତେରାତିରେ ଆସିବାକାରଣ ପଚାରିଲେ । କୁନ୍ତୀ କହିଲେ, ଅସଂଖ୍ୟ ଯୋଦ୍ଧାଙ୍କର ମୃତ୍ୟୁ ତଥା ଆପଣଙ୍କ ଏ ପୀଡ଼ା କଥା ମନେପଡ଼ି ଆମ ମାନଙ୍କ ମନ କିପରି ଅଶାନ୍ତ ହୋଇ ଉଠିଛି । ଶାନ୍ତି ଟିକିଏ ପାଇବା ପାଇଁ ଆମେ ଆପଣଙ୍କ ବିକଟକୁ ଆସିଛୁ । ଭୀଷ୍ମ କହିଲେ, ହେ ପୁତ୍ରୀ ! ମୋର ଭାଗ୍ୟହିଁ ମୋର କର୍ମ । ମୁଁ ପ୍ରତିଜ୍ଞା କରିଛି, ହସ୍ତିନାର ସୁରକ୍ଷା ନିମନ୍ତେ ଏ ଯୁଦ୍ଧ ଶେଷ ନ ହେଲା ଯାଏ ମୁଁ ଏହିଠାରେ ପଡ଼ି ରହି, ଏମିତି ଯନ୍ତ୍ରଣା ଭୋଗୁଥିବି । ମୁଁ ଅତୀତ ପାଇଁ ଲଜ୍ଜିତ ଓ ଭବିଷ୍ୟତପାଇଁ ଚିନ୍ତିତ । ମୁଁ ଯେ ପର୍ଯ୍ୟନ୍ତ ହସ୍ତିନା ସୁରକ୍ଷିତ ବୋଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖି ନାହିଁ, ସେ ପର୍ଯ୍ୟନ୍ତ ପ୍ରାଣ ତ୍ୟାଗ କରିବି ନାହିଁ ।

ଏହି ସମୟରେ ଗାନ୍ଧାରୀ କହିଲେ, ତାତଶ୍ରୀ ଏସବୁ ପାଇଁ ସେହି ବାସୁଦେବ ଶ୍ରୀକୃଷ୍ଣହିଁ ଦାୟୀ । ଶ୍ରୀକୃଷ୍ଣ ଚାହିଁଥିଲେ ଆଜି ଏପରି ପରିସ୍ଥିତି ହୋଇ ନଥାନ୍ତା । ଭୀଷ୍ମ କହିଲେ, ପୁତ୍ରୀ ! ତୁମେମାନେ କେବଳ ନିଜ ପୁତ୍ର ମାନଙ୍କ ପାଇଁ ଚିନ୍ତିତ । କିନ୍ତୁ, ବାସୁଦେବ କୃଷ୍ଣ କେବଳ ହସ୍ତିନା ପାଇଁ ସୀମିତ ନୁହଁନ୍ତି । ସିଏ ସତ୍ୟ ଧର୍ମ ଓ ନ୍ୟାୟର ରକ୍ଷାକାରୀ । ଏ ସମସ୍ତ ଜଗତର ସିଏ ହର୍ତ୍ତାକର୍ତ୍ତା । ସେ କେବଳ ଜାଣନ୍ତି, ଏ ଯୁଦ୍ଧର ପରିଣତି । ମୁଁ ଜାଣେନା, ବିଜୟଶ୍ରୀ କାହା ପକ୍ଷରେ ରହିବ କିନ୍ତୁ ତୁମେମାନେ ଥରେ ହସ୍ତିନା କଥା ଭାବି ଦେଖ, ତୁମ ମନରୁ ସମସ୍ତ ଦୁଃଖ ଓ ଅନୁଶୋଚନା ଦୂର ହୋଇଯିବ ।

ଗାନ୍ଧାରୀ କହିଲେ, ମୁଁ ଚାହିଁଥିଲେ ଦୁର୍ଯ୍ୟୋଧନକୁ ଓ କୁନ୍ତୀ ଯୁଧିଷ୍ଠିରଙ୍କୁ ବିଜୟର ଆଶୀର୍ବାଦ ଦେଇପାରି ଥାଆନ୍ତି । କିନ୍ତୁ ଆମେ ତାହା କରି ନାହୁଁ । ଆପଣଙ୍କ ଯନ୍ତ୍ରଣାପରି ଆମ ଯନ୍ତ୍ରଣା ମଧ୍ୟ ଦିନକୁ ଦିନ ଅସହ୍ୟ ହୋଇଚାଲିଛି । ଭୀଷ୍ମ କହିଲେ, ତୁମେ ଦୁର୍ଯ୍ୟୋଧନ କିମ୍ବା ଅର୍ଜୁନଙ୍କ ଚିନ୍ତାଛାଡ଼, ତୁମକୁ ଏ ଯୁଦ୍ଧର ଅନ୍ତଃ ଯାଏ ପ୍ରତୀକ୍ଷା କରିବାକୁ ହେବ । ପୁତ୍ରମାନଙ୍କ ଚିନ୍ତା ଛାଡ଼ି ତୁମେମାନେ କେବଳ ହସ୍ତିନାକଥା ଚିନ୍ତାକର । ତୁମେମାନେ ଶାନ୍ତି ପାଇବ । ମୋପାଇଁ ରାଷ୍ଟ୍ର ବଡ଼ । ରାଷ୍ଟ୍ର ସର୍ବୋପରି । ଶରଶଯ୍ୟାରେ ପଡ଼ିରହି ହସ୍ତିନା ଚିନ୍ତାରେ ମୁଁ ସମସ୍ତ କଷ୍ଟ ଓ ଯନ୍ତ୍ରଣା ଭୁଲି ଯାଇଛି । ତୁମେ ମାନେ ତାହା ହିଁ କର । ଯାଅ ପୁତ୍ରୀ, ହସ୍ତିନା ଫେରିଯାଅ । ମୁଁ ଏଇଠି ଏହି ଶର ଶଯ୍ୟାରେ ପଡ଼ି ରହିଲି । ନତ ମସ୍ତକରେ ଫେରି ଆସିଲେ ଗାନ୍ଧାରୀ ଓ କୁନ୍ତୀ । ଏପରି ରାଷ୍ଟ୍ର ଚିନ୍ତକ ଥିଲେ ମହାଭାରତ କାଳରେ ଭୀଷଣ ପ୍ରତିଜ୍ଞା ଧର, ଗାଙ୍ଗେୟ, ଶାନ୍ତନୁ ନନ୍ଦନ, ମହାଯୋଦ୍ଧା ପରମଜ୍ଞାନୀ ଭୀଷ୍ମ ।

ମୋ -୭୬୯୩୦୯୧୯୭୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବରଗଛର ଭୂତ

ଆଶୁତୋଷ ମେହେର

ସହରକୁ ଯାଇଥିଲା ରମେଶ କିଛି ଅଫିସ କାମରେ । ରମେଶ ଗାଁର ଜଣେ ଉଚ୍ଚ ଶିକ୍ଷିତ ଯୁବକ । ବିଶ୍ୱବିଦ୍ୟାଳୟର ଶିକ୍ଷା ପରେ ଚାକିରି ବାଟ ଛାଡି ନିଜେ ସ୍ୱାବଲମ୍ବନ ହେବାପାଇଁ, ବାପାଙ୍କ ଦଶ ଏକର ଜମିରେ ଚାଷବାସ କରିବାର ମନ କରି ଗାଁରେ ରହିଗଲା । ଏବେ କଠିନ ପରିଶ୍ରମ କରି ଗତ ଦଶବର୍ଷରେ ସେ ଗଢିପାରିଛି ଗୋଟାଏ ସୁନ୍ଦର ଫାର୍ମ ଓ ଫାର୍ମ ହାଉସ । ଗୋପାଳନ, ମତ୍ସ୍ୟପାଳନ ତଥା ଅନେକ ପ୍ରକାରର ଫଳ ପନିପରିବାର ଗନ୍ତାଘର ତାହାର ଏ ଫାର୍ମ । ସେ ବାବଦ କାମରେ ବରାବର ଯିବାକୁ ପଡେ ସହରର କୃଷି ବିଭାଗ ପାଖକୁ ।

ସେ ଦିନ ବି ସେମିତି ଯାଇଥିଲା ସହର । ଫେରିବା ଡୋରି ହେଲା । ଅନ୍ଧାର ରାତିରେ ଏକାକୀ ଘରକୁ ଫେରୁଥିଲା ନିଜ ମଟର ସାଇକେଲରେ । ଗ୍ରାମ ପହଞ୍ଚିବାକୁ ଆହୁରି ତିନି କିମି ରାସ୍ତା । ଏଇଠୁଁ ଗାଁ ମୁଣ୍ଡ ବରଗଛ ଯାଏଁ ବୁଦୁବୁଦିଆ ଜଙ୍ଗଲ, ଶାଳ ପିଆଶାଳ ଗଛର । ମଟରସାଇକେଲ ହେଡ୍ ଲାଇଟରେ ରାସ୍ତା ଫର୍ଚ୍ଚା ଦେଖା ଯାଉଥିଲା । ସେମିତି ସ୍ଥିର ବେଗରେ ଆଗାଉଥିବା ବେଳେ, ରମେଶର କାନରେ ପଡିଲା ଦୂରରୁ ଆସୁଥିବା ଗୋଟାଏ କିଛି ଅଦ୍ଭୁତ ଶବ୍ଦ ଉପରେ । ମଟରସାଇକେଲ ଧୀରକରି ଅଟକିଲା ରାସ୍ତା ଉପରେ । କେହି କୁଆଡେ ନାହାନ୍ତି । ତଥାପି ତାହାକୁ ଲାଗିଲା କେହି ଜଣେ ସ୍ତ୍ରୀ ଲୋକ ଯେମିତି ଧୀରେ ଧୀରେ ବାହୁନି କାନ୍ଦୁଛି । ରମେଶ ମନରେ ଭୟ ପାଇଗଲା । ତଥାପି ମନରେ ସାହସ ବାନ୍ଧି ଭୟ ନକରି ଆଗକୁ ବଢ଼ିଲା ମଟରସାଇକେଲରେ । ଆଗକୁ ପଡିବ ଗାଁ ମୁଣ୍ଡର ସେ ବରଗଛ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ବରଗଛ ପାଖାପାଖି ହେଲାରୁ, ଜହ୍ନ ଆଲୁଅରେ ରମେଶ ଦେଖିଲା, ଏକ ଧଳା ଶାଡ଼ି ପିନ୍ଧା ସ୍ତ୍ରୀ ଲୋକ ବସିଛି ସେ ବରଗଛ ତଳେ । ତା'ର ଲମ୍ବା କେଶ ଖୋଲା ହୋଇ ବାୟୁରେ ଉଡୁଥିଲା, ଚେହେରା ଭଲଭାବରେ ଦେଖାଯାଉ ନଥିଲା । ସେ ଭାବିଲା, ଏ ନିଶ୍ଚୟ ଗ୍ରାମର କେହି ସ୍ତ୍ରୀଲୋକ ହେବ । ମଟର ସାଇକେଲକୁ ରାସ୍ତା ଉପରେ ରଖି ପଚାରିଲା, "କିଏ ଆପଣ, ରାତି ହେଲାଣି । ଗାଁ ବାହାରେ ଏଠି କ'ଣ କରୁଛନ୍ତି ? ଗାଁ ଭିତରକୁ ଫେରିଯିବା କଥା ଆପଣଙ୍କର ?"

ସ୍ତ୍ରୀ ଲୋକଟି ଏଥରକ ଧୀରେ କରି ମୁହଁ ଉଠାଇଲା । ରମେଶ ତଥାପି ଭଲ ଭାବରେ ଚିହ୍ନି ପାରିଲାନି । ଛାଇ ଅନ୍ଧାରରେ ମୁହଁଟା ଭଲ ଦିଶୁ ନଥିଲା ତାକୁ ।

ସ୍ତ୍ରୀ ଲୋକଟି କହିଲା, "କଣ କରିବି, ମୁଁ ମୋ ପୁଅକୁ ଖୋଜୁଛି । ସେ ଏଇ ଜଙ୍ଗଲ ଭିତରେ କେଉଁଠି ହଜିଯାଇଛି । ତୁମେ କଣ ତାକୁ ଦେଖିଛ ?"

ରମେଶ କହିଲା, "ନାଁ, ମୁଁ ତ ସହରରୁ ଫେରୁଛି । ରାସ୍ତା ଉପରେ କାହାକୁ ତ ଦେଖିନି । କହ କଣ ସାହାଯ୍ୟ କରିବି ?"

ସ୍ତ୍ରୀ ଲୋକଟି ରାସ୍ତା ଉପରକୁ ଆସି, ହେଣ୍ଡେଲ ଧରିଥିବା ରମେଶର ହାତ ଉପରେ ହାତ ରଖିଲା । ଆରେ ସ୍ତ୍ରୀଲୋକର ହାତଟା ବରଫ ପରି ଥଣ୍ଡା ! ଶୀତରେ କମ୍ପିଗଲା ରମେଶ । ଭୟ ପାଇଗଲା ମନ ଭିତରେ ।

ସ୍ତ୍ରୀଲୋକଟା ସାଧାରଣ ସ୍ତ୍ରୀଲୋକ ନୁହେଁ ବୋଧେ, ଏ କଥା ବୁଝିବାକୁ ଡେରି ହେଲାନି ତାକୁ । ଭୟରେ ସ୍ତ୍ରୀ ଲୋକର ହାତଟାକୁ ଯୋରରେ ଛିଞ୍ଚାଡି ଦେଇ, ମଟର ସାଇକେଲର ଏକ୍ସିଲେଟକୁ ଯୋରରେ ମୋଡି ବଢିଗଲା ରମେଶ ଗାଁ ରାସ୍ତାରେ ।

ପଛରୁ ସେହି ସ୍ତ୍ରୀର ଅଟ୍ଟହାସ୍ୟ କରି ଚିତ୍କାର ଶଭୁଥିଲା, "ଆରେ ତୁ ହିଁ ତ ମୋର ପୁଅ ! ଆଜି ଠାରୁ ତୁ ମୋ ସହିତ ଏ ବରଗଛରେ ମିଶିକରି ରହିବୁ !"

ରମେଶ ଏକ ନିଶ୍ୱାସରେ ଗାଁ ଭିତରେ ଯାଇ ହାଜର । ଗାଁର ମଝିରେ ଭାଗବତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟୁଙ୍ଗିରେ ଭାଗବତ ଶୁଣୁଥିଲେ, ଗାଁର କିଛି ବୟସ୍କ ଲୋକ । ସମସ୍ତେ ରମେଶର ହାବଭାବ ଦେଖି ଚକିତ ହୋଇ ପଚାରିଲେ ଘଟଣା ବିଷୟରେ । ସେ କଥା ଶୁଣି ସମସ୍ତେ ଚମକି ପଡିଲେ । ସଙ୍ଗେ ସଙ୍ଗେ ଗାଁ ସାରା ଖବରଟା ବ୍ୟାପିଗଲା । ସମସ୍ତେ ଏକାଠି ହୋଇ ବାଡି ଠେଙ୍ଗା ଟର୍ଚ୍ଚଲାଇଟ ଧରି ଚାଲିଲେ ସେ ବରଗଛ ପାଖକୁ । ହେଲେ ସେତେବେଳକୁ କେହି କୁଆଡେ ନଥିଲେ ସେ ବରଗଛ ତଳେ ।

ତା ପରଦିନ ଗାଁର ସବୁଠୁ ବୟସ୍କ ନବେ ବର୍ଷିଆ ଶଙ୍କର ଦାଦା କହିଲେ, ପ୍ରାୟ ଅଶି ବର୍ଷ ତଳେ, ଯେତେବେଳକୁ ତାକୁ ଦଶ ବର୍ଷ ହୋଇଥିଲା, ଗୋଟାଏ ଦୁର୍ଘଟଣା ଘଟିଥିଲା ସେଠି । ଗାଁର ଜଣେ ଗର୍ଭବତୀ ମହିଳା ପରିବାରର ଅତ୍ୟାଚାର ସହି ନପାରି ସେ ବରଗଛର ଓହଳରେ ଆତ୍ମହତ୍ୟା କରିଥିଲେ । ସେଦିନ ଠାରୁ ଗାଁ ଲୋକେ ଅନୁଭବ କଲେ କେହି ଜଣେ ସ୍ତ୍ରୀଲୋକର ଛାଇ ନିଜ ପୁଅକୁ ଖୋଜି ବୁଲୁଥାଏ ସେ ଗଛ ମୂଳରେ । କୌଣସି ଲୋକଙ୍କୁ ଏକାକୀ ପାଇଲେ ତା' ବାଟ ଓଗାଳି ପ୍ରଶ୍ନ ପଚାରେ । ଏମିତି ଆଗରୁ ବରାବର ଘଟୁଥିଲା । ତେବେ ସେ ଯାଗାକୁ ଏକାକୀ ଯିବା ଲୋକେ ବନ୍ଦ କରିଥିଲେ ବହୁତ ଦିନରୁ । ସେ କଥା ବୋଧେ ଯୁବକ ରମେଶ ଜାଣି ନଥିଲା । ତେଣୁ ଆଜି ରମେଶକୁ ଏକାକୀ ପାଇଲା ତ, ବାଟ ଓଗାଳି ପ୍ରଶ୍ନ କଲା ।"

ସେଦିନରୁ ଗାଁର କେହି ସେ ବରଗଛ ତଳକୁ ବିଶେଷକରି ରାତି ବେଳା ଆଉ ଯିବାର ଦେଖାଗଲାନି ଆଗ ସମୟ ପରି ।

୫୪ ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯମରାଜ ଦରବାର

ମାନସ କୁମାର ପଣ୍ଡା

ଏଟା ଯମରାଜ ଦରବାର । ଏଠି ତୁମେ ତୁମ କର୍ମଫଳ ଭୋଗିବାରେ ଯଦି କିଛି ଭୁଲ ଭଟକା ହୋଇଥିବ ଏଠି ତାର ନ୍ୟାୟ

କରାଯାଇ ଦଣ୍ଡବିଧାନ କରାଯାଏ ।

ହେଲେ ଏ ମନୁଷ୍ୟ ! - ତୋ ମନରେ କାହିଁ ଭୟ ନାହିଁ ତ ? କିନ୍ତୁ ତୁ ଦୁଃଖରେ ଜର୍ଜରିତ ଭଳି ଲାଗୁଛୁ । କହ କଣ ତୋର ଦୁଃଖ ? ଗୋଟିଏ ରୋଗୀ ଆସାମୀକୁ ଯେଭଳି ତାର ରୋଗ ଭଲକରି ତାପରେ ଦଣ୍ଡ ଦିଆଯାଏ ସେଭଳି ତୋର ଦୁଃଖ ଦୁର କଲାପରେ ତୋର ବିଚାର କରାଯିବ ।

ଆପଣ ମୋତେ ଜଲଦି ଫେରାଇ ଦିଅନ୍ତୁ ମୋତେ ଝୁରି ଝୁରି ମୋ ପିଲା ମୋ ପତ୍ନୀ ଦେହତ୍ୟାଗ କରିଦେବେ ମୋ ବନ୍ଧୁବାନ୍ଧବ ଦୁଃଖରେ ଭାଙ୍ଗି ପଡିବେ । ମୋର ବହୁତ କାମ ଅଧୁରା ରହିଯାଇଛି । ସେସବୁ ମୋ ବିନା ହେବା ଅସମ୍ଭବ । ମୋ ବିନା ମୋର ପରିବାରର ବହୁ ଅର୍ଥହାନୀ ଜମିଜମା ହାନୀ ହେବ । ମୋର ତୁମ ଦଣ୍ଡକୁ ଆପତ୍ତି ନାହିଁ କିନ୍ତୁ ମୋତେ ମୋ ଅଧୁରା କାମକୁ ପୁରା କରିବାକୁ ଦିଆଯାଉ । ନହେଲେ ଆପଣଙ୍କ ହିସାବରେ ଆପଣ ଗୋଟେ ଦୁଃଖୀ ସାଙ୍ଗରେ ଅନ୍ୟାୟ କରିବେ ।

ଅସମ୍ଭବ ଅସମ୍ଭବ ଥରେ ଯମରାଜ ଦରବାରକୁ ଆସିଲେ ଏଠୁ ମର୍ତ୍ତ୍ୟ ଫେରିବା ଅସମ୍ଭବ । ଏଠି ତୁମ ଦଣ୍ଡ ବିଧାନ ସରିଲା ପରେ ଦଣ୍ଡ ଅନୁସାରେ ତୁମେ ନୁଆ ରୁପରେ ଫେରିବ । ଅଧିକ ଦଣ୍ଡରେ ବ୍ରଏଲର କୁକୁଡା, ଧଳା ଘୁଷୁରି କିମ୍ବା ଆରବ ଓଟ ଜନ୍ମ ପାଇବ । ଟିକେ କମ ଦଣ୍ଡରେ ଚାଇନା ମୁଷା, ମାଙ୍କଡ ନହେଲେ ଛେଳି ଜନ୍ମ ପାଇବ । କିନ୍ତୁ ଯଦି ତୁମକୁ ବହୁ ଲୋକ ଖୋଜୁଥିବେ ଚାରା ଘୋଟାଲା କିମ୍ବା ମଦ ଘୋଟାଲା ଭଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୌଣସି ପ୍ରକାର ଘୋଟାଲାର ଅସୁଲି ପାଇ ତା ହେଲେ ତାକୁ ପୁନର୍ବାର ମନୁଷ୍ୟ ଜନ୍ମ ମିଳେ ।

ପ୍ରଭୁ ମୁଁ ବହୁତ ସତକର୍ମ କରିଛି ମୋ ବିନା ମୋ ପ୍ରିୟଜନ ପ୍ରାଣତ୍ୟାଗ କରିଦେବେ । ତେଣୁ ମୁଁ ଆଉ କିଛିଦିନ ସେମାନଙ୍କ ସାଙ୍ଗରେ ରହି ଆପଣଙ୍କ ଦଣ୍ଡ ପାଇଁ ପ୍ରସ୍ତୁତ ହୋଇ ଆସିବି । ଆପଣ ତାହଁଲେ ସେମାନଙ୍କ ଅବସ୍ଥା ଦେଖିପାରିବେ । କହିବେ ଯଦି ଜୁମ୍ ମିଟ୍, ଗୁଗୁଲ ମିଟରେ ନହେଲେ ଡାଇରେକ୍ଟ ଭିଡିଓ କଲ କରି ଦେଖିପାରିବେ ।

ଆଚ୍ଛା ! ! ଏତେ ସୁବିଧା ? ? ତାହେଲେ ମୁ ଏତେ କଷ୍ଟ କରି କାହିଁ ଯାଉଛି ? ? ଆଚ୍ଛା କୁହ ଆଗ କାହାକୁ ଲଗେଇବା ।

ପ୍ରଭୁ ମୋ ପତ୍ନୀଙ୍କୁ ପ୍ରଥମେ ଲଗାଯାଉ ।

ଯମରାଜ ଆଦେଶ ତାଙ୍କର ପତ୍ନୀଙ୍କ ଫୋନରେ ଭିଡିଓ ଅନ୍ କରାଯାଉ । ପ୍ରିୟେ ଜାଣେ ତୁମେ ମୋ ବିନା ରହି ପାରୁନଥିବ । ତୁମେ ଅଧା ପ୍ରାଣ ହେଇ ଯାଇଥିବ । ତୁମେ ନିଶ୍ଚିତ ପ୍ରାଣତ୍ୟାଗ କରିବାକୁ ଚେଷ୍ଟା କରିଥିବ । ଖାଇବା ପିଇବା ଛାଡି ଦେଇଥିବ । କାନ୍ଦି କାନ୍ଦି ତୁମେ କଣ୍ଟା ହୋଇ ଯାଇଥିବ । ହେ ପ୍ରିୟେ, ଏଠି ଯମରାଜ ତୁମ ଦୁଃଖ ଦେଖି ମୋତ ପୁଣି ତୁମ ପାଖକୁ ଛାଡିଦେବେ ।

ଦେଖ ମୋତେ ଆଉ ପ୍ରିୟେ ପ୍ରିୟେ ବେଶି କୁହନାହଁ । ତୁମେ ଜାଣିନାହିଁ ତୁମ ଯମ ପୁରର ଏକ ଘଣ୍ଟା ଏଠି ଏକ ବର୍ଷ । ଏହି ଏକ ବର୍ଷ ଭିତରେ ତୁମ ପ୍ରିୟେ ପିଓର ଘରବାଲିରୁ ପ୍ରଫେସନାଲ ହୋଇଯାଇଛି । ତୁମର ସକାଳୁ ରାତି ଯାଏ ଫରମାଇସ ଶୁଣି ଶୁଣି ମୁଣ୍ଡ ମୋର ଟିଣ ହୋଇ ଯାଇଥିଲା । ସକାଳୁ ଯେତେ କଷ୍ଟ ହେଲେ ବି ବେଡ୍ ଟି ଟା ଡେରି ହେଇଗଲେ କିହୋ କଣ ମହାରାଣୀ ନିଦ ଭାଙ୍ଗିନି କହିବ । ସବୁ ଦିନ ତୁମ ମନଲାଖି ଖାଇବା କରି ମଧ୍ୟ ଏମିତି ଦିନ ନାହିଁ ଯୋଉଦିନ କହିଥିବ ଆଜି ଭଲ କରିଛ । କେବେ ପଚାରିଚ ମୋର କଣ ଖାଇବା ପସନ୍ଦ ? ? କେବେ ମୋତେ କିଛି କରି ଖାଇବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଚ ? ? ଜର ହେଉ କଷ୍ଟ ହେଉ ତୁମ ଖାଇବା ଡେରିହେଲେ ମୋ ଚଉଦ ପୁରୁଷ ମନେ ପକେଇ ଦିଅ । ମୋର ବି କିଛି ପସନ୍ଦ ନାପସନ୍ଦ ଅଛି । ଘରର ଚାକର ବନି ଦିନ ରାତି ଖଟି ମୁଁ ପାଇଲି କଣ ? ମୋ ନିଜ ପରିଚୟ ଛାଡି ତୁମ ପରିଚୟର ଛଦ୍ମନାମରେ ରହି ରହି ଅଣନିଶ୍ୱାସୀ ହୋଇ ଯାଇଥିଲି । କେବଳ ତୁମ ବଂଶ ରକ୍ଷା କରିବାକୁ ଯାଇ ମୋ ମୋ ଗୋତ୍ର ଭୁତ ଭବିଷ୍ୟ ସବୁ ସ୍ୱାହା କରିଦେଲି ।

କଣ ପାଇଲି ଏତେ ଜଳାଞ୍ଜଳିରୁ ? ? ନା ତୁମେ ନା ତୁମ ଘରେ ମୋର ଅଧିକାରକୁ କିଛି ମୁଲ୍ୟ ଦେଲ । କେବଳ କିଛି ଶାଢି କିଛି ଗହଣା ଦେଇ ଭାବିଲ ସବୁ ଦେଇଦେଲି । ମୁଁ ବି ଅଳ୍ପରେ ସନ୍ତୁଷ୍ଟ ହୋଇଯାଉଥିଲି ମୋର ମନର ଗତିକୁ ସ୍ୱଳ୍ପରେ ସୀମିତ ରଖି ନିଜକୁ ଗୋଟେ ପରଫର୍ମିଙ୍ଗ ମେସିନରେ ପରିଣତ କରିଦେଇଥିଲି । କ୍ଷୀପ୍ର ଶୋଚନା ମୁକ୍ତ ଶୋଚନାକୁ ଅଶୁଭର ମୋହର ମାରି ନିଜ ଆତ୍ମାକୁ ତିଳ ତିଳ କରି କିଳି ଦେଇଥିଲି । ପରିଚୟରୁ ପରିପାଟି ଅନ୍ଧବିଶ୍ୱାସର ଅନ୍ଧକାର ମଧ୍ୟରେ ନିଜର କାୟା ହରାଇଥିଲା ।

ତୁମେ ଗଲାପରେ ମୁଁ ଦୁଖରେ ଭାଙ୍ଗି ପଡିଲି ସତ କିନ୍ତୁ ସମୟ କ୍ରମେ ନିଜକୁ ନିଜ ପରିଚୟ ଦବାକୁ ଚେଷ୍ଟାକଲି । ନିଜର ରୁଚି ଅରୁଚିକୁ ଆଉଥରେ ଉଜାଗର କରିବାକୁ ଚେଷ୍ଟାକଲି । ଖୋଜିଲି ମୋ ଜୀବନର ଲକ୍ଷ୍ୟ କଣ ? କେବଳ ବଂଶରକ୍ଷା ନା ଆଉକିଛି ମୋର ଏ ଦୁନିଆକୁ ଆସିବାର ଲକ୍ଷ୍ୟ । ଥିରେ ଥିରେ ମୁଁ ମୋ ନିଜକୁ ଭଲ ପାଇବାକୁ ଲାଗିଲି । ନିଜକୁ ଦର୍ପଣ ଆଗରେ ଠିଆ ହୋଇ ନିଜକୁ ପସନ୍ଦ ଆସୁଥିବା ରୁପରେ ସଜେଇ ହେଲି । ଖୁବ ଭଲ ପାଇଲି ନିଜକୁ । ଆଉ ଆଜି ମୁଁ ସ୍ୱୟଂ ସମ୍ପୂର୍ଣ୍ଣା, ସ୍ୱାବଲମ୍ବୀ ।

ତୁମେ ଆସିବାକୁ ଚାହୁଁଛ ଆସ କିନ୍ତୁ ମୁଁ ମୁକ୍ତ । ମୋ ମନର ଗତିକୁ ମୁଁ ଆଉ ସୁପ୍ତ କରିପାରିବି ନାହିଁ । ମୁଁ ବୋଧହୁଏ ତୁମ ପରିଚାଳିତ ଗୋଟେ ଯାନ୍ତ୍ରିକ ଯାନ ହେଇପାରିବି ନାହିଁ । ମୋର ପୁନସ୍ଥାପିତ ପରିଚୟ ହରାଇବାକୁ ଚାହୁଁ ନାହିଁ ।

ଯମରାଜ- ମନୁଷ୍ୟ କଣ ତୁମ ଶେଷ ଇଚ୍ଛା କୁହ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଭୁ ମୋର ପତ୍ନୀ ପର ଘରର ମୁଁ ମୋ ବଂଶ ରକ୍ଷା ପାଇଁ ବାହା ହୋଇଥିଲି । କିନ୍ତୁ ମୋ ଭ୍ରାତା ମୋର ତାକୁ କଲ ଲଗାଯାଉ । ଯମରାଜ ଆଦେଶ ଭ୍ରାତାକୁ ଭିଡିଓ କଲ କରାଯାଉ ।

ଭାଇ ତୋ କଣ ମତ କହ । ତୁ ମୋର ଶେଷ ଆଶା । ତୁ ନିଶ୍ଚିତ ଦୁଃଖରେ ଭାଙ୍ଗି ପଡିଥିବୁ । ତୋ ଦୁଃଖ ଦେଖି ଯମରାଜ ମୋତେ ପୁନର୍ବାର ତୁମ୍ଭମାନଙ୍କ ପାଖକୁ ପଠାଇ ଦେବେ ।

ଭ୍ରତା ତୁମେ ଜୀବନ ସାରା ମୋତେ ତୁମ ପସନ୍ଦ ନାପସନ୍ଦ ହିସାବରେ ଶିକ୍ଷା ଦେଲ କେବେ ମୋ ପସନ୍ଦକୁ ଶ୍ରେୟ ଦେଇନାହଁ । ମୋ ପ୍ରଥମ ପ୍ରେମକୁ ବଡ ଭାଇର ଆଦେଶ ଆଗରେ ଜଳାଞ୍ଜଳି ଦେଲି । ତୁମ ପସନ୍ଦରେ ଗୋଟେ ଝିଅକୁ ବାହା କରାଇ ଦେଲ ଯେ ଆଜିଯାଏ ମୋ ଜୀବନର ସେ ପ୍ରଥମ ପ୍ରେମକୁ ଝୁରିହେଉଛି । ବାକି ତୁମେ ଜାଣିଥିବ ମୋର ଆୟୁ ଏତେ ଭଲନୁହେଁ ତେଣୁ ତୁମ ଭାଗର ଜାଗାରୁ ଭଡା ପଇସାରେ ମୁଁ ତୁମେ ଗଲାପରେ ଚଳୁଛି । ତୁମେ ଆସିଲେ ମୁଁ କଣ କରିବି ? ?

ମନୁଷ୍ୟ- କୁହ ଏବେ କାହାକୁ ଫୋନ ଲଗାଇବା ? ତୁମେ ଏତେ ଉଲ୍ଲସିତ ? ? କଣ ହେଲା କଣ ତୁମେ ଫେରିଯିବାର ଖୁସିରେ ଉତଫୁଲ୍ଲ ? ?

ହେ ଯମରାଜ ତୁମେ ସଠିକ ସମୟରେ ମୋତେ ନେଇଆସିଛ । ଏହା ଏକଦମ ଉତ୍କୃଷ୍ଟ ସମୟ । ମୋ ପକ୍ଷରେ ସେଠି ତିଳେମାତ୍ର ରହିବା ଉଚିତ ନଥିଲା । ମୋର ଫେରିଯିବାର କୌଣସି ଆବଶ୍ୟକ ନାହିଁ । ଆପଣ ଯାହା ଚାହିଁବେ ତା ଦଣ୍ଡ ବିଧାନ କରନ୍ତୁ ।

ଭୁବନେଶ୍ୱର, ୯୮୬୧୧୮୩୬୦୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱପ୍ନର ଦୁନିଆ

ଦେବାଶିଷ ମାଇତି

ମୁଁ ପ୍ରକାଶ । ମୋ ଘର ମୋନାଲିର ଛୋଟ ଗାଁ, ନୀଳାମ୍ବର । ସବୁଜିମାରେ ଭରା ଏଇ ମୋର ଗାଁ । ଆମ ଗାଁକୁ ବହୁତ୍ ଠେଲା ଗାଡି ଆସନ୍ତି ଚଟ୍‌ପଟା ଖାଇବା ନେଇ, ବହୁତ୍ ଫୁଲ ବିକ୍ରୀ କରିବାକୁ ଆସନ୍ତି, ଘର ସଜାଇବା ପାଇଁ, ମୁଁ ବହୁତ୍ ସେମାନଙ୍କ ପାଖରୁ ଖାଏ ଆଉ କିଣି ଘରକୁ ଆଣିଥାଏ । ପାଠ ପଢେ ପାହାଡ଼ ଉପରେ ଯେଉଁ ଲାଇବ୍ରେରୀ ସେଇଠାରେ । ସବୁଦିନ ସେଇଠାରେ ବସେ.. ଦୁଇ ବର୍ଷ ପରେ ମୋର ଆକାଉଣ୍ଟିଂ ସରିଯିବ ଦେଲେ ଗୋଟେ ଛୋଟ ମୋଟ ଚାକିରି କରି ବସିଯିବି । ବାପାଙ୍କୁ କହିବି ଘରେ ଗୋଟେ ଭଲ ବ୍ୟବସାୟ ଆରମ୍ଭ କରିବେ.., ହେଲେ ବାପାଙ୍କ ଚାକିରି ପରେ ବାପା ମା ଦୁଇଜଣ ଏକାଠି ସେଇଠି ବସିବେ । ଦୋକାନ ଯେପରି ଚାଲୁଛି ଚାଲୁ, ଗୋଟେ ଗାଡ଼ି କରିବି ଏବଂ ଫାର୍ମ ହାଉସ୍ ଟିଏ କରିବି ପ୍ରତ୍ୟେକ ରବିବାର ଦିନ ବାପା ମା ଆଉ ମୁଁ ମିଶି ହୋଇ ସେଇଠି ବୁଲିବାକୁ ଯିବୁ । ଏଠିତ ସବୁଆଡ଼େ ସବୁଜିମା ପୁଣି ସୁନ୍ଦର୍ ଜାଗା । ସେଦିନ ଥାଏ ସୋମବାର ବାପାଙ୍କର ଫୋନ୍ ଆସିଲା । ହେଲୋ ପ୍ରକାଶ, ବାବା ଘରକୁ ଟିକେ ଆସିବୁ ତ, ମୁଁ ଗୁରୁବାର ଦିନ ରହିପାରିବିନି ମିଟିଂ ଅଛି । ତୁ ଆସି ବଜାରରୁ ସଉଦା ନେଇ ଆସିବୁ, ତୋ ନାନୀଙ୍କୁ ଲୋକ ଦେଖିବାକୁ ଆସିବେ । ପ୍ରକାଶ : ହଉ ବାପା, ହେଲେ ମୋର ଶନିବାର ପରୀକ୍ଷା ଥିଲା, ହଉ ତା'ହେଲେ ମୁଁ ଯାଇ ସଙ୍ଗେ ସଙ୍ଗେ କାମ ସାରିଦେଇ ଆସିବି । କଣ କରିବ ବିଚରା ? ତା ପରଦିନ ଘରେ ଯାଇ ପହଞ୍ଚିଲା ଆଉ ମାର୍କେଟିଂ ସାରି ଶୁକ୍ରବାର ସକାଳୁ ଫେରି ଆସିଲା । ଶନିବାର ପରୀକ୍ଷା ସରିବା ପରେ ରୁମ୍‌କୁ ଯେତେବେଳେ ଫେରିଲା ମନ ଭାରି ହୋଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଇଥାଏ । କଣ କରିବ । କିଛି ପ୍ରଶ୍ନ ଭୁଲ୍ ହୋଇଗଲା । ଏମିତି କିଛି ଦିନ ପରେ ପ୍ରକାଶର ଭଉଣୀ ବାହାଘର ସରିଗଲା ଏବଂ ତାର ସେମିଷ୍ଟର ପରୀକ୍ଷା ମଧ୍ୟ ସରି ଗଲା । ଠିକ୍ ଫାଇନାଲ ପରୀକ୍ଷା ଆଗରୁ ତାକୁ ହଠାତ୍ ନିମୋନିଆ ରୋଗ ଆକ୍ରାନ୍ତ କଲା । ପରିସ୍ଥିତି ଏତେ ଜଟିଳ ହେଲା ଯେ ସେ ପରୀକ୍ଷା ତ ଦୂରର କଥା, ତାର ବଞ୍ଚିବା ମରିବା ସହ ସଂଘର୍ଷ ଚାଲିଲା, ଡାକ୍ତଖାନାର ଚାରିକାନ୍ଥ ଛଡ଼ା ସେ ଆଉ କିଛି ଜାଣି ପାରିଲାନି । ବାପାଙ୍କ ଚାକିରୀର ସବୁ ଟଙ୍କା ସେଇଠି ସାରି ଦେଇଥିଲେ । ବିଗତ ୮ ମାସର ଶଯ୍ୟାଶାୟୀ ପରେ ସେ ଭଲ ହୋଇ ଘରକୁ ଫେରିଲେ । ଏମିତି ଦେଢ଼ ବର୍ଷ ବିତିବା ପରେ ତାର ବୟସ ୨୮ ହୋଇ ଯାଇଥାଏ । ସେ ନିରୋଳାରେ ବସି ଦିନେ କାନ୍ଦିବାକୁ ଲାଗିଲା । ପାଠ ପଢାରେ ୧୨ ଲକ୍ଷ ଟଙ୍କା ସାରି ଦେଇଥିଲା ଏବଂ ୧୪ ଲକ୍ଷ ଡାକ୍ତଖାନାରେ, ତାକୁ କିଛି ଦେଖା ଯାଉନଥାଏ । ଗୋଟେ ଜୀବନ ଶୂନ୍ୟ ମଣିଷ ଭଳି ଶାନ୍ତ ହୋଇଗଲା କାହିଁକି ନା ଶିକ୍ଷା ତା ଜୀବନରେ ବହୁତ୍ ଦୂରକୁ ଚାଲିଗଲା । କଥାରେ ଅଛି ନା..,

ଦୈବ ଦଉଡ଼ି ମଣିଷ ଗାଇ

ଯେଣିକି ଟାଣଇ ସେଣିକି ଯାଇ..।

ସେ ପୁଣି ନିଷ୍ପତି ନେଲା, ଆଉ ତ ଆକାଉଣ୍ଟିଂ ହେବନି ଯାଉଛି ଗୋଟେ ହୋଲସେଲ ଦୋକାନ କରିବି । ବିଧିର ବିଧାନ ଏମିତି ଥିଲା, ଯେଉଁ ଦିନ ଏଇ କଥା ବାପାଙ୍କୁ କହିବ ସେଇଦିନ ବାପା ଗାଡ଼ିରୁ ପଡ଼ି ଗୋଟେ ହାତ ଏବଂ ଗୋଟେ ଗୋଡ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଗଲା । ଡାକ୍ତର କହିଲେ ଡାଇବେଟିସ ଅଛି ଏତେ ଜଲଦି ଭଲ କରିହେବ ନାହିଁ, ବାସ୍ ସବୁକିଛି ସରି ଯାଇଥିଲା ଆଖିରେ ଖାଲି ପ୍ରଶ୍ନ ଛିଡ଼ା ହୋଇଗଲା । ଆଉ ଉତ୍ତରରେ ସେ ନିଜେ ନିଜକୁ ପାଇ ଶାନ୍ତ ହୋଇଗଲା, ଭଉଣୀ ସହାୟତାରେ ଅପରେସନ କରାଗଲା । କିନ୍ତୁ ୬ ମାସ ପୁଣି ଶଯ୍ୟାଶାୟୀ ରହିଲେ ବିଶ୍ରାମ ପାଇଁ, ଶେଷରେ ବାପାଙ୍କର ଚାକିରୀ ଚାଲିଗଲା । ବାପାଙ୍କର ଅଫିସ୍ ମ୍ୟାନେଜର ପରାମର୍ଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କ୍ରମେ ପ୍ରକାଶକୁ ସିକ୍ୟୁରିଟି ଭାବେ କାମ କରିବାକୁ କହିଲେ, କାହିଁକି ନା ବାପାଙ୍କର କାର୍ଯ୍ୟକାଳ ଆଉ ୬ ମାସ ବାକି ଥିଲା । ବାପା ଏହା ଶୁଣି ପ୍ରକାଶର ମୁହଁକୁ ଚାହିଁଲେ ଆଉ କାନ୍ଦିବାକୁ ଲାଗିଲେ, ଭଉଣୀ ବାହାଘର, ପୁଣି ନିମୋନିଆ, ଶେଷର ବାପା ନିଜେ ରୋଗୀ । ନିମିଷକେ କେଇଟା ଦିନରେ ସବୁକିଛି ଓଲଟ ପାଲଟ, ସତେ ଯେମିତି ଭାସି ଯାଉଥିବା ଲୋକଙ୍କୁ କୁଟା ଖିଅ ଭରଷା । ପ୍ରକାଶ ବାପାଙ୍କୁ ସାନ୍ତ୍ୱନା ଦେଇ କହିଲା ତୁମେ ଚିନ୍ତା କରନି ବାପା ୬ ମାସ ପରେ ମୁଁ ଭଲ କାମ ପାଇ ପଳେଇଯିବି । ଏମିତି ୬ ମାସ ପରେ ତାର କାର୍ଯ୍ୟକାଳ ସରି ଯାଇଥିଲା । ବାପାଙ୍କର ରିଟାୟାର୍ଡ ଟଙ୍କା ସବୁ କଟି ସାରିବା ପରେ ବଳକା ରାଶି ମାତ୍ର ୪.୫ ଲକ୍ଷ ଥିଲା । ଏକାନ୍ତରେ ବସି ଭାବିଲି ଘରେ ରୋଜଗାର କାହାରି ନାହିଁ । ବାପାଙ୍କର ଔଷଧ ଖର୍ଚ୍ଚ, ଘର ଖର୍ଚ୍ଚ, ଅନ୍ୟାନ୍ୟ ମିଶି ମାସକୁ ୨୦ ହଜାର ଦରକାର୍ । ମୁଁ ଏବେ କଣ କରିବି । ଯଦି ବାପାଙ୍କ ଟଙ୍କା ଭାଙ୍ଗି କିଛି କରିବି, ଭବିଷ୍ୟତରେ ବଡ଼ କିଛି ଅସୁବିଧା ହେଲେ ଘରେ ଆଉ ଟଙ୍କା ନାହିଁ । ଶେଷରେ ଘରେ ଯେଉଁ କାର୍ ଟିଏ ଥିଲା ତାକୁ ବିକ୍ରି କରି ୩ ଲକ୍ଷ ଟଙ୍କା ଆଣିଲା ଆଉ ସେଥିରେ ଗୋଟେ ତେଜରାତି ଦୋକାନ ସରକାର ଜାଗାରେ ଆରମ୍ଭ କଲା । କିନ୍ତୁ ପୁରୁଣା ଘରର କିଛି ମରାମତି ଟଙ୍କା ଅଭାବରୁ ବାକି ରହିଗଲା । କେବେ ହେବ ?

ହେ ପ୍ରଭୂ ! ଆଉ କେତେ ଦିନ ଏ ସଂଘର୍ଷ ? ଯଦି ଏମିତି କର୍ମ ଥିଲା ଏତେ ଆଶା କାହିଁ ଦେଇଥିଲ ମୋତେ ? ସବୁ ସ୍ୱପ୍ନ ସ୍ୱପ୍ନ ହୋଇ ରହିଗଲା । ଆଖିର ଲୁହ ସରୁ ନ ଥାଏ ଭାଗ୍ୟ କିଛି ଅଲଗା ଥିଲା ଶେଷରେ ଘରକୁ ଆସୁଥିବା ଗୋଟେ ମଧ୍ୟବିତ୍ତ ପରିବାରର ଝିଅ, ଯିଏ ବାପାଙ୍କୁ ସେବା କରି ଟଙ୍କା ନିଏ ତା ସହ ବିବାହ ହୋଇଗଲା । ଅବଶ୍ୟ ଝିଅଟି ଶିକ୍ଷିତ ଥିଲା ଜଣେ ନର୍ସ ଭାବେ କାର୍ଯ୍ୟରତ । ସେଥିଲାଗି ପ୍ରକାଶ ପରିସ୍ଥିତିକୁ ଭାବିଚିନ୍ତି ନିଷ୍ପତି ନେଲା । ବୟସ ୩୧ ବେଳକୁ ବିବାହ କଲା । କିଛି ଦିନ ପରେ ସରକାର ଆସି ସେ ତେଜରାତି ଦୋକାନକୁ ଉଠାଇ ଦେଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ ପାରିବିନି ଭଗବାନ, ମୁଁ ଆଉ ପାରୁନି । ମୋନାଲି ପାହାଡ଼ ଉପରେ ମୋ ଘର । ବହୁ ସ୍ୱପ୍ନ ଅଧିକାରୀ ପ୍ରକାଶ ଉଚ୍ଚ ଶିକ୍ଷିତ କଣ ହୋଇଗଲା ଜୀବନ, ଏଥର ପୁରା ଥକି ଯାଇଥିଲି । ଶେଷରେ ଘର ସହ କଥା ହୋଇ ଗୋଟେ ଚାହା ବିସ୍କୁଟ୍ ଦୋକାନ ପୁଣି ଠେଲା ରିକ୍ସାରେ ଆରମ୍ଭ କଲା । ତା ସହ ସକାଳ ଟିଫିନ ଇଡିଲି, ଉପମା । ଏଥର ସେ ଏକା ନାହିଁ, ତା ସ୍ତ୍ରୀ ମ୍ରିନାଲି ମଧ୍ୟ ଲଢ଼ିଥିଲେ । ୪ ଜୀବନକୁ ଦୁଇ ବେଳା ଦାନା ପାଇଁ । ଦୋକାନର ନାମ ଥିଲା "ଆକାଉଣ୍ଟିଂ ଚାହା ବାଲା" । ଦୁଇମାସ ଦୋକାନ ପରେ ଦିନେ ସକାଳୁ ପ୍ରକାଶ ବହୁତ୍ ଜୋରରେ କାନ୍ଦିଲା, ହେ ପ୍ରଭୂ ! ମୋର ଗୋଟେ ପ୍ରଶ୍ନର ଉତ୍ତର ଦିଅ । ଭୁଲ୍ କାହାର ଥିଲା ? ହିମାଚଳ ୟୁନିଭର୍ସସିଟି ଟପ୍ ୧୦ ରେଙ୍କରେ ଥିବା ପ୍ରକାଶ ର ? ନା ତା ପରିବାରର ? ନା ତୁମେ ନିଜେ ! ଆଜି ରାସ୍ତା କଡ଼ରେ ପ୍ରକାଶ ତୁମ ଆଖି ସାମ୍ନାରେ ଜୀବନ ବିକଳରେ । ଜାଣିଛ ପ୍ରଭୂ ! ମୋର୍ ତ ମାସକୁ ଚାଳିଶି ହଜାର ହୋଇଗଲାଣି, ହେଲେ ମୁ ଯେଉଁ ହତଭାଗା ସ୍ୱପ୍ନ ଦେଖା ମଣିଷ ସେମିତି ରହିଗଲି । କିନ୍ତୁ ଯଦି ମୋ କର୍ମ ଏପରି ଥିଲା, ତା ହେଲେ ତୁମକୁ କେବେ ଡାକି ନଥାଆନ୍ତି । ତୁମେ ବହୁତ୍ ନିଷ୍ଠୁର ପ୍ରଭୂ ବହୁତ୍ ନିଷ୍ଠୁର, ମୋ ସ୍ୱପ୍ନ ମୋ ଦୁନିଆ ତଥାପି ମୁଁ ହିଁ ନିଜେ ଲେଖିବି ତୁମେ ନୁହଁ । ଏତିକି ସମୟରେ ସ୍ତ୍ରୀ ମ୍ରିନାଲି ପାଖକୁ ଆସି ଆଖିର ଲୁହକୁ ପୋଛିଦେଇ କହିଲା, ଚାଲ ଆମେ ଆଗକୁ ବଢିବା..।

ସହିଦ୍ ଇରମ, ବାସୁଦେବପୁର ଭଦ୍ରକ
ମୋ:୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତୁଟ ସମ୍ପର୍କ

ସବିତା ଦ୍ୱିବେଦୀ ତ୍ରିପାଠୀ

ପରମାତ୍ମା ପରମବ୍ରହ୍ମଙ୍କର ବିଶାଳ ସୃଷ୍ଟିରେ ଭୁମିଷ୍ଠ ହେବା କ୍ଷଣି ଗଢ଼ିଉଠେ ପ୍ରଥମ ସଂପର୍କ । କୁଆଁ କୁଆଁ କାନ୍ଦରୁ ଉତ୍‌ଫୁଲିତ ହୋଇ, କେତେ କ'ଣ ସଂପର୍କର ସୁତା ଲମ୍ବାଇ ଆନନ୍ଦର ଲହରୀ ଖେଳିଯାଏ ଗୋଟିଏ ଘର ମଧ୍ୟରେ ।

କିନ୍ତୁ କେତେଦିନ ପାଇଁ ? ବାପାମାଆ ଗଢ଼ି ଚାଲିଥାନ୍ତି ସୁନାର ସଂସାର, ତାଙ୍କର ଆପ୍ରାଣ ଚେଷ୍ଟାରେ । ପୁଅ, ଝିଅ, ଭାଇଭଉଣୀଙ୍କୁ ନେଇ ମଜଭୁତ ସଂପର୍କ ନିମନ୍ତେ ସମସ୍ତଙ୍କୁ ଗୁଚ୍ଛି ରଖିଥାନ୍ତି ଗୋଟିଏ ସୁତାରେ ମାଳି ସଦୃଶ । ଖୁବ୍ ହାତ ଗଣତି ସଂପର୍କକୁ ଛାଡି ଦେଲେ ବିଛୁଡି ହୋଇ ପଡୁଛି ଆଜିର ଏଇ ସ୍ୱାର୍ଥପର ଦୁନିଆରେ ସେ ସଂପର୍କ ରୂପକ ମାଳି ଗୁଡ଼ିକ । ସାମାନ୍ୟ ସ୍ୱାର୍ଥରେ ବାଧା ଆସିଲେ ଖୁବ୍ କମ ସମୟରେ ସଂପର୍କ ତୁଟାଇ ଦିଅନ୍ତି । ରକ୍ତର ହୋଇ ମଧ୍ୟ ।

ଆଜିର ସମାଜରେ ବିବାହ ଯେତିକି କଷ୍ଟ ବିଚ୍ଛେଦ ସେତିକି ସହଜ । କାରଣ କ'ଣ ଖୋଜି ବୁଲିଲେ ମିଳିବ କେବଳ..... ଅଧୈର୍ଯ୍ୟ, ଅସହିଷ୍ଣୁତା, ବୁଝାମଣା ଓ ତ୍ୟାଗ ମନୋବୃତ୍ତିର ଅଭାବ ଏବଂ କିଛି ମାତ୍ରାରେ ସ୍ୱାବଲମ୍ବନଶୀଳତା ଓ ଆତ୍ମ ବଡିମା । ଟିକେ ନମ୍ର ହୋଇଗଲେ କ'ଣ ହୁଅନ୍ତାନି ?

ଏ ସବୁ ସତ୍ତ୍ୱେ ଆଖି ସାମ୍ନାକୁ ଆସେ ଏକ ଭିଡିଓ ମୋବାଇଲ ମାଧ୍ୟମରେ । ଦୀର୍ଘ ଦିନର ଭଲ ପାଇବା ପରେ । ଜଣେ ଅନ୍ୟ ଜଣଙ୍କ ପାଇଁ ସବୁକିଛି ତ୍ୟାଗ କରିପାରେ । ବାହାଘର ଦିନ ଠିକ୍ ହେବା ପରେ ହଠାତ୍ ପ୍ରେମିକାଟିର ଅଣ୍ଟାରୁ ତଳକୁ ଅକାମି ହୋଇଯାଏ, ବହୁ ଚେଷ୍ଟା ପରେ ମଧ୍ୟ ଭଲ ହୁଏ ନାହିଁ । ହୁଇଲ୍ ଚେୟାରରେ ବସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାହାଘର ସଂପର୍ଣ୍ଣ ହୁଏ । ବର୍ଷ ବର୍ଷ ଧରି ପତ୍ନୀଟିର ସେବା ଶୁଶ୍ରୁଷାରେ ଲାଗିପଡିଥାଏ ପତି, ସମସ୍ତ ଯତ୍ନ ସହ ପ୍ରତି ସମୟର ବ୍ୟାୟାମ, ମହାପ୍ରଭୁଙ୍କୁ ଭରସା ରଖି ।

ଦୀର୍ଘ ସାତ ବର୍ଷ ପରେ ନିଜେ ଠିଆ ହେବାର ସଫଳତା ଆନନ୍ଦରେ ଭରିଦିଏ ପ୍ରେମିକ/ସ୍ୱାମୀ ଟିକୁ ।

କି ସୁନ୍ଦର କୁହନ୍ତି, "ମୋ ଗେହ୍ଲି ଆଜି ନିଜେ ଠିଆ ହୋଇଚି ।"

ଗେହ୍ଲି କୁହେ, "ମୋ ଗୁଲୁ ଆଜି ମୋ ପାଇଁ ବହୁତ ଖୁସି ଅଛି ।"

ସତରେ...ଏ ହେଉଛି ଅତୁଟ ସଂପର୍କ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପକାରିତା : ସତ ଘଟଣାର କାହାଣୀ

ଜସ୍ମିନ୍ ସାହୁ

କେବେ ଆପଣ ମାନେ ଦେଖିଛନ୍ତି ଯେ, ଗୋଟେ ପଶୁ ନିଜ ଆଗରେ ଥିବା ଖାଦ୍ୟ ନଖାଇ ସେ ଖାଦ୍ୟ ଆଉ ଗୋଟେ ପଶୁ ଖାଇବା ପର୍ଯ୍ୟନ୍ତ ଅପେକ୍ଷା କରିବା ।

ଏମିତି ଗୋଟେ ଘଟଣା ଯାହା ଆଜିକା ଯୁଗରେ ଦେଖିବାକୁ ବିରଳ ସେହି ଘଟଣାର ମୁଁ ପ୍ରତ୍ୟକ୍ଷଦର୍ଶୀ ହେଇଛି । ରାତି ପ୍ରାୟ ୯ଟା ହେଲାଣି ମୁଁ ଆଉ ମୋ ମାମା ମିଶି ଘର ଆଗରେ ପରିବା ଚୋପା, ବଳକା ଖାଦ୍ୟ ଆଉ ରୁଟି ରଖିଦେଲୁ । ଗୋଟେ ଷଣ୍ଢ ସେ ଖାଦ୍ୟ ଆଡ଼କୁ ଆସି ଖାଇବା ବେଳେ କେଉଁଠୁ ଗୋଟେ କୁକୁର ଆସି ସେଥିରୁ ଖାଇବା ଆରମ୍ଭ କରିଦେଲା । ମୁଁ ଭାବିଲି ଯେ, ଷଣ୍ଢଟି ନିଜର ଶିଙ୍ଗ ମାରି କୁକୁରକୁ ତଡ଼ିଦେବ, ହେଲେ ସେମିତି ହେଲା ନାହିଁ ଯାହା ବି ଘଟିଲା ମୁଁ ଦେଖି ଆଶ୍ଚର୍ଯ୍ୟ । ସେ ଷଣ୍ଢଟି ଖାଇବା ପାଖରେ ସେମିତି ଅପେକ୍ଷାରେ ଠିଆ ହୋଇ ରହିଲା, କୁକୁରଟି ଖାଇବା ପର୍ଯ୍ୟନ୍ତ । କୁକୁରଟିର ପ୍ରାୟ ଅଧା ଖାଇବା ସାରିଲାଣି, ଷଣ୍ଢଟି ସେମିତି ଜଗିଛି । କୁକୁର ପେଟ ପୂରେଇ ଖାଇକି ସେଠୁ ଚାଲିଗଲା । ତା'ପରେ ବାକି ଯେତିକି ଥିଲା ଷଣ୍ଢ ସେତିକି ଖାଇଦେଲା । ସେତିକି ମଧ୍ୟରେ ମାମା ତା'ପାଇଁ ଆହୁରି ପରିବା ଆଣିଦେଲେ । ସେ ସବୁ ସିଏ ଖାଇକି ଚାଲିଗଲା । ଥରେ ଭାବନ୍ତୁ ଯେ, ଷଣ୍ଢ କୁକୁର ଠାରୁ ଆକାରରେ ବହୁତ ବଡ଼ ଆଉ ବଳବାନ ମଧ୍ୟ । ହେଲେ ଦୁର୍ବଳ ଉପରେ ସବଳର ଅତ୍ୟାଚାର ଯୁଗରେ ଷଣ୍ଢଟି ନିଜର ଶିଙ୍ଗରେ ନ ଘଉଡାଇ ତାକୁ ଖାଇବାକୁ ଦେଲା । ମୁଁ ତ ପ୍ରାୟ ଦେଖେ ଯେ, ଖାଇବାକୁ ନେଇ ଗାଈ ଗାଈ ମଧ୍ୟରେ ଶିଙ୍ଗ ମରାମରି ହେଇଥାନ୍ତି । ଏଠି କିନ୍ତୁ ଷଣ୍ଢ ଶକ୍ତିଶାଳୀ ହେଲେ ମଧ୍ୟ ନିଜର ବଳ ନ ଦେଖାଇ ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁକୁର ପ୍ରତି ଦୟା ଭାବ ଦେଖାଇଲା ଓ ତା'ର ଉପକାରିତା ଗୁଣ ପ୍ରଦର୍ଶନ କଲା । ମୋତେ ଏ ସବୁ ଦେଖି ବହୁତ ଖୁସି ଲାଗିଲା । ଦିନସାରା ବିଭିନ୍ନ ଚିନ୍ତାରେ ବୁଡି ରହି, ରାତିରେ ଏମିତି ସୁନ୍ଦର ଦୃଶ୍ୟ ଦେଖିଲେ ମନକୁ ବହୁତ ଶାନ୍ତି ଲାଗେ ।

ଥାନା ସାହି, ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉତ୍ତମ ବୁଦ୍ଧି

ଅଭୟ କୁଣ୍ଡ

ଗୋଟିଏ ବିରାଟ ଜଙ୍ଗଲ । ସେହି ଜଙ୍ଗଲରେ ହଜାର ହଜାର ପଶୁ ପକ୍ଷୀ ରହୁଥିଲେ । ଜଙ୍ଗଲରେ କିଛି ଦିନ ଧରି ଜମା ବି ବର୍ଷା ହେଲା ନାହିଁ । ସମସ୍ତ ଜଳାଶୟ ଜଳଶୂନ୍ୟ ହେଇଗଲା । ପଶୁପକ୍ଷୀ ମାନେ ଜଳ ପାଇଁ ଆର୍ତ୍ତ ଚିତ୍କାର କଲେ । ଜଳ ଅଭାବରୁ କେତେ ପଶୁ ପକ୍ଷୀ ମଧ୍ୟ ମୃତ୍ୟୁ ବରଣ କଲେ ।

ସେହି ଜଙ୍ଗଲର ଗୋଟିଏ ଛୋଟ ଗୁମ୍ଫାରେ ଅନେକ ବିଲୁଆ ମେଳି ବାନ୍ଧି ରହୁଥିଲେ । ସେମାନେ ମଧ୍ୟ ଜଳର ଅଭାବ ଅନୁଭବ କଲେ । କଣ ବା କରିବେ କିଛି ଜାଣି ପାରିଲେ ନାହିଁ । କେତେ ଦିନ ଅବା ଜଳ ବିନା ବଞ୍ଚି ହେବ, ସେଥିପାଇଁ ସେମାନେ ନିଷ୍ପତି ନେଲେ ଅନ୍ୟ ଏକ ଜଙ୍ଗଲକୁ ତାଙ୍କର ବସତି ସ୍ଥାନାନ୍ତରଣ କରିବେ । ସମସ୍ତ ବିଲୁଆ ଏକାଠି ହୋଇ ସଭା ଆୟୋଜନ କଲେ । ତାଙ୍କ ମଧ୍ୟରୁ ଗୋଟିଏ ବୃଦ୍ଧ ବିଲୁଆ ସଭାଟିକୁ ପରିଚାଳନା କରି ଦୁଇଜଣ ବୁଦ୍ଧିମାନ ବିଲୁଆ ବନ୍ଧୁକୁ ଜଳ ଅନ୍ୱେଷଣ ପାଇଁ ଆହ୍ୱାନ ଦେଲେ ଓ ଅନ୍ୟ ପାଖ ଜଙ୍ଗଲକୁ ଯିବା ପାଇଁ କହିଲେ ।

ବିଲୁଆ ଦୁଇ ଜଣ ପାଖ ଜଙ୍ଗଲକୁ ଗଲେ । ପାଖ ଜଙ୍ଗଲର ସମସ୍ତ ପୋଖରୀ ମଧ୍ୟ ଜଳଶୂନ୍ୟ ଥିଲା । ବିଚରା ବିଲୁଆ ଦୁଇ ଜଣ ଚିନ୍ତାରେ ପଡ଼ିଗଲେ । ପାଖାପାଖି ଯେତେ ବି ଜଙ୍ଗଲ ଥିଲା ସବୁ ଜଙ୍ଗଲରେ ସେହି ଏକା ଦଶା । ବାକି ଗୋଟିଏ ଜଙ୍ଗଲ ସେମାନେ ଯାଇ ନଥା'ନ୍ତି । ସେହି ଜଙ୍ଗଲର ରାଜାଙ୍କ ସହ ବିଲୁଆମାନେ ରହୁଥିବା ଜଙ୍ଗଲର ରାଜାଙ୍କର ଘୋର ଶତ୍ରୁତା । ସେଥିପାଇଁ ସେମାନେ ସେହି ଜଙ୍ଗଲକୁ ଛାଡ଼ି ବାକି ସମସ୍ତ ଜଙ୍ଗଲ ବୁଲି ସାରିଥିଲେ । ଏବେ କ'ଣ ବା କରିବେ । ଦୁଇ ବିଲୁଆ ଭାରି ଚିନ୍ତାରେ ପଡ଼ିଗଲେ । ତଥାପି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ ଦୃଢ଼ କରି ଶକ୍ତି ସଞ୍ଚୟ କରି ସେହି ଜଙ୍ଗଲ ଭିତରକୁ ପ୍ରବେଶ କଲେ ।

ଜଙ୍ଗଲର କିଛି ଅଞ୍ଚଳ ଭ୍ରମଣ କଲାପରେ ସେମାନେ ଏକ ସୁନ୍ଦର ପୋଖରୀ ଦେଖିବାକୁ ପାଇଲେ । କାଚକେନ୍ଦୁ ପରି ପାଣି ତା ଭିତରେ ପୁଣି ସୁନ୍ଦର ସୁନ୍ଦର ପଦ୍ମ ଫୁଲ । ସେହି ପୋଖରୀ କୂଳକୁ ଯାଇ ମନ ଭରି ଦୁଇ ବନ୍ଧୁ ପାଣି ପିଇଲେ ।

କିଛି ସମୟ ବିଶ୍ରାମ ନେଲେ । ପରେ ଭାବିଲେ ଯାଇ ସେମାନଙ୍କ ବିଲୁଆ ଭାଇମାନଙ୍କୁ ଜଣାଇବେ ଓ ସମସ୍ତେ ଏଇ ଜଙ୍ଗଲକୁ ସ୍ଥାନାନ୍ତରଣ ହେବେ ।

ଏସବୁକୁ ଲକ୍ଷ୍ୟ କରୁଥିଲେ ଦୁଇ ଜଣ ଚିତାବାଘ । ଅନ୍ୟ ଜଙ୍ଗଲର ପଶୁଙ୍କୁ ନିଜ ଜଙ୍ଗଲରେ ଦେଖି ତାଙ୍କ ମନରେ ସନ୍ଦେହ ଜାତ ହେଲା । ସଙ୍ଗେ ସଙ୍ଗେ ସେମାନଙ୍କୁ ଧରି ନେଇ ରାଜାଙ୍କ ନିକଟରେ ହାଜର କଲେ । ବିଲୁଆ ଦୁଇ ଜଣ କଣ କରିବେ ଓ କଣ କହିବେ ସେ ବିଷୟରେ ଉପାୟ ଚିନ୍ତା କରୁଥାନ୍ତି । ମହାରାଜା ସିଂହ ଯେତେବେଳେ ସେମାନଙ୍କୁ ପ୍ରଶ୍ନ କଲେ. "ତୁମେମାନେ ଏ ଜଙ୍ଗଲକୁ ଆସିବାର ଅଭିପ୍ରାୟ କଣ ?" ତୁମେମାନେ ଏ ଜଙ୍ଗଲରେ ଅନଧିକାର ପ୍ରବେଶ କରିଛ । ତେଣୁ ତୁମମାନଙ୍କୁ ମୃତ୍ୟୁ ଦଣ୍ଡ ଦିଆଯିବ ।

ଏହା ଶୁଣି ଗୋଟିଏ ବିଲୁଆ କହିଲା ମହାରାଜଙ୍କର ଜୟ ହେଉ । ଆମେ ଦୁଇ ଜଣ ଆମ ମହାରାଜଙ୍କର ଦୂତ । ମହାରାଜା ଆମକୁ ଆପଣଙ୍କ ସେବାରେ ପଠାଇଛନ୍ତି । "କି ସେବା ?" ସିଂହ ରାଜା ଗର୍ଜନ କରି କହିଲେ । ଅନ୍ୟ ବିଲୁଆଟି କହିଲା ମହାରାଜ ଆମ ରାଜା ପୂର୍ବ ଶତ୍ରୁତାକୁ ଭୁଲି ତାଙ୍କ ଝିଅର ବିବାହ ପ୍ରସ୍ତାବ ଆପଣଙ୍କ ରାଜକୁମାରଙ୍କ ପାଇଁ ପଠେଇଛନ୍ତି । ଆପଣ ତ ଜଣେ ପ୍ରଜବତ୍ସଳ ରାଜା । ଆପଣଙ୍କ ବିରାଟ ହୃଦୟ । ଆପଣ ଯାହା ନିଷ୍ପତ୍ତି ନେବେ ତାହା ଆମ ରାଜାଙ୍କୁ ଆମେ ଜଣାଇଦେବୁ । ଏହା ଶୁଣି ରାଜା ସିଂହ ବହୁତ୍ ଖୁସି ହେଲେ ଓ ତାଙ୍କ ଦୂତ ଚିତାବାଘକୁ ବିବାହ ପ୍ରସ୍ତାବ ଦେଇ ସେହି ବିଲୁଆ ଦୁଇଜଣଙ୍କ ସହ ପଠେଇଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବର୍ତ୍ତମାନ ସମସ୍ତେ ଚାଲିଲେ ସେହି ଜଙ୍ଗଲ ଅଭିମୁଖେ । ରାଜାଙ୍କ ଦରବାରରେ ପହଞ୍ଚି ଚିତା ତାର ପରିଚୟ ପ୍ରଦାନ କଲା । ବିଲୁଆ ସେମାନଙ୍କ ବୁଦ୍ଧି ଲଗାଇ ପ୍ରଥମେ କହିଲେ, "ମହାରାଜଙ୍କର ଜୟ ହେଉ ।" ସେପଟ ଜଙ୍ଗଲର ମହାରାଜ ତାଙ୍କ ଯୁବରାଜଙ୍କ ବିବାହ ପାଇଁ ଦୂତ ଚିତାବାଘକୁ ପଠାଇଛନ୍ତି । ସବୁ ଶତ୍ରୁତାକୁ ଭୁଲି ଆପଣଙ୍କ ଜୟ ଜୟକାର କରୁଛନ୍ତି । ଆପଣଙ୍କ ସମ୍ମତିକୁ ଅପେକ୍ଷା କରିଛନ୍ତି । ସଙ୍ଗେ ସଙ୍ଗେ ଅନ୍ୟ ବିଲୁଆଟି ସମର୍ଥନ କଲା । ରାଜା ସଙ୍ଗେ ସଙ୍ଗେ ସେମାନଙ୍କ କଥାରେ ଖୁସି ହେଇ ବିବାହର ଆଜ୍ଞା ପ୍ରଦାନ କଲେ । ତା ପରଦିନ ଦୁଇ ରାଜା ଏକାଠି ହୋଇ ଦୁଇ ଜଙ୍ଗଲର ସୀମାରେ ଥିବା ଏକ ପୁରାତନ ମନ୍ଦିରରେ ବିବାହ କାର୍ଯ୍ୟ ସମ୍ପନ୍ନ କଲେ । ସମସ୍ତେ ମିଳିମିଶି ରହିବେ ବୋଲି ସ୍ଥିର କଲେ ।

ପରେ ବିଲୁଆମାନେ ସେମାନଙ୍କ ବସତି ସ୍ଥାନାନ୍ତରଣ କରି ଖୁସିରେ ରହିଲେ ଓ ଅନ୍ୟ ପଶୁପକ୍ଷୀ ମାନେ ମଧ୍ୟ ଏହାର ସୁବିଧା ନେଲେ । ଜଳର ଅଭାବ ଦୂର ହେଲା ।

ବୁଦ୍ଧି ଥିଲେ ଉପାୟ ବଳେ ବଳେ ଆସେ । ତେଣୁ ନିଜ ପାଖେ ଥିବା ବୁଦ୍ଧିର ସତ୍ ଉପଯୋଗ କର ।

ସହକାରୀ ଶିକ୍ଷକ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡିଆଭଙ୍ଗା ତାଳଚେର
ମୋ : ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁଇବୁନ୍ଦା ଲୁହ : ଅନୁବାଦ ଗଳ୍ପ

ସୁଧାଂଶୁ ଶେଖର ଦ୍ୱିବେଦୀ

ମୂଳ ରଷ- ଇବାନ ତୁର୍ଗନେବ୍

ରୂପାନ୍ତର - ସୁଧାଂଶୁ ଶେଖର ଦ୍ୱିବେଦୀ

ସେ ଜଣେ କଏଦୀ ଥିଲା । ତାକୁ ଆଜନ୍ମ କଏଦୀ ରୂପେ ଜୀବନ ଅତିବାହିତ କରିବାର ଦଣ୍ଡ ମିଳିଥିଲା । ଦିନେ ରାତିରେ ସୁଯୋଗ ଉଣ୍ଡି ଜେଲରୁ ଖସି ପଳାଇଲା । ଜୀବନ ବିକଳରେ ଆଗକୁ ଆଗକୁ ଦୌଡୁଥାଏ । ନିଜର ପୂରା ଶକ୍ତି ଲଗେଇ ସୁରକ୍ଷିତ ସ୍ଥାନରେ ଛପି ଯିବାପାଇଁ ଚେଷ୍ଟା କରୁଥାଏ । ଅନେକ ଦୂର ଆସିବାପରେ ସେ ଥକି ପଡିଲା । ଶ୍ୱାସ-ପ୍ରଶ୍ୱାସର ଗତି ତୀବ୍ର ହୋଇଗଲା । ତଥାପି ବାରମ୍ବାର ତଳେ ପଡି ଉଠି ଦୌଡୁଥାଏ ।

ତା' ସମ୍ମୁଖରେ ଏକ ବିଶାଳ ନଦୀ କଳ କଳ ନାଦ କରି ବହି ଯାଉଥାଏ । ନଦୀଟି ସେତେ ଗଭୀର ନଥାଏ । ପରନ୍ତୁ ତାକୁ ସନ୍ତରଣ କରିବା ଆଦୌ ଜଣା ନଥାଏ । ଶୁଖିଲା କାଠର ଗୋଟେ ପଟ୍ଟା ନଦୀ ଜଳରେ ଭାସୁଥାଏ । ପୋଲିସ ଭୟରେ ସେ କାଠ ପଟ୍ଟାରେ ଗୋଟେ ଗୋଡ ରଖିବାକୁ ପ୍ରୟାସ କଲା । ଠିକ୍ ସେଇ ସମୟରେ ଦୁଇଜଣ ଲୋକ ନଦୀ କୂଳକୁ ଆସିଲେ । ଦୁହିଙ୍କ ମଧ୍ୟରୁ ଜଣେ ତା' ବନ୍ଧୁ ଅନ୍ୟ ଜଣେ ତା' ଶତ୍ରୁ । ଯିଏ ଶତ୍ରୁ ଥିଲା, ସବୁକିଛି ଦେଖିବା ପରେ ଚୁପ୍ ରହିଲା । ହେଲେ ତା' ବନ୍ଧୁ ବଡ ପାଟିରେ ଚିତ୍କାର କରି କହିଲା - ଆରେ ତୁ ଏ କଣ କରୁଛୁ ? ପାଗଳ ହେଇଗଲୁ ନା କଣ ? ସେ କାଠ ପଟ୍ଟା ସଢ଼ି ଯାଇଛି । ତୋ ଓଜନ ସମ୍ଭାଳି ପାରିବ ନାହିଁ । କିନ୍ତୁ ନଦୀ ପାରି ହେବା ଲାଗି ଅନ୍ୟକିଛି ଉପାୟ ନଥାଏ ।

ସେ ବିବ୍ରତ ଅବସ୍ଥାରେ କହିଲା - ପୋଲିସ ମୋ ପଛେ ପଛେ ଆସୁଛି । ଯେମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉ ମୋତେ ନଦୀ ପାରି ହେବାକୁ ପଡିବ । କଏଦୀ ଜୀବନ ବିକଳରେ ଆତୁର ହେଉଥାଏ ।

ହେଲେ ମୁଁ ତୋର ଏମିତି ସର୍ବନାଶ ହେବାକୁ ଦେବିନାହିଁ । ତା' ବନ୍ଧୁ ଦୌଡ଼ିଯାଇ କାଠ ପଟ୍ଟାକୁ ନଦୀ ଜଳରୁ ଉଠେଇ ଦୂରକୁ ଫିଙ୍ଗିଦେଲା । ପ୍ରାଣ ବିକଳରେ ସେଇ କାଠ ପଟ୍ଟା ସାହାରାରେ ନଦୀ ପାରି ହେବାକୁ ସେ ବିବଶ ହେଉଥାଏ । ତା' ଜୀବନ ରକ୍ଷା ନିମନ୍ତେ ସେଇ କାଠ ପଟ୍ଟା ହୁଏତ ଏକମାତ୍ର ସାଧନ ଥିଲା । ବନ୍ଧୁର ଅବିବେକୀ କାର୍ଯ୍ୟ ନିମନ୍ତେ ମନ ମଧ୍ୟରେ କ୍ଷୋଭ ହେଉଥାଏ ।

ଆଉଥରେ ସେଇ କାଠ ପଟ୍ଟାକୁ ହାସଲ କରିବା ଲାଗି ମନରେ ସାହାସ ବାନ୍ଧି ସେ ନଦୀ ଜଳକୁ ଡେଇଁ ପଡିଲା । ଥରେ ଦୁଇଥର ଉପରକୁ ଉଠିଲା । ପାଟିରୁ ପାଣି ବାହାର କଲା । ନଦୀ ଜଳରେ ଥାଇ ଥଳକୂଳହୀନ କଏଦୀ ହାତ ହଲେଇ ହଲେଇ ରକ୍ଷା କରିବା ନିମନ୍ତେ ଇଶାରା କରୁଥାଏ । କିଛି ସମୟ ନଦୀ ଜଳରେ ଉବୁଟୁବୁ ହୋଇ ଜଳ ସମାଧୀରେ ଲୀନ ହୋଇଗଲା ।

ନଦୀ କୂଳରେ ଛିଡ଼ାହୋଇ ସବୁକିଛି ଦେଖୁଥିବା ତା' ଶତ୍ରୁ ହୃଦୟ ଖୋଲା ହସ ହସି ଫେରିଗଲା । ପରନ୍ତୁ ତା' ବନ୍ଧୁ ଅଭାଗାର ଅବକ୍ଷୟ ଅବସ୍ଥା ଦେଖି କଇଁ କଇଁ କାନ୍ଦୁଥାଏ । କିଛିକ୍ଷଣ ପୂର୍ବରୁ ନଦୀରେ ବିଲୀନ ହୋଇଯାଇଥିବା ବନ୍ଧୁକୁ ବିଳାପ କରି ଖୋଜି ହେଉଥାଏ । କ୍ଷଣକପାଇଁ ତା' ମୁଣ୍ଡରେ ବିଚାର ଆସିଲା ବନ୍ଧୁର ମୃତ୍ୟୁ ନିମନ୍ତେ ସେ ହିଁ ଉତ୍ତରଦାୟୀ । ଆଖିର ଲୁହକୁ ଅଟକାଇ ନପାରି କହୁଥାଏ - ସେ ମୋ କଥା ମାନିଲା ନାହିଁ । ବିଚରା ଜଳ ସମାଧୀରେ ଲୀନ ହେଇଗଲା ।

ଲୋକମାନେ ତାକୁ ବହୁତ ବୁଝାଇଲେ । ସେ ସ୍ୱୟଂକୁ ଆଶ୍ୱାସନା ଦେଇ କହିଲା - ଯଦି ବନ୍ଧୁ ମୋର ଜୀବିତ ରହିଥାନ୍ତା ଜୀବନ ତମାମ କଏଦୀ ହୋଇ କାରାଗାରରେ ସଢ଼ିବାକୁ ପଡିଥାନ୍ତା । ବରଂ ମୃତ୍ୟୁ ବରଣ କରି ଠିକ୍ କରିଛି । ହେଇପାରେ ତା'

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଗ୍ୟରେ ଏହା ହିଁ ଲେଖାଥିଲା । ତଥାପି ଯେବେ ଲୋକଙ୍କ ମଧ୍ୟରେ ଉକ୍ତ କାଇଦୀର ଚର୍ଚ୍ଚା ହୁଏ ତା' ଆଖିରୁ ଆପେ ଆପେ ଦୁଇ ବୁନ୍ଦା ଲୁହ ନିଗିଡ଼ି ପଡେ ।

ବିସି-୭୪,ସଲ୍ଟ ଲେକ୍,କଲକତା-୭୦୦୦୬୪

ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଦମ୍ବର କାଦମ୍ବିନୀ

ଶିବନାରାୟଣ ଦାସ

କାଦମ୍ବିନୀ !

ଥାଅ ପଛେ ଯେତେ ଦୂରେ

ତୁମ-ମୋ ସହରର ଛୋଟ କେଉଁ

ଅଜ୍ଞାତ ଉପାନ୍ତେ -

ଅବା ପୁଣି ପୃଥିବୀର ସେପାଖରେ

ଦୂରେ ବହୁଦୂରେ

କେଉଁ ଏକ ସ୍ୱପ୍ନ ରାଇଜରେ,

ତୁମରି ସାନ୍ନିଧ୍ୟ କିନ୍ତୁ ରୋମାଂଚିତ କରେ ଆସି

ମୁହୁର୍ମୁହୁ ମୋତେ

ମୋ କୁଟୀର କିଛି ଦୂରେ ।

ମୁଁ ତୁମକୁ ଦେଖେ ଏଠି ନିତି ସଞ୍ଜବେଳେ

ବର୍ଷା-ସ୍ନାତ ରାଜପଥ କଡ଼େ

ଟହଟହ ପ୍ରସ୍ଫୁଟିତ କଦମ୍ବ ପେଡ଼ାରେ ।

ହରିଦ୍ରା-ରଞ୍ଜିତ କେତେ କଦମ୍ବର

ଶୁଭ୍ର କେଶରରେ

ତୁମେ ହସ ଶ୍ରାବଣର ବାରି ଧାରା ସାଥେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଠିକ ଯେମିତି ତୁମେ
ହସୁଥିଲ ଦିନେ
ଦେବଦାରୁ-ଲିମ୍ବ ଗଛ ମୂଳେ
ତରୁଲତା ସବୁଜିମା ଭରା ଆମରି ସେ କଲେଜ ପ୍ରାଙ୍ଗଣେ ।
ସଞ୍ଜ ଏଠି ଆସିଲେ ଘନେଇ
ବିଭାବରୀ ରୂପ ତୁମ ଉଠଇ ଉଜଳି
ବତୀଖୁଣ୍ଟ ବିଜୁଳି ଆଲୋକେ,
ରାଜରାସ୍ତା ଦୁଇ ପ୍ରାନ୍ତ
ନିପ ତରୁ ବିଥିରେ ବିଥିରେ
ସନ୍ଧ୍ୟାଲୋକେ ହସୁଥାଅ ତୁମେ
ବିକଶିତ କଦମ୍ବର ସ୍ନିଗ୍ଧ ସୁରଭିରେ ।

ରାତିର ଓଢଣା ଟାଣି
ଚାନ୍ଦ ଯେବେ ଆକାଶରେ ହସେ,
ମୋତେ ଲାଗେ ତୁମେ ସତେ
ବସିଅଛ ମୋ ନିକଟେ ଆସି
ଜ୍ୟୋତ୍ସ୍ନା-ସ୍ନାତ ଅଗଣା ପ୍ରାନ୍ତରେ -
ଦେହ-ଘଷା ହୋଇ ମୋର
ବିଚ୍ଛୁରିତ ରୋମାଣ୍ଟିକ ଜ୍ୟୋତ୍ସ୍ନା ପ୍ଲାବନରେ ।
ମିଟି ମିଟି କରୁଥାନ୍ତି ଯେବେ ଆକାଶରେ ଅସୁମାରୀ ତାରା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖିଲି ଖିଲି ହସୁଥାଅ ତୁମେ
ରାଜରାସ୍ତା ଦୁଇ ପ୍ରାନ୍ତେ ଥାଇ
ଯୌବନର କାଦମ୍ବରୀ - କଦମ୍ବ ଡାଳରେ ।

କାଦମ୍ବିନୀ !
ତୁମେ ବରଂ ରହିଥାଅ ଦୂରେ
ମୋ ଦୃଷ୍ଟିର ଅନ୍ତରାଳେ
ପ୍ରତୀକ୍ଷିତ ଅଜ୍ଞାତ ବାସରେ,
ଅପଲକ ମୋ ନୟନ ଠାରୁ
ବହୁ କୋଶ ଦୂରତାରେ
ତୁମେ ବରଂ ଥାଅ ରହି
ସ୍ନିଗ୍ଧ ତୁମ ଶାନ୍ତ ତପୋବନେ -
ପୁଣ୍ୟପ୍ରଦା ପୂଜାରିଣୀ ଅବା
ଆୟୁଷ୍ମତୀ ତପସ୍ୱିନୀ ବେଶେ ।

ତୁମ ଆଉ ମୋ ଭିତର
ସମ୍ପର୍କର ପରିଭାଷା ଯେବେ
ବିବର୍ତ୍ତିତ ହୋଇ ଉଠୁଥିବେ
ଭିନ୍ନ ଏକ ଚେତନାର
ମୋହମୁକ୍ତ ନୂତନ ଦ୍ୟୁତିରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଦମ୍ବିନୀ !

ମୁଁ ତୁମକୁ ଦେଖୁଥିବି ତେବେ

ମୋ ନୀରବ ନିଜନ କୁଟିରେ ଏଠି

ଅଗଣିତ ପ୍ରସ୍ଫୁଟିତ କଦମ୍ବ ପେଛାରେ -

ରୂପାତୀତ କାଳଜୟୀ

କାଳ ପ୍ରବାହରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେଡ଼େ ସ୍ୱାର୍ଥପର ମଣିଷଜାତି

ବାସନ୍ତୀ ଲତା ଜେନା

କେଡେ ସ୍ୱାର୍ଥ ପର ପରା ମଣିଷ ଜାତି
ଲୋଭ ମୋହ ମାୟା ତାର ମନର ମତି,
ସ୍ୱାର୍ଥ ଲାଗି କରଇ ସେ କପଟ ନିତି
ସତକୁ ମିଛ କରଇ ଠୁଳ ସମ୍ପତ୍ତି । ୧।
ଭୁଲି ଯାଏ ସାଙ୍ଗ ସାଥି ଆତ୍ମୀୟ ଜନ
ଲୋଭର ପଲକ ପଡେ ତାର ନୟନ,
ଲୋକ ଦେଖାଣିଆ ତାର ସେବା ଧରମ
ଅନ୍ୟାୟ ପଥେ ଲୋଟିବା ତାହାର କାମ ।୨।
ବନ୍ଧୁ ହୋଇ ବନ୍ଧୁ ପିଠେ ଛୁରୀ ଭୂଷଇ
ମିଠା ମିଠା କଥା କହି ତଣ୍ଟି ଚିପଇ,
ସଡଯନ୍ତ୍ର ରଚି ଥାଏ ସ୍ୱାର୍ଥ ସାଧନେ
ସ୍ୱାର୍ଥ ସରିଗଲେ ମୁଖ ଫେରାଇ ଆଣେ ।୩।
ପ୍ରତିଶ୍ରୁତି ହୁଏ ପୁଣି ପାଣିର ଗାର
ତା ଫାନ୍ଦରେ ପଡି ଗଲେ ନାହିଁ ନିସ୍ତାର,
ସଂସ୍କାର ସଂସ୍କୃତି ସବୁ ଲୋପ ହୁଅଇ
ସ୍ୱାର୍ଥ ଆଗେ ଧର୍ମ ପରା ବନ୍ଧା ପଡଇ ।୪।

ପିତା ମାତା ଭାଇ ଭଗ୍ନୀ ହୁଅନ୍ତି ପର
ଶଳା ଶାଳୀ ଶାଶୁ ପରା ହୁଏ ନିଜର,
ସୁନ୍ଦର ଗୃହଟି ହୁଏ ସେ ନାରଖାର
ଭାଇଭାଇ ମଧ୍ୟେ ହୁଏ ପ୍ରାଚେରୀ ସାର ।୫।
ନାରୀକୁ ନ ଦ୍ୟନ୍ତି ମାନ ନିଜ ଗୃହରେ
ସମ୍ମାନ ରକ୍ଷା ଭାଷଣ ସଭା ମଧ୍ୟରେ,
ନିର୍ବାଚନ ଆସିଗଲେ ନେତା ମନ୍ତ୍ରିରୀ
ଜନତାଙ୍କ ପ୍ରିୟ ପାତ୍ର ହୁଅନ୍ତି ଭାରି ।୬।
ସ୍ନେହ ଦୟା ସୁଖ ଶାନ୍ତି ଉଜାଡି ଦ୍ୟନ୍ତି
ନିର୍ବାଚିତ ହୋଇ ଗଲେ ସବୁ ଭୁଲନ୍ତି,
ଚିହ୍ନା ମୁହଁ ହୋଇ ଯାଏ ଅଚିହ୍ନା କାହିଁ
ବାଟେଘାଟେ ଦେଖା ହେଲେ ଯାନ୍ତି ଦୂରେଇ
।୭।

ଗାନ୍ଧୀନଗର, ପୋଷ୍ଟ/ ଜିଲ୍ଲା: ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛକରେ ଶୁଣିଲି ଶୀତ ଯାଉଛି

ବସନ୍ତ କୁମାର ମଲ୍ଲିକ

ନିଶବ୍ଦ ପଥରେ ମନ କାହିଁକି ଏ ଝୁରୁଛି,
ପତ୍ର ତଳେ ଅନ୍ଧକାର ଓ ଆଲୋକ ଖେଳୁଛି,
ପବନ ହାଲୁକା ବୋହି ହୃଦୟକୁ ଛୁଉଁଛି,
ଛକରେ ଶୁଣିଲି ବୋଧେ ଶୀତ ପଳାଉଛି ।

ଅଙ୍ଗେଅଙ୍ଗେ ଅନୁଭୁତି ରୋମାଞ୍ଚିତ ହେଉଛି,
ଶରୀରରୁ ଶୁଷ୍କ ପଣ ଧୀରେ ଧୀରେ ଲିଭୁଛି,
ମନ କାହିଁ ପାଇଁ ଟିକେ ଅବାଗିଆ ଲାଗୁଛି,
ଛକରେ ଶୁଣିଲି ବୋଧେ ଶୀତ ପଳାଉଛି ।

ଉଷୁମ ପରଶ ଆଉ ମନ ନ ଖୋଜୁଛି,
ଚାହା ଖଟି ଯିବାପାଇଁ ଆଗ୍ରହ କମୁଛି,
ଶୀତ ବସ୍ତ୍ର ତ୍ୟାଗ ପାଇଁ ମନ ବଳାଉଛି,
ଛକରେ ଶୁଣିଲି ବୋଧେ ଶୀତ ପଳାଉଛି ।

ବ୍ୟାଲକୋନିର ଫୁଲ ସବୁ ଧୀରେ ମଉଳୁଛି,
ଗଛର ବଉଳ ବାସ୍ନା ମନ ମୋର ମୋହୁଛି,
ଗଛରୁ ପତ୍ର ଟି କାହୁଁ ଧୀରେ ଧୀରେ ଝଡୁଛି,
ଛକରେ ଶୁଣିଲି ବୋଧେ ଶୀତ ପଳାଉଛି ।

ସମୟର ଝରଣାରେ ନିରବତା ଦିଶୁଛି,
ଆଶା ଓ ନିରାଶା ମିଶି ମନକୁ ଯେ ମାପୁଛି,
ଶୀତ ନୁହେଁ ପୃଥିବୀର ରଙ୍ଗ ବଦଳୁଛି,
ଛକରେ ଶୁଣିଲି ବୋଧେ ଶୀତ ପଳାଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛକରେ ଶୁଣିଲି ସିନା ଶୀତ ପଳାଉଛି,

ପତ୍ର ଝରୁ, ବଉଳ ହେଉ ନୀୟତି ପା କରୁଛି,

ଜୀବନଯୌବନ, ବୃଦ୍ଧା ମୃତ୍ୟୁ ସାଥେ ମିଶୁଛି,

ଆସୁଛି ଯାଉଛି ଶୀତ ତା କାମ ସେ କରୁଛି,

ଏତେ ଆଲୋଚନା କାହିଁ ପାଇଁ ଏଠି ହେଇଛି,

ଛକରେ ଶୁଣିଲି ବୋଧେ ଶୀତ ପଳାଉଛି ।

ବସନ୍ତ କୁମାର ମଲ୍ଲିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଶିଷ ଦାୟୀ ମାଆ

ପତିତପାବନ ପଣ୍ଡା

ସକାଳୁ ପିଲେ ତୋଳିଲେ ଫୁଲ,
ସଜେଇ ଦେଲେ ମାଳ ।
ପିନ୍ଧିଲେ ନୂଆ ଧୂଆ ପୋଷାକ
ହାତରେ ଭୋଗ ଥାଳ ।
କଲମ ବହି ସାଥିରେ ନେଇ
ପାଠଶାଳାକୁ ଗଲେ ।
ଭକତିଭାବ ମନରେ ଆଣି
ମାଆଙ୍କ ପୂଜା କଲେ ।

ମାଘର ଶୀତ ବାଘ ପରିକା
ଆସଇ ଯେବେ ମାଡ଼ି ।
ବଜାଇ ବୀଣା ଆସନ୍ତି ମାଆ
ସରଗପୁର ଛାଡ଼ି ।

ବିଦ୍ୟାଦାୟିନୀ ମଙ୍ଗଳମୟୀ
ଆଶିଷ ଦାୟୀ ସିଏ ।
ମନ କାମନା ହୁଏ ପୂରଣ
ମନାସେ ଯାହା ଯିଏ ।
ଆସରେ କୁନା, କୁନି, ଟିକିନା
ରିନା, ଚମ୍ପେଇ, ସାବି ।
ମାଆଙ୍କ ପୂଜା ବୁଲି ଦେଖିବା,
ଖୋଲି ଅଙ୍କାନ ଚାବି ।

ବିରୁହାଁ, ନାହାପଡ଼ା, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାନ୍ଧୀ... ତୁମେ ଫେରିଆସ...

ଚନ୍ଦ୍ରକାନ୍ତ ଜେନା

ହେ ଗାନ୍ଧୀ....

ଦେଖୁଛ କି ଆଜି ?

ତୁମେ ଦେଖିଥିବା ସେ 'ସ୍ୱପ୍ନର ଭାରତ'କୁ

ତୁମ କଳ୍ପନାର ସେ 'ରାମରାଜ୍ୟ' କୁ !

ଓଃ ! ଅସହ୍ୟ ବାସ୍ତବତା !!

କି ଅସହିଷ୍ଣୁତା !!!

ସତ୍ୟର ପଥ ଦେଖାଇଥିବା ତୁମର ସେ....

'ଆଲୋକବର୍ତ୍ତିକା'

ଜଳୁନି ଆଉ !

କେବେଠୁ ଲିଭିଲାଣି !

ଜାଣିଛ 'ମହାତ୍ମା' ?

ତୁମ ଅହିଂସା ଆଜି ହିଂସାର କବଳରେ,

ସତ୍ୟ ଆଜି ଅସତ୍ୟର କଳାବାଦଲ ତଳେ,

ଚାରିଆଡ଼େ 'ମୁଁ'... 'ମୋ' ର ଡିଣ୍ଡିମ....

ଗର୍ବ, ଅହଂର ହୁଙ୍କାର !

ସର୍ବସଂହା ଧରିତ୍ରୀ ଆଜି ଅତ୍ୟାଚରିତ,

ଅନୀତିର କଳୁଷିତ କାଳିମାରେ ନିଷ୍ପେସିତ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ଧ ସାଜିଲାଣି 'ମଣିଷ'

ବିରଳ 'ମଣିଷପଣିଆ' !

ସ୍ୱାଧୀନତା ଆଜି ଅନେକାଂଶରେ ଲାଂଛିତ, ବଞ୍ଚିତ...

ବିବେକ ପଣ ପୁଣି ନିର୍ଯାତିତ ! !

ଆଉ କେତେଦିନ ସତେ ?

ଏଇ ନିସ୍ତେଜତା !

ଶୂନ୍ୟତାର ନିରବତା ! !

ସମୟ ସାଗର ତୀରେ

ଅପେକ୍ଷା ତୁମକୁ ହେ ମହାତ୍ମା

ଫେରିଆସ ତୁମେ ଗାନ୍ଧୀ !

ଫେରିଆସ ଆଉ ଥରେ

ହେ ମହାତ୍ମା !

ସହକାରୀ ଶିକ୍ଷକ

ବ୍ରାହ୍ମଣସାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ

କଣ୍ଟାପଡ଼ା, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାଗର ଅମାବାସ୍ୟା

ସଞ୍ଜୀବ କୁମାର ଦାସ

ଶିବରାତ୍ରି ଆଜି ମହାଜାଗରଣ,
ଭକ୍ତଗଣ କରନ୍ତି ଶିବଙ୍କୁ ସ୍ମରଣ ।
କୈଳାସ ପତି ହେ ଭୋଳାନାଥ,
ଦିଅ ଢାଳି ପ୍ରଭୁ ଆମକୁ ଆଶିଷ ।
ନୀଳକଣ୍ଠ ତୁମେ ହେ ଜଟାଧାରୀ,
ଗଳାରେ ଶୋଭେ ବିଷଧର ଅହି ।
ତ୍ରିଶୂଳ ଧରିଛ ହେ ମହାଦେବ,
ତୁମରି ମହିମା ଗାଆନ୍ତି ଦେବ ।
ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ରାତି,
ଅନ୍ଧାର ନାଶି ଜଳେ ଜ୍ଞାନ ଜ୍ୟୋତି ।
ବେଲପତ୍ର ଦେଇ କରୁଛୁ ପୂଜା,
ଶିବଲିଙ୍ଗେ ଦିଶେ ଦିବ୍ୟ ନଜାରା ।

ଓମ୍ ନମଃ ଶିବାୟ ମନ୍ତ୍ର ଉଚ୍ଚାରି,
ଭକ୍ତ ନାଚଇ ଆନନ୍ଦ ଭରି ।
ଜାଗର ଜଳାଇ ରହିଛୁ ଜାଗି,
ପାପ ତାପ ସବୁ ଯାଉଣୁ ଭାଗି ।
ପାର୍ବତୀ ପତି ହେ ମହାକାଳ,
ଯାଉ ଦୁଃଖ ଆମ ବୁଡ଼ି ସକଳ।
ଶିବରାତ୍ରି ଅଦ୍ୟ ପବିତ୍ର ଅବସର,
ଶିବକୃପାରେ ଜାଗି ଉଠୁ ସର୍ବ ଘର ।
ପାଦେ ତୁମ୍ଭ ବିନତି ହର ହର ମହାଦେବ,
ଆଶୁତୋଷ ତୁମେ ଶମ୍ଭୁ ଶଙ୍କର ଦେବ।

ମର୍କତ ନଗର, କଟକ
୬୩୭୧୬୧୯୦୦୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଣିଷ ଚିହ୍ନିବ କିପରି

ଅମରନାଥ ବାରିକ

ଉଚ୍ଚାରଣ କହେ ମଣିଷ କିପରି
ଥିଲେ କି ନ ଥିଲେ ପାଠ ପଢି
ଆଚରଣ କହେ ଚରିତ୍ର କିପରି
ନୁହେଁ ପୋଷାକ କି ଜୋତା ଘଡି ।

ଉତ୍ତମ ସଂସ୍କାର ପରିଚୟ ଦିଏ
ନୁହେଁ ବଙ୍ଗଳା କି କୋଠା ବାଡି
ମଧୁର ବଚନ ସନ୍ତୁଷ୍ଟି କାରଣ
ଛାଡ଼ିଲେ କି ହେବ ବାଘ ରଡ଼ି ।

ଧନ ଥିଲେ କିବା ବୋଲାଇବ ଧନୀ
ସାହାଯ୍ୟ ସହାନୁଭୂତି ଛାଡ଼ି
ଗେରୁଆ ପିନ୍ଧିଲେ ସାଧୁ କି ହୋଇବ
ନଥିଲେ ଚରିତ୍ରବନ୍ତା ଲୋଡ଼ି ।

ଜ୍ଞାନୀଗୁଣି ହେବୁ ସଂସାରେ ଜାଣିଥା
ପଢୁଥିଲେ ଗୀତା ଦୁଇ ଧାଡ଼ି
ହାତ ନୁହେଁ ଶୋଭା ସୁନା ରୂପା ପିନ୍ଧି
ନଜାଣିଲେ ପୂଜାର୍ଚ୍ଚନା ବାଢ଼ି ।

ଜୀବନ ଜନମ ହୋଇବ ସାର୍ଥକ
ଭକ୍ତି ମାର୍ଗେ ଯାଉଥିଲେ ମାଡ଼ି
ଛନ୍ଦା ଚରଣରେ ଶରଣ ପଶିଲେ
ଆତ୍ମା ଯିବ ବୈକୁଣ୍ଠକୁ ଚଢ଼ି ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମକୁ ବୁଝି ହୁଏନା...

ଦୁଷ୍ମନ୍ତ ବେହେରା

ତୁମ ହସରେ ମିଠା କଥା
ପ୍ରେମରେ ନଥିଲା ଦରଦ....

ହସ ଠାରୁ ହୃଦୟ ଏକାଧାରେ
କହେ ତୁମେ ନିର୍ମଳ ମନ....

ପୃଷ୍ଠା ପୁରୁଣାକୁ ତୁମେ ନୂଆଁ
ଅତର ଦେଖା ରେ ବୁଝି ହୁଏନା....

ତୁମେ ଦେଖିବାକୁ ଯେତେ ସୁନ୍ଦର
ତା ଠାରୁ ହୃଦୟ ନରମ ମର୍ମ....

ଧନ ପାଇଁ ଲୋଭ ନାହିଁ ପ୍ରେମ
ଲୁହ ତୁମର ଏଠି ସେଠି....

ତୁମ ହସ ପାଇଁ ତୁମେ ଲାଗ ସୁନ୍ଦର
ସମସ୍ତେ କୁହନ୍ତି ଇଏ ପାରିଜାତ....

ତୁମକୁ ପ୍ରେମ କରିହୁଏ ଅତି ସହଜ
ପଢି ହୁଏ ନାହିଁ ମନ ତୁମର.....

ରାସୋଳ-ମୁଣ୍ଡିଆପଶି
ଢେଙ୍କାନାଳ
ମୋ ନଂ-୮୮୯୫୦୯୦୧୬୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମେ

ରାକେଶ ମୁଦୁଲି

ତୁମ ବର୍ଣ୍ଣ କରେ ବିଭୋର
ତୁମ ବାସ୍ନା କରେ ବିଭୋର
ଆହା ! ପ୍ରିୟତମା ତୁମେ କେଉଁ ଦୁନିଆର ?
ତୁମ ଚାହାଣିରେ, ତୁମ ଠାଣିରେ
ପୁଲକିତ ଏଇ ଧରା...
ତୁମେ ପ୍ରେମ ବାର୍ତ୍ତାର ପାରା...
ତୁମେ ପଙ୍ଖହୀନ ଅପସରା...

କେତେ ଯେ ରଙ୍ଗ ଧରେ ତବ ତନୁ
ଛିଟା ଛାଡୁ ନାହିଁ ଏଇ ମୋର ମନୁ
ତୁମ ଝଲକରେ ପ୍ରେମର ପ୍ରଦୀପ
ଧରା ଦେହେ ଜଳେ ଦେଖାଇ ଆଲୋକ
ତୁମେ ପ୍ରୀତିର ପ୍ରତୀକ ପ୍ରିୟା...

ପ୍ରାଣେ ପ୍ରାଣେ ରୁଦ୍ଧ ପିରତି ପବନ
ଜାଗରିତ ହୁଏ ଖୋଜେ ବାତାୟନ
ଅଙ୍ଗେ ଅଙ୍ଗେ ଭରେ ଅଦୃଶ୍ୟ ଉନ୍ମାଦ
ରସେ ରସେ ଭରେ ହୃଦୟ ଦରଦ
ବରଫରେ ଲାଗେ ନିଆଁ...

ତୁମ ଅଙ୍ଗ ମନୋହର,
ତୁମ ରଙ୍ଗ ମନୋହର,
କରନା କରନା
ଆଉ ମୋତେ ବିଭୋର
ତୁମରି ଲାଗି ମୁଁ ସର୍ବହରା
ତୁମେ ମୋ ଜୀବନର ଧ୍ରୁବତାରା...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୟନୁ ତୁମର ଝରେ ଶ୍ରାବଣ
ସେଥିରେ ଭିଜେ ମୋ ତପ୍ତ ଜୀବନ,
ନୀରବତାରେ ବି କଥା କହୁଥାଅ
ଭାବନାରେ ମୋର ରଙ୍ଗ ଭରୁଥାଅ,
ତୁମେ ଅକୁହା କାବ୍ୟର ଧାରା...
ମୁଁ ଯେ ତୁମରି ପ୍ରେମର ବନ୍ଧନେ ହରା ।

ଜ୍ୟୋତ୍ସ୍ନା ପରି ତୁମ ସ୍ମିତ ହାସ୍ୟ
ଜଗାଏ ପ୍ରାଣେ ଅପୂର୍ବ ଉଲ୍ଲାସ,
ତୁମେ ପୂର୍ଣ୍ଣିମାର ସେଇ ଚାନ୍ଦିନୀ
ମୁଁ ତୁମ ଚରଣର ଅନୁଗାମୀ,
ତୁମେ ସ୍ୱପ୍ନର ସେଇ ପାରିଜାତ...
ମୋ ଝଡ଼ା ପତ୍ରର ଜୀବନେ ବସନ୍ତ ।

ନୀରବରେ କୁହ କେତେ ଯେ କଥା
ଭୁଲାଇ ଦିଅ ମୋ ଜୀବନର ବ୍ୟଥା,
ତୁମ ପାଦର ସେ ରୁଣୁଝୁଣୁ ସ୍ୱର
ସ୍ପନ୍ଦନ ବଢ଼ାଏ ଆଜି ଏ ମନର,
ତୁମେ ପ୍ରେମର ଶେଷ ସୀମା...
ତୁମେ ମୋ ହୃଦୟର ପ୍ରତିଟି ଗାରିମା ।

ତୁମେ ମୋ ଉଜାଗର ରାତିର ସ୍ୱପ୍ନ
ତୁମ ପାଇଁ ସଜା ଏଇ ପ୍ରେମର ରତ୍ନ,
ସରିବନି ଶବ୍ଦ ତୁମକୁ ବର୍ଣ୍ଣିଲେ
ହଜିଯାଏ ମୁଁ ତୁମ ଚାହାଣି ଦେଖିଲେ,
ତୁମେ ମୋ ଅଧୁରା ଜୀବନର ପୂର୍ଣ୍ଣତା...
ତୁମେ ହିଁ ମୋ ହୃଦୟର ଚିରନ୍ତନ କବିତା ।

ନରସିଂହପୁର, କଟକ, ଓଡିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବତୀ ଲିଭିଗଲା

ଆକୁଳାନନ୍ଦ ପୃଷ୍ଟି

ଅଂହିସା ପୂଜାରୀ ସତ୍ୟ ପଥେ ଚଳି
ନରାଧାମ ହାତୁ ଖାଇଲେ ଗୁଳି
ପ୍ରାର୍ଥନା ତାଙ୍କର ଶୁଣିଲେ ଈଶ୍ୱର
ହେ ' ରାମ ' କହି ପଡ଼ିଲେ ଟଳି ।

ଚାଲିଗଲ ତୁମେ ଅଫେରା ରାଇଜେ
ବତୀ ଲିଭିଗଲା ହେଲା ଅନ୍ଧାର
ସମସ୍ତେ ଝୁରିଲେ ପ୍ରିୟ ମହତ୍ମାଙ୍କୁ
ଆଖିରୁ ଝରିଲା ଲୁହର ଧାର ।

ସତ୍ୟ ଶାନ୍ତି ସେବା ଅହିଂସା ତ୍ୟାଗର
ଗାନ୍ଧୀ ଥିଲେ ଅବତାର
ଶ୍ରେଷ୍ଠ ସାଧକ ଜାତିର ଜନକ
ମହାତ୍ମା ଗାନ୍ଧୀ ଆମର ।

ଗାନ୍ଧୀ ନ ଥିଲେ ମାଟିର ମଣିଷ
ଦେବତାର ଥିଲେ ମଣିଷ ରୂପ
ସାବରମତୀର ସନ୍ଥ ସାଧକ
ଜୀବନଟା ଥିଲା ଅସରା ଧୂପ ।

ହୋମ ଯଜ୍ଞ ବେଦୀ କିଛି ବି ନ ଥିଲା
ଆମ ଗାନ୍ଧୀ ଥିଲେ ଅଲିଭା ଶିଖା
ଦୀପ୍ତି ଯାହାର ମାର୍ଗ ଦେଖାଏ
ବିଶ୍ୱକୁ ଦିଏ ଅହିଂସା ଦୀକ୍ଷା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଟି ଘଟ ତାଙ୍କ ଗ୍ରାସିଛି ଶ୍ମଶାନ
ଅଙ୍ଗ ଅବୟବ ନ ଥିଲେ ନାହିଁ
ଗାନ୍ଧୀ କିନ୍ତୁ ଥିଲେ ଅଛନ୍ତି ରହିବେ
ଆଦି ନାହିଁ ତାଙ୍କ ଅନ୍ତ ବି ନାହିଁ ।

ସତ୍ୟ ନ୍ୟାୟ ପାଇଁ ଜୀବନ ହାରିଲ
ହେ ମହାତ୍ମା ମହାଜନ
ଆଜି ତୁମ ମହାପ୍ରୟାଣ ଦିବସ
ଏ ଜାତିର ପ୍ରଣାମ ଘେନ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ
ମୋ -୯୪୩୭୮୬୪୫୬୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫୁଲ ମହକରେ

କିରନ୍ ସ୍ୱାଇଁ

ଧଳା ଗୋଲାପର ରଙ୍ଗରେ
ନା ଛଳ, ନା କପଟ, ନା ଭେଦ,
ଚୁନି ଚୁନି ସବୁ ସବୁଜ ପତରେ
ମୋ ଅଗଣା ଉଠେ ପୂରି
ଜୀବନକୁ ସେ ସଜେଇ ଦିଏ
ଧୂଳି ମାଟିର ଘରେ ।

ଜହ୍ନ ରାତିର ଛାଇ
ସେ ଫୁଲ ଆଖିରେ
କେତେ ଯେ ସପନ
ସୁରଭିତ ସବୁ ପାଖୁଡ଼ା ପରଷି
ସରାଗେ ଫୁଟେ ସେ ଉଇଁ,
ଫୁଲଭରା ସବୁ ଗଛ ମହକରେ
ମୋ ଘର ପାଲଟେ
ମାଟିର ସରଗ ଭୂଇଁ ।

ଆକାଶର ନୀଳିମା,
ଜହ୍ନର ରୋଷଣୀ,
କୋଟି କୋଟି ତାରାର
ମିଟି ମିଟି ହସେ,
ସୁରଭି ପଖଳା ଶୀତଳ ମଳୟେ
ମଲ୍ଲୀ, ଯୂଇ, ଚମ୍ପା, କନିଅର, ମନ୍ଦାର
ସବୁ ଏକା ସଙ୍ଗେ ବାସେ ।

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀତ ବୁଲୁଛି

ସ୍ୱର୍ଣ୍ଣ ରଥ ମହାପାତ୍ର

ଶୀତ ବୁଲୁଛି ନିଦୁଆ ଆଖିରେ
ବିଛଣା ଖୋଜୁଛି ପାହାନ୍ତି ରାତିରେ
ପାଚିଲା ଧାନ କ୍ଷେତ ପାଚିଲା ସ୍ୱପ୍ନରେ
କିଶୋରୀ ଦୋହଲୁଛି ପ୍ରେମ କେଣ୍ଡାରେ ।
ଶୀତ ବୁଲୁଛି ଚନ୍ଦ୍ରଭାଗା ଘାଟରେ
ମାଘସ୍ନାନ କରୁଛି ଓଦା ସରସରେ
ଶୀତ ପୂଣ୍ୟ ବାଣ୍ଟୁଛି ମକର ବୁଡ଼ରେ
ଛକ ମୋଡ଼ ବୁଲୁଛି ଉତ୍ତରାୟଣରେ ।
ଶୀତ ଉତୁରୁଛି ଚା କଫି ବାମ୍ଫରେ
ପୁଷମାସିଆଙ୍କୁ ସେକୁଛି ଧୁନିରେ
ତାତି ଭରିଛି ରେଜେଇ କମ୍ବଳରେ
ତେଲ ମାଖୁଛି ଫଟା ହାତ ଗୋଡରେ ।
ଶୀତ ଚିତ୍ର ଆଙ୍କୁଛି ରାତିର ଖାତାରେ
କୁଡୁଡ଼ି କାକର ରଙ୍ଗ ଭରିଛି ଛବିରେ
ମୁକ୍ତା ହେଇ ଝରୁଛି ଘାସରେ ଫୁଲରେ
ଦୃଶ୍ୟ ଅଦୃଶ୍ୟ କୁହୁଡି ପିନ୍ଧା ସକାଳରେ ।

ଶୀତ ଉଷ୍ଣତା ମାପୁଛି ବୁଢ଼ୀ ମା ଶ୍ୱାସରେ
ସ୍ମୃତି ହେଇ ଝରୁଛି ବିଧବା ଆଖିରେ
ଶୀତ ହାଡ ଭାଙ୍ଗୁଛି ଫୁଟପାଥ୍ ଶଯ୍ୟାରେ
ଶୀତ କାମକୁ ବାନ୍ଧିଛି ଅଳସ ପଘାରେ ।
ଶୀତ ଗୀତ ଗାଉଛି ବେଳାଭୂମି ମହୋତ୍ସବରେ
କୋହଲା ଛନ୍ଦ ଭରୁଛି ସ୍ୱର ଲୟ ତାଳରେ
ଶୀତ ମାତିଛି ଯାନି ଯାତ ବଣଭୋଜିରେ
ସୁଆଦ ପୁର ଭରୁଛି ପିଠା ମିଠା ଛଣାରେ ।
ଗାଳି ପଡୁଛି କାଠୁଆ ହାଡୁଆ ଜାଡୁଆରେ
ଶୀତ ହସିଦିଏ କାକରିଆ କାଳୁଆ ଓଠରେ
ମଥା ନୁଆଁଏ ଶୀତ ଦେବୀ ଆବାହନୀରେ
ବୀଣାବାଦିନୀ ଭାରତୀ ବସନ୍ତରାଗରେ ।

ବିଜୟା ଗାର୍ଡେନ, ଜାମଶେଦପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମେସିନ୍ ଶିଖୁଛି, ମଣିଷ ଭୁଲୁଛି

ଅବିନାଶ ପଣ୍ଡା

ମେସିନ୍ ଶିଖୁଛି
ଆମ ଅଭ୍ୟାସର ଆକୃତି
ପୁନରାବୃତ୍ତିର ପରିଭାଷା
ଆଉ ଆଜିର ମଣିଷ
ଅଲଗୋରିଦମ୍‌ର ଆଙ୍କାରେ ବଶୀଭୂତ ଓ ହଟହଟା [୧]
ମଣିଷ ଭୁଲୁଛି
ଆଖିରେ ଆଖି ମିଶାଇ କଥା କହିବା
ନିରବତାର ଅର୍ଥକୁ ହୃଦୟଙ୍ଗମ କରିବା
ମୁହୂର୍ତ୍ତକୁ ଅଟକାଇ ରଖି ଜୀଇଁବାର କଳା [୨]
ମେସିନ୍ ଯେ ମାପୁଅଛି
ପସନ୍ଦ ନାପସନ୍ଦ, ଲାଇକ ଆଉ କମେଣ୍ଟ ବଳରେ
ଆଉ ପୁଣି ମାପେ
ଇଚ୍ଛାର ଓଜନ,ଭୟର ଆକୃତି
ଆଲଗୋରିଦମର ପ୍ରସ୍ତାବ ଆକଳନରେ [୩]
ମଣିଷ ଭୁଲୁଛି
ସ୍ୱପ୍ନ ଦେଖିବାର ଅଭ୍ୟାସ,
ଭୁଲ କରି ଶିଖିବାର ପ୍ରୟାସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ ଅନିଶ୍ଚିତତାକୁ ମିତ୍ର କରିବାର ସାହସ [୪]

ମେସିନ୍ ଶିଖୁଛି

ନିଷ୍ପତ୍ତି ନେବାର କଳା

କଣ ନ୍ୟାୟ ଆଉ କଣ ଅନ୍ୟାୟ

ନିର୍ଦ୍ଧାରଣ କରିବାର କୌଶଳ

ମଣିଷ ଭୁଲୁଛି

ପ୍ରଶ୍ନ କରି ଉତ୍ତର ପାଇବାର ଧର୍ଯ୍ୟ [୫]

ମେସିନ୍ ଆଗକୁ ବଢୁଛି,

ନିରବ କଚ୍ଛପ ଗତିରେ

ମଣିଷ ହଜାଉଛି ନିଜକୁ

ସ୍କ୍ରିନ୍ ଜଗତରେ ଠେକୁଆର ଦ୍ରୁତ ବେଗରେ [୬]

ଶେଷରେ ପ୍ରଶ୍ନ ଉଠେ

ମେସିନ୍ କେତେ ଶିଖୁଛି

ସେଇଟା ନୁହେଁ

ବରଂ ମଣିଷ କେତେକଣ ହରାଉଛି

ସେଇଟା ଏବେ ଚର୍ଚ୍ଚାର ବିଷୟ ବୁଦ୍ଧିଜୀବୀ ମହଲରେ [୭]

*** ଲାଇବ୍ରେରୀଆନ,

ଆଇକନିକ ଓଡିଶା ଆଦର୍ଶ ବିଦ୍ୟାଳୟ, ଭୁବନେଶ୍ୱର

ଯୋଗାଯୋଗ : ୯୪୩୯୭୫୭୨୫୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଋଷି ଚାଲିଗଲ ଅଭିଜିତ୍ ଦାଦା

ଶିଶିର କୁମାର ପଣ୍ଡା

ଋଷି ଚାଲିଗଲ ଅଭିଜିତ୍ ଦାଦା
କାହିଁକି ଏମିତି ହୋଇଲା କୁହ
ବିଳାପ କରୁଛି ଏ ସାରା ଓଡିଶା
ଆଖିରୁ ଝରେଇ ଅସରା ଲୁହ ।
ତୁମ ଜାଗା କେହି ପାରିବେନି ନେଇ
କୁହନ୍ତି ସଭିଏଁ ଏକଥା ବୁଲି
ଯେତେ ଯିଏ ଆସୁ ସଙ୍ଗୀତ ଜଗତେ
ତୁମ ଅବଦାନ ହେବନି ଭୁଲି ।
ମାନନୀୟ ପ୍ରଭୁ ଜଗନ୍ନାଥ , ତୁମ
ଛୁଟି ଦରଖାସ୍ତ କଲେ ମଞ୍ଜୁର
ସେଥିପାଇଁ ଏଇ ଅଦିନରେ ତୁମେ
ଛାଡ଼ି ଚାଲିଗଲ ଅନେକ ଦୂର ।

କିଛି ଦିନ ଆଗୁ ହ୍ୟୁମାନ ସାଗର
ଯାଇଥିଲେ ଆର ପାରିକୁ ଫେରି
ତୁମେବି ତାଙ୍କରି ପଥ ଅନୁସରି
ଚାଲିଗଲ ଆଉ ନକରି ଡେରି ।
ଯେଉଁଠି ଥିଲେବି ଶାନ୍ତିରେ ରହିବ
ମୁହଁରୁ ତୁମର ଝରେଇ ହସ
ମୁକୁଟ ବିହୀନ ସମ୍ରାଟ ତୁମେ
ସଙ୍ଗୀତ ପ୍ରେମୀଙ୍କୁ କରିଛ ବଶ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:~୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯିଏ ରାମ ସିଏ କୃଷ୍ଣ

ଭାନୁପ୍ରିୟା ଷଡ଼ଙ୍ଗୀ

ଯିଏ ରାମ ସିଏ କୃଷ୍ଣ ଏକା ଧାରେ ଦେଖରେ
ରାମ କୃଷ୍ଣ ରୂପେ ଜଣେ ସେହି ପ୍ରଭୂ ଏକରେ
ମର୍ଯ୍ୟାଦା ମାଧୁର୍ଯ୍ୟପୂର୍ଣ୍ଣ ସେ ପ୍ରଭୂ ସ୍ୱୟଂ ସମ୍ପୂର୍ଣ୍ଣ
ପରା ପୁର ବିଭୁ ଯା'ର ନାହିଁ ରୂପ ରେଖରେ
ଭକ୍ତ ଭାବେ ଧରେ ଦେହ ଭକ୍ତେ ଅନୁପମ ସ୍ନେହ
ଭାବମୟ ଭାବଗ୍ରାହି ସେହି ପଦ୍ମ ମୁଖରେ
ଜଗତ ଗୁରୁ ରୂପେ ଉଭା ଭୁବନ ମୋହନ ଶୋଭା
ମୁନି ମାନସ ହଂସ ସେ ଭାବରେ ନିରେଖରେ
ଯେତେ ମତ ସେତେ ପଥ ଜଣେ ପ୍ରଭୂ ଜଗନ୍ନାଥ
କର୍ମ ବଚନେ ତାହାରି ସାଧନାରୁ ଶିଖରେ
ମାନବତା ମନ୍ତ୍ର ତା'ର ଚେତ ବାରେ କି ଉଦାର
ବାଞ୍ଛା କଳ୍ପତରୁ ଭଜି ଲଭ ଦିବ୍ୟ ସୁଖରେ

ଶାରଳାଳୟ, ଦୁଲୁପୁର
କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିମିଷକ ଦେଖା

ତପନ ନାଏକ

ଶ୍ରେଣୀ ଗୃହେ ଭାଷା ଶିକ୍ଷକ ଦିନେ ପ୍ରବେଶ କଲେ
ବଂଶୀଧର ଜୀବନ ଗାଥା ଆମକୁ ପଢ଼ାଇଲେ
ସତ୍ୟବାଦୀ ବିଦ୍ୟା ମନ୍ଦିରେ ଗୁରୁ ଶିଷ୍ୟଙ୍କ ଦେଖା
ପଣ୍ଡିତ ଶ୍ରୀ ଗୋଦାବରୀଶ ମିଶ୍ରଙ୍କର ସେ ଲେଖା
ନବମ ଶ୍ରେଣୀର ସାହିତ୍ୟେ ସମ୍ମାନ ପାଇ ଥିଲା
"ନିମିଷକ ଦେଖା" ଶୀର୍ଷକେ ପ୍ରକାଶ ହୋଇଥିଲା
ବଂଶୀଧର କଳାହାଣ୍ଡିରୁ ଯାଇ ସତ୍ୟବାଦୀକୁ
ଫେରିଲାନି ଆଉ ସ୍ୱଦେଶ ଆପଣାଇ ସ୍ୱର୍ଗକୁ
ପଢ଼ାଇଲେ ଏତେ ମାତ୍ରାରେ କରି ଜୀବନ୍ତ ସମ
ମୋ ଚକ୍ଷୁ ଡୋଳାରେ ଢୋଳିଲେ ସେଇ ଚରିତ୍ରମାନ
ଆମ ବିଦ୍ୟାଳୟ ଲାଗିଲା ସତ୍ୟବାଦୀ ସଦୃଶ
ଗୁରୁ ସେ ମହାନ ଲେଖକ ଆଉ ମୁଁ ତାଙ୍କ ଦାସ
ସତେ କି ଶ୍ରେଣୀରେ ପଣ୍ଡିତ ଗୋଦାବରୀଶ ମିଶ୍ର
ବଂଶୀକୁ ବାହୁନି କାନ୍ଦନ୍ତି ଢାଳି ଅଶ୍ରୁ ଅଜସ୍ର
ପଢ଼ାଇଲେ ଗୁରୁ ଆଗକୁ ଢାଙ୍କି ଶୋକର ଛାୟା
ଗ୍ରାସ କଲା ଆମ ସଭିଙ୍କୁ ଭାବ ବନ୍ଧନ ମାୟା
ପ୍ରବେଶିଲା ହୃଦେ ଏ କାଳେ ପୁଣ୍ୟାତ୍ମା ବଂଶୀଧର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେଜାଣି ଏମିତି ଲାଗିଲା କାହିଁକି ମର୍ମ ମୋର
ସାନ୍ତ୍ୱନା ଦେବାକୁ ଦୃହୟୁ ବଂଶୀଧର ଭାଷଇ
ତା' ଭାଷାକୁ ହୃଦୁ ଆଣି ମୁଁ ପଦ୍ୟେ ଦେଲି ଝରାଇ
ଧୋଇ ଶ୍ରୀ ଗୁରୁଙ୍କ ଚ଼ରଣ ଆତ୍ମା ନୟନ ଲୁହେ
କୋରକିତ କଣ୍ଠେ ଗୁରୁଙ୍କୁ ଆତ୍ମ ବେଦନା କହେ
ଯମଙ୍କୁ କ୍ଷଣିକ ସମୟ ମାଗି ଆପଣ ପାଶେ
ଆସିଥିଲି ପଦ୍ମପାଦରେ ମଥା ଥାପିବା ଆଶେ
ପାଇବି ଶୁଶିକ୍ଷା ଶୁଣିବି ନିତି ଅମୃତ ବାଣୀ
ସେ ନିମନ୍ତେ ଆସିଥିଲି ମୁଁ ସ୍ୱଳ୍ପ ଆୟୁଷ ଘେନି
ଆସିଥିଲି ବିଦ୍ୟାଳୟକୁ ବନ ପର୍ବତ ଡେଇଁ
କିଛି ଜ୍ଞାନ ନେଇ ମୋ ଦେଶେ ବିଦ୍‌ୟା ବାଣ୍ଟିବା ପାଇଁ
ଦୂରରୁ ଆସିଛି ବୋଲି ମୁଁ କେତେ ଆନନ୍ଦ ହେଲ
ଆପଣାଠୁ ବେଶୀ ଆପଣ ସ୍ନେହ ଆଦର କଲ
କୋଳେ ଧରି ସନ୍ତାନକୁ ମାଁ ଯେମିତି ଗେଲ କରେ
କୋଳେ ଧରି ମୁଣ୍ଡ ଆଉଁସୁ ଥିଲ କୋମଳ କରେ
ଆମ ବିଦ୍ୟାଳୟ ସତେ କି ମୋର ଜନମ ଗାଆଁ
ସହପାଠୀ ଭାଇ ଭଉଣୀ ଗୁରୁ ମୋ ବାପା ମାଆ
ଆମ ସୁ-ସମ୍ପର୍କ ବନ୍ଧନେ କା' ନଜର ଲାଗିଲା
କାହାର ଈରିଷା ଅନଳେ ମୋତେ ରୋଗ ଗ୍ରାସିଲା
ମୋ ନିମନ୍ତେ ଆଣି ଔଷଧ ଶେଯ ପାଖରେ ବସି
ତୁମେ ମୋ ଆରୋଗ୍ୟ ନିମନ୍ତେ ମୋର ମଥା ଆଉଁସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖାଆ ବାବୁ ! ଏଇ ଔଷଧ ବେଗେ ହେବୁ ତୁ ଭଲ
ସାଙ୍ଗ ସାଥୀ ମେଳେ ଖେଳିବୁ କେତେ ରକମ ଖେଳ
ଶିଖିବାର ଅଛି ବାବୁରେ କେତେ ଜ୍ଞାନ କୌଶଳ
କରିବାର ଅଛି ତୁମକୁ ଜାତି କୁଳ ଉଜ୍ଜ୍ୱଳ
ଭାଷୁଥିଲ ତୁମେ ଏମିତି କେତେ ମଧୁର କଥା
ଥମିଯାଉ ବୋଲି ମୋହର ଦେହ, ମନର ବ୍ୟଥା
ଆସିଥିଲି ତୁମ ନିକଟେ ଯେଉଁ ଧନ ଲୋଭରେ
ପ୍ରସନ୍ନ ବଦନେ ଦେଲ ହେ ! ନିମିଷକ ଦେଖାରେ
ଆପଣଙ୍କ ଠାରୁ ପାଇଲି ଅଶେଷ ଜ୍ଞାନ ମୁଣା
ପାରିଲିନି ଆୟୁଃ ସରିଲା ଦେଇ ଗୁରୁ ଦକ୍ଷିଣା
ପାରିଲିନି ଗୁରୁ ସେବି ମୁଁ କେଡ଼େ ଅଭାଗା ସତେ
ଢ଼ାଲୁ ଢ଼ାଲୁ ପଡ଼ିଗଲି ମୁଁ ଯମ ହଇଜା ଗାତେ
ମାଣରେ ନ ଥାଏ ଦରବ ପୁରିଗଲେ ସେ ମାଣ
ମୋ ମାଣେ ପୁରିଲା ଆୟୁଷ ଥିବ କେମିତି ପ୍ରାଣ
ଧୀରେ ଧୀରେ ଝରେ ତଳକୁ ଯଥା ମାଠିଆ ପାଣି
ତଥା କ୍ରମେ ଆୟୁଃ ସରିଲା ନ ପାରିଲି ମୁଁ ଜାଣି
ସତ୍ୟବାଦୀ ବିଦ୍ୟା ମନ୍ଦିରେ ଯେତେ ଦିନ ରହିଲି
ଗୁରୁ ସାଥେ ସହପାଠୀଙ୍କୁ ଅକାରଣେ ସାଧିଲି
ଗୁରୁ, ସହପାଠୀ ସଭିଁଙ୍କୁ କରି କେତେ ହୈରାଣ
ହରେଇ ବସିଲି ମୁଁ ମୋର ଉତ୍ତମ ଛାତ୍ରପଣ
ମୁହିଁ ନେଇ ହୀନ ଜୀବନ ତୁମ ପାଖକୁ ଆସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଧ୍ୟ କରି ତୁମ ସଭିଙ୍କୁ ଦୁଃଖ ଦେଲି ପରଷି
ସେ ନିମନ୍ତେ ବୋଧେ ଜୀବନ ବେଗେ ଗଲା ମୋ ଠାରୁ
ପାରିଲିନି କହି ତୁମକୁ ଶେଷ କଥା ମନରୁ
ସରିଗଲା ମର୍ତ୍ତ୍ୟେ ମୋ ଖେଳ ଉଡ଼ିଗଲା ଜୀବନ
ପାରିଲିନି ରଖିବାକୁ ମୁଁ ତୁମ ଲୁହ ର ଟାଣ
କିସ ଆଉ କରିଥାଆନ୍ତୁ ଯାହା କରିବା ଥିଲା
ତାହା କଲ ବାସି ନ ରଖି କିଛି ବାକି ନ ଥିଲା
ମୋ ବିୟୋଗେ ଲୁହ ଝରାଇ ତୁମେ କେତେ କାନ୍ଦିଲ
ନିଜ ହାତେ ନେଇ ବନକୁ ମୋତେ ମୁଖାଗ୍ନି ଦେଲ
କହୁଛି ଗୁରୁଜୀ ବିରାଟ କଥା ଛୋଟ ମୁହଁରେ
ତୁଚ୍ଛ ଛାତ୍ର ହେଇ ଭାଷଇ ମହାଗୁରୁ ଆଗରେ
ସେଥିପାଇଁ କ୍ଷମା ମାଗୁଛି ମୁହିଁ ତୁମ ଚ଼ରଣେ
କ୍ଷମା ଦିଅ ମୋତେ ଗୁରୁଜୀ ତୁମ ମହତ ଗୁଣେ
କାନ୍ଦ ନାହିଁ ଆଉ ଗୁରୁଜୀ କେବେ ବାହୁନି ମୋତେ
ଆତ୍ମାକୁ ସଂଯତ କର ହେ ! ରଖ ନିଜକୁ ହାତେ
ତୁମେ ହିଁ ତ ମୋତେ ଗୁରୁଜୀ ଥିଲ ଏହା ଶିଖେଇ
ମର୍ତ୍ତ୍ୟେ ଦେହ ବହି ଦେବତା ହେଲେ ମଧ୍ୟ ମରଇ
ମୃତକୁ ବାହୁନି ଆପଣ ଯଦି କର କ୍ରନ୍ଦନ
ଜୀବିତଙ୍କୁ ସମ୍ଭାଳିବ କେ କୁହ ହେ ! ଗୁରୁଜନ
ପଛ କଥା ଭୁଲି ସକଳ ଦେଶ ଭବିଷ୍ୟ ଦେଖି
ଯେତେଛନ୍ତି ଜୀବିତ ତାଙ୍କୁ ଦିଅ ଔଚ଼ିତ୍ୟ ଆଖି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯଦି ଥାଏ ଭାଗ୍ୟେ ମୋହର ଆର ଜନମ କିଛି
ତୁମରି ଚ଼ରଣ ସେବକ ହେବି ଆଶା ବାନ୍ଧିଛି
ଆର ଜନମକୁ ଆସିବି ଦୀର୍ଘ ଆୟୁଷ ନେଇ
ଚ଼ରଣ ସେବାରେ ତୁମର ସବୁ ଦେବି ଲଗେଇ
ହେ ! ଜୀବିତଗଣ ତୁମ୍ଭଙ୍କୁ କରୁଛି ଏ ମିନତି
ଟେକି ରଖ ଗୁରୁଙ୍କ ନାମ ପାଠେ ଲଗେଇ ମତି

ଧାମନଗୁଡ଼ା, ଥୁ . ରାମପୁର
ଭବାନୀପାଟଣା, କଳାହାଣ୍ଡି
ମୋ - ୯୪୩୯୧୪୯୫୧୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଜିଲା ଅତୀତ

ଶରତ କୁମାର ନାୟକ

କେତେ ଫଗୁଣର ଅକୁହା ଅତୀତ
ଏବେ ବି ସାଇତା ଅଛି ।
କେତେ ସପନର ଅବାସ୍ତବ ମୁକ୍ତା
ଏବେ ଜୀବିତ ରହିଛି ।।
ଫଗୁଣଟା ସିନା ଅଭିମାନ କରି
ଧରା ପୃଷ୍ଠୁ ଚାଲିଗଲା ।
କାବ୍ୟ ନାୟିକାକୁ ପାଶୋରିଲେ କବି
କବିତା ଅଧା ରହିଲା ।।
ନିଃସଙ୍ଗ ମନର ଆନ୍ଦୋଳିତ ପ୍ରଶ୍ନ
ଉତ୍ତର ପାଏନି ଖୋଜି ।
ସପନ ଦେଖିବା ପାଗଳ ପ୍ରଳାପ
ଠିକ୍ ହୋଇଗଲା ଆଜି ।।

ସେହି ଧରା ଅଛି ମାନବ ଅଛନ୍ତି
ସ୍ୱଭାବ ପରିବର୍ତ୍ତନ ।
ପରିବେଶ ଦେଖି ରଙ୍ଗ ବଦଳାଇ
କରିଚାଲନ୍ତି ଦଂଶନ ।।
ଭୋଗୀ ଆଜି ତ୍ୟାଗୀ ସୁସ୍ଥ ଆଜି ରୋଗୀ
ବାକ୍ୟବୀର କର୍ମଯୋଗୀ ।
ହଜିଲା ଅତୀତ ଖୋଜେ ଭବିଷ୍ୟତ
ବର୍ତ୍ତମାନ କଥା ଭାବି ।।
ଅତୀତକୁ ଛାଡ଼ି ବର୍ତ୍ତମାନ ନାହିଁ
ଭବିଷ୍ୟତ ଅନ୍ଧକାର ।
ପାର୍ଥିବ ଜଗତେ ସାମୟିକ ତୃପ୍ତି
ନୁହେଁ ଏ ବେଦ ବିଚାର ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଦେଖା ଶ୍ରାବଣ

ସଂଜୀବନି ରଥ

ଆସିବକି ଆଉ ସେଇ

ଶାପମୁକ୍ତିର ବେଳ ! ! !

ଅବଶୋଷ/ଅବଶେଷ

ଝୁଣ୍ଟିପଡେ ବୋଉର ପଣତେ,

ଏଣେତେଣେ ବିଛାଡ଼ି ପଡ଼ିଛି ଲୁହସବୁ ଘର

ଅଗଣାରେ ! ! !

ବାପା ମନସ୍କ ବିଲ,ବାଡି

ଏ ଘରର କାନ୍ଥ/ଚଟାଣ

ସାଉଁଟା ସ୍ମୃତିରେ ଶ୍ୱାସରୁଦ୍ଧ ହୁଏ

ସଂଜ ସକାଳ ! ! !

ଆସିବାକୁ ଆଉ ସେଇ

ଶାପମୁକ୍ତିର ବେଳ,

ମୋ ବୋଉର କାନ୍ଦକାନ୍ଦ ହସତଳେ

ନିତି ଦେଖୁଛି କେତେ

ଅଦେଖା ଶ୍ରାବଣ ! ! ! !

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀତ ଆସିଛି

ଗୌରୀ ପଣ୍ଡା

ଶୀତ ଆସିଛି ଦେଖ ଶୀତ ଆସିଛି
ନୂଆ ସମ୍ଭାର ତାର ସାଥେ ଆଣିଛି ।
କୁହୁଡି, କାକର ସାଥି ସହୋଦର
ଧୂଆଁଳିଆ ମୁହଁ ଦିଶେନି କାହାର ।
କାକର ବିନ୍ଦୁରେ ଏ ଧରା ସୁନ୍ଦର
ସତେ କି ବୁଣିଛି ଗାଲିଚା ମୁକ୍ତାର ।
ଶୀତ ସାଥେ ଥିଲେ ହସୁଥାଏ ଧରା
କଅଁଳିଆ ହୁଏ, କମିଯାଏ ଖରାପ ।
ଗ୍ରୀଷମ ପ୍ରତାପେ ଧରଣୀ ବ୍ୟଥିତ
ତା ତାପରେ ପ୍ରାଣୀହେବେ କି ଜୀବିତ ।
ଶୀତ ଆଣିଥାଏ ଶୋଭାର ପସରା ।
ଶୀତ ହିଁ ତ ଏଠି ଜୀବ ର ଆସରା
ଫୁଲ, ଫଳ ଭରା କରେ ସେ ଧରାକୁ
ଆଣିଦିଏ ଖୁସି ଅଜଣା କାହାକୁ ?
ଥିଲେ ପଛେ ଥାଉ ଦୁର୍ଗୁଣ ତାହାର
ଶୀତକୁ କରିବା ଆମେ ଆପଣାର ।

ଜୟପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପର୍କ କାନ୍ଦୁଛି ଛଳନା କୂଳେ

ମନୋରମା ରାଉତରାୟ

ସମ୍ପର୍କ କାନ୍ଦୁଛି ଛଳନାର କୂଳେ
ସ୍ୱଚ୍ଛ ସ୍ୱରୁପକୁ ଦେଇ ହଜେଇ,
ଫେରିବ କି ସେଇ ଅତୀତ ବିଶ୍ୱାସ
ସୁମରି କାନ୍ଦଇ ଲୁହ ଝରେଇ ।

ଛଳନାର ନଦୀ କୂଳଲଙ୍ଘି ଆଜି
ଉଜାଡି ଦେଲାଣି ଧନ ଜୀବନ,
ତଥାପି ମଣିଷ କରଇ ପ୍ରୟାସ
ଚନ୍ଦ୍ରରେ ରଚିବ ସ୍ୱପ୍ନ ସଦନ ।

ଆତ୍ମୀୟତା ନାହିଁ କାହାରି ହୃଦୟେ
ଉପରକୁ ଖାଲି ଛଳନା ହସ,
ସ୍ୱାର୍ଥପର ଆଜି ମଣିଷ ସମାଜ
ହୃଦ ମହାକାଳ ଫଳ ସଦୃଶ୍ୟ ।

ନୀତି ନୈତିକତା ଉଭେଇ ଯାଉଛି
ଅଧୁନା ସମାଜ ପତନ ମୁଖୀ,
ଗୁରୁ ଗୁରୁଜନ ଆଜି ହୀନିମାନ
ହୃଦୟ ବିଳାପ କରୁଛି ଦେଖି ।

ଦୟା କ୍ଷମା ସ୍ନେହ ସହାନୁଭୂତି ଟି
କରୁଥିଲା ହୃଦେ ବିରାଜମାନ,
ଆଜି ସେଇ ହୃଦ ସ୍ୱାର୍ଥପର ହୋଇ
ମାନବିକତାକୁ କରୁଛି କ୍ଷୁର୍ଣ୍ଣ ।

ଛଳନା ରାକ୍ଷସ ସଭିଙ୍କ ମନରେ
କାୟା ବିସ୍ତାରୁଛି ଦିନକୁ ଦିନ,
କପଟ ହସରେ ବିଦ୍ରୁପ ଭରିଛି
ଦେଖି ସେଇ ହସ ମାନୁନି ମନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱାସ ଭରସା ପାଉନି କାହାକୁ
ଯିଏ ଯାହା ଅଭିନୟେ ମଗନ,
ଅଟ୍ଟହାସ୍ୟ କରେ ସମ୍ପର୍କର ନଈ
କାହିଁକି କରୁଛୁ କୂଳେ ରୋଦନ ।

କହିବେ ଓଲଟି ଯାଆ ଲୋ ପାଲଟି
ଆମ ଭଳି କର ତୁ ଅଭିନୟ ।
ତେବେ ଯାଇ ଏଇ ସଂସାରେ ଚଳିବୁ
ଜୀବନ ଯୁଦ୍ଧରେ ଲଭିବୁ ଜୟ ।

ସଚ୍ଚୋଟତା ଏବେ ଦୁର୍ଲ୍ଲଭ ଜଗତେ
ଖୋଜିଲେ ସେ ଦ୍ରବ୍ୟ ମିଳିବ ନାହିଁ,
ହାରିଯିବୁ ତୁହି ସଂସାର ହାଟରେ
ଯୁଗ ଉପଯୋଗୀ ହୋଇଯା ତୁହି ।

କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜନନୀ

ବୀରେନ୍ଦ୍ର କୁମାର ସାହୁ



ଦଶ ମାସ ଧରି ଗରଭରେ ତାର
ଜନମ କରିଲା ଯିଏ
ଦୁନିଆର ଶ୍ରେଷ୍ଠ ମୋ ପାଇଁ ସେହି
ଜନନୀ ମୋହର ସିଏ

କୋଳଟି ତାହାର ସୁରକ୍ଷା କବଚ
ସେଠି ଥିଲେ ଡର ନାହିଁ
ତାହାର ପଣତ କାନିରେ ରହିଛି
ମୋର ଜୀବନର ଛାଇ

ଦୁଃଖ କଷ୍ଟ ଯାହା ଆସିଲେ ଘରକୁ
ସବୁ ସହି ସିଏ ଯାଏ
ଆଖିର ଲୁହକୁ ଲୁଚାଇ ତାହାର
ଆମ ଖୁସି ଖୋଜୁ ଥାଏ

ଆଖିର ତାହାର ସେନେହ ସରଧା
କେତେ ଭରି ରହିଥାଏ
ଲୁହ ଝରିଗଲେ ଆଖିରୁ ମୋହର
ତାକୁ ଦେଖି ଖୁସି ହୁଏ

ତାହାର ରୋଷେଇ ଅମୃତ ସମାନ
ପାଟି ପାଇଁ ରୁଚିକର
ପେଟ ପୁରିଯାଏ ଖାଇ ଦେଲେ ଟିକେ
ରାନ୍ଧିବା ବ୍ୟଞ୍ଜନ ତାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେହ ପାଆ ହେଲେ ରାତି ଉଜାଗର
ରୁହେ ସିଏ ମୋ ପାଇଁ
ମୋର ଭଲ ପାଇଁ ଠାକୁରଙ୍କ ପାଶେ
ଗୁହାରି କରଇ ଯାଇ

ଡାକୁଛି ଠାକୁରେ ଭକତି ଅନ୍ତରେ
ତାହାର ସୁରକ୍ଷା ପାଇଁ
ବିପଦେ ଆପଦେ ସାହା ହେଉଥିବୁ
ମୋର ଜନନୀକୁ ତୁହି...।

ପାପସରା, ଅନୁଗୋଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବିତା ପ୍ରେମରେ ମୁଁ

ସୁପ୍ରିୟା ମହାନ୍ତି

ଶୋକ ଯେତେବେଳେ ବନ୍ୟା ସମ ଆସି
ଲୁହର ସାଗରେ ଭସାଏ
କୋହ ଉଦବେଳିତ ଅଶାନ୍ତ ହୃଦୟ
ଭାବନାରେ ହଜିଯାଏ ।
ନିଜ ଦ୍ୱାରା ଆନ ପୀଡ଼ିତ ନ ହେଉ
ଚିନ୍ତୁଥାଏ ଅହରନିଶି
ଠିକ ସେହିବେଳେ ଭାବନାରେ ହଜି
କବିତା ଲେଖଇ ବସି । (୧)

ଅଗାଧ ଜଳରେ ମୀନ ସମ ଯେବେ
ଉବୁଟୁବୁ ହେଉଥାଏ
ପରମାୟୁ ସତେ ମଉଳା କଢ଼ିଟେ
ଅସମୟେ ଝଡ଼ିଯାଏ ।
ବଚନ କାହାକୁ ଆଘାତ ନଦେଉ
କେହି ନକରନ୍ତୁ ଦୋଷୀ
ଠିକ ସେହିବେଳେ କଳ୍ପନାରେ ମଜ୍ଜି
କବିତା ଲେଖଇ ବସି । (୨)

କେବେ ସୁଖ ଆସେ ଶୀତ ସକାଳର
କାକର ଟୋପାଟେ ହୋଇ
କେବେ ଝଡ଼ିଯାଏ ଶରତ ସକାଳ
ଝରା ଶେଫାଳିଟେ ହୋଇ ।
କ୍ଷଣିକ ଜୀବନ ସୁଖ ବାଣ୍ଟିବାକୁ
ପିଏ ଦୁଃଖ ବାରିରାଶି
ଠିକ ସେହିବେଳେ ସପନରେ ହଜି
କବିତା ଲେଖଇ ବସି । (୩)

ମାୟାମୋହ ଭରା ବିଶ୍ୱ ଚରାଚର
ନିଜ ସ୍ୱାର୍ଥ ଜଗିଥାଏ
ହରସର ଉର୍ମି ବେଳାଭୂମିପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଥାପିଟି କାନ୍ଦୁଥାଏ ।
ସରଳ ହୃଦୟ କଳଙ୍କେ ଗାଧୋଇ
ସାଗରରେ ଯାଏ ଭାସି
ଠିକ ସେହିବେଳେ ନିୟତି ବିରୁଦ୍ଧେ
କବିତା ଲେଖଇ ବସି । (୪)

ମରଣର ମନ୍ତ୍ର ଯୋଗାଏ ସ୍ପନ୍ଦନ
ମଶାଣିରେ ହୁଏ ଶେଷ
ସୁଖ ଭୁଞ୍ଜୁଥାଉ ବିଶ୍ୱ ଚରାଚର
ଅହଂର ହେଉ ବିନାଶ ।
ଭାବନା କଳ୍ପନା ଅବା କରମରେ
କା ପାଶେ ନ ହୁଏ ଦୋଷୀ
ଠିକ ସେହିବେଳେ ସଂକଳ୍ପଟେ ନେଇ
କବିତା ଲେଖଇ ବସି ।
କବିତା ଲେଖଇ ବସି । (୫)

ମାତୃତ୍ୱ କାନ୍ଦଇ ମମତାର ଆଳେ
ଗର୍ଭକୁ ନିନ୍ଦଇ ବସି
ପୁଅ ହସୁଥାଏ ତାତ୍ସଲ୍ୟର ହସ
ଅନୀତି ଦୁଆରେ ବସି ।
ନାରୀ ବଳିପଡ଼େ ସନ୍ଦେହ ନିଆଁରେ
ବଞ୍ଚିଥାଇ ପାଏ ଫାଶୀ
ଠିକ ସେହିବେଳେ ଘୃଣ୍ୟ ସମାଜର
କବିତା ଲେଖଇ ବସି । (୬)

ସୁନାର ସଂସାର ହସି ଉଠନ୍ତା କି
ପରସ୍ପର ବିଶ୍ୱାସରେ
ଶାନ୍ତି ଶୃଙ୍ଖଳାରେ ହସନ୍ତା ଜୀବନ
ଲୋଭ ମାୟା ଛାଡ଼ି ଦୂରେ ।
କବିତା ଲେଖିବା ସାର୍ଥକ ହୁଅନ୍ତା
ଖୁସିରେ ଉଠନ୍ତି ଭାସି
ସ୍ରଷ୍ଟାଙ୍କ ସୃଷ୍ଟିକୁ ଧନ୍ୟବାଦ ଦେଇ
କବିତା ଲେଖନ୍ତି ବସି ।
କବିତା ଲେଖନ୍ତି ବସି । (୭)

ନିକିରାଇ, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜନମ ମରଣ

ହରପ୍ରିୟା ରାଉତରାୟ

ଜନମ ମରଣ ବିଧିର ବିଧାନ
ଏଥୁକେ ନୁହଁଇ ଆନ
ତଥାପି କାହିଁକି ମଣିଷ ମନକୁ
ଯଥା କ୍ଷୟ କାଷ୍ଠେ ଘୂଣ (୦)
ଉଙ୍ଗୀଗଢ଼ା ଏଇ ସଂସାର ସାଗରେ
କେବେ ହସ କେବେ କାନ୍ଦ
ମଣିଷ ଗଛଟି ଅକାଳରେ କେବେ
ଝଡ଼ିଲେ ଲାଗେ ବିଷାଦ
ଚିହ୍ନା ହୋଇଥାଉ ହେଉକି ଅଚିହ୍ନା
ଝୁରେ ମନ ଆଉ ପ୍ରାଣ(୧)
କାହିଁକି ଏମିତି ହୁଏ ଯେ କେମିତି
ବସି ଭାବେ ରାତିଦିନ
କଥା କୁହା ସେଇ ମଣିଷର ପରା
ଲିଭିଯାଏ ଚିହ୍ନବର୍ଣ୍ଣ
କାଳର କରାଳ ଗତିରେ ଜୀବନ
ଲାଗୁଥାଏ ମୁରୁସ୍ଥାନ(୨)

୯୪୩୭୫୨୨୭୯୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଗ ବ୍ରହ୍ମ ଚଣ୍ଡାଳ

ନିବେଦିତା ପଣ୍ଡା



ରାଗ ମଣିଷର ପରମ ବଇରୀ
କରିଥାଏ ସର୍ବନାଶ,
ଦୟା, କ୍ଷମା ଗୁଣ ହଜାଇ, ସଜାଏ
ବିବେକହୀନ ମଣିଷ ।

ସର୍ବଶ୍ରେଷ୍ଠ ଜୀବ ହୋଇ ବି ମାନବ
ମାନବିକତାକୁ ଛାଡ଼ି,
ଯନ୍ତ୍ରଣା ଦୁଃଖକୁ ଆମନ୍ତ୍ରଣ କରେ
ଜୀବନ ଦିଏ ବିଗାଡି ।

ମଣିଷ ରାଗିଲେ ବୁଦ୍ଧି ବଣା ହୋଇ
ଭୂଲେ ହିତାହିତ ଜ୍ଞାନ ,
ନିଜେ ହିଁ ନିଜର ପ୍ରତିବାଦୀ ସାଜି
କ୍ଷତି କରେ ସୀମା ହୀନ ।

ଅଶାନ୍ତି ଅନଳେ ଜଳି ଜଳି ସଦା
ହରାଏ ନିଜର ଖୁସି,
ପର ଶୀରି ଦେଖି ଇର୍ଷା କରି କରି
ପାରେନା ଜୀବନେ ହସି ।

ପର ନିନ୍ଦୁକର ଉନ୍ନତି ହୁଏନି
ବିଫଳତା ମିଳିଥାଏ,
ଆତ୍ମ ସମ୍ମାନ ଓ ଆତ୍ମ ବିଶ୍ୱାସକୁ
ଅଜାଣତେ ସାରିଦିଏ ।

ଯାହାକୁ ସେ ଭାବେ ସ୍ୱାଭିମାନ ବୋଲି
ତା' ହିଁ ଗର୍ବ ଅହଙ୍କାର,
ଅଦମ୍ୟ ସ୍ୱାର୍ଥର ଅଜଣା ଅର୍ଥରେ
କରଇ ତୀବ୍ର ହୁଙ୍କାର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିମାନ ଭାବି ରାଗ ତ କରିଲେ
ସମ୍ମାନ ହୁଅଇ କ୍ଷୁର୍ଣ୍ଣ ,
ଆତ୍ମସ୍ୱାର୍ଥୀ ହୋଇ ଜୀବନେ ବଞ୍ଚିଲେ
ସମ୍ପର୍କ ବି ହୁଏ ଛିନ୍ନ ।

ନିଜ ହିସାବରେ ଦୁନିଆଟା ଚାଲୁ
ପରିକଳ୍ପନା ଯାହାର,
ସେ ବୃଥା ପ୍ରୟାସେ ବିରକ୍ତି ଆସଇ
ରାଗ ଆସେ ବାରମ୍ବାର ।

ନିଜ ରାଗ ସବୁ ଦୁଃଖର କାରଣ
ମଣିଷ ବୁଝି ପାରେନା,
ରାଗ ଭାବନାରୁ ମୁକ୍ତି ପାଇଗଲେ
ଜୀବନେ ଦୁଃଖ ଛୁଏଁନା ।

ରାଗ ଶୂନ୍ୟ ଭାବ ଅତ୍ୟନ୍ତ ଜରୁରୀ
କଳୁଷିତ ମନ ପାଇଁ,
ପ୍ରକୃତ ଆଧ୍ୟାତ୍ମ ଜାଣିଲେ ବୁଝିଲେ
ଅଶାନ୍ତି ଯିବ ଉଭେଇ ।

କର୍ମାନୁକରଣେ ଧର୍ମାନୁସରଣେ
ଜୀବନ ସରଳ ହୁଏ,
ଏ ପଥୁ ବିଚ୍ୟୁତ ହୋଇଲେ ମଣିଷ
ଜଟିଳତା ଆସିଯାଏ ।

ଅଯଥା କଥାରେ ତର୍କ ବିତର୍କରେ
ବିତସ୍ପୃହ ମନ ହୁଏ,
ମନ ଯଦି ହୁଏ ନିଜର ଅଧିନ
ଇଚ୍ଛା ବି ଆୟତ୍ତେ ରହେ ।

ସୁଖେ ବଞ୍ଚିବାକୁ ସାଧନା ତ ଲୋଡ଼ା
ବେଳ ଥାଉ ଥାଉ ବୁଝ,
ନ ବୁଝି ପାରିଲେ ଅଶାନ୍ତି କିଣିବ
ଷଡରିପୁ ହେବ ବୋଝ ।

ସଠିକ୍ ଭାବରେ ବଞ୍ଚିଲେ ସଂସାରେ
ଜୀବନ ସୁନ୍ଦର ହୁଏ,
ରାଗ ଆଉ କ୍ରୁର ସ୍ୱଭାବ ରଖିଲେ
ଅପଯଶ ମିଳିଥାଏ ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିରନ୍ତନ ପ୍ରେମ

ପ୍ରତିଭା ପ୍ରଧାନ

ଦୁନିଆ ଭୁଲିଛି ମୁଁ ଯେ
ତୁମ ପାଖେ ଥାଇ
ତୁମ ଛଡା ଆଉ କିଛି
ମୋର ମନେ ନାହିଁ ।।୦।।

ତୁମେ ହେଲେ ନୀଳ କଇଁ
ମୁଁ ତୁମ ଜହ୍ନ
ତୁମକୁ ଫୁଟିବା ଦେଖି
ପୁରି ଯାଏ ମନ
ଦୁହେଁ ଦୁହିଁଙ୍କୁ ଅନେଇ
ରାତି ଯାଏ ପାହି ।।୧।।

ସାଗର ବେଳାଭୂମି ମୁଁ
ଢେଉ ପରି ତୁମେ
ଆଲିଂଗନ କରି ପୁଣି
କହି ଯାଅ କାନେ
ଚିରନ୍ତନ ଆମ ପ୍ରେମ
ହେବ କାଳଜୟୀ ।।୨।।

କଣ୍ଠଶିଳ୍ପୀ ଏବଂ ଅଧ୍ୟାପିକା
ବିଜେବି ଜୁନିୟର କଲେଜ
ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାକ୍ଷୀ ତୁମେ ଚତୁର୍ଭୁଜ

ହେମନ୍ତ କୁମାର ନାୟକ

ସେ ଦିନର ପାଠ ପଢ଼ାରେ
ଥିଲା ଗୁରୁ ଭକତି
ଆଜିର ଏ ପାଠ ପଢ଼ାରେ
ତା'ର ବିରୋଧ ଗତି
ତୁମ ଠାରୁ ଯାହା ଶିଖିଛି
ସବୁ ସମୟେ ହେଜ
ନାହିଁ ଆଜି ଦଣ୍ଡ ବିଧାନ
ଗୁରୁ ଭକତି ଆଜ
ସାକ୍ଷୀ ତୁମେ ଚତୁର୍ଭୁଜ --------୧

ସେ ଦିନର ନୂଆ ବୋହୂଟି
କରି ବାସି ପାଇଟି
ଯାଉଥିଲା ଜ୍ୟେଷ୍ଠ ପାଖକୁ
ସ୍ନାନ ଶୌଚ ହୋଇକି
ପାଦୁକା ନିଏ ସେ ଜ୍ୟେଷ୍ଠ ଠୁଁ
ଥିଲା କେତେ ତା ଲାଜ
ନାଇଟ୍ ପିନ୍ଧା ଏ ବୋହୂ ଟି
ତାହା ନ କରେ ଆଜ
ସାକ୍ଷୀ ତୁମେ ଚତୁର୍ଭୁଜ -------୨

ଥିଲା ଗୁରୁଜନ ମାନଙ୍କୁ
ଅନୁରୂପ ଭକତି
ତାଙ୍କ ପାଦେ ସେବା କରିଲେ
ଯେହ୍ନେ ମିଳେ ମୁକତି
ଶାଶୁ ଶ୍ୱଶୁର ଠୁଁ ଅଲଗା
ବୋହୂ କୁ ନାହିଁ ଲାଜ
ସର୍ଭେଣ୍ଟ କ୍ୱାର୍ଟରେ ରଖିଲା
ପିତା ମାତାକୁ ଆଜ
ସାକ୍ଷୀ ତୁମେ ଚତୁର୍ଭୁଜ --------୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିବାହ କରିତେ ପୁଅର
ଏବେ ମାଆ ଡରୁଛି
କାଲି ପାଖ ଘର ଶାଶୁ କୁ
ବୋହୂ ମାଡ଼ ମାରିଛି
କଳସ ବସୁନି ଦୁଆରେ
ବନ୍ଧା କୁକୁର ଆଜ
ଆଜି ନାହିଁ ରଜ ମଉଜ
ପିଲା ଦିନର ସଜ
ସାକ୍ଷୀ ତୁମେ ଚତୁର୍ଭୁଜ -----୪

ନ୍ୟାୟ ନିଷ୍ପତ୍ତି ର ବିଚାର
ଗାଆଁ ଦାଣ୍ଡରେ ନାହିଁ
ନିଜ ପରିବାର ବିଚାର
ହୁଏ କଚେରୀ ଧାଇଁ
ଢ଼ିଙ୍କି ଆଜି ଧାନ କୁଟୁନି
ମାଆ ଭାବୁନି ଖୁଦ
ବେତାଳ ପରିକା ଯାଉଛି
ଭାଇ ପରେ ଭାଉଜ
ସାକ୍ଷୀ ତୁମେ ଚତୁର୍ଭୁଜ ----------୬

ଭାଗବତ ଟୁଙ୍ଗୀ ଦୁଆରେ
ଏବେ ପଡିଛି ତାଲା
ବୋହୂ କଥାରେ ପଡ଼ି ପୁଅ
ବାପା ଙ୍କୁ ଜେଲ୍ ଦେଲା
ଶାଶୁ ଟି ନିରବେ ରହୁଛି
ଶୁଭେ ପାଟି ବୋହୂର
ସମୟ ର ଜ୍ଞାନ ରଖୁନି
ସବୁ ସମୟେ ସଜ
ସାକ୍ଷୀ ତୁମେ ଚତୁର୍ଭୁଜ ----------୫

ଖଟ ପଲଙ୍କ ବଦଳରେ
ବକ୍ସ ପେଟେନ୍ ହେଲା
ସଜ ହେବାପାଇଁ ବୋହୂ ଟି
ଏବେ ପାର୍ଲର ଗଲା
ମୁହଁ ଦେଖାଇ କି ଯାଉଛି
ସେଲଫି ନିଏ ଆଜ
ବଦଳି ଯାଇଛି ମସିଣା
ଆସେ ଡଲଫ ସେଜ
ସାକ୍ଷୀ ତୁମେ ଚତୁର୍ଭୁଜ -------୭

ଆନନ୍ଦପୁର କେନ୍ଦୁଝର
ମୋ : ୮୦୧୮୨୪୦୨୬୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱ ହେଉ ମଧୁମୟ

ରଞ୍ଜିତା ତ୍ରିପାଠୀ

ତମସା ନାଶିଣ ପୂର୍ବାକାଶେ ରବି
ବାଳୁତ ରୂପରେ ଉଏଁ
ତା କିରଣ ରେଣୁ ପଡିଲେ ସର୍ବତ୍ର
ଜଗତ ସତ୍ୱରେ ଧାଏଁ ।

ଏ ସାରା ଜଗତ ତୁମ ଅପେକ୍ଷାରେ
ହେ ମାତା ବୀଣା ଧାରିଣୀ
ହଂସ ପୃଷ୍ଠେ ବସି ଆଗମନ କର
ଦିବ୍ୟ ପ୍ରକାଶେ ଧରଣୀ ।

ନୟନ ଯୁଗଳ ତୁମ ଅପେକ୍ଷାରେ
କେତେ କାଳୁ ଅଛି ଚାହିଁ
ଢାଳିବ କେବେ ଯେ ତୁମ ଜ୍ଞାନ ଜ୍ୟୋତି
ଅଜ୍ଞାନ ରହିବେ ନାହିଁ ।

ହସ୍ତ ପ୍ରସାରି ଦିଅ ଆଶୀର୍ବାଦ
ମାଗୁଅଛି କରଯୋଡି
ମାତା ସରସ୍ୱତୀ ତୁମ ଚରଣରେ
ଏତିକି ମୋହର ଅଳି ।

ଲକ୍ଷ ଜନତାଙ୍କୁ ଉଦ୍ଧାର କର ମା
ଏ ସଂସାର ପାପମୟ
ଜ୍ଞାନର ପ୍ରଦୀପ ଜଳୁ ପ୍ରତି ହୃଦେ
ବିଶ୍ୱ ହେଉ ମଧୁମୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀତ ମିଆଦ

ଲିପିକା ବେହେରା

ଶୀତ ସକାଳର ରବିର ତେଜ
ଦେହକୁ ଆରାମ ଲାଗୁଛି
ଘାସ ଉପରେ ତ କାକର ବିଛଣା
ମୁକ୍ତ ପରି ସତେ ଝଲସୁଛି
ରଙ୍ଗ ବେରଙ୍ଗର ଶୀତ ପୋଷାକ
ସଭିଙ୍କ ଦେହେ ଭରିଛି
ବୁଢ଼ା ବୁଢୀ ସବୁ ଗାଁ ଦାଣ୍ଡେ ବସି
ଉହ୍ନେଇ ଜାଳି ନିଆଁ ପୁଅଁନ୍ତି
ନାଲି ଗୁରୁ ଗୁରୁ ପାଚିଲା ଶସ୍ୟରେ
ପୂରିଛି ଆମ କେଦାର
ଚାଷୀ ଭାଇ ମନ ଆନନ୍ଦେ ଉଛୁଳେ
ଯେବେ ଦେଖେ ଶସ୍ୟ ସୁବର୍ଣ୍ଣର
ଶୀତ ସକାଳର ଗରମ ମୁଢ଼ି
ପାଟିକୁ ଲାଗଇ ସୁଆଦ
ଶୀତ ଆସି ପୁଣି ଚାଲିଯାଏ
ଯେବେ ପୁରିଯାଏ ଶୀତ ମିଆଦ ।

ନରସିଂହପୁର
ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସକଳ ଘଟେ ନାରାୟଣ

ଜୟନ୍ତୀ ବେହେରା

ଅନନ୍ତ ଅସୀମ ପ୍ରଭୁ ହେ
ଶୁଣ ମୋର ଜଣାଣ !
ଚେଇଁକି ସୋଇଛ କାହିଁକି
କୁହ କେଉଁ କାରଣ ?

କ୍ଷୀର ସରୋବରେ ରହିଛ
ନାମ ବୈକୁଣ୍ଠ ପୁରୀ !
ମାତା ଲକ୍ଷ୍ମୀ ପାଦ ପୟରେ
ଅନନ୍ତ ଫଣା କରି ।

ସକଳ ପ୍ରାଣୀଙ୍କ ମଧ୍ୟରେ
ତୁମେ ରହିଛ ସଦା !
ମୋର ଦୁଃଖ କିମ୍ବା ଶୁଣୁନ
କିଏ ଦେଉଛି ବାଧା ।

ସୃଷ୍ଟିକର୍ତ୍ତା ବିଶ୍ୱ ନିଅନ୍ତା
ସର୍ବ ପାଳନ କାରୀ !
କେବେ ରୂପ ନେଇ ପ୍ରଳୟ
ଆସ ଖମ୍ବଉତ୍ତାରି ।

ନାନା ଅବତାରେ ଆସିଲ
ମର୍ତ୍ତ୍ୟେ ଜନମ ନେଇ !
ସୃଷ୍ଟି ସନ୍ତୁଳନ ପାଇଁକି
ଅସୁର ବିନାଶଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସର୍ବଦେବତାଙ୍କ ସର୍ଜନା
ତୁମେ କରିଛ ପ୍ରଭୁ !
ସକଳ ଘଟରେ ରହିଛ
ପ୍ରାଣ କେନ୍ଦ୍ରୀୟ ବିନ୍ଦୁ ।

ନାରାୟଣ ସର୍ବ ଘଟରେ
ଲେଖା ଅଛି ବିଦିତ !
ସମୟର ଚକ୍ର ଘୁରାଇ
ସୃଷ୍ଟି ହୁଏ ସ୍ଥାପିତ ।

ଧର୍ମଶାଳା, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଙ୍ଗଳ ଗୀତିକା

ଅନୀତା ମିଶ୍ର

ପ୍ରଭୁଙ୍କର ସୃଷ୍ଟି ପ୍ରକୃତିର ପୁଷ୍ଟି
ସ୍ୱଚ୍ଛ ଦୃଷ୍ଟିମାନ ମନୋଜ୍ଞ ଧରା
ଅପୂର୍ବ ରମ୍ୟତା ସ୍ୱାଗତ ଗୀତିକା
ସର୍ବଜୟୀ ଦୃଷ୍ଟି ସୁଧା ପସରା ।

ଅସୀମଙ୍କ ବାସ ରୂପରେ ନିବାସ
ଅନନ୍ତ ପ୍ରକାଶ ଦିବ୍ୟ ପୁଲକ
ଦିଗନ୍ତ ବିସ୍ତାରୀ ସୁବାସ ସଞ୍ଚାରୀ
ଶିହରାଏ ତା'ର ଭବ୍ୟ ମହକ ।

ଐଶ୍ୱର୍ଯ୍ୟ ପରିଧି ଅମିୟ ସନ୍ନିଧି
ପ୍ରଭାତ ବାସ୍ନାରେ ହୃଦ ସ୍ପନ୍ଦିତ
ଶାଶ୍ୱତ ଆନନ୍ଦ ସ୍ନିଗ୍ଧ ମକରନ୍ଦ
ତାରିଣୀ ମାଆଙ୍କ ଭକ୍ତି ପ୍ରାପତ ।

କାବ୍ୟ କବିତାର ଭାଷାର ଭାରତୀ
ବାଣୀ ଭଗବତୀ ପାଦେ ପ୍ରଣତି
ସ୍ୱପ୍ନମୟ ହେଉ କବିର କଳ୍ପନା
ଗୁଞ୍ଜୁ ଅସୁମାରୀ କବିତା ପ୍ରୀତି ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନଟା ଏକ ଛୋଟ ରଫ୍ ଖାତା

ବୀଣା ସାହୁ

ବହି ଖାତା ମାନଙ୍କ ମଧ୍ୟରେ ରଫ୍
ଖାତାଟି ଅତି ଆବଶ୍ୟକ,
ସେ ଖାତା ଆମ ସାଙ୍ଗରେ ନ ଥିଲେ
ବୁଡେ ସଭିଙ୍କର ଭେକ ।
ଛୋଟ ହେଲେ ମଧ୍ୟ ସଭିଙ୍କ ଆଦରଣୀୟ
ହୋଇ ରହେ,
ସୁରକ୍ଷିତ ଦେବା ପାଇଁ ପରା ସେ ସୁଖ
ପରସି ଥାଏ ।
ଶ୍ରେଣୀଗୃହକୁ ପସିବା ପୁର୍ବରୁ ଥାଏ
ତା କଥା ଭାବନାରେ,
କେତେ ଭୁଲ ଭାଲ କଟା ଛଟା ପୁଣି
ଭୁଲ୍ ର ସଂଶୋଧନ ।
ପୃଷ୍ଠା ସହ ପୃଷ୍ଠାର ରହେ ନାହିଁ
ତାରତମ୍ୟ ।
ଜୀବନ ଦୁଃଖ ଭିତରେ ଅଳ୍ପ ଟିକେ ଆଶା
ସେ ଆଶା କଟା କଟି,
ତଥାପି ଛୋଟ କୋଣ ଟିଏ ଥାଏ ଖାଲି
ସମାଧାନ ଲେଖା ସବୁ ହୁଏ ଏଠି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତ୍ୟେକ ପରିବାର ରେ ଜଣେ ଲେଖାଏଁ
ଛୋଟ ରଫ୍ ଖାତା ଭଳି,
ସାରା ଜୀବନ ଦୁଃଖ ସୁଖ କୁ ସାଉଁଟୁ
ସାଉଁଟୁ ରଦି ହୋଇଯାଏ
କେବେ ନା କେବେ ହୁଏ ପୁଣି
ଅଦରକାରୀ ।
ପରିଶେଷରେ ଚିରା ଚିରି ହୋଇ
ଦିଏ ସେ ଶ୍ରଦ୍ଧାଞ୍ଜଳି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନଟା ଏକ ଛୋଟ ରଫ୍ ଖାତା

ଋତୁ ମହାନ୍ତି

ଜୀବନଟା ଏକ ଛୋଟ ରଫ ଖାତା
ରଫ ଖାତା ସରିଗଲେ ମୁଣ୍ଡ ବ୍ୟଥା ।
ସେହି ରଫ ଖାତା ଯଦି ହଜିଯାଏ
କାହାରି ହେଲେ ବି ଚିନ୍ତା ନଥାଏ ।
ଛୋଟ ରଫ ଖାତା କେତେ ଦରକାରୀ
କେତେ ସମାଧାନ ସେଥିରେ ହୁଅଇ ।
ଖୋଜିଲେରେ ଆଉ ସେ ମିଳି ନ ଥାଏ
କେଉଁଠି ଅଲୋଡ଼ା ହୋଇ ପଡିଥାଏ ।
ଜୀବନଟି ସେହିପରି ହୋଇଥାଏ
ଜୀବନଟି ଜଞ୍ଜାଳରେ ପୂର୍ଣ୍ଣ ଥାଏ ।
ସମସ୍ତେ ତାହାକୁ ଆଦରି ନିଅନ୍ତି
ମୋର ମୋର କହି ତାକୁ ଆଦରନ୍ତି ।

ତାର ଯେତେବେଳେ ସରିଯାଏ କାମ
ଆଉ କେହି ପଚାରନ୍ତି ନାହିଁ ଧର୍ମ ।
ଅଲୋଡ଼ା ହୋଇ ପଡିଥାଏ କୋଣରେ
ବିବେକ ଜ୍ଞାନକୁ ଭୁଲିଯାଆନ୍ତି ରେ ।
ସତ, ମିଛ, ଧର୍ମ, ଗର୍ବ, ଅହଂକାର
ଭୁଲି ଯାଆନ୍ତିରେ ସବୁ ପରିବାର ।
ରଫ ଖାତା ଭଳି ହୁଏ ହନ୍ତ ସନ୍ତ
ପଚାରନ୍ତି ନାହିଁ ଆହେ ଜଗନ୍ନାଥ ।
ସାହା ହୁଅ ପ୍ରଭୁ ଆହେ ଚକାଡୋଳା
ତୁମ ପଦେ ରହୁ ଜୀବନଟି ଭଲା ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନଟା ଏକ ଛୋଟ ରଫ୍ ଖାତା

ସସ୍ମିତା ପଣ୍ଡା

ରଫ୍ ଖାତାରେ କଲମଧରି ଲେଖିବସନ୍ତି କୁନା କୁନି
ଠିକ୍ ଭୁଲ୍ କରିଥାନ୍ତି ସେଇଠି ପୁଣି ।।

କରିଥାନ୍ତି କେତେ ଯେ ମିଶାଣ, ଫେଡାଣ, ଗୁଣନ ତଥା ହରଣ
ପୁଣି ଆଙ୍କିଥାନ୍ତି ଭିନ୍ନ ଭିନ୍ନ ରକମର ଚିତ୍ରାଙ୍କନ ।।

ଠିକ୍ ଛୋଟ ରଫ୍ ଖାତା ପରି ଏହି ଜୀବନ
ସୁଖ ତଥା ଦୁଃଖର ହୋଇଥାଏ ମିଶ୍ରଣ ।।

ହୃଦୟର ଅଭୁଲା କୋହ କେଉଁ ପୃଷ୍ଠାରେ ରହିଥାଏ
ଆଖିର ଲୁହରେ ଅନେକ ପୃଷ୍ଠା ଭିଜିଯାଏ ।।

ଭୁଲି ହୋଇନଥାଏ ଅଫେରା ଅତୀତ
ତଥାପି ଗଢ଼ିବାକୁ ହୁଏ ଏକ ସୁନ୍ଦର ଭବିଷ୍ୟତ ।।

ଜୀବନ ରୂପୀ ଶେଷ ପୃଷ୍ଠାଟି ଯିବ ଯଦି ସରି
ଏ ଦୁର୍ମୂଲ୍ୟ ଜୀବନ ଆଉ କେବେ ନ ଆସିବ ଫେରି ।।

ଏ ରଫ୍ ଖାତା ଟି ବଡ଼ ବିଚିତ୍ର
ଅଙ୍କିତ ହୋଇଥାଏ ଏଠି ଆମ୍ଭର ଚରିତ୍ର ।।

କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନଟା ଏକ ଛୋଟ ରଫ୍ ଖାତା

ଶୁଭଶ୍ରୀ ଖୁଣ୍ଟିଆ

ଜୀବନଟା ଏକ ଛୋଟ ରଫ୍ ଖାତା
ଭୁଲ୍ ତ୍ରୁଟି ସମାଧାନ
ଛାତ୍ରଛାତ୍ରୀଙ୍କର କଳାପଟା ସମ
ଲେଖା ଲିଭା ଅଧ୍ୟୟନ

ସ୍ୱାଧୀନ ସରଳ ସଠିକ୍ ବିଷୟ
ନିର୍ଭୁଲ୍ ପ୍ରଶ୍ନ ଉତ୍ତର
ଗଣିତ, ବିଜ୍ଞାନ, ସାହିତ୍ୟ ରଚନା
କଟା କଟି ବାରବାର

ବହିପତ୍ର ମଧ୍ୟେ ଶ୍ରେଷ୍ଠ ଖାତା ଟିଏ
ବିଦ୍ୟାଧ୍ୟୟନ ଜରୁରୀ
ଆବଶ୍ୟକ ସଦା ସ୍କୁଲ, ଘରେ ଭାରି
ଟ୍ୟୁସନରେ ଦରକାରୀ

ବିଷୟ ସମୀକ୍ଷା କରେ ତ୍ରୁଟି ରକ୍ଷା
ବଢେ ନିଜସ୍ୱ ଦକ୍ଷତା
ପୁରୁଣା ନୂଆର ମିଶ୍ରଣ ସମ୍ଭାର
ସଂଶୋଧନେ ସଂଗୃହିତା

ଦି-ଦିନ ଜୀବନ ରଫ୍ ଖାତା ସମ
ଭୁଲ ଠିକ୍ ନିର୍ଦ୍ଧାରଣ
ଭୁଲ୍ କାର୍ଯ୍ୟରେ ମିଳିଥାଏ ନିନ୍ଦା
ଅପବାଦ ଆମନ୍ତ୍ରଣ

ସୁକର୍ମରେ ମନ ମିଳଇ ସୁନାମ
ସୁନ୍ଦର ହୁଏ ଜୀବନ
ସମୀକ୍ଷା ର ମାନ ବୃଦ୍ଧି ଉଚ୍ଚ ସ୍ଥାନ
ଅକ୍ଷୁର୍ଣ୍ଣ ମାନ ସମ୍ମାନ

କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନଟା ଏକ ଛୋଟ ରଫ୍ ଖାତା

ହେମନ୍ତ କୁମାର ସାହୁ

ଧିକ ଜୀବନ ତ ଏହି
ଯିଏ ମାୟା ଜାଲେ ପଡିଥାଇ
ଖାଲି ଅଭିନୟ ଜୀବନ ଖେଳ
ଅଭିନୟ ସାରି ବାହୁଡ଼ା ବେଳ
ଘାଣ୍ଟି ଚକଟି ହୁଅଇ
ଧିକ ଜୀବନ ତ ଏହି ।
ରଫ ଖାତା ପରି ସେ ଫେଣ୍ଟା ଫେଣ୍ଟି
ସବୁ ବିଷୟରେ ରଖେ ସେ ଦୃଷ୍ଟି
ଅଚଳ ପଇସା କେବେ ସେ ହୁଏ
ଡ଼ଙ୍ଗା ଗୁଡ଼ି କରି ଜୀବନ ଯାଏ
ସବୁରି ଆଦର ଥାଇ
ଧିକ ଜୀବନ ତ ଏହି ।
ସବୁ ଜୀବ ମଧ୍ୟେ ମଣିଷ ଶ୍ରେଷ୍ଠ
ଝଡ଼ ଝଞ୍ଝା ସହି ପାଏ ସେ କଷ୍ଟ
ସବୁ ଜୀବଙ୍କୁ ସେ କରେ ଆଦର
ମଣିଷର ବିନା ସବୁ ଅସାର
ବୁଦ୍ଧି ବିବେକ ତା ଥାଇ
ଧିକ ଜୀବନ ତ ଏହି ।

ସଭିଙ୍କୁ ବଶରେ ରଖେ ମଣିଷ
ସେ ଲାଗି ସଭିଏଁ ଥାନ୍ତି ହରଷ
ଦୟା କ୍ଷମା ଭାବ ଅଛି ତାହାର
ସେ ଲାଗି ଆପଣା ତାର ଇଶ୍ୱର
ଭାବ ଭକତିକୁ ନେଇ
ଧିକ ଜୀବନ ତ ଏହି ।
ଦୁଃଖ ସୁଖ କଷ୍ଟ ସହି ଜୀବନେ
ରଫ ଖାତା ପରି ସଭିଙ୍କୁ ମଣେ
ପୂର୍ବ ଜନମ କରମ ଫଳ
ଭୋଗୁଥାଏ ନୀତି ତାର ସମ୍ବଳ
ଶେଷେ ପାଉଁଶ ସେ ହୋଇ
ଧିକ ଜୀବନ ତ ଏହି ।

ମାହାଙ୍ଗା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନଟା ଏକ ଛୋଟ ରଫ୍ ଖାତା

ପୁଷ୍ପଲତା ମିଶ୍ର

ବସ୍ତାନି ଭିତରେ ରଫ ଖାତାଟିଏ
ସ୍ଥିତି ଅଟେ ଭୟଙ୍କର,
ଜୀବନ ଟା ଏକ ଛୋଟ ରଫ୍ ଖାତା
ହୋଇଯାଏ ଛାର ଖାର ।।
କି ସୁନ୍ଦର ଦିଶେ ଅନ୍ୟର ଜୀବନ
କେବଳ ତାହାରି ପାଇଁ,
ନଥିଲେ ତ ସେହି ଅନ୍ୟ ମାନେ ସବୁ
କାନ୍ଦୁ ଥାନ୍ତେ କଇଁ କଇଁ ।।
ଏହିଭଳି ଗଢା ଆମ ପରିବାର
ଜଣେ ହୁଏ ରଫ ଖାତା,
ସମସ୍ତଙ୍କ ପାଇଁ ଦିଏ ପ୍ରାଣ ବଳି
ନ କରେ ନିଜର ଚିନ୍ତା ।।

ସ୍ୱାଧୀନ ଭାବରେ ଚଳନ୍ତି ସଂସାରେ
ପାଇ ରଫ ଖାତା ବଳ,
ବିଷୟ ପ୍ରସଙ୍ଗ ହୁଏ ସମାଧାନ
ଫୁଟେ ପୀରତିର ଫୁଲ ।।
ବେଳ ଥାଉ ଥାଉ ସେହି ଖାତା ପ୍ରତି
ଦିଅନ୍ତୁ ସଭିଏ ଧ୍ୟାନ ,
ନଷ୍ଟ ହେଲେ ଥରେ ସେଇ ଖାତା ସତେ
ହେବ ବାର ବୁଲା ଶ୍ୱାନ ।।

ଭୁବନେଶ୍ୱର
୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନଟା ଏକ ଛୋଟ ରଫ୍ ଖାତା

କ୍ରୀଷ୍ଣା ସେନାପତି

ଜୀବନ ଟା ପରା ମରୁଭୂମି
ଚାରିଆଡେ ଖାଲି ବାଲୁକା ମୟ
ମଝିରେ ମାରୁଦ୍ୟାନ ଥିବ
ଜୀବନ ପରା ମରୀଚିକା
ପାଣି ନାହିଁ ଖାଲି
ଶୂନ୍ୟ ଭୂଇଁଟା
ତୃଷ୍ଣା ରେ ତଣ୍ଟି ଶୁଖିଥିବ
ଜୀବନ ଟା ପରା ବାଲିଘର
ରହିନାହିଁ ଘର କ୍ଷଣଭଙ୍ଗୁର
କାନ୍ଥ ଟା ଖସି ପଡୁଥିବ
ଜୀବନ ଟା ପରା ବାଲିସ୍ତୁପ
ବାଲି ଗଦା ଟିଏ ଝଡ଼ ତୋଫାନରେ ଲୀନ
ହେଇ ଯାଇଥିବ
ଜୀବନ ଟା ପରା ରଫ ଖାତା
ଭୁଲ ଠିକ ସବୁ ସଂଶୋଧନ କରି
କେତେ କଥା ପୁଣି ଲେଖିଥିବ
ଦିନେ ବଜାରରେ ଗଡୁଥିବ
ଜୀବନ ଟା ପରା କାଚଘର
ଉପରେ ସୁନ୍ଦର
ଅନ୍ତରେ ହାହାକାର
ଚାପି ରଖିଥିବ
ଜୀବନଟା ପରା ଦିବା ସ୍ୱପ୍ନ
ନିଦ ଭାଙ୍ଗିଗଲେ
ଭୁଲିଯାଇ ବିଛଣାରେ ଶୋଇ ଭାବୁଥିବ
ଜୀବନଟା ପରା ପଶାଖେଳ
କେବେ ହାର କେବେ ଜିତା ପଟ ନେଇ
ଦୁନିଆ
ବୁକରେ ବଞ୍ଚିଥିବ
ଜୀବନ ଟା ପରା ମୂଲ୍ୟବାନ
କାହାକୁ କେବେ ହୀନ ମଣ ନାହିଁ
ବିଶ୍ୱ ନିୟନ୍ତ୍ରା ପରା ଭଗବାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନ ଟା ପରା ରଙ୍ଗ ମଞ୍ଚ

କୃପାମୟଙ୍କର ନିର୍ଦ୍ଦେଶନାରେ ବାହୁଡନ୍ତି

ନିଜ ପଥ

ରହେ ଜୀବନର ରଥ

ଜୀବନଟା ପରା କ୍ଷଣ ସ୍ଥାୟୀ

ଆଜି ଯେ ବଞ୍ଚିଛି

କାଲି ମଶାଣିରେ ତା'ର ଚିତା ଜଳୁଥିବ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନଟା ଏକ ଛୋଟ ରଫ୍ ଖାତା

ଶଙ୍କର୍ଷଣ ସାହୁ

ସତରେ,

ଢେରସାରା ଅପରିପକ୍ୱ ଚିନ୍ତାଧାରା,

ଗାଣିତିକ ସମସ୍ୟା, ଅର୍ଦ୍ଧଗଠିତ କବିତା

ଆଉ ବାଲିଆ ରଙ୍ଗର ସେଇ ପୃଷ୍ଠାରେ,,

ଅପ୍ରକାଶିତ ପ୍ରେମର ପ୍ରତିଧ୍ୱନି.... (୧)

ତା'ସହ ଅପୂର୍ଣ୍ଣ ପୃଷ୍ଠାଗୁଡ଼ିକରେ....

ମୁକ୍ତ ଶବ୍ଦ ସଂଯୋଜନ, ସୁନ୍ଦର ବ୍ୟକ୍ତିଗତ ଇତିହାସ

ପ୍ରକାଶନର ଏକ ଦୃଶ୍ୟମୟ ଦୁନିଆ,

ତଥା ଆଜିର ଡିଜିଟାଲ ଶବ୍ଦ ବିରୁଦ୍ଧରେ,,,,

କଲମ ଆଉ କାଗଜର ଏକ ଢାଲ...

ଯେଉଁଠି ଜୀବନର ହତାଶା ଫିକା ପଡ଼ିଯାଏ !

ଯିଏ ଆଭ୍ୟନ୍ତରୀଣ ଯାତ୍ରାର ସାକ୍ଷୀ,

ମୋ ପ୍ରିୟ ରଫଖାତା..... (୨)

ଶିକ୍ଷକ

ବୋରସିଙ୍ଗି, କବିସୂର୍ଯ୍ୟନଗର, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଥାପି ଜଳିବାକୁ ଚାହେଁ

ବଟକୃଷ୍ଣ ପଣ୍ଡା

ରାତି ପାହିଲେ ସକାଳ ହେଲେ
ଭୋକର ଜ୍ୱାଳା ବଢେ
ଦୁଃଖକୁ ସାମ୍ନା କରୁ କରୁ
ଆୟୁଷ ଟିକ ଛିଡେ
କିଛି ନୂଆ ଖୋଜବା ବେଳେ
ଯନ୍ତ୍ରଣା ଯାତନା ବଢ଼େ ।

ଯନ୍ତ୍ରଣାର ନକ୍ସାରେ ହିଁ ତ
ଅଙ୍କିତ ହୋଇଛି ମୋ ଅସ୍ତିତ୍ୱର ଚିତ୍ର
ଅସହାୟ ମଣିଷର
ଦୁଃଖ ଆଉ ଯନ୍ତ୍ରଣା ଚିରସାଥୀ
ଘର ଚାଳରେ ରହୁଥିବା
ଆପଣାର ଘରଚଟିଆ ପକ୍ଷୀଟି ।

ଆତ୍ମୀୟ ମାନଙ୍କ ମୁଖାପିନ୍ଧା ଶୁଭେଚ୍ଛା
ବିଷଭରା ମଧୁର ବଚନ
ଜଳିବା ଅପେକ୍ଷା ଧୂଆଁ ଅଧିକ
ପ୍ରତି ମୁହୂର୍ତ୍ତ ଅଣ ନିଶ୍ୱାସି ହୁଏ
ତଥାପି ଜଳିବାକୁ ଚାହେଁ
ମୁହଁ ପୋତି ନିଜ ଲୁହ ନିଜେ ପୋଛି ।

ଭେରୁଣିଆ ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୀରବତା

ସାଗର ଖରା

ମୁଁ ଟିକେ ଥାଏ ଚୁପଚାପ୍ ଗୁମସୁମ୍ ଆଉ ନୀରବ
ହେଲେ ଏ ନୀରବ ଭିତରେ
ମୁଁ ତମ ସହ କଥା ହୁଏ
କେତେ ଅସରନ୍ତି ମନ ଛୁଆଁ କଥା
ଆଉ ମୁଁ ହେଇଯାଏ ଏକ
ମୂଲ୍ୟହୀନ ବାଚାଳ

ମୋ ନୀରବତାରେ ତୁମେ
ସବୁବେଳେ ମୋ ପାଖରେ ଥାଅ ପ୍ରିୟା
ହେଲେ ସବୁ ସ୍ଥାନରେ ମୋତେ
କାହିଁ ଲାଗେ ଆଜି ଭାରି ଏକୁଟିଆ

ସମସ୍ତେ ପଚାରନ୍ତି ମୋ
ନୀରବତାର କାରଣଟିକୁ
ମୁଁ କିଛି କହି ପାରେନା
ତାଙ୍କୁ କେମିତି ବା କହିଥାନ୍ତି
ଯେ ମୋ ନିରବତା ଭିତରେ ଖୋଜେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ତମକୁ

ସବୁଦିନ ଆଙ୍କେ ତୁମ ଛବି
କବିତାର ଧାଡ଼ିରେ
କୌଣସି ରଙ୍ଗ ତୂଳୀ ନୁହେଁ
ମୋର ନିବୁଜ ଶବ୍ଦ ଆଉ
କଲମର ଧାରାରେ

ଜାଣିନି ପ୍ରିୟା ମୋ ପାଇଁ
କାହିଁକି ଏ ସବୁ
ହେଲେ ପ୍ରତି ମୁହୂର୍ତ୍ତର
ନୀରବତା ଭିତରେ
ଦେଖେ ମୁଁ ତମକୁ
ଦେଖେ ମୁଁ ତମକୁ

ଗ୍ରାମ :- ପୁରୁଣାଚିତାପରି
ଯୋଗାଯୋଗ :- ୭୨୦୫୪୭୦୫୧୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୀରବତା

କାହ୍ନୁଚରଣ ପାଣିଗ୍ରାହୀ

ନୀରବତା ଅଟେ ଅନ୍ତରର ଭାବ
ଚେତନା ଅମୃତଝର
ଆତ୍ମବଳ ଯେବେ ଆତ୍ମଶାନ୍ତି ଲଭେ
ସୁଧା ସ୍ନିଗ୍ଧ କଳେବର ।

ନୀରବତା ଅଟଇ ଅଦୃଶ୍ୟ ଜ୍ୟୋତି
ଅପ୍ରକାଶ୍ୟ ସ୍ଥୁଳ ବୁଦ୍ଧି
ଅନ୍ତର ଭିତରେ ନୀରବତା ବାସ
ଆତ୍ମାକୁ କରଇ ଶୁଦ୍ଧି ।

ହୃଦ ଅନ୍ତଃସ୍ୱର ଭାବ ଆବେଗର
ନୀରବତା କଥା କହେ
ସକଳ ଦ୍ୱନ୍ଦ ଚିନ୍ତାଗ୍ରସ୍ତ ଭାବନା
ମନରୁ ଦୂରେଇ ଦିଏ ।

ଚଞ୍ଚଳ ମନର ଭାବନାକୁ ଯେବେ
ବସା ବାନ୍ଧିବାକୁ ଦେବା
ଅସ୍ଥିରତା ଭାବ ପ୍ରକାଶିତ ହେବ
ଅଯଥା ଦୁଃଖ ପାଇବା ।

ନୀରବତା ପରା ଶାନ୍ତ ସ୍ଥିର ମନ
ସ୍ଥିତପ୍ରଜ୍ଞ ସ୍ୱଭାବର
କାମନା ବାସନା କରେ ନିୟନ୍ତ୍ରିତ
ପୀୟୂଷ ଧାରା ମନର ।

ନୀରବତା ଥରେ ଆୟତ୍ତ ହୋଇଲେ
ସବୁ ଦୁଃଖ ହୁଏ ଦୂର
ପ୍ରସନ୍ନ ମନରେ ପରମାତ୍ମା ପାଦେ
ମନ ରହିଯାଏ ସ୍ଥିର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ତରର ବିସ୍ଫୋରିତ ବେଦନାକୁ
ଦେହ ମନ ସଦା ଜାଳେ
ନୀରବତା ସ୍ୱର ଶାଶ୍ୱତ ସନ୍ଦେଶ
ପ୍ରଶାନ୍ତର ଅର୍ଘ୍ୟ ତୋଳେ ।

ମନର ସନ୍ତୋଷ ଝଙ୍କୃତ କରାଏ
ନୀରବତା ଅନ୍ତଃସ୍ୱର
ସାଧୁସନ୍ଥଙ୍କ ସାଧନା ଓ ତପସ୍ୟା
କୋଳାହଳ ଠାରୁ ଦୂର ।

ଅବସାଦ ମେଳେ ହୃଦ ହାହାକାର
ନପାରେ କାହାକୁ କହି
ଆକାଶ ଛାତିରେ ଭସା ବାଦଲଟା
ଭରସା ପାରେନା ଦେଇ ।

ନୀରବତା ନୁହେଁ ଖାଲି ସଂଯମତା
ବାହ୍ୟ ଇନ୍ଦ୍ରିୟ ସଓ୍ୱାର
ସକଳ ପ୍ରେରଣା ସୃଜନୀର ଉତ୍ସ
ଦିଏ ଶକ୍ତି ସାହାସର ।

ନୀରବତା ଆତ୍ମା ଶୁଣେ ବଂଶୀ ଧ୍ୱନୀ
ଅନ୍ତରାତ୍ମା ପ୍ରକାଶରେ
ବିଶୁଦ୍ଧ ଶାନ୍ତିର ଶ୍ରେଷ୍ଠତମ ଧ୍ୟାନ
ଶାଶ୍ୱତ ଉପସ୍ଥିତିର ।

ନୀରବତା ଯେବେ ଉଙ୍କି ମାରେ ମନେ
ଇନ୍ଦ୍ରଧନୁ ସପ୍ତରଙ୍ଗ
ଆଶା ଭରସାର ଆଶ୍ୱାସନା ଭରେ
ଖେଳାଇ ଦିଏ ତରଙ୍ଗ ।

ହୃଦୟର ବ୍ୟଥା ନୀରବତା କଥା
ପ୍ରଶମିତ କରେ ମନ
ସମର୍ପିତ ମନେ ନିବିଡତା ଭରେ
ହୃଦେ ଜଗାଏ ସ୍ପନ୍ଦନ ।

ନୀରବ ପ୍ରାର୍ଥନା ଈଶ୍ୱର ଶୁଣନ୍ତି
ଭାବମୟ ପାରାବାର
କଳହ କପଟ କରି ପରିହାର
ଶୁଣିବା ଡାକ ଶାନ୍ତିର ।

ସତ୍ୟବିହାର ରସୁଲଗଡ଼, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ଡଃ ନାରାୟଣ ଚନ୍ଦ୍ର ସେନାପତି

ସନ୍ତାନର ନିଃସଙ୍ଗ ଭବିଷ୍ୟତ ଭାଳି
ଭୋ ଭୋ କାନ୍ଦୁଛି ଅସହାୟା ମା
ଅନାବିଳ ଅଶ୍ରୁ ଢାଳି ବସୁଧାରେ,
ଭାରତ ମାଆ ବି ସ୍ତବ୍ଧ ପାଲଟିଛି
ମାଟି ମାଆ ଅନାଥ ସାଜିଛି
ଗାଆଁ ମାଟି ଖୋଜୁଛି ତା ରଙ୍ଗ ଗନ୍ଧ
ସତେ ଯେମିତି ପବନ ବି ଥମି ଯାଇଛି
ନିସ୍ତେଜ ଅସହାୟତାରେ ।

ପ୍ରୀତିର ଗୋଲାପ ବି ମଉଳି ଯାଇଛି
ପ୍ରତାରଣାର ତେଜରେ
ଖୁସିର ସୌଧଟା ଚୂର୍ ମାର୍ ହୋଇଯାଇଛି
ଅମାନବିକତାର ମୌଜରେ
ମାଟିର ମଣିଷଟା ହେଉଛି ହତାଶ
ଜ୍ଞାନଦାତା ହରେଇଛି ଭରସା ବିଶ୍ୱାସ
ଇଶ୍ୱର ବି ମ୍ରିୟମାଣ ହେଉଛନ୍ତି
ଅଣନିଃଶ୍ୱାସୀ ହୋଇ ଅସୁସ୍ଥ ପୃଥିବୀରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଢ଼ା, ବୁଢ଼ା ବରଗଛ ବି ଆଜି ଅଲୋଡା ଆଖୋଜା
ଅନ୍ତରଙ୍ଗ ବନ୍ଧୁ ବି ଅବାକ୍ ହୋଇଯାଉଛି ବିଶ୍ୱାଘାତକତାରେ
ବିଶ୍ୱଙ୍ଗସ୍ତ କୃତଜ୍ଞ ଶବ୍ଦ ଗୁଡ଼ାକ ଭୁଲି ଗଲେଣି ବାଟ
ସ୍ନେହ ପ୍ରେମ ଭଲପାଇବା ମାରୁଛନ୍ତି କୁହାଟ
ପ୍ରକୃତି ପ୍ରକୃତି ହରାଇ ଭୟରେ ଥରୁଛି
କେମିତି ବଞ୍ଚିବ ଭାବୁଛି ଶୂନ୍ୟ ଶୁଷ୍କ ମରୀଚିକାରେ ।

ଆଜିର ଦିନରେ ଧନୀ ଟା ସବୁଠୁ ଦରିଦ୍ର
ଅସହାୟ ଲାଗୁଛି ପଡ଼ି ବେମାରରେ
ଶୋଷଣ କୁ ଜାବୁଡି ଧରିଛି କଷଣ
ପ୍ରତିଦ୍ୱନ୍ଦୀ ସାଜିଛନ୍ତି ଈର୍ଷା ହିଂସାରେ
ଚାରିଆଡେ ଶୁଭୁଛି କରୁଣ ଚିତ୍କାର
ଜୀବାଣୁ ଭୁତାଣୁଙ୍କ ବଢୁଛି ନଜର
ଶୁଭୁଛି ସୁଧୁରିଯାଅ
ଯଦି ରହିବାକୁ ଚାହଁ ଭଲରେ
ଏଇ ପୃଥିବୀରେ ।

ଜମ୍ବରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ରାଧାଶ୍ୟାମ ମହାନ୍ତି

ନିରୀହ ନିଷ୍ପାପ ଅଜ୍ଞାନ ବାଳକ
ନିଜ ପରିଚୟ ଖୋଜୁଛି
ଜନମ ଦେଇଣ ଛାଡି ଯାଏ ମାଆ
ଧରମ କିପରି ସହିଛି ।
ଡହଳ ବିକଳ ହେଉଥାଏ ପ୍ରାଣ
ମାଆର ମମତା ପାଉନି
ଅନ୍ୟଦ୍ୱାରା ସିଏ ନାଳନ ପାଳନ
ଅସହାୟ ଦିନ ସରୁନି ।
କି ଦୋଷ କରିଛି ଭାଗ୍ୟକୁ ଆଦରି
ଅନ୍ୟପାଖେ ଦିନ ଯାଉଛି
ଅସହ୍ୟ ଯନ୍ତ୍ରଣା ବୁକୁରେ ଚାପିଣ
ଲୋହ ନିଗାଡି ଚାଲିଛି ।
ପେଟର ବିକଳ ସହି ନ ପାରିଣ
ରାସ୍ତା ପାଖେ କିଏ କାନ୍ଦୁଛି
ଭୋକ ଉପାସରେ ଦିନ ଯାଏ ଚାଲି
ଅସହାୟ ବୋଲି କହୁଛି ।
କେତେ ପୁଅ ଝିଅ ବାର୍ଦ୍ଧକ୍ୟ ସମୟେ
ବାପା ମା'ଙ୍କୁ ନ ପଚାରନ୍ତି
ଜରାଶ୍ରମ ତାଙ୍କ ଏହି ସମୟରେ
ଶେଷ ଠିକଣା ଭାବୁଥାନ୍ତି ।
ରାସ୍ତା ଘାଟେ ଆଜି କେତେ ଦୁର୍ଘଟଣା
ଉଜୁଡେ ସୁନାର ସଂସାର
ଅସହାୟେ ପଡ଼ି ଚିତ୍କାର କରନ୍ତି
ସାହାଯ୍ୟ ପାଇଁକି କାହାର ।
ମାଂସ ଲୋଭି ନର ରାକ୍ଷସ ଏଠାରେ
ଘଟାଏ ବିଭତ୍ସ ଘଟଣା
ଅସହାୟେ ପଡ଼ି ନାରୀଟିଏ ଏଠି
ହେଉଥାଏ ସେ ବାଟ ବାଣା ।
କଳଙ୍କ କାଳିମା ମୁଣ୍ଡରେ ବଳିଛି
କିଏ କେତେ କଥା କହନ୍ତି
ଅସହାୟ ନିରୁପାୟ ଥିଲା ବୋଲି
କେହିବି ଥରେ ନ ଭାବନ୍ତି ।।

ଭୋଗରାଇ, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ଭାସ୍କର ରାଉତ

ଅସହାୟ ହୋଇ ଚିତ୍କାର କରଇ
ଦେଖ ସେ ଧରଣୀ ରାଣୀ
କରୁଣ ଚିତ୍କାର କରେ ବାରମ୍ବାର
ନ ପାରନ୍ତି କେହି ଶୁଣି ।
ପ୍ରାଣ ଆକଣ୍ଠ ହେଲାଣି,
ତଥାପି ମାନବ ସାଜିଣ ଦାନବ
ବୀରତ୍ୱ ଦେଖାଏ ପୁଣି ।।
କେବେ ଅପହୃତା କେବେ ସେ ଧର୍ଷିତା
ତା ସାଥେ ଲାଞ୍ଛିତା ହୋଇ
କେମିତି ବଞ୍ଚିବ ସୁରକ୍ଷା କେ ଦେବ
ଚିନ୍ତା ତା'ର ବଢ଼ିଯାଇ ।
ମନେ ବିଚାର କରଇ,
ଦ୍ରୌପଦୀ ସାଜିବି ସଖାକୁ ଡାକିବି
କଉରବ କୁଳ ପାଇଁ ।।
ମୁହିଁ ସେ ପାଞ୍ଚାଳୀ କରୁଅଛି ଅଳି
ଆସ ହେ ସଖା ମୋହର
ଦେଖ କୁରୁକୁଳ ଭିଡ଼ନ୍ତି ଅଞ୍ଚଳ
ମୋ ଲଜ୍ୟା ଏବେ ନିବାର ।

ଲଗାଇ ମହାସମର,
କଉରବ କୁଳ କରିଣ ନିର୍ମୂଳ
ବେଣୀକୁ ବାନ୍ଧ ମୋହର ।।
ମୁହିଁ ଯାଜ୍ଞସେନୀ ପ୍ରଜ୍ୱଳିତ ବହ୍ନି
ମଧ୍ୟରୁ ପ୍ରକଟ ହୋଇ
ଏ ଜ୍ୱାଳାକୁ ମୁହିଁ ନ ପାରୁଛି ସହି
ତେଣୁ ଚିତ୍କାର କରଇ ।
ଆସହେ କଳା କହ୍ନାଇ,
ଚକ୍ର ସୁଦର୍ଶନ ପ୍ରୟୋଗ କରିଣ
ରକ୍ଷାକର ଏବେ ତୁହି ।।

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

କଳ୍ପନା ବିନ୍ଧାଣୀ

କର୍ଣ୍ଣଦ୍ୱୟ ତୁମ ଶୁଣିଛିକି କେବେ
ଅସହାୟର ଚିତ୍କାର
ସାହାଯ୍ୟ ସକାଶେ ବିଳପୁ ଥିବାର
ତା'ର ସେ କରୁଣ ସ୍ୱର ।
ସହାନୁଭୂତିର ମଲମ ଲଗେଇ
କଲେ କ୍ଷତ ଉପଚାର
ଦୁଃଖ ଯନ୍ତ୍ରଣାର ଜୀବନ ବ୍ୟଥାକୁ
ମିଳେ ଉପଶମର ଆଧାର ।
ଦିବ୍‌ଯାଙ୍ଗଙ୍କ ପାଇଁ ସାଜିଛକି କେବେ
ଆଶାର ଲଉଡ଼ି ହୋଇ
ନିଃସ୍ୱଙ୍ଗ ପ୍ରାଣେ ସଦା ପୂର୍ଣ୍ଣ କରିଦିଅ
ବିପୁଳ ଭରସା ଦେଇ ।
ଅସହାୟେ ତୁମେ ସହାୟ ହୋଇଲେ
କୃପା କରିବେ ଈଶ୍ୱର
ମାନବର ସେବା ମାଧବର ସେବା
ସତ୍ୟ ବାଣୀ ଅଟେ ସାର ।

ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ନରେନ୍ଦ୍ର କୁମାର ଦାସ



ମଣିଷ ସଂସାରେ ରହେ ସାଙ୍ଗସାଥୀ,
ଆତ୍ମୀୟ, ସ୍ୱଜନ, ନେଇ,
ସୁଖେ, ଦୁଃଖେ, ମିଳିମିଶି, ସମଭାବେ
ଚଳଇ ସେ ଆପଣାଇ ।
ଅଳିକ ଜୀବନେ ସମସ୍ୟା, ସଙ୍କଟ,
ସଦା କବଳ କରଇ,
ଆପଦେ, ବିପଦେ, ଅସହାୟ ହୋଇ,
ଆର୍ତ୍ତ ଚିତ୍କାର କରଇ ।
ଦୃଢ଼ ମନ ନେଇ, କର୍ତ୍ତବ୍ୟ କରଇ
କେବେ ହେଳା କରେ ନାହିଁ,
ତଥାପି ଅବୁଝା ମନଟି ତାହାର
ଦୁଃଖେ ,ବିଳାପ କରଇ ।
ମନରେ ସାହାସ, ଧୈର୍ଯ୍ୟ, ସହିଷ୍ଣୁତା,
ଉତ୍ସାହ, ପ୍ରେରଣା ନେଇ,
ଜୀବନ ମରୁରେ ବାଲିଝଡ଼ ସହେ,
ମରୀଚିକା ପଛେ ଧାଇଁ ।
ସଂସାର ସାଗରେ, ଜୀବନ ନଉକା
ଭାସେ, ଢେଉ, ଝଡ଼ ସହି,
କେତେ ବେଳେ କାଳ ବଇଶାଖୀ ଆସେ
ଉଗ୍ର ତାଣ୍ଡବରୂପ ହୋଇ ।
ଅନାଥର ନାଥ, ପ୍ରଭୁ ଜଗନ୍ନାଥ,
କରୁଣା, ଆହୁଲା ନେଇ,
ବତାସୀ ଝଡ଼ରୁ ପାରି କରିଥାନ୍ତି
ଅସହାୟ ସାହା ହୋଇ ।
ଜୀବନ ଆମର ସମସ୍ୟା ଆମର,
ପଛଘୁଞ୍ଚା ଦେବା ନାହିଁ ,
ସ୍ୱାଭିମାନ ନେଇ, ଦୃଢ଼ ମନୋବଳେ,
ବଞ୍ଚିବା, ନିର୍ଭୀକ ହୋଇ ।
ସେ ଆମର ପିତା, ମାତା, ବନ୍ଧୁ,ସଖା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରିୟ ,ପରିଜନ ସେହି,
ଆଉ କାହା ପାଶେ ପତାଇବାହାତ,
ଏକା ସାହା, ଭାବଗ୍ରାହୀ ।
ଆମେ ଅସହାୟ, କେବେ ନିଃସ୍ୱ, ନୁହେଁ,
ପ୍ରଭୁ ସଦା ପାଶେ ରହି,
ଜୀବନ ରଥର ସାରଥି ହୋଇସେ
ରଥକୁ ଛନ୍ତି ଚଳାଇ ।
ସମସ୍ୟା, ଡାକିବା ଦୁଃଖରେ ହସିବା,
ସଙ୍କଟେ, ନିର୍ଭୀକ ହୋଇ,
ଅସହାୟ ହୋଇ, ଚିତ୍କାର କରିଲେ
ପ୍ରଭୁ ଯିବେ ଦୂର ହୋଇ ।
ବିପଦରେ ସ୍ଥିର, ରହି ପ୍ରତିକାର
ବ୍ୟବସ୍ଥା କରିବା ପାଇଁ,
ସତ ପଥେ ରହି ସତ କର୍ମକଲେ
ସାହା ହେବେ ଭାବଗ୍ରାହୀ ।

ଅବସର ପ୍ରାପ୍ତ ଶିକ୍ଷକ
ଦଶରଥପୁର, ଜିଲ୍ଲା-ଯାଜପୁର
ମୋ-୭୭୩୫୬୦୭୨୮୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ରୀତାରାଣୀ ଦାଶ

ନିର୍ଜନ ଅନ୍ଧକାର ମୟ ରାତ୍ରିରେ ନିଜକୁ
ହଜି ଯାଇଥିବାର ଚିତ୍ର ଦେଖିଥାଏ ମୁଁ
ଏକ ଛୋଟ ଆତ୍ମା ଯାହାର ହୃଦୟ ଥଣ୍ଡା
ଦୁନିଆର ବୋଝ, ଅସହାୟ, ନୟନରୁ ବୁହାଏ ଲୁହ ।

ଦୁର୍ବଳ ସ୍ୱରରେ ଉଚ୍ଚ ସ୍ୱରରେ କାନ୍ଦେ" ମୁଁ "
ହେଲେ ଖୋଜେନି ସେହି ନୀରବତାର ପ୍ରତିଧ୍ୱନି,
ଏକ ଶ୍ରବଣ ଯୋଗ୍ୟ କର୍ଣ୍ଣ, ଅଶ୍ୱସ୍ତିକର ହସ୍ତ
କିଛି ନ ଥାଇ ବି ରହିବାକୁ ହୁଏ, ଶୂନ୍ୟ ଭୂମିରେ ।

କ୍ରୋଧ ଓ ଗର୍ଜନ କରନ୍ତି, ଆସୁଥିବା ଝଡ
ଗିଳି ଦେବାର ଧମକରେ ନିଶ୍ଚିହ୍ନ କରିଦିଅନ୍ତି,
ଦୃଢ଼ପ୍ରତିଜ୍ଞ ହୋଇ ଧରି ରଖିବାର ପ୍ରୟାସ
ଭୁଶୁଡି ପଡୁଚି ସାଗର କୂଳର ବାଲୁକା ସ୍ତୁପ ପରି ।

ଆକୁଳ ନିବେଦନ, ସହୃଦୟ ପ୍ରାର୍ଥନା
ଅସହାୟତାର ଚିତ୍କାର ସବୁ ସମ୍ଭବ ହୁଏ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶାଳ ସାଗର ବକ୍ଷରେ ଏକ କ୍ଷୁଦ୍ର ତରଙ୍ଗ ଭଳି,
ଆଶା ଆକାଂକ୍ଷା ହରାଇ ହଜି ଯାଇଥାଏ ।

ଘନ ଅନ୍ଧକାର ଭିତରେ ଏକ ଆକର୍ଷଣ
ଜ୍ୱଳନ୍ତ ଶିଖା ପରି, ହାର ମାନୁ ନଥିବା ଆଲୋକ,
ଗୋଟିଏ ଉଜ୍ଜ୍ୱଳ ଦିବସର ଆଶା ସୁ ସୁପ୍ତ କରେ,
ଝଡର ଅତିକ୍ରମ ହୋଇଯିବ ଅବିଳମ୍ବେ,
ଆଉ ସେ ଉଷ୍ଣତାରେ ଅସହାୟ ଚିତ୍କାର ସହ ଉପରକୁ ଉଠେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ନଳିନୀ ପ୍ରଭା ମିଶ୍ର

ଅସହାୟ ଟିଏ କରୁଛି ଚିତ୍କାର
ଶୀର୍ଣ୍ଣ କୁଟୀରେ ତା'ର
ଶୂନ୍ୟ ମିଳାଇ ଯାଉଅଛି କାହିଁ
କର୍ଣ୍ଣେ ପଶେ ନାହିଁ କା'ର ।
ସମୟ ଛାତିରେ କେତେ ପ୍ରତିଶ୍ରୁତି
ଯାଇଛି ଅତୀତ ହୋଇ
ପ୍ରତୀକ୍ଷାରେ ରତ ରହିଛି କେବଳ
ଅସହାୟ ଟିଏ ହୋଇ ।
ରୁଦ୍ଧ ଯୋଜନା ନୋହୁଛି ସିଦ୍ଧ
କେବଳ ହିଁ ପ୍ରତିଶ୍ରୁତି
ପାଣିର ଦେହରେ ଗାର ସମ
ହୋଇ ସମୟ ଯାଇଛି ବିତି ।

କେତେ ଆଶା ଥିଲାପାଇବ ସାହାଯ୍ୟ
ତୋଳିବ ସୁନ୍ଦର ଘର
ନଡ଼ା ଛପରର ପାଣି କାହୁଅରେ
ହେବ ନାହିଁ ହରବର ।
ପୁଅ ଚାଲିଗଲା ସ୍ତ୍ରୀ ଚାଲିଗଲା
ଅସହାୟ କରି ତାକୁ
କାହାକୁ କହିବ ସବୁ କର୍ମ ଫଳ
ଭାଗ୍ୟେ ଅଛି ଭୋଗିବାକୁ ।
ରୋଗୀଣା ଦେହକୁ ବାର୍ଦ୍ଧକ୍ୟ ଅବସ୍ଥା
ଦାରିଦ୍ର୍ୟର କଷାଘାତ
ସ୍ୱାର୍ଥ ଦୁନିଆରେ କିଏ ବା କାହାର
ଅସହାୟ ପଦାଘାତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆତ୍ମୀୟତା ଆଜି ହୁଏ ସଙ୍କୁଚିତ
ଦୂର ସହୋଦର ସଖା
ହରାଇ ନିଜସ୍ୱ ଦୁଃଖର ପ୍ରକାଶ
ସାହାଯ୍ୟ କରୁଛି ଭିକ୍ଷା ।
ଦିନେ ଥିଲା ସିଏ ଥିଲା ମଣିଷଟେ
କାହାରି ନଜର ନାହିଁ
ଆଜି ସେ ଅଲୋଡ଼ା ପଡ଼ି ରହିଅଛି
ନିର୍ଜୀବ ଟେ ଅବା ! ହୋଇ ।
କିଏ ଶୁଣୁଅଛି ଚିତ୍କାର ତାହାର
ଏ ମଣିଷ ସ୍ୱାର୍ଥବାଦୀ
ସମୟ ଅଭାବ ସବୁରି ପାଖରେ
ମାନବିକତାଟି ବନ୍ଦୀ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ- ୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ସୁଶାନ୍ତ କୁମାର ସାହୁ



ଏମିତି ଏକ ଆସେ ସମୟ
ଦୁର୍ଦ୍ଦମନୀୟ ହୁଏ ଅସହାୟ
ଦୁଃର୍ଜୟ କେବେ ମାଗେ ସହାୟ
ସମୟ ବଳବାନ ସଂସାରେ
ଆଉସବୁ ରହେ ତା ଅଧୀନରେ
ଯୁଗେ ବିତିଯାଏ ଛାଡେ ପ୍ରମାଣ
ଅସହାୟ ମଣିଷ ର କ୍ରନ୍ଦନ
ଜାନୁଭଙ୍ଗ ହେଲା ଦୁର୍ଯ୍ୟୋଧନ
ଆକୁଳ ଅଧୀର ସ୍ୱରେ ଭୀଷଣ
ହୁଙ୍କାର ଛାଡି ହେଲା ଆର୍ତ୍ତ ନାଦ
ଏଇତ ସମୟ ନୀରବ ଶବଦ
ଯୁଦ୍ଧକ୍ଷେତ୍ରେ ଅଭିମନ୍ୟୁ ଚିତ୍କାର
ହୋଇଲା ଗଗନ ପବନ ବିସ୍ତାର
ହୋଇ ପାରିଲେନି ତାହାର ସାହା
ବୀର ଯୋଦ୍ଧା ଥାଇ ନ କଲେ ଆହା
ସମୟ ଢେଉରେ ଭାସେ ଜୀବନ ତରୀ
ଝଡବାତ୍ୟା ହେଲେ ବିପଦ ଭରି

ଭରିବ ଚିତ୍କାର ଅସହାୟ ର
ଦୁର୍ବାର ଭୟେ ପ୍ରାଣ ଅଧୀର
କେ ଅଛି ତାହାର ହେଙ୍ଗାକୁ ସାହା
କାଳ ଛଞ୍ଚାଣ ମେଲାଇ ବାହା
ଜୀବନ ହୋଇବ ନିମିଷକର
ମରଣ ବିପଦେ ସବୁ ନାଚାର
ଏମିତି କ୍ଷଣ ଆସେ ଜୀବନେ
ଶକତି ଜ୍ଞାନ ଜନ ଗହନେ
ନିଷ୍ଫଳ ସବୁ ହୁଏ ନିମିଷେ
ଅନ୍ତରାଳେ ଥାଇ ସମୟ ହସେ
ଦରିଦ୍ର ସହାୟ ହୀନ ପରାଣ
ସମାଜେ ନୁହଇ ତାର ରକ୍ଷଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିପଦ ଆଗରେ ସଭିଙ୍କ ପ୍ରାଣ
ସହାୟବିହୀନ ତାଙ୍କ ଜୀବନ
ଆର୍ତ୍ତନାଦ ମିଶିଯାଏ ଗଗନ
ପୃଥିବୀ ବିଜୟୀ ନେପୋଲିଅନ
ଆଲେକଜାଣ୍ଡର ପରି ମହାନ-
ବୀର ଅନ୍ତିମେ ରିକ୍ତ ପରାଣ
ଆର୍ତ୍ତକରୁଣ ମର୍ମ ବେଦନା
ଶୂନ୍ୟେ ଚାଲିଗଲା ନାହିଁ କରୁଣା
ସହାୟହୀନ ଦୁର୍ବିନୀତ ବିନତି
ତିମିରାଚ୍ଛନ୍ନେ ଅସ୍ପଷ୍ଟ ଅତି
ନିରିଜନେ ଆକୁଳର ଚିତ୍କାର
ଫେରି ଆସେ ଧକ୍କା ଖାଇ ସତ୍ୱର
କୋଳାହଳେ ଭିଡ଼େ ଅଧୀର ସ୍ୱର
ଦୂରେ ଦୂରେ ଲିଭିଯାଏ ଚିତ୍କାର

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ମାହେଶ୍ୱରୀ ଦାଶ

ଜୀବନ ଯେଉଁଠି ଭୋଗେ କାରାବାସ
ନୈତିକ ବସନ ପିନ୍ଧି
ପ୍ରତିଟି ନିଃଶ୍ୱାସ ହୁଏ ପଣବନ୍ଦୀ
ଅବିଚାର ଦିଏ ବାନ୍ଧି
ଅସହାୟତାର ଲୁହ
କଳି କଳୁଷର କୁହୁଡି ପହଁରେ
ସାଧୁତା ଲୁଚାଏ ମୁହଁ ।

ସପନଟା ଯେବେ ଶ୍ୱାସରୁଦ୍ଧ ହୋଇ
ବିକଳେ କରେ ଚିତ୍କାର
ଦୁର୍ନୀତି ପଖଳା ବାସ୍ତବତା ଖଳା
ଦୁର୍ଭାଗ୍ୟେ କରେ ସତ୍କାର
ଅସହାୟତାର ସ୍ୱର
ଆକୁଳ କଣ୍ଠରେ ମଥା ପିଟୁଥାଏ
ବ୍ୟଥା ଦେଖି ଦୁର୍ଗତର ।

ବଧିର ବ୍ୟବସ୍ଥା ବିଧିର ଅନାସ୍ଥା
ସୁଯୋଗ୍ୟର ଗଳା ଚିପି
ସଫଳତା ଭରା ନିୟତିର ଦ୍ୱାରେ
ଦୁର୍ଯୋଗକୁ ଦିଏ ଲିପି
ଅସହାୟତାର ସ୍ୱେଦ
ଅନ୍ତର ଦାହକୁ ଆଙ୍ଗୁଳାରେ ଧରି
ପିଇଯାଏ ଶତ ଖେଦ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିଚିତ ମୁହଁ ଫେରାଏ ଚାହାଁଣି
ବିଶ୍ୱାସର ଜାଳି ଜୁଇ
ଆଶା ବାଲିଘର ନିରାଶା ଢେଉରେ
ଅବିଳମ୍ବେ ପଡେ ଶୋଇ
ଅସହାୟତାର ଆଖି
ଅବସାଦ ମେଳେ କରେ ହାହାକାର
କାଳ ରହିଥାଏ ସାକ୍ଷୀ ।

ପ୍ରତାରଣାସବୁ ଛଳନାର ବାସେ
ଜାଳିଦିଏ ଦେହମନ
ଭରସା ଆକାଶ ଭସାବାଦଲଟା
ଲିଭାଏ ତା ଚିହ୍ନବର୍ଣ୍ଣ
ଅସହାୟର ଚିତ୍କାର
ଅସହିଷ୍ଣୁତାର ଆୟୁଧରେ ନିତି
ହେଉଥାଏ ବଳାତ୍କାର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ଏଲିଜା ଜେନା

ହେ ପ୍ରଭୁ !
ତୁମେ ଅଛ ସବୁଠି
ହସରେ,ଲୁହରେ,ସୁଖରେ,
ଦୁଃଖରେ, ସଂସାର ଓ ବିଶ୍ୱ
ବ୍ରହ୍ମାଣ୍ଡର ପ୍ରତ୍ୟେକ ଅଣୁରେ ।
ତୁମେ ତ ଏକ ଅଦ୍ଭୁତ ଶକ୍ତି
ଏମିତି ବି ଆଖି ନାହିଁ,ତୁମ ରୂପ
ଦେଖିବାକୁ ।
କାନେ ମୋର ଶକ୍ତି ନାହିଁ ତୁମ କଥା
ଶୁଣିବାକୁ ।
ପାଟିରେ ମୋ ଭାଷା ନାହିଁ,ତୁମ
କଥା ବର୍ଣ୍ଣିବାକୁ ।
ତଥାପି, ତଥାପି ଦେଇଛ ପ୍ରଭୁ !

ଏ ହୃଦୟ ନିଭୃତ କୋଣରେ
ବିବେକ ଟିକିଏ ଯାହା ପ୍ରତ୍ୟେକ
ନୀରବ ମୂହୁର୍ତ୍ତ ରେ ଠିଆ ହୁଏ,
ଭୁଲ୍ ଠିକ୍ ହିସାବ କରେ ।
କେତେ ବେଳେ ନିଜ ପାଇଁ ତ-
କେତେବେଳେ ଆଉ କାହା ପାଇଁ
ଧନ୍ୟ ହୁଏ ନିସ୍ତବ୍ଧ ଧରଣୀରେ,
ଦେଖାଇ ମୁଁ ମଣିଷ ପଣିଆ ପାଇଁ ।
ଆଶ୍ରାକରି ନିଜର ସେହି ବିବେକ
ଟିକକ ପାଇଁ, ଯଦି ଏହା ସତ୍ୟ
ପ୍ରଭୁ ଏ ମଣିଷ କାହିଁକି
ବିବେକ ହରାଉଛି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାରୀ ର ବିକଳ ନିବେଦନ ରେ
କଅଁଳ ଶିଶୁ ର ଅସହାୟ ଚିତ୍କାର
ରେ ଏ ପ୍ରକୃତି କମ୍ପୁଛି ।
ବଳାତ୍କାର, ଦଙ୍ଗା, ହଂଗାମା,
ଜାଲିଆତିରେ କାହିଁକି ଏ ଆକାଶ
ଛିଡି ପଡୁଛି ?
ହେ' ଈଶ୍ୱର, ଏ ଜନ୍ମ କାହିଁକି ?
ଜଡ,ସ୍ଥାବର କରିଦିଅ ତୁମର ଏ
ସୁନ୍ଦର ପୃଥିବୀକୁ । କିଞ୍ଚିତେ ଆଖି
ପୁରାଇ ଥରେ ଟିକେ ଦେଖ ପ୍ରଭୁ !
ସେଇ ଯିଶୁ, ଆଲ୍ଲା, ଜଗା, ରାମ୍
ଙ୍କ ଓଠ କୋଣରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ସନ୍ତୋଷ କୁମାର ସାହୁ

ଅସହାୟ ହୋଇ କରିଲେ ଚିତ୍କାର
ଚତୁର୍ଦ୍ଦିଗେ ଶୁଭେ ଏହା
କିନ୍ତୁ କେବେ କେହି ସାହାଯ୍ୟ ନକଲେ
ନ ଦିଶେ ବଞ୍ଚିବା ରାହା...
ଘନ ଅନ୍ଧକାର ପରି ମନେହେବ
ବିଶ୍ୱାସ ବି ଯିବ ତୁଟି
ନୈରାଶ୍ୟ ଜୀବନେ ଭରସାର ଆଶା
କ୍ଷଣିକେ ହୋଇବ ମାଟି...
ପରିଣତି ବେଳେ ପାଖରେ ସନ୍ତାନ
ନଥିଲେ ସାହାଯ୍ୟ ପାଇଁ
ଜନମ କରିକି କି ଲାଭ ହୋଇବ
ଗଲେ ବିଦେଶକୁ ଡେଇଁ...
ଅସହାୟ କାନ୍ଦ ଭାଙ୍ଗି ଦେଇଥାଏ
ମଣିଷର ମନ ବଳ
ଅଧିର ନ ହୋଇ ଧର୍ଯ୍ୟକୁ ଧରିଲେ
ସମୟ ଦେଖାଏ ଖେଳ...
ଅସହାୟ ଚିତ୍କାର ବ୍ୟାକୁଳତା ପୂର୍ଣ୍ଣ
ମନ କରେ ବିଚଳିତ
କେବେ ହଜିଯାଏ ଜ୍ଞାନ ବୁଦ୍ଧି ବଳ
ଭୁଲିଯାଏ ହିତାହିତ...
ମୃତ୍ୟୁର ଆଶଙ୍କା ବିପଦ ଭାବନା
ବାତ୍ୟା ପରି ଆସେ ମାଡ଼ି
ସମୟର ସ୍ରୋତେ ଖସିଯାଏ ହାତେ
ଜୀବନ ସାହାରା ବାଡ଼ି...
ରୁଦ୍ଧ ହୃଦୟରେ ଚାପି ହୋଇଯାଏ
ଅସହାୟର ଚିତ୍କାର
ଦୁଃଖର ବିଳାପେ ଅନୁଭବ ହୁଏ
ସତେକି ପ୍ରାଣ ବେକାର...

ଗାନ୍ଧୀନଗର, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ରମେଶ ଟାକ୍ରୀ

ଅସହାୟ ଟିର କରୁଣ ଚିତ୍କାର
ଅନେକ ସମୟ ଧରି
ପାଇଣ ଆଘାତ କ୍ରନ୍ଦନରେ ରତ
ଏକୁଟିଆ ମନେ କରି ।୦।

ଦୁର୍ଘଟଣା ଆସେ ଏ ମଣିଷ ପାଶେ
ଆଗରୁ ଜଣାଏ ନାହିଁ
ଆପଣାର ଲୋକ ନ ଆସିଲେ ପାଖ
ଅସହାୟତା ବଢ଼ଇ,

ବିପଦ ମୂହୁର୍ତ୍ତ କରେ ଭୟଭୀତ
ପାରେ ନାହିଁ ଧୈର୍ଯ୍ୟ ଧରି ।୧।

ସହାୟତା ପାଇଁ ପାରୁନାହିଁ କହି
ଚିତ୍କାର ଖାଲି କରଇ
ସଡ଼କ ଉପରେ ଦୁର୍ଘଟଣା ପରେ
ଦୁଃଖରେ ଭାଙ୍ଗି ପଡଇ,

ନାହିଁ ମନୋବଳ ହୋଇଛି ଦୁର୍ବଳ
ଆଉ ସମ୍ଭାଳି ନପାରି ।୨।

କିଛିକ୍ଷଣ ପରେ ପାଖରେ ପାଖରେ
ଆସିଗଲେ କେତେ ଲୋକ
ନଥିଲେ କେ'ଚିହ୍ନା ସଭିଏଁ ଅଚିହ୍ନା
ଶୁଣିଲେ ଦୁଃଖୀର ଡାକ ,

ଆମ୍ବୁଲାନ୍ସ ଡାକି ଚିକିତ୍ସା କେନ୍ଦ୍ରକୁ
ନେଲେ ବିଳମ୍ବ ନକରି ।୩।

ଏ ବି ଇ ଓ ତେନ୍ତୁଳିଖୁଣ୍ଟି
ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ବିଦ୍ୟୁତ ପ୍ରଭା ମିଶ୍ର

ଅସହାୟତାର ବିକଳ ଚିତ୍କାର
ଶୁଭେସମାଜରେ ଆଜି,
ହୃଦର ଯନ୍ତ୍ରଣା କେବେ ପ୍ରକାଶିତ
କେବେ ଲୁହେ ଯାଏ ଭିଜି ।
ଅସହାୟ ଆଜି ଅଭାବୀ ମଣିଷ
ରୋଗ କଷ୍ଟେ ଜୁଝୁଥାଏ,
ତେଲିଆ ମୁଣ୍ଡରେ ତେଲ ଢଳା ନୀତି
କିଏ ଖୋଜେ କିଏ ପାଏ ।
କିଏ ଖାଇବାକୁ ପାଏ ନାହିଁ ଗଣ୍ଡେ
ଭୋକରେ କାଟଇ ଦିନ,
ଦୁଃଖ ବୁଝିବାକୁ ନଥାନ୍ତି କେହିବି
ବିକଳ ତାର ଜୀବନ ।
ପିତୃମାତୃହୀନ ଅସହାୟ ଶିଶୁ
ଅନାଥ ଆଶ୍ରମେ ରହି,.
ବାଲୁତ ଜୀବନ କେତେ ଅସହାୟ
ଆହା ନାହିଁ ସାହା ନାହିଁ ।

ଅସହାୟ ଆଜି ବୃଦ୍ଧ ପିତାମାତା
ଜରାଶ୍ରମେ ଥାନ୍ତି ରହି,
ପିତାମାତା ଙ୍କର କଥା ବୁଝିବାକୁ
ପିଲାଙ୍କ ସମୟ ନାହିଁ ।

ସମାଜ ବ୍ୟବସ୍ଥା ଆଜି ଅବ୍ୟବସ୍ଥା
ନାହିଁ ସ୍ନେହ ଶ୍ରଦ୍ଧା ମନେ,
ଅସହାୟ ପ୍ରତି କରୁଣା ର ଭାବ
ନଦିଶେ କାହା ନୟନେ ॥

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ସଂଯୁକ୍ତା ସାହୁ

ମାତୃଭୂମି ଅସହ୍ୟ ଯନ୍ତ୍ରଣାରେ ଜର୍ଜରିତ
ହିଂସା, ଅରାଜକତାର ଲୁଚକାଳିରେ
ଜୀବନ ଦୌଡୁଛି ଅଣନିଶ୍ୱାସୀ ଭିତରେ
ଆଜି ଅସହାୟର ଚିତ୍କାର ପଶାକାଠି
ଚାରିପାରୁଶରେ ଅହିଂସାର ବହ୍ନି
ଅନ୍ୟାୟ ଅନୀତି, ଅରାଜକତା ଗ୍ରାସିଛି
ବିବେକ, ମାନବିକତା ଆଜି ନିଶ୍ଚିହ୍ନ
ସବୁ ସ୍ମୃତି ପାଦଚିହ୍ନ ଆଜି ଅବହେଳିତ
ତାକୁ ଯେଉଁମାନେ ଶୃଙ୍ଖଳ ବେଢ଼ିରୁ
ମୁକ୍ତ କରି ମୁକ୍ତିର ଆନନ୍ଦ ଦେଇଥିଲେ
ଆଉ ଅହିଂସାର ମାର୍ଗ ଦେଖାଇଥିଲେ
ସେ ସବୁ ଆଜି ବ୍ୟର୍ଥତାରେ ପରିପୂର୍ଣ୍ଣ
ମାଆ ଆଜି ଅବହେଳିତ, ଲାଂଛିତ
ସନ୍ତାନର ଔଦ୍ଧତରେ ଆଜି ସେ ରକ୍ତାକ୍ତ
ସମ୍ମାନ ପାଇବା ତ ଏବେ ପରାହତ
କୁହ ମାବନ, ମାତୃଭୂମି କଣ ସ୍ୱାଧୀନ !

ସିଏ ଆଜି ନୀରବ, ଏକଦମ୍ ନିର୍ବିକାର
ମାଆ କଣ ଅଭିଶାପ ଦେଇପାରେ
ଖାଲି ନିଜ ଲୁହକୁ ନିଜେ ପିଇପାରେ
ମୁହଁ ଲୁଚାଇ ସର୍ବସଂହା ପାଲଟିଯାଏ
ହେ ସନ୍ତାନଗଣ ଏବେଠୁ ନିଜକୁ ନିଜେ
ସୁଧାରି ନିଅ ମାଟି ମାଆକୁ ସମ୍ମାନ ଦିଅ
ରାମରାଜ୍ୟ ଗଢିବାକୁ ସ୍ୱପ୍ନ ଦେଖ
ବାସ୍ତବ ସ୍ୱାଧୀନତାର ମହତ୍ତ୍ୱକୁ ପରଖ
ଏହାହିଁ ହେବ ମାତୃଭୂମିର ଆଶୀର୍ବାଦ ।

ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟର ଚିତ୍କାର

ଦେବେନ୍ଦ୍ର ନାୟକ

ଅସହାୟ ହୋଇ ପଡି ରହିଥାଏ
ଯଦି କେହି ଏ ସଂସାରେ
ଆତ୍ମାଟି ତାହାର ଦହଗଞ୍ଜ ହୁଏ
ଶାନ୍ତି ନଥାଏ ମନରେ ।
ଆଶ୍ରା କରୁଥାଏ ଯାହାକୁ ସେ ଦେଖେ
ସାହାରା ପାଇବା ପାଇଁ
ଅନ୍ତରରୁ ତାର ବାହାରେ ଚିତ୍କାର
ସାହା ହୋଇବେ କି ସାଇଁ ।
ଖାଦ୍ୟପେୟ ତାର ଜହର ପରିକା
ଲାଗୁଥାଏ ଯେ ବିଷମ
ଯମ ଯନ୍ତ୍ରଣାର କରେ ଅନୁଭବ
ବୁଦ୍ଧି ହୋଇଯାଏ ବାମ ।
ବଞ୍ଚିବା ବଢ଼ିବା ସମାଜ ଆଗରେ
ହୋଇଥାଏ ଭାରି କଷ୍ଟ
ସତ୍ୟ ଧର୍ମ ନ୍ୟାୟ ପଥେ ଚାଲିଲେ ବି
ମାର୍ଗ ଟି ଥାଏ ଅସ୍ପଷ୍ଟ ।

ସାହା ନାହିଁ ଯାର ଅସହାୟ ବୋଲି
ନିଜକୁ ଭାବିଲେ ଥରେ
ଚିତ୍କାର ତାହାର ଈଶ୍ୱରଙ୍କୁ ଶୁଭେ
ପ୍ରତିକାର ମିଳିଗଲେ ।
ଅସହାୟ ବୃଦ୍ଧ ବୃଦ୍ଧା କେତେ ଆଜି
ଆହୁରି ଅନେକ ନାରୀ
ଯାହାକୁ ଭରସା କରନ୍ତି ସେମାନେ
ଯଦି ସାଜେ ସେ ବଇରୀ ।
କିଏ ହାରି ଦିଏ ପିତା ମାତା ପୁଣି
କିଏ ହାରେ ପୁତ୍ର କନ୍ୟା
ଅସହାୟର ଚିତ୍କାର ଅସହ୍ୟ ତ
ଆଣେ ଶୋକର ଭାବନା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଚରା ଶବ୍ଦଟି ଲାଗିଯାଏ ପୁଣି
ଦୟାଳୁ ଲୋକ ପାଟିରେ
ସାହାରା ଦେବାକୁ ଈଶ୍ୱର ଭରସା
ଯାହା ତ ଥାଏ ଭାଗ୍ୟରେ ।
କେତେ ଦୁର୍ଘଟଣା ଆସେ ଏ ଜୀବନେ
ହିସାବ ତାହାର ନାହିଁ
କର୍ମ ଫଳ ଭୋଗ ରହିଛି ଏଇଠି
ଈଶ୍ୱରୀୟ ବାଣୀ ଏହି ।
ଅସହାୟ ଯଦି ମନେ କର କେହି
କରନା କେବେ ଚିତ୍କାର
ଏକ ଈଶ୍ୱରଙ୍କୁ ସୁମରଣା କର
ଭବୁ କରିବେ ଉଦ୍ଧାର ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଣାର୍କର ଏ ପାଷାଣ

ସୁଶାନ୍ତ ଶେଖର ଦାଶ

କୋଣାର୍କର ଏ ପାଷାଣ—
ଶୁଷ୍କ କଠିନ ଭଙ୍ଗପ୍ରବଣ
ବାରଶହ ବଢ଼େଇ
ସହସ୍ର ତୀକ୍ଷ୍ଣ ନିହାଣ
ଷୋଳ ବରଷର ଯାତନା
ବିଖଣ୍ଡିତ ବ୍ୟଥା ବେଦନା
ମଥା ପାତି ସହି
ସବୁ ଏ ଶିଖାଇଲା.....
ସୌନ୍ଦର୍ଯ୍ୟର ପରିକଳ୍ପନା
ପ୍ରତିଛବି ଆଙ୍କିଗଲା
ପ୍ରେମ ଓ କଳାର ମିଳନ
ସୃଷ୍ଟିର ଅପୂର୍ବ ସ୍ପନ୍ଦନ !
ନିର୍ବାକ ନିଶ୍ଚଳ ନିଷ୍ପନ୍ଦ
କୋଣାର୍କ ଏ ପାଷାଣ --

ହାତୁଡିର ନିର୍ଘାତ ଆଘାତ
ଖୁନ୍ଦି ଦେଇଗଲା
ନିର୍ଜଳ ପ୍ରସ୍ତର ଦେହରେ
ନିର୍ବାସିତ କାରିଗରଙ୍କ
ଦମିତ କାମୋଦ୍ଦୀପନ !
ଲୁକ୍କାୟିତ ଅଧୂରା ଆସକ୍ତି
ଅସହ୍ୟ ପ୍ରେୟସୀ ବିରହ
ଜଳୁଥିବା ନିରବ ଆଗ୍ନେୟ
ପାଷାଣ କଠୋର ବକ୍ଷରେ
ଲେପି ହୋଇଗଲା
ଦେହର ଭାଷା—
ରତି ଆସକ୍ତିର ଉଦ୍ଦୀପନ
ସ୍ପର୍ଶର ଉତ୍କୃଷ୍ଟ କମ୍ପନ....
କୋଣାର୍କର ଏ ପାଷାଣ-

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଷାଣର ସ୍ପର୍ଶ ମାତ୍ରେ
ବାରି ହୋଇପଡେ —
କାରିଗରର ଉତ୍ତପ୍ତ ଶ୍ୱାସ,
ପ୍ରବାହିତ ଉଷ୍ଣ କ୍ଷତଜ
ଜୁଆର ଯଉବନ ତେଜ
ସମୟକୁ ଜିତିଥିବା ଏକ
ମାନବୀୟ ଶୃଙ୍ଗାର ସଜ୍ଜ.....
କଳା ରତିବନ୍ଧ ଅପୂର୍ବ ମିଳନ
ଉତ୍କଳ ଉତ୍କର୍ଷ କଳା ନିଦର୍ଶନ
କୋଣାର୍କର ଏ ପାଷାଣ-

@ ରୟାଲ ଲାଗୁନ
ଭୁବନେଶ୍ୱର ।
Sushant.dash1962@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭଲ ମଣିଷ

ନିରଞ୍ଜନ ସାହୁ

ଭଲ ମଣିଷଟେ ଖୋଜିଲେ ମିଳୁନି
ଏକଥା ମନକୁ ଆଣି
ଭଲ ମଣିଷଟେ ହେବାକୁ ଚାହୁଁଛି
ନିଜକୁ ମୁଁ ଜାଣି ଜାଣି ।

ମଣିଷ ଦେଖିଲେ ଡ଼ର ମାଡୁଅଛି
ବିଶ୍ୱାସ ଯାଉଛି ହଜି
ଦୁଇ ଗୋଡ଼ିଆଙ୍କୁ ଭରସା ପାଉନି
" ଭଲ ଭଲ " ଭଜି ଭଜି
ଧୀରେ ଧୀରେ ଆସ୍ଥା ତୁଟି ଯାଉଅଛି
ଭଲ ମୁଁ ପାଉନି ଛାଣି ।

ଯାହାକୁ ସାମାନ୍ୟ ଭରସା କରିଛି
ଭସେଇ ଦେଇଛି ସିଏ
ଯାହାକୁ ସହଜେ ବିଶ୍ୱାସ କରିଛି
ସିଏ ବିଷ ଭରିଦିଏ
ଯାହାକୁ କରିଛି ଭାରି ଆପଣାର
ସିଏ ପିଆଇଛି ପାଣି ।

ଅବିଶ୍ୱାସମୟ ଏହି ଦୁନିଆରେ
କିଏ ବା ବିଶ୍ୱାସୀ ହେବ
କିଏ ବା କହିବ ମଣିଷ ପରି ମୁଁ
ମୋତେ ପ୍ରତିଶ୍ରୁତି ଦେବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିଶ୍ରୁତି ଯଦି ପ୍ରତାରଣା ହେଲା
ମିଛ ହୋଇବ ତା ବାଣୀ ।

ତା ଅପେକ୍ଷା ମୁହିଁ ନିଜକୁ ବୁଝାଏ
ମୁଁ ହୋଇବି ପୁରା ଭଲ
ମଣିଷ ପରିକା ମଣିଷ ହୋଇବି
ହୁଏ ପଛେ କଲବଲ
ଦୁନିଆକୁ ମୁହିଁ ନିଶ୍ଚେ ଦେଖାଇବି
ଭଲ ମଣିଷର ଠାଣି ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚରିତ୍ର ଧନ ବଢ଼ାଏ ମାନ

ସୌଭାଗ୍ୟ ଦାଶ

ଚରିତ୍ରବତ୍ତା ଯେ, ଅମୂଲ୍ୟ ସଂପଦ
ଦିବ୍ୟଜ୍ଞାନ ସତ୍ତା ଭରା
ଚରିତ୍ର ନଥିଲେ ସମସ୍ତ ଅସାର
ମାନବତ୍ୱ ନଷ୍ଟ ପରା ।
ସଂସ୍କୃତି, ସଭ୍ୟତା ସଂପନ୍ନ ମନୁଷ୍ୟ
ଅଧ୍ୟାତ୍ମିକ ଜ୍ଞାନଶକ୍ତି
ଶାଶ୍ୱତ ପ୍ରେମର ଅଧିକାରୀ ହୁଏ
ଚରିତ୍ର ଗଠନ ରୀତି ।
ମୋହ ମାୟା ଭରା ସୁଖ ସଂମ୍ଭୋଗର
କ୍ଷଣିକ ଉତ୍ତେଜନାରେ
ଚରିତ୍ରହୀନ ର ଆଖ୍ୟାରେ ଭୂଷିତ
ମାନବତା ଯାଏ ଦୂରେ ।

କଳଙ୍କିତ ଭରା ଚରିତ୍ରରେ ପରା
ମୃତ୍ୟୁ ସହିତ ସମାନ
ବଞ୍ଚିରହିଥିଲେ ଜୀବନବିହୀନ
ମନୁଷ୍ୟର ମୂଲ୍ୟାଙ୍କନ ।
ମନୁଷ୍ୟ ଦେହରେ ଦିବ୍ୟଜ୍ଞାନ ଭରି
ପ୍ରଭୁ ଦେଇଛନ୍ତି ଜନ୍ମ
ସୁଚରିତ୍ରବତ୍ତା ହୋଇ କାର୍ଯ୍ୟକର୍ତ୍ତା
ସଂସାରେ ଲଭ ସମ୍ମାନ ।
ଦୁଶ୍ଚରିତ୍ର ହୋଇ ଜୀବନ ବିତାଇ
ବିବେକ ବିହୀନ କାର୍ଯ୍ୟ
କରିଲେ ସଂସାରେ ଅଯଶ ଲଭିବ
ଅଟଇ ଏହା ନିଧାର୍ଯ୍ୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାକାଳ ଫଳ ବାହାର ସୁନ୍ଦର
ଭିତର କଳା ଅଙ୍ଗାର
ରୂପରେ ସୌନ୍ଦର୍ଯ୍ୟ ଗୁଣରେ କଦର୍ଯ୍ୟ
ସର୍ବସ୍ଥାନେ ଅନାଦର ।
ସୂର୍ଯ୍ୟ, ଚନ୍ଦ୍ର ସତ୍ୟ ତିଷ୍ଠିଛି ଜଗତ
ଜ୍ୟୋତିଷ୍ମାନ ର ଆଧାର
ସେହିପରି ହୋଇ ଧର୍ମପଥେ ଚାଲି
ନିର୍ମଳ ଚରିତ୍ର କର ।

ସୌଭାଗ୍ୟ ଦାଶ
କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀତ ଯାଏ ସରି ସରି

ତରୁଣ କୁମାର ମିଶ୍ର

ଶୀତ ଯାଏ ସରିସରି ଲୋ ସଜନୀ
ଶୀତ ଯାଏ ସରିସରି ,
କଲବଲ କେତେ କରୁଥିଲା କାଲି
ଆଜି ମନେପଡ଼େ ଭାରି ।
ସଜନୀଲୋ , କେହି ନୁହଁଇ କାହାରି ,
ସର୍ବେ ନିଜନିଜ ଗନ୍ତବ୍ୟ ପଥରେ
ଯା'ନ୍ତି ଅଭିନୟ ସାରି । (୧)

କି ଦିନ କି ରାତି ମାନିଲାନି କିଛି
ଥରାଇଲା ସେ ଜଗତ ,
ପିଲାଠାରୁବୁଢ଼ା ରୋଗୀଭୋଗୀ ସାଥେ
ପଶୁପକ୍ଷୀ ହନ୍ତସନ୍ତ ।
ସଜନୀଲୋ ,ପ୍ରକମ୍ପିତ ତନୁଗାତ୍ର ,
ଏବେ ତା' ବିଦାୟବେଳା ଜାଣି ଆସେ
ଧରାକୁ ମୃଦୁ ବସନ୍ତ । (୨)

ପତ୍ରଝଡ଼ା ବୃକ୍ଷ ନବପଲ୍ଲବରେ
ସଜାଇହେଲେଣି ରହି ,
ଆମ୍ବବଉଳର ଭୁରୁଭୁରୁ ବାସ୍ନା
ନିଅଇ ମନକୁ ମୋହି ।
ସଜନୀଲୋ ,ପିକ କୂଜନ ଶୁଭଇ ,
ବସନ୍ତର ମିତ ହଳଦୀବସନ୍ତ
ଚୂତଡାଳେ ଡାକେ ରହି । (୩)

ବଡ଼ ଦେଉଳରେ ଘୋଡ଼ଲାଗି ବେଶେ
ଦିଅଁ ବସୁଥିଲେ ପରା ,
ଶ୍ରୀପଞ୍ଚମୀ ବାସି ଶୀତ ଗଲାଖସି
ଜାମାଲାଗି ବେଶେ ତୋରା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଜନୀଲୋ, ଶୋଭାପା'ନ୍ତି ଚକାଡୋଳା ,
ଦୋଳଯାଏଁ ଏବେ ଭକତେ ଦେଖିବେ
ଦିଅଙ୍କୁ ଏ ବେଶେ ପରା । (୪)

ପଳାଶ ଶିମିଳି ଓଠେ ନାଲି ବୋଳି
ହସୁଛନ୍ତି କିରିକିରି ,
ତେଜି ବକ୍ରଗତି ଦିନକର ଗତି
ଉତ୍ତରାୟଣ ଆଦରି ।
ସଜନୀଲୋ, କମଳ ଖେଳଇ ଦୋଳି ,
ଆଗକୁ ବୁଲିବେ ରାଧାରାଣୀ ସଙ୍ଗେ
ଅବିରରେ ବନମାଳୀ । (୫)

ପତ୍ର ପୁଷ୍ପ ଧରି ସଜେଇ ହେଲେଣି
ଲତା ସାଥକୁ ପାଦପ ,
କନ୍ଦର୍ପର ପୁଷ୍ପ ଶରେ ଆକର୍ଷିତ
ଜୀବଜନ୍ତୁ ଓ ମଧୁପ ।
ସଜନୀଲୋ, ମଧୁମୟ ଏ ବସନ୍ତ ,
ଶୀତକୁ ହଟାଇ ତା ରୂପଲାବଣ୍ୟେ
କରୁଅଛି ବିମୋହିତ । (୬)

ଖଣ୍ଡଗିରି ,ଭୁବନେଶ୍ୱର
ମୋ : ୯୮୫୩୩୧୦୨୯୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୂନ୍ୟରେ ଭାସୁଛି ଜୀବନ ତରୀ

କୃଷ୍ଣଚନ୍ଦ୍ର ମହାପାତ୍ର

ସଂସାର ସାଗରେ ବସିଛି ନାବରେ
ପାଉନାହିଁ ଥଳକୂଳ
ମାୟା ମୋହେ ପଡ଼ି ଛାଡୁଅଛି ରଡି
ରକ୍ଷା କର ଆଦି ମୂଳ ।
ଅସାର ସଂସାର ନାବ ଟଳମଳ
ଜୀବନ ଢେଉ ପିଟୁଛି
କେତେବେଳେ ତାହା ବୁଡିଯିବ ଯାହା
ସେହି ଚିନ୍ତା ଯେ ଘାରୁଛି ।
ନାବିକ ନାବର ପ୍ରଭୁ ଚକ୍ରଧର
ନାବକୁ ମୋର ବାହାନ୍ତି
ପାପ ପୁଣ୍ୟ କଥା ମୋହର ଅଜ୍ଞତା
ନାବିକ ଦିଶୁ ନାହାନ୍ତି ।

ଶୂନ୍ୟରେ ଭାସୁଛି ନାବ ଦୋହଲୁଛି
ନାବ ମୋର ସ୍ଥିର କର
କୂଳେ ଲଗାଇବ ପାରି କରିଦେବ
ସାହା ନାବିକ ପ୍ରବର ।
ସ୍ୱୟଂ ନାରାୟଣ ନାବିକ ସାଜିଣ
ଦୋଷାଦୋଷ କ୍ଷମା କର
ଦୀନ ଅକିଞ୍ଚନ ପଶିଛି ଶରଣ
ପାରିକର ଦାମୋଦର ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହସ ଆକାଶରେ କାନ୍ଦ ବିଜୁଳୀ

ଡଃ ତାନଶ୍ରୀ ପାଣିଗ୍ରାହୀ

ନୀଳ ଆକାଶଟା ହସୁଥାଏ ସଦା
କାନ୍ଦଇ ଯେବେ ବିଜୁଳି
ହସ ଆଲୁଅରେ ଅନ୍ଧାର ଘୋଟେ
ମନ ତାର ଯାଏ ଜଳି...

ଆକାଶ କହଇ ହେ ବାନ୍ଧବୀ ଆଗୋ
ତୁମ ଦୁଃଖ ମୋର ଦୁଃଖ
ତୁମ ଆଖିରେ ମୁଁ ଦେଖିବିନି ଲୁହ
ଛାଡିଦିଜିନି ତୁମ ପାଖ...

ଜୀବନ ନୁହଁଇ ଗୋଲାପର ଶେଯ
ଅଛି କେତେ ବାଧା ବିଘ୍ନ
ଧୈର୍ଯ୍ୟ ଧରିଲେ ସବୁ ଟଳିଯିବ
ସାକାର ହୋଇବ ସ୍ୱପ୍ନ...

ଚାଲିବାର ପଥ ଅଟେ କଣ୍ଟକିତ
ଜାଣି କାହିଁକି ହାରିଲ
ସମୟ ସାଥିରେ ଚାଲି ପାରିଲନି
କାହିଁକି ସାଥୀ କାନ୍ଦିଲ...

ମୋ ଛାତିରେ ଯେବେ ଅନୁଭବ ହୁଏ
ତୁମ ପ୍ରୀତି ଅନୁରାଗ
ଦୂର ଦିଗନ୍ତରୁ ଉଙ୍କି ମାରେ ଧୀରେ
ଆଶା ଭରସାର ମେଘ...

ତୁମ ସହ ମୋର ନିବିଡ଼ ବନ୍ଧନ
ସମ୍ପର୍କ ଯୁଗ ଯୁଗର
ମୋ ପରି ତୁମେ ହସିବା ହିଁ ଶିଖ
ମୋ ପରି ହୁଅ ଉଦାର ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଦ୍ୟା ଦଦାତି ବିନୟମ୍

ସୁନିତା ମହାନ୍ତି

ସୁମାର୍ଗ ଦେଖାଏ ସୁପଥେ ଚଲାଏ
ପିନ୍ଧାଏ ବିନୟ ମୁକୁଟ
ଦିଏ ମହାଶକ୍ତି ମନେ ଭରେ ଶାନ୍ତି
ବୁଦ୍ଧି ହୁଏ ଲୋକେ ପ୍ରକଟ ॥

ସଂସ୍କାରର ତାଜ ଗଢେ ଦୁନିଆଁରେ
ବିଦ୍ୟା ପରି ଧନ ପାଇ
କ୍ଷୟ ହୁଏ ନାହିଁ ଯେତେ ସେ ବାଣ୍ଟିଲେ
ଉତ୍ତମ ଚାରିତ୍ର ସେଇ ।

ବିଦ୍ୟା ଦିଏ ସଦା ସୁଫଳ ସୁଶିକ୍ଷା
ଆଚରଣେ ଉଚ୍ଚାରଣେ
ନମ୍ରତା ବିନୟ ବଚନରେ ଭରେ
ସଭିଙ୍କୁ ଆପଣା ମଣେ ।

ବିଦ୍ୟାଧନ ସଦା ଅକ୍ଷୟ ସମ୍ଭାର
ମିଳେ ବହୁ ତପସ୍ୟାରେ
ପାଏ ଯେଉଁ ନର ଧନ୍ୟ ତା ଜୀବନ
ଆସନ ବହୁ ଉଚ୍ଚରେ ।

ବିଦ୍ୟା ହିନ ନର ନାହିଁ ମାନ୍ୟ ତାର
ଥାଉ ଧନ ଧାନ୍ୟ ଯେତେ
ଜୀବନ ଜାତକ ନୁହେଁ ତାର ଖ୍ୟାତ
ପଶୁ ପରିଚୟ ସତେ ।

ଆଦରି ବିଦ୍ୟାକୁ ସେବି ଜଗତକୁ
ବାଣ୍ଟି ମଧୁର ବଚନ
ପ୍ରଶଂସା ସମ୍ମାନ ବିଦ୍ୟା ଉପାଖ୍ୟାନ
ଇତିହାସ ହେଉ ଧନ୍ୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ୟାଗ୍

ଶ୍ରୀକ୍ଷେତ୍ର ସୁନ୍ଦର

ମୁଁ ତ ଝୁଲୁଥାଏ, ବୁଲୁଥାଏ; ଖରା, ବର୍ଷା, ଶୀତ,
ଗରିବ-ଧନୀ, ପିଲା-ବୁଢ଼ା, ସଭିଙ୍କ କାନ୍ଧରେ ।
ମୋର କେତେ ରଙ୍ଗବେରଙ୍ଗ, ଆକାର ପ୍ରକାର ହୋଇପାରେ,
ମୁଁ ବି ଜାଣେନି ।
ମୁଁ ବ୍ରାଣ୍ଡ୍ ହେଲେ ଏସି (AC) ସୋ-ରୁମ୍‌ରେ,
ଆଉ ନନ୍-ବ୍ରାଣ୍ଡ୍ ହେଲେ ଫୁଟ୍‌ପାଥ୍‌ରେ ପଡ଼ିରହେ;
ଠିକ୍ ମଣିଷମାନଙ୍କ ପରି ।
ମୋର ଭାରି ଯତ୍ନ ନିଏ ଏ ମଣିଷ,
କେବେ ଯଦି ମୁଁ ହଜିଯାଏ, ମୋ ପେଟରେ ରହିଯାଏ-
ମଣିଷର କେତେ ଦାମୀ ଦରବ, ଗୁପ୍ତ ରହସ୍ୟ ।
ଲୁହ ଗଡ଼ାଇ ଥାନାକୁ ଯାଏ ସେ,
ପୁରସ୍କାର ବି ଘୋଷଣା ହୁଏ ମୋ ଫେରିବା ଲାଗି ।
କିନ୍ତୁ ପୁରୁଣା ହେଲେ,
ମୁଁ ବି ଅଳିଆ ଗଦାକୁ ଯାଏ;
ସମସ୍ତଙ୍କ ପରି ।

ଓଡିଶା ଆଦର୍ଶ ବିଦ୍ୟାଳୟ ଧନକଉଡ଼ା, ସମ୍ବଲପୁର
ମୋ ୯୦୯୦୨୭୭୮୦୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଫେରା ପ୍ରେମିକା

ରବି ବଗର୍ତ୍ତି

ମୋ ସହ ଚାଲିବାର ସଂକଳ୍ପ ନେଇ
ସ୍ୱପ୍ନର ପଥେ ପାଦ ରଖିଥିଲା ସେ,
ହେଲେ ସମୟର ନିର୍ମମ ମଝିରାସ୍ତାରେ
ମନ ବଦଳାଇ ଚାଲିଗଲା ନୀରବେ ।

କେହି କେହି ଛାଡ଼ି ଯାଆନ୍ତି ମାତ୍ର
ସେ ତ ଆଉ ଅଧିକ ନିଷ୍ଠୁର,
ମୋ ଭାଗ୍ୟର ଦିଗଚିହ୍ନକୁ ଭାଙ୍ଗି
ବିରହର ଅନ୍ଧାରେ ରାସ୍ତା ବଦଳାଇ ଦେଲା ।

ପଛେ ରହିଗଲି ମୁଁ ଏବଂ ମୋର ସେଇ ସ୍ୱପ୍ନ
ଅଧୂରା ପଦଚିହ୍ନ ଅକୁହା ମର୍ମ ଭେଦି ଯନ୍ତ୍ରଣା,
ଆଉ ଏକ ନାମହୀନ ରାତିରେ ଆପେକ୍ଷା
ତାର ସ୍ମୃତିରେ ଦୃଶ୍ୟମାନ ତାରା ଗଣି ମୁଁ କାଟୁଛି ଦିନ ।

କେବେ ସମୀର ଅନ୍ଧାରରେ ଆକ୍ରମଣ କରେ
ତ କେବେ ଜହ୍ନ ବି ମତେ ଦେଖି ଉପହାସ କରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୃଦୟର ଅନ୍ତର ଉପହାସ ଜ୍ୱାଳାରେ ପାଉଁଶ ହେଉଛି
ସେଇ ନିସ୍ତବ୍ଧ ଘନ ଅନ୍ଧାକାର ମଧ୍ୟରେ....।

ତାର ସେଇ ଅଭିମାନଭରା ସ୍ୱର
ଆଜିବି ଗୁଞ୍ଜରଣ ସୃଷ୍ଟି କରୁଛି ମନ ମର୍ମରେ,
ତାର ସେଇ ଶଶୀ ସମ ମୁଖମଣ୍ଡଳ ଆଜିବି
ଝଲସି ଉଠେ ଦର୍ପଣରେ ନିଜକୁ ଦେଖିଲେ ।

ତା ସହ ବିତେଇଥିବା ସେଇ ପ୍ରତ୍ୟେକ ମୁହୂର୍ତ୍ତ
ଆଖି ସାମ୍ନାରେ ପ୍ରତୀୟମାନ ହୋଇ ଝୁଲୁଛି,
ସତରେ ଏ ରାତିବି ନା ବହୁତ ନିଷ୍ଠୁର ଭଳି
ରାତି ପାହୁନାହିଁ କି ଯନ୍ତ୍ରଣାର ଅନ୍ତ ହେଉ ନାହିଁ.....।

ସାଧୁପାଲି, ବିଜେପୁର, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବିର କଳ୍ପନା

ବିଶ୍ୱ ରଞ୍ଜନ ମହାନ୍ତି

ନୀଳ କୁମୁଦିନୀ ହୁଏ ଅସ୍ଥିର ରାଗରେ
ସଦ୍ୟ ଗୋଲାପୀ କଇଁର ଆବିର୍ଭାବରେ ।

ସୋନ୍ଦର୍ଯ୍ୟ ବିକଶିତ ରାଜୀବ ସ୍ୱରୂପ
ଇର୍ଷାରେ ଜଳେ ଦେଖି ତା ସୁନ୍ଦର ରୂପ ।

ଉପମା ଦେବେ ଦେବଙ୍କ ନେତ୍ର ଯୁଗଳ
ସେ କମଳ ପଙ୍କଜଙ୍କ ପୂରିବ କାଳ ।

ପାଦପଦ୍ମ ପଶୋରିବେ ଅନେକ କବି
କଇଁର ରଙ୍ଗ କି ଜିଣିବ ନବରବି ।

ପ୍ରେମ ସୁତ୍ରେ ବାନ୍ଧିବ ସେ ନଭର ଚନ୍ଦ୍ର
ଫାଟିବ ଗର୍ବରେ ଓ ମାନିବନି ଇନ୍ଦ୍ର ।

କିନ୍ତୁ ନା, ସେ ତ ପ୍ରଭାତେ ଯିବ ମଉଳି
ସାରା ସରୋବରେ ହେବ ପୁଷ୍ପ ଗହଳି ।

ମତ୍ତ ଗନ୍ଧେ ଝୁମିବ ପ୍ରେମିକ ଭ୍ରମର
ଆଉ ପଦ୍ମପତ୍ରେ ଉନ୍ମାଦିତ କାକର ।

ପୁନର୍ବାର ଫେରିବ କବିର କଳ୍ପନା
ପଦ୍ମଲୋଚନ ପାଦପଦ୍ମ ନୀଳନୟନା ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୬, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜ୍ୱାଳାମୁଖୀ

ଅମୃତନାରାୟଣ ଶତପଥୀ

ମୃତ ସୁପ୍ତ ଜାଗ୍ରତ ତିନି ପ୍ରକାରର ଜ୍ୱାଳାମୁଖୀ,
କେହି ନ ହେଲେ ବି ସମୟ ବନ୍ଧୁ ହୋଇଥାଏ ତା'ର ସାକ୍ଷୀ ।(୧)
ମୃତ ଜ୍ୱାଳାମୁଖୀ ବହୁ ଦିନରୁ ବିରତ ଆଗ୍ନେୟ ଉଦ୍ଗିରଣ,
ସୁପ୍ତ ବେଳେବେଳେ ହୁଅଇ ଜାଗ୍ରତ କାରଣ ଯେ ଚାପ ଜାଣ ।(୨)
ଜାଗ୍ରତ ଜ୍ୱାଳାମୁଖୀ ଯେ ପୁଣି ନଥାଏ କାହାକୁ ଅଜ୍ଞାତ,
ସେଥିପାଇଁ ସର୍ବେ ରହିବା ଆବଶ୍ୟକ ଜ୍ୱାଳାମୁଖୀରୁ ସତର୍କ ।(୩)
ପ୍ରଶାନ୍ତ ମହାସାଗରରେ ରିଙ୍ଗ୍ ଅଫ୍ ଫାୟାର୍ ଜ୍ୱାଳାମୁଖୀର ପ୍ରମୁଖ କ୍ଷେତ୍ର,
ଜାପାନ ଇଣ୍ଡୋନେସିଆ ପରି ଦେଶ ପ୍ରଭାବିତ ନୁହଁଇ ଯାହା ବିଚିତ୍ର ।(୪)
ସଂସାରର ପ୍ରତି ଚିଜକୁ କଲେ ଜ୍ୱାଳାମୁଖୀ ଜ୍ଞାନ,
ସତର୍କ ସୁରକ୍ଷିତ ସ୍ଥିତପ୍ରଜ୍ଞ ମନୁଷ୍ୟ ରହିପାରିବ ଯେ ଜାଣ ।(୫)
କେତେବେଳେ କେଉଁ ଲାଭା ଉଦ୍ଗିରଣ କରିବ ଜୀବନ ନଷ୍ଟ,
ଯାହା ପ୍ରଭାବରେ ଧନ ଜନ କ୍ଷୟ ସଂସାର ଲଭିବ କଷ୍ଟ ।(୬)
ମନ ଭିତରେ ବି ରହି ଅଛି ଭରି କେତେ ଜ୍ୱାଳାମୁଖୀ ଆଗ୍ନେୟଗିରି,
ସେଥିପାଇଁ ଶାସ୍ତ୍ର ତତ୍ତ୍ୱ "ପରୋପକାରାୟ ପୂଣ୍ୟାୟ ପାପାୟ ପର ପୀଡନ" ପରି ।(୭)
ଜ୍ୱାଳାମୁଖୀରୁ ମୁକ୍ତ ରହିବା ପାଇଁ କେବଳ ଯେ ସନ୍ତୁଳନ,
ତାପ ଚାପ ଆଦି କମାଇ ପୁଣି ପରିବେଶ ପ୍ରଦୂଷଣ ।(୮)
ଅମାନବୀୟ ଅସନ୍ତୁଳିତ କରିଲେ ଖଣି ଖାଦାନ,
ଭୂମିକମ୍ପ ସହ ଜ୍ୱାଳାମୁଖୀ ଭୟ କେବେ ନା କେବେ ଜାଣ ।(୯)
ଏଥିପାଇଁ ସର୍ବେ ସୁରକ୍ଷିତ ରହିବା ଜ୍ୱାଳାମୁଖୀ ଜ୍ୱାଳାମୁଖ,
ପ୍ରମାଣ ଆବଶ୍ୟକ ପଡେ ନାହିଁ ଯାହା ସମ୍ମୁଖରେ ଥାଏ ପ୍ରତ୍ୟକ୍ଷ ।(୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଲ୍ଲୀର ଶୀତ ସକାଳ

ଡଃ ମନ୍ଦାକିନୀ ପାଢ଼ୀ

ଶୀତଲହରୀ ର ଆଗମନେ ପଲ୍ଲୀ
ହସେ ଖିଲି ଖିଲି ହୋଇ
ସବୁଜ ଘାସରେ କାନି ପଣତଟା
ସତେକି ଲୋଟି ପଡ଼ିଛି ।।

ଶୀତ ସକାଳର ଶିତୁଆ ପବନ
ଛୁଇଁ ଛୁଇଁ ଯାଏ ଗାଆଁ
ପୂରୁବ ଦିଗରୁ ସୂରୁଜ ଉଇଁଲେ
ଦିଶୁଅଛି ମନଲୋଭା ।।

ନୂତନ ସକାଳ ନୂତନ ଭାବନା
ପ୍ରସ୍ଫୁଟିତ ହୁଏ ଫୁଲ
ହଳଦୀ ମୁହିଁ ନବବଧୂଟି ଫେରେ
ସାରି ସେ ସକାଳ ସ୍ନାନ ।।

ଶୁଭ୍ର ସକାଳର ସୁନେଲି କିରଣେ
ହସି ଉଠେ ଗାଆଁ ଦାଣ୍ଡ
ଥରିଲା ଦେହରେ ଗାଇଆଳ ଟୋକା
ଫିଟାଏ ଗାଇଙ୍କ ଗୋଠ ।।

ପଲ୍ଲୀସାରା ହସେ ଶୀତ ଆସିଲେ
ସୁନାର କ୍ଷେତ ଫସଲ
ଅମାର ପୂରଇ ଚାଷୀ ହସୁଥାଇ
ପାଇ ବର୍ଷର ଅମଳ ।।

ରାତିସାରା ଶୁଭେ ହଳିଆ ଗୀତଟି
ଖୁସିରେ ଗାଉଛି ଚାଷୀ
ଖଳାରେ ଧାନର ଅମଳ କରୁଛି
ଜାଳି ପାଏ ନଡ଼ା ତାତି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀତଳ ସମୀର ବହୁଛି ଶୀତରେ
ମନ୍ଦିର ଲାଗଇ ଭିଡ଼
ସବୁଜ ବନାନୀ କାକର ବିନ୍ଦୁରେ
ଦିଶୁଅଛି ଢ଼ଳଢ଼ଳ ।।

ପ୍ରିୟ ଗାଁର ଫୁଲେଇ ନଦୀର ପାଣି
କରେ ମନକୁ ମୋହିତ
ବରଗଛ ଛାଇ କେଡ଼େ ମନୋହର
ପାଣି ଟିକେ ଦେଲେ ପ୍ରୀତ ।।

ପଲ୍ଲୀର ସଂସ୍କୃତି ଅତି ମନୋହର
ସୁନ୍ଦର ମନ୍ଦିର ମଠ
ଟାଣି ନେଇଯାଏ ପ୍ରତ୍ୟେକ ମନକୁ
ଶୁଣିବାକୁ ଗୀତାପାଠ ।।

ଗାଁ ନଇପଠା ଆମ୍ବତୋଟା ଗାଡ଼ିଆ
ଶୀତରେ ହେଉଛି ସଜ
ପର୍ଯ୍ୟଟକଙ୍କୁ ନିତି ଆକୃଷ୍ଟ କରେ
ବଣଭୋଜି ସଜବାଜ ।।

ରାଜନୀତି ବିଜ୍ଞାନ ବିଭାଗ, ପଦ୍ମପୁର ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀ ଗଣେଶ

ହୃଦାନନ୍ଦ ସୁନାନୀ

ଗଣେଶ ବିଘ୍ନେଶ
ମୂଷିକ ବାହନ
ମହେଶ ସନ୍ତାନ
ଗିରିଜା ନନ୍ଦନ -(୦)
ଦେବ ଲମ୍ବୋଦର
ପୃଥୁଳ ଉଦର
ବିଦ୍ୟାର ଭଣ୍ଡାର
ସଦା ବିଘ୍ନେଶ୍ୱର -(୧)
ମହା ଗଣେଶ୍ୱର
ଅଗ୍ର ପୂଜା କାମ
ଅଯୋନି ସମ୍ଭୁତ
ଆସ ମର୍ତ୍ତ୍ୟ ଧାମ-(୨)
ଜ୍ଞାନ ହୀନ ଜନ
ହୁଅନ୍ତି ପଣ୍ଡିତ
ତୁଙ୍ଗ କୃପା ଯଦି
ଲଭଇ କିଞ୍ଚିତ-(୩)

ଅନୁରୋଧ ମୋର
ହେ ବିଦ୍ୟା ସାଗର
କହି ଦିଅ ବିଦ୍ୟା
କରେ ନମସ୍କାର -(୪)
ପଥ ପ୍ରଦର୍ଶକ
ମୋ ଜୀବନ ଏକ
ଏକ ଦନ୍ତା ନାଥ
ମୁଁ ଅନାଥ ଲୋକ-(୫)

କଳାହାଣ୍ଡି,
ମୋ : ୯୧୭୮୫୪୪୮୫୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମ

ଦଶରଥ ମାଝୀ

ପ୍ରେମରେ ଆମକୁ ଖୁସି ଅନୁଭବ
ଦେଇଥାଏ ପ୍ରସନ୍ନତା
ଉତ୍ସାହିତ କରି ବଢ଼େ ଦେଇଥାଏ
ଆମ ସୃଜନଶୀଳତା (୧)
ବୋଧହୁଏ ସତେ ଅଧିକାଂଶ କବି
ଲେଖକ ଓ କଳାକାର
ପ୍ରେମରେ ଅଧିକ ସଫଳ ହୋଇକି
କରିଥାନ୍ତି ସୁମଧୁର (୨)
ବୈଜ୍ଞାନିକମାନେ ମଣିଷ ପ୍ରେମକୁ
କହିଛନ୍ତି ଡ୍ରଗ୍‌ସ ବୋଲି
ମସ୍ତିକ ହୃଦୟେ ଖୁବ୍ ଉପାଦେୟ
ପ୍ରେମ କଲେ ମନ ଖୋଲି (୩)
ଆପାଦମସ୍ତକେ ପ୍ରଭାବ ପକାଏ
ଜାଣ ମଣିଷର ପ୍ରେମ
ହୃଦ୍‌ଘାତ ରୋଗ ଶିକାର ହେବାରେ
କରିଥାଏ ଖୁବ୍ କମ (୪)

ପିଠି ଦରଜକୁ ଗଣ୍ଠିବାତ ଆଉ
ମାଇଗ୍ରେନ ଉପଶମ
ପ୍ରେମ ପଥେ ଯିଏ ବାଟବଣା ହେଲେ
ଲୋକ ସାଜିଥାଏ ଯମ (୫)
ଶିଶୁ ପାଇଁ ସ୍ନେହ ପ୍ରଭୁ ଲାଗି ଭକ୍ତି
ବୁଢାବୁଢ଼ୀ ପାଇଁ ସେବା
ପ୍ରେମ ହିଁ ପବିତ୍ର ଜାଣନ୍ତୁ ଜନତା
ପ୍ରେମ କରି ଖୁସି ଦେବା (୬)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ : ୮୨୪୯୨୧୨୪୭୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାଆଁଟି ତା'ର ଘଣ୍ଟା

ରାମ ଚନ୍ଦ୍ର ପ୍ରଧାନ

ବତାଇ ଥାଏ ସମୟ ଯିଏ
ବୁଲାଇ ଦେଇ କଣ୍ଟା
ସଭିଙ୍କ ଲୟ ସବୁରି ପ୍ରିୟ
ନାଆଁଟି ତା'ର ଘଣ୍ଟା ।
ସୀମା ଭିତରେ ଚାଲଇ ସିଏ
ଶୃଙ୍ଖଳା ସୂତ୍ର ବାଣ୍ଟି
ଦୁନିଆଁ ଦାଣ୍ଡେ ବାଟ କଢ଼ାଏ
ଧରି ସମୟ ଘଣ୍ଟି ।
ଦିନରାତି ସେ' କାମରେ ମାତି
ପଡ଼େନା କେବେ ଥକି
ପ୍ରତି ମୁହୂର୍ତ୍ତେ ନଜର ରଖି
ରଖେନା କିଛି ବାକି ।
ଛୋଟିଆ ସିନା ଦେଖିବାକୁ ସେ'
କାମଟି ତା'ର ବଡ଼
ବନ୍ଧୁଟେ ପରି ଆଗକୁ ମାଡି
ଜଗତେ ଜିତେ ଗଡ଼ ।

ଅଛି ବୋଲି ସେ' ଆମରି ପାଖେ
କର୍ମେ ହେଉନି ହେଳା
ନ ଥିଲେ ସିଏ ଆଜିର ଯୁଗେ
ବୁଡ଼ି ଯାଆନ୍ତା ଭେଳା ।
ଯେତେ କହିଲେ ସରିବନି ତା'
ଗୁଣ ଗାରିମା କଥା
ସେଲାଗି ବୋଧେ ତା' ଆଗେ ଆପେ
ନୁଅଁଇ ଆମ ମଥା ।

ଶିକ୍ଷକ
ଟେକ୍ନିକାଲ୍ ହାଇସ୍କୁଲ୍ ଆସିକା, ଗଞ୍ଜାମ
ମୋ : ୯୮୬୧୬୩୮୭୩୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଣିଷ

ଅନାମିକା ଜେନା

ଏଇ ମଣିଷ ,
ଯାହା ଭଗବାନ୍‌ଙ୍କ ଦାନ
ରକ୍ତ, ମାଂସରେ ଗଢା ଶରୀର
ଯାହାକୁ ନେଇ ଗର୍ବ କରେ ମନୁଷ୍ୟ ।।

ଆଜି ଅଛି ସେ ଶରୀର
କାଲି ପାଲଟି ଯିବ ପଥର ,
ରହିଥିବ ଯାଇ ଶ୍ମଶାନରେ
ଏକ ପଥର ଗଢା ସମାଧିରେ ।।

କାହାକୁ ନେଇ ଯେ ଗର୍ବ,
ଯେ ଅହଂକାର,
ଯେ ଲୋଭ ଲାଳସା,
କାହାକୁ ?

ମନରେ ଉଙ୍କି ମାରେ ଏଇ ପ୍ରଶ୍ନ
କିନ୍ତୁ ଆଜି ଯାଏ ପାଇନି ତା ଉତ୍ତର,
କିଏ କହେ,
ମନୁଷ୍ୟ ଜନ୍ମ ତ ଏଇଥି ପାଇଁ
ଆଉ କିଏ କହେ,
ଭଗବାନ ଗଢିଛି ଏମିତି କରି ।।

କିନ୍ତୁ, ସତରେ କଣ ଏଇ ତା ଉତ୍ତର ?
ଏଇ ମୋହମାୟା ପାଇଁ
ମନୁଷ୍ୟର ଜନ୍ମ !
କଣ ଏଇ ଧରାପୃଷ୍ଠରେ
ଏଇ ତା କାମ !?
ସେଇ "କଣ" ର ଉତ୍ତର କେବେ ମିଳିବ
କେଜାଣି !?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାହାଘର

ସରୋଜ କୁମାର ସାହୁ

ଘର ଆଉ ବର
ଖୋଜାରେ ସରେ ସମୟ
କପାଳ ନାଡିଦେଖା
ନାଁ କି ରାଶି ମେଳକରେ
ବଛା ହୁଏ ଭାଗ୍ୟ
ସୁଖ ଦୁଃଖ ହସ କାନ୍ଦର
ଚକମକ ତରାକୁ
ଯେ ଧରିପାରେନି
ନିନ୍ଦୁକ ପାଲଟେ ଭାଗ୍ୟର ।

ଯା ଆସ ହୁଏ
ସମ୍ପର୍କ ବଢେ
ହେଲେ, କେହି ମନେ ରଖନ୍ତିନି
ମୁହଁ ଚେହେରା ଘର ଠିକଣା
ହିସାବ ଚାଲେ ଟିପରେ
ଏକ ଦୁଇ ଗଣି
ଏକାକୀ ନୀରବେ ନୀରବେ ।

ଘୃଣା ଲାଗେ ବୟସକୁ
ଯେ ଦଉଡ଼େଇ ନିଏ ସମୟ
ସେ ବୋଲେ ଦୋଷୀ
ପରିକ୍ଷା ଚାଲେ ଥରକୁ ଥର
ଜୀବନ ଜନ୍ମର କଳାଟିକା
ମାଡ଼ିବସେ ଭୂତ ପରିକା
ଦକଦକ କରେ ଛାତି
ଦରମରା ସାପ ପରି ।

ଈର୍ଷାର ପାହାଡ଼
ମାଡ଼ିବସେ ମୁଣ୍ଡକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ୟର ସୁଖଦ ଚେହେରା

ଜୀବନ ଯୌବନ

ବିଷମୟ ଦିଶେ

ନିଜର ଭବିଷ୍ୟତ

ଜନ୍ମର ରହସ୍ୟକୁ

ତଉଲି ଥରକୁ ଥର ।

ସରୋଜ କୁମାର ସାହୁ

ଆଠଗଡ଼, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶେଷରେ ତୁମେ ବଦଳିଗଲ

ସୁଭାଗିନୀ ସିଂହ

ଜୀବନର ଦୋଛକିରେ
କ୍ଳାନ୍ତ ଅପରାହ୍ନରେ ,
ମନେପଡେ ସେହି ଅତୀତ ମୁହୂର୍ତ୍ତ
ତୁମେ ବଦଳି ଯାଇଛ ସତ ।।

ପ୍ରେମର ପ୍ରଣୟର ଆରମ୍ଭରେ
ସବୁ ଆବେଗ ଭିତରେ
ହୃଦୟେ ନୂଆଁ ସୌଧ ତୋଳି ଥିଲ
ଆଜି ସେ ସୌଧ ଭାଙ୍ଗି ଚୁର ମାର
ଶେଷରେ ତୁମେ ବଦଳି ଗଲ ।।।

ମନେ ଅସୁମାରି ସପନ ଭରି
ହୃଦୟକୁ ଲହୁ ଲୁହାଣ କରି
ଆଜି ତୁମେ ବହୁଦୂର
ଏତେ ସ୍ୱାର୍ଥ ପର କିପରି ହେଲ। ।।

ଭାବିନଥିଲି ଏମିତି ପରିସ୍ଥିତି ହେବ
ମନର ଆଶା କ୍ଷଣିକ ମିଳାଇ ଯିବ
କି ଲାଭ ପାଉଛ, ଯନ୍ତ୍ରଣା ଦେବାରେ

ଥରେ ଦେଖି ଯାଅ ,
କେମିତି ଅଛି ମୁଁ ଶାନ୍ତିରେ
ଆଜିର ଦୁନିଆଁରେ ନିଜର କିଏ
ପୁଣି ଧୋକା ଖାଇ ବଞ୍ଚିବାକୁ ହୁଏ। ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମ ପ୍ରତାରଣା ଭିତରେ
ଆଜି ମୁଁ ତୁମରି ସ୍ମୃତିରେ,
ଶେଷରେ ତୁମେ ବଦଳି ଗଲ
ସବୁକିଛି ପର କରି ଚାଲିଗଲ । ।।

ଏକା ଏତେବଡ଼ ଦୁନିଆଁରେ
ଶୁଣିବାକୁ ପଡ଼େ ଲାଞ୍ଛନା କେତେ
ଜୀବନ ବଞ୍ଚିବା କଷ୍ଟ ସତେ
ତୁମେ ଗଲାପରେ ଦିନ ମୋ,
କଟେ ଲହୁ ଲୁହରେ । ।।

ଫଗୁଣର ଫଗୁ ଓଢଣା ତଳେ
କିଏ କାଳିମାର ରଙ୍ଗ ବୋଳି
ଆଉ ନାହିଁ ଫଗୁଣର ରଙ୍ଗ
ଫିକା ଲାଗେ ସବୁ ରଙ୍ଗ। ।।

ତୁମେ ବଦଳି ଗଲା ପରେ
ସ୍ୱପ୍ନ ସବୁ ବିଚଳିତ କରେ
ମନକୁ ମୋ ଅହରହ,
କଳଙ୍କ ରେ କଳଙ୍କିତ ମୋ ଦେହ ।।

ଶେଷରେ ତୁମେ ବଦଳି ଗଲ
ଦୁନିଆଁ ଟା ଖାଲି ସ୍ୱାର୍ଥ ପର
ଏଠି କିଏ ନୁହେଁ କାହାର
ମିଛ ମାୟା ଭରା ସଂସାର
ଚାଲିଛି, ଲୁହକୁ କରି ନିଜର ।।

ବଡଝରା, ପର୍ଜଙ୍ଗ ଢେଙ୍କାନାଳ
ସୁଭାଗିନୀ ସିଂହ, ବଡଝରା, ପର୍ଜଙ୍ଗ, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହମବତୀର ଲୁହ

ମଦନ ହରିଜନ

ନୀରବ ଘରେ
ଘନ ଅନ୍ଧକାରେ
ଦୁଃଖପୂର୍ଣ୍ଣ ଏକ ରାତି,
ନିଜ ଦେହକୁ ଜଳାଇ
ଆଲୋକ ଦେଉଛି
ବଳିଦାନୀ ମହମବତୀ ।

ଜଳି ଜଳି ସିଏ
କ୍ଷୀଣ ହେଉଛି
ଝରେ ଗରମ ଲୁହ ଧାରା,
ପାଉଛି କେତେ
ଯନ୍ତ୍ରଣା ସେ
ଚିତ୍କାର କରେ ରାତି ସାରା ।

ସେ ଲୁହରେ
ଲୁଚିକି ରହିଛି
ଅନେକ ଅକୁହା କଥା,
ତ୍ୟାଗ, ସହନଶୀଳତା ଓ
ଭଙ୍ଗା ସ୍ୱପ୍ନର
ବ୍ୟଥା ।

ପବନ ଆସି
ଦୋହଲାଇ ଦିଏ
ମହମବତୀ କରେ କମ୍ପନ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଥାପି ସେ
ଅଭିଯୋଗ କରେ ନାହିଁ
କିମ୍ବା ଉଣା କରେ ନାହିଁ ମନ ।

ଶେଷରେ ଯେବେ
ଶିଖା ଲିଭିଯାଏ
ରହିଯାଏ କିଛି ଲୁହ,
ମହମବତୀଟି ଲିଭିଗଲା ସିନା
କାହାକୁ କହି ନାହିଁ
ତାର ନିଜ କୋହ।

(ଅଧ୍ୟାପକ, ରାଜନୀତି ବିଜ୍ଞାନ
ଏରୋନଟିକ୍ସ କଲେଜ୍, ସୁନାବେଡ଼ା)
ଠିକଣା: ସୁନାବେଡ଼ା, କୋରାପୁଟ
ଯୋଗାଯୋଗ ନମ୍ବର: ୮୧୪୪୨୭୯୯୫୫
ଇମେଲ: hmadan467@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସ ହସିବା

ଭବାନୀ ଶଙ୍କର ଦାଶ

ହସର ମୃତ୍ୟୁ ସଂଜୀବନୀ ମୁଖର
ଅଧରେ ସଦା ଝରୁଥାଏ ଯାହାର,
ତା ମୁଖ ଦେଖି ରୋଗୀ, ଦୁଃଖି, କ୍ଳାନ୍ତ, କଷ୍ଟ ବାବା
ଦୌଡ଼ିଯାନ୍ତି ହୋଇ କୋଷେ ଦୂର ।
ବାପା ମାଙ୍କ ମୁଖରେ ହସର ପ୍ରଖରତା ଦେଖି
ଖେଳିଯାଏ ମନରେ ବିଶ୍ୱାସର ଲହର,
କେତେ ଝଡ଼ ଝଞ୍ଝା, ବାତ୍ୟା ମାଡି ଆସୁ ଜିଅବା
ସନ୍ତାନ ଭାଙ୍ଗିବେ ଅସୁବିଧାର ଶକ୍ତି ଜଞ୍ଜିର ।
ଏ ହସ ଯେବେ ପ୍ରିୟାର ଯୌବନେ ଖିଲିଖିଲି
ହୋଇ ଗୋଲାପର ମହକ ଦେଉଥିବ,
ପ୍ରେମିକ ଆମର ମିଠା ନୂଆ ସମ୍ପର୍କ ଅନ୍ୱେଷଣେ
ଚତୁର୍ପାଶ୍ୱେ ଚନ୍ଦ୍ର ପରିକା ଘୁରି ବୁଲୁଥିବ ।
ଶୁଣ ବନ୍ଧୁ ଗଣ କାନ ଡେରି ଶୁଣ ହସ ଆମ
ବଡ ମୂଲ୍ୟ ସମ୍ପଦ, ଅଧରେ ସାଇତି ରଖିବା,
କେତେ ଦୁଃଖ କଷ୍ଟ ଝଡ ମାଡି ଆସିଥାଉ ଜୀବନ
ତାକୁ ବ୍ୟବହାର କରିବା ,
ମାନସିକ ଶାନ୍ତି ପାଇବା ।

ଠିକଣା - ଗୌରଦେଇପୁର, କୋଦଳା , ଗଞ୍ଜାମ ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆବେଗର ଯେବେ ମୃତ୍ୟୁ ହୋଇଗଲା

ତାରା ପ୍ରସାଦ ଜେନା

ଆବେଗର ଯେବେ ମୃତ୍ୟୁ ହୋଇଗଲା
ଶିବ ହୋଇଯାଏ ଶବ
ବଇଭବ ଯାଇ ବଇରାଗ ଆସେ
ମାୟା ତୁଟିଯାଏ ଭବ
ଆବେଗର ଯେବେ ମୃତ୍ୟୁ ହୋଇଗଲା.....। ୦ ।

ଦେହ ଦାହ ବାଧେ ନିଜ ହେଲେ ପର
ଶାନ୍ତି ଅଶାନ୍ତିକୁ ଭୟ
ମନ ଥୟ ଆଉ ସମ୍ଭାବନା ଛାଡ଼ି
ସୁରା ସାକୀ ମନ ଜୟ ,
ପୁରୁଣାର ଯେତେ ଭାବ ଚାଲିଗଲା
ନୂଆ ଯୋଡ଼ିହୁଏ ଭାବ
ଆବେଗର ଯେବେ ମୃତ୍ୟୁ ହୋଇଗଲା.....। ୧ ।

ସାକୀ ଏବେ ଲାଗେ ସରଗର ପରୀ
ସପନର ତନ୍ଦ୍ରା ମେଳେ
ସାକୀ ସଖୀ ରୂପେ ନିଃସ୍ୱାର୍ଥର ସେବା
ଅପ୍ରମିତ ସ୍ନେହ ବଳେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୀରବତା ଏଣୁ ଆଶଙ୍କିତ ନୁହେଁ
ଉଲ୍ଲୁକର ଘନ ରାବ
ଆବେଗର ଯେବେ ମୃତ୍ୟୁ ହୋଇଗଲା.....। ୨ ।

ଦରହସ କଥା ଶିହରଣ ଖେଳ
ତଇତାଳି ବାଆ ଚୈତ୍ର
ମର୍ଯ୍ୟାଦାର ମୁଁ ଯେ ଭଲ ମଣିଷଟେ
ପାଲଟୁଛି ଏଇ ମାତ୍ର,
ସାକ୍ଷୀ ଓଷ୍ଠ ସୁରା ପିପାସିତ ମଜା
ଆକଟକୁ ନାହିଁ ଲବ
ଆବେଗର ଯେବେ ମୃତ୍ୟୁ ହୋଇଗଲା.....। ୩ ।

ରଣପୁର, ଜିଲ୍ଲା-ନୟାଗଡ଼
ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାବାଳିକା

ପଦ୍ମନାଭ ସାହୁ

ସତେ କି ମଣିଷ ଭୁଲିଗଲା ତା'ର
ହିତାହିତ ଜ୍ଞାନ ଓ ବୁଦ୍ଧି ।
ନାବାଳିକାଙ୍କୁ ଦୁଷ୍କର୍ମ କରି
ନିଜକୁ ପୁରୁଷ ଭାବୁଛି ।।
ଛୋଟ ଛୋଟ ଶିଶୁ କଅଁଳ ଓଠରେ
କରନ୍ତି କେତେଯେ ବିନତି ।
ଆଖି ଛଳଛଳ ଲୁହ ଝରଝର
ଖୋଜନ୍ତି କେତେଯେ ମୁକତି ।।
କେତେ ସ୍ୱପ୍ନ ନେଇ ଆସିଥିଲା ସିଏ
ଦୁନିଆ ଦେଖିବ ବୋଲି ।
ସବୁ ସ୍ୱପ୍ନ ତା'ର ଅଧାରେ ରହିଲା
ଆଶା ଗଲା ତା'ର ମରି ।।
କି ଦୋଷ କରିଥିଲା ସେ କୁନିପରୀ
କାହିଁକି ମାରିଲ ଯେ ତାକୁ ?
ଭାବିଲନି ଥରେ ତା'ର ପରିବାର
କିପରି ସହିବେ ଏହାକୁ !

ଦଶ ମାସ ଦଶ ଦିନ ଗର୍ଭରେ ଧରି
ଜନ୍ମ ଦେଇଥିଲା ଯେଉଁ ମାଆ ।
ଆଜି ତା' ହୃଦୟ ଦୁଃଖରେ କାନ୍ଦୁଛି
ନାହିଁ ଦେବା ପାଇଁ କେହି ସାହା ।।
ଭୁଲିଗଲ ତୁମେ ସେହି ଭଉଣୀଟେ
ବାନ୍ଧିଥାଏ ତୁମ ହାତେ ରାକ୍ଷୀ ।
ରାକ୍ଷୀର ମାନ ରଖିଲ ନାହିଁ ଯେ
କଳଙ୍କିତ କଲ ପୁରୁଷ ଜାତି ।।
ଧରଣୀର ମାଆ କିପରି ସହିବ
ନିତି ହେଉଥିବା ଏହି ଅନ୍ୟାୟ ।
ଦୂର ନାହିଁ ସେହି ଦିନ ଦେଖିବାକୁ
ଯେବେ ହେବ କଳିଯୁଗ କ୍ଷୟ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହସ୍ରାର୍ଜୁନ ରାବଣ ଯୁଦ୍ଧ

ସତ୍ୟ ନାରାୟଣ ସାହୁ

ରାଗ--- ଚିନ୍ତା ଦେଶାକ୍ଷ

ରେବା ଜଳେ ଶିବ ପୂଜା କରେ ରାବଣ
ଭଜଇ ଆଶୁତୋଷ ଙ୍କୁ ଆନନ୍ଦ ମନ ।
ମହିଷ୍ମତୀର ଅଧୀପ ସହସ୍ରାର୍ଜୁନ
କାମିନୀ ମେଳେ ଜଳେ କରୁଥିଲେ ସ୍ନାନ ।
ଦୂରରୁ ଦେଖିଲେ ପୂଜା କରେ ରାବଣ
ସହସ୍ର କରେ ସ୍ରୋତକୁ ଦେଲେ ରୋଧିଣ ।
ସହସ୍ର ସଂଖ୍ୟକ ସହସ୍ରାର୍ଜୁନ ହସ୍ତ
ହାତରେ ରୁଦ୍ଧ କରିଲେ ନର୍ମଦା ସ୍ରୋତ ।
ଉଜାଣି ବହିଲ ସ୍ରୋତ ଜଳ ଉପର
ଭାସି ଆସିଲେ ତହିଁରେ ମତ୍ସ୍ୟ, ମକର ।
ବନ୍ଧ ହେତୁ ରେବା ଜଳ ପଡେ ଉଛୁଳି
ବୁଡିଗଲା ରାବଣର ଯେ ପୂଜା ସ୍ଥଳୀ ।
କୁସୁମ ଚନ୍ଦନ ଯାହା ଗଲାକ ଭାସି
ପଶ୍ଚିମ ମୁଖ ଛାଡ଼ି ପୂର୍ବ ମୁଖ ପ୍ରକାଶି ।
ବହେ ନର୍ମଦା ସ୍ରୋତ ଏ ଆଚମ୍ବିତ
ଚୌଦିଗେ ଚାହିଁ ଦଶାନନ କମ୍ପିତ ।

ରାବଣର ଚିତ୍ତ ହେଲା ଅତି ବିସ୍ମୟ
ମନ୍ତ୍ରୀଙ୍କୁ କହେ ଖୋଜ ହେ ଏଥି ଆଶ୍ଚର୍ଯ୍ୟ ।
ପଶ୍ଚିମେ ଗଲେ ଖେଦି ସେ ଶୁକ ସାରଣ
ଦେଖିଲେ ସ୍ନାନ କରଇ ସହସ୍ରାର୍ଜୁନ ।
ସୁନ୍ଦରୀ ନାରୀ ମେଳରେ ରେବାର ନୀରେ
ନିରେଖି ଯବା ସଂକାଶ ନେତ୍ର ଉଜ୍ଜ୍ୱଳେ ।
ରୁଦ୍ଧ କରିଛି କରେ ସେ ସରିତ ସ୍ରୋତ
ଉଜାଣୀ ବହୁଛି ତେଣୁ ପୂର୍ବକୁ ନିତ୍ୟ ।
କରିଣୀ ସାଥେ ଯେସନେ ଖେଳେ କୁଞ୍ଜର
ରମଣୀ ମଧ୍ୟେ ଅପୂର୍ବ ଦିଶେ ସେ ବୀର ।
ଫେରି ଆସିଲେ ମନ୍ତ୍ରୀଏ ରାବଣ ଛାମୁ
ବିନୟେ ବୋଇଲେ ସ୍ରୋତ ଯେଉଁ କାରଣୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଜାଣି ବହୁ ଅଛି ଯେ ଏପରି ଭାବେ
ମାହୀଷ୍ମତୀ ପତି ସହସ୍ରାର୍ଜୁନ ପ୍ରଭାବେ ।
ଜଳକୁ ରୁଦ୍ଧ କରିଅଛି ସେ ହାତେ
ବହୁ ରମଣୀ ଅଛନ୍ତି ତାହାର ସାଥେ ।
ବାହାରିଲା କୋପ ଭରେ ରଣ ଆଶାରେ
ଶୁକ ସାରଣଙ୍କୁ ପେଶେ ଜଣାଅ ତାରେ ।
ଯୁଦ୍ଧ ବାର୍ତ୍ତା ପାଇ ଜଳୁ ଉଠେ ଅର୍ଜୁନ
ପ୍ରତ୍ୟୁଷରେ ସିନ୍ଧୁ ଜଳୁ ଯଥା ତପନ ।
ଧାଇଁଲା ସେ ମହାବୀର ଗଦା ଘୁରାଇ
ପ୍ରହସ୍ତ ଶିରରେ ପିଟି ଦେଲା ନିଠାଇ ।
ନିର୍ଜୀବ ପ୍ରାୟ ପଡ଼ିଲା ତହିଁ ପ୍ରହସ୍ତ
ଦେଖିଣ ରାବଣ ଧାଏଁ ହୋଇଣ ବ୍ୟସ୍ତ ।
ମତ୍ତ ବାରଣ ପରାୟ ରଣ ସେ ବେନି
କରିଲେ ଗଦା ଆଘାତେ କମ୍ପେ ମେଦିନୀ ।
ଗଦା ଯୁଦ୍ଧରେ ଉଭୟ ଯେ ଧୁରନ୍ଧର
ପ୍ରହାର ନାଦ ଘାତେ ଭାଙ୍ଗେ ମନ୍ଦର ।
ଗଦାଘାତ ବଜ୍ରପାତ ପ୍ରାୟ ପ୍ରଚଣ୍ଡ
ଆରବ ଆଘାତରେ ସେ କମ୍ପେ ବ୍ରହ୍ମାଣ୍ଡ ।
ସହସ୍ରାର୍ଜୁନ ରାଜନ ଯେ ବଳବାନ
ତା' ଗଦା ଆଘାତେ ମୂର୍ଚ୍ଛା ଗଲା ରାବଣ ।
ସର୍ପକୁ ଆଣ୍ଠେ ଯେପରି ଧରେ ଗରୁଡ
କି ଅବା ଶାର୍ଦ୍ଦୂଳ କରେ ମୃଗ ଶିକାର ।
ତେଶନେ ଧାଇଁ ଯାଇ ସେ ରାବଣକୁ
ବାନ୍ଧି ଫେରିଲା ଆଣ୍ଠେ ନିଜ ପୁରକୁ ।
ଅର୍ଜୁନ ତେଜରେ ଅନ୍ୟ ଦୈତ୍ୟେ ପଳାଇ
ଲୁଚି ଗଲେ ଏଣେ ତେଣେ ସଭିଏଁ ଧାଇଁ ।
କାର୍ତ୍ତବୀର୍ଯ୍ୟାର୍ଜୁନ ହସ୍ତେ ରାବଣ ବନ୍ଦୀ
ଦେଖିଣ ଦେବତା କଲେ କୁସୁମ ବୃଷ୍ଟି ।
ଅର୍ଜୁନ ଶିରେ ପଡ଼ଇ କୁସୁମ ଧାରା
ମନ୍ଦର ଶିଖେ କି ଅବା ବରଷା ଧାରା ।
ରାବଣକୁ ରଖାଇ ସେ ବନ୍ଦୀ ଶାଳରେ
ବିଜୟ କଲେ ଯାଇ ସିଂହାସନରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀତ ତୁମେ ଫେରିଯାଅ

ଦୁର୍ଗାମାଧବ ମହାରଣା

ଶୀତ ତୁମେ ଫେରିଯାଅ,
ଅଗନାଗ୍ନି ବନସ୍ତ ଭିତରକୁ
ସୂର୍ଯ୍ୟ ଯେଉଁଠି ଛୁଇଁ ପାରୁ ନଥିବ
କାକର ଭିଜା ମାଟିକୁ ।

ଫେରିଯାଅ ପାହାଡ ତଳି ଗାଁ କୁ,
ଧାନକିଆରୀ ଘେରା ପଲ୍ଲୀ ପଙ୍କାଳକୁ
ପ୍ରକୃତି କୋଳକୁ
ସେଇଠି ହିଁ ତମେ ବେଶୀ ଭଲ ଲାଗ
ଆକାଶର ଛାତରେ
ପ୍ରକୃତିର ପଣତ କାନିରେ
ଗାଁ ପାଖ ମନ୍ଦିର ବେଢ଼ା ରେ
ଗେଣ୍ଡୁ ଗଗେଇଶ ଫୁଲ ଗହଣରେ,
ତୁମେ ବେଶୀ ଭଲ ଲାଗ
ଗାଁ ଗୋହିରୀ ପଥର ତୁଠରେ
ସୁରୁଜକୁ ପଛକରି ବସିଥିବା
ଲଳନା ପିଠିରେ ...

ପାହାନ୍ତିଆ ଘାସଗାଲିଚାର କାକର ବିନ୍ଦୁରେ
କୋଠ ଘର ପାଖେ ଜଳିରହୁଥିବା
କାଠଗଣ୍ଡି ର ରଡ ନିଆଁରେ।
ତୁମେ ବେଶୀ ମନେପଡ
ସଲପଗଛର ଛାଇତଳେ
କାନ୍ଦୁଲ କି ଶୁଖୁଆ ଭାଜୁଥିବା
ମତୁଆଲା ସାଙ୍ଗ ତଣେ ମେଳରେ
ଡେଉଁ ଥିବା କେରାଣ୍ଡିମାଛକୁ
ଛାତିରେ କୋଳେଇ ଧରିଥିବା ବନ୍ଧୁ
ପାଖରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଅ ତ ଦେଖିବ !

ଧୁନିରେ ବସିଥିବା

ଭଷ୍ମବିଭୂଷିତ ବାବାଙ୍କ ପାଖକୁ

ଶୀତତାପ ନିୟନ୍ତ୍ରିତ ଘରେ

ବଡ଼ ବଡୁଆ ହାକିମ ପାଖକୁ

ପିଆଲାରେ ବାରମ୍ବାର ଢାଳୁଥିବା

ମଦିରା ମସ୍ତାନୀକୁ।

ହଁ,

ଏଠି କେବଳ ତୁମ ପତିଆରା

ଛିଣ୍ଡା ଜରିର କୁଡିଆ ଭିତରେ

ସାତ ସିଲା କପଡା ପିନ୍ଧି

ପୋଲ/ରେଳବଗି ତଳେ

ତୁମକୁ ଡ଼ରି ଡ଼ରି ଲୁଚି ରହୁଥିବା

ଆମ ଭଳି ମଣିଷ ଉପରେ ?

ଶୀତ ତୁମେ ଫେରିଯାଅ

ଭୋକରେ ନହେଲେ ମଧ୍ୟ

ଅଳପ ନିଦରେ ଶୋଇବାକୁ ଦିଅ।

ଶୀତ ତୁମେ ଫେରିଯାଅ ।

ଚିକିଟି, ଗଞ୍ଜାମ, ଓଡ଼ିଶା

ଫୋ *୯୪୩୭୭୮୯୭୨୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋବାଇଲ ମାୟାରେ ବାୟା

ରମେଶ ଚନ୍ଦ୍ର ନାୟକ

ମୋବାଇଲ ଫୋନ ସାରା ଜଗତକୁ
ମାୟାରେ ବାଇଆ କଲା
ଛୋଟ ପିଲା ଠାରୁ ବୁଢ଼ା ବୁଢୀ ଯାଏ
ସଭିଙ୍କର ପ୍ରିୟ ହେଲା ।
ଧନ୍ୟ ଜନ୍ମ ଦାତା ସେହି
ଆମେରିକା ଦେଶେ ମାର୍ଟିନ୍ କୁପର
ଯାଇଛି ଅମର ହୋଇ ।।

ସକାଳୁ ଉଠିଲେ ମୋବାଇଲ ଖୋଜା
ଗୁଡ ମର୍ଣ୍ଣିଂ ଦେବା ପାଇଁ
ଶୋଇବା ପୂର୍ବରୁ ଶୁଭ ରାତ୍ରୀ ବାର୍ତ୍ତା
ଦେବାକୁ ଭୁଲନ୍ତି ନାହିଁ ।
ନିତି ଦିନ କଥା ଏହି
ଖିଲାପ କରିଲେ ବାରତା ଆସଇ
ଭୁଲି ଗଲକି ହେ ଭାଇ ।।

ସ୍ମାର୍ଟ୍ ଫୋନ ଧରି ବିଦ୍ୟାର୍ଥୀ ପଢନ୍ତି
ଅନ୍ ଲାଇନ୍ ରେ ପାଠ
ପାଠ ବାହାନାରେ ଗୀତ ଖେଳ ଚିତ୍ର
ଫିଲିମି ଦେଖିବା ସତ ।
ବାପ ମାଆ ମନ ଚିଡେ
ସମୟ ସ୍ରୋତରେ ସଭିଏଁ ତ ବନ୍ଧା
ଆକଟେ ଅଶାନ୍ତି ବଢେ ।।

ମୋବାଇଲ ଦେଖି ଗୃହିଣୀ ରାନ୍ଧଇ
ସୁସ୍ୱାଦୁ ବ୍ୟଞ୍ଜନ କେତେ
ଚାଷୀ ଭାଇ ମାନେ ନାନା କିସମର
ଫସଲ ଫଳାନ୍ତି ହାତେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପକାରୀ ବନ୍ଧୁଟିଏ
ଶିକ୍ଷଣୀୟ ଆଉ ମନୋରଞ୍ଜନର
ଖୋରାକ ଯୋଗାଇ ଥାଏ ।।

ରସିକ ନାଗର ପ୍ରେମର ମାଷ୍ଟର
ଗାଲ ଚୁମେ ଶତ ଶତ
ଅଧିକ ଚୁମିଲେ ଗୋରା ଗାଲ କଳା
ପଡି ଯାଇଥାଏ ସେତ ।
ତରୁଣ ତରୁଣୀ ମନେ
ଜାଗି ଉଠେ ପ୍ରେମ ହାତକୁ ଦି ହାତ
ହୋଇଥା'ନ୍ତି କେତେ ଜନେ ।।

ଖବର କାଗଜ ଦୂରଦରଶନ
ବେତାର ଖବର ସହ
ଦେଶ ବିଦେଶର ବାର୍ତ୍ତା ପ୍ରସାରଣ
କରିଥାଏ ଅହରହ ।
କୋଟି ଜନ ମନ କିଣେ
ଜୀବନ ପଥରୁ କରିଲେ ଅନ୍ତର
ରହି ପାରିବେନି ଜଣେ ।।

ରହିଥାଏ ସିଏ ପକେଟ୍ ଭିତରେ
ଅବା ହାତ ପାପୁଲିରେ
କାମ ଧନ୍ଦା ବେଳେ ଅବସର କାଳେ
ସଦା ମନ ତାକୁ ଝୁରେ ।
ସିଏତ ପରାଣ ମିତ
ଛୋଟିଆ ହେଲେବି ବଡ ତା' ଧମାକା
କର ତାକୁ ପ୍ରଣିପାତ ।।

କେଶରପୁର, ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁ ନୁହେଁ ସତ

ଅଲେଖ ମେହେର

ନୟନରେ ଯାହା ଭାସେ ଚିତ୍ରପଟ
ସବୁ ନୁହେଁ ପୂର୍ଣ୍ଣ ସତ,
ଅବିକଳ ଦୃଶ୍ୟ ଅଲକ୍ଷ୍ୟରେ ରହି
ବଦଳାଏ ତା'ର ମତ ।
ଆଜିର ମାନବ ନରେ ବା ଗୁଞ୍ଜୁରେ
ଅଶ୍ୱତ୍ଥାମା ହତ ବୋଲି,
ଅଭାବି ମୁଣ୍ଡରେ ତେଲ ବଦରରେ
ଖାର ଆଣ୍ଠେ ଦିଏ ବୋଳି ।
ବୃଜିନ ଆଚାରେ ପ୍ରାପ୍ତ ସନମାନ
ବିହରିତେ ଦୃଶ୍ୟମାନ,
ସତ୍ୟ ଆଚରିଲେ ଅନାୟାସେ କଟେ
ଧରାଧାମେ ନାକ କାନ ।

ଅସ୍ତାଚଳ ପ୍ରଭା ପ୍ରଭାତର କର
ହୋଇଥିଲେ ସୁଦ୍ଧା ସମ,
ବାରୁଣୀ ହେବ କି ପ୍ରାଚୀ ଆଳ କେବେ
ବଚଟି ବଡ ବିଷମ ।
ସାରସଙ୍କ ତୁଳେ ବସିଥିଲେ ବଗ
ଇକ୍ଷଣେ ହେବ କି ଭ୍ରମ,
ଦେଖିଲା ବାଲାର ମତି ଚ୍ୟୁତ ହେଲେ
ଡାକ ଦେବ ସିନା ଯମ ।
ପରଦା ପଛରେ ଲୁଚିଯାଏ ସତ୍ୟ
ସାକ୍ଷ୍ୟ ଅଭାବ କାରଣେ,
ଭୋଗୀବାକୁ ହୁଏ କରମର ଫଳ
ଜୀବନେ ଅଥବା ମରଣେ ।ଝର ସୋହେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଝରା ଫୁଲ

ଗୌତମ ମଲ୍ଲିକ

ଝରା ଫୁଲ ହେଇ ଜନମ ନେଇଛି
ଝରେ ମୁହିଁ ଦିବା ନିଶି
ଜୀବନ ମୋହର କ୍ଷୁଦ୍ର ପାଖୁଡ଼ା ରେ
ଦେଖେ ସରଗର ଶଶି

ଶରତ ପ୍ରଭାତ ଶୀତଳ ଛୁଆଁ ରେ
ଭୂତଳେ ପଡ଼େ ମୁଁ ଝରି
ତରୁ ଡାଳ ମୋତେ ବାନ୍ଧି ପାରେ ନାହିଁ
ଜୀବନ ଯାଏ ମୋ ସରି

ଶରତ ସକାଳେ ନିର୍ମଳ ଗଗନ
କି ସୁନ୍ଦର ଦିଶେ ମୋତେ
ସେ ଗଗନ ନିତି ଚାହିଁ ଚାହିଁ ସତେ
ସବୁ ଦିନ ମୋର ବିତେ

କ୍ଷୁଦ୍ର ଏଇ ରୂପ ତୁମ ଦାନ ପ୍ରଭୁ
ତୁମେ ହିଁ ଜଗତ ଗୁରୁ

କ୍ଷୁଦ୍ର ପାଖୁଡ଼ା ରେ ସୁଲଳିତ ବାସ
ଦେଇଅଛ ମହାପୁରୁ
ଲୋଡ଼ା ନାହିଁ ପ୍ରଭୁ ବୃହତ୍ତର କାୟା
ଲୋଡ଼ା ନାହିଁ ରଙ୍ଗ ରୂପ
ତୁମ ପାଦତଳ ସରଗ ମୋହର
ତାହା ମୋର ତପ ଜପ

ସବୁ ଜନମର କପାଳ ଲେଖନୀ
ଥାଆନ୍ତା ଯଦି ମୋ ହାତରେ
ସବୁ ଜନମରେ ଝରା ଫୁଲ ହୋଇ
ଝରନ୍ତି ମୁଁ ତୁମ ପୟରେ

ଠିକଣା: ତଳିହା ରାମବାଗ ଯାଜପୁର
ଫୋନ:7439693195
ଇ ମେଲ୍: mallickgoutam056@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମା' ମୋର ସଙ୍ଗୀତର ରାଣୀ

ସୌମ୍ୟରଞ୍ଜନ ନନ୍ଦ

ଶୁଭ୍ର ତନୁ ମନ ତୁମ ସବୁଜ ପତ୍ରାଳୀ,
ସୁନେଲି ସ୍ୱପ୍ନରେ ତୁମେ ସୁବର୍ଣ୍ଣବର୍ଣ୍ଣାଳୀ ।୧।

ସଦ୍ୟସ୍ନାତା ତନୁ ତୁମ ଶିଶିରାକ୍ତ ପଲ୍ଲବୀ,
ଗୋଲାପୀ ଓଢ଼ଣୀକରେ ଭ୍ରମିତ ବଧୂ ଛବି ।୨।

ସୁଉଚ୍ଚ ପଲଙ୍କେ ପଦ୍ମାସନରେ ସଜ୍ଜିତା,
ପାଦରେ ଅଳତା ଶୁଭ୍ର ବସ୍ତ୍ରରେ ଭୂଷିତା ।୩।

କୁଙ୍କୁମାକ୍ତ କପାଳ କୁ ଭ୍ରୁଲତା ସିନ୍ଦୂର,
ରକ୍ତିମଆଭା ଦିଶେଯେହ୍ନେ ଦିଶଇ ସିନ୍ଧୂର ।୪।

କଜ୍ଜ୍ୱଳ ଶୋଭିତ ଘନଚକ୍ଷୁର ବଳୟ,
ନୀଳ ସଲିଳର ଢେଉ କୁଞ୍ଚିତ ପ୍ରଳୟ ।୫।

କାଳରାତ୍ରୀର କୋଳରେ ତିମିର ଯେସନ,
କଟିଦେଶ ଯାଏ ଦିଶେ କେଶର ବସନ । ୬।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କର୍ଣ୍ଣର କଳଙ୍କେ ଅଳଙ୍କାରର କଳନା,

ସ୍କନ୍ଧେ ପତିତ ଯେହ୍ନେ କୁଣ୍ଡଳୀ ଛଳନା । ୭।

ମଧୁର ଅଧର ପ୍ରତିବିମ୍ବିତ ରାଗିଣୀ,

ଲଜ୍ଜିତ ହୁଏ କୋକିଳ କୁଜ୍ଜିତ ଭାଳେଣି ।୮ ।

ସଙ୍ଗୀତ ସଙ୍ଗାତ ତୁମେ ସୁସ୍ଥିର ବରଣେ,

ବୀଣାବାଦିନୀ ବିଶ୍ୱ ବାଗଦେବୀ ଚରଣେ । ୯।

ଯୋଡ ହସ୍ତରେ ଧରି ସ୍ମିତ ହାସ୍ୟ ବାଣୀ,

ପ୍ରଭାତ ଦର୍ଶନେତୁମେ ସଙ୍ଗୀତର ରାଣୀ ।୧୦।

କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁଃଖ

ସରସ୍ୱତୀ ମେହେର

ଦୁଃଖ ମାନେ ଚିତ୍କାର ନୁହେଁ
ସେ ତ ଏକ ନୀରବ ଶ୍ୱାସ
ମନର ଭିତରେ ରହିଥିବା ଏକ
କୋହର ଅବଶେଷ ।
ରାତିର ସୁନ୍ଦର ସ୍ୱପ୍ନ ଯେବେ ହୁଏ
ସକାଳେ ଅଦୃଶ୍ୟମାନ
ଅନ୍ଧକାର ମୋ ହାତ ଧରି କହେ
ଅଥୟ କରନା ମନ ।
କେବେ ହସ ପଛରେ ଲୁଚିଥାଏ
ଅନେକ ଦରଦ
କେହି ଜାଣି ପାରନ୍ତି ନାହିଁ କିନ୍ତୁ
ସମ୍ଭାଳିବାକୁ ଦିଏ ଅଦ୍ଭୁତ ସାହସ ।

ଅଶ୍ରୁ ଆସେ,ମନରେ ହୁଏ ଭାରି କଷ୍ଟ
ତଥାପି ନ ହୋଇ ଅବିଚଳିତ
ଦୁଃଖ କେବେ ଶତ୍ରୁ ନୁହେଁ
ଦେଖାଏ ନୂଆ ପଥ ।
ଦେଖାଇ ଦିଏ ଆଲୋକର ପଥ
ମନକୁ ଶାନ୍ତ ଛୁଆଁ ଦେଇ
ଶିଖାଇ ଦିଏ ଜୀବନର ମର୍ମ
ଭାଗ୍ୟ କୁ ବଦଳାଇ ।

ସିନାପାଲି, ନୂଆପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂଘର୍ଷ

ଜିତେଷ୍ଣା ମହାପାତ୍ର

ସଫଳତା ପାଇବା ପରେ
ଆଉ କ'ଣ ରହେ ପାଇବାକୁ ?
ସବୁ ଉତ୍ସୁକତାର ଶେଷ ସୀମା ପାଲଟିଯାଏ
ବିଜୟର ମୋହର ।
ମଣିଷ ତ ବଞ୍ଚେ
ସବୁ କିଛି ହାସଲ କରିନେବାର
ସଂଘର୍ଷ ଭିତରେ,
କେବେ ଲୁହରେ ଭିଜି ଭିଜି ଲବଣାକ୍ତ ହୁଏ
ତ କେବେ ଲହୁ ଝରାଇ କ୍ଷତାକ୍ତ ହୁଏ,
ଯା ଭିତରେ ବି ଜୀବନରେ ହସିବାକୁ ହୁଏ
ଖୁସିର ମୁହୂର୍ତ୍ତ କେଉଁଠୁ ଟିକିଏ ଚୋରେଇ
ଆଣି,
ଖୁବ୍ ଚମତ୍କାର ଏ ସମୟର ଖେଳ ବି,
ଜୀବନ ଯୁଦ୍ଧରେ
କେବେ ଶକୁନିର ପଶାକାଠି ପାଲଟେ ସମୟ
ତ କେବେ ଅଭିମନ୍ୟୁ ପାଇଁ ଚକ୍ରବ୍ୟୁହ
ତଥାପି ଶେଷ ଯାଏଁ ବଞ୍ଚେ ମଣିଷ
ଆଗକୁ ପାଦ ବଢ଼ାଏ
ଦୁଃଖକୁ ବିସ୍ମୃତ କରି ସୁଖରେ ମାତେ,
ସବୁ କିଛି ପାଇଲା ପରେ ବି ରହିଯାଏ କିଛି
ଗୋଟେ ନ ପାଇବାର ଅବଶୋଷ,
ପୁଣି ଚାଲେ ନୂଆ ଏକ ସଙ୍ଘର୍ଷ,
ସବୁ କିଛି ହାସଲ କରିନବାର ସଙ୍ଘର୍ଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଃସଙ୍ଗ ସନ୍ଧ୍ୟା

ବିନୟ ମହାପାତ୍ର



ନିସଙ୍ଗ ଏ ପଉଷ ସଂଧ୍ୟା,
ତୁମ ବିନା ସବୁ କିଛି ଶୁନଶାନ୍,
ଖାଁ ଖାଁ ନିଛାଟିଆ ଲାଗେ,
ସତେ ଅବା ଝଡ ପୂର୍ବର ନିରବତା
ନିଥର ଶାନ୍ତ ଧରିତ୍ରୀ ଟିଏ,
ନିର୍ଭୟ ଆଶ୍ରୟ ମାଗେ ।
ସୁଲୁ ସୁଲୁ ହେମାଳ ପବନେ,
ସବୁ କିଛି କାକୁସ୍ଥ ଏଇଠି,
ସତେ ଅବା ନିସଙ୍ଗ ଆକାଶ
ଆପଣାର ସାଥୀଟିଏ ଲୋଡେ ।
ଟିକିଏ ଉଷୁମ ପରଶ ପାଇଁ
ସବୁ କିଛି ଆଉଜି ପଡନ୍ତି
ଏକ ଆରେକ ଉପରେ,
ତାରା ସବୁ ଖୁନ୍ଦି ହୋଇ ଯାଆନ୍ତି,
ଛୋଟ ପଡୁଥିବା କମ୍ବଳ ଭିତରେ ।

ତୁମେ ନାହଁ ଏଇ ଘରେ,
ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ,
ଚାରିଆଡ ଫୁଙ୍ଗୁଳା ଫୁଙ୍ଗୁଳା,
ଶୁନଶାନ୍ ନିଛାଟିଆ ଲାଗେ ।
ତୁମେ ସିନା ନାହଁ,
ବାକି ସମସ୍ତେ ଅଛନ୍ତି
ତୁମ ଛଡା ସବୁ କିଛି
ଠିକ ଠାକ୍ ଅଛି,
ହେଲେ, ତଥାପି କାହିଁକି,
ଏଠି ଏତେ ଏକା ଏକା ଲାଗେ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ ମୋର ତୁମକୁ ଖୋଜୁଛି,
ପ୍ରେମ ନହେଲେ ନାହିଁ,
ଟିକିଏ ଲଢେଇ କରନ୍ତେ,
କିଛି ନମିଳିଲେ ନାଇଁ,
ଗପିବାକୁ କିଛି ବିଷୟ ଖୋଜନ୍ତେ !
ଟିକେ ଗହଳ ଚହଳ ହୁଅନ୍ତା,
ତମର ସେ ରାଗ ତମ-ତମ ମୁହଁ ଦେଖି,
ମୁଁ ଟିକେ ଆନନ୍ଦ ନିଅନ୍ତି,
ତୁମେ ପୁଣି ନାକରେ କାନ୍ଦନ୍ତ,
ମାନଭଞ୍ଜନ ପାଇଁ
କେତେ କେତେ ବାହାନା କରନ୍ତ,
ହେଲେ ତୁମ ବିନା ଏଠି
ଆଉ କିଛି ନାହିଁ,
ଘର ଏତେ ଶୁନଶାନ୍ ଭଲ ଲାଗୁ ନାହିଁ,
ତୁମ ଛଡା ଅନ୍ତରଙ୍ଗ,
ଏବେ, ମୋର ଆଉ କେହି କାହିଁ ?

ଜୀବନର ଏଇ ଅଳସ ପହରେ,
ସାଥୀ ବିନା ଭାରି ବ୍ୟଥା ଲାଗେ,
ତୁମ ଠାରୁ ଆଉ କିଛି
ପାଇବାର ଲାଳସା ନାହିଁ ମୋ,
ଦେବାକୁ ବି ଆଉ କିଛି
ନାହିଁ ଅବଶେଷ,
ସବୁ କିଛି ଦିଆ ନିଆ ଆଗରୁ ସରିଛି,
ଏବେ ଖାଲି ସାଥୀଟିଏ ଲୋଡା,
ପ୍ରାତ ଅବା ସାଂଧ୍ୟ ଭ୍ରମଣରେ,
ଅବା ଦି'ଘଡି ପାଖେ ବସି
ଅତିତର ରୋମନ୍ଥନ ପାଇଁ,
କଥା ପଦେ କହିବାକୁ,
ତୁମ ସ୍ୱର ଶୁଣିବାକୁ,
ତୁମ ବାଟ ଅନାଇ ରହିଛି,
ନିସଙ୍ଗ ପୌଷ ସଂଧ୍ୟାରେ
କେବଳ ତୁମକୁ ଖୋଜୁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପହାସ କରୁଛ କି

ଅଜୟ କୁମାର ମହାନ୍ତି

ଉପହାସ କରୁଛ କି ମୋତେ
ମୋ ସ୍ୱାର୍ଥ ପରତା କି ଅବା
ମନେ ତୁମ ଆଣିଛି ଆଘାତ
ଭୁଲ କରି କରି କ୍ଷମାର ମହତ୍ୱ
ଅବମାନନା କରିଛି କି ମୁଁ
ମଣିଷ ପଣିଆ ନାହିଁ ବୋଲି
ଭାବୁଛ କି ତୁମେ
ତେବେ କଣ ସବୁ କ୍ଷେତ୍ରରେ
ନିନ୍ଦା ଅପବାଦ ସ୍ରଷ୍ଟା ମୁଁ
ଯେତେ ପାର ସେତେ ଘୃଣା କର
ହସି ହସି ସବୁ ମୁଁ ସହିବି
ତୁମେ ପରା ମୋର ଅତି ଆପଣାର
ତୁମକୁ କେମିତି ଭୁଲିବି

ମୋ ଇଚ୍ଛା ଅନିଚ୍ଛା ମାନେ କିଛି ନାହିଁ
ତୁମ ଇଚ୍ଛା ପୂର୍ଣ୍ଣ ହେଉ
ସ୍ୱାର୍ଥ ପାଇଁ ଯଦି ଅପରାଧୀ ମୁହିଁ
ଯାହା ଶାସ୍ତି ଦେବ ଦୁଃଖ ମୁଁ
କରିବି ନାହିଁ ।

ହରିପୁର, କବୀର ପୁର, ଯାଜପୁର
ମୋ ୯୪୩୭୫୬୪୧୬୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଲିଘର

ସୁଜିତ୍ ମିଶ୍ର

ବାଲିଘର ସେ ତ ସୁନା ଶୈଶବର ଅସରନ୍ତି ଚପଳାମି,
ଭାଙ୍ଗେ ସିନା ସିଏ ଭବରଙ୍ଗ ପଥେ ସଙ୍ଗେ ଥାଏ ଝୁମିଝୁମି ।
ମନ ଆଇନାରେ ବାଲିଘର କେତେ ସ୍ମୃତିଝରା ବଇଭବ,
ହଜୁଛି ବୟସ କିନ୍ତୁ ମିଠା ମିଠା ସେ ଅତୀତ କଳରବ ।

ସପନରେ ଗଢା ରଙ୍ଗ ବାଲିଘର ଭାଙ୍ଗିଦିଏ ଦୁଃଖ ଢେଉ,
ପୀରତି ଭାବର ବାଲିଘର ନିତି ହୃଦୟରେ ମିଠା ମହୁ ।
ଅବୁଝା ଏ ମନ ବାଲିଘର ପାଇଁ ଢାଳୁଛି ଅସରା ଲୁହ,
ସାଗର ବୁକୁରୁ କେବେ ବରଷିବ ସପନ ପାଇଁ ସେ କୋହ ?

ଛୁଆଁ ଟିକେ ପାଇଁ ବାଲିଘର ଖୋଜେ ସାଗରକୁ ସରାଗରେ,
ସେ ଛୁଆଁରେ ଅଛି ଶରଧା ବୋଲି ତ ବାଲିଘର ନିତି ମରେ ।
ଜୀବନ ନୁହେଁ କି ଭାବ ବାଲିଘର ଅମୃତ ପରଶେ ଗଢା,
କିନ୍ତୁ ଭାବନାର ଅଶାନ୍ତପଣରେ କାହିଁକି ଯେ ବାସି ମଡା ?

ବରଷା ଆସୁକି ଝାଞ୍ଜି ବଇଶାଖ ଛାତି ହେଲେ ପ୍ରୀତି ଝର,
ପୁଣ୍ୟ ପାରାବାରେ ପୁଣି ଝଲସିବ ବିଶ୍ୱାସର ବାଲିଘର ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର, ୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇ ଯୁଗର୍ ମାନବ୍

ସତ୍ୟ ନାରାୟଣ ମିଶ୍ର

କଲି ଯୁଗ ର୍ ରାମଚନ୍ଦର୍ ଧନୁଶର ନାଇଁ ଧରବାର୍
ଗୁରୁମହାପୁରୁ ସୁମୁରିକରି ଶର ଆରୁ ନାଇଁ ମାରବାର୍
ରିଭରଭଲ୍ ଥି କାରବାର୍
ଏକେ ରାଏଫଲ୍ ବନ୍ଧୁକବଲେ ଶତ୍ରୁ କରୁଛେ ସଂହାର୍

ଇ ଯୁଗେ ତ କାଲିଆ କାହ୍ନୁ ନାଇଁ ବଜାବାର୍ ବଏଁଶି
ମୋବାଇଲ କଥାର୍ ସୁରେ ରାଈ ର୍ ମନ ମୁହିଁସି
ଦିନରାଏତ୍ ଚାଲିଥିସି ଚାଟିଂ
ପାର୍କ ଆଡେ ଆସବୁ ବୋଲି ସମିଆଁ କରେ ଫିଟିଂ

ଶ୍ରବନ କୁମାର ମା ବୁଆ କେ ଭାତ୍ ମୁଠେ ନି ଦିଏ
ବୁଢାବୁଢ଼ି କେ ଜରା ନିବାସେ ରଖି କରୁଛେ ହାଏ
କର୍ଣ୍ଣ ଆରୁ ଦାନ ନାଇଁ ଦିଏ ସୁନା
ବଡା ସୁକେ ଦିନ ଯଉଛେ ଦୁଃଖିରାମ ତାର ନାଁ

ଭୁତନାଥ ନାଇଁ ପେଶବାର୍ ଭୁତ ପେତେନ୍ ବେତାଲ୍
ରବର୍ଟ ନୋଟ ନେଟର୍ ବଲେ କାମବନୁଛେ କମାଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଟମ୍ ବମ୍ ବି ତିଆର୍
ଉଁ ଚୁଁ କଲେ କାହିଁ ତିରସୁଲ୍ ବମ ଫୁଟୁଛେ ଦୁଲଦାଲ୍

ଲଙ୍କାପତି ବାବାଜି ଭେସେ ନାଇଁ ଚୁରାବାର୍ ସୀତା
ବିଚ ବଜାରେ କାର୍ ଭିତିରେ କରସି ଅଦମ୍ ପତା
ସାକ୍ଷୀ ପରମାନ୍ ତୁଚ୍ଛା ଟା
ଆଇନ ଆଖିବନ୍ଧା ଅଛେ କଲା ରଂଗ ର୍ ଫିତା

ନାଁ ଟା ସିନା ଦେବାଦେବୀ ଗନ୍ଧରବ୍ କି ଦାନବ୍
ସବୁ ଠାନୁଁ ଜିତିଗଲା କଲି ଯୁଗର ମାନବ୍
ଡରେ ନାଇଁ କାହାକେ
ନାଇଁଭାବବ ସାନେସୁରୁ ତିନହାତ୍ କାଣେ ମୁନୁଷକେ

ସିନ୍ଧେକେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଝିଘରିଆଣୀ : ଅପ୍ରକାଶିତ କିମ୍ବଦନ୍ତୀ

ପ୍ରଦୀପ କୁମାର ଜିଲିକାରା

କବି, ପ୍ରାଚୀନ ସାହିତ୍ୟ ଓ ଜନଜାତି ସଂସ୍କୃତି ପ୍ରାଣ

ଘନ ବନ ଶ୍ୟାମଳତାମୟ ବନି-ବନିତାର ଆଶ୍ରୟଦାୟକ ପରି କରୀକୁମ୍ଭ-ଉତ୍ତୁଙ୍ଗ-ଭୂଧର ନିଚୟ ପ୍ରାଚୀରୁ ପ୍ରତୀଚି, ଉଦୀଚିରୁ ଅବାଚୀ, ବାୟବ୍ୟ ନୈରୃତ, ଅଗ୍ନି ଐଶାନ୍ୟ ଅଷ୍ଟଦିଶି ସର୍ବତ୍ର ପ୍ରାକାର ସମ । ଯାହାଙ୍କ ଶିଖରରୁ ଆଦ୍ୟ ପଦପାତ କରି ରୁଣୁଝୁଣୁ ନୂପୁର ନିକ୍ୱଣତାରେ ପର୍ବତକନ୍ୟା କଦମ୍ବ ବ୍ରରରାଜ-ବିହାର-ବିପିନ-ମଞ୍ଜୁ-ନିକୁଞ୍ଜ ସ୍ପର୍ଶେ ପ୍ରବାହିତ କାଳିନ୍ଦୀ ରୁଚିର, ବିଷ୍ଣୁପଦୁ ସୃଷ୍ଟ ବିଷ୍ଣୁପଦୀଜିତ ଶୁଭ୍ରୋଜ୍ଜ୍ୱଳ ପାବନୀ, ସରସ୍ୱତୀ ସମା ଭାବ-ସାଧନାଶୀଳା । ଶିଳା ଶିଳାରେ ଲୀଳାର କୀଲାଳ ହିଲ୍ଲୋଳ ସମ ବେଗଗମନା ହୃଦୟକୁ କରେ ମଧୁ ଛନ୍ଦରେ ଛନ୍ଦିତ ।

ଅତଳକୁ ଆଲିଙ୍ଗନ କରି ବୀଚିମୟୀ-ରୁଚିର-ନିର୍ଝରିଣୀ- ଝଞ୍ଝାବତୀ ଝର୍ଝର ନିନାଦିତ ମୂର୍ଚ୍ଛନାରେ ଆତଙ୍କିତ କରେ ପୁଣି ଆକର୍ଷିତ କରେ । ତାର ତଟେ ଶୋଭାମୟ-ଶ୍ୟାମଳ-କାନନ ପ୍ରଦେଶେ ହେମ ମୁକୁଟ ମଣ୍ଡିତା ଆର୍ତ୍ତ ଆର୍ତ୍ତ ଖଣ୍ଡିତା ଲୋଳଜିହ୍ୱା କୋଟି ପର୍ବ ଶର୍ବରୀଶହାସଶୋଭନା ଚଳଚଞ୍ଚଳ ବିଶାଳ ଖେଳ-ଖଞ୍ଜରୀଟ ଘୂର୍ମିତ ଲୋଚନା ରକ୍ତ ମନ୍ଦାର ମର୍ଦ୍ଦିତ ସୁନ୍ଦର ସିନ୍ଦୂର ବଦନା ପାର୍ବତୀ କାଳୀ କରାଳୀ ଭୟଙ୍କରୀ ମଙ୍ଗଳମୟୀ ମଙ୍ଗଳା ବିଘ୍ନବିନାଶକ ବିନାୟକ ଜନନୀ ଭୂଲୋକ ଭୂବଲୋକ ସର୍ବଲୋକ ଜନନୀ କୋଟିବ୍ରହ୍ମାଣ୍ଡେଶ୍ୱରୀ ସାକ୍ଷାତ ଗୁପ୍ତ-ଚତୁର୍ଭୂଜା ନାରାୟଣୀ ପୂଜିତା, ନିରାଜିତା । ଜୟପୁର ରାଜାଙ୍କ ହୃତପିଣ୍ଡ ସ୍ପନ୍ଦନ ସ୍ପନ୍ଦିତକାରିଣୀ, ମାନସ-ଇଷ୍ଟ; ଜୟପୁରରୁ ରାୟଗଡ଼ ସ୍ଥାନାନ୍ତରିତା, ରାଜଅନ୍ତପୁର ଗୃହ ମଧ୍ୟ ପୂଜିତା ମା ମଝିଘରିଆଣୀଙ୍କର ଏକ ସୁନ୍ଦର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିମ୍ବଦନ୍ତୀ ରହିଛି ।

ପୂର୍ବେ ସାନ୍ଦିପନୀଶିଷ୍ୟ ବକାଚିରା ବହ୍ନିଗିଳା ଗୋପବାଳ ସଙ୍ଗାତ ଗୋପୀ ବସନ ଚୋରା ନବଘନ ବିଜିତ ଚିକ୍କଣ ମୁଖ ତୋରା ବ୍ରଜରାଜ ହୃଦଚନ୍ଦ୍ରମା କୃଷ୍ଣଚନ୍ଦ୍ର ଅଗ୍ରଜ ଏକକୁଣ୍ଡଳ ହଳାୟୁଧ ହରି ଅଷ୍ଟମ-ଅବତାର ନଙ୍ଗଳସୀତାମୂନ ଭୂମି ଉତ୍କୀର୍ଣ୍ଣରୁ ସୃଷ୍ଟ ବୃଷା କରାୟୁଧ ନନ୍ଦିଘୋଷ ଘର୍ଘରଘୋଷକାରିଣୀ ନାଗାବଳୀ ସ୍ରୋତସ୍ୱତୀ ପାର୍ଶ୍ୱ ଶ୍ୟାମ ବନକେଦାର ଅନନ୍ତ ନିର୍ମଳ ଗଗନମଣ୍ଡଳ ତଳେ ହାତୀପଥର ନାମକ ଏକ ସ୍ଥାନରେ ହାତୀପୋଥେଶ୍ୱର ନାମ୍ନୀ ଖଳ ତାନ୍ତ୍ରିକ ଶୂଳପାଣି ବୃଷାସନ କୃତ୍ତିଚର୍ମଧାରଣ ଷଡ଼ମୁଖତାତ ତ୍ରୟମ୍ବକ ଚନ୍ଦ୍ରଚୂଡ଼ଙ୍କର ଆରାଧନାରତ ପୂର୍ବକ ଅବସ୍ଥାନ କରୁଥିଲା ।

ଦୀର୍ଘ ଦିନ ଧରି ସେ ଶିବଙ୍କୁ ତପସ୍ୟା କଲା ପରେ ମଧ୍ୟ ଶଙ୍କର ଭଗବାନ କୃପା କଟାକ୍ଷ ନ ଢାଳିବାରୁ ଉତକ୍ଷିପ୍ତ ହୋଇ ନିଜର ହସ୍ତକୁ ଛେଦନ କରିବାରେ ଉଦ୍ୟତ ହୁଅନ୍ତେ କାଶୀବାସୀ ସ୍ୱୟଂ ଆବିର୍ଭାବ ହୋଇ ତପସ୍ୟାର କାରଣ ପଚାରି କର ଦ୍ୱୟ ଧରି ପକାଇଲେ । ଅଶ୍ରୁ ଝରଝର ଭକ୍ତି ଗଦଗଦ ହୋଇ ହର ସରୋରୁହ-ପଦଯୁଗଳ ପ୍ରାନ୍ତେ ପଡ଼ି ତାନ୍ତ୍ରିକ ହାତୀ ପୋଥେଶ୍ୱର ବାଷ୍ପରୁଦ୍ଧ କଣ୍ଠରେ ବର ଭିକ୍ଷା କଲା । ହେ ପ୍ରଭୁ ଗୌରବର୍ଣ୍ଣ ! ନୀଳକଣ୍ଠ ଆଶୁତୋଷ ! ମୋତେ ଚିରାୟୁ ରହିବାର ବର ପ୍ରଦାନ କରନ୍ତୁ । ତ୍ରିଲୋଚନ ଏହି ବର ମାଗିବାରୁ ଏ କାମନାରୁ କ୍ଷାନ୍ତ ରହିବାକୁ କହିବାରୁ ତାନ୍ତ୍ରିକ ଯାହାକୁ ଚାହିଁଲେ ବଶ କରିବା, ପାଷାଣ ବିଗ୍ରହ କରି ପାରିବାର ଇଚ୍ଛା ପ୍ରକାଶ କରିବାରୁ ଜ୍ଞାନେଶ୍ୱରୀ ମନ୍ତ୍ରଦଣ୍ଡ ପ୍ରଦାନ ପୂର୍ବକ କହିଲେ, ଧ୍ୟାନ ପୂର୍ବକ ମନ୍ତ୍ର ଜପ କରି ଏ ମନ୍ତ୍ର ଦଣ୍ଡ ପ୍ରୟୋଗ କଲେ ତୋର ସମସ୍ତ ମନସ୍କାମନା ପୂର୍ଣ୍ଣ ହେବ; ମାତ୍ର ଅଜର ସଦାମର ବର ଅସମ୍ଭବ ! ଆଉ ଚେତାଇ ଦେଇ କହିଲେ ଅତି ପାପରେ ତୋର କ୍ଷୟ ଯିବ । ପ୍ରଭୁ କାଶୀଶ୍ୱର ସେଠାରୁ ଅନ୍ତର୍ଦ୍ଧାନ ହୋଇ ତାନ୍ତ୍ରିକ ଦ୍ୱାରା ଲିଙ୍ଗାକୃତିରେ ପୂଜିତ ହେଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାନ୍ତ୍ରିକର ବିଳାସମୟ ଜୀବନଯାପନ ମଧ୍ୟରେ ତାର ତିନି ପତ୍ନୀ ନାଟ୍ୟବତୀ ପ୍ରମୋଦାସାର ସାରସାକ୍ଷୀ ଯିଏ ସର୍ବଦା ନୃତ୍ୟ ଛନ୍ଦରେ ମନୋରଞ୍ଜନ କରାଏ, ଗାନବତୀ ଯିଏ ମଧୁର ସଙ୍ଗୀତ ବୀଣାବାଦନ ପ୍ରବୀଣା କୋକିଳ କଳ କଣ୍ଠରେ ଗାୟନରେ ଶ୍ରୁତିରଞ୍ଜନ କରାଏ ଏବଂ ତାର ଅତି ପ୍ରିୟ ରାସ ରତିରସବିହାରିଣୀ ପ୍ରିୟବତୀ ପ୍ରଧାନଭାର୍ଯ୍ୟା । ତାର ଜୀବନେ ପ୍ରାଚୁର୍ଯ୍ୟ ଭୋଗ ସ୍ୱର୍ଗାଧିପ ଐରାବତବାହନଠାରୁ କମ୍ କି ? ଭୂତି ବିଭୂତି ସମ୍ପଦ ସମ୍ପତ୍ତିର ପର୍ଯ୍ୟାପ୍ତ ପରିମାଣ - କୁବେର ଭଣ୍ଡାରକୁ ଅଙ୍ଗହାସ୍ୟ କରେ । ଏତେ ସମ୍ବଳ ଥାଇ ମଧ୍ୟ ମାନସର ପୂର୍ଣ୍ଣତା ପ୍ରଶାନ୍ତି ସନ୍ତୁଷ୍ଟି ନାହିଁ । ହର ପୂଜା ଦର୍ଶନ ଆକାଂକ୍ଷୀ ଦମ୍ପତିଙ୍କୁ ସେ ଆସିବାର ଦେଖି ସେଦିନ ସୌନ୍ଦର୍ଯ୍ୟର ପିପାସାରେ ମାୟାଜାଲ କବଳିତ ଇନ୍ଦ୍ରିୟ ଅସଂଯମୀ ହୋଇ ଲୋଭ ସମ୍ବରଣ କରି ପାରିଲା ନାହିଁ । ସୁନ୍ଦରୀ ନୂତନ ବିବାହିତାର ପତିକୁ ହତ୍ୟା କରି ଆତତାୟୀ, ପତ୍ନୀର ଅନିଚ୍ଛାକୃତ ସତ୍ତ୍ୱେ ଦୁଷ୍କର୍ମ ଲାଳସୀ ହୋଇ ଅସମ୍ମତ ଜାଣି ଜ୍ଞାନେଶ୍ୱରୀ ମନ୍ତ୍ରଦଣ୍ଡ ପ୍ରୟୋଗ କରି ରତିରୂପା ସୁନ୍ଦରୀକୁ ଶିଳା ଲୀଳାମୟୀ ମୂର୍ତ୍ତିରେ ପରିବର୍ତ୍ତନ କରି ଦେଇଥିଲା । ବିଭୁ ପୂଜନ ମନୋସ୍କ ଭକ୍ତ ଦମ୍ପତି ଶରଣାର୍ଥୀଙ୍କ ଆଗମନ ତାର ଶିବ ପୀଠ ପ୍ରାଙ୍ଗଣ ହେଲେ ସେଠାରେ ସେମାନଙ୍କର ସମଦଶା କରିଦେଉଥିଲା । ସେ ଭୁଲିଯାଇଛି ଯେ ହର ବର ଦେବା କାଳରେ କହି ଯାଇଛନ୍ତି ଅତିଶୟ ପାପ କର୍ମ ତୋର ମୃତ୍ୟୁର କାରଣ ହେବ । ମାତ୍ର ତାର ଏ ଦୁରାଚାର ପ୍ରକ୍ରିୟା ବଳବତ୍ତର ରହିଲା । ଏଣେ ରାୟଗଡ଼ ପରିସୀମା ଖଣ୍ଡ ପରିମଣ୍ଡଳକୁ ଶାସନ କରୁଥାଆନ୍ତି ରାଜାଧିରାଜ ପ୍ରବଳ ପ୍ରତାପୀ ରାୟସିଂହଦେବ । ଅଜସ୍ର ଧନ ସମ୍ପଦ ଥାଇ ସୁଦ୍ଧା ରାଜା ରାୟସିଂହ ଦେବଙ୍କର ଏକଶତ ଆଠ ରାଣୀ ମାନଙ୍କ ମଧ୍ୟରୁ ସମସ୍ତେ ସନ୍ତାନ ଉତ୍ପନ୍ନାକ୍ଷମା । ଏ ବିଷୟକୁ ନେଇ ରାଜା ମ୍ରିୟମାଣ ଓ ଚିନ୍ତାଶୀଳ ରହୁଥିଲେ । ରାଣୀ ବରାହାଗୌରୀ ସଙ୍ଗେ ରାଣୀ ହଂସପୁରେ ବିଳାସ ଦିନେ କରୁଛନ୍ତି ରାଜା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାୟସିଂହଦେବ । ମଧୁପୁରେ ଅପ୍ରସନ୍ନ ମଳିନ ମୁଖ ଥିବାରୁ ବରାହାଗୌରୀ କାରଣ ପଚାରିବାରୁ ସେ ହୃଦୟର କଥାକୁ ହୃଦେଶ୍ୱରୀ ନିକଟରେ ବ୍ୟକ୍ତ କରିଥିଲେ । ରାଣୀ ବରାହାଗୌରୀ ଏ କାମନା ମନ- ବାଞ୍ଛା ପୂର୍ଣ୍ଣ ପାଇଁ ମା ମଝିଘରିଆଣୀଙ୍କର ପଦାଶ୍ରିତ ହେଲେ । ରାଜାଙ୍କର ଶେଷତମ ରାଣୀ ବରାହାଗୌରୀ ମା ମଝିଘରିଆଣୀଙ୍କର ପରମ ଭକ୍ତ, ସର୍ବଗୁଣସମ୍ପନ୍ନା, ଐଶର୍ଯ୍ୟଶାଳିନୀ, ବତିଶଲକ୍ଷଣା ସତୀ କୁଳ -ପୁଲୋମଜା । ତାର ନିଷ୍ଠାପରତା ପୂଜା ପାଠରେ ମା ନାରାୟଣୀ ପ୍ରସନ୍ନ ହୋଇ ସ୍ୱପ୍ନରେ ଦର୍ଶନ ପୂର୍ବକ ଏକ ସୁବର୍ଣ୍ଣ ବର୍ଣ୍ଣ ପକ୍ୱ ରସାଳ ଫଳ ପ୍ରସାଦ ସ୍ୱରୂପ ଦେଇ ଦୁଇଟି ସନ୍ତାନ ପ୍ରାପ୍ତିର ବର ପ୍ରଦାନ କଲେ । କିଛି ଦିନ ଅନ୍ତେ ଏକ ପୁତ୍ର ଓ କନ୍ୟା ସନ୍ତାନ ଜାତ ହେବା ଖବରରେ ରାଜ୍ୟରେ ମହାଡ଼ମ୍ବରରେ ଆନନ୍ଦ ଉତ୍ସବ ପାଳନ କରାଗଲା । ରାଜାଙ୍କ ନିର୍ଦ୍ଦେଶ କ୍ରମେ ବ୍ରାହ୍ମଣ ପଣ୍ଡିତ ବିଦ୍ୱାନ ଦରିଦ୍ର ସାମାଜିକ ଅବହେଳିତ ଲୋକ ମାନଙ୍କୁ ସୁବର୍ଣ୍ଣ ରୌପ୍ୟ ଗାଭୀ ଖାଦ୍ୟ ପଦାର୍ଥ ଇତ୍ୟାଦି ଦାନ କରାଗଲା ।

ଧିରେ ଧିରେ ବାଲ୍ୟ ପୌଗଣ୍ଡ ଯାଇ ଏବେ ଯୌବନ ଅବସ୍ଥାରେ ପୁତ୍ର ଯଶ ପ୍ରଭାବ ପ୍ରଶସ୍ତି ବିସ୍ତାରଶାଳୀ ରାଜକୁମାର ଯଶୋବନ୍ତ, ନାମ ଯାହାର ସାର୍ଥକ ହୋଇଛି । ଏପଟେ ଅନିନ୍ଦ୍ୟ ସୁନ୍ଦରୀ, ନେତ୍ର କଟାକ୍ଷରେ ଚତୁର୍ଦ୍ଦଶ ଭୁବନମୋହନ କାରିଣୀ ବାଲାମାଜି ଗୌରୀ ମଧ୍ୟ କୋମଳ ଯୌବନା । ତରୁଣ ଅରୁଣ କର ସୁଧା ରସପାୟୀ ପ୍ରଫୁଲ୍ଲ କମଳ କଳି ପରି ଫୁଟି ଉଠିଲେଣି ବକ୍ଷ ସ୍ଥଳରେ ଉନ୍ନତ ବକ୍ଷୋଜ ଯୁଗଳ । ରମ୍ଭା ତରୁ ନିନ୍ଦିତ ଊରୁ, ନିଷ୍କଳଙ୍କ ପୂର୍ଣ୍ଣ ସୁଧାକର ନିନ୍ଦିତ ସୁଧା ହାସମୟ ମୁଖ ମଣ୍ଡଳ, ଦରୀଭୂତ - ତରୁ ପତ୍ରାବଳୀ ଆଶ୍ରୟୀ ଛନ୍ନ ରଚ୍ଚ ନୟନା, ସୁରଙ୍ଗ ଜବାଧରା, ଯୋଜନସୁଗନ୍ଧବତୀ, ଗୁଣଶୀଳା ପ୍ରେମମୟୀ ରତି କୌତୁକ କ୍ରୀଡ଼ା ନିପୁଣା ବ୍ରହ୍ମା - ସ୍ୱକର ସର୍ଜିତ କୋଟିଏ କନ୍ୟାର କର୍ମ କୁଶଳତାରୁ ଏକତ୍ରିତ ସର୍ବସାର କୃତି ରତିକୀର୍ତ୍ତିବତୀ ଚପଳ ଲଳନା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜା ରାୟସିଂହଦେବ ବିବାହର ଉପଯୁକ୍ତ ସମୟ ଜାଣି ମନ୍ତ୍ରୀ ସେନାପତି ସମସ୍ତ ପାରିଷଦ ବର୍ଗମାନଙ୍କୁ ଏକ ଉତ୍ତମ ବର ପାତ୍ରର ଅନୁସନ୍ଧାନର ଆଦେଶ ଦେଲେ । ସୁଦକ୍ଷ ମହାମନ୍ତ୍ରୀ ନିକଟ ରାଜ୍ୟର ରାଜା ଛୁଟୁରାଜୁଙ୍କ ପୁତ୍ର ଚିନାରାଜୁଙ୍କ ସହିତ ବିବାହ କରିବାର ପ୍ରସ୍ତାବ ରଖିଲେ ଏବଂ ରାଜା ମଧ୍ୟ ସମ୍ମତି ପ୍ରଦାନ କଲେ । ରାବଣ ସହିତ ମନ୍ଦୋଦରୀ, ରାମ ସୀତା, ହର ପାର୍ବତୀ, ବାଳି ତାରା, ରାଧା କୃଷ୍ଣଙ୍କ ଅସହଜ ପ୍ରେମ ପରି ଅମ୍ଳାନ ଦାମ୍ପତ୍ୟର ପବିତ୍ର ବନ୍ଧନ ରହିବାର ଶୁଭାକାଂକ୍ଷୀ ହୋଇ ଉକ୍ତ ମାଙ୍ଗଳିକ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରାଇଲେ ମହାମନ୍ତ୍ରୀ । ରାଜା ରାୟସିଂହଦେବ ରାଣୀଗୁଡ଼ା ଠାରେ ନବ ଦମ୍ପତ୍ତିଙ୍କ ପାଇଁ ଏକ ବିଶାଳ ଗଗନଚୁମ୍ବୀ ଅଟ୍ଟାଳିକା ନିର୍ମାଣ କରାଇଦେଇ ସସ୍ତ୍ରୀକ ସନ୍ନ୍ୟାସ ମାର୍ଗ ଧରି ତୀର୍ଥ ଯାତ୍ରୀ ହେଲେ ।

ପରମ ସୁନ୍ଦରୀ ରାଣୀ ବାଲାମାଜିଗୌରୀ ସହିତ ରାଜା ଚିନ୍ନାରାଜୁ ପ୍ରଜା ପାଳନ କରୁଥାନ୍ତି । ସମସ୍ତ ବିଦ୍ୟାରେ ପାରଙ୍ଗମ ରାଜା ପରମ ଦୟାଶୀଳ ଗୁଣବାନ । ଏପଟେ କ୍ରୁର ମାୟାବୀ ମାନବ ରୂପୀ ନର ପିଶାଚ ତାନ୍ତ୍ରିକ ହାତୀପୋଥେଶ୍ୱରର ବର୍ବରତା ପ୍ରଚଣ୍ଡ ଅଗ୍ନି ପରି ପ୍ରଜ୍ୱଳିତ ହୋଇ ସମଗ୍ର ରାଜ୍ୟକୁ ଭୟଭୀତ କରାଇଲା । ପ୍ରଜାଗଣ ଶୋକାକୁଳ ପରିବେଶ ମଧ୍ୟରେ ରହି ରାଜାଙ୍କର ଶରଣ ନେଲେ । ଏ ଖବର ପ୍ରାପ୍ତ ହୋଇ ପ୍ରଜାରକ୍ଷକଧର୍ମୀ ରାଜନ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ସୈନ୍ୟ ସାମନ୍ତ ସଜ କରି ବାହାରିବା ପୂର୍ବରୁ ବୀରାଙ୍ଗନା ରାଣୀ ବାଲାମାଜିଗୌରୀ ତାଙ୍କୁ ବୀର ବେଶରେ ସଜ୍ଜିତ କରି ନାରାୟଣୀଙ୍କୁ ପ୍ରସନ୍ନ କରି ପାଇଥିବା ବଜ୍ରାୟୁଧ ରାଜାଙ୍କୁ ପ୍ରଦାନ କଲେ ।

ହାତୀପଥରରେ କୁକର୍ମରେ ଲିପ୍ତ ଥିବା କୁକର୍ମା ତାନ୍ତ୍ରିକକୁ ରାଜା ଠାବ କରି ସୈନ୍ୟ ବାହିନୀ ସଙ୍ଗେ ଘେରିଗଲେ ସତ; ମାତ୍ର ସମସ୍ତ ସୈନ୍ୟମାନଙ୍କ କଳ ବଳ କୌଶଳ ପରାକ୍ରମ ଦୁର୍ବଳ ହୋଇ ପଡ଼ିଲା ମାୟାବୀ ଦୁଷ୍ଟ ରାକ୍ଷସ ପ୍ରକୃତି ତାନ୍ତ୍ରିକ ଆଗରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମସ୍ତଙ୍କୁ ସେ ବଧ କଲା ତ କାହାକୁ ପ୍ରସ୍ତର ମୂର୍ତ୍ତିରେ ପରିବର୍ତ୍ତନ କରିଦେଲା, ରାଜାଙ୍କୁ ବନ୍ଦୀ କରି ରଖିଲା । କିଛି ସୈନ୍ୟ ବଞ୍ଚି ଲୁଚି ଯାଇ ରାଣୀଙ୍କୁ ଏ ଖବର ଦିଅନ୍ତେ ପତିବ୍ରତା ସୁଲକ୍ଷଣା ସତୀ ନାରୀ କୁଳ ଶିରୋମଣି ଧାଇଁ ଯାଇଥିଲେ ଅତି ବିକଳରେ ରାଜାଙ୍କୁ ମୁକ୍ତ କରିବା ପାଇଁ । ପୂର୍ବରୁ ଅନେଶତ ରମଣୀ ମାନଙ୍କୁ ଅତି ନୃଶଂସ ଭାବରେ ରତି ରସ ଲୋଭୀ ତାନ୍ତ୍ରିକ ଲଳିତ ତନୁକୁ ଉପଳ କଠୋର କଠିନ ଶିଳା ଲଳନା କରିଦେଇଛି ।

ଏ ପରମ ସୁନ୍ଦରୀ ରୂପ ଯୌବନରେ ମୁଗ୍ଧ ହୋଇ ପ୍ରୀତି ଭିକ୍ଷା କରନ୍ତେ ରାଣୀ ଅତି କ୍ରୋଧିତା ହେଲେ, ବଜ୍ରାୟୁଧରେ ତାନ୍ତ୍ରିକକୁ ପ୍ରହାର କରିବାକୁ ପ୍ରସ୍ତୁତ ହୁଅନ୍ତେ ସେ ଶୃଙ୍ଗାରଚେତ୍ ଖଳ ଆୟୁଧକୁ ମଲ୍ଲୀଫୁଲ ଗଜରା ହାରରେ ରୂପାନ୍ତରିତ କରିଦେଲା; ଶକ୍ତିବିହୀନା ଅବଳା ମାୟାଶକ୍ତି ସମ୍ମୁଖରେ ହାର ମାନି ସତୀତ୍ୱକୁ ରକ୍ଷା କରିବାକୁ ଯାଇ ଆଗେଇ ଚାଲିଲେ ନିମ୍ନଗାମିନୀ ଖରସ୍ରୋତା ଝଞ୍ଜାବତୀ ଆଡ଼କୁ । ମା ନାରାୟଣୀ ମଝିଘରିଆଣୀଙ୍କୁ ସ୍ମରଣ କରି ପତି ଅନୁରକ୍ତା ପତି ବିରହ କଷ୍ଟ -ଅସହ୍ୟା ସତୀ ଶିରୋମଣି ଝଞ୍ଜାବତୀ ଗଭୀର ଗଣ୍ଡରେ ଝାସ ଦେଲେ । ଏହି ସମୟରେ ସେ ଗଭୀର ଜଳ ଗଣ୍ଡରୁ ପ୍ରକଟିତ ହେଲେ ସାକ୍ଷାତ ନାରାୟଣୀ ମଝିଘରିଆଣୀ ଚତୁର୍ଭୁଜା । ଅଭୟବରଦାୟିନୀ କର, ଏକ ହସ୍ତେ ଖଡ୍‌ଗ, ଆନ ହସ୍ତେ ଗଦା, ତ୍ରିଶୂଳକରା ଶଙ୍କରୀ ଶାକମ୍ଭରୀ । ପଦ ପାତ ମାତ୍ରେ ପ୍ରକମ୍ପିତ ହେଲା ଅବନୀ, ଲହ ଲହ ରକ୍ତ ଲୋଳ ଜିହ୍ୱା କରି ଅଗ୍ରଗାମୀ ହେଲେ ହାତୀ ପୋଥେଶ୍ୱରର ସେ ଶିବ ଦେବାଳୟକୁ । ବିକଟାଳ ମୂର୍ତ୍ତି ଦେଖି ତାନ୍ତ୍ରିକ କଦଳୀ ପତ୍ର ପ୍ରାୟେ ଭୟରେ ପ୍ରକମ୍ପିତ ହୋଇ ଶିବ ଶକ୍ତି ଲିଙ୍ଗକୁ ଆଶ୍ଳେଷି ଧରିଲେ ସୁଦ୍ଧା, ଯେତେ କ୍ଷମା ପ୍ରାର୍ଥନା କଲେ ମଧ୍ୟ ମା ତାର ମସ୍ତକ ବାଳ ଚୂଳକୁ ଭିଡ଼ି ଆଣି ମସ୍ତକ ଛେଦନ କଲେ ଯେ ମୁଣ୍ଡ ଛିଟିକି ଯାଇ ଗଗନ ମଣ୍ଡଳକୁ ସନ୍ତରଣ କଲା ଆଉ ଦୃଷ୍ଟି ଅପହଞ୍ଚ ସୀମାହୀନ ଚକ୍ରବାଳରେ ଯାଇ ପଡ଼ିଲା । ଏତେ ଓଜନ ପାପ ଭାରା ମହୀଭାଗରୁ ହରଣ ହେଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜା ସିନା ବନ୍ଦୀ ମୁକ୍ତ ହେଲେ କିନ୍ତୁ ରାଣୀର ଅବର୍ତ୍ତମାନ କଥା ଶୁଣି ସେ ନଗର ପରିତ୍ୟକ୍ତ ହୋଇ ଯୋଗୀ ବେଶ ଧାରଣ କଲେ । ମାଆଙ୍କର ଅପାର କରୁଣା ଏ ରାୟଗଡ଼ ଜନଜାତି ଉପରେ, ସମଗ୍ର ବିଶ୍ୱ ସକଳ ଜଗତ ଜୀବନ ଉପରେ ମାଆଙ୍କର କୃପା ଝରି ପଡ଼େ । ମା କୃପା କଲେ ପୁତ୍ରର ଦୁର୍ଗମ ଦୁର୍ଘଟଣା ମଧ୍ୟ ଖଣ୍ଡିତ ହୁଏ । ସନ୍ତାନ ବତ୍ସଳା ମା ନାରାୟଣୀ ମଝିଘରିଆଣୀ ତାହାରି କୋଳରେ ରଖି ଆମ ସମସ୍ତଙ୍କୁ ପରିପାଳନ କରୁଛି । ରାୟଗଡ଼ ଅଧିଷ୍ଠିତ ଇଷ୍ଟଦେବୀ ମା ମଝିଘରିଆଣୀଙ୍କର ଜୟ ହେଉ । ଜୟ ମା ନାରାୟଣୀ । ଜୟ ମା ମଝିଘରିଆଣୀ ।

ଗ୍ରାମ - ହାଡ଼ଶିଙ୍କୁଳା,
ଡାକ- ଚାଟିକୋଣା,
ଗୋଷ୍ଠୀ - ବିଷମକଟକ,
ଜିଲ୍ଲା- ରାୟଗଡ଼ ୭୬୫୦୧୯,
ଦୂରଭାଷ - ୮୨୪୯୪୩୯୯୩୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଚିତ୍ର ବ୍ରହ୍ମାଣ୍ଡ

ଅଭିଳାଷ ପଟ୍ଟନାୟକ

ଉପକ୍ରମ: ବ୍ରହ୍ମାଣ୍ଡ(Universe)ର ଆଦି ଏବଂ ଅନ୍ତ କେଉଁଠାରେ ତା'ର ଉତ୍ତର କୌଣସି ବୈଜ୍ଞାନିକ କିମ୍ବା ଧର୍ମଗୁରୁଙ୍କ ପାଖରେ ନାହିଁ । ଧାର୍ମିକ ବ୍ୟକ୍ତି କୁହନ୍ତି "ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ତା' ଲୋମ କୂପେ ବିରାଜଇ ।" ସେ ହେଉଛନ୍ତି ଭଗବାନ ବିଷ୍ଣୁ । ବୈଜ୍ଞାନିକଙ୍କ Big Bang ସିଦ୍ଧାନ୍ତ ଅନୁସାରେ ପ୍ରାୟ ୧୪୦୦ କୋଟି ବର୍ଷ ପୂର୍ବେ ଅସୀମ ଘନତ୍ୱ ବିଶିଷ୍ଟ ଏକ କ୍ଷୁଦ୍ର କଣିକା (Singularity)ରେ ବିରାଟ ବିସ୍ଫୋରଣ ଘଟି ବିଶ୍ୱ-ବ୍ରହ୍ମାଣ୍ଡ ସୃଷ୍ଟି ହୋଇଥିଲା ଏବଂ ଏହା ଏବେ ମଧ୍ୟ ସମ୍ପ୍ରସାରଣ ହେଉଅଛି । ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ଯଦି ଏହି ଘଟଣା ପୂର୍ବରୁ କିଛି ବି ନଥିଲା ତାହାଲେ ଏହି କଣିକା କେଉଁଠାରେ ଥିଲା ଓ ଏହାର ଅସ୍ତିତ୍ୱ କିପରି ଆସିଲା ?

ମୌଳିକ ଧାରଣା: ମହାକାଶ (The Space) ଅନେକ ଗୁଡ଼ିଏ ଛାୟାପଥ(Galaxy)ର ସମାହାର । ସେ ଭିତରୁ ଆମ ଛାୟାପଥର ନାମ ହେଉଛି ଆକାଶ ଗଙ୍ଗା (Milky Way) । ଛାୟାପଥରେ ଅନେକ ଗୁଡ଼ିଏ ନିହାରିକା (Nebula) ଥାଏ, ଯାହାକି କେତେକ ନକ୍ଷତ୍ର ପୁଞ୍ଜ (Constellation) ଏବଂ ମୁକ୍ତ ନକ୍ଷତ୍ର ବା ତାରକା(Star)କୁ ନେଇ ଗଢ଼ା । ମହାକାଶର ଘୋର ଅନ୍ଧକାରରେ ନକ୍ଷତ୍ର ହେଉଛି ଆଲୋକ ଓ ଉତ୍ତାପର ଏକମାତ୍ର ଉତ୍ସ । ଅଧିକାଂଶ ନକ୍ଷତ୍ରର ନିଜସ୍ୱ ଗ୍ରହମଣ୍ଡଳ (Planetary System) ଥାଏ । ଆମ ନକ୍ଷତ୍ରର ନାମ ହେଉଛି ସୂର୍ଯ୍ୟ (Sun) ଏବଂ ଆମ ଗ୍ରହର ନାମ ହେଉଛି ପୃଥିବୀ । ସୂର୍ଯ୍ୟର ଗ୍ରହ ମଣ୍ଡଳକୁ ସୌର ଜଗତ (Solar System) କୁହାଯାଏ । ଏଥିରେ ମୋଟ ୮ଟି ଗ୍ରହ (Planet), ୩ଟି ବାମନ ଗ୍ରହ (Dwarf Planet), ଅନେକ ଉପଗ୍ରହ (Satellite), ଗ୍ରହାଣୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁଞ୍ଜ (Asteroid) ଏବଂ ଧୂମକେତୁ (Comet) ଅଛନ୍ତି। ଉଲକା (Meteor) ହେଉଛି ଗ୍ରହାଣୁ ପୁଞ୍ଜ କିମ୍ବା ଧୂମକେତୁର ଭଗ୍ନାଂଶ । ସୌର ଜଗତକୁ ଛୋଟ ବଡ଼ ବରଫ ପିଣ୍ଡ ଏବଂ ବାଷ୍ପୀୟ ଉପାଦାନ ଏକ ପ୍ରାଚୀର ସ୍ୱରୂପ ଘେରି ରହିଛି । ଏହାକୁ କୁଇପର ବେଲ୍ଟ (Kuiper Belt) କୁହାଯାଏ । ଏ ସମସ୍ତ ମହାକାଶୀୟ ବସ୍ତୁ ସୂର୍ଯ୍ୟଙ୍କ ପରିକ୍ରମା କରନ୍ତି ଏବଂ ସୂର୍ଯ୍ୟ ନିଜର ଏହି ପରିବାର ସହ ଆକାଶ ଗଙ୍ଗାର କେନ୍ଦ୍ର ଚାରିପଟେ ପରିକ୍ରମା କରୁଛି । ଆକାଶ ଗଙ୍ଗାର କେନ୍ଦ୍ରରେ ଏକ ବିରାଟ କୃଷ୍ଣଗର୍ତ୍ତ (Black Hole) ରହିଛି ।

ସୂର୍ଯ୍ୟ ପରେ ଆମର ନିକଟତମ ତାରକା ହେଉଛି ପ୍ରୋକ୍ସିମା ସେଣ୍ଟାଉରି (Proxima Centauri) । ଏହା ଆମଠାରୁ ୪.୨୫ ଆଲୋକ ବର୍ଷ (Light Year) ଦୂରତାରେ ଅଛି । ଏହା ନିକଟରେ ଆଲଫା ସେଣ୍ଟାଉରି 'କ' (Alpha Centauri 'A') ଓ ଆଲଫା ସେଣ୍ଟାଉରି 'ଖ' (Alpha Centauri 'B') ତାରକା ଅବସ୍ଥିତ । ତେବେ ଏହି ଆଲୋକ ବର୍ଷ କଣ ? ଆଲୋକ ପ୍ରତି ସେକେଣ୍ଡରେ ପ୍ରାୟ ୩ ଲକ୍ଷ କି.ମି ଗତି କରେ । ୧ ବର୍ଷରେ ଆଲୋକ ଯେତେ ପଥ ଅତିକ୍ରମ କରେ ତାହାକୁ ୧ ଆଲୋକ ବର୍ଷ ବୋଲି କୁହାଯାଏ । ତା'ମାନେ ୧ ଆଲୋକ ବର୍ଷ = ୩ ଲକ୍ଷ କି.ମି X ୬୦ ସେକେଣ୍ଡ X ୬୦ ମିନିଟ୍ X ୨୪ ଘଣ୍ଟା X ୩୬୫ ଦିନ ବା ୯.୫ X ୧୦^{୧୨} କି.ମି ।

ଦିନବେଳା ପ୍ରଖର ସୂର୍ଯ୍ୟ କିରଣ ଯୋଗୁଁ ଅନ୍ୟ କୌଣସି ମହାଜାଗତିକ ପିଣ୍ଡ ଆକାଶରେ ଦୃଷ୍ଟିଗୋଚର ହୁଏନି କିନ୍ତୁ ରାତିର ଅନ୍ଧକାରରେ କିଛି ନକ୍ଷତ୍ରପୁଞ୍ଜ ଆକାଶରେ ବିଭିନ୍ନ ଆକାରରେ ସଜ୍ଜିତ ହୋଇ ରହିଥିବାପରି ଲାଗନ୍ତି । ସବୁଠାରୁ ଜଣାଶୁଣା ନକ୍ଷତ୍ରପୁଞ୍ଜର ନାମ ହେଉଛି ସପ୍ତର୍ଷି ମଣ୍ଡଳ (Ursa Major/Great Bear/Big Dipper) ଏହାର ଆକୃତି ଏକ ପ୍ରଶ୍ନବାଚୀ ଚିହ୍ନ ପରି । ଏଥିରେ ୭ଟି ନକ୍ଷତ୍ର ଅଛି । ଭାରତରେ ଏଗୁଡ଼ିକୁ ୭ଜଣ ମହାନ୍ ଋଷିଙ୍କ ନାମାନୁସାରେ ନାମକରଣ କରାଯାଇଛି, ଯଥା - କ୍ରତୁ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁଲହ, ପୁଲସ୍ତ୍ୟ, ଅତ୍ରି, ଅଙ୍ଗିରା, ବଶିଷ୍ଠ ଓ ମରୀଚି । ବଶିଷ୍ଠ ନକ୍ଷତ୍ର ପାଖରେ ଏକ ଅସ୍ପଷ୍ଟ ନକ୍ଷତ୍ର ସର୍ବଦା ଦେଖାଯାଏ ଯାହାକୁ ବଶିଷ୍ଠଙ୍କ ପତ୍ନୀ ଅରୁନ୍ଧତୀଙ୍କ ନାମରେ ନାମିତ କରାଯାଇଛି । ସପ୍ତର୍ଷି ମଣ୍ଡଳର ପ୍ରଥମ ଦୁଇଟି ନକ୍ଷତ୍ରକୁ ଯୋଗ କରି ସରଳ ରେଖାରେ ଆଗକୁ ବଢ଼ାଇଲେ ଅନ୍ୟ ଏକ ନକ୍ଷତ୍ର ମିଳେ ଯାହାକୁ ଧ୍ରୁବ ତାରା (Pole Star/Polaris/ North Star) କୁହାଯାଏ । ଏହାକୁ ଲକ୍ଷ୍ୟ କରି ଉତ୍ତର ଦିଗ ନିର୍ଣ୍ଣୟ କରାଯାଏ । ସପ୍ତର୍ଷି ମଣ୍ଡଳ ଏହି ଧ୍ରୁବ ତାରାକୁ କେନ୍ଦ୍ର କରି ଘୂରିଥାଏ । ରାତିରେ ଆହୁରି ୧୨ଟି ନକ୍ଷତ୍ରପୁଞ୍ଜ ଆକାଶର ଚାରି ଦିଗରେ ବୃତ୍ତାକାରରେ ସଜ୍ଜିତ ହୋଇ ରହିଥାନ୍ତି । ଏଗୁଡ଼ିକୁ ଆମ ରାଶିଚକ୍ର (Zodiac)ରେ ଥିବା ୧୨ଟି ରାଶି ଅନୁସାରେ ନାମକରଣ କରାଯାଇଛି । ଏହି ରାଶି ଗୁଡ଼ିକ ହେଉଛି - ମେଷ (Aries), ବୃଷ (Taurus), ମିଥୁନ (Gemini), କର୍କଟ (Cancer), ସିଂହ (Leo), କନ୍ୟା (Virgo), ତୁଳା (Libra), ବିଛା (Scorpio), ଧନୁ (Sagittarius), ମକର (Capricorn), କୁମ୍ଭ (Aquarius) ଓ ମୀନ (Pisces) ।

ଆକାଶର ସବୁଠାରୁ ଉଜ୍ଜ୍ୱଳତମ ତାରକା ହେଉଛି ସିରୀୟସ୍ (Sirius/Dog Star) । ଏହା ଦକ୍ଷିଣ ଆକାଶରେ କାଳପୁରୁଷ (Orion/Hunter) ତାରକା ମଣ୍ଡଳର କମର ପଛି ସମ୍ମୁଖରେ ଅବସ୍ଥିତ । ସୂର୍ଯ୍ୟାସ୍ତ ପରେ ପଶ୍ଚିମ ଆକାଶରେ ଦେଖା ଯାଉଥିବା ତଥାକଥିତ 'ସନ୍ଧ୍ୟା ତାରା' ବା ସୂର୍ଯ୍ୟୋଦୟ ପୂର୍ବରୁ ପୂର୍ବ ଦିଗବଳୟରେ ଦେଖାଯାଉଥିବା 'ପାହାନ୍ତି ତାରା' ପ୍ରକୃତରେ ତାରକା ନୁହେଁ । ଏହା ହେଉଛି ଶୁକ୍ର ଗ୍ରହ । ତାରକା ମାନେ ମିଞ୍ଜିମିଞ୍ଜି ଆଲୋକ ପ୍ରଦାନ କରନ୍ତି । ଅପରପକ୍ଷେ ଗ୍ରହ ମାନେ ସ୍ଥିର ଆଲୋକ ପ୍ରଦାନ କରନ୍ତି । ବାସ୍ତବରେ ଗ୍ରହ ମାନଙ୍କର ନିଜସ୍ୱ ଆଲୋକ ନଥାଏ । ଅନ୍ୟ ନକ୍ଷତ୍ର ଯୋଗୁଁ ଏମାନେ ଆଲୋକିତ ହୋଇଥାନ୍ତି ଓ ଆମକୁ ଆଲୋକର ଉତ୍ସ ରୂପେ ପ୍ରତୀୟମାନ ହୁଅନ୍ତି ।

ବେଳେବେଳେ ରାତିରେ କୌଣସି ମହାକାଶୀୟ ବସ୍ତୁ ଆଲୋକର ଝଲକ ସୃଷ୍ଟି କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଳକୁ ଖସିଯିବା ଦେଖାଯାଏ । ଏହାକୁ ଲୋକେ ତାରା ଖସିଲା ବୋଲି ଭାବନ୍ତି । କିନ୍ତୁ ଏହା ପ୍ରକୃତରେ ଉଲକା ଅଟେ । ସୂର୍ଯ୍ୟଙ୍କ ପରିକ୍ରମା କରୁଥିବା କୌଣସି ଧୂମକେତୁ କିମ୍ବା ଗ୍ରହାଣୁ ଯେତେବେଳେ ପୃଥିବୀର ନିକଟତର ହୁଏ ସେତେବେଳେ ଏହାର କିଛି ଅଂଶ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ପ୍ରଭାବରେ ଆମ ବାୟୁମଣ୍ଡଳକୁ ପ୍ରବେଶ କରିଯାଏ ଓ ବାୟୁର ଚାପ ଫଳରେ ଜଳି ଉଠେ । ଉଲକା ପାତ ହୋଇ ଭୂପୃଷ୍ଠରେ ବେଳେବେଳେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଯାଏ । ଉଲକାର ଅବଶିଷ୍ଟାଂଶକୁ ଉଲକା ପିଣ୍ଡ (Meteorite) କୁହାଯାଏ ।

ଧୂମକେତୁକୁ ସାଧାରଣତଃ ଲଞ୍ଜା ତାରା ବୋଲି କୁହାଯାଏ, କାରଣ ଏହାର ଏକ ମୁଣ୍ଡ ଓ ଲାଞ୍ଜ ଥିବା ପରି ମନେ ହୁଏ । କେହି କେହି ଏହାକୁ ଝାଡୁ ସହ ମଧ୍ୟ ତୁଳନା କରନ୍ତି । ଏହି ଲାଞ୍ଜ ଭାଗରେ ମିଥେନ, ଆମୋନିଆ, ଜଳୀୟବାଷ୍ପ ଓ ବରଫକଣା ହଜାର ହଜାର କି.ମି ପର୍ଯ୍ୟନ୍ତ ବ୍ୟାପୀ ରହିଥାଏ । ଧୂମକେତୁ ସୂର୍ଯ୍ୟର ପରିକ୍ରମା କରିବା ପାଇଁ ବହୁତ ବର୍ଷ ସମୟ ନିଏ । ଏହିପରି ଏକ ଧୂମକେତୁର ଉଦାହରଣ ହେଉଛି ହ୍ୟାଲିଙ୍କ ଧୂମକେତୁ (Halley's Comet) । ଏହା ୭୬ ବର୍ଷରେ ଥରେ ପୃଥିବୀର ନିକଟତର ହୋଇଥାଏ । ଶେଷଥର ପାଇଁ ୧୯୮୬ ମସିହାରେ ଏହା ଆମ ଆକାଶରେ ଦେଖା ଯାଇଥିଲା ।

ଆମ ସୌର ଜଗତ: ବର୍ତ୍ତମାନ ଆମ ସୌର ଜଗତ ବିଷୟରେ ବିସ୍ତୃତ ଆଲୋଚନା କରିବା । ସୂର୍ଯ୍ୟ ଆମ ସୌର ଜଗତର କେନ୍ଦ୍ରରେ ଅବସ୍ଥିତ। ସୂର୍ଯ୍ୟର ମହାକର୍ଷଣ ଶକ୍ତି ବଳରେ ୮ଟି ଯାକ ଗ୍ରହ ନିର୍ଦ୍ଦିଷ୍ଟ ଅଣ୍ଡାକୃତି କକ୍ଷ ପଥ(Orbit)ରେ ନିରନ୍ତର ଭାବେ ଏହାର ପରିକ୍ରମା କରୁଛନ୍ତି । ଏହା ସହ ନିଜ ଅକ୍ଷ (Axis) ଚାରିପଟେ ମଧ୍ୟ ଏମାନେ ଘୂର୍ଣ୍ଣନ କରିଥାନ୍ତି । ଏହାକୁ ଆବର୍ତ୍ତନ (Axial Rotation) କୁହାଯାଏ । ପରିକ୍ରମଣ ଯୋଗୁଁ ଋତୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିବର୍ତ୍ତନ ହୋଇଥାଏ ଏବଂ ଆବର୍ତ୍ତନ ଯୋଗୁଁ ଦିନ-ରାତି ହୋଇଥାଏ । ଥରେ ଆବର୍ତ୍ତନ କଲେ ଗୋଟିଏ ଦିନ ପୂରଣ ହୁଏ । ସେହିପରି ସୂର୍ଯ୍ୟ ଚାରିପଟେ ଥରେ ପରିକ୍ରମା (Revolution) କରିବା ପାଇଁ ଯେତେଦିନ ସମୟ ଲାଗେ ତାକୁ ଏକ ବର୍ଷ ବୋଲି କୁହାଯାଏ । ପ୍ରତି ଗ୍ରହର ଆବର୍ତ୍ତନ ତଥା ପରିକ୍ରମଣ ସମୟ ଭିନ୍ନ ଭିନ୍ନ ।

ଗ୍ରହର ନାମ	ଆବର୍ତ୍ତନ ସମୟ	ପରିକ୍ରମଣ ସମୟ
ବୁଧ	୫୯ ଦିନ	୮୮ ଦିନ
ଶୁକ୍ର	୨୪୩ ଦିନ	୨୨୫ ଦିନ
ପୃଥିବୀ	୧ ଦିନ	୩୬୫ ଦିନ
ମଙ୍ଗଳ	୧ ଦିନ	୬୮୭ ଦିନ
ବୃହସ୍ପତି	୯ ଘଣ୍ଟା ୫୬ ମିନିଟ	୧୧ ବର୍ଷ ୧୧ ମାସ
ଶନି	୧୦ ଘଣ୍ଟା ୪୦ ମିନିଟ	୨୯ ବର୍ଷ ୫ ମାସ
ୟୁରେନ୍‌ସ	୧୭ ଘଣ୍ଟା ୧୪ ମିନିଟ	୮୪ ବର୍ଷ
ନେପଚୁନ୍	୧୬ ଘଣ୍ଟା ୭ ମିନିଟ	୧୬୫ ବର୍ଷ

ସୂର୍ଯ୍ୟ ଠାରୁ ଦୂରତା କ୍ରମରେ ଗ୍ରହ ଗୁଡ଼ିକର ନାମ ହେଉଛି- ବୁଧ (Mercury), ଶୁକ୍ର (Venus), ପୃଥିବୀ (Earth), ମଙ୍ଗଳ (Mars), ବୃହସ୍ପତି (Jupiter), ଶନି (Saturn), ଅରୁଣ ବା ୟୁରେନ୍‌ସ (Uranus) ଓ ବରୁଣ ବା ନେପଚ୍ୟୁନ (Neptune) । ସମସ୍ତ ଗ୍ରହ ଦେଖିବାକୁ ପ୍ରାୟ ଗୋଲାକାର । ପ୍ରଥମ ୪ଟି ଗ୍ରହକୁ ଅନ୍ତଃଗ୍ରହ ଓ ଅନ୍ୟ ଚାରୋଟି ଗ୍ରହକୁ ବହିଃଗ୍ରହ କୁହାଯାଏ କାରଣ ମଙ୍ଗଳ ଓ ବୃହସ୍ପତି ମଧ୍ୟରେ ଥିବା ଗ୍ରହାଣୁପୁଞ୍ଜ ଏମାନଙ୍କୁ ପୃଥକ୍ କରୁଛି । ବହିଃଗ୍ରହ ଗୁଡ଼ିକ ବଳୟ ଗ୍ରହ (Ring Planet) ଅଟନ୍ତି । ଏହି ଗ୍ରହ ଗୁଡ଼ିକର ଚତୁର୍ପାଶ୍ୱରେ ଧୂଳିକଣା, ପ୍ରସ୍ତର ଓ ବରଫ ଖଣ୍ଡର ବଳୟ ରହିଛି । ଶନି ଗ୍ରହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜର ବିଶାଳକାୟ ବଳୟ ଯୋଗୁଁ ଅତି ଆକର୍ଷଣୀୟ ଦେଖାଯାଏ । ଆକାର ଅନୁସାରେ ଗ୍ରହ ଗୁଡ଼ିକର କ୍ରମ ହେଉଛି- ବୃହସ୍ପତି > ଶନି > ୟୁରେନ୍‌ସ > ନେପଚୁନ > ପୃଥିବୀ > ଶୁକ୍ର > ମଙ୍ଗଳ > ବୁଧ । ଶୁକ୍ର ଏବଂ ୟୁରେନ୍‌ସକୁ ବାଦ୍ ଦେଲେ ବାକି ସବୁ ଗ୍ରହ ବାମାବର୍ତ୍ତୀ (Counter-Clockwise) ଗତି କରି ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରନ୍ତି । ଶୁକ୍ର ସବୁଠାରୁ ଉତ୍ତପ୍ତ ଗ୍ରହ ଓ ୟୁରେନ୍‌ସ ସବୁଠାରୁ ଶୀତଳ ଗ୍ରହ ଅଟେ । ବୁଧ ଗ୍ରହ ସୂର୍ଯ୍ୟର ନିକଟତମ ଗ୍ରହ ହେଲେ ମଧ୍ୟ ଏହାର ବାୟୁମଣ୍ଡଳ ଏତେ ପତଳା ଅଟେ ଯେ ଏହା ଉତ୍ତାପକୁ ଅଟକାଇ ରଖିପାରେ ନାହିଁ । ୟୁରେନ୍‌ସ ବିଷୟରେ ଏକ ରୋଚକ ତଥ୍ୟ ହେଉଛି- ଏହା ନିଜ ଅକ୍ଷଠାରୁ ଏତେ ଢ଼ଳି ଯାଇଛି ଯେ ଏହା ଶୋଇ ରହିଲା ଭଳି ଦେଖାଯାଏ ବା ଉପରୁ ତଳ ଆବର୍ତ୍ତନ କରୁଥିବା ପରି ମନେ ହୁଏ । ୟୁରେନ୍‌ସକୁ ସବୁଜ ଗ୍ରହ, ପୃଥିବୀକୁ ନୀଳ ଗ୍ରହ ଏବଂ ମଙ୍ଗଳକୁ ଲାଲ୍ ଗ୍ରହ ମଧ୍ୟ କୁହାଯାଏ ।

ଯେଉଁପରି ଭାବେ ଗ୍ରହ ଗୁଡ଼ିକ ସୂର୍ଯ୍ୟ ଚାରିପଟେ ପରିକ୍ରମା କରନ୍ତି ଠିକ୍ ସେହିପରି ଉପଗ୍ରହ ଗୁଡ଼ିକ ନିର୍ଦ୍ଦିଷ୍ଟ ଗ୍ରହ ଚାରିପଟେ ପରିକ୍ରମା କରନ୍ତି । ବୁଧ ଓ ଶୁକ୍ରର କୌଣସି ଉପଗ୍ରହ ନଥିବା ବେଳେ ପୃଥିବୀର ଗୋଟିଏ- ଚନ୍ଦ୍ର ବା ଜହ୍ନ (Moon), ମଙ୍ଗଳର ଦୁଇଟି- ଫୋବସ (Phobos) ଓ ଡିମସ (Deimos), ବୃହସ୍ପତିର ୯୫ଟି, ଶନିର ୨୭୪ଟି, ୟୁରେନ୍‌ସର ୨୮ଟି ଓ ନେପଚୁନର ୧୬ଟି ଉପଗ୍ରହ ଅଛି । ଏମାନଙ୍କ ମଧ୍ୟରୁ ବୃହସ୍ପତିର ଗାନିମେଡ (Ganymede) ଓ ଶନିର ଟାଇଟାନ (Titan) ଯଥାକ୍ରମେ ସର୍ବ ବୃହତ୍ତମ ଏବଂ ୨ୟ ବୃହତ୍ତମ ଉପଗ୍ରହ ଅଟନ୍ତି ।

ଆମ ସୌର ଜଗତରେ ଥିବା ୩ଟି ବାମନ ଗ୍ରହର ନାମ ହେଉଛି- ପ୍ଲୁଟୋ (Pluto) ବା ଯମ, ସେରିସ୍ (Ceres) ଓ ଏରିସ୍ (Eris/UB 313) । ପୂର୍ବେ ସୌର ଜଗତରେ ୯ଟି ଗ୍ରହ ଅଛି ବୋଲି ଧାରଣା ଥିଲା । ପ୍ଲୁଟୋକୁ ୯ମ ଗ୍ରହ ରୂପେ ବିବେଚନା କରାଯାଉଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୨୦୦୬ ମସିହାରେ ଏହାକୁ ବାମନ ଗ୍ରହ ଶ୍ରେଣୀ ଅନ୍ତର୍ଭୁକ୍ତ କରାଗଲା । ପ୍ଲୁଟୋ ଓ ଏରିସ୍ କୁଇପର ବେଲ୍ଟରେ ଅବସ୍ଥିତ ଏବଂ ସେରିସ୍ ଗ୍ରହାଣୁ ପୁଞ୍ଜ ମଧ୍ୟରେ ଅବସ୍ଥିତ । ପ୍ଲୁଟୋର ଆକାର ନେପଚୁନର ଉପଗ୍ରହ ଟ୍ରାଇଟନ (Triton) ସହ ପ୍ରାୟ ସମାନ । କେହି କେହି ସୌର ଜଗତର ୯ଟି ଗ୍ରହକୁ ହିନ୍ଦୁ ପୁରାଣ ବର୍ଣ୍ଣିତ ନବଗ୍ରହ ସହ ତୁଳନା କରିଥାନ୍ତି କିନ୍ତୁ ପୁରାଣ ଅନୁସାରେ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟ ଗ୍ରହ ଅଟନ୍ତି । ପୁରାଣରେ ୟୁରେନ୍ସ ଓ ନେପଚୁନ ପରିବର୍ତ୍ତେ ରାହୁ ଓ କେତୁ ନାମରେ ଦୁଇଟି ଗ୍ରହ ଅଛି । ତେଣୁ ପୁରାଣ ବର୍ଣ୍ଣିତ ନବଗ୍ରହ ଓ ସୌର ଜଗତର ନବ ଗ୍ରହକୁ ତୁଳନା କରିବା ବ୍ୟର୍ଥ ଅଟେ ।

ସୂର୍ଯ୍ୟ ଏବଂ ପୃଥିବୀ ମଧ୍ୟରେ ତୁଳନା: ସୂର୍ଯ୍ୟ ଏକ ବାଷ୍ପୀୟ ପିଣ୍ଡ ଅଟେ । ଏହାର କେନ୍ଦ୍ର ଭାଗରେ ଉଦଜାନ ବାଷ୍ପ ଅବିରତ ଭାବେ ହିଲିୟମ୍ ବାଷ୍ପରେ ରୂପାନ୍ତର ହେବା ଫଳରେ ପ୍ରବଳ ଆଲୋକ ଓ ଉତ୍ତାପ ସୃଷ୍ଟି ହୁଏ । ଏହି ପ୍ରକ୍ରିୟାକୁ ନ୍ୟୁକ୍ଲିୟାର ଫ୍ୟୁଜନ୍ (Nuclear Fusion) କୁହାଯାଏ । ପୃଥିବୀରେ ଅମ୍ଳଜାନ ଉପସ୍ଥିତିରେ ଯେପରି ଦହନ ହୋଇଥାଏ ଏଠି ସେପରି ହୁଏନି । ଦିନେ ଏହାର ଇନ୍ଧନରୂପୀ ଉଦଜାନ ବାଷ୍ପ ସମାପ୍ତ ହୋଇଗଲେ ଏହା ଚିରଦିନ ପାଇଁ ଲିଭିଯିବ। ସୂର୍ଯ୍ୟର ଆକାର ପୃଥିବୀର ଆକାର ଠାରୁ ୧୩ ଲକ୍ଷ ଗୁଣ ବଡ଼ ଓ ଏହାର ମହାକର୍ଷଣ ବଳ ପୃଥିବୀର ମାଧ୍ୟାକର୍ଷଣ ବଳ ଅପେକ୍ଷା ୨୭ ଗୁଣ ଅଧିକା । ପ୍ରତିବର୍ଷ ଜାନୁଆରୀ ୩ ତାରିଖରେ ପୃଥିବୀ ସୂର୍ଯ୍ୟର ସବୁଠାରୁ ନିକଟତମ ହୋଇଥାଏ (Perihelion) । ଏ ସମୟରେ ଉଭୟଙ୍କ ମଧ୍ୟରେ ଦୂରତା ୧୪୭ ନିୟୁତ କି.ମି ରୁହେ । ପୁଣି ଜୁଲାଇ ୪ ତାରିଖରେ ଏ ଦୁହିଁଙ୍କ ମଧ୍ୟରେ ସର୍ବାଧିକ ଦୂରତା ଥାଏ (Aphelion) ଯାହା ୧୫୨ ନିୟୁତ କି.ମି ଅଟେ । ତେଣୁ ହାରାହାରି ଭାବେ ସୂର୍ଯ୍ୟଠାରୁ ପୃଥିବୀର ଦୁରତ୍ୱ ୧୫୦ ନିୟୁତ କି.ମି ବୋଲି ଧରାଯାଏ । ସୂର୍ଯ୍ୟଠାରୁ ପୃଥିବୀକୁ ସୂର୍ଯ୍ୟାଲୋକ ଆସିବା ପାଇଁ ୮ ମିନିଟ ୧୯ ସେକେଣ୍ଡ ସମୟ ଲାଗେ । ପୃଥିବୀର ପରିକ୍ରମଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟ ବା ବାର୍ଷିକ ଦିନ ସଂଖ୍ୟା ହେଉଛି ୩୬୫ ଦିନ ୬ ଘଣ୍ଟା । ଏହି ଅତ୍ୟାଧିକ ୬ ଘଣ୍ଟା ପ୍ରତି ୪ ବର୍ଷରେ ୨୪ ଘଣ୍ଟା ବା ୧ ଦିନରେ ପରିଣତ ହେଉଥିବାରୁ ୪ ବର୍ଷରେ ଥରେ ଫେବୃଆରୀ ମାସରେ ୨୮ ଦିନ ପରିବର୍ତ୍ତେ ୨୯ ଦିନ ହିସାବ କରାଯାଏ । ସେହି ବର୍ଷ ମୋଟ ଦିନ ସଂଖ୍ୟା ୩୬୬ ହୁଏ । ଏହାକୁ ଅଧିବର୍ଷ (Leap Year) କୁହାଯାଏ । ପୃଥିବୀର ପରିକ୍ରମଣ ବେଗ ହେଉଛି ଘଣ୍ଟା ପ୍ରତି ୧ ଲକ୍ଷ ୭ ହଜାର କି.ମି ବା ୩୦ କି.ମି/ସେକେଣ୍ଡ ।

ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ତୁଳନା: ପୃଥିବୀ ଠାରୁ ଚନ୍ଦ୍ରର ଦୂରତା ହେଉଛି ୩,୮୪,୪୦୦ କି.ମି. । ଚନ୍ଦ୍ରର ଆୟତନ ପୃଥିବୀର ଆୟତନର ୪୯ ଭାଗରୁ ମାତ୍ର ୧ ଭାଗ ଏବଂ ଏହାର ମାଧ୍ୟାକର୍ଷଣ ଶକ୍ତି ପୃଥିବୀର ମାଧ୍ୟାକର୍ଷଣ ଶକ୍ତିର ୬ ଭାଗରୁ ୧ ଭାଗ । ପୃଥିବୀ ଚାରିପଟେ ଚନ୍ଦ୍ରକୁ ପରିକ୍ରମା କରିବା ପାଇଁ ୨୭ ଦିନ ୮ ଘଣ୍ଟା ସମୟ ଲାଗେ । ଚନ୍ଦ୍ରର ପରିକ୍ରମଣ ଓ ଆବର୍ତ୍ତନ ସମୟ ପ୍ରାୟ ସମାନ । ତେଣୁ ଆମକୁ ଚନ୍ଦ୍ରର ଗୋଟିଏ ପାର୍ଶ୍ୱ ହିଁ ସର୍ବଦା ଦୃଶ୍ୟମାନ ହୋଇଥାଏ । ସୂର୍ଯ୍ୟାଲୋକ ଚନ୍ଦ୍ରରେ ପଡ଼ି ପ୍ରତିଫଳିତ ହେବା ଫଳରେ ରାତିରେ ଚତୁର୍ପାର୍ଶ୍ୱ ଆଲୋକିତ ହୁଏ । ଚନ୍ଦ୍ରର ଯେତିକି ଅଂଶରେ ସୂର୍ଯ୍ୟାଲୋକ ପଡ଼େ ଆମେ ଚନ୍ଦ୍ରର ସେତିକି ଅଂଶ ଦେଖିପାରୁ । ଯେତେବେଳେ ଚନ୍ଦ୍ର ସମ୍ପୂର୍ଣ୍ଣ ଗୋଲାକାର ଭାବେ ଆମକୁ ଦେଖାଯାଏ ସେହି ରାତିକୁ ପୂର୍ଣ୍ଣିମା (Full Moon) କୁହାଯାଏ କିନ୍ତୁ ଚନ୍ଦ୍ରର ପରିକ୍ରମଣ ଯୋଗୁଁ ଦିନକୁ ଦିନ ଏହା ସରୁ ହୋଇ ଦାଆ ପରି ବକ୍ରାକୃତି ଦେଖାଯାଏ ଏବଂ ପ୍ରାୟ ୧୫ ଦିନ ପରେ ଆଉ ଦେଖାଯାଏନି । ଏହାକୁ ଅମାବାସ୍ୟା ରାତି (New Moon) କୁହାଯାଏ । ଅମାବାସ୍ୟା ପରେ ବକ୍ରାକୃତି ଭାବେ ଚନ୍ଦ୍ରର ଆକାର ଧୀରେ ଧୀରେ ବୃଦ୍ଧି ପାଏ ଏବଂ ୧୪-୧୫ ଦିନ ପରେ ପୁଣି ଥରେ ପୂର୍ଣ୍ଣିମା ହୁଏ । ପୂର୍ଣ୍ଣିମାରୁ ଅମାବାସ୍ୟା ପର୍ଯ୍ୟନ୍ତ ଚନ୍ଦ୍ରକଳା ହ୍ରାସ ହେବା ସମୟକୁ କୃଷ୍ଣ ପକ୍ଷ (Waning Moon Phase) ଓ ଅମାବାସ୍ୟାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚନ୍ଦ୍ରକଳା ବୃଦ୍ଧି ହେବା ସମୟକୁ ଶୁକ୍ଳ ପକ୍ଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(Waxing Moon Phase) କୁହାଯାଏ । ପୂର୍ଣ୍ଣିମା ଏବଂ ଅମାବାସ୍ୟାରେ ସମୁଦ୍ରରେ ଗୁରୁ ଜୁଆର (Spring Tide) ସୃଷ୍ଟି ହୁଏ । ଶୁକ୍ଳ ପକ୍ଷ ଓ କୃଷ୍ଣ ପକ୍ଷର ଅଷ୍ଟମ ଦିନ ସମୁଦ୍ରରେ ଲଘୁ ଜୁଆର (Neap Tide) ସୃଷ୍ଟି ହୁଏ । ଏହି ଦୁଇ ଦିନ ସୂର୍ଯ୍ୟ, ପୃଥିବୀ ଓ ଚନ୍ଦ୍ର ସମକୋଣରେ ଥାନ୍ତି । କିଛି ପୂର୍ଣ୍ଣିମା ରାତ୍ରିରେ ଚନ୍ଦ୍ର ଓ ସୂର୍ଯ୍ୟ ମଧ୍ୟରେ ପୃଥିବୀ ସରଳ ରେଖାରେ ଅବସ୍ଥାନ କରିବା ଫଳରେ ପୃଥିବୀର ଛାୟା ଚନ୍ଦ୍ର ଉପରେ ପଡ଼ି ଚାରିଆଡ଼େ ଅନ୍ଧକାରମୟ ହୋଇଯାଏ । ଏହି ମହାଜାଗତିକ ଘଟଣାକୁ ଚନ୍ଦ୍ର ଗ୍ରହଣ (Lunar Eclipse) କୁହାଯାଏ । ସେହିପରି ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ ଚନ୍ଦ୍ର ଅବସ୍ଥାନ କରିଥିବାବେଳେ ଯଦି ସେମାନେ ଏକ ସରଳ ରେଖାକୁ ଆସିଯାନ୍ତି ତେବେ ଚନ୍ଦ୍ର ସୂର୍ଯ୍ୟକୁ ଘୋଡ଼ାଇ ଦିଏ ଏବଂ ସ୍ପଷ୍ଟ ଦିବାଲୋକରେ ମଧ୍ୟ ଆକାଶ କିଛି କ୍ଷଣ ପାଇଁ ଅନ୍ଧକାରମୟ ହୋଇଯାଏ । ଏହାକୁ ସୂର୍ଯ୍ୟ ପରାଗ (Solar Eclipse) କୁହାଯାଏ । ଆଶ୍ଚର୍ଯ୍ୟକର କଥା ହେଉଛି ବିଜ୍ଞାନର ଅଗ୍ରଗତି ହେବାର ବହୁ ବର୍ଷ ପୂର୍ବରୁ ହିଁ ଜ୍ୟୋତିଷ ଶାସ୍ତ୍ର ମାଧ୍ୟମରେ ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ କେବେ ଘଟିବ ତାର ସଠିକ୍ ଦିନ ଓ ସମୟ ନିର୍ଦ୍ଧାରଣ କରାଯାଇ ଆସୁଛି । ଏଥିରୁ ପ୍ରମାଣିତ ହେଉଛି ଜ୍ୟୋତିଷ ଶାସ୍ତ୍ର ଧାର୍ମିକ ଅପେକ୍ଷା ଅଧିକ ବିଜ୍ଞାନ ସମ୍ମତ ଅଟେ । ଧର୍ମ ଗ୍ରନ୍ଥରେ ଉଲ୍ଲେଖ ଅଛି ରାହୁ ନାମକ ଶରୀର ବିହୀନ ରାକ୍ଷସ ସୂର୍ଯ୍ୟ ଓ ଚନ୍ଦ୍ରକୁ ଭକ୍ଷଣ କଲେ ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ହୁଏ । ଏହା ସମ୍ପୂର୍ଣ୍ଣ ରୂପେ ଭୁଲ୍ ପ୍ରମାଣିତ ହୋଇସାରିଛି । ତଥାପି ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣକୁ ହିନ୍ଦୁ ଧର୍ମରେ ଅତ୍ୟନ୍ତ ଅଶୁଭ ଘଟଣା ବୋଲି ବିବେଚନା କରାଯାଇ କିଛି ଘଣ୍ଟା ପାଇଁ ଶୁଭ କର୍ମ ଓ ପାକ ନିଷେଧ କରାଯାଏ ।

ପୃଥିବୀ ସମ୍ବନ୍ଧରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ: ପୃଥିବୀ ନିଜ କାଳ୍ପନିକ ଅକ୍ଷ ସହ ଲମ୍ବ ଭାବେ ନ ରହି ୨୩.୫ ଡିଗ୍ରୀ ଆନତ (Incline) ହୋଇ ରହିଥାଏ । ତେଣୁ ସୂର୍ଯ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାରିପଟେ ପ୍ରଦକ୍ଷିଣ କରିବା ସମୟରେ ୬ ମାସ ପାଇଁ ଏହାର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟ ଆଡ଼କୁ ଢ଼ଳି ରହିଥାଏ ଏବଂ ଅନ୍ୟ ୬ ମାସ ଦକ୍ଷିଣ ଗୋଲାର୍ଦ୍ଧ ସୂର୍ଯ୍ୟ ଆଡ଼କୁ ମୁହଁ କରି ରହିଥାଏ । ଏହାକୁ ଯଥାକ୍ରମେ ଉତ୍ତରାୟଣ ଏବଂ ଦକ୍ଷିଣାୟନ ଗତି ବୋଲି କୁହାଯାଏ । ଡିସେମ୍ବର ୨୨ରୁ ଜୁନ ୨୧ ପର୍ଯ୍ୟନ୍ତ ଉତ୍ତରାୟଣ ଗତି ଏବଂ ଜୁନ ୨୧ରୁ ଡିସେମ୍ବର ୨୨ ପର୍ଯ୍ୟନ୍ତ ଦକ୍ଷିଣାୟନ ଗତି ହୋଇଥାଏ । ଉତ୍ତରାୟଣ ଗତି ସମୟରେ ଉତ୍ତର ଗୋଲାର୍ଦ୍ଧରେ ଗ୍ରୀଷ୍ମ ଋତୁ ଅନୁଭୂତ ହୁଏ ଓ ଦକ୍ଷିଣ ଗୋଲାର୍ଦ୍ଧରେ ଶୀତ ଋତୁ ଅନୁଭୂତ ହୁଏ । ଦକ୍ଷିଣାୟନ ଗତି ସମୟରେ ଏହାର ବିପରୀତ ଋତୁ ଚକ୍ର ଘଟେ । ଡିସେମ୍ବର ୨୨ ତାରିଖରେ ସବୁଠାରୁ ଛୋଟ ଦିନ (Winter Solstice) ଏବଂ ଜୁନ୍ ୨୧ ତାରିଖରେ ସବୁଠାରୁ ଲମ୍ବା ଦିନ (Summer Solstice) ହୁଏ କିନ୍ତୁ ମାର୍ଚ୍ଚ ୨୧ ଓ ସେପ୍ଟେମ୍ବର ୨୩ ତାରିଖରେ ଦିନ ଓ ରାତିର ଅବଧି ସମାନ ହୋଇଥାଏ । ଏହାକୁ ସମ ଦିବାରାତ୍ର ଦିବସ (Equinox) କୁହାଯାଏ ।

ପୃଥିବୀକୁ ଥରେ ଆବର୍ତ୍ତନ କରିବା ପାଇଁ ୨୩ ଘଣ୍ଟା ୫୬ ମିନିଟ ୪ ସେକେଣ୍ଡ ବା ପ୍ରାୟ ୨୪ ଘଣ୍ଟା ସମୟ ଲାଗେ । ଏହାର ଆବର୍ତ୍ତନ ବେଗ ୧୬୭୦ କି.ମି/ଘଣ୍ଟା ଓ ଆବର୍ତ୍ତନ ଦିଗ ବାମାବର୍ତ୍ତୀ । ପୃଥିବୀର ଏହି ବାମାବର୍ତ୍ତୀ ଆବର୍ତ୍ତନ ଗତି ଯୋଗୁଁ ସୂର୍ଯ୍ୟ ଓ ଚନ୍ଦ୍ର ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ଦିଗରେ ଉଦୟ ହୁଅନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ଦିଗରେ ଅସ୍ତ ହୁଅନ୍ତି । ଏଗୁଡ଼ିକୁ ଆମେ ଯଥାକ୍ରମେ ପୂର୍ବ ଓ ପଶ୍ଚିମ ଦିଗ ରୂପେ ଜାଣୁ । ଏହି ଉଦୟ ଓ ଅସ୍ତ ହେବା ଦୃଶ୍ୟ ଦେଖି ପୂର୍ବ କାଳରେ ପାଶ୍ଚାତ୍ୟ ଲୋକ ଚିନ୍ତା କରୁଥିଲେ ଯେ ପୃଥିବୀ ସ୍ଥିର ଅଟେ ଏବଂ ସୂର୍ଯ୍ୟ-ଚନ୍ଦ୍ର ଏହା ଚାରିପଟେ ଘୂରୁଛନ୍ତି । ସେମାନେ ସୂର୍ଯ୍ୟ କେନ୍ଦ୍ରିକ ଜଗତ (Heliocentric Model)ରେ ବିଶ୍ୱାସ ନ କରି ଭୂକେନ୍ଦ୍ରିକ ଜଗତ (Geocentric Model)ରେ ବିଶ୍ୱାସ କରୁଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୃଥିବୀ ଏକ ଜଳୀୟ ଗ୍ରହ ଅଟେ ଏବଂ ସୌର ଜଗତରେ ଏହାର ଉପଯୁକ୍ତ ଅବସ୍ଥିତି ଯୋଗୁଁ ଏଠାରେ ଜୀବନ ସୃଷ୍ଟି ହୋଇପାରିଛି । ଏ ବିଶାଳ ବ୍ରହ୍ମାଣ୍ଡରେ ନିଶ୍ଚିତ ରୂପେ ଅନ୍ୟ କୌଣସି ଗ୍ରହରେ ମଧ୍ୟ ଜୀବନର ସତ୍ତା ଥିବ କିନ୍ତୁ ସେଠାକାର ଜୀବ ଯେ ଆମ ପୃଥିବୀର ଜୀବ ଭଳି ହୋଇଥିବ ତାହା କହିବା କଷ୍ଟକର । ହୁଏତ ସେଠାରେ କେବଳ ଏକକୋଷୀ ପ୍ରାଣୀ ଥାଇପାରନ୍ତି କିମ୍ବା ବିବର୍ତ୍ତନ (Evolution) ପ୍ରକ୍ରିୟାରେ ଉନ୍ନତ ଜୀବଜନ୍ତୁ ସୃଷ୍ଟି ହୋଇ ସାରିଥିବେ । କୌଣସି ଧାର୍ମିକ ଗୋଷ୍ଠୀ ବିବର୍ତ୍ତନବାଦରେ ବିଶ୍ୱାସ କରନ୍ତି ନାହିଁ କିନ୍ତୁ ବିଜ୍ଞାନ ଅଧ୍ୟୟନ କଲେ ଆମେ ସ୍ପଷ୍ଟ ରୂପେ ଜାଣିପାରିବା ଯେ ପୃଥିବୀ ପୃଷ୍ଠର ପ୍ରତ୍ୟେକ ପ୍ରାଣୀ ବିବର୍ତ୍ତନ ପ୍ରକ୍ରିୟାର ପରିଣାମ ଅଟେ । ଅବଶେଷ ଅଙ୍ଗ (Vestigial Organ), ସମଜାତ ଅଙ୍ଗ (Homologous Organ), ସମରୂପୀ ଅଙ୍ଗ (Analogous Organ), ପୂର୍ବଜଙ୍କ ଲକ୍ଷଣର ପୁନଃପ୍ରକାଶ (Atavism/Reversion), ହେକେଲଙ୍କ ଭ୍ରୁଣ ବିଜ୍ଞାନ ସିଦ୍ଧାନ୍ତ (Biogenetic Law/Recapitulation Theory), ଅଣୁଭିତ୍ତିକ ପ୍ରମାଣ (Molecular Evidence), ଜୀବାଶ୍ମ ଭିତ୍ତିକ ପ୍ରମାଣ (Palaeontological Evidence), ସଂଯୋଜକ ସୂତ୍ର (Connecting Link), ପ୍ରାଣୀ ମାନଙ୍କ ଭୌଗୋଳିକ ବଣ୍ଟନ (Zoogeography), ବଂଶାନୁକ୍ରମ (Genetics) ଓ ନବୋଦ୍ଭବନ (Mutation Theory) ବିଷୟରେ ସମସ୍ତେ ଅଧ୍ୟୟନ କରିବା ନିହାତି ଆବଶ୍ୟକ ।

ମହାକାଶ ଅଭିଯାନ: ସର୍ବପ୍ରଥମେ ସୋଭିଏତ ସଂଘ ତରଫରୁ ଲାଇକା ନାମକ ଏକ ମାଈ କୁକୁରକୁ ୧୯୫୭ ମସିହାରେ ସ୍ପୁଟୋନିକ-୨ ନାମକ ବିମାନରେ ମହାକାଶକୁ ପ୍ରେରଣ କରାଯାଇଥିଲା । ତାକୁ ଫେରାଇ ଆଣିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିଲା । ପରିଶେଷରେ ସେ ମହାକାଶରେ ଲୀନ ହୋଇଯାଇଥିଲା । ଏହାପରେ ସୋଭିଏତ ସଂଘ ତରଫରୁ ୟୁରି ଗାଗାରିନ ୧୯୬୧ ମସିହାରେ ଭୋଷ୍ଟକ-୧ ଯାନରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାକାଶ ଯାତ୍ରା କରିଥିଲେ । ୧୯୬୯ ମସିହା ଜୁଲାଇ ୧୬ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ଅନ୍ତରୀକ୍ଷ ଗବେଷଣା ସଂସ୍ଥା ନାସା (NASA- National Aeronautics and Space Administration) ତରଫରୁ ନିଲ୍ ଆର୍ମଷ୍ଟ୍ରଙ୍ଗ, ଏଡଓ୍ୱିନ୍ ଆଲଡ୍ରିନ ଓ ମାଇକେଲ କଲିନ୍ସ ଆପୋଲୋ-୧୧ ଯାନରେ ଚନ୍ଦ୍ର ପୃଷ୍ଠକୁ ଯାତ୍ରା କରିଥିଲେ । ନିଲ୍ ଆର୍ମଷ୍ଟ୍ରଙ୍ଗ ଓ ଏଡଓ୍ୱିନ୍ ଆଲଡ୍ରିନ ଚନ୍ଦ୍ରରେ ଅବତରଣ କରିଥିବାବେଳେ ମାଇକେଲ କଲିନ୍ସ ମହାକାଶ ଯାନରେ ବସି ରହିଥିଲେ । ସେହିପରି ଭାରତର ପ୍ରଥମ ମହାକାଶଚାରୀ ହେଉଛନ୍ତି ରାକେଶ ଶର୍ମା । ସେ ୧୯୮୪ ମସିହାରେ ସୋଭିଏତ ସଂଘ ତରଫରୁ ମହାକାଶ ଯାତ୍ରା କରିଥିଲେ । ଭାରତୀୟ ବଂଶୋଦ୍ଭବ କଳ୍ପନା ଚାଉଲା ପ୍ରଥମ ଥର ୧୯୯୭ ମସିହାରେ ନାସା ତରଫରୁ ସଫଳତାର ସହ ମହାକାଶ ଯାତ୍ରା କରିଥିଲେ କିନ୍ତୁ ୨୦୦୩ରେ ପୁନର୍ବାର ମହାକାଶ ଯାତ୍ରା କରି ଫେରିବା ସମୟରେ ତାଙ୍କ ବିମାନ ଧ୍ୱଂସ ହୋଇଯାଇଥିଲା । ଏଥିରେ କଳ୍ପନାଙ୍କ ସମେତ ୬ ଜଣ ମହାକାଶଚାରୀଙ୍କ ଦେହାନ୍ତ ହୋଇଥିଲା ।

ଭାରତର ମହାକାଶ ଗବେଷଣା ସଂସ୍ଥାର ନାମ ହେଉଛି ଇସ୍ରୋ (ISRO- Indian Space Research Organisation) । ଏହା ମାଧ୍ୟମରେ ଭାରତ ୧୯୭୫ ମସିହାରେ ନିଜର ପ୍ରଥମ କୃତ୍ରିମ ଉପଗ୍ରହ ଆର୍ଯ୍ୟଭଟ୍ଟକୁ ନିର୍ମାଣ କରିଥିଲା କିନ୍ତୁ ସୋଭିଏତ ସଂଘ ସହାୟତାରେ ଏହାକୁ ପ୍ରେରଣ କରାଯାଇଥିଲା । ପରେ ଆମ ଦେଶ ଭାସ୍କର, ରୋହିଣୀ, INSAT (Indian National Satellite) ଓ IRS (Indian Remote-sensing Satellite) ପରି ଅନେକ କୃତ୍ରିମ ଉପଗ୍ରହକୁ ରକେଟ୍ ସାହାଯ୍ୟରେ ମହାକାଶକୁ ପଠାଇପାରିଛି । ଭାରତ ସମ୍ପୂର୍ଣ୍ଣ ରୂପେ ନିଜସ୍ୱ ଉଦ୍ୟମରେ ୨୦୦୮ ମସିହାରେ ଚନ୍ଦ୍ରଯାନ-୧, ୨୦୧୩ ମସିହାରେ ମଙ୍ଗଳଯାନ, ୨୦୧୯ ମସିହାରେ ଚନ୍ଦ୍ରଯାନ-୨ ଓ ୨୦୨୩ ମସିହାରେ ଚନ୍ଦ୍ରଯାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

-୩ ପ୍ରେରଣ କରିଥିଲା । ଏଗୁଡ଼ିକ ମଧ୍ୟରୁ ଚନ୍ଦ୍ରଯାନ-୧ ପ୍ରଥମ କରି ଚନ୍ଦ୍ର ପୃଷ୍ଠରେ ଜଳର ସନ୍ଧାନ କରିଥିଲା ଏବଂ ମଙ୍ଗଳଯାନ ପ୍ରଥମ ପ୍ରଚେଷ୍ଟାରେ ହିଁ ମଙ୍ଗଳ ଗ୍ରହର କକ୍ଷ ପଥରେ ପହଞ୍ଚି ଇତିହାସ ରଚନା କରିଥିଲା ।

ଧର୍ମ ପୁସ୍ତକରେ ବ୍ରହ୍ମାଣ୍ଡ ଚର୍ଚ୍ଚା: ଧାର୍ମିକ ଲୋକ ବିଶ୍ୱାସ କରନ୍ତି ଯେ ଈଶ୍ୱର ବ୍ରହ୍ମାଣ୍ଡର ରଚନା କରିଥିଲେ କିନ୍ତୁ ବାସ୍ତବରେ କେହି ବି ବ୍ରହ୍ମାଣ୍ଡର ରହସ୍ୟ ଜାଣି ପାରିନାହାନ୍ତି । ଯଦିଓ କିଛି ଲୋକ ଜ୍ଞାନପ୍ରାପ୍ତିର ଦାବି କରିଛନ୍ତି ତଥାପି ସୃଷ୍ଟି ଓ ସୃଷ୍ଟିକର୍ତ୍ତାଙ୍କ ବିଷୟରେ ସଠିକ୍ ରୂପେ ବୁଝାଇ ପାରିନାହାନ୍ତି । ସେମାନଙ୍କ ଜ୍ଞାନ ମୂଲ୍ୟହୀନ ଅଥବା ଆମ ବୋଧ ଶକ୍ତି ବାହାରେ । ସବୁ ଧର୍ମରେ ସୃଷ୍ଟିକର୍ତ୍ତାଙ୍କ ବିଷୟରେ ଏକ ସାମଞ୍ଜସ୍ୟ ଦେଖିବାକୁ ମିଳେ । ସୃଷ୍ଟିକର୍ତ୍ତାଙ୍କ ଉତ୍ପତ୍ତି ବିଷୟରେ ପ୍ରଶ୍ନ କଲେ ସବୁଠି ଉତ୍ତର ମିଳେ ଯେ- ସେ ସ୍ୱୟମ୍ଭୁ (Self Born) ଅଟନ୍ତି। ହିନ୍ଦୁ ଧର୍ମରେ ନିର୍ଗୁଣ ବା ନିରାକାର ପରଂବ୍ରହ୍ମଙ୍କୁ ସୃଷ୍ଟିକର୍ତ୍ତା ବୋଲି ବିଶ୍ୱାସ କରାଯାଏ । ଇହୁଦୀ, ଖ୍ରୀଷ୍ଟ ଓ ଇସଲାମ ଧର୍ମରେ ମଧ୍ୟ ନିରାକାର ଈଶ୍ୱରଙ୍କ ଉପାସନା କରାଯାଏ । ସେହିପରି ଆମ ଓଡ଼ିଶାରେ ମହିମା ମତାବଲମ୍ବୀ ମାନେ ଶୂନ୍ୟର ଉପାସନା କରନ୍ତି ।

ଧର୍ମକୁ ସମ୍ପୂର୍ଣ୍ଣ ରୂପେ ତିରସ୍କାର କରିଦେବା ବି ଅନୁଚିତ୍ କାରଣ ଧର୍ମଗ୍ରନ୍ଥରେ ଏପରି କିଛି ଉପାଖ୍ୟାନ ଅଛି ଯାହାର ବିଜ୍ଞାନ ସହ ସମ୍ବନ୍ଧ ରହିଛି । ଉଦାହରଣ ସ୍ୱରୂପ- ସ୍କନ୍ଦ ପୁରାଣ ଅନୁଯାୟୀ ରାଜା ଇନ୍ଦ୍ରଦ୍ୟୁମ୍ନ ପୁରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନିମନ୍ତେ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବା ପାଇଁ ମହାକାଶରେ ବ୍ରହ୍ମଲୋକ ଯାତ୍ରା କରିଥିଲେ । ସେଠାରୁ ସେ ପ୍ରତ୍ୟାବର୍ତ୍ତନ କଲାବେଳକୁ ପୃଥିବୀ ପୃଷ୍ଠରେ ଅନେକ ଯୁଗ ବିତି ସାରିଥିଲା । ଏହା ସମୟ ବିସ୍ତାରଣ (Time Dilation)କୁ ଦର୍ଶାଉଛି । ଆଇନଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱ (Theory of Relativity) ଅନୁସାରେ ଏହା ସମ୍ଭବପର କାରଣ ଆଲୋକ ବେଗରେ ଯାତ୍ରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଲେ ସମୟ ମନ୍ଥର ହୋଇଯାଏ । କିନ୍ତୁ ଏଠି ସମସ୍ୟା ହେଉଛି ଯେ ଆଜି ପର୍ଯ୍ୟନ୍ତ ବସ୍ତୁତ୍ୱ ଥିବା କୌଣସି ଜିନିଷ ଆଲୋକ ବେଗରେ ଗତି କରିପାରିନି । ଏଥିପାଇଁ ଅପର୍ଯ୍ୟାପ୍ତ ଶକ୍ତି ଆବଶ୍ୟକ ହେବ ।

ଉପସଂହାର: ପ୍ରତ୍ୟେକ ବସ୍ତୁ ଅନ୍ୟ ଏକ ବସ୍ତୁ ଭିତରେ ସୀମାବଦ୍ଧ ଥାଏ । ତାହାଲେ ଆମ ବିଶ୍ୱ କାହା ଭିତରେ ଅଛି ? ବିଶ୍ୱ ଯାହା ଭିତରେ ଅଛି ତାକୁ ପୁଣି କିଏ ଧାରଣ କରିଛି ? ଆମେ କଦାପି ଏହାର ଅନ୍ତ ଖୋଜିକି ପାଇପାରିବା ନାହିଁ । କିନ୍ତୁ ଏକ ଅନନ୍ତ ବସ୍ତୁ ପୁଣି କେମିତି ସମ୍ଭବପର ? ବ୍ୟାବହାରିକ ଭାବେ (Practically) ଏହା ଅସମ୍ଭବ। ଏପରି କୌଣସି ଅସ୍ତିତ୍ୱ ରହିବା କଥା ନୁହେଁ । ତେବେ ଆମେ ଯାହା ସବୁ ଦେଖୁଚେ, ଅନୁଭବ କରୁଛେ ସେ ସବୁ କ'ଣ ? କ'ଣ ଯା'କୁ ହିଁ ହିନ୍ଦୁ ଧର୍ମରେ ମାୟା (illusion) ବୋଲି କୁହାଯାଇଛି ? ଯଦି ସଂସାରର କୌଣସି ଅସ୍ତିତ୍ୱ ନଥାନ୍ତା ତାହାଲେ କ'ଣ ବା ଥାଆନ୍ତା ? ଏ କି ବିଚିତ୍ର କଳ୍ପନା !

ଯେ ପର୍ଯ୍ୟନ୍ତ ବିଜ୍ଞାନ ବ୍ରହ୍ମାଣ୍ଡର ରହସ୍ୟକୁ ଉନ୍ମୋଚନ ନ କରିଛି ସେ ପର୍ଯ୍ୟନ୍ତ ଅଧିକାଂଶ ଲୋକ ଐଶ୍ୱରୀୟ ତତ୍ତ୍ୱ ଉପରେ ହିଁ ବିଶ୍ୱାସ କରିବେ କିନ୍ତୁ ଅନ୍ଧବିଶ୍ୱାସ ପରିବର୍ତ୍ତେ ଅନୁସନ୍ଧାନ କରିବା ମନୁଷ୍ୟର ପ୍ରାଥମିକତା ହେବା ଉଚିତ୍ ।

ପ୍ରାଣୀବିଜ୍ଞାନ ଅଧ୍ୟାପକ, ପରମାନନ୍ଦ ମହାବିଦ୍ୟାଳୟ, ବୋଲଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାଧୀନତା ସଂଗ୍ରାମୀଙ୍କ ଅଧୁରା ସ୍ୱପ୍ନ

ଆଶୁତୋଷ ନାୟକ

ଗୋଦାବରୀଶ ମହାପାତ୍ରଙ୍କ ଲେଖନୀ ନିଃସୃତ ବାଣୀ ଆମ ସମାଜ ପାଇଁ ଅତୀବ ପ୍ରେରଣାଦାୟୀ ।

ଦୁର୍ଗମ ଗିରି ପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ । ପୃଥ୍ୱୀ ବିଦାରି ବାରବାଟୀ ମଡ଼ା, ଉଠ ଉଠ ଚଞ୍ଚଳ ଖୋରଦାର ଶତ ସରଦାର ଶିର କର ଉନ୍ନତତର । ଉଠ କଙ୍କାଳ, ଛିଡ଼ୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି, ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବ ରାଜି ।

ଆମେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛୁ ଏହା ଆମ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଆମ ଦେଶକୁ ସ୍ୱାଧୀନ ହେବାର ୭୯ବର୍ଷ ଅତିକ୍ରାନ୍ତ ହୋଇସାରିଛି । ଆମେ ଶିକ୍ଷା, ଅର୍ଥନୀତି, ସାମରିକ ଓ ବେସାମାରିକ, ପ୍ରତିରକ୍ଷା, ବାଣିଜ୍ୟ, କ୍ରୀଡା, ସାହିତ୍ୟ, କଳା, ସ୍ଥାପତ୍ୟ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାରେ ଅବିଶ୍ୱାସନିୟ ସଫଳତା ହାସଲ କରିଛୁ । ଆମ ରାଷ୍ଟ୍ର ସମଗ୍ର ବିଶ୍ୱ ମାନଚିତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଆଉ କିଛି ଦିନ ମଧ୍ୟରେ ଆମ ରାଷ୍ଟ୍ର ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଥିବା ରାଷ୍ଟ୍ର ହେବାକୁ ଯାଉଛି । ଆମେ ଉଭୟ ଜଳ, ସ୍ଥଳ, ଆକାଶରେ ନିଜର ପରାକ୍ରମ ଦେଖାଇ ସାରା ବିଶ୍ୱକୁ ଆଚମ୍ବିତ କରାଇଛୁ । ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଆମେରିକା, ରୁଷିଆ, ଜାପାନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଇତ୍ୟାଦି ଆମ ଦେଶ ସହ ବାଣିଜ୍ୟ ଚୁକ୍ତି କରିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି । ଏହା ଆମ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ପାକିସ୍ତାନ, ଚୀନ, ଆମେରିକାକୁ ନିଜର କଡା ସନ୍ଦେଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେବାରେ ଆମ ଦେଶ ସକ୍ଷମ ହୋଇଛି । ଆତଙ୍କବାଦୀଙ୍କ ବିରୁଦ୍ଧରେ ସେମାନଙ୍କ ଦୌମୁହାଁ ନୀତିକୁ ସାରା ବିଶ୍ୱ ଆଗରେ ସଠିକ ଭାବେ ପ୍ରମାଣ ସହ ଉପସ୍ଥାପନା କରିଛୁ । ବିଶ୍ୱର ଏକମାତ୍ର ରାଷ୍ଟ୍ର ଭାରତ ଯିଏକି ଆତଙ୍କବାଦୀ ମାନଙ୍କୁ ଦୃଢହସ୍ତରେ ଦମନ କରିଛି ।

ଏବେ ନିକଟରେ ଜାମ୍ମୁକାଶ୍ମୀର ପହଲଗ୍ରାମରେ ନରରାକ୍ଷସ ପିଶାଚ ଆତଙ୍କବାଦୀ ମାନେ ଯେଉଁଭଳି କାପୁରୁଷ ଭାବରେ ନିରୀହ ପ୍ରଯ୍ୟଟକଙ୍କୁ ହତ୍ୟା କରିଥିଲେ ସେମାନଙ୍କୁ ଅପରେସନ ସିନ୍ଦୁର ଏବଂ ଅପେରସନ ମହାଦେବ ମାଧ୍ୟମରେ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ସମସ୍ତ ଆତଙ୍କବାଦୀଙ୍କୁ ନିପାତ କରିଛୁ । ସେମାନଙ୍କ ଟ୍ରେନିଂ କ୍ୟାମ୍ପ, ସାମରିକ ଘାଟି, ବିପୁଳ ଅସ୍ତ୍ରଶସ୍ତ୍ର, ଯୁଦ୍ଧ ବିମାନକୁ ଧ୍ୱଂସବିଧ୍ୱସ୍ତ କରିଦେଇଛୁ ।

କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଆମ ଦେଶ ସ୍ୱାଧୀନତାର ୭୯ବର୍ଷ ପରେ ମଧ୍ୟ ନାରୀ ନିର୍ଯ୍ୟାତନା କମିବା ପରିବର୍ତ୍ତେ ବଢ଼ି ଚାଲିଛି । ପ୍ରତି ମିନିଟରେ ଦେଶର କୋଣ ଅନୁକୋଣରେ ମହିଳାଙ୍କ ପ୍ରତି ଅସଦାଚରଣ, ମାନସିକ ଓ ଶାରୀରିକ ନିର୍ଯ୍ୟାତନାର ଘଟଣା ଘଟିଚାଲିଛି । କେତେବେଳେ ସମାଜରେ ବଡ଼ପଣ୍ଡା ବୋଲାଉଥିବା ବ୍ୟକ୍ତିବିଶେଷ ଏବଂ ବଡ଼ ବଡ଼ ନେତା, ମନ୍ତ୍ରୀ, ଅଫିସରଙ୍କ ଛତ୍ରଛାୟା ତଳେ ଗଢି ଉଠିଥିବା ଅସାମାଜିକ ବ୍ୟକ୍ତି ନିର୍ଭୟରେ ମହିଳାଙ୍କ ଉପରେ ଏସିଡ ମାଡ଼ କଲେଣି ତ ପୁଣି କେତେବେଳେ ଧର୍ଷଣ, ଗଣଧର୍ଷଣ ପରି ଅମାନବିୟ ପାଶବିକ କୁକର୍ମ କରି ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି । ସବୁଠୁ ଘୃଣ୍ୟ ଏବଂ ଲଜ୍ୟାଜନକ ଘଟଣା ଏହାକି ଅନେକ ବିଧର୍ମୀ ପାପୀ ମନୁଷ୍ୟ ଜୀବନ ସୂର୍ଯ୍ୟାଦୟ ଦେଖିନଥିବା କୋମଳମତି ଦୁଇ, ତିନି ବର୍ଷର ନାବାଳିକା ସହିତ ଧର୍ଷଣ, ଗଣଧର୍ଷଣ ପରି ଘୃଣ୍ୟ କାମ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି ।

ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଲାଣି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିଦିନ ରାଜ୍ୟରେ କୋଉଠି ନା କୋଉଠି ଦୁଷ୍କର୍ମ, ହିଂସା, ଏସିଡ ଆକ୍ରମଣ ଓ ଯୌନ ଉତ୍ପୀଡ଼ନ ଶିକାର ହେଉଛନ୍ତି ମହିଳା । ଯାହାକୁ ନେଇ ସରକାର ଅନେକ ପଦକ୍ଷେପ ନେଉଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ରାଜ୍ୟରେ ଦୈନିକ ପନ୍ଦର ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି । ଗୋପାଳପୁର ବେଳାଭୂମିରେ ଘଟିଥିବା ଛାତ୍ରୀ ଗଣଦୁଷ୍କର୍ମ ଘଟଣା ଠାରୁ ଆରମ୍ଭ କରି, ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣା, ବଳଙ୍ଗା ପୀଡିତା ନାବାଳିକା ଛାତ୍ରୀ ନିଆଁରେ ଜଳିବା ଘଟଣା, କେନ୍ଦ୍ରାପଡ଼ା ଜିଲ୍ଲା ବଡପଡା ମହାବିଦ୍ୟାଳୟର ଯୁକ୍ତ ତିନିଛାତ୍ରୀ ନିଆଁରେ ଜଳିଯିବା ଘଟଣା ଏହିପରି ଅନେକ ଘଟଣା ଯାହାକି ଅତ୍ୟନ୍ତ ଦୁଃଖଦ ଏବଂ ହୃଦୟ ବିଦାରକ । ଆମ ବ୍ୟବସ୍ଥା ଯେପରି ଅସହାୟ ହେଇପଡିଛି ଏବଂ ପୁଲିସ ପାରିବାପଣିଆ ଉପରେ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏହିସବୁ ଘଟଣାରେ ପୁଲିସର ଦାୟିତ୍ୱହୀନତା ଏବଂ ଚରମ ଅବହେଳାକୁ ପଦାରେ ପକାଇଛି ।

ଆମ ଦେଶକୁ ସ୍ୱାଧୀନ ହେବାର ୭୯ବର୍ଷ ପରେ ମଧ୍ୟ ଅସହାୟ ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଅନେକ ସମୟରେ ଆମ୍ବୁଲାନ୍‌ସ ଉପାନ୍ତ ଅଞ୍ଚଳରେ ପହଞ୍ଚିପାରୁନାହିଁ ବାଧ୍ୟ ହୋଇ କୌଣସି ଉପାୟ ନପାଇ ଗୁରୁତର ରୋଗୀ କେତେବେଳେ ଖଟିଆରେ, ଟ୍ରଲିରେ ଆଉ କେତେବେଳେ ଅଟୋରେ ବୁହାହୋଇ ଆସୁଛନ୍ତି । ଠିକ ସମୟରେ ହସ୍ପିଟାଲ ପହଞ୍ଚି ପାରୁ ନଥିବାରୁ ଅନେକ ରୋଗୀ ମଝି ରାସ୍ତାରେ ହିଁ ପ୍ରାଣତ୍ୟାଗ କରୁଛନ୍ତି । ଏବେ ନିକଟରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଥିଲା ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର । ଆମ୍ବୁଲାନ୍‌ସ ନମିଳିବାରୁ ବାଧ୍ୟ ହୋଇ ଜଣେ ମହିଳା ଅଟୋରେ ଆସୁଥିଲେ । ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତରେ ପହଞ୍ଚିବା ସମୟରେ ହିଁ ଅଟୋରେ ମହିଳାଙ୍କ ପ୍ରସବ ହୋଇ ଯାଇଥିଲା ଏବଂ ଅଟୋରେ ହିଁ ମହିଳା କନ୍ୟା ସନ୍ତାନ ଜନ୍ମ ଦେଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ଦେଶରେ ଆତ୍ମହତ୍ୟା ଏବେ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ । ଅନେକ ସମୟରେ ଅସହାୟ ଗରିବ ଓ ମଧ୍ୟବିତ୍ତ ବର୍ଗର ବ୍ୟକ୍ତି ନିଜର ସମସ୍ୟା ସମାଧାନ ପାଇଁ ପୋଲିସର ବଡ଼ବାବୁମାନଙ୍କୁ, ବଡ଼ ବଡ଼ ଉଚ୍ଚପ୍ରଦସ୍ତ ଅଫିସରମାନଙ୍କୁ ବାରମ୍ବାର ଅଭିଯୋଗ କରି ସବୁଆଡୁ ନିରାଶ ହୋଇ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏନସିଆରବି ରିପୋର୍ଟ ଅନୁସାରେ ପ୍ରତିଦିନ ଆମ ରାଜ୍ୟରେ ହାରାହାରି ପ୍ରତି ଲକ୍ଷେ ଲୋକଙ୍କ ମଧ୍ୟରେ ବର୍ଷକୁ ବାରଜଣ ଆତ୍ମହତ୍ୟା କରୁଛନ୍ତି । ଗତ ଏକ ବର୍ଷ ମଧ୍ୟରେ ଆମ ଦେଶର ସାତଟି ଆଇଆଇଟିରେ ଚଉଦଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି । ସର୍ବାଧିକ ଆଇଆଇଟି ଖଡ଼ଗପୁରରେ ଚାରିଜଣ ଆତ୍ମହତ୍ୟା କରିଛନ୍ତି । ସୁପ୍ରିମକୋର୍ଟ ଏବେ ନିକଟରେ ଆଇଆଇଟି ଖଡ଼ଗପୁର ଏବଂ କୋଟାରେ ଆତ୍ମହତ୍ୟା ମାମଲାରେ ଏଫଆଇଆର ଦାଖଲର ସ୍ଥିତି ପରଖି ଥିଲେ ଏବଂ ଗଭୀର ଚିନ୍ତା ପ୍ରକଟ କରିଥିଲେ । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ । ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେ ବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଧାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ୍ୟ ହେଉଛନ୍ତି । ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା ।

ଗାନ୍ଧିଜୀ ମନୁଷ୍ୟ ମନ ମଧ୍ୟରେ ଛୁଆଁ ଅଛୁଆଁ, ଉଚ୍ଚ ନୀଚର ଭେଦଭାବକୁ ନାପସନ୍ଦ କରୁଥିଲେ । ସମାଜରେ ଧନୀ ଓ ଗରିବ ମଧ୍ୟରେ ଥିବା ତାରତମ୍ୟକୁ ଦୂର କରିବା ପାଇଁ ଅନେକ ସଂଘର୍ଷ କରିଥିଲେ ଏବଂ ଅନେକ ଦୁଃଖ, ଯନ୍ତ୍ରଣା, ପୀଡା ସହିଥିଲେ । ସମାଜରେ ଅବହେଳିତ ଅସହାୟ ଗରିବ ବ୍ୟକ୍ତି କିପରି ଶିକ୍ଷା ମାଧ୍ୟମରେ ଆଗକୁ ବଢ଼ିପାରିବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଥିପାଇଁ ସେ ପ୍ରଚେଷ୍ଟା କରିଥିଲେ । ଗାନ୍ଧିଜୀ ସଦାସର୍ବଦା ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଇଥିଲେ ସେଥିପାଇଁ ସେ କହୁଥିଲେ "କୁଟି ଖାଅ କାଟି ପିନ୍ଧ" ତାଙ୍କର କହିବାର ତାତ୍ପର୍ଯ୍ୟ ଏହାଥିଲା କି ଶିକ୍ଷା ମାଧ୍ୟମରେ କିପରି ଜଣେ ଆତ୍ମନିର୍ଭରଶୀଳ ହେଇପାରିବ ତାର ପରିବାରକୁ ପ୍ରତିପୋଷଣ କରିପାରିବ । ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ସରକାର ଏବେ ଧନ୍ଦାମୂଳକ ଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି । ଗାନ୍ଧିଜୀଙ୍କ ଅହିଂସା ନୀତି ଏବଂ ସତ୍ୟର ମାର୍ଗ । ଗାନ୍ଧିଜୀ ସତ୍ୟ, ଧର୍ମ, ନ୍ୟାୟ ଅହିଂସାର ପୂଜାରୀ ଥିଲେ । ତାଙ୍କ ନୀତି ଆଦର୍ଶ ଆଜିର ବିଶୃଙ୍ଖଳିତ ଯୁବ ସମାଜ ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ । ଏବେ ନିକଟରେ ଆମ ରାଜ୍ୟର ମୋହନ ସରକାର ବିଦ୍ୟାଳୟରେ ନୈତିକ ଶିକ୍ଷା ଅତ୍ୟନ୍ତ ଉପାଦୟ ଗୀତାର ପଠନର ବ୍ୟବସ୍ଥା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନିୟମ, ନୈତିକତାର ଅଭାବ ପରିଲକ୍ଷିତ ହେଉଛି । ଧୀରେ ଧୀରେ ଆମ ଦେଶର ରାଜନୀତି କଳୁଷିତ ହେବାକୁ ଲାଗିଛି ଏହା ଅପ୍ରିୟ ସତ୍ୟ ।

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣ ସର୍ବେସର୍ବା ହୋଇଥାନ୍ତି । ପ୍ରକୃତ କ୍ଷମତା ଜନସାଧାରଣଙ୍କ ହାତରେ ରହିଥାଏ । ସବୁଠାରୁ ଶକ୍ତିଶାଳୀ ବୃହତ୍ତର ଗଣତାନ୍ତ୍ରିକ ରାଷ୍ଟ୍ର ଆମ ଭାରତ ଯେଉଁଠି ୧୪୦କୋଟିରୁ ଅଧିକ ଜନସାଧାରଣ ବସବାସ କରନ୍ତି କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏବେବି ଅନେକ ଗରିବ ମଧ୍ୟବିତ୍ତ ନିଜର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଉନ୍ନତ ସ୍ୱାସ୍ଥ୍ୟସେବା, ପକ୍କାଘର ତ ଦୂରର କଥା ପ୍ରତିଦିନ ଦୁଇଓଳି ଦୁଇ ମୁଠା ଖାଦ୍ୟ ସେମାନଙ୍କ ପାଇଁ ଆକାଶ କଇଁଆ ଚିଲିକା ମାଛ ସଦୃଶ । ଆମ ଦେଶର କ୍ଷମତା ଲୋଭୀ ରାଜନେତାମାନେ ଜାଣିଶୁଣି ସରକାରୀ ବିଦ୍ୟାଳୟ, ସରକାରୀ ଚିକିତ୍ସାଳୟକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବେହେଳା କରୁଛନ୍ତି କାରଣ ସେମାନଙ୍କ ନିଜର ବିଦ୍ୟାଳୟ ଏବଂ ଚିକିତ୍ସାଳୟ ଦେଶର କୋଣ ଅନୁକୋଣରେ ଚାଲିଛି ଆଉ ସେମାନେ କୋଟି କୋଟି ଟଙ୍କାର ମୁନଫା କମାଉଛନ୍ତି ।

ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବା ସମୟରେ ଏକ ବଡ଼ ରେଳ ଦୁର୍ଘଟଣା ହୋଇଥିଲା । ଏଥିରେ ୨୦୦ରୁ ଅଧିକ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ ।

ଏହାପରେ ନୈତିକତା ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ । ସେହିପରି ମହାନ ରାଷ୍ଟ୍ରବାଦୀ, ସାହିତ୍ୟପ୍ରେମୀ, ଆଦର୍ଶ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଲୋକସଭାରେ ମାତ୍ର ଏକ ଖଣ୍ଡ ଭୋଟ ପାଇଁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାରେ ବିଫଳ ହୋଇଥିଲେ ଏବଂ ତାଙ୍କ ସରକାର ଭାଙ୍ଗିଯାଇଥିଲା । ରାଜନୀତିରେ ଘୋଡା ବେପାରକୁ ସେ ନାପସନ୍ଦ କରୁଥିଲେ । କ୍ଷମତା ଲାଳସା ତାଙ୍କୁ ସ୍ପର୍ଶ କରିପାରି ନଥିଲା । ତାଙ୍କପାଇଁ ନିଜ ଦଳୀୟସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା । ସେଥି ପାଇଁ ଡ଼ିସେମ୍ବର ୨୫ ତାରିଖକୁ ଆମ ଦେଶରେ ଗୂଡ଼ ଗଭରନାନ୍ସ ଡ଼େ ଭାବେ ପାଳନ କରାଯାଉଛି ।

ଆମ ଦେଶର ରାଜନେତା ଗୋଟିଏ ଉଦ୍ଦେଶ୍ୟ ସାଧାରଣ ଗରିବ ମଧ୍ୟବିତ୍ତ ଅଶିକ୍ଷିତ ରହିଲେ ସେମାନଙ୍କୁ କିଛି ଲୋଭନୀୟ ମାଗଣା ଯୋଜନା, ଆଉ କିଛି ଅର୍ଥ ପ୍ରଲୋଭନ ଦେଇ ଏବଂ ଭୋଟିଙ୍ଗର ଗୋଟିଏ ଦିନ ପୂର୍ବରୁ ମଦ, ମାଂସ, ବିଭିନ୍ନ ପ୍ରସାଧନ ସାମଗ୍ରୀ, ଅଳଙ୍କାର ଇତ୍ୟାଦି ଦେଇ ସହଜରେ ଭୋଟ ହାତେଇ ପାରିବେ । ସାଧାରଣ ଗରିବ ମଧ୍ୟବିତ୍ତ ଶିକ୍ଷିତ ହେଲେ ରାଜନେତାଙ୍କ ପାଇଁ ସମସ୍ୟା ହେଇଯିବ ଏବଂ ସେମାନଙ୍କ ଇଲେକ୍ସନରେ ଜିତିବା କଷ୍ଟସାଧ୍ୟ ହେଇଯିବ । ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନୈତିକତା, ମୂଲ୍ୟବୋଧ ଏସବୁ ନିରର୍ଥକ । ଯେକୌଣସି ଉପାୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଳେବଳେ କୌଶଳରେ କ୍ଷମତାହାସଲ କରିବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ । ରାଜନୀତି ମୈଦାନକୁ ଆସିବା ପୂର୍ବରୁ ରାଜନେତାଙ୍କ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଏବଂ ରାଜନୀତିରେ ପ୍ରବେଶ କରି ବିଧାୟକ, ବିଧାୟିକା, ସାଂସଦ ଏବଂ ବିଭିନ୍ନ ରାଜନୈତିକ ପଦପଦବୀରେ ରହିବା ପରେ ସେମାନଙ୍କ ସମ୍ପତ୍ତି ଅହେତୁକ ବୃଦ୍ଧି ଘଟେ, ଅନେକଙ୍କ ସମ୍ପତ୍ତି ୫୦, ୧୦୦ ଗୁଣା ଏପରିକି ୩୦୦ଗୁଣାରୁ ଅଧିକ ବୃଦ୍ଧି ଘଟେ ଯାହାକି ଆମ ପରି ସାଧାରଣ ଗରିବ ମଧ୍ୟବିତ୍ତଙ୍କ କଳ୍ପନାର ବାହାରେ ।

ଏବେ ନିକଟରେ ମଧ୍ୟପ୍ରଦେଶର ଜଣେ ବିଜେପି ବିଧାୟକ ଗୁଲୁ ସୁକୁଲାଙ୍କ ପୁଅ ବିଭାଘରରେ ୭୦ଲକ୍ଷରୁ ଅଧିକ ଟଙ୍କା କେବଳ ଆତସବାଜିରେ ଖର୍ଚ୍ଚ ହେଇଥିଲା । ଏବେ ଆମ ଦେଶର ବିଭିନ୍ନ ବଡ଼ ବଡ଼ ସହର ଦିଲ୍ଲୀରୁ ଆରମ୍ଭ କରି ମୁମ୍ବାଇ, କଲିକତା, ଆମ ରାଜ୍ୟର ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା ପର୍ଯ୍ୟନ୍ତ ବାୟୁ ପ୍ରଦୂଷଣର ସ୍ଥିତି ଉଦବେଗ ଜନକ ରହିଛି, ପ୍ରଦୂଷଣ ପାଇଁ ଅନେକ ବ୍ୟକ୍ତି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଯେପରିକି ଶ୍ୱାସକ୍ରିୟାରେ ଭୀଷଣ ଯନ୍ତ୍ରଣା ଅନୁଭବ କରିବା, ଶ୍ୱାସରୋଗ, ଫୁସଫୁସ, ଯକୃତରେ ସମସ୍ୟା ପରି ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି ସେପରି ସ୍ଥଳେ ଜଣେ ଜନ ପତିନିଧି କିପରି ଖୋଲାଖୋଲି ବାୟୁ ପ୍ରଦୂଷଣ କରିପାରିଲେ ଏପରି କାର୍ଯ୍ୟ ପାଇଁ ତାଙ୍କୁ ସହଜରେ ଅନୁମତି ମିଳିଗଲା । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଏବଂ ବିଡମ୍ବନାର ବିଷୟ ।

ସବୁଠାରୁ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଆମ ସମାଜରେ ବଡ଼ପଣ୍ଡା ବୋଲାଉଥିବା ଭିଭିଆପି ନେତା, ମନ୍ତ୍ରୀ ଅଫିସର ମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ନିଜ ବାସଭବନରେ ଏକାଧିକ ଏୟାର ପ୍ୟୁରିଫାୟାର ଲଗାଉଛନ୍ତି । ଏବେ ନିକଟରେ ରାଜଧାନୀ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ନିଜକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ପାଇଁ ୧୫ଟି ଏୟାର ପ୍ୟୁରିଫାୟାର୍ ଅର୍ଡର କରିଛନ୍ତି ଯାହାର ମୂଲ୍ୟ ୫.୫ ଲକ୍ଷରୁ ଅଧିକ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଭିନ୍ନ ସ୍ୱାଧୀନ ସର୍ବେକ୍ଷଣ ସଂସ୍ଥା କରିଥିବା ରିପୋର୍ଟ ଅନୁସାରେ କେବଳ ବାୟୁ ପ୍ରଦୂଷଣ ପାଇଁ ପ୍ରତିବର୍ଷ ଆମ ଦେଶରେ ୧୮ଲକ୍ଷରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଅକାଳ ବିୟୋଗ ଘଟୁଛି । ୨୦୨୨ ମସିହାରେ ଭାରତରେ କେବଳ ବାୟୁ ପ୍ରଦୂଷଣ ପାଇଁ ୧୭ଲକ୍ଷରୁ ଅଧିକ ନିରୀହ ବ୍ୟକ୍ତିଙ୍କ ପ୍ରାଣହାନୀ ଘଟିଛି । ତଥାପି ଆମ ସରକାର, ପ୍ରଶାସନ ପ୍ରଦୂଷଣ ଜନିତ ସମସ୍ୟାକୁ ଗୁରୁତର ଭାବେ ନେଉନାହାନ୍ତି । କ୍ଷମତାଲୋଭୀ ରାଜନେତା ପରସ୍ପର ଦୋଷାରୋପ କରି କାଦୁଅପିଙ୍ଗା ରାଜନୀତିରେ ନିମଗ୍ନ । ସାଧାରଣ ଗରିବ ଓ ମଧ୍ୟବିତ୍ତ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ବିଭିନ୍ନ ଅପମିଶ୍ରିତ ରଙ୍ଗ ଓ କେମିକାଲ ବୋଳା ଖାଦ୍ୟ ଏପରିକି ଜୀବନ ରକ୍ଷାକାରୀ ମେଡ଼ିସିନକୁ ଅଧିକ ମୁନଫା କମାଇବା ପାଇଁ ନକଲି ମେଡ଼ିସିନ ବଜାରରେ ବହୁଳ ମାତ୍ରାରେ ବିକ୍ରୟ କରାଯାଇଛି । ସ୍ୱାସ୍ଥ୍ୟକର ପରିବେଶ ଏବଂ ସୁନ୍ଦର ଜଳବାୟୁ ସତେ ଯେପରି ଅନେକ ବ୍ୟକ୍ତିଙ୍କ ପାଇଁ ଏହା ସ୍ୱପ୍ନ ହେଇଗଲାଣି । ନିଜର ତେଲଲୁଣର ସଂସାର ଗୁଜୁରାଣ ମେଣ୍ଟାଇବା ପାଇଁ ଗରିବ ଓ ମଧ୍ୟବିତ୍ତ ପ୍ରତିଦିନ ସଂଘର୍ଷ କରୁଛନ୍ତି ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ।

ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ରାଜ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ଼ ରହିଥିଲେ ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣରେ ଆସୁନାହିଁ । ସତେ ଯେପରି ଆମ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସରକାର, ପ୍ରଶାସନ ସମସ୍ତେ ଯେପରି ଅସହାୟ ହେଇ ପଡିଛନ୍ତି, କୋମାରେ ରହିଛନ୍ତି । ରାଜଧାନୀ ଦିଲ୍ଲୀରୁ ଆରମ୍ଭ କରି ଆମ ଓଡିଶାର ରାଜଧାନୀ ଭୁବନେଶ୍ୱରରେ ପ୍ରଦୂଷଣ ସ୍ତର ଭୟାବହ ସ୍ଥିତିରେ ରହିଛି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏକପ୍ରକାର ନିରବଦ୍ରଷ୍ଟା ପାଲଟିଛି । ବୋର୍ଡ଼ ଅଧିକାରୀମାନେ କାଚ ଘରେ ବସି ପରିସ୍ଥିତି ଉପରେ ନଜର ରଖାଯାଇଛି ବୋଲି କହୁଛନ୍ତି ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱ କ୍ଷୁଧା ତାଲିକା ୨୦୨୫ ଅନୁସାରେ ଆମ ଦେଶ ଭାରତର ସ୍ଥାନ ୧୦୨ ରହିଛି । ଏହା ଅତ୍ୟନ୍ତ ନୈରାଶ୍ୟଜନକ ରହିଛି । ଆମ ଦେଶ ତଥା ରାଜ୍ୟରେ ବେକାରୀ ସମସ୍ୟା ଉତ୍କଟରୂପ ଧାରଣ କରିଛି । ଅନେକ ଉଚ୍ଚଶିକ୍ଷିତ ଯୁବକ, ଯୁବତୀ ପିଅନ, କନେଷ୍ଟବଳ, ହୋମଗାର୍ଡ, ସିକୁରିଟି ଗାର୍ଡ ପରି ପଦବୀ ଯେଉଁଥିରେ ଶିକ୍ଷାଗତ ଯୋଗ୍ୟତା ଦଶମ ଶ୍ରେଣୀ ରହିଥାଏ ସେହି ପଦବୀ ପାଇଁ ଲକ୍ଷ ଲକ୍ଷ ଆବେଦନ ଆସୁଛି ଏବଂ ଇଚ୍ଛା ନଥିଲେ ମଧ୍ୟ ଅନେକ ଉଚ୍ଚଶିକ୍ଷିତ ଯୁବକ, ଯୁବତୀ ସେହି କାର୍ଯ୍ୟ କରିବା ପାଇଁ ବାଧ୍ୟ ହେଉଛନ୍ତି ନିଜର ତଥା ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ତାଙ୍କ ପାଖରେ କୌଣସି ବିକଳ୍ପ ପନ୍ଥା ନାହିଁ । ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସଂପୂର୍ଣ୍ଣ ଅଛି । ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଏବେ ବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି । ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁସାରେ ପାଖାପାଖି ୧୯କୋଟି ଜନତା ଆମ ଦେଶରେ ପ୍ରତିଦିନ ଖାଇବାକୁ ନପାଇ ଭୋକରେ ଶୋଇବାକୁ ବାଧ୍ୟ ହେଉଛନ୍ତି । ୪୫୦୦ ଶିଶୁ ଯେଉଁ ମାନଙ୍କ ବୟସ ୫ବର୍ଷରୁ କମ ପ୍ରତିଦିନ ଖାଦ୍ୟ ଅଭାବରୁ ସେମାନଙ୍କ ଜୀବନ ପ୍ରଦୀପ ଲିଭିଯାଉଛି । ଏବେବି ସାଧାରଣ ଗରିବ ଓ ମଧ୍ୟବର୍ତ୍ତୀ ବର୍ଗ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ପ୍ରତି ମୁହୂର୍ତ୍ତରେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ସଂଘର୍ଷ କରୁଛନ୍ତି । ତାଙ୍କ ସହିତ ହେଉଥିବା ଅନ୍ୟାୟକୁ ସହ୍ୟ କରିନପାରି, ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ଦେଶର ସରକାରି କଳରେ ଉଦାସୀନତା ଓ ଭ୍ରଷ୍ଟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଦାୟୀ । ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ୪କୋଟି ଶିଶୁ କ୍ଷୁଧା କବଳରେ ପଡ଼ିବେ ବୋଲି ଆକଳନ କରିଛି ବିଲ ଆଣ୍ଡ ମେଲିଣ୍ଡା ଗଟେସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫାଉଣ୍ଡେସନ । ଏହି ରିପୋର୍ଟରେ କୁହାଯାଇଛି ଚାରିକୋଟି ଶିଶୁ ଖାଦ୍ୟ ପାଇଁ ସଙ୍ଘର୍ଷ କରିବେ । ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆନଗଲେ ଅପପୃଷ୍ଟି ସମସ୍ୟା ଆହୁରି ସାଙ୍ଘାତିକ ହେବ ।

ଆମ ରାଜ୍ୟ ଓଡିଶା ଏବେବି ଅନେକ ବ୍ୟକ୍ତି ଦାରିଦ୍ର କଷାଘାତରେ କବଳିତ । ରାଜ୍ୟରେ ବେକାରୀ ହାର ଉତ୍କଟ ଥିବାବେଳେ ରାଜ୍ୟର ଆର୍ଥିକ ସ୍ଥିତି ମଧ୍ୟ ନୈରାଶ୍ୟଜନକ ରହିଛି । ରାଜ୍ୟର ପ୍ରତ୍ୟେକ ବିଭାଗ ସଚିବାଳୟଠାରୁ ଆରମ୍ଭ କରି ଶୌଚାଳୟ ଏପରିକି ବିଭିନ୍ନ ସରକାରୀ ହସ୍ପିଟାଲ ରେ ମଧ୍ୟ ଆଉଟସୋସିଂ ସଂସ୍ଥା ମାଧ୍ୟମରେ ଅନେକ ବ୍ୟକ୍ତି ଅତି ନଗଣ୍ୟ ଦରମାରେ କାର୍ଯ୍ୟ କରୁଛନ୍ତି । ତାଙ୍କ ଦୁଃଖ ଶୁଣିବାକୁ କେହି ନାହାନ୍ତି । ଏପରି ସ୍ଥିତିରେ ଓଡିଶାର ବିଧାୟକ, ନେତା, ମନ୍ତ୍ରୀ ମାନଙ୍କର ମାତ୍ରାଧିକ ଦରମା ୩ଗୁଣା ବୃଦ୍ଧି ଗରିବ ମଧ୍ୟବିତ୍ତଙ୍କ ପ୍ରତି ଉପହାସ କରିବା ସହିତ ସମାନ । ଏହି ଦରମା ବୃଦ୍ଧି କଦାପି ଗ୍ରହଣୀୟ ନୁହଁ ଏହା ଅତ୍ୟନ୍ତ ନିନ୍ଦନୀୟ ଏବଂ ବିଡମ୍ବନାର ବିଷୟ ।

ଆଶୁତୋଷ ନାୟକ
ଗୋପାଳପୁର,ବାଲେଶ୍ୱର
ମୋବାଇଲ-୭୦୨୦୬୧୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନବୀନର ମୟୂର ଶିଶୁ ଉପନ୍ୟାସ

ଶ୍ରୀ କୁଞ୍ଜ ବିହାରୀ ସାହୁ

ଆନ୍ତରିକତାର ଉଚ୍ଛ୍ୱାସ- ନବୀନର ମୟୂର ଶିଶୁ ଉପନ୍ୟାସ

ସାହିତ୍ୟର ଅନ୍ତୁଡ଼ିଶାଳ ବା ଆଦିଭୂମି ବୋଲି ଶିଶୁ ସାହିତ୍ୟକୁ କୁହାଯାଇପାରେ । ଆମେ ଯେତେ ଜଣ ପ୍ରଖ୍ୟାତ ସାହିତ୍ୟିକଙ୍କର ପୁସ୍ତକ ପଠନ କରିଆସୁଛୁ ବା ଜନାଦୃତ ପୁସ୍ତକକୁ ମନ ଭିତରେ ସାଇତି ରଖିଛୁ ସେ ସବୁ ହିଁ ଶିଶୁସାହିତ୍ୟର ଶ୍ରେଷ୍ଠ ନମୁନା । ଶିଶୁର ମାନସିକତାକୁ ଉପଲବ୍ଧି କରି ଅବା ଲେଖିଲାବେଳେ ନିଜକୁ ଶିଶୁଟିଏ ହେବାର ପୂର୍ଣ୍ଣତା ଭିତରେ ଯାହା ସୃଷ୍ଟି ହୋଇଥାଏ ତାହା ହିଁ ଶିଶୁସାହିତ୍ୟ ବୋଲି ବିବେଚିତ ।

ସାହିତ୍ୟର ବିବିଧତା ମଧ୍ୟରେ ଅନୁବାଦ ହେଉଛି ସୃଜନିକା ଶିଳ୍ପକଳା । ଅନ୍ୟ ଭାଷା ଓ ଭାବକୁ ଗର୍ଭସ୍ଥ କରି ଆତ୍ମଚେତନରେ ପରିପ୍ରକାଶ କରିବାକୁ ଅନୁବାଦ ବୋଲି କୁହାଯାଇ ପାରେ । ଅନୁବାଦର ମୌଳିକ ଉଦ୍ଦେଶ୍ୟ ହେଉଛି ଜ୍ଞାନର ପ୍ରସାରଣ, ଭାବର ଉପସ୍ଥାପନ ଓ ବିଦ୍ୟାର ଅବବୋଧତା । ଗୋଟିଏ ନିର୍ଦ୍ଦିଷ୍ଟ ଭାଷାଭାଷୀଙ୍କ ଜ୍ଞାନ ଭଣ୍ଡାରକୁ ଅନ୍ୟ ଭାଷାଭାଷୀଙ୍କ ପାଖରେ ନିକଟତର କରିବା ହିଁ ଏକାନ୍ତ ଜରୁରୀ । ଶିଶୁମାନଙ୍କ ପାଇଁ ଅନୁବାଦ ରଚନାକୁ ମୁଖ୍ୟତଃ ଅନ୍ୟଭାଷାରୁ ନିଜ ଭାଷାକୁ ଓ ନିଜ ଭାଷାରୁ ଅନ୍ୟ ଭାଷାରେ ପରିପ୍ରକାଶରେ ବିଭକ୍ତିକରଣ କରାଯାଇଥାଏ ।

ପିଲାମାନଙ୍କ ଉଦ୍ଦେଶ୍ୟରେ ଅନୁବାଦ ଭିତ୍ତିକ ଲିଖନରେ ବିଶେଷ ସତର୍କତା ଅବଲମ୍ବନ କରାଯାଇଥାଏ । ବେଳେବେଳେ ଲେଖାର ବିଷୟବସ୍ତୁକୁ ଆଖି ସାମ୍ନାରେ ରଖି ଶବ୍ଦ/ବାକ୍ୟ ଗଠନରେ ନିଜସ୍ୱ ଅଭିବ୍ୟକ୍ତିକୁ ସୂଚେଇ ଦିଆଯାଇଥାଏ । ଆତ୍ମିକ ଦିଗ ପ୍ରତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧିକ ସଚେଚନ ହେବାକୁ ପଡ଼ିଥାଏ । ବେଳେବେଳେ ଲକ୍ଷ୍ୟ କରାଯାଇଥାଏ ଯେ ଅନୁବାଦର ମୂଳରଚନା ଭାବବୋଧକ ନ ହୋଇଥିଲେ ମଧ୍ୟ ଅନୁବାଦକ ନିଜ ଲେଖନୀର ପାରଦର୍ଶିତା ଦେଖାଇ କୌଶଳପୂର୍ଣ୍ଣ ଭାବରେ ଭାଷା ଓ ମନୋରଞ୍ଜନଧର୍ମୀ ଭାବକୁ ଉପସ୍ଥାପନ କରିଥାନ୍ତି, ଯଦ୍ୱାରା ଅନୁଦିତ ଲେଖାଟି ଅଧିକ ରୁଚିକର ଓ ପଠନ ଉପଯୋଗୀ ପରି ହୃଦବୋଧ ହୋଇଥାଏ ।

ଏ ପରିପ୍ରେକ୍ଷୀରେ ଆଲୋଚ୍ୟ ଅନୁଦିତ ଶିଶୁ ଉପନ୍ୟାସ "ନବୀନର ମୟୂର" ଏକ ଦୃଷ୍ଟାନ୍ତମୂଳକ ବୋଲି ଗ୍ରହଣ କରାଯାଇପାରେ । ଉକ୍ତ ଉପନ୍ୟାସର ମୂଳ ରଚୟିତା ହେଉଛନ୍ତି ଏଚ୍.ଏସ୍. ବ୍ୟାକୋଡ଼ ଜଣେ କନ୍ନଡ଼ ଔପନ୍ୟାସିକ । ନିଜର ଉଦ୍ଦାମ ଓ ଚିରସ୍ରାବୀ ଲେଖା ପାଇଁ କେନ୍ଦ୍ର ସାହିତ୍ୟ ଏକାଦେମୀ ବାଲ୍ ସାହିତ୍ୟ ପୁରସ୍କାରରେ ବିମଣ୍ଡିତ । ଆରଣ୍ୟନିବାସୀ ହେଉଛି ମୟୂର । ଭାବପ୍ରବଣତାର ସହ ମୟୂରର କଳାତ୍ମକ ଜୀବନଶୈଳୀକୁ ସେ ପୁଙ୍ଖାନୁପୁଙ୍ଖ ଭାବରେ ଦେଖିଛନ୍ତି ଓ ଏ ଉପନ୍ୟାସଟି ଶିଶୁ ସାହିତ୍ୟରେ ଅଗ୍ରଣୀ ଭୂମିକା ନେଇପାରିଛି । ସେଇଥିପାଇଁ ବୋଧହୁଏ ଅନୁବାଦ ସାହିତ୍ୟ ପ୍ରତି ସଚେତନ ଓ ନିଜ ସୃଜନୀକୁ ପ୍ରସାର ତଥା ପାଠକାଭିମୁଖୀ କରିବାର ପ୍ରୟାସରେ ଓଡ଼ିଶାର ନାଁ କମେଇଥିବା ଶିଶୁ ଔପନ୍ୟାସିକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜ "ନବୀନର ମୟୂର" ନାମରେ ଏକ ଅଭିନବ କଳ୍ପନାର ପୁଟ ଦେଇଛନ୍ତି ।

ଆଲୋଚ୍ୟ ଶିଶୁ ଉପନ୍ୟାସ "ନବୀନର ମୟୂର" ୫୨ ପୃଷ୍ଠା ସମ୍ବଳିତ ଓ ପୁରୀର ଶିକ୍ଷାଶ୍ରୀ ପବ୍ଲିକେଶନ ଗୁରୁଦାୟିତ୍ୱ ବହନ କରି ଲୋକାର୍ପଣ କରିଛନ୍ତି । ଉପନ୍ୟାସଟି ଧାରାବାହିକ କାହାଣୀର ପେଡ଼ିଟିଏ ଯେଉଁଥିରେ ୧ମରୁ ୧୧ଶ ଅଧ୍ୟାୟ ପର୍ଯ୍ୟନ୍ତ ଲମ୍ବିଯାଇଛି କାହାଣୀର ବିଷୟବସ୍ତୁ ।

ଆରମ୍ଭରୁ ହିଁ ଶିଶୁ ଔପନ୍ୟାସିକ ଶ୍ରୀଯୁକ୍ତ ମଙ୍ଗରାଜ "ତୁମପାଇଁ ପଦେ" ସ୍ତମ୍ଭରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆତ୍ମଚିନ୍ତନକୁ ବଖାଣିଛନ୍ତି । ସୂଚେଇଛନ୍ତି ଯେ କନ୍ନଡ ଶିଶୁସାହିତ୍ୟିକ ଏଚ. ଏସ. ବ୍ୟାକୋଡେଙ୍କର ଅନ୍ୟ ଏକ ପୁସ୍ତକକୁ ଅନୁଦିତ ନାଁ ରଖିଛନ୍ତି "ମୁଁ ବି ଆମ୍ବେଦକର" ଯାହାକି ଯଥାର୍ଥରେ ପାଠକୀୟ ସଫଳତା ହାସଲ କରିପାରିଛି । ସେଇଥିପାଇଁ ଉଚିତ ମଣିଛନ୍ତି କେନ୍ଦ୍ର ସାହିତ୍ୟ ଏକାଦେମୀର ବାଲ୍ ସାହିତ୍ୟ ପୁରସ୍କୃତ ଏକ ନିର୍ଦ୍ଦିଷ୍ଟ ଶିଶୁ ସାହିତ୍ୟିକଙ୍କର ଉପନ୍ୟାସଟିକୁ ଅନୁଦିତ କରିବାପାଇଁ । ଅବଶ୍ୟ ଉପନ୍ୟାସ ରଚନା କରିବାର ପ୍ରଥମ ଭାଗରୁ ମୋ ସହ ଯୋଗାଯୋଗ ରଖିଛନ୍ତି ନାମକରଣ ଓ ସଫଳତା ବିଷୟରେ । ତେଣୁ ଔପନ୍ୟାସିକ ଶ୍ରୀଯୁକ୍ତ ମଙ୍ଗରାଜ ଭାବପ୍ରବଣତା ଓ ବନ୍ଧୁବତ୍ସଳ ଲେଖକ ଜଣେ । "ଆଗରେ ପଡ଼ିଛି ପଥ ବହୁଦୂର ଚାଲିବାକୁ ଅଛି ବାକି"କୁ ଶ୍ରେୟ ମଣିଛନ୍ତି ।

ନବୀନ ଜଣେ ଶିଶୁ । କାଦଲ୍ଲୀ ଗ୍ରାମର ବାସିନ୍ଦା । ସବୁଦିନ ସ୍କୁଲକୁ ଯାଏ । କିନ୍ତୁ ବର୍ଷାଦିନର ଏକ ଶାନ୍ତ ସକାଳେ ସ୍କୁଲକୁ ପାଠ ପଢ଼ିବାପାଇଁ ଯାଉଥିଲା ବେଳେ ସେ ଦେଖିଛି ଚାରି/ପାଞ୍ଚୋଟି ମୟୂରକୁ । ପଡ଼ିଆରେ ସେମାନଙ୍କର ଅବାଧ ବିଚରଣ ବିଶେଷତଃ କଳାମେଘର ସନ୍ଦର୍ଶନରେ ପୁଚ୍ଛ ଟେକି ମୟୂର ନାଚିବାର ଦୃଶ୍ୟ ଯେ କୌଣସି ପଥଚାରୀଙ୍କୁ ଆକୃଷ୍ଟ କରିଥାଏ । ନବୀନ ଯେ କଅଁଳ ବୟସର ଶିଶୁଟିଏ କେମିତି ବା ବାଦ୍ ପଡ଼ିଥାନ୍ତା ଏ ସୌନ୍ଦର୍ଯ୍ୟମୟ ରୂପଛଟାକୁ । ବିଦ୍ୟାଳୟରେ ପହଞ୍ଚି ପାଠ୍ୟକ୍ରମରେ ଯୋଗ ଦେଇଛି । ମଧ୍ୟାହ୍ନ ଭୋଜନରେ ନବୀନ କହିଦେଉଛି ସଭିଙ୍କୁ ବାଟରେ ଦେଖି ଆସିଥିବା ମୟୂରର ପୁଚ୍ଛଟେକି ନାଚିବାର ଅପରୂପ ଦୃଶ୍ୟକୁ ।

ନବୀନର ସାଙ୍ଗ ରବୀଶ ମନରେ କୌତୁହଳର ପର୍ଦ୍ଦାଫାସ ହୋଇଛି । ତା ପ୍ରଶ୍ନ ଆଙ୍କି ହୋଇ ଦେଇଛି ଖୋଜିବା ଓ ପାଇବାର ଚିତ୍ରଟିଏ । ବିଦ୍ୟାଳୟ ଛୁଟିପରେ ଫେରନ୍ତା ଚଲାବାଟରେ ନବୀନ ଦେଖିପାରିଛି ଏକ ପଥର ଚଟାଣରେ ମୟୂରମାନେ ପୁଚ୍ଛକୁ ନିଜ ଥଣ୍ଟ ସାହାଯ୍ୟରେ ସଫା କରିବାର ଅଦଭୁତ ଦୃଶ୍ୟ । ପୁଚ୍ଛକୁ ଗୋଟେଇ ଆଣିଛି ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଯତ୍ନରେ ସ୍କୁଲ ବ୍ୟାଗରେ ସଜେଇ ରଖି ଘରକୁ ଫେରିଛି । ପ୍ରିୟ ସାଙ୍ଗ ରବୀଶର ଆଗ୍ରହକୁ ସମ୍ମାନ ଜଣେଇ ଦୁଇଟି ପୁଚ୍ଛ ସାଇତି ରଖିଛି । ମୟୂର ପ୍ରତି ଯେତିକି ଆକର୍ଷଣ ଘନେଇ ଆସିଛି ତା'ଠୁ ଅଧିକ ଆନ୍ଦୋଳିତ କରିଛି ତା ଗାଁ ପାଖରେ ଥିବା ବନଝରଣା, ନଦୀ ଓ କିଛି ବଣୁଆପକ୍ଷୀଙ୍କର ବାସସ୍ଥାନ । ସେଥିପାଇଁ କେହି କେହି କହୁଥାଆନ୍ତି ସତରେ ନବୀନ ହେଉଛି "ପକ୍ଷୀ ପ୍ରେମିକ" ।

ରାତି ପାହି ସକାଳ ହୋଇଛି ପ୍ରକୃତିର ନିୟମାନୁଯାୟୀ ।

ନବୀନ ବିଦ୍ୟାଳୟରେ ପହଞ୍ଚି ଏକ ଅହେତୁକ ଖୁସିରେ ରବୀଶକୁ ପୁଚ୍ଛ ଦେଲା ବେଳେ ନଜର ପଡ଼ିଯାଇଛି ଶ୍ରେଣୀ ଶିକ୍ଷୟିତ୍ରୀ ନାଗବେଣୀଙ୍କର । ପିଲାମାନଙ୍କୁ ଆଗ୍ରହରେ ପଚାରିଛନ୍ତି- "ପ୍ରିୟ ପିଲାମାନେ, ସତରେ ମୟୂର ପୁଚ୍ଛଗୁଡ଼ିକ ସୁନ୍ଦର ଦେଖାଯାଉ ନାହିଁ କି ? ଏ ପକ୍ଷୀର ସ୍ୱତନ୍ତ୍ରତା ତୁମେମାନେ ଜାଣ କି ?"

ପିଲାଏ ଏକ ସ୍ୱରରେ କହିଛନ୍ତି- "ମୟୂର ହେଉଛି ଆମ ଦେଶରେ ଜାତୀୟ ପକ୍ଷୀ ।" ଶିକ୍ଷୟିତ୍ରୀ ନାଗବେଣି ବି ସମ୍ମତି ରଖିଛନ୍ତି କଥାରେ ।

ମୟୂରୀର ପୁଚ୍ଛ ନାହିଁ ବୋଲି ଏକ କୌତୁହଳତା ଉଙ୍କିମାରିଛି ପିଲାଙ୍କ ମନରେ । ଶିକ୍ଷୟିତ୍ରୀ ପିଲାଙ୍କର ଉତ୍ସୁକତାକୁ ସୁନ୍ଦର ରସାଣିତ ଢଙ୍ଗରେ ବୁଝେଇଛନ୍ତି । ମୟୂରୀ ଅଣ୍ଡା ଦେବାରେ ସକ୍ଷମ ଥାଏ । ଛୁଆର ଲାଳନପାଳନର ଦାୟିତ୍ୱ ବହନ କରିଥାଏ । ସେଇଥି ପାଇଁ ପୁଚ୍ଛ ନଥାଏ ମୟୂରୀଙ୍କର ।

ଯେତେବେଳେ ଶିକ୍ଷୟିତ୍ରୀ ନାଗବେଣୀ କହିଛନ୍ତି ଯେ ବାଂଲାଦେଶ ଓ ଶ୍ରୀଲଙ୍କାରେ ମୟୂରଙ୍କର ସ୍ଥିତି ରହିଛି ଅଥଚ ଏ ପକ୍ଷୀ ସେ ଦେଶର ଜାତୀୟ ପକ୍ଷୀ ନୁହେଁ, ପିଲାଙ୍କ ମନରେ ଆଗ୍ରହ ଜନ୍ମିବା ଏକ ସାଧାରଣ କଥା । ତେଣୁ କହି ଦେଇଛନ୍ତି ଯେ ବାଂଲାଦେଶର ଜାତୀୟ ପକ୍ଷୀ 'ମ୍ୟାଗ ଫାଇ' ହୋଇଥିଲାବେଳେ ଶ୍ରୀଲଙ୍କାର ଜାତୀୟ ପକ୍ଷୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

'ବଣ କୁକୁଡ଼ା ।'

ଏକ ଲୟରେ ଶୁଣୁଥିବା ଅନ୍ୟ ଜଣେ ଛାତ୍ରୀ ଦୀପିକା ପ୍ରଶ୍ନଟିଏ ଥୋଇଛି ଓ ଉତ୍ତରରେ କୁହାଯାଇଛି ପୁରୁଷ ବଣ କୁକୁଡ଼ା ହେଉଛି ଶ୍ରୀଲଙ୍କାର ଜାତୀୟପକ୍ଷୀ । ଏଭଳି ଜିଜ୍ଞାସାର ବାଟ ମଝିରେ ମ୍ୟାଗ ଫାଇର ଲିଙ୍ଗ ସମ୍ପର୍କରେ ସୂଚନା ଦେଇପାରି ନାହାଁନ୍ତି ଶିକ୍ଷୟିତ୍ରୀ ।

ଯାହା ହେଉନା କାହିଁକି ବିଦ୍ୟାଳୟ ହେଉଛି ଶିକ୍ଷାର ଉତ୍କୃଷ୍ଟ ପରିସର । ଜାତୀୟ ପକ୍ଷୀ ବିଷୟରେ ଅଧିକ ଜ୍ଞାନ ପ୍ରସାରିତ କରିଛନ୍ତି ଶିକ୍ଷୟିତ୍ରୀ । ସାଧାରଣ ଜ୍ଞାନକୁ ଅଧିକ ବ୍ୟାପକ କରି ବିଭିନ୍ନ ଦେଶର ଜାତୀୟ ପକ୍ଷୀଙ୍କ ବିଷୟରେ ଅବଗତ କରାଇଛନ୍ତି । ହଁ ଏଇଟା ତ ଶୁଭ ସୂଚନା । ଛାତ୍ରଛାତ୍ରୀମାନେ ସାଧାରଣ ଜ୍ଞାନକୁ ଯେତେ ସାଇତି ରଖିବେ ସେହି ପାରିମାଣରେ ବୁଦ୍ଧିମାନ ହୋଇପାରିବେ ।

କୁକୁଡ଼ା ଅଣ୍ଡା ଦିଏ ଏହା ସର୍ବବିଦିତ । ନବୀନର ଘରେ ରହିଛି ଧୁସୁରିଆ କୁକୁଡ଼ା । ଏବେ ବୋଧହୁଏ ଆସିଯାଇଛି କୁକୁଡ଼ାର ଅଣ୍ଡା ଦେବା ସମୟ । କୁକୁଡ଼ା କିଭଳି ସୁରୁଖୁରୁରେ ଅଣ୍ଡା ଦେଇ ଉଷୁମାଇବ ଏଇକଥା ନବୀନର ମାଆ କହୁଛନ୍ତି ଏବଂ ନବୀନ ଉତ୍ତର ଦେଇଛି - ମାଆ ମୁଁ ବାଉଁଶଗୁଡ଼ିକୁ ସଫା କରିଦେଇଛି ଏବଂ ନୂଆ ନଡ଼ା ପକେଇଦେଇଛି । କରତଗୁଣ୍ଡ ବିଛେଇଦେଇଛି ।

ନବୀନର ବାପା ଟିମ୍ବାପ୍ପା କ୍ଷେତବାଡ଼ିରୁ ଫେରି ସମସ୍ତ ବିବରଣୀ ପ୍ରାପ୍ତିରେ ଖୁସି ଜାହିର କରିଛନ୍ତି ଏବଂ କୁକୁଡ଼ାର ଅଣ୍ଡା ଉଷୁମାଇବାର ଧାର୍ଯ୍ୟ ଦିନକୁ ଅପେକ୍ଷା କରିଛନ୍ତି । ନବୀନ ମଧ୍ୟ ଉତ୍କଣ୍ଠା ମନରେ ଭାବି ଭାବି ଶୋଇପଡ଼ିଛି ଆରାମରେ ।

ତା ପରଦିନ ଶନିବାର । ମନରେ ଅନେକ ଆଶା ଓ ଉଦ୍ଦୀପନା ବସା ବାନ୍ଧିଛି ନବୀନ ମନରେ । ବିଦ୍ୟାଳୟରୁ ପଢାକାର୍ଯ୍ୟ ସମାପ୍ତି ପରେ ଫେରିଛି ଘରକୁ । ବାଟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖିଛି ମୟୂରୀକୁ, ହେଲେ ମୟୂର ଯାଇଛି କୁଆଡ଼େ ? ମୟୂରୀ ବୋଧହୁଏ ଦେଖିନାହିଁ ନବୀନକୁ, ଦେଇଥିବା ଅଣ୍ଡା କାଳେ ନବୀନ ହାତରେ ପଡ଼ିଯିବ ଆଶଙ୍କାରେ ବୁଦାମୂଳକୁ ଯାଇ ଲୁଚିବାକୁ ଚେଷ୍ଟା କରିଛି ସେ । ଅଥଚ ବିକଟାଳ ରଡ଼ି କରି ଫେରିଆସିଛି । ସାପ...ସାପ... । ନବୀନ ସତର୍କ ହେଇଯାଇଛି କାରଣ ସେ କେଉଁଠି ସୂଚନାଟିଏ ପଢିଛି- ସର୍ପ ସମାନ ଭୟଙ୍କର/ଦୁର୍ଜନ ସଙ୍ଗ ପରିହର ।

ବାଡ଼ି ଧରି ସାହସ ସଂଚୟ କରିଛି ନବୀନ । ବାଳୁତ ହେଲେ ବି ସେ ପକ୍ଷୀ ପ୍ରେମିକ । କାଳେ ମୟୂରୀ ପ୍ରତି ବିପଦ ଥାଇପାରେ । ତା ମନୋଭାବ ସଠିକ୍ । ବୁଦାରେ ମୟୂରୀର ବସା । ବୋଧହୁଏ ଅଣ୍ଡା ରଖିଛି । ଚାରିଟା ଅଣ୍ଡାରୁ ତିନିଟା ଅଣ୍ଡା ସାପ ଖାଇଛି ବୋଲି ଲେଖକ ଜାଣିଛନ୍ତି କିପରି ? ମୟୂରୀ ଚାରିଟା ଅଣ୍ଡା ଦେଇଥିବା ସଂପର୍କରେ ସୂଚନା ତ ନାହିଁ । ସାପ ଅଣ୍ଡା ଖାଇବା ପ୍ରସଙ୍ଗକୁ ରଖିବା ଉଦ୍ଦେଶ୍ୟରେ ତିନୋଟି ଅଣ୍ଡା ସାପ ଖାଇଛି ବୋଲି କୁହାଯାଇଛି । ଗୋଟିଏ ଅଣ୍ଡା ସୁରକ୍ଷିତ । ଅଣ୍ଡାର ସୁରକ୍ଷା ପାଇଁ ନେଇ ଆସିଛି ଘରକୁ ନବୀନ । ଦେଖେଇଛି ବାପା ମାଆଙ୍କୁ ଓ ବାପାଙ୍କ କଥାରେ ରଖିଦେଇଛି କୁକୁଡ଼ା ଦେଇଥିବା ଅଣ୍ଡା ପାଖରେ ।

ନିର୍ଦ୍ଧାରିତ ଦିନ ପରେ ଘର ବାରିପଟେ ଅଣ୍ଡା ଫୁଟିଛି । ନଅଟି ଅଣ୍ଡାରୁ ସାତୋଟି କୁକୁଡ଼ା ଚିଆଁ ବାହାରି ଚିକ୍.. ଚିକ୍.. ଚିକ.. କରୁଛନ୍ତି । ଆହୁରି ଦୁଇଟି କୁକୁଡ଼ା ଅଣ୍ଡା ସହ ଗୋଟିଏ ମୟୂରୀ ଅଣ୍ଡା ଫୁଟିବାକୁ ବାକି ଅଛି ।

ଚିନ୍ତାଗ୍ରସ୍ତ ନବୀନ । ଶ୍ରଦ୍ଧା ଓ ଯତ୍ନରେ ରଖିଛି ମୟୂରୀର ଅଣ୍ଡାକୁ, ହେଲେ ଏ ପର୍ଯ୍ୟନ୍ତ ଛୁଆଟିଏ ଦେଖିପାରୁନି । ଶିକ୍ଷୟିତ୍ରୀ ଓ ସହପାଠୀମାନେ ନବୀନର ବିଷର୍ଣ୍ଣ ବଦନକୁ ଚାହିଁ ରହିଛନ୍ତି । ଅବଶ୍ୟ ଶିକ୍ଷୟିତ୍ରୀ ଘଟଣାକୁ ଜାଣିଲାପରେ ଆଶ୍ୱାସନା ଦେଇଛନ୍ତି ନବୀନକୁ । କହିଛନ୍ତି- କୁକୁଡ଼ା ଅଣ୍ଡା ମୟୂର ଅଣ୍ଡା ଠାରୁ ଆଗୁଆ ଫୁଟିଥାଏ । ହଁ ଯେତେବେଳେ ମୟୂର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଣ୍ଡା ଫୁଟି ଛୁଆ ବାହାରିବ ଜଣାଇବାକୁ କହିଛନ୍ତି କାରଣ ସେ କେବେ ଦେଖିନାହାଁନ୍ତି ।

ବିଦ୍ୟାଳୟରୁ ଫେରିଛି ସଅଳ ତଥା ବ୍ୟଗ୍ରତାରେ ନବୀନ । ମନ ଲାଖିରହିଛି ଅଣ୍ଡା ଫୁଟି ଛୁଆ ହେଲା କି ନାହିଁ । ମାଆଙ୍କର ଏକ ଯୁକ୍ତାତ୍ମକ ଉତ୍ତରରେ ଖୁସି ହୋଇଯାଇଛି ନବୀନ କାରଣ ଅଣ୍ଡା ଫୁଟି ମୟୂର ଛୁଆ ମୁହଁ ଦେଖେଇଛି । ମାଆ କୁକୁଡ଼ା ଡେଣା ଭିତରେ ପଶିଯାଉଛି ।

ସନ୍ଧ୍ୟାରେ ଘରକୁ ଫେରିଲା ପରେ ନବୀନ ଶୁଣିପାରିଛି ମୟୂରଛୁଆର ନାକ, ବେକ, ଆଖି ଓ ରଙ୍ଗ ବିଷୟରେ ଏକ ଉଲ୍ଲସିତ ମୁଦ୍ରାରେ । ଅଧିକ ବ୍ୟଗ୍ରତା ପ୍ରକାଶ କରି ପଚାରି ଦେଇଛି ତା ବାପାଙ୍କୁ -କେମିତି ଆମେ ଜାଣିବା ଛୁଆଟି ମାଈ କି ଅଣ୍ଡିରା, କେବେ ଝଟକିବ ମୁଣ୍ଡରେ ମୁକୁଟ ଓ ଦେହରେ ପୁଚ୍ଛ । କାରଣ ମୟୂର ପୁଚ୍ଛକୁ ସେ ସାଇତି ରଖିଛି ସ୍କୁଲ ବ୍ୟାଗରେ । ଦେଖିଛି କଳାହାଣ୍ଡିଆ ମେଘ ତଳେ ମନଖୋଲା ନାଚ ।

ଟିମ୍ମାପ୍ପା ବୁଝେଇଛନ୍ତି ସରଳ ଭାଷାରେ - ହଁ କୁକୁଡ଼ା ଛୁଆ ସହ ସାଥୀ ହୋଇ ବୁଲିବ, ଆହାର ଖାଇବ । ଟିକେ ବଡ଼ ହେଲା ପରେ ସ୍ୱାଧୀନ ଭାବରେ ରହିପାରିବ । ମୟୂର କି ମୟୂରୀ ସହ ମନଖୁସିରେ ରହିବ । ବଣ ଜଙ୍ଗଲ ପାହାଡ଼ ତଳି ତ ତା ଘର । ସେଇଠି ହିଁ ଖୁସି ଆନନ୍ଦର ବେଳକୁ ଦରାଣ୍ଡିବ ।

ସତରେ ବାପା ମୟୂର ଛୁଆଟି ଏଇଠି ନରହି ଜଙ୍ଗଲକୁ ଫେରିଯିବ । ନବୀନ ମନରେ ଆଶଙ୍କା ଜାଗିଛି ।

ପର ଦିନ ଖବରଟି ବିଦ୍ୟାଳୟରେ ପହଞ୍ଚାଇ ନବୀନ ଆତ୍ମସନ୍ତୋଷ ପାଇଛି । ଉତ୍ସୁକତାରେ ସାଙ୍ଗସାଥୀ ଓ ଶିକ୍ଷୟିତ୍ରୀ ଯୋଜନା କରିଛନ୍ତି ନବୀନ ଘରକୁ ଯାଇ ମୟୂର ଛୁଆକୁ ଦେଖିବାପାଇଁ । କଅଁଳ ଛୁଆ ପୁଣି ବଣରାଇଜର ପକ୍ଷୀଛୁଆକୁ ଦେଖିବାକୁ ମନ ବଳିବନି କେମିତି । ମୁଁ ତ ଅନେକ ଥର ଦେଖିଛି ଆମ ଘର ବାରିପଟେ ଚଢେଇଛୁଆଙ୍କୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଆ ସାଥିରେ ଗେଲ ହେବାର ମୁହୂର୍ତ୍ତ ଏବେ ବି ମନେପଡ଼ୁଛି ।

ବଣଭୋଜି ଦିବସ ପାଳନ ଅଭିପ୍ରାୟରେ ସମସ୍ତେ ନବୀନର ଘରକୁ ଯିବାକୁ ଯୋଜନା କରିଛନ୍ତି । ଶିକ୍ଷୟିତ୍ରୀ ନାଗବେଣୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆବଶ୍ୟକୀୟ ଅନୁମତି ପାଇଛନ୍ତି କିନ୍ତୁ ଗୋଟିଏ ସର୍ତ୍ତରେ - କେହି ମୟୂର ଛୁଆ କି କୁକୁଡ଼ା ଛୁଆକୁ ଛୁଇଁବେ ନାହିଁ କିମ୍ବା ଖାଇବା ଜିନିଷ ଦେବେନାହିଁ । କଥାଟି ମନକୁ ପାଇଛି ସଭିଙ୍କର ।

ନବୀନ ବାପାଙ୍କ ମନରେ ଖୁସି ଆଉ ଖୁସି । ସଭିଙ୍କ ପାଇଁ ସନ୍ଧ୍ୟାରୁ ରାତିଯାଏଁ ପିଠା ଓ ଚୁରୁମୁରି ପେଲେଟ ତିଆରିରେ ବ୍ୟସ୍ତ ରହିଛନ୍ତି । ହଁ ସୂଚୀତ କରାଯାଇପାରେ ଯେ ଚୁରୁମୁରି ପେଲେଟ ଆମ ଓଡ଼ିଆ ପିଲା ବୁଝିପାରିବେ ତ । ଅନୁବାଦକ ଏଥିପ୍ରତି ସଚେତନ ରହିବା ଆବଶ୍ୟକ ବୋଲି ମୁଁ ମଣୁଛି ।

ନବୀନ ସତେ ଯେମିତି ବାଟ କଢେଇ ନେଉଛି । ଜଙ୍ଗଲ ଭିତରେ ପ୍ରବେଶ କରନ୍ତେ ଜଙ୍ଗଲର ସବୁଜିମା, ଝରଣାର କୁଳୁକୁଳୁ ନାଦ, ଝରଣା ପାଣିର ପ୍ରତିକୂଳରେ ଭାସୁଥିବା ଛୋଟ ଛୋଟ ମାଛ ଦେଖିଥାନ୍ତି । ସାଥିରେ ଆଣିଥିବା ଜଳଖିଆ ଖାଇ ଖୁସି ମନଉଥାନ୍ତି । ମୟୂରର ପ୍ରଶଂସାରେ ଗୀତର ଲହର ଛୁଟୁଛି ସହପାଠୀ ରେଣୁକା କଣ୍ଠରୁ ।

ବାଃ ପାଖେଇ ଆସୁଛି ନବୀନର ଘର । ଘର ଯେତିକି ନିକଟତର ହେଉଛି ସେତିକି ବ୍ୟଗ୍ରତା ମନକୁ ଅସ୍ତବ୍ୟସ୍ତ କରୁଛି । ପହଞ୍ଚିଲା ପରେ ନବୀନର ମାଆ ଓ ବାପା ପିଲାମାନଙ୍କୁ ଚୁରୁମୁରି ପେଲେଟ ଦେଇ ଆପ୍ୟାୟିତ କରୁଥାନ୍ତି ।

ସମସ୍ତଙ୍କ ମନରେ ଗୋଟିଏ ଇଚ୍ଛା କୁକୁଡ଼ା ଓ ମୟୂର ଛୁଆକୁ ଦେଖିବା । ଏବେ ସେ ଖୁସିର ବେଳ ଆସିଛି । ଆଖି ପୂରେଇ ଦେଖୁଛନ୍ତି ସଭିଏ । ଦେଖି ଦେଇ ପାଟିରେ ଚିଲଉଥାନ୍ତି - ଓଃ କେଡ଼େ ସୁନ୍ଦର ମୟୂର । ଏମିତି ବି କୁକୁଡ଼ା ଛୁଆ ସୁନ୍ଦର ।

ପିଠା ଓ କାଶାୟା ପିଇ ଆନନ୍ଦରେ କୁରୁଳି ଥାଆନ୍ତି ସଭିଏ । କାଶାୟା କି ପ୍ରକାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଦାର୍ଥ ଏବଂ କେଉଁ ପ୍ରକାର ପିଠା ତିଆରି ହୋଇଛି ସୂଚନାର ଆବଶ୍ୟକତା ରହିଛି । ଅନୁବାଦ ବେଳେ ନିଜ ଅଂଚଳର ପିଲାଙ୍କୁ ବୁଝେଇଲା ପରି ବର୍ଣ୍ଣନା କରିବା ଜରୁରୀ । ଖୁସି ଓ ଆନନ୍ଦକୁ ସାଉଁଟି ଫେରିଯାଇଛନ୍ତି ସଭିଏ ।

ମୟୂର ଏକ ଜାଙ୍ଗଲିକ ପକ୍ଷୀ । ଘରେ ପାଳନ କରି ରଖିବା ଏକ ଅପରାଧ । ଏକଥା ନବୀନ ପରି ବାଳୁତ ପିଲା ବୁଝିପାରିବ ବା କେମିତି । ମନ କଥାକୁ ସମ୍ମାନ ଜଣେଇ ବନବିଭାଗ କର୍ମଚାରୀମାନେ ଯତ୍ନରେ ପାଳିବା ପାଇଁ କହିଛନ୍ତି । ଆଶ୍ୱସ୍ତି ଅନୁଭବ କରି ନବୀନ ଅତି ଯତ୍ନର ସହ ରଖିଛି ମୟୂର ଛୁଆକୁ ।

ସମୟ କ୍ରମେ ମୟୂରଛୁଆ ବଡ଼ ହୋଇଛି ବୋଲି ଲେଖକ ସୂଚେଇଛନ୍ତି ତେବେ ସିଏ ଅଣ୍ଡିରା ନା ମାଈ ଦର୍ଶାଇ ନାହାନ୍ତି । ପକ୍ଷୀଟିଏ ଦେହରେ ପର ଲାଗିଲେ ସେ ଉଡ଼ିବାକୁ ଇଚ୍ଛାକରେ । ସ୍ୱାଧୀନତା ଖୋଜେ । ସାରା ଆକାଶଟା ତାହାର । ଜଙ୍ଗଲ ପାହାଡ଼ ତଳି ହିଁ ତା ବସାଘର । ସେଇଥିପାଇଁ ବୋଧହୁଏ ତା ବାପା ମାଆକୁ ଖୋଜିଛି । ତା ଜନ୍ମମାଟିକୁ ଖୋଜିଛି । ଦିନେ ଉଡ଼ିଯାଇ ଗୋଟିଏ ଡେଙ୍ଗା ଗଛରେ ଆଶ୍ରୟ ନେଇଛି । ସ୍ୱଜାତି ପରହିଂସ୍ରକ । କାଉ ପକ୍ଷୀ ହୋଇ ନିଜ ଗୁଣକୁ ଛାଡ଼ିବ କିପରି । କାଉ ରାବିଲେ ସାଥୀମାନେ ଏକାଠି ହେଇଯାଆନ୍ତି । କା... କା... ଶବ୍ଦରେ ଫଟେଇ ଦିଅନ୍ତି ସାରା ଅଞ୍ଚଳ । ସୁଯୋଗ ଉଣ୍ଡି ଶତ୍ରୁକୁ ଆକ୍ରମଣ କରନ୍ତି । ଦୁଷ୍ଟ କାଉମାନେ ଖୁମ୍ପିଛନ୍ତି । କିନ୍ତୁ ଆସନ୍ନ ବିପଦରୁ ଖସି ଯାଇଛି ମୟୂର ।

ମୟୂର ଯାଇଛି କୁଆଡ଼େ । ହଁ ଜଙ୍ଗଲ ହିଁ ତା ବସାଘର, କେଉଁଠି ନିରାପଦ ଭାବି ଲୁଚି ଯାଇଥିବ । ସେଇଠି ଅଛି ଭଲରେ ଥାଉ ।

ନବୀନ ସିନା କୁକୁଡ଼ା ଭାଡ଼ିରୁ ମୟୂର ପର ଆଣି ବହି ଭିତରେ ରଖିଛି ହେଲେ ଖୋଜି ଖୋଜି ଦେଖୁନାହିଁ ଆଉ । ସ୍କୁଲ ଯିବା ଆସିବା ବେଳରେ ଚାହିଁ ରହୁଛି ଖୋଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଢ଼ିଆକୁ ଯେଉଁଠି ଆଗରୁ ଦେଖିଆସିଛି ମୟୂରକୁ ।

ଚମତ୍କାର ଶିଶୁ ଉପନ୍ୟାସ ନବୀନର ମୟୂର । ଗୋଟିଏ ଛୋଟ କାହାଣୀକୁ ଲମ୍ବେଇ ଅନେକ କିଛି ସୂଚନାକୁ ଆଧାର କରି ଉପନ୍ୟାସଟି ଲିଖିତ ହୋଇଛି । ମୟୂରର ବିଭିନ୍ନ ବିଭାଗକୁ ନେଇ ପ୍ରାଣୀବିଜ୍ଞାନ ଆଧାରରେ ଲେଖା ଯାଇଥିଲେ ଅଧିକ ରୁଚିପୂର୍ଣ୍ଣ ହୋଇ ପାରିଥାନ୍ତା । ନବୀନ କେଉଁ ଶ୍ରେଣୀର ଛାତ୍ର ଓ ସ୍କୁଲକୁ ଯାଇ କଅଣ ପାଠ ପଢୁଛି, ସେ ବିଷୟରେ ଉହ୍ୟ ରହିଯାଇଛି ।

ଯାହା ହେଉ ପଛେ ଏକ ଶିଶୁର ମାନସିକ ମୁଲ୍ୟବୋଧକୁ ଉପନ୍ୟାସର ଛାଞ୍ଚରେ ଗଢ଼ା ହେଇଛି ମୂଳ ଶିଶୁ ଔପନ୍ୟାସିକଙ୍କୁ ଶୁଭକାମନା । ଅନୁବାଦ କରି ଓଡ଼ିଆ ପାଠକାଭିମୁଖୀ କରି ଔପନ୍ୟାସିକ ହେବାର ପ୍ରଚେଷ୍ଟା ପାଇଁ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କୁ ଆନ୍ତରିକ ଶୁଭେଚ୍ଛା ।

ପାତ୍ରପଡା, ଭୁବନେଶ୍ୱର

୭୦୦୮୧ ୪୨୦୪୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

ମୋବାଇଲ୍ କିମ୍ବା ହ୍ୱାଟ୍‌ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍‌ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

ଆମ ଇମେଲ୍ ଠିକଣା :

aahwaan@gmail.com

Listen to Odia Podcast Original at https://youtube.com/@drjyotiprasad